ମୋଗଲ ଓଡ଼ିଶା ଇତିହାସ ଓ ସଂସ୍କୃତି



ଭବାନୀ ଚରଣ ରାୟ

ବିଦ୍ୟାପୁରୀ

Digitized by PPRACHIN, SOA

ମୋଗଲ ଓଡ଼ିଶା ଇତିହାସ ଓ ସଂସ୍କୃତି

ମୋଗଲକାଳୀନ ଓଡ଼ିଶାର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ ଅବସ୍ଥା ସମ୍ପର୍କୀୟ ଏହା ଏକ ତଥ୍ୟଭିତ୍ତିକ ଐତିହାସିକ ଗ୍ରନ୍ଥ । ସେ କାଳର ଜଗନ୍ନାଥ ମନ୍ଦିର ପରିଚାଳନା ସଂକ୍ରାନ୍ତ ବିବଦମାନ ସମସ୍ୟାର ସମାଧାନ, ଟୋଡ଼ର-ମଲ୍ଲଙ୍କ ପ୍ରବର୍ତ୍ତିତ ରାଜସ୍ୱ ପଦ୍ଧତିର ପ୍ରଚଳନ ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱ-ପୂର୍ଣ୍ଣ, ସେହିଭଳି ଓଡ଼ିଶାର ଧର୍ମକ୍ଷେତ୍ରରେ ହିନ୍ଦୁ ଓ ମୁସଲମାନ ଧର୍ମର ଅଭୂତପୂର୍ବ ସହାବସ୍ଥାନ ନୀତି ଓ ସଂସ୍କୃତି କ୍ଷେତ୍ରରେ ସାହିତ୍ୟ ତଥା ଚିତ୍ରକଳାର ଭୂୟସି ଉତ୍କର୍ଷତା ତତ୍କାଳୀନ ଭାରତବର୍ଷରେ ଅନ୍ୟତ୍ର ବିରଳ ଥିଲା ।

ଓଡ଼ିଶା ପ୍ରତି ମୋଗଲ ଶାସନର ଅବଦାନ ଉଲ୍ଲେଖନୀୟ । ଏହି ସମୟ ମଧ୍ୟରେ ଅନେକ ନୂତନ ସମସ୍ୟାର ଉଦ୍ଭବ ହୋଇଥିଲା ଓ ଅନେକ ନୂତନ ଚିନ୍ତାଧାରା, ରୀତିନୀତି ମଧ୍ୟ ବିକାଶ ଲାଭ କରିଥିଲା । ଏହି ଗ୍ରନ୍ଥରେ ସେସବୁର ଏକ ତଥ୍ୟଭିତ୍ତିକ ଐତିହାସିକ ପର୍ଯ୍ୟାଲୋଚନା କରାଯାଇଛି ।

ଟ ୫୦.୦୦

Digitized by PPRACHIN, SOA

ମୋଗଲ-ଓଡ଼ିଶା
ଇତିହାସ ଓ ସଂସ୍କୃତି

ଡକ୍ଟର ଭବାନୀ ଚରଣ ରାୟ

ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩ ୦୦୨

Digitized by PPRACHIN, SOA

MOGAL-ODISA ITIHAS O SANSKRUTI
(History and Culture of Mughal Orissa)

By Professor B. C. Ray

Publishers : Vidyapuri, Cuttack 753 002
1989

ପ୍ରଥମ ପ୍ରକାଶ
ଜାନୁୟାରୀ ୧୯୮୯

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩।୦୦୨

ମୁଦ୍ରାକର
ଦିବାକର ମିଶ୍ର
ଗୋସ୍ୱାମୀ ପ୍ରେସ୍
ଆଲାମଚାନ୍ଦ ବଜାର, କଟକ ୭୫୩ ୦୦୨

ମୂଲ୍ୟ—ଟ ୫୦.୦୦

Digitized by PPRACHIN, SOA

ମୁଖବନ୍ଧ

ଐତିହାସିକର ଦାୟିତ୍ୱ ଅତୀବ ଗୁରୁତ୍ୱପୂର୍ଣ୍ଣ । ସେ ଜଣେ ଅତ୍ୟନ୍ତ ଧୃତିମାନ, ଅପ୍ରଭାବିତ ଓ ବିଗ୍ରହବନ୍ତ ବ୍ୟକ୍ତି ହୋଇଥିବା ଆବଶ୍ୟକ ଏବଂ ଘଟଣାବିନ୍ୟାସର ବର୍ଣ୍ଣନା, ପର୍ଯ୍ୟାଲୋଚନା ତଥା ସିଦ୍ଧାନ୍ତ ପରିପ୍ରେକ୍ଷୀରେ ପାଠକର ଚିନ୍ତାଧାର ଯେପରି ବିଭ୍ରାନ୍ତ ନ ହୁଏ ସେଥିପ୍ରତି ସେ ସତତ ସଚେତନ ରହିବା ସର୍ବାଦୌ ପ୍ରୟୋଜନ । ଏଥିନିମନ୍ତେ ନିର୍ଦ୍ଦିଷ୍ଟ କାଳର ଉପର୍ଯ୍ୟୁପରି ଅପ୍ରଭାବିତ ଅନୁଶୀଳନ ଆବଶ୍ୟକ । ତାହା ପୁଣି କେବଳ ତତ୍କାଳୀନ ସମାଜର ଗତାନୁଗତିକ ଅନୁଶୀଳନ ନୁହେଁ; ପରିବର୍ତ୍ତିତ ପରିସ୍ଥିତିରେ ସାମାଜିକ, ଅର୍ଥନୈତିକ, ରାଜନୈତିକ ତଥା ସାଂସ୍କୃତିକ ପରିବେଶ ଓ ପରିବର୍ତ୍ତନର ଭୂମିକା, ପ୍ରଚ୍ଛଦପଟ ଓ ପ୍ରଭାବ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଅନୁଶୀଳନ ହେବା ବାଞ୍ଛନୀୟ ।

ସାମଗ୍ରିକ ଭାବରେ ବିଭିନ୍ନ ବିଭାବର ସମନ୍ୱୟ ହିଁ ସମାଜ । କେବଳ ରାଜନୈତିକ ଘଟଣାକ୍ରମର ବର୍ଣ୍ଣନା ମାଧ୍ୟମରେ ସମାଜର ପୂର୍ଣ୍ଣାଙ୍ଗ ଚିତ୍ର ସମ୍ପର୍କରେ ଧାରଣା କରିବା ସମ୍ଭବ ନୁହେଁ । ଅନ୍ୟାନ୍ୟ ବିଷୟ, ଯଥା :—ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନ ସମ୍ପର୍କରେ ମଧ୍ୟ ସମଧିକ ଅନୁଶୀଳନ ହେବା ସମୀଚିନ । ଏହିସବୁ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କରି ତାତ୍କାଳିକ ବିଗ୍ରହରେ ସମାଜର ଏକ ବାସ୍ତବଚିତ୍ର ପ୍ରଦାନ କରିବା ପାଇଁ ଏହି ପୁସ୍ତକରେ ପ୍ରଯତ୍ନ କରାଯାଇଛି ।

ଗବେଷଣା ପ୍ରସୂତ ଅଧ୍ୟୟନରୁ ଜଣାଯାଏ ଯେ ମୋଗଲ ଶାସନକାଳୀନ ଭାରତର ଅନ୍ୟାନ୍ୟ ସ୍ଥାନମାନଙ୍କ ଭଳି ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥିଲା । ରାଜନୈତିକ ଦୃଷ୍ଟିକୋଣରୁ ପ୍ରାକ୍-ମୁସଲମାନ ଓଡ଼ିଶା ଦକ୍ଷିଣାଞ୍ଚଳକୁ ବିସ୍ତୃତ ଓ ଅବିଭକ୍ତ ରାଜ୍ୟ ଥିଲେ ମଧ୍ୟ ଅନେକ ସମୟରେ ଦାକ୍ଷିଣାତ୍ୟର ଶାସକମାନଙ୍କ ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ୁଥିଲା । କିନ୍ତୁ ମୋଗଲ ରାଜତ୍ୱର ପ୍ରଥମ କାଳରେ ମୋଗଲମାନେ ବଙ୍ଗଳା ଓ ଉତ୍ତର ଓଡ଼ିଶାର ସମସ୍ୟାଗୁଡ଼ିକରେ ବ୍ୟାପୃତ ରହି ଛତ୍ରଦ୍ୱାର ଘାଟି ଅତିକ୍ରମ କରି ଓଡ଼ିଶାର ଦକ୍ଷିଣାଞ୍ଚଳକୁ ନିଜର ସ୍ଥାୟୀ ଶାସନାଧୀନ କରିବାକୁ ସମର୍ଥ ହୋଇପାରି-

Digitized by PPRACHIN, SOA

ନ ଥିଲେ । ଫଳତଃ ଓଡ଼ିଶା ରାଜ୍ୟର ଛତ୍ରଦ୍ୱାର ଘାଟିର ଅପରପାର୍ଶ୍ୱସ୍ଥ ଦକ୍ଷିଣାଞ୍ଚଳକୁ ଗୋଲକୁଣ୍ଡାର ଶକ୍ତିଶାଳୀ ଶାସକ ଅଧିକାର କରି ନେଇଥିଲେ । ଆଉରଙ୍ଗଜେବ୍‌ଙ୍କ ସମୟରେ ଗୋଲକୁଣ୍ଡାର ପତନ ହେବା ପରେ ମଧ୍ୟ ଓଡ଼ିଶାର ଏହି ଦକ୍ଷିଣାଞ୍ଚଳ ଅବଶିଷ୍ଟ ଉତ୍ତରାଞ୍ଚଳ ସହ ମିଶିପାରି ନଥିଲା । କାରଣ ଅଧିକୃତ ଦକ୍ଷିଣାଞ୍ଚଳର ପ୍ରଶାସନ ଦାୟିତ୍ୱ ଦିଲ୍ଲୀର ମୋଗଲ ପ୍ରଶାସନ ଅଧୀନରେ ସ୍ୱତନ୍ତ୍ର ଦାକ୍ଷିଣାତ୍ୟ ପ୍ରଶାସନମଣ୍ଡଳ ଉପରେ ନ୍ୟସ୍ତ ଥିଲା । ଏହିଭଳି ଭାବରେ ମୋଗଲ ଶାସନକାଳରୁ ବିଭାଜିତ ଓଡ଼ିଶା ମରାଠା ଓ ଇଂରେଜ ଶାସନକାଳର ମଧ୍ୟଦେଇ ୧୯୩୬ ମସିହା ପର୍ଯ୍ୟନ୍ତ ସେହିପରି ଅବସ୍ଥାରେ ଥିଲା ।

ଦାକ୍ଷିଣାତ୍ୟ ବ୍ୟତୀତ, ମୋଗଲ ଶାସିତ ଓଡ଼ିଶା 'ମୋଗଲବନ୍ଦୀ' ଓ 'ଗଡ଼ଜାତ'— ଏହିପରି ଦୁଇଟି ଭାଗରେ ବିଭକ୍ତ ହୋଇଥିଲା । ପ୍ରାକ୍-ମୁସଲମାନ କାଳରେ ସମଗ୍ର ରାଜ୍ୟର ସମସ୍ତ ସାମନ୍ତ ଓ ଦଳପତିମାନେ ଗଜପତିଙ୍କ ଅଧୀନତା ସ୍ୱୀକାର କରୁଥିଲେ । ମାତ୍ର ମୋଗଲମାନଙ୍କ ଓଡ଼ିଶା ଅଧିକାର ପରେ ଗଜପତି ରାଜାଙ୍କର ଅଖଣ୍ଡ କ୍ଷମତା ପରାହତ ହେଲା, ଖୋରଧାର ଭୋଇବଂଶୀୟ ରାଜା କେବଳ ଜଗନ୍ନାଥ ମନ୍ଦିର ଉପରେ ନିଜର କର୍ତ୍ତୃତ୍ୱ ରକ୍ଷା କରିବା ବ୍ୟତୀତ ସେମାନଙ୍କର ପୂର୍ବବର୍ତ୍ତୀ ପରାକ୍ରମୀ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ରାଜାମାନଙ୍କ ଭଳି ସମଗ୍ର ଓଡ଼ିଶା ଉପରେ ନିଜର କର୍ତ୍ତୃତ୍ୱ ରକ୍ଷା କରିବା ପାଇଁ ସମର୍ଥ ହୋଇପାରି ନ ଥିଲେ, ପ୍ରକାରାନ୍ତରେ ନିଜେ କ୍ଷୁଦ୍ର ସାମନ୍ତରାଜା ବା ଦଳପତିମାନଙ୍କ ସ୍ତରକୁ ଖସି ଆସିଥିଲେ । ଅନ୍ୟାନ୍ୟ ସାମନ୍ତରାଜାମାନେ ମୋଗଲମାନଙ୍କ ପ୍ରଭୁତ୍ୱ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ନିଜ ନିଜ ଅଞ୍ଚଳକୁ ସ୍ୱାଧୀନ ଭାବରେ ଶାସନ କରିବା ସୁବିଧା ହାସଲ କରିପାରିଥିଲେ । ମାଳାଞ୍ଚଳ ଓ ଅନ୍ୟାନ୍ୟ ଅଗମ୍ୟାଞ୍ଚଳରେ ଥିବା ଏହି ସାମନ୍ତ ରାଜ୍ୟଗୁଡ଼ିକୁ 'ଗଡ଼ଜାତ' କୁହାଗଲା; ଏବଂ ଅବଶିଷ୍ଟ ଅଞ୍ଚଳ—ଯାହା ମୋଗଲମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନରେ ଥିଲା ତାହାକୁ 'ମୋଗଲବନ୍ଦୀ' କୁହାଗଲା । ମୋଗଲ ଶାସନକାଳରେ ହୋଇଥିବା ଏହି ଶାସନଗତ ବିଭକ୍ତିକରଣ ମରାଠା ଓ ଇଂରେଜ ଶାସନକାଳରେ ମଧ୍ୟ ଅପରିବର୍ତ୍ତିତ ଥିଲା । ଗଡ଼ଜାତ ରାଜାମାନଙ୍କ ହାତରେ ରାଜନୈତିକ ଶାସନକ୍ଷମତା କେନ୍ଦ୍ରୀଭୂତ ହୋଇ ରହିବା ଫଳରେ ଓଡ଼ିଶାର ତତ୍କାଳୀନ ସାମାଜିକ ବ୍ୟବସ୍ଥା ସାମନ୍ତବାଦୀ ହୋଇ ପଡ଼ିଥିବା ଦେଖାଯାଏ ।

ମୋଗଲବନ୍ଦୀ ଅଞ୍ଚଳରେ ଅର୍ଦ୍ଧସାମରିକ ପ୍ରଶାସନ ପଦ୍ଧତି ବଦଳରେ ରାଜସ୍ୱଭିତ୍ତିକ ପ୍ରଶାସନ ପଦ୍ଧତି ପ୍ରଚଳନ କରାଗଲା । ପ୍ରଥମାବସ୍ଥାରେ ଏହି ପ୍ରଶାସନିକ ବ୍ୟବସ୍ଥା ଦେଶ୍ ଲୋକହିତକର ଥିଲା, ମାତ୍ର ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷଣର ଅଭାବରେ ଶାସନ ଦାୟିତ୍ୱରେ

Digitized by PPRACHIN, SOA

ଥିବା ରାଜସ୍ୱ ଅଧିକାରୀମାନେ କ୍ରମେ ଏକ ନୂତନ ସମ୍ଭ୍ରାନ୍ତ ଜମିଦାର ଶ୍ରେଣୀରେ ପରିଣତ ହୋଇଗଲେ ।

ହିନ୍ଦୁ ଶାସନକାଳରେ ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରିଥିବାବେଳେ ମୋଗଲ ଶାସନକାଳରେ ଓଡ଼ିଶାର ଅର୍ଥନୈତିକ ଅଗ୍ରଗତିର ଅବକ୍ଷୟ ଘଟିଥିଲା । ପୂର୍ବେ ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ରାଜ୍ୟର ଉନ୍ନତି ନିମନ୍ତେ ବ୍ୟୟିତ ହେଉଥିବା ସ୍ଥଳେ ବର୍ତ୍ତମାନ ତାହା ଦିଲ୍ଲୀକୁ ପଠାଇ ଦିଆଗଲା । ଅଧିକନ୍ତୁ ଏହି ସମୟରେ ଓଡ଼ିଶାରେ ଇଉରୋପୀୟ ବାଣିଜ୍ୟିକ ଉପନିବେଶମାନ ସ୍ଥାପିତ ହେବାପାଇଁ ଅନୁମତି ଦିଆଯିବା ଦ୍ୱାରା ଉପକୂଳ ବାଣିଜ୍ୟରୁ ସ୍ଥାନୀୟ ବଣିକମାନେ ହାସଲ କରୁଥିବା ଆର୍ଥିକଲାଭ ଇଉରୋପୀୟ ବଣିକମାନଙ୍କ ହାତକୁ ଚାଲିଗଲା । ଏହା ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥାକୁ ଶୋଚନୀୟ ଭାବରେ ଦୁର୍ବଳ କରିଦେଲା ।

ସାଂସ୍କୃତିକ ସ୍ତରରେ ମୋଗଲଶାସନାଧୀନ ଓଡ଼ିଶାର ସମାଜ ପ୍ରଗତିଶୀଳ ଥିବା ଲକ୍ଷ୍ୟ କରାଯାଏ । ଖାଦ୍ୟ ଅଭ୍ୟାସ, ଅତ୍ୟାବଶ୍ୟକୀୟ ଦ୍ରବ୍ୟର ବ୍ୟବହାର, ଚଳଣୀ, ଅଳଙ୍କାର ଓ ପ୍ରସାଧନ ସାମଗ୍ରୀର ବ୍ୟବହାର; ପୋଷାକ ପରିଚ୍ଛଦ ଇତ୍ୟାଦିର ବ୍ୟବହାରରେ ମଧ୍ୟ ଉଲ୍ଲେଖନୀୟ ପରିବର୍ତ୍ତନମାନ ଘଟିଥିଲା ।

ଓଡ଼ିଆ ସାହିତ୍ୟ ଏହି ସମୟକାଳରେ ମଧ୍ୟ ସମୃଦ୍ଧିର ଶିଖର ସ୍ପର୍ଶ କରିଥିଲା । ସାହିତ୍ୟକୁ ତତ୍କାଳୀନ ଓଡ଼ିଆ କବିମାନଙ୍କର ଅବଦାନ ସମକାଳୀନ ଅନ୍ୟାନ୍ୟ ପ୍ରତିବେଶୀ ଭାଷାର କବିମାନଙ୍କ ତୁଳନାରେ ଅଧିକ ଥିଲା । ତାତ୍କାଳିକ ବିଗ୍ରହରେ ସଂସ୍କୃତଭାଷା ଓ ସାହିତ୍ୟ ଓଡ଼ିଶାର ମୋଗଲ ପ୍ରଶାସକଙ୍କଠାରୁ କୌଣସି ରାଜକୀୟ ପ୍ରୋତ୍ସାହନ ନ ପାଇବା ଫଳରେ ଅବକ୍ଷୟ ଧାରର ସ୍ୱାଭାବିକ ଶୋଚନୀୟତା ଦ୍ୱାରା ଆକ୍ରାନ୍ତ ହୋଇ ପଡୁଥିବାବେଳେ, ଓଡ଼ିଆ ବୈଷ୍ଣବ କବି ଓ ଅନ୍ୟାନ୍ୟ ଆଳଙ୍କାରିକ ରସବାଦୀ କବିମାନଙ୍କ ଦ୍ୱାରା ରଚିତ ପର୍ଯ୍ୟାପ୍ତ ପରିମାଣ କାବ୍ୟକବିତା ସମୂହ ଓଡ଼ିଶାର ତଦାନୀନ୍ତନ ଓଡିଆ ସାହିତ୍ୟ ସମ୍ପଦକୁ ସମଧିକ ସମୃଦ୍ଧ କରିଥିଲା ।

ସେହିଭଳି ପଟ୍ଟଚିତ୍ର କ୍ଷେତ୍ରରେ ମଧ୍ୟ ମୋଗଲ-ଓଡ଼ିଶାର କଳାକାରମାନେ ଉଲ୍ଲେଖନୀୟ ସାଫଲ୍ୟ ହାସଲ କରିଥିଲେ । କଳା ଓ ସାହିତ୍ୟ କ୍ଷେତ୍ରରେ ଅଭୂତପୂର୍ବ ଉତ୍କର୍ଷ ସାଧିତ ହୋଇଥିଲା ।

ଧର୍ମକ୍ଷେତ୍ରରେ ମୋଗଲ-ଓଡ଼ିଶାରେ ହିନ୍ଦୁ ଓ ମୁସଲମାନ ଉଭୟ ଧର୍ମ ମଧ୍ୟରେ ଏକ ଦ୍ୱନ୍ଦ୍ୱହୀନ ସହନଶୀଳ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା ଏବଂ ଉଭୟ ଧର୍ମ

Digitized by PPRACHIN, SOA

ବନ୍ଧୁତ୍ୱପୂର୍ଣ୍ଣ ସହାବସ୍ଥାନ ନୀତିରେ ସମତାଳ ସମୃଦ୍ଧି ହାସଲ କରିଥିଲେ । ସେତେବେଳେ ସମଗ୍ର ଭାରତରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଏଭଳି ସୌହାର୍ଦ୍ଦପୂର୍ଣ୍ଣ ଦ୍ୱନ୍ଦ୍ୱହୀନ ସମ୍ପର୍କ ବିରଳ ଥିଲା । କେତେକ ମୁସଲମାନ ସେନାପତିଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ଘଟଣା ସାମଗ୍ରିକ ଭାବରେ ମୁସଲମାନ ସମ୍ପ୍ରଦାୟଙ୍କ ମନୋଭାବର ପରିଚାୟକ ଆଦୌ ନୁହେଁ । ଏଇ କେତୋଟି ଘଟଣାକୁ ସାଧାରଣ ବ୍ୟତିକ୍ରମ ଭାବରେ ଗ୍ରହଣ କରାଯାଇପାରେ ।

ମୋଗଲକାଳୀନ ଓଡ଼ିଶାର ସାମାଜିକ ବ୍ୟବସ୍ଥା, ରାଜନୈତିକ ଉତ୍ଥାନ ପତନ, ଅର୍ଥନୈତିକ ଅବସ୍ଥା ତଥା ସାଂସ୍କୃତିକ ଜୀବନର ଉଲ୍ଲେଖନୀୟତା ଇତ୍ୟାଦିକୁ ଏହି ପୁସ୍ତକରେ ଐତିହାସିକ ପର୍ଯ୍ୟବେକ୍ଷଣ ମାଧ୍ୟମରେ ପରିବେଷଣ କରାଯାଇଛି । ଓଡ଼ିଶାରେ ମୋଗଲ-କାଳୀନ ଇତିହାସ ଓ ସଂସ୍କୃତି ଉପରେ କୌଣସି ଗବେଷଣାମୂଳକ ଗ୍ରନ୍ଥ ନାହିଁ । ଏହି ଅଭାବ ଦୂର କରିବା ଅଭିପ୍ରାୟରେ ବହୁ ଶ୍ରମ ସ୍ୱୀକାର ପୂର୍ବକ ପ୍ରାମାଣିକ ତଥ୍ୟ ଉପରେ ଆଧାରିତ ଏହି ରଚନାଟି ବିଦଗ୍ଧ ପାଠକ, ଛାତ୍ର ତଥା ଅଧ୍ୟାପକମାନଙ୍କ ପାଇଁ ଉପାଦେୟ ବିବେଚିତ ହେବ ବୋଲି ଆଶା ।

ଏହି ଗ୍ରନ୍ଥ ପ୍ରକାଶନରେ ବିଦ୍ୟାପୁରୀର ସୁଯୋଗ୍ୟ ସ୍ୱତ୍ୱାଧିକାରୀ ଶ୍ରଦ୍ଧେୟ ପୀତାମ୍ବର ମିଶ୍ରଙ୍କର ସୌହାର୍ଦ୍ଦ୍ୟ ଓ ସହଯୋଗ ନିମନ୍ତେ ମୁଁ ତାଙ୍କଠାରେ କୃତଜ୍ଞ ।

Digitized by PPRACHIN, SOA

ସୂଚୀପତ୍ର

ବିଷୟ — ପୃଷ୍ଠା

ପ୍ରଥମ ପରିଚ୍ଛେଦ

ପୃଷ୍ଠଭୂମି — ୧

ପ୍ରଥମ ଅଧ୍ୟାୟ

ଆକବର ଓ ଓଡ଼ିଶା — ୧୧

ଦ୍ୱିତୀୟ ଅଧ୍ୟାୟ

(କ) ରାଜା ମାନସିଂହଙ୍କ ପ୍ରଥମ ଓଡ଼ିଶା ବିଜୟ — ୨୦

(ଖ) ରାଜା ମାନସିଂହଙ୍କ ଚୂଡ଼ାନ୍ତ ଓଡ଼ିଶା ଅଧିକାର — ୨୮

ତୃତୀୟ ଅଧ୍ୟାୟ

ଜାହାଙ୍ଗୀର ଓ ଓଡ଼ିଶା — ୪୨

ଚତୁର୍ଥ ଅଧ୍ୟାୟ

ଶାହାଜାହାନ୍ ଓ ଓଡ଼ିଶା — ୫୯

ପଞ୍ଚମ ଅଧ୍ୟାୟ

ଆଉରଙ୍ଗଜେବ୍ ନାଏବ ନଜିମ୍ ବୃନ୍ଦ ଏବଂ ଓଡ଼ିଶା — ୬୪

ଇତିଶାମ ଖାଁ — ୬୪

ପ୍ରଥମ ମୁର୍ଶିଦ କୁଲି ଖାଁ — ୭୧

ସୁଜାଉଦ୍ଦିନ ମହମ୍ମଦ ଖାଁ — ୭୭

ମହମ୍ମଦ ତକୀ ଖାଁ — ୮୨

ଦ୍ୱିତୀୟ ମୁର୍ଶିଦ କୁଲି ଖାଁ — ୯୦

ଆଲିବର୍ଦ୍ଦି ଖାଁ ଏବଂ ଓଡ଼ିଶାରେ ମୁସଲମାନ ଶାସନର ପତନ — ୯୭

ଷଷ୍ଠ ଅଧ୍ୟାୟ

ଓଡ଼ିଶା ଉପକୂଳରେ ୟୁରୋପୀୟ ଉପନିବେଶ — ୧୧୮

Digitized by PPRACHIN, SOA

ବିଷୟ	ପୃଷ୍ଠା
ସପ୍ତମ ଅଧ୍ୟାୟ	
ରାଜସ୍ୱ ପ୍ରଶାସନ	୧୩୫
ଅଷ୍ଟମ ଅଧ୍ୟାୟ	
ଧର୍ମଧାରା	୧୫୮
ନବମ ଅଧ୍ୟାୟ	
ସାମୁଦ୍ରିକ ବାଣିଜ୍ୟ	୧୭୪
ଦଶମ ଅଧ୍ୟାୟ	
ଦେବପୀଠ ଓ କୀର୍ତ୍ତିସ୍ତମ୍ଭ	୧୮୦
ଏକାଦଶ ଅଧ୍ୟାୟ	
ଚିତ୍ରକଳା	୧୯୦
ଦ୍ୱାଦଶ ଅଧ୍ୟାୟ	
ସାମାଜିକ ଅବସ୍ଥା	୧୯୭
ତ୍ରୟୋଦଶ ଅଧ୍ୟାୟ	
ଓଡ଼ିଆ ସାହିତ୍ୟ	୨୦୯
ଚତୁର୍ଦ୍ଦଶ ଅଧ୍ୟାୟ	
ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଯାବନିକ ଭାଷାର ପ୍ରଭାବ	୨୨୨
ପଞ୍ଚଦଶ ଅଧ୍ୟାୟ	
ଉପସଂହାର	୨୩୫

Digitized by PPRACHIN, SOA

ପ୍ରଥମ ପରିଚ୍ଛେଦ

ପୃଷ୍ଠଭୂମି

ପରିସୀମା

ପ୍ରାଚୀନ ଓଡ଼ିଶାର ପରିସୀମା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଆକାର ଧାରଣ କରିଥିଲା । ଗଙ୍ଗବଂଶୀ ଶାସକମାନଙ୍କ ରାଜତ୍ୱ ପୂର୍ବରୁ ଓଡ଼ିଶାର ପରିସୀମା ଉତ୍ତର ଦିଗରେ ତାମଲୁକ ଓ ବଙ୍ଗଳା ଅନ୍ତର୍ଗତ ରାଢ଼ ଦେଶର କିଛି ଅଂଶ ସହିତ ମେଦିନାପୁରଠାରୁ ଦକ୍ଷିଣରେ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ପୂର୍ବଦିଗରେ ଏହା ସମୁଦ୍ର ଓ ହୁଗୁଳୀ ନଦୀ ଦ୍ୱାରା ପରିବେଷ୍ଟିତ ଥିବାବେଳେ ପଶ୍ଚିମରେ ଏହାର ସୀମା ସୋନପୁର, ବଣାଇ ଏବଂ ସମ୍ବଲପୁର ତଥା ଗଣ୍ଡଓ୍ୱାନା ଅଞ୍ଚଳ ଅଧୀନସ୍ଥ ଅନ୍ୟାନ୍ୟ ରାଜ୍ୟମାନଙ୍କ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲା । ଗଙ୍ଗ ରାଜତ୍ୱ କାଳରେ ବିଭିନ୍ନ ସମୟରେ ଏହି ପରିସୀମା ଆହୁରି ବୃଦ୍ଧି ପାଇଥିଲା । ଏହି ସମୟକାଳ ମଧ୍ୟରେ ଓଡ଼ିଶାର ସୀମା ଉତ୍ତରରେ ବିସେନପୁର ଦେଇ ପାଟକୁନ ତଥା ହୁଗୁଳୀ ନଦୀ ଉପରିସ୍ଥ ତ୍ରିବେଣୀଘାଟ ପର୍ଯ୍ୟନ୍ତ ପରିବର୍ଦ୍ଧିତ ହୋଇଥିଲା । ପୂର୍ବ ଦିଗରେ ହୁଗୁଳୀ ନଦୀ ଓ ବଙ୍ଗୋପସାଗର ଆଗଭଳି ଏହାର ସୀମା ନିର୍ଣ୍ଣୟ କରୁଥିଲା । ଦକ୍ଷିଣରେ ଓଡ଼ିଶାର ବିଶାଳତା ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲା । ପଶ୍ଚିମରେ ପୂର୍ବାୟତନର ସାମାନ୍ୟ ପରିବର୍ତ୍ତନ ଘଟି ସିଂହଭୂମି ଠାରୁ ସୋନପୁର ପର୍ଯ୍ୟନ୍ତ; ଗାଙ୍ଗପୁର, ସମ୍ବଲପୁର ଓ ତଦାଧୀନସ୍ଥ ରାଜ୍ୟମାନଙ୍କ ସୀମା କଢ଼େ କଢ଼େ ଓଡ଼ିଶାର ପରିସୀମା ନିର୍ଣ୍ଣିତ ହୋଇଥିଲା । ପରବର୍ତ୍ତୀକାଳରେ ଗଜପତି-ରାଜତ୍ୱରେ ଶାସକଙ୍କ ପାରଙ୍ଗମତା ତଥା ଚରିତ୍ର ଅନୁଯାୟୀ ଏହି ପରିସୀମାର ସଂକୋଚନ ବା ପ୍ରସାରଣ ଘଟିଥିଲା । ବାହମନୀ ରାଜ୍ୟର ଅଭ୍ୟୁତ୍ଥାନ ଫଳରେ ତେଲେଙ୍ଗାନା ଓ କର୍ଣ୍ଣାଟକ ଅଞ୍ଚଳ ଉପରେ ଗଜପତି ଶାସନର ସ୍ଥିତି ସୁଦୃଢ଼ ନ ଥିଲା । ଏପରିକି, ଗୋଦାବରୀ ଦକ୍ଷିଣସ୍ଥ ଅଞ୍ଚଳ ଓ ରାଜମହେନ୍ଦ୍ରୀ ଅଞ୍ଚଳ ଉପରେ ମଧ୍ୟ ଗଜପତି-ରାଜା-

Digitized by PPRACHIN, SOA

ମାନଙ୍କର ନିରଙ୍କୁଶ କର୍ତ୍ତୃତ୍ୱ ବଜାୟ ରହିପାରି ନ ଥିଲା । ଏହିସବୁ ଅଞ୍ଚଳ ଉପରେ ବାହମନୀ ସୁଲତାନଙ୍କ ପକ୍ଷରୁ ବାରମ୍ବାର ଦାବୀ ଉତ୍ଥାପନ ଓ ଆକ୍ରମଣ କରାଯାଉଥିଲା । ଏତଦ୍‌ବ୍ୟତୀତ ଗଜପତି ବଂଶର ଶାସନକାଳରେ ଆଭ୍ୟନ୍ତରୀଣ ବିବାଦ ଓ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାରୁ ଓ ସ୍ୱାର୍ଥାନ୍ୱେଷୀ ଅବାଧ୍ୟ ସମ୍ଭ୍ରାନ୍ତଶ୍ରେଣୀର ପ୍ରଜାମାନଙ୍କୁ ଫଳପ୍ରଦ ଭାବରେ ନିୟନ୍ତ୍ରିତ କରା ନ ଯାଇପାରିବା ଫଳରେ ଓଡ଼ିଶାର ଦକ୍ଷିଣାଞ୍ଚଳ ଯଥାର୍ଥରୂପେ ପ୍ରତିରକ୍ଷିତ ରହିପାରିଲା ନାହିଁ । ପରିଣାମସ୍ୱରୂପ ଏହିସବୁ ଅଞ୍ଚଳ କ୍ରମଶଃ ଶକ୍ତିଶାଳୀ ହୋଇ ଉଠୁଥିବା ଗୋଲକୁଣ୍ଡା ରାଜ୍ୟର ସୁଲତାନଙ୍କ କରଗତ ହେଲା ।

ଶାସନ ବ୍ୟବସ୍ଥା

ତଦାନନ୍ତୀନ ବ୍ୟବସ୍ଥାନୁଯାୟୀ ରାଜା ରାଜ୍ୟର ସର୍ବମୟ ଓ ସର୍ବୋଚ୍ଚ କର୍ତ୍ତା ଥିଲେ । ସେ ନିଜକୁ ଗୌଡ଼, କର୍ଣ୍ଣାଟ ଓ କଳବର୍ଗର ଅଧୀଶ୍ୱର ବୋଲି ନାମିତ କରିଥିଲେ । ଶାସନର ସୁପରିଚାଳନା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଅଧିନାୟକତ୍ୱରେ ଗୋଟିଏ ମନ୍ତ୍ରିମଣ୍ଡଳ ତାଙ୍କୁ ସାହାଯ୍ୟ କରୁଥିଲେ । ପ୍ରଧାନମନ୍ତ୍ରୀଙ୍କୁ ମନ୍ତ୍ରୀଶ୍ରେଣୀ-ଶିରୋମଣି ବୋଲି କୁହାଯାଉ-ଥିଲା ।

ସମୁଦାୟ ରାଜ୍ୟକୁ ଦୁଇଭାଗରେ ବିଭକ୍ତ କରାଯାଇଥିଲା । ଗୋଟିଏ ଭାଗ ରାଜ୍ୟର ମୁଖ୍ୟ ସୈନ୍ୟାଧିକାରୀବର୍ଗ ତଥା ଧର୍ମ ପୁରୋହିତମାନଙ୍କ ସହାୟତା ନିମନ୍ତେ ଉଦ୍ଦିଷ୍ଟ ଥିବାବେଳେ ଅନ୍ୟ ଭାଗଟିକୁ ରାଜା ନିଜର ସ୍ୱମାଲିକାନାରେ ରଖିଥିଲେ ।

ପ୍ରଶାସନିକ ବ୍ୟବସ୍ଥାରେ ସାମରିକ ସାମନ୍ତମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ-ଥିଲା । ଜଣାଯାଏ ଯେ ବିସ୍ତୃତ ପାର୍ବତ୍ୟାଞ୍ଚଳ, ସମତଳ ତଥା ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସାମରିକ ଶ୍ରେଣୀର ବହୁସଂଖ୍ୟକ 'ମୁଖିଆ'ମାନଙ୍କ ମଧ୍ୟରେ ଖଣ୍ଡ ଖଣ୍ଡ କରି ବାଣ୍ଟି ଦିଆଯାଇଥିଲା । ଏହି ଶାସନମୁଖ୍ୟମାନେ ଉତ୍ତରାଧିକାର ସୂତ୍ରରେ ସେସବୁକୁ ଭୋଗଦଖଲ କରୁଥିଲେ । ନିଜ ନିଜର ଇଲାକା ଉପରେ ସେମାନଙ୍କ ଅବାଧ ଅଧିକାର ସାବ୍ୟସ୍ତ ରହୁଥିଲା । ଓଡ଼ିଶାର ଗଜପତି ରାଜାଙ୍କ ଦରବାରରେ ସାମରିକ ସେବା ଅଥବା ଅନ୍ୟାନ୍ୟ ଦାୟିତ୍ୱ ସମ୍ପାଦନ କରିବାପାଇଁ ପ୍ରତିଶ୍ରୁତିବଦ୍ଧ ଥିବାରୁ ନିଜ ଦଖଲରେ ଥିବା ଇଲାକାର ସମସ୍ତ ରାଜସ୍ୱ ନିଜ ଇଚ୍ଛା ଓ ସିଦ୍ଧାନ୍ତ ଅନୁସାରେ ବ୍ୟୟ କରିପାରିବାର କ୍ଷମତା ସେମାନଙ୍କର ଥିଲା । ପରବର୍ତ୍ତୀକାଳରେ ଶାସନ ମୁଖ୍ୟମାନଙ୍କୁ ସାମାନ୍ୟ କିଛି ସଲାମୀ ଦେଇ ସେମାନେ ନିଜ ନିଜ ଇଲାକାରେ ନିରଙ୍କୁଶଭାବରେ ଶାସନ ପରିଚାଳନା କରିବାକୁ ଲାଗିଲେ ।

ଓଡ଼ିଶାର ଏହି ସାମନ୍ତାଧିପତି ବା ସାମରିକ ମୁଖ୍ୟମାନେ ନିଜକୁ କ୍ଷେତ୍ରୀ ବା ଖଣ୍ଡାୟତ ବୋଲି ଅଭିହିତ କରୁଥିଲେ । ଖଣ୍ଡାୟତ ଶବ୍ଦରୁ ଖଣ୍ଡାଧାରଣ କରିବାକୁ ସେମାନେ ହକ୍‌ଦାର ବୋଲି ପ୍ରତୀୟମାନ ହୁଏ । ଷ୍ଟର୍ଲିଂ ଏହି ଅଧିପତି ବା ସାମନ୍ତମାନଙ୍କୁ ଇଉରୋପର

Digitized by PPRACHIN, SOA

ମାର୍ଚ୍ଚ ଲର୍ଡ (Lords of the Marches of Europe)ମାନଙ୍କ ସହିତ ତୁଳନା କରିଛନ୍ତି । ସାଧାରଣତଃ ଏହି ସାମରିକ ମୁଖ୍ୟ ଶ୍ରେଣୀର ଇଲାକା ବା ଜମିଦାରୀମାନ 'ଗଡ଼' ରୂପେ ଅଭିହିତ ହେଉଥିଲା । ଇଲାକାର ମୁଖ୍ୟ ଅଧିକାରୀ ନିଜ ଜମିର କିଛି ଅଂଶ ସାମରିକ କାର୍ଯ୍ୟ ପାଇଁ ଆଶ୍ରିତ ବା ଅଧୀନସ୍ଥ କେତେକ କର୍ମଚାରୀଙ୍କ ମଧ୍ୟରେ ଭାଗ ଭାଗ କରି ବାଣ୍ଟି ଦେଉଥିଲେ । ସେମାନେ ନାୟକ, ଦଳେଇ, ଦଳବେହେରା ଏବଂ ବେଲ୍ଲେବେଲ୍ଲେ ଖଣ୍ଡାୟତ ନାମରେ ପରିଚିତ ଥିଲେ । ସେମାନେ ମଧ୍ୟ ସ୍ୱଅଧୀନସ୍ଥ ଗଡ଼ଜମିରୁ କିଛି କିଛି ଅଂଶ ସେହି ଅଞ୍ଚଳର ସୈନିକମାନଙ୍କୁ ଜାଗିର୍‌ରୂପେ ବାଣ୍ଟି ଦେଉଥିଲେ । ଏହି ସୈନ୍ୟମାନଙ୍କୁ 'ପାଇକ' କୁହାଯାଉଥିଲା । ପାଇକମାନେ ସୈନ୍ୟ ଓ କୃଷକ ଉଭୟ କାର୍ଯ୍ୟ ସମ୍ପାଦନ କରୁଥିଲେ । ଡାକରା ପଡ଼ିଲେ ସେମାନେ ଅସ୍ତ୍ରଶସ୍ତ୍ର ନେଇ ନିଜ ନିଜର ଦଳପତିଙ୍କ ତତ୍ତ୍ୱ ବଧାନରେ ଯୁଦ୍ଧକ୍ଷେତ୍ରକୁ ଯାତ୍ରା କରୁଥିଲେ । ଗଜପତି ରାଜାମାନେ ଶତ୍ରୁ ବିରୁଦ୍ଧରେ ରଣ ଅଭିଯାନରେ ବାହାରିଲେ ବହୁ 'ସେନାମୁଖ୍ୟ'ଙ୍କୁ ଡାକୁଥିଲେ । ପ୍ରତ୍ୟେକ ସେନାମୁଖ୍ୟ ବହୁସଂଖ୍ୟକ ପାଇକଙ୍କ ସହାୟତାରେ ଗଜପତି ରାଜାଙ୍କୁ ସାହାଯ୍ୟ କରୁଥିଲେ । ପଦାତିକ ବାହିନୀର ମୁଖ୍ୟଅଂଶ ଏହି ସ୍ଥାନୀୟ ପାଇକମାନଙ୍କୁ ନେଇ ଗଠିତ ହେଉଥିଲା । ସେମାନଙ୍କ ମଧ୍ୟରୁ ଅନେକ ଧନୁତୀର ଧରୁଥିଲେ ବା ମଲ୍ଲଯୋଦ୍ଧାର ଭୂମିକା ଗ୍ରହଣ କରୁଥିଲେ । ସ୍ଥାନୀୟ ସୈନ୍ୟଙ୍କ ସଠିକ୍ ସଂଖ୍ୟା ନିରୂପଣ କରି ହେବ ନାହିଁ । ତେବେ ଷ୍ଟର୍ଲିଂଙ୍କ ଦ୍ୱାରା ପ୍ରଦତ୍ତ ଏକ ବିବରଣୀରୁ ଜଣାଯାଏ ଯେ ପ୍ରକୃତ ଓଡ଼ିଶାର (Orissa Proper) ସୈନ୍ୟ-ମାନଙ୍କ ସଂଖ୍ୟା ପ୍ରାକ୍-ମୁସଲମାନ ରାଜତ୍ୱ କାଳରେ ଏକ ଲକ୍ଷରୁ କମ୍ ନ ଥିଲା । ମାତ୍ର ମାଦଳାପାଞ୍ଜିରେ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ ସମୟରେ ତାଙ୍କ ସାମରିକ ସେବା ପାଇଁ ନିୟୋଜିତ ପାଇକମାନଙ୍କ ସଂଖ୍ୟା ତିନିଲକ୍ଷ ପର୍ଯ୍ୟନ୍ତ ଥିଲା ବୋଲି ଉଲ୍ଲେଖ ରହିଅଛି । ଧନୁର୍ବିଦ୍ୟା ଏବଂ ମଲ୍ଲବିଦ୍ୟାରେ ନିପୁଣ ସୈନ୍ୟଙ୍କ ସଂଖ୍ୟା ଏହି ସମୟରେ ପ୍ରାୟ କୋଡ଼ିଏହଜାର ଥିଲା ।

ଅଶ୍ୱାରୋହୀ, ପଦାତିକ ଓ ମଲ୍ଲଯୋଦ୍ଧାଙ୍କୁ ନେଇ ସୈନ୍ୟବାହିନୀ ଗଠିତ ଥିଲା । ସୈନ୍ୟମାନେ ସାଧାରଣତଃ ଶତ୍ରୁରାଜ୍ୟ ବିରୁଦ୍ଧରେ ସଂଗ୍ରାମ କରିବାପାଇଁ ଅଥବା ଅବାଧ୍ୟ ସର୍ଦ୍ଦାରମାନଙ୍କୁ ଦମନ କରିବା ପାଇଁ ନିୟୋଜିତ ହେଉଥିଲେ ।

ଦୁର୍ଗ

ଦୁର୍ଗଗୁଡ଼ିକ ଥିଲା ସାମ୍ରାଜ୍ୟର ଧମନୀସ୍ୱରୂପ । ଶାସନମୁଖ୍ୟମାନେ ଶତ୍ରୁଦ୍ୱାରା ଆକ୍ରମିତ ହେଲାବେଳେ ଏଗୁଡ଼ିକ ସେମାନଙ୍କୁ ଆଶ୍ରୟ ପ୍ରଦାନ କରୁଥିଲା । ସାଧାରଣତଃ ଏହି ଦୁର୍ଗଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ; ବିଶେଷକରି ପାହାଡ଼ ପାଦଦେଶରେ ନିର୍ମିତ

Digitized by PPRACHIN, SOA

ହେଉଥିଲା । ସମତଳ ଅଞ୍ଚଳମାନଙ୍କରେ ଦୁର୍ଗଗୁଡ଼ିକ ସାଧାରଣତଃ ବାଉଁଶ ଓ ମାଟିରେ ତିଆରି ହେଉଥିଲା ।

ସାମରିକ ମୁଖ୍ୟମାନଙ୍କୁ (Military Chiefs) ଜାଗିର ରୂପେ ପ୍ରଦାନ କରା ଯାଇଥିବା ଭୂମି ବ୍ୟତୀତ ରାଜ୍ୟର ଅନ୍ୟାନ୍ୟ ଭୂମିସବୁ ରାଜାଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ଥିଲା । ଏହା ରାଜାଙ୍କ ଖୋଦ୍ ବା ଶାସନାଧୀନ ଥିବାରୁ ଏହାକୁ ଖାସ୍‌ମାହାଲ (Crown Land) କୁହାଯାଉଥିଲା । ଏହା ବହୁସଂଖ୍ୟକ 'ଦଣ୍ଡପାଟ'ରେ ବିଭକ୍ତ ହୋଇଥିଲା । ଦଣ୍ଡପାଟଗୁଡ଼ିକ ଅନେକ 'ବିଶି' ଓ 'ଖଣ୍ଡ'ରେ ବିଭକ୍ତ ଥିଲା । ପ୍ରତ୍ୟେକ ବିଶି କେତୋଟି ଗ୍ରାମକୁ ନେଇ ଗଠିତ ହେଉଥିଲା । ଓଡ଼ିଶାର ଦକ୍ଷିଣାଞ୍ଚଳରେ ଅପେକ୍ଷାକୃତ ବଡ଼ ଆକାରର କେତେକ ପ୍ରଶାସନିକ ମଣ୍ଡଳକୁ (Division) ଦଣ୍ଡପାଟ ପରିବର୍ତ୍ତେ 'ରାଜ୍ୟ' ବୋଲି ମଧ୍ୟ କୁହାଯାଉଥିଲା ।

ବେସାମରିକ ପ୍ରଶାସନ ନିମନ୍ତେ ପ୍ରତି ରାଜସ୍ୱ ମଣ୍ଡଳ (Division)ରେ ଜଣେ ଲେଖାଏଁ ମଣ୍ଡଳ-ମୁଖ୍ୟ, ମଣ୍ଡଳ-ହିସାବରକ୍ଷକ ଓ ମଣ୍ଡଳ ଆରକ୍ଷୀ ଅଧ୍ୟକ୍ଷ ନିଯୁକ୍ତ ହେଉଥିଲେ ।

ଜମିର ମାଲିକାନାସ୍ୱତ୍ୱ ରାଜାଙ୍କର ଥିଲା ଏବଂ ଦଖଲ ଅଧିକାର ଗ୍ରାମର ଗୋଷ୍ଠୀ ବିଶେଷ ଅଥବା ଜମି ଚାଷ କରୁଥିବା ବ୍ୟକ୍ତିବିଶେଷମାନେ ଭୋଗ କରୁଥିଲେ । ହିନ୍ଦୁ ରାଜାମାନେ ଜମିର ପ୍ରକୃତ ଚାଷୀ ଓ ତାଙ୍କ ନିଜ ମଧ୍ୟରେ କୌଣସି ମଧ୍ୟସ୍ୱତ୍ୱାଧିକାରୀ ଅଥବା ସ୍ୱତ୍ୱାଧିକାରୀ ବ୍ୟବସ୍ଥା ପ୍ରଚଳନକୁ ପ୍ରଶ୍ରୟ ଦେଉ ନ ଥିଲେ ।

ଅର୍ଥନୈତିକ ଅବସ୍ଥା

ଟିକସ ଓ ବିଭିନ୍ନ ପ୍ରକାର ଶୁଳ୍କ ଇତ୍ୟାଦି ରାଷ୍ଟ୍ରୀୟ ଆୟର ପ୍ରଧାନ ପନ୍ଥା ଭାବରେ ଗୃହୀତ ହେଉଥିଲା । କଉଡ଼ି ସାଧାରଣଭାବେ ପ୍ରଚଳିତ ଥିଲା ଏବଂ ସମସ୍ତ ପ୍ରକାର ଦେଣନେଣ ନିମନ୍ତେ ବ୍ୟବହୃତ ହେଉଥିଲା । ମାତ୍ର ବଡ଼ ଧରଣର ଦେଣନେଣ ସକାଶେ ସୁନା, ରୂପା ବା ରୌପ୍ୟମୁଦ୍ରା ବ୍ୟବହାର କରାଯାଉଥିଲା । କୁହାଯାଏ ଯେ, ଅନଙ୍ଗଭୀମ ଦେବଙ୍କ ରାଜତ୍ୱକାଳରେ ରାଷ୍ଟ୍ରର ରାଜକୋଷରେ ୪୭ ଲକ୍ଷ ମାଢ଼ ସୁନା ଗଚ୍ଛିତ ଥିଲା ।

ସୁଉଚ୍ଚ ମନ୍ଦିରମାଳା, ଶକ୍ତିଶାଳୀ ସେନାବାହିନୀ ଓ ବିସ୍ତୃତ ଅଞ୍ଚଳରୁ ଟିକସ ବା ଅନ୍ୟାନ୍ୟ ଶୁଳ୍କ ବାବଦରେ ଆଦାୟ କରାଯାଉଥିବା ବିପୁଳ ପରିମାଣର ରାଷ୍ଟ୍ରୀୟ ଆୟ ପରିପ୍ରେକ୍ଷୀରେ ତତ୍କାଳୀନ ଓଡ଼ିଶା ଏକ ଅତ୍ୟନ୍ତ ଐଶ୍ୱର୍ଯ୍ୟପୂର୍ଣ୍ଣ ବିଭବଶାଳୀ ରାଜ୍ୟ ଥିଲା ବୋଲି ଅନୁମାନ କରି ହୁଏ । ମୁସଲମାନଙ୍କ ଦ୍ୱାରା ଅଧିକୃତ ହେବା ପୂର୍ବରୁ ଓଡ଼ିଶା କୃଷି, କାରୀଗରି, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏକ ସମୃଦ୍ଧିଶାଳୀ ରାଜ୍ୟ ଭାବରେ ପରିଗଣିତ ହେଉଥିଲା ।

Digitized by PPRACHIN, SOA

ବାଣିଜ୍ୟ

ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ରାଜ୍ୟ ସମୃଦ୍ଧ ଥିଲା । ଦୂରାନ୍ତର ରାଜ୍ୟଗୁଡ଼ିକ ସହ ବହିର୍ବାଣିଜ୍ୟଗତ ସମ୍ପର୍କ ପ୍ରତିଷ୍ଠା କରି ଓଡ଼ିଶାର ବଣିକମାନେ ସିଦ୍ଧି ହାସଲ କରିଥିଲେ । ନାବିକମାନେ ଓଡ଼ିଶା ଉପକୂଳରୁ ସୁଦୂର ଦେଶମାନଙ୍କୁ ନୌଯାତ୍ରା କରୁଥିଲେ । ତାମ୍ରଲିପ୍ତ ଥିଲା ଓଡ଼ିଶା ଉପକୂଳର ଏକ ପ୍ରଧାନ ପୋତାଶ୍ରୟ । ତାମ୍ରଲିପ୍ତ ଏବଂ ସିଂହଳ ମଧ୍ୟରେ ପ୍ରତିଷ୍ଠିତ ନିୟମିତ ବାଣିଜ୍ୟ କାରବାର ଚାଲୁଥିଲା ।

ଓଡ଼ିଶାର ହିଜ୍ଲି ବନ୍ଦରରେ ବିଭିନ୍ନ ଦେଶରୁ ବହୁ ଜାହାଜ ଆସି ପହଞ୍ଚୁଥିଲା । ସାଧାରଣତଃ "ନେଗାପଟ୍ଟମ, ସୁମାତ୍ରା, ମାଲାକ୍କା ପ୍ରଭୃତି ସ୍ଥାନରୁ ଏଠାକୁ ବେଶୀ ଜାହାଜ ବାଣିଜ୍ୟ ସକାଶେ ଆସୁଥିଲା ।" "ପ୍ରତିବର୍ଷ ଓଡ଼ିଶାର ବନ୍ଦରମାନଙ୍କରେ ପାଞ୍ଚୋଟି, ବାରୋଟି ବା ତିରିଶିଗୋଟି ଛୋଟ ବଡ଼ ବାଣିଜ୍ୟପୋତ ଆସି ଲଙ୍ଗର ପକାଉଥିଲେ ।"

ଧର୍ମ

ଧର୍ମ କ୍ଷେତ୍ରରେ ବୌଦ୍ଧଧର୍ମ ବହୁଦିନରୁ ସ୍ୱକୀୟ ଲୋକପ୍ରିୟତା ହରାଇ ସାରିଥିଲା । ପ୍ରାକ୍-ମୁସଲମାନ ରାଜତ୍ୱକାଳରେ ଶୈବଧର୍ମ ତଥା ଶକ୍ତିପୂଜା ଓ ବିଶେଷକରି ବୈଷ୍ଣବଧର୍ମ ବ୍ୟାପକ ଭାବରେ ପ୍ରସାର ଲାଭ କରିଥିଲା । ସଂଖ୍ୟାଲଘୁ ଓ ସଂଖ୍ୟାଗରିଷ୍ଠ ନିର୍ବିଶେଷରେ ସମସ୍ତ ଧର୍ମମତବାଦ ଏକତ୍ର ତିଷ୍ଠି ରହିଥିଲା । ସହନଶୀଳତା, ସମଦୃଷ୍ଟି ଓ ଧର୍ମଗତ ସହାବସ୍ଥାନ ଥିଲା ଗଜପତି ରାଜାମାନଙ୍କର ମୌଳିକ ଧର୍ମନୀତି !

ଜଗନ୍ନାଥୋପାସନା ସହ ଓତଃପ୍ରୋତଃ ଭାବରେ ଜଡ଼ିତଥିବା ହେତୁ 'ଓଡ଼ିଶୀ ବୈଷ୍ଣବଧର୍ମ' ଏକ ପ୍ରମୁଖ ଧର୍ମମତବାଦ ରୂପେ ପ୍ରାଧାନ୍ୟ ଲାଭ କରିଥିଲା । କିନ୍ତୁ ଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ତତ୍କାଳୀନ ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କ ରାଜ-ପୃଷ୍ଠପୋଷକତା ଲାଭକରି ଗୌଡ଼ୀୟ ମତବାଦର ଅଧିକ ପ୍ରସାର ଘଟିଥିଲା । କେତେକ ଓଡ଼ିଆ ବୈଷ୍ଣବ ଗୌଡ଼ୀୟବୈଷ୍ଣବ ମତବାଦରେ ଦୀକ୍ଷିତ ହୋଇ ତାହାର ପ୍ରଚାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବାଦ୍ୱାରା ତାହା କ୍ରମଶଃ ଅଧିକରୁ ଅଧିକତର ଲୋକପ୍ରିୟ ହେବାକୁ ଲାଗିଲା । ରାଧାକୃଷ୍ଣ ପ୍ରେମଲୀଳାର ମହିମା ପ୍ରତି ଅଧିକ ଗୁରୁତ୍ୱ ଆରୋପ କରାଗଲା । ବୈଷ୍ଣବମାନେ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବାକୁ ରାଧା ଭାବରେ ବିହ୍ୱଳିତ ହେଲେ ।

ଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ଏହି ଧର୍ମର ସହନଶୀଳତା, ଔଦାର୍ଯ୍ୟ ଓ ସାର୍ବଜନୀନତାର ପ୍ରଚାର ଏଭଳି ଫଳପ୍ରଦ ଭାବରେ କରାଯାଉଥିଲା ଯେ ଏହି ଧର୍ମମତ ଓଡ଼ିଶାର ନଗର, ଜନପଦ ଓ ପୁରପଲ୍ଲୀରେ ବ୍ୟାପକ ଭାବରେ ଗୃହୀତ ହୋଇଥିଲା ।

ଗୌଡ଼ୀୟବୈଷ୍ଣବଧର୍ମର ପ୍ରସାରହେତୁ ସମାଜରେ ଅନ୍ତତଃ ରାଜନୈତିକ ଓ ସାମାଜିକ—ଏବଂବିଧ ଦୁଇପ୍ରକାର ଫଳ ଅନୁଭୂତ ହେଲା । ପ୍ରଥମତଃ, ଏହି ମତବାଦରେ

Digitized by PPRACHIN, SOA

ଦୀକ୍ଷିତ ସମସ୍ତ ବ୍ୟକ୍ତି ଅପେକ୍ଷାକୃତ ଅଧିକ ଶାନ୍ତିପ୍ରିୟ ଏବଂ ସମର ବିମୁଖ ହେବାକୁ ଲାଗିଲେ । ଦ୍ୱିତୀୟତଃ, ଏହି ମତବାଦ ଓଡ଼ିଶାର ରାଜାମାନଙ୍କୁ ପଡ଼ୋଶୀ ରାଜନ୍ୟବର୍ଗ, ବିଶେଷତଃ ବିଜୟନଗରର କୃଷ୍ଣଦେବ ରାୟଙ୍କଠାରୁ ପାଇଥିବା ପୂର୍ବ ପରାଜୟର ପ୍ରତିଶୋଧ ନେବା, ଅଥବା ସେ ଦଖଲ କରି ନେଇଥିବା ଅଞ୍ଚଳଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଉଦ୍‌ଯୋଗ କରିବା ପରିବର୍ତ୍ତେ ଭାଗ୍ୟବାଦରେ ଅଧିକ ବିଶ୍ୱାସ ଜନ୍ମାଇ ଈଶ୍ୱରଙ୍କ ଇଚ୍ଛା ଉପରେ ନିର୍ଭର କରିବାକୁ ପ୍ରେରଣା ଦେଇଥିଲା ।

ଓଡ଼ିଶାର ଲୋକମାନଙ୍କ ଉପରେ ଏହି ଧର୍ମର ସାମାଜିକ ପ୍ରଭାବ ରାଜନୈତିକ ପ୍ରଭାବଠାରୁ ବେଶୀ ଥିଲା । ଚୈତନ୍ୟପନ୍ଥୀମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁସଂଖ୍ୟକ ମଠ ସ୍ଥାପନ କରିଥିଲେ । ଏହି ମଠଗୁଡ଼ିକ ଥିଲା ବୈଷ୍ଣବ ଧର୍ମ ପ୍ରଚାରର କେନ୍ଦ୍ରସ୍ଥଳୀ ।

ଏହି ମତବାଦରେ ଈଶ୍ୱରପ୍ରାପ୍ତି ନିମନ୍ତେ ଗୁରୁଙ୍କ ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ।

ତୃତୀୟତଃ, ବୈଷ୍ଣବଧର୍ମର ପ୍ରସାର ଫଳରେ ସାହିତ୍ୟର ସମଧିକ ବିକାଶ ସାଧିତ ହୋଇଥିଲା । ଗୌଡ଼ୀୟବୈଷ୍ଣବ ପ୍ରଚାରକମାନେ ବହୁସଂଖ୍ୟକ କବିତା ରଚନା କରିଥିଲେ ।

ସାହିତ୍ୟ

ଗଜପତି ରାଜାମାନଙ୍କ ଅମଳରେ ଓଡ଼ିଆ ସାହିତ୍ୟର ପ୍ରଭୂତ ବିକାଶ ଘଟିଥିଲା । ସଂସ୍କୃତ ସାହିତ୍ୟ ତୁଳନାରେ ଓଡ଼ିଆ ସାହିତ୍ୟ ଅଧିକ ପୃଷ୍ଠପୋଷକତା ଲାଭ କରିଥିଲା । ଏହି ସମୟକାଳ ମଧ୍ୟରେ ସାରଳା ଦାସଙ୍କ କର୍ତ୍ତୃକ ଓଡ଼ିଆ ସାହିତ୍ୟର ପ୍ରଥମ ଓ ମହାନ ମହାକାବ୍ୟ 'ମହାଭାରତ' ରଚିତ ହୋଇଥିଲା । ଅର୍ଜୁନ ଦାସଙ୍କ ଦ୍ୱାରା ରଚିତ 'କଳ୍ପଲତା' ଓ 'ରାମବିଭା' ଏ ଯୁଗର ଆଉ ଦୁଇଟି ପ୍ରଧାନ କାବ୍ୟ ।

ଏହି ସମୟକାଳ ମଧ୍ୟରେ ଓଡ଼ିଆ ସାହିତ୍ୟ ଜଗତକୁ ପଞ୍ଚସଖାଙ୍କ ଅବଦାନ ବିଶେଷ ଉଲ୍ଲେଖନୀୟ । ଜଗନ୍ନାଥ ଦାସ ତାଙ୍କ ଦ୍ୱାରା ରଚିତ 'ଭାଗବତ' ପାଇଁ ଚିରସ୍ମରଣୀୟ ହୋଇ ରହିଥିବାବେଳେ ବଳରାମ ଦାସ ସ୍ୱରଚିତ 'ରାମାୟଣ' ପାଇଁ ଖ୍ୟାତି ଅର୍ଜନ କରିଥିଲେ । ଭାରତର ପ୍ରସିଦ୍ଧ ମହାକାବ୍ୟ ରୂପେ ପରିଗଣିତ ରାମାୟଣ ଓ ଭାଗବତକୁ ଯଥାକ୍ରମେ ବଳରାମ ଦାସ ଓ ଜଗନ୍ନାଥ ଦାସ ଓଡ଼ିଆ କାବ୍ୟାକାରରେ ରଚନା କରି ହିନ୍ଦୁମାନଙ୍କର ଶ୍ରଦ୍ଧା ଓ ଆଗ୍ରହଭାଜନ ହୋଇପାରିଥିଲେ । ଏହି କାବ୍ୟଗ୍ରନ୍ଥ ଦ୍ୱୟ ଅଦ୍ୟାବଧି ହିନ୍ଦୁମାନଙ୍କର ଅତି ଆଦରଣୀୟ ଧର୍ମଗ୍ରନ୍ଥ ଭାବରେ ଗୃହୀତ ହୁଏ ।

ସଂସ୍କୃତ ସାହିତ୍ୟର ବିକାଶ ମଧ୍ୟ ଏହି ସମୟରେ ନ୍ୟୂନ ନ ଥିଲା । ଆଲୋଚ୍ୟ-କାଳରେ କେତେକ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥମାନ ରଚିତ ହୋଇଥିଲା । ପୁରୁଷୋତ୍ତମଙ୍କ

Digitized by PPRACHIN, SOA

ରଚିତ ଅଭିନବ ବେଣୀସଂହାର, ମାର୍କଣ୍ଡେୟଙ୍କ ଦ୍ୱାରା ରଚିତ ଦଶଗ୍ରୀବ ବଧ, ରାମକୃଷ୍ଣ ଭଟ୍ଟଙ୍କ ପ୍ରୟାଗ ମାହାତ୍ମ୍ୟ, ଦିବାକର କବିଚନ୍ଦ୍ରଙ୍କ ଭରତାମୃତ, କବିଡିଣ୍ଡିମ ଜୀବଦେବାଗ୍ରର୍ଯ୍ୟଙ୍କ ଭକ୍ତି ଭାଗବତ ଓ ବାସୁଦେବ ସାର୍ବଭୌମଙ୍କ ଅଦ୍ୱୈତ ମାର୍ତ୍ତଣ୍ଡ ଟୀକା ଇତ୍ୟାଦି ଏହି ସମୟକାଳ ମଧ୍ୟରେ ରଚିତ କେତେକ ଉଲ୍ଲେଖନୀୟ ସଂସ୍କୃତ ଗ୍ରନ୍ଥ ।

ଓଡ଼ିଆ ରଚନାବଳୀ ମଧ୍ୟରେ ମାର୍କଣ୍ଡ ଦାସଙ୍କ କେଶବ କୋଇଲି, ଦାମୋଦର ଦାସଙ୍କ ରସକୁଲ୍ୟା ଚଉତିଶା, ସାରଳା ଦାସଙ୍କ ମହାଭାରତ, ବତ୍ସ ଦାସଙ୍କ କଳସା ଚଉତିଶା, ଚୈତନ୍ୟ ଦାସଙ୍କ ନିର୍ଗୁଣ ମାହାତ୍ମ୍ୟ ଓ ବିଷ୍ଣୁଗର୍ଭ ପୁରାଣ ଏବଂ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତା ଉଲ୍ଲେଖନୀୟ ।

ଏହିଯୁଗର ଲେଖକମାନେ ସାଧାରଣତଃ ଓଡ଼ିଶୀ ବା ଗୌଡ଼ୀୟବୈଷ୍ଣବ ଧର୍ମ ପ୍ରସଙ୍ଗରେ ଲେଖୁଥିଲେ । ବଙ୍ଗଳାରୁ ଚୈତନ୍ୟଙ୍କ ଆଗମନ ପରେ ଓଡ଼ିଶାରେ ଗୌଡ଼ୀୟ-ବୈଷ୍ଣବ ଧର୍ମ ବିଶେଷ ଆଦୃତ ହେଲା । ଅଚ୍ୟୁତାନନ୍ଦଙ୍କ ପରି ରଚୟିତା ଶୂନ୍ୟପୁରୁଷ (ନିରାକାର) ପୂଜା ଉପରେ ଗୁରୁତ୍ୱ ପ୍ରଦାନ କରିଥିବା ବେଳେ ବଳରାମ ଦାସଙ୍କ ଅମରକୋଷ ଗୀତା, ଜଗନ୍ନାଥ ଦାସଙ୍କ ତୂଳାଭିଣା ଏବଂ ଯଶୋବନ୍ତ ଦାସଙ୍କ ଶିବ ସର୍ବୋଦୟ ଇତ୍ୟାଦିରେ ଶୈବ ମତବାଦ ବିଷୟରେ ଆଲୋଚନା କରାଯାଇଛି । ଓଡ଼ିଶୀବୈଷ୍ଣବ ଧର୍ମ ଓ ଜଗନ୍ନାଥୋପାସନା ମଧ୍ୟ ସାହିତ୍ୟରେ ବ୍ୟାପକ ଭାବରେ ପ୍ରତିଫଳିତ ହେଉଥିଲା । ମାତ୍ର ଗୌଡ଼ୀୟବୈଷ୍ଣବ ଧର୍ମର କ୍ରମବର୍ଦ୍ଧିଷ୍ଣୁ ଜନପ୍ରିୟତା ଫଳରେ କ୍ରମଶଃ ଓଡ଼ିଶୀ ବୈଷ୍ଣବ ଧର୍ମର ପ୍ରଭାବ ଅନୁରୂପ ଭାବରେ ହ୍ରାସ ପାଇବାକୁ ଲାଗିଲା । ତତ୍କାଳୀନ କାବ୍ୟ ସାହିତ୍ୟର ଶୈଳୀ ଓ କଥାବସ୍ତୁରୁ ଏହା ଜଣାପଡ଼େ । ଚୈତନ୍ୟପନ୍ଥୀ ବହୁ ଗୌଡ଼ୀୟବୈଷ୍ଣବ ଭକ୍ତମାନଙ୍କର ନିଷ୍ଠାପର ପ୍ରଚାର ଫଳରେ ଏହି ମତବାଦ ସାହିତ୍ୟ, ସଂସ୍କୃତି ଓ ଅନୁଷ୍ଠାନ ମାଧ୍ୟମରେ ବ୍ୟାପକ ଭାବରେ ପ୍ରସାରିତ ହେବାକୁ ଲାଗିଲା । ପିଣ୍ଡବ୍ରହ୍ମାଣ୍ଡ ଓ ନିରାକାର ଦର୍ଶନ ବଦଳରେ ରାଧାକୃଷ୍ଣ ଲୀଳା ପ୍ରସଙ୍ଗ ଅଧିକରୁ ଅଧିକ ଲୋକଙ୍କର ଧର୍ମୀୟ ଧାରଣାକୁ ଅନୁପ୍ରାଣିତ କଲା ।

ସଂସ୍କୃତ ବା ଓଡ଼ିଆ—ଯେକୌଣସି ଭାଷାରେ ରଚିତ ହୋଇଥାଉ ନା କାହିଁକି ସୂର୍ଯ୍ୟବଂଶୀ ରାଜାମାନଙ୍କର ପୃଷ୍ଠପୋଷକତାରେ ଆରମ୍ଭ ହୋଇଥିବା ସାହିତ୍ୟ ଆନ୍ଦୋଳନ ସାଧାରଣତଃ କାବ୍ୟ, ପୁରାଣ, ଲୋକଗୀତ, ସଙ୍ଗୀତ ପ୍ରଭୃତି ଉପରେ ବିଶେଷ ଗୁରୁତ୍ୱ ଦେଇଥିଲା ।

ସାଧାରଣତଃ ଦର୍ଶନ ଓ ଧର୍ମ ଯେଉଁ ଦୁଇଟି ବିଷୟକୁ କେନ୍ଦ୍ରକରି ଗଢି ଉଠିଥିଲା, ତାହାହେଲା : (କ) ଆତ୍ମା-ପରମାତ୍ମା ସମ୍ବନ୍ଧ ଏବଂ (ଖ) ଗୌଡ଼ୀୟବୈଷ୍ଣବ ଧର୍ମ ଓ ଓଡ଼ିଶୀବୈଷ୍ଣବ ଧର୍ମର ଭୂମିକା ।

Digitized by PPRACHIN, SOA

ଏହି ସମୟରେ କାଗଜ ବ୍ୟବହୃତ ହେଉ ନ ଥିଲା । ରାଜାଙ୍କ ନିର୍ଦ୍ଦେଶ ତାଳପତ୍ରରେ ଲେଖାଯାଇ ଦିଆଯାଉଥିଲା । ସରକାରୀ ତଥା ବେସରକାରୀ ଉଭୟ କ୍ଷେତ୍ରରେ ହିସାବପତ୍ର ତାଳପତ୍ରରେ ଲେଖାଯାଉଥିଲା । ସାହିତ୍ୟ ରଚନାବଳୀ ତାଳପତ୍ରରେ ଲେଖାହୋଇ ରଖାଯାଉଥିଲା ।

ମୁସଲମାନମାନଙ୍କ ଆଗମନ ପୂର୍ବରୁ ଓଡ଼ିଶାର ରାଜନୈତିକ ଅବସ୍ଥା ସନ୍ତୋଷଜନକ ନ ଥିଲା । ସୂର୍ଯ୍ୟବଂଶର ଶେଷଶାସକ ପ୍ରତାପରୁଦ୍ର ଦେବଙ୍କ ସମୟରେ ଓଡ଼ିଶାର ପରିସୀମା ଉତ୍ତର ଏବଂ ଦକ୍ଷିଣ ଉଭୟ ଦିଗରୁ ହ୍ରାସ ପାଇଥିଲା । କୃଷ୍ଣଦେବ ରାୟଙ୍କ ନେତୃତ୍ୱରେ ବିଜୟନଗର ସାମ୍ରାଜ୍ୟର ଅଭ୍ୟୁତ୍ଥାନ ଫଳରେ ପ୍ରତାପରୁଦ୍ର ଦେବଙ୍କୁ ଗୋଦାବରୀ ନଦୀ ଦକ୍ଷିଣସ୍ଥ ଓଡ଼ିଶା ରାଜ୍ୟର ଅଞ୍ଚଳଗୁଡ଼ିକୁ ହରାଇବାକୁ ପଡ଼ିଥିଲା । ବଙ୍ଗଳା ଆଡ଼ୁ ମୁସଲମାନ ଆକ୍ରମଣକାରୀମାନେ କେତେକ ସମୟ ପାଇଁ ଯାଜପୁରକୁ କରଗତ କରି ନେଇଥିଲେ । ଏତଦ୍‌ବ୍ୟତୀତ ଗୋଲକୁଣ୍ଡାରେ ଶକ୍ତିଶାଳୀ କୁତବସାହୀ ରାଜତ୍ୱର ଅଭ୍ୟୁତ୍ଥାନ ହେବାପରେ ସୁଲତାନ କୁଲିକୁତବ୍‌ସାହା ଓଡ଼ିଶାଠାରୁ ବଲ୍ଲମକୁଣ୍ଡା ଓ କୋଣ୍ଡାପାଲି ଅଞ୍ଚଳମାନ ଅଧିକାର କରିନେଲେ ।

ଏଥିରୁ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱରେ ଓଡ଼ିଶାର ଅଧଃପତନ ଘଟିଥିବା ସୂଚିତ ହୁଏ । ତାଙ୍କ ମୃତ୍ୟୁପରେ, ତାଙ୍କ ଉତ୍ତରସୂରୀମାନଙ୍କଠାରେ ମଧ୍ୟ ପ୍ରଶାସନିକ ବିଚକ୍ଷଣତା ବା ଶାସକୀୟ ଦକ୍ଷତା ପରିଲକ୍ଷିତ ହୋଇ ନ ଥିଲା । ଅପରପକ୍ଷରେ ତାଙ୍କ ପୁତ୍ରମାନେ (କଲୁଆଦେବ ଓ କଖାରୁଆଦେବ) ଶାସନଦାୟିତ୍ୱ ତୁଲାଇବା ପାଇଁ ଅତ୍ୟନ୍ତ ଦୁର୍ବଳ ଥିଲେ । ଦରବାରରେ ସୃଷ୍ଟି ହୋଇଥିବା ଚକ୍ରାନ୍ତ, ସମ୍ଭ୍ରାନ୍ତଶ୍ରେଣୀର ସାମନ୍ତମାନଙ୍କ ମଧ୍ୟରେ ସ୍ୱାର୍ଥଜନିତ କଳହ, ପାରିଷଦମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିବାଦ ଏବଂ ସର୍ବୋପରି ରାଜଶକ୍ତିର ଅଧଃପତିତ ସ୍ଥିତାବସ୍ଥା ଏହି ଗୋଳମାଳିଆ ପରିସ୍ଥିତିକୁ ଆହୁରି ଅଧିକ ବିଶୃଙ୍ଖଳ କଲା । ଏହିଭଳି ପରିସ୍ଥିତିରେ ତେଲେଙ୍ଗାନାର ଜନୈକ ଅଧିବାସୀ ମୁକୁନ୍ଦ ହରିଚନ୍ଦନ (ତେଲେଙ୍ଗା ମୁକୁନ୍ଦଦେବ) ସିଂହାସନ ଆରୋହଣ କରିଥିଲେ । ସେ ସିଂହାସନାସୀନ ହେବାପରେ ଦରବାରରେ ଅତି ସାଧାରଣ ଭାବରେ ଦେଖାଦେଇଥିବା ବିଶ୍ୱାସଘାତକତା ଓ ହତ୍ୟା ଇତ୍ୟାଦି ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିଲେ । ମାତ୍ର ବିଶ୍ୱାସ-ଘାତକ ସ୍ୱାର୍ଥପର କୁଚକ୍ରୀ ସାମନ୍ତଗୋଷ୍ଠୀଙ୍କ ପ୍ରଭାବ ଓ କ୍ରିୟାକଳାପ ଲୋପପାଇ ନ ଥିଲା । ମୁକୁନ୍ଦଦେବ ଆଠବର୍ଷ ଶାସନ କରିଥିଲେ ହେଁ ତାଙ୍କ ଶାସନକାଳ ମଧ୍ୟରେ କ୍ରମାଗତ ବିଶୃଙ୍ଖଳା ଲାଗି ରହିଥିଲା ।

ମୁକୁନ୍ଦ ହରିଚନ୍ଦନ ରାଜନୈତିକ ଅବସ୍ଥା ଦୃଢ଼ ରଖିବାପାଇଁ ଉଦ୍ୟମ ଚଳାଇଥିବା ବେଳେ ବଙ୍ଗଳାର ସୁଲତାନ ସୁଲେମାନ କରାନି ଓଡ଼ିଶା ଆକ୍ରମଣ କରିବାକୁ ମନସ୍ଥ କରିଥିଲେ । ସେ ଦୁଇଟି କାରଣରୁ ଓଡ଼ିଶାର ରାଜା ମୁକୁନ୍ଦଦେବ ହରିଚନ୍ଦନଙ୍କ ଉପରେ

Digitized by PPRACHIN, SOA

ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଥିଲେ । ପ୍ରଥମତଃ, ମୁକୁନ୍ଦଦେବ ସୁଲେମାନଙ୍କ ଶତ୍ରୁ ତଥା ଆଦିଲ୍ ଶାହାଙ୍କ ପ୍ରତିଦ୍ୱନ୍ଦ୍ୱୀ ଇବ୍ରାହିମ୍ ସୁର୍‌ଙ୍କୁ ଆଶ୍ରୟ ଦେଇ ତାଙ୍କ ଭରଣପୋଷଣ ପାଇଁ ଓଡ଼ିଶାରେ ଜମି ଦେଇଥିଲେ । ଏଥିରେ ସୁଲେମାନ କରାନି କ୍ଷୁବ୍‌ଧ ହୋଇ ଇବ୍ରାହିମ୍ ସୁର୍‌ଙ୍କୁ ତାଙ୍କ ହାତରେ ଅର୍ପଣ କରିବା ପାଇଁ ମୁକୁନ୍ଦଦେବଙ୍କୁ କହିଲେ ମଧ୍ୟ ସେ ତାଙ୍କ ଦାବୀକୁ ପ୍ରତ୍ୟାଖ୍ୟାନ କରିଥିଲେ । ଦ୍ୱିତୀୟତଃ, ଆକବର ସୁଲେମାନ୍ କରାନିଙ୍କ ଆନୁଗତ୍ୟ ଉପରେ ସନ୍ଦେହ ପ୍ରକାଶ କରୁଥିଲେ ଓ ଓଡ଼ିଶାର ହିନ୍ଦୁରାଜାଙ୍କ ସମର୍ଥନ ପାଇବାକୁ ଇଚ୍ଛା ପ୍ରକାଶ କରି ମୁକୁନ୍ଦଦେବଙ୍କ ଦରବାରକୁ ଜଣେ ଦୂତଙ୍କୁ ପଠାଇଥିଲେ । ମୁକୁନ୍ଦ ହରିଚନ୍ଦନ ଦୂତ ଜରିଆରେ ମୋଗଲ ସମ୍ରାଟଙ୍କ ନିକଟରେ ନିଜର ଆନୁଗତ୍ୟ ସ୍ୱୀକାର କରି ସୁଲେମାନ୍ ଦିଲ୍ଲୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ ସେ ବଙ୍ଗଳା ଆକ୍ରମଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବିଷୟ ସୁଲେମାନ କରାନିଙ୍କୁ ଅଛପା ନ ଥିଲା । ଏହି କାରଣରୁ ୧୫୬୭-୬୮ ଖ୍ରୀଷ୍ଟାବ୍ଦ ଶୀତଋତୁରେ ଆକବର ଚିତୋର ଅବରୋଧ କରିବାରେ ବ୍ୟାପୃତ ଥିବାବେଳେ, ସୁଲେମାନ୍ ନିଜ ପୁଅ ବାୟାଜିଦ୍‌ଙ୍କ ନେତୃତ୍ୱରେ ଓଡ଼ିଶା ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଚଳାଇଲେ । ଆଫଗାନ ସେନାବାହିନୀ ମୟୂରଭଞ୍ଜ ଓ ଛୋଟନାଗପୁର ଜଙ୍ଗଲ ଦେଇ ଯୁଦ୍ଧଯାତ୍ରା କଲେ । ଏ ସମ୍ବାଦ ପାଇ ମୁକୁନ୍ଦ ହରିଚନ୍ଦନ ଶତ୍ରୁ ସୈନ୍ୟଙ୍କୁ ମୁକାବିଲା କରିବା ପାଇଁ ଛୋଟରାୟ ଓ ରଘୁ ଭଞ୍ଜ ନାମକ ନିଜର ଦୁଇଜଣ କର୍ମଚାରୀଙ୍କୁ ପଠାଇଲେ, ମାତ୍ର ସେମାନେ ବିଶ୍ୱାସଘାତକତା କରି ରାଜାଙ୍କ ବିରୁଦ୍ଧରେ ଆକ୍ରମଣ ଆରମ୍ଭ କରିବା ଫଳରେ ମୁକୁନ୍ଦଦେବ କୋଟସୀମା ଦୁର୍ଗରେ ଆଶ୍ରୟ ନେବାକୁ ବାଧ୍ୟ ହେଲେ । କିନ୍ତୁ ଏହାପରେ ଦୁଇ ବିବଦମାନ ସମ୍ଭ୍ରାନ୍ତ ଶ୍ରେଣୀ ମଧ୍ୟରେ ଯେଉଁ ଯୁଦ୍ଧ ଲାଗିଗଲା, ସେଥିରେ ମୁକୁନ୍ଦଦେବ ନିହତ ହୋଇଥିଲେ । ସୁଲେମାନ୍ କରାନି ଓଡ଼ିଶା ଅଧିକାର କରିନେଲେ ।

ମୁକୁନ୍ଦ ହରିଚନ୍ଦନଙ୍କ ମୃତ୍ୟୁ ଓଡ଼ିଶା ରାଜଧାନୀ ଅଧିକାର କରିବାକୁ ଆଫଗାନ୍‌ମାନଙ୍କୁ ସୁବିଧା ଦେଲା, ମାତ୍ର ଓଡ଼ିଶାର ସବୁ ପ୍ରାନ୍ତରେ ଆଫଗାନ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ସହଜ ନ ଥିଲା । ଓଡ଼ିଶାରେ ଆଫଗାନ ରାଜତ୍ୱ କୌଣସି ଦୀର୍ଘସ୍ଥାୟୀ ପ୍ରଭାବ ପକାଇ ପାରି ନ ଥିଲା । ଏହି ଶାସନରେ ମଧ୍ୟ ଏଭଳି କୌଣସି ସ୍ଥାୟୀତ୍ୱ ବା ସ୍ଥିରତା ନ ଥିଲା । ଆଫଗାନମାନେ ପୂର୍ବରୁ ପ୍ରଚଳିତ ଶାସନ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଆଣି ନ ଥିଲେ । ଓଡ଼ିଶାର ସମସ୍ତ ପ୍ରାନ୍ତରେ କର୍ତ୍ତୃତ୍ୱ ହାସଲ କରିବାରେ ସେମାନେ ବିଫଳ ହୋଇଥିଲେ । ସେମାନଙ୍କ ପ୍ରତିମା ଭାଙ୍ଗିବା କାର୍ଯ୍ୟକଳାପ, ହିନ୍ଦୁ ବିଦ୍ୱେଷୀ ମନୋଭାବ ଓ ବହୁ ହିନ୍ଦୁ ମନ୍ଦିର—ବିଶେଷତଃ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ ସେମାନଙ୍କୁ ଲୋକ-ଚକ୍ଷୁରେ ଅପ୍ରିୟ କରାଇଥିଲା । ଆଫଗାନମାନଙ୍କ ପ୍ରତି ହିନ୍ଦୁମାନଙ୍କ ମଧ୍ୟରେ ଘୃଣା ଓ ଭୟଭାବ ଉଦ୍ରେକ ହୋଇଥିଲା । ଏତଦ୍‌ବ୍ୟତୀତ ଓଡ଼ିଶା ସିଂହାସନ ଅଧିକାର କରିବାକୁ ଅଭିଳାଷୀ କେତେକ ହିନ୍ଦୁରାଜା ମଧ୍ୟ ଆଫଗାନ ଶକ୍ତିର ବିଲୋପ ଚାହୁଁଥିଲେ ଏବଂ

Digitized by PPRACHIN, SOA

ସେମାନଙ୍କୁ ବିତାଡ଼ିତ କରିବାକୁ ଇଚ୍ଛାପୋଷଣ କରିଥିଲେ । ଆଫଗାନ ରାଜତ୍ୱ ସୁଶାସନ ଓ ଶାସକୀୟ ଦକ୍ଷତା ଉପରେ ନିର୍ଭରଶୀଳ ନ ଥାଇ ହିନ୍ଦୁ ସମ୍ଭ୍ରାନ୍ତଶ୍ରେଣୀ ଓ ଉଚ୍ଚ ରାଜ-କର୍ମଚାରୀମାନଙ୍କ ମଧ୍ୟରେ ଥିବା ବିବାଦ, ଷଡ଼ଯନ୍ତ୍ର ଓ ଅନୈକ୍ୟ ଉପରେ ତିଷ୍ଠି ରହିଥିଲା । ଓଡ଼ିଶା ଉପରେ ସେମାନଙ୍କର କର୍ତ୍ତୃତ୍ୱ ଥିଲା ଅତ୍ୟନ୍ତ ଦୁର୍ବଳ । ମୋଗଲମାନଙ୍କ ଆଗମନ ପୂର୍ବରୁ ଓଡ଼ିଶାର ରାଜନୈତିକ ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଆଫଗାନମାନଙ୍କର ସ୍ଥିତି ଦୃଢ଼ ନ ଥିଲା କିମ୍ବା ସେମାନଙ୍କୁ ଶାସନ କ୍ଷମତାରୁ ହଟାଇବା ନିମନ୍ତେ ଅସନ୍ତୁଷ୍ଟ ହିନ୍ଦୁ ରାଜାମାନେ ଐକ୍ୟବଦ୍ଧ ହୋଇପାରି ନ ଥିଲେ ।

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ଆକବର ଓ ଓଡ଼ିଶା

ପ୍ରଥମ ଅଧ୍ୟାୟ

ଦାଉଦ ଓ ମୋଗଲ ସେନାପତିବୃନ୍ଦ

୧୫୭୨ ଖ୍ରୀଷ୍ଟାବ୍ଦରେ, ସୁଲେମାନ କରାନିଙ୍କ ମୃତ୍ୟୁପରେ ବଙ୍ଗଳାରେ ମୋଗଲ-ଆଫଗାନ ସମ୍ପର୍କ ଆହୁରି ତିକ୍ତ ହୋଇପଡ଼ିଲା । ସୁଲେମାନଙ୍କ ଜ୍ୟେଷ୍ଠପୁତ୍ର ବାୟାଜିଦ୍ ସ୍ୱଭାବତଃ ଦେବାଳିଆ ପ୍ରକୃତିର ଓ ନିଷ୍ଠୁର ଚରିତ୍ରସମ୍ପନ୍ନ ଥିଲେ । ଉତ୍ତରାଧିକାର ସୂତ୍ରରେ ସେ ସିଂହାସନ ଆରୋହଣ କରିବା ପରେ ନିଜର ସ୍ୱେଚ୍ଛାଚାରୀ ମନୋବୃତ୍ତି ପାଇଁ ସେ ସମ୍ଭ୍ରାନ୍ତ ଆଫଗାନମାନଙ୍କର ସହଯୋଗ ଲାଭ କରିପାରିଲେ ନାହିଁ । ପକ୍ଷାନ୍ତରରେ ତାଙ୍କ ବିରୁଦ୍ଧରେ ଏକ ରାଜନୈତିକ ଷଡ଼ଯନ୍ତ୍ରର ସୂତ୍ରପାତ ହେଲା । ଅସନ୍ତୁଷ୍ଟ ଲୋହାନୀମାନେ ସୁଲେମାନଙ୍କ ପୁତୁରା ତଥା ଜାମାତା ହଂସୁଙ୍କ ସହାୟତାରେ ବାୟାଜିଦ୍‌ଙ୍କୁ ହତ୍ୟା କଲେ । ଏହାପରେ ସୁଲେମାନଙ୍କ କନିଷ୍ଠପୁତ୍ର ଦାଉଦ ସିଂହାସନ ଆରୋହଣ କଲେ । ସେ ନିଜ ଭାଇଙ୍କ ପରି ନିଜର ବିପୁଳ ସମ୍ପତ୍ତି ତଥା ବିଶାଳ ସେନାବାହିନୀକୁ ନେଇ ଗର୍ବ ଅନୁଭବ କରୁଥିଲେ । ତାଙ୍କର ରାଜନୈତିକ ଦୂରଦର୍ଶିତା ନ ଥିଲା । କ୍ଷମତାରେ ଅନ୍ଧ ହୋଇ ସେ ନିଜ ପିତାଙ୍କ ସଦ୍‌ନୀତି ଉପରେ ଗୁରୁତ୍ୱ ଦେବାପାଇଁ ଆବଶ୍ୟକ ମଣିଲେ ନାହିଁ । ସୁଲେମାନ କରାନି ତାଙ୍କ ଜୀବଦ୍ଦଶାରେ ମୋଗଲ ବାଦଶାହାଙ୍କୁ ପ୍ରତ୍ୟକ୍ଷ ଭାବରେ ଅବଜ୍ଞା କରୁ ନ ଥିଲେ । କିନ୍ତୁ ଦାଉଦ ଅପରପକ୍ଷରେ, ଆକବରଙ୍କ ଆନୁଗତ୍ୟ ସ୍ୱୀକାର କଲେ ନାହିଁ, ବରଂ ସେ ନିଜ ନାମରେ କୁତ୍‌ବା ପାଠ ଓ ମୁଦ୍ରା ପ୍ରଚଳନ କରାଇଲେ ।

ସେ ଥିଲେ ଉଗ୍ର ସ୍ୱଭାବର ଏକ ବିଳାସୀ ଓ ବ୍ୟଭିଚାରୀ ଯୁବକ । କୌଣସି ବାଛବିଚାର ନ ରଖି ସେ ଯାବତୀୟ ଭୋଗବିଳାସରେ ନିମଗ୍ନ ରହୁଥିଲେ । ସମ୍ଭ୍ରାନ୍ତ ସମ୍ପ୍ରଦାୟ ପ୍ରତି ସେ ଦମନମୂଳକ ପଦକ୍ଷେପ ଗ୍ରହଣ କରୁଥିଲେ ଏବଂ ନିଜର ଅଧିକାଂଶ

Digitized by PPRACHIN, SOA

ରକ୍ତ ସମ୍ପର୍କୀୟମାନଙ୍କୁ ବିଶ୍ୱାସଘାତକତା କରି ବହିଷ୍କାର କରିଥିଲେ । କାରଣ ସେ ସନ୍ଦେହ କରୁଥିଲେ ଯେ ସେମାନେ ସିଂହାସନ ଲାଭ ନିମନ୍ତେ ବିଦ୍ରୋହ କରିପାରନ୍ତି ! ତାଙ୍କର ଦରବାରରେ କୁତ୍‌ଲୁ ଲୋହାନି ଓ ଗୁଜର କରାନିଙ୍କ ପରି ଅତି ସ୍ୱାର୍ଥପର ତଥା ଅବିବେକୀ ସମ୍ଭ୍ରାନ୍ତମାନେ ରହିଥିଲେ । ସେମାନେ ମିଆଁ ଲୋଦିଙ୍କ ପରି ନ୍ୟାୟପରାୟଣ ବିଜ୍ଞ ବ୍ୟକ୍ତିଙ୍କ ବିରୁଦ୍ଧରେ ନାନା କଥା କହି ଦାଉଦଙ୍କ ମନକୁ ବିଷାକ୍ତ କରି ପକାଇଥିଲେ । ଏହି ପରିସ୍ଥିତିରେ ବିଶ୍ୱାସଘାତକମାନେ ଷଡ଼ଯନ୍ତ୍ର କରି ତାଙ୍କୁ ହତ୍ୟା କରିଥିଲେ । ଦାଉଦଙ୍କ ରାଜତ୍ୱକାଳରେ ବିଭେଦ, ବିଶୃଙ୍ଖଳା ଓ ଗୋଷ୍ଠୀକନ୍ଦଳ ଦେଖା ଦେଇଥିଲା ।

ଦାଉଦ ଯେତେବେଳେ ନିଜକୁ ବଙ୍ଗଳାର ସୁଲତାନ ବୋଲି ଘୋଷଣା କଲେ, ସେତେବେଳେ ମୋଗଲ ସେନାପତି ଖାଁ-ଇ-ଖାନନ୍ ମୁନିମ୍ ଖାଁ ଆକବରଙ୍କ ନିର୍ଦ୍ଦେଶରେ ବିହାର ପ୍ରଦେଶ ଅକ୍ତିଆର କରିବା ଉଦ୍ଦେଶ୍ୟରେ ଅଭିଯାନ ଚଳାଇଥିଲେ । ଗୁଜର ଖାଁ ବିହାରର ଅନ୍ୟାନ୍ୟ ପ୍ରଭାବଶାଳୀ ଆଫଗାନ୍ ସେନାପତିମାନଙ୍କ ସହିତ ମୋଗଲମାନଙ୍କର ପ୍ରତିରୋଧ କରିବାର କଥା ଥିଲା । ମାତ୍ର ସେ ପ୍ରତିରୋଧ କରିବା ବଦଳରେ ଆନୁଗତ୍ୟ ପ୍ରଦର୍ଶନର ମିଥ୍ୟା ଆଳ ଦେଖାଇ ମୋଗଲ ସେନାପତିଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କଲେ । ତେଣୁ ମୋଗଲ ବାହିନୀର ଅଗ୍ରଗତିକୁ ପ୍ରତିହତ କରିବା ପାଇଁ ଦାଉଦଙ୍କୁ ବାଧ୍ୟ ହୋଇ ବଙ୍ଗଳାରୁ ଆଗେଇ ଆସିବାକୁ ପଡ଼ିଲା । ଇତିମଧ୍ୟରେ ଖାଁ-ଇ-ଖାନନ୍‌ଙ୍କ ଦ୍ୱାରା ପରିଚାଳିତ ବିରାଟ ମୋଗଲ ବାହିନୀ ସତର୍କତାର ସହିତ ପଡ଼ୋଶୀ ପାଟନା ରାଜ୍ୟରେ ପହଞ୍ଚି ସାରିଥିଲେ । ନିଜେ ଆକବର ମଧ୍ୟ କମାଣ ଓ ଯୁଦ୍ଧହସ୍ତୀମାନଙ୍କ ସହିତ ଏକ ବିରାଟ ନୌବହରରେ ଆସି ସେଠାରେ ପହଞ୍ଚି ଯାଇଥିଲେ । ବିରାଟ ମୋଗଲ ବାହିନୀର ଆକ୍ରମଣରେ ଦାଉଦଙ୍କ ଆଫଗାନ୍ ବାହିନୀ ପରାଜିତ ହେଲେ ଓ ୧୫୭୪ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୬ ତାରିଖ ଦିନ ଦାଉଦ ଛତ୍ରଭଙ୍ଗ ଦେଇ ବଙ୍ଗଳାକୁ ପଳାୟନ କଲେ ।

ପାଟନା ଅଧିକାର କରିସାରି ମୋଗଲ ସୈନ୍ୟମାନେ ବଙ୍ଗଳା ଆଡ଼କୁ ଅଗ୍ରସର ହେଲେ । ଆକବର ନିଜେ ଆଫଗାନମାନଙ୍କୁ ଅନୁଧାବନ କରିଥିଲେ । ମାତ୍ର କେତେକ ଜରୁରୀ କାର୍ଯ୍ୟୋପଲକ୍ଷେ ତାଙ୍କୁ ରାଜଧାନୀକୁ ଫେରିଯିବାକୁ ପଡ଼ିବାରୁ ବଙ୍ଗଳା ଅଧିକାର ଅଭିଯାନର ଦାୟିତ୍ୱ ମୁନିମ୍ ଖାଁଙ୍କ ଉପରେ ନ୍ୟସ୍ତ ହେଲା । ମୁନିମ୍ ଖାଁଙ୍କ ନେତୃତ୍ୱରେ ମୋଗଲବାହିନୀ ଛତ୍ରଭଙ୍ଗ ଦେଇ ପଳାୟନ କରୁଥିବା ଆଫଗାନ୍ ବାହିନୀକୁ ପ୍ରବଳ ବେଗରେ ଅନୁଧାବନ କରିବାକୁ ଲାଗିବାରୁ ଆଫଗାନ୍‌ମାନେ ଦ୍ରୁତବେଗରେ ବଙ୍ଗଳାର ରାଜଧାନୀ ଟାଣ୍ଡାଆଡ଼କୁ ପଳାଇଗଲେ । ୧୫୭୪ ଖ୍ରୀଷ୍ଟାବ୍ଦ ସେପ୍‌ଟେମ୍ବର ୨୮ ତାରିଖ ଦିନ ଟାଣ୍ଡା ମଧ୍ୟ ମୋଗଲମାନଙ୍କର କରଗତ ହେଲା ।

ବଙ୍ଗଳାରୁ ବିତାଡ଼ିତ ହୋଇ ଦାଉଦ ଓଡ଼ିଶା ଆଡ଼କୁ ପଳାଇ ଆସିଥିଲେ । ତେଣୁ ଖାଁ-ଇ-ଖାନନ୍ ଆଫଗାନ୍‌ମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ

Digitized by PPRACHIN, SOA

ଅନୁଧାବନ କରିବା ପାଇଁ ରାଜା ତୋଡ଼ରମଲ୍ଲଙ୍କୁ ପରାମର୍ଶ ଦେଲେ । ତୋଡ଼ରମଲ୍ଲ ଦ୍ରୁତବେଗରେ ମାଣ୍ଡାରନ ଦିଗରେ ଅଭିଯାନ ଚଳାଇଲେ । ସେଠାରେ ସେ ଜାଣିବାକୁ ପାଇଲେ ଯେ ଦାଉଦ ଦିନ୍‌କେଶରୀ ନାମକ ଏକ ସ୍ଥାନରେ ସୈନ୍ୟ ସଂଗ୍ରହରେ ବ୍ୟସ୍ତ ଅଛନ୍ତି । ରାଜା ତୋଡ଼ରମଲ୍ଲ ମାଣ୍ଡାରନଠାରେ ଅଟକି ରହିଲେ । ତାଙ୍କ ଅଧୀନସ୍ଥ ସେନାବାହିନୀ ଶତ୍ରୁକୁ ପରାସ୍ତ କରିବା ପାଇଁ ଯଥେଷ୍ଟ ହେବ ନାହିଁ ବୋଲି ଅନୁମାନ କରି ଆଉ ଅଧିକ ସୈନ୍ୟ ପଠାଇବା ପାଇଁ ସେ ଖାଁ-ଇ-ଖାନନ୍‌ଙ୍କୁ ସମ୍ବାଦ ଜଣାଇଥିଲେ । ତଦନୁସାରେ ଖାଁ-ଇ-ଖାନନ୍ ମୁହାମଦ କୁଲିଖାଁ ବାରଲାସ୍‌ଙ୍କ ନେତୃତ୍ୱରେ ଆଉ କେତେକ ସୈନ୍ୟ ପ୍ରେରଣ କରିଥିଲେ । ଅଧିକ ସୈନ୍ୟ ପହଞ୍ଚିବା ପରେ ମିଳିତ ମୋଗଲ ସେନାବାହିନୀ ଗୋଆଲପଡ଼ା ଆଡ଼କୁ ଅଗ୍ରସର ହୋଇଥିଲେ । ଦାଉଦ ଏ ଖବର ଜାଣିଥିଲେ ମଧ୍ୟ ଧରପୁରଠାରେ ଶିବିର ସ୍ଥାପନ କରିଥିଲେ । ଦିନ୍‌କେଶରୀଠାରେ ଥିବା ଦାଉଦଙ୍କ କକାପୁଅ ଭାଇ ଜୁନାଇଦ୍ ସେଠାରେ ମୋଗଲ ଆକ୍ରମଣକୁ ପ୍ରତିହତ କରିବାପାଇଁ କାର୍ଯ୍ୟକ୍ରମ ସ୍ଥିର କରିଥିଲେ ।

ରାଜା ତୋଡ଼ରମଲ୍ଲ ଜୁନାଇଦଙ୍କ ଯୋଜନାକୁ ଭଣ୍ଡୁର କରିବା ପାଇଁ ଆବୁଲ କରିମ୍ ଏବଂ ନାଜାଇ ବାହାଦୁରଙ୍କୁ ପ୍ରେରଣ କରିଥିଲେ । ମାତ୍ର ମୋଗଲ ବାହିନୀର ଆଗୁଆ ସୈନ୍ୟଦଳର ଅଗ୍ରଗତି ଜୁନାଇଦଙ୍କ ହାତରେ ପ୍ରତିହତ ହେଲା । ଏହି ପରାଜୟର ସମ୍ବାଦ ପାଇ ରାଜା ତୋଡ଼ରମଲ୍ଲ ନିଜେ ଏକ ବିରାଟ ସେନାବାହିନୀ ସହ ମେଦିନାପୁର ଆଡ଼କୁ କ୍ଷିପ୍ରଗତିରେ ମାଡ଼ି ଚାଲିଲେ । କିନ୍ତୁ ମୋଗଲ ସୈନ୍ୟମାନେ ନିକଟତର ହେବାରୁ ଜୁନାଇଦ ଜଙ୍ଗଲକୁ ଲୁଚି ପଳାଇଥିଲେ ।

ଏହାପରେ ରାଜା ତୋଡ଼ରମଲ୍ଲ ମେଦିନାପୁରରେ ଆଫଗାନ୍ ସୈନ୍ୟମାନଙ୍କର କୌଣସି ପତ୍ତା ନ ପାଇ ମାଣ୍ଡାରନ୍‌କୁ ଫେରି ଆସିଥିଲେ । ଏଠାରୁ ସେ ଜାଣିବାକୁ ପାଇଲେ ଯେ ଦାଉଦ କଟକ ବନାରସ ଦୁର୍ଗ ଆଡ଼କୁ ଯାଇଛନ୍ତି । ତେଣୁ ରାଜା ତୋଡ଼ରମଲ୍ଲ ଖାଁ-ଇ-ଖାନନ୍‌ଙ୍କ ସହିତ ସେନାବାହିନୀକୁ ସଙ୍ଗଠିତ କରି ଦାଉଦଙ୍କ ସମ୍ମୁଖୀନ ହେବାକୁ ଯୋଜନା ପ୍ରସ୍ତୁତ କଲେ । ମୋଗଲ ଏବଂ ଆଫଗାନ୍ ସୈନ୍ୟମାନେ ତୁକାରୋଇ ନାମକ ଏକ ସ୍ଥାନରେ ପରସ୍ପରର ସମ୍ମୁଖୀନ ହେଲେ ।

ଆଫଗାନ୍‌ମାନେ ପ୍ରଥମେ ମୋଗଲମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଥିଲେ । ମୋଗଲମାନେ ମଧ୍ୟ ଆକ୍ରମଣର ମୁକାବିଲା କରିବାକୁ ଯାଇ ଶତ୍ରୁ ସୈନ୍ୟଙ୍କ ଉପରକୁ ଗୁଳି ଚଳାଇଥିଲେ । ଏହାଫଳରେ ଆଫଗାନ୍ ସୈନ୍ୟମାନଙ୍କ ଆଗରେ ଅବସ୍ଥାପିତ ହାତୀମାନେ ନିଜ ସ୍ଥାନରୁ ହଟି ଯାଇଥିଲେ । ମସ୍କେଟ୍ ବନ୍ଧୁକଧାରୀ ମୋଗଲ ସୈନ୍ୟମାନେ ଆଫଗାନମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ । ପରିସ୍ଥିତି ଦେଖି ଆଫଗାନ୍ ସେନାପତି ଗୁଜର ଖାଁ ସାହସର ସହ ପ୍ରାଣମୂର୍ଚ୍ଛା ପ୍ରତିଆକ୍ରମଣ କରିଥିଲେ ଏବଂ

Digitized by PPRACHIN, SOA

ଅଲ୍‌ତାନାସ୍ ଖାଁ-ଇ-ଆଲାମ୍ ନାମକ ଜନୈକ ଶକ୍ତିଶାଳୀ ଆଫଗାନ୍ ସେନାପତିଙ୍କ ମୃତ୍ୟୁ ଘଟାଇଥିବା ଆଗୁଆ ମୋଗଲ ସେନାବାହିନୀକୁ ପଛକୁ ହଟାଇ ଦେଇଥିଲେ । ଗୁଜର ଖାଁ ଏତେ ପ୍ରବଳବେଗରେ ଯୁଦ୍ଧ ଚଳାଇଥିଲେ ଯେ ଖାଁ-ଇ-ଖାନନ୍ ଆହତ ହୋଇ ଯାଇଥିଲେ ଏବଂ ତାଙ୍କ ଘୋଡ଼ା ଭୟଭୀତ ହୋଇ ପଳାଇ ଯାଇଥିଲା । କେତେକ ଆଫଗାନ ଅର୍ଦ୍ଧକ୍ରୋଶ ପର୍ଯ୍ୟନ୍ତ ତାଙ୍କର ପଶ୍ଚାତ୍‌ଧାବନ କଲେ । ମାତ୍ର କିୟ ଖାଁ ନାମକ ଜନୈକ ମୋଗଲ ସେନାପତି ଅନୁଧାବନ କରୁଥିବା ଆଫଗାନମାନଙ୍କୁ ତୀର ସାହାଯ୍ୟରେ ଆକ୍ରମଣ କରିବାରୁ ଆଫଗାନମାନେ ଆଉ ଅଧିକ ଦୂର ପର୍ଯ୍ୟନ୍ତ ଖାଁ-ଇ-ଖାନନ୍‌ଙ୍କୁ ଅନୁଧାବନ କରିପାରିଲେ ନାହିଁ । ଅନ୍ୟାନ୍ୟ ଆଫଗାନ ସୈନ୍ୟବାହିନୀ ମୋଗଲମାନଙ୍କ ସହିତ ଯୁଦ୍ଧ ଅବ୍ୟାହତ ରଖିଲେ । ଦୁଇପକ୍ଷ ମଧ୍ୟରେ ସଂଘଟିତ ଏହି ଯୁଦ୍ଧରେ ଗୁଜର ଖାଁ ତୀରବିଦ୍ଧ ହୋଇ ମୃତ୍ୟୁବରଣ କଲେ । ଏହାଫଳରେ ଆଫଗାନ ଶିବିରରେ କିଛିଟା ଆତଙ୍କ ସୃଷ୍ଟି ହେଲା, ତେଣୁ କେତେକ ଆଫଗାନ ସୈନ୍ୟ ପୃଷ୍ଠଭଙ୍ଗ ଦେଇ ପଳାୟନ କଲେ ।

ରାଜା ତୋଡ଼ରମଲ୍ଲ, ଖାଁ-ଇ-ଖାନନ୍ ଏବଂ ଅନ୍ୟ ମୋଗଲ ସୈନ୍ୟମାନେ ଠିକ୍ ସମୟରେ ଯୁଦ୍ଧ ଚାଲୁ ରଖିଥିବା ଅବଶିଷ୍ଟ ଆଫଗାନ ସୈନ୍ୟମାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରି ଦେଇଥିଲେ । ପୁନଶ୍ଚ ମୋଗଲମାନଙ୍କ ପକ୍ଷରୁ ଅବିରତ ତୀର ନିକ୍ଷେପ ଫଳରେ ଆଫଗାନମାନଙ୍କ ହସ୍ତୀମାନେ ଭୟଭୀତ ହୋଇ ସେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ । ଆଫଗାନ ସୈନ୍ୟବାହିନୀ ଛତ୍ରଭଙ୍ଗ ଦେବାରୁ ବିପୁଳ ପରିମାଣର ଯୁଦ୍ଧ ସରଞ୍ଜାମ ମୋଗଲମାନଙ୍କ ହସ୍ତଗତ ହେଲା । ଖାଁ-ଇ-ଖାନନ୍ ଆଫଗାନମାନଙ୍କୁ ପରାସ୍ତ କରି ବିଜୟ ଉତ୍ସବ ପାଳନ କଲେ ଏବଂ ଏକଥା ଦିଲ୍ଲୀ ସମ୍ରାଟଙ୍କୁ ଜଣାଇ ଦେଇଥିଲେ । ବନ୍ଦୀ କରା-ଯାଇଥିବା ଅନେକ ଆଫଗାନଙ୍କୁ ହତ୍ୟା କରାଯାଇଥିଲା । ଇତିମଧ୍ୟରେ ଭୀତତ୍ରସ୍ତ ହୋଇ ଦାଉଦ କଟକକୁ ପଳାଇ ଯାଇଥିଲେ ।

ଦାଉଦଙ୍କୁ ବିତାଡ଼ିତ କରି ଖାଁ-ଇ-ଖାନନ୍ ଶତ୍ରୁ ସହିତ ଯୁଦ୍ଧ ସମୟରେ ହୋଇଥିବା କ୍ଷତଗୁଡ଼ିକର ଚିକିତ୍ସା ପାଇଁ କିଛିଦିନ ବଙ୍ଗଳାରେ ଅବସ୍ଥାନ କଲେ ଏବଂ ସେ ସେଠାରେ ଏକ ବୈଠକ ଡକାଇ ରାଜା ତୋଡ଼ରମଲ୍ଲ, ସାବନ ଖାଁ, ଜଲାୟର ଖାଁ, ସୟଦ ଅବଦୁଲ୍ଲା ଖାଁ, ମହମ୍ମଦ କୁଲି ଖାଁ, ଲୁକୁବାଇ ଏବଂ ସୟଦ ବଦକ୍ଷି ପ୍ରଭୃତି ଖ୍ୟାତନାମା ମୋଗଲ ସେନାପତିମାନଙ୍କୁ ଦାଉଦଙ୍କ ପଶ୍ଚାତ୍‌ଧାବନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । କ୍ଷତ ଉପଶମ ହେଲାକ୍ଷଣି ଖାଁ-ଇ-ଖାନନ୍ ନିଜେ ମଧ୍ୟ ଓଡ଼ିଶାରେ ଆଫଗାନମାନଙ୍କ ଉପରେ ଆକ୍ରମଣ ଚଳାଇବେ ବୋଲି ଏହି ବୈଠକରେ ସ୍ଥିରୀକୃତ ହେଲା । ସୈନ୍ୟବାହିନୀର ନେତୃତ୍ୱ ନେଇ ତୋଡ଼ରମଲ୍ଲ ଭଦ୍ରକର କଳକଳା ଘାଟି ରୂପେ ପରିଚିତ ଏକ ସ୍ଥାନରେ ପହଞ୍ଚିଥିଲେ । ସେଠାରେ ଛାଉଣି ପକାଇଥିବା (ଅବସ୍ଥାନ କରୁଥିବା) ସମୟରେ ଗୁପ୍ତଚର-ମାନଙ୍କଠାରୁ ସେ ଅବହିତ ହେଲେ ଯେ ଦାଉଦ ଓ ଅନ୍ୟ ଆଫଗାନମାନେ ନିଜ ନିଜର

Digitized by PPRACHIN, SOA

ପରିବାର ତଥା ପିଲାମାନଙ୍କୁ କଟକ ବନାରସ (ବାରବାଟୀ) ଦୁର୍ଗରେ ରଖିଅଛନ୍ତି ଏବଂ ସେହି ଅଞ୍ଚଳରୁ ଯୁଦ୍ଧ ସାମଗ୍ରୀ ସଂଗ୍ରହ କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଅଛନ୍ତି । ତେଣୁ ରାଜା ତୋଡ଼ରମଲ୍ଲ ସେ କଥା ଖାଁ-ଇ-ଖାନନ୍‌ଙ୍କୁ ଜଣାଇଦେଲେ । ଖାଁ-ଇ-ଖାନନ୍ ମହାନଦୀ ନିକଟରେ ପହଞ୍ଚିବା ପରେ ହିଁ ମୋଗଲ ସୈନ୍ୟବାହିନୀ ବାରବାଟୀଦୁର୍ଗ ଅଧିକାର ନିମନ୍ତେ ପ୍ରସ୍ତୁତ ହେଲେ ।

ଦାଉଦ ମୋଗଲମାନଙ୍କ ହାତରେ ବହୁବାର ପରାସ୍ତ ହୋଇଥିଲେ ଏବଂ ତାଙ୍କର ଜନୈକ ମୁଖ୍ୟ ସେନାପତି ଗୁଜର ଖାଁଙ୍କ ହତ୍ୟାଜନିତ ମୃତ୍ୟୁ ଘଟିଥିଲା । ତେଣୁ ସେ ନିରୁତ୍ସାହିତ ଓ ନିରାଶ ହୋଇ ପଡ଼ିଥିଲେ ଏବଂ ଏହି ପରିସ୍ଥିତିରେ ଖାଁ-ଇ-ଖାନନ୍‌ଙ୍କ ଶିବିରକୁ ଏକ ବାର୍ତ୍ତାଦେଇ ଜଣେ ଦୂତଙ୍କୁ ପ୍ରେରଣ କରିଥିଲେ । "ଗୋଟିଏ ମୁସଲମାନ ଗୋଷ୍ଠୀକୁ ମୂଳୋତ୍ପାଟନ କରିବାକୁ ଚେଷ୍ଟା କରିବା ମହାନ୍ ପନ୍ଥା ନୁହେଁ । ଏହି ଦାସ (ସେ ନିଜେ) ଈଶ୍ୱର ଦୂତଙ୍କ ନିକଟବର୍ତ୍ତୀ ଦ୍ୱାରଦେଶରେ ଅନ୍ୟ ଦାସମାନଙ୍କ ଭଳି ସେବା କରିବାକୁ ଚାହେ । ତେଣୁ ପ୍ରାର୍ଥନା ଏହି ଯେ ବିସ୍ତୃତ ବଙ୍ଗ ସାମ୍ରାଜ୍ୟରୁ ସେମାନଙ୍କ ଭରଣପୋଷଣ ନିମନ୍ତେ ଯଥେଷ୍ଟ ହେଉଥିବା ଖଣ୍ଡିଏ ଛୋଟ ଅଂଶ ସେମାନଙ୍କ ପାଇଁ ପ୍ରଦାନ କରାଯାଉ, ତା'ହେଲେ ସେଇଥିରେ ସନ୍ତୁଷ୍ଟ ରହି ସେମାନେ ସେବା କରିବାରୁ ବିମୁଖ ହେବେ ନାହିଁ ।" ଖାଁ-ଇ-ଖାନନ୍ ଏହି ଅନୁରୋଧ ବିଚାର କଲେ ଏବଂ ପ୍ରସ୍ତାବକୁ ଗ୍ରହଣ କରିନେଲେ । ମାତ୍ର ଏଥିପାଇଁ ସର୍ତ୍ତ ରହିଲା ଯେ ଦାଉଦ ତାଙ୍କ ନିକଟକୁ ନିଜେ ଆସି ତାଙ୍କ ପାଖରେ ଆନୁଗତ୍ୟ ସ୍ୱୀକାର କରିବେ । ଦାଉଦ ଏହି ସର୍ତ୍ତ ମାନି ନେଲେ । ପରଦିନ ସମସ୍ତ ମୋଗଲ ଅମୀର ଶିବିରରେ ଏକତ୍ର ହୋଇଥିଲେ । ୧୫୭୫ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ୧୨ ତାରିଖ ଦିନ ଦାଉଦ ନିଜର ଉଚ୍ଚପଦସ୍ଥ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ବାରବାଟୀ ଦୁର୍ଗରୁ ବାହାରି ମୋଗଲ ଶିବିରରେ ପହଞ୍ଚିଲେ । ଖାଁ-ଇ-ଖାନନ ତାଙ୍କୁ ସମ୍ମାନର ସହିତ ସ୍ୱାଗତ ଜଣାଇଥିଲେ । ଦାଉଦ ନିଜ କମରପଟିରୁ ତରବାରୀ ନିଷ୍କାସନପୂର୍ବକ ଖାଁ-ଇ-ଖାନନଙ୍କୁ ଅର୍ପଣ କଲେ ଏବଂ ଖାଁ-ଇ-ଖାନନ ତାଙ୍କ ହାତ ଧରିନେଇ ନିଜ ପାଖରେ ବସାଇଥିଲେ । କିଛି ସମୟ ଆଲୋଚନା ପରେ ଦାଉଦ ମୋଗଲ ସେନାପତିଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ ।

ଦାଉଦ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ମୋଗଲ ସମ୍ରାଟଙ୍କ ପ୍ରତି ବିଶ୍ୱାସଘାତକତା କରିବେ ନାହିଁ । ଏଥିରେ ସନ୍ତୁଷ୍ଟ ହୋଇ ଖାଁ-ଇ-ଖାନନ୍ ଦାଉଦଙ୍କୁ ଏକ ତରବାରୀ ଏବଂ ମଣିମୁକ୍ତାଖଚିତ ଏକ ମୂଲ୍ୟବାନ କମରପଟି (ବେଲ୍‌ଟ) ଦେଇ ପୁରସ୍କୃତ କରିଥିଲେ । ଏହାପରେ ସେ ଘୋଷଣାକଲେ ଯେ ଦାଉଦଙ୍କୁ ତାଙ୍କ କର୍ମଚାରୀଶ୍ରେଣୀ ଅନ୍ତର୍ଭୁକ୍ତ କରାଗଲା ଏବଂ ସେ ଜଣେ ଅନୁଗତ ଅଫିସର ହୋଇ ରହିବେ । ସେ ତାଙ୍କ ଭରଣପୋଷଣ ପାଇଁ ଅର୍ଥ ଦେଇ ତାଙ୍କଠାରୁ ବିଦାୟ ନେଇଥିଲେ ଏବଂ ବଙ୍ଗଳା ଫେରିଯାଇ

Digitized by PPRACHIN, SOA

ଟାଣ୍ଡାରେ ପହଞ୍ଚିଲେ । ଦାଉଦଙ୍କ ବିରୁଦ୍ଧରେ ମୋଗଲମାନଙ୍କ ବିଜୟ ସମ୍ବାଦ ପାଇ ଆକବର ଅତି ଆନନ୍ଦିତ ହେଲେ ଏବଂ ଖାଁ-ଇ-ଖାନନ୍‌ଙ୍କୁ ସମ୍ମାନିତ କରି ସ୍ୱର୍ଣ୍ଣଖଚିତ ଜିନ୍ ସହିତ ଏକ ଅଶ୍ୱ ତାଙ୍କ ପାଇଁ ପଠାଇଥିଲେ ।

କଟକଠାରେ ଦାଉଦଙ୍କ ବିରୁଦ୍ଧରେ ବିଜୟ ହାସଲ ପରେ ଖାଁ-ଇ-ଖାନନ୍ ଆଫଗାନ୍ ଶାସକମାନଙ୍କ କରଗତ ହୋଇଥିବା ଘୋଡ଼ାଘାଟ ଇଲାକାର ପୁନରୁଦ୍ଧାର ପାଇଁ ତତ୍ପର ହୋଇ ପଡ଼ିଥିଲେ । ଅବଶ୍ୟ ପ୍ରାଚୀନ ଗୌଡ଼ ରାଜଧାନୀ ଖାଁ-ଇ-ଖାନନ୍‌ଙ୍କ କରଗତ ହୋଇଥିଲା । ମାତ୍ର ସେ ସ୍ଥାନର ସନ୍ତସନ୍ତିଆ ଅସ୍ୱାସ୍ଥ୍ୟକର ଜଳବାୟୁ ଏହି ବୟଃବୃଦ୍ଧ ମୋଗଲ ସେନାପତିଙ୍କ ପ୍ରତି ଅନୁକୂଳ ହେଲା ନାହିଁ । ପରିଣାମସ୍ୱରୂପ ୧୫୭୫ ଖ୍ରୀଷ୍ଟାବ୍ଦ ଅକ୍‌ଟୋବର ୨୩ ତାରିଖ ଦିନ ସେ ପ୍ରାଣତ୍ୟାଗ କରିଥିଲେ । ମୃତ୍ୟୁବେଳକୁ ତାଙ୍କର ବୟସ ୮୦ ବର୍ଷରୁ ଅଧିକ ହୋଇଥିଲା ।

ତାଙ୍କ ମୃତ୍ୟୁ ପରେ ଆକବର ଏହି ପ୍ରଦେଶର ରାଜପ୍ରତିନିଧିତ୍ୱ ପଦବୀ ହୁସେନ୍ କୁଲି ବେଗ୍‌ଙ୍କ ଉପରେ ନ୍ୟସ୍ତ କଲେ । ସେ ଖାଁ-ଇ-ଜାହାନ୍ ନାମରେ ପରିଚିତ ହେଲେ । ଆଫଗାନ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଚଳାଇବା ନିମିତ୍ତ ସେ ରାଜା ତୋଡ଼ରମଲ୍ଲଙ୍କ ସହାୟତା ଲାଭ କଲେ । ବଙ୍ଗଳାରେ ଥିବା ସମ୍ରାଟଙ୍କର ଅନେକ ସୁନି ଓ ତୁର୍କୀ ସମ୍ପ୍ରଦାୟ-ଭୁକ୍ତ ସେନାପତି ବେଳେବେଳେ ତାଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଅସ୍ୱୀକାର କରୁଥିଲେ । ତୋଡ଼ରମଲ୍ଲଙ୍କ ଆପୋଷ ମିଳାମିଶା ଉଦ୍ୟମ କେତେକ ପରିମାଣରେ ଏହି ମତଭେଦ ଦୂର କରିବାରେ ସାହାଯ୍ୟ କରିଥିଲା ।

ବଙ୍ଗଳାରୁ ବିତାଡ଼ିତ ହେବାପରେ ଦାଉଦ ଓଡ଼ିଶାରେ ନିଜର ଆସ୍ଥାନ ଦୃଢ଼ କରି ନେଇଥିଲେ । ଭଦ୍ରକ ବା ବାଲେଶ୍ୱରଠାରେ ଆସ୍ଥାନ ଜମାଇ ସେ ସମଗ୍ର ବଙ୍ଗଳା ଉପରେ ନିଜର କର୍ତ୍ତୃତ୍ୱ ପୁନଃ ଜାହିର କରିବାରେ ସଫଳ ହୋଇ ପାରିଥିଲେ ।

ଆଫଗାନ୍‌ମାନଙ୍କର ବିଦ୍ରୋହ ଓ ବେଖାତିର ମନୋବୃତ୍ତିରେ କ୍ଷୁବ୍ଧ ହୋଇ ଖାଁ-ଇ-ଜାହାନ୍, ରାଜା ତୋଡ଼ରମଲ୍ଲଙ୍କ ସହିତ ନିଜେ ଯୁଦ୍ଧ-ଅଭିଯାନ ଯୋଜନା ସ୍ଥିର କଲେ ଏବଂ ତଦନୁସାରେ ବଙ୍ଗଳା ଓ ବିହାରରୁ ଆଫଗାନମାନଙ୍କୁ ବିତାଡ଼ିତ କରିବା ନିମନ୍ତେ ମୋଗଲ ସୈନ୍ୟବାହିନୀକୁ ପରାମର୍ଶ ଦିଆଯାଇଥିଲା । ଦାଉଦ ରାଜମହଲଠାରେ ସମ୍ରାଟଙ୍କ ସୈନ୍ୟବାହିନୀକୁ ଦୃଢ଼ ପ୍ରତିରୋଧ କରିଥିଲେ । ବଙ୍ଗଳାର ସୈନ୍ୟମାନଙ୍କୁ ସାହାଯ୍ୟ କରିବାପାଇଁ ଆକବରଙ୍କ ଦ୍ୱାରା ପ୍ରେରିତ ବିହାର ସୈନ୍ୟମାନେ ରାଜମହଲଠାରେ ୧୫୭୬ ଖ୍ରୀଷ୍ଟାବ୍ଦ ଜୁଲାଇମାସ ୧୦ ତାରିଖ ଦିନ ପହଞ୍ଚିଲେ । ଦୁଇଦିନ ପରେ ଆଫଗାନ ଏବଂ ମୋଗଲ ସୈନ୍ୟମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହେଲା । ଏଥିରେ ଆଫଗାନମାନେ ଶୋଚନୀୟ ଭାବରେ ପରାସ୍ତ ହେଲେ ଓ ତାଙ୍କର ପ୍ରାୟ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା । କମାଣଗୁଳା ବାଜିବାରୁ ଜୁନାଇଦ ନିହତ ହେଲେ, ଦାଉଦଙ୍କୁ ବନ୍ଦୀ

Digitized by PPRACHIN, SOA

କରାଗଲା ଏବଂ ସର୍ତ୍ତଭଙ୍ଗକାରୀ ଥିବାରୁ ତାର ଉପଯୁକ୍ତ ଦଣ୍ଡସ୍ୱରୂପ ତାଙ୍କ ଶିରଚ୍ଛେଦ କରାଗଲା । କେବଳ କଳାପାହଡ଼ ଓ କୁତ୍‌ଲୁ ଲୋହାନୀ ପଳାୟନ କରି ରକ୍ଷା ପାଇଗଲେ । କିନ୍ତୁ କଳାପାହାଡ଼ କ୍ଷତବିକ୍ଷତ ହୋଇ ପଡ଼ିଥିଲେ ।

ଦାଉଦଙ୍କ ମୃତ୍ୟୁ ପରେ ଆଫଗାନମାନଙ୍କ ଏକତା କ୍ଷେତ୍ରରେ ବିଶୃଙ୍ଖଳ ପରିସ୍ଥିତି ଦେଖାଦେଲା । ଯଦିଓ ଆଫଗାନ ଦଳପତିମାନେ ପୁଣି ଥରେ ବଙ୍ଗଳା ଅକ୍ତିଆର କରିବାକୁ ଉଦ୍ୟମ କରୁଥିଲେ, ତଥାପି ଓଡ଼ିଶା ଉପରେ ସେମାନଙ୍କର ଆଧିପତ୍ୟ ଦୁର୍ବଳ ହୋଇ ପଡ଼ିଥିଲା ଏବଂ ସେମାନେ ଲୋକପ୍ରିୟତା ହରାଇଥିଲେ । ଦାଉଦଙ୍କର ଜନୈକ ପ୍ରତିନିଧି କିୟା ଖାଁ ହାସନ୍‌ଙ୍କୁ ଓଡ଼ିଶାରେ ବିଷ ପ୍ରୟୋଗ କରାଯାଇଥିଲା । ପଡ଼ୋଶୀ ଜମିଦାରମାନେ ବିଦ୍ରୋହ ଘୋଷଣା କଲେ । ଫଳରେ କିଛିକାଳ ନିମନ୍ତେ ଅରାଜକତା ଦେଖାଦେଇଥିଲା । ଏହି ସୁଯୋଗରେ ଦାଉଦ କରାନିଙ୍କର ଜନୈକ ଅଫିସର କୁତ୍‌ଲୁ ଲୋହାନି ଓଡ଼ିଶା ରାଜ୍ୟକୁ ନିଜ ଦଖଲକୁ ନେଇଯିବା ପାଇଁ ଉଦ୍ୟମ କଲେ । ଓଡ଼ିଶା ଅଞ୍ଚଳରେ ନିଜର କର୍ତ୍ତୃତ୍ୱ ପ୍ରତିଷ୍ଠା କରି ସାରି ସେହି ସ୍ଥାନରୁ ସେ ହୁଗୁଳିଆଡ଼କୁ ଅଭିଯାନ ଚଳାଇଥିଲେ ଏବଂ ସାଲିମାବାଦ-ଠାରେ ସେଠାକାର ମୋଗଲ ଫଉଜଦାର ମହମ୍ମଦ ନିଜାତ୍ ଖାଁଙ୍କୁ ପରାସ୍ତ କରିଥିଲେ । ଏହାପରେ ମଙ୍ଗଳକୋଟଠାରେ ମଧ୍ୟ ଆଉ ଏକ ମୋଗଲ ସେନାବାହିନୀକୁ ଦମନ କରିଥିଲେ । ପୁନଶ୍ଚ, ସେ ତାଙ୍କ ଶାସନର ବିରୋଧ କରୁଥିବା କଙ୍କ ନାମକ ଆଉଜଣେ କିୟା ଖାଁଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ ।

ବଙ୍ଗଳା ଏବଂ ଓଡ଼ିଶାରେ ଏହି ବିଦ୍ରୋହ ସମ୍ବାଦ ପାଇ ଆକବର ଖାଁ-ଇ-ଆଜମ୍‌ଙ୍କୁ ବଙ୍ଗଳା ପ୍ରେରଣ କରିଥିଲେ । ଏହି ଅଞ୍ଚଳର ପୁନର୍ଦଖଲ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇ-ଥିଲା । ଆହ୍ଲାବାଦ, ଅଯୋଧ୍ୟା ଏବଂ ବିହାରର ମୋଗଲ ସୈନ୍ୟମାନଙ୍କୁ ନେଇ ଏକ ବିରାଟ ସେନାବାହିନୀ ଗଠନ ପାଇଁ ସ୍ଥିର ହେଲା ଏବଂ ସେମାନେ ହାଜିପୁର ନିକଟରେ ମିଳିତ ହୋଇଥିଲେ । ଖାଁ-ଇ-ଆଜମ ମୁଙ୍ଗେର ଓ କୋହଲଗାଓଁ ବାଟ ଦେଇ କଟିଗଙ୍ଗକୁ ଯାତ୍ରା କରିଥିଲେ । ଆଫଗାନ ବିଦ୍ରୋହୀମାନେ ଓଡ଼ିଶା ଓ ଦକ୍ଷିଣ ବଙ୍ଗଳାର କୁତ୍‌ଲୁ ଏବଂ ଉତ୍ତର ବଙ୍ଗଳାର କାକ୍‌ଶଲମାନଙ୍କ ସହିତ ଚୁକ୍ତି ସମ୍ପାଦନ କରିଥିବା ମସୁମ୍ କବୁଲାଇଙ୍କ ନେତୃତ୍ୱରେ ମୋଗଲ ବିରୋଧୀ ଆୟୋଜନ କରିଥିଲେ ଏବଂ ୧୫୮୩ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୨୭ ତାରିଖ ଦିନ ସେମାନେ ଖାଁ-ଇ-ଆଜମ୍‌ଙ୍କ ସମ୍ମୁଖୀନ ହେବାଲାଗି ପ୍ରସ୍ତୁତ ହେଲେ । ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ହେଲା । ମୋଗଲମାନଙ୍କ ଉତ୍କୃଷ୍ଟ ସାମରିକ କୌଶଳ ଏବଂ ଆଫଗାନ-ମାନଙ୍କ ମଧ୍ୟରେ ମତଭେଦ ହେତୁ ଏହି ଯୁଦ୍ଧରେ ଆଫଗାନମାନଙ୍କର ପରାଜୟ ଘଟିଲା । ଏହି ପରିସ୍ଥିତିରେ ମୋଗଲମାନଙ୍କ ସହିତ ଶାନ୍ତି ପ୍ରତିଷ୍ଠା ପାଇଁ କୁତ୍‌ଲୁ ରାଜି ହୋଇଥିଲେ । ମାତ୍ର ଖାଁ-ଇ-ଆଜମ୍ ବଙ୍ଗଳାର ଜଳବାୟୁରେ ପୀଡ଼ିତ ହୋଇ ଶତ୍ରୁ ପରାଜୟର ସୁବିଧା ନେଇପାରି ନ ଥିଲେ । ତେଣୁ ୧୫୮୩ ଖ୍ରୀଷ୍ଟାବ୍ଦ ମଇମାସ ୧୮ ତାରିଖ ଦିନ ଆକବର ତାଙ୍କୁ

Digitized by PPRACHIN, SOA

ସ୍ଥାନାନ୍ତର ହେବାକୁ ଆଦେଶ ଦେଲେ ଏବଂ ବଙ୍ଗଳାରେ ତାଙ୍କ ଉତ୍ତରାଧିକାରୀ ଭାବରେ ଶାହାବାଜ ଖାଁଙ୍କୁ ନିଯୁକ୍ତ କଲେ । ଇତିମଧ୍ୟରେ କୁତ୍‌ଲୁ ମୋଗଲମାନଙ୍କ ସହିତ ପ୍ରତାରଣା-ମୂଳକ ଶାନ୍ତି ଆଲୋଚନା ଭାଙ୍ଗି ସାରିଥିଲେ । ତେଣୁ ମୋଗଲମାନେ ଆଫଗାନମାନଙ୍କୁ ଆକ୍ରମଣ କରିବା ପାଇଁ ବର୍ଦ୍ଧମାନ ଆଡ଼କୁ ଅଗ୍ରସର ହୋଇଥିଲେ ଏବଂ ଦାମୋଦର ନଦୀ ଅତିକ୍ରମ କରି ତାହାର ଦକ୍ଷିଣକୂଳରେ ପରିଖାଦ୍ୱାରା ପ୍ରତିରୋଧ ଲିପ୍ତ କୁତ୍‌ଲୁଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ବ୍ୟୂହ ରଚନା କରିଥିଲେ । ଯୁଦ୍ଧରେ ଆଫଗାନ ସେନାପତି ବାହାଦୁର କୁରୁହ ପରାଜୟ ବରଣ କରିଥିଲେ (୧୫୮୩ ଖ୍ରୀଷ୍ଟାବ୍ଦ ଜୁଲାଇ ୧୫ ତାରିଖ) ମାତ୍ର ଓଡ଼ିଶାକୁ ପଳାଇଥିବା ଏହି ଆଫଗାନ ସୈନ୍ୟମାନଙ୍କୁ ଅନୁସରଣ କରିବାକୁ ମୋଗଲ ସୈନ୍ୟମାନେ ସାହସ କରିପାରିଲେ ନାହିଁ ।

ଓଡ଼ିଶା ସୀମାନ୍ତ ଉପରେ ଦୃଷ୍ଟି ରଖିବା ପାଇଁ ମୋଗଲମାନେ ସାତଗାଓଁକୁ ଏକ ସୈନ୍ୟଦଳ ପ୍ରେରଣ କଲେ । ମାତ୍ର ସେମାନେ ଦେଖିବାକୁ ପାଇଲେ ଯେ ମୋଗଲମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ କୁତ୍‌ଲୁ ପଠାଣମାନଙ୍କୁ ସଂଗଠିତ କରାଉଅଛନ୍ତି । ତେଣୁ ମୋଗଲମାନଙ୍କ ତରଫରୁ ଓ୍ୱାଜିର ଖାଁଙ୍କ ନେତୃତ୍ୱାଧୀନରେ ବଙ୍ଗଳାର ଏକ ସୈନ୍ୟବାହିନୀ ବର୍ଦ୍ଧମାନ ନିକଟରେ କୁତ୍‌ଲୁଙ୍କର ସମ୍ମୁଖୀନ ହେବାକୁ ବାହାରି ପଡ଼ିଥିଲେ । ମୋଗଲମାନଙ୍କ ସଙ୍ଗେ ସେଠାରେ ଯୁଦ୍ଧ ନ କରି ପଠାଣ ସର୍ଦ୍ଦାର କୁତ୍‌ଲୁ ଫୁକାରୋଇ ଆଡ଼କୁ ଅଗ୍ରସର ହେଲେ । ତା ପୂର୍ବରୁ ସେଠାରେ ସେ ନିଜ ପୁତୁରା ସହିତ ମୋଗଲମାନଙ୍କ ଆନୁଗତ୍ୟ ସ୍ୱୀକାର କରି ଉପହାରସ୍ୱରୂପ ୬୦ଟି ହାତୀ ପଠାଇଥିଲେ ।

ତଥାପି ମୋଗଲମାନେ ବଙ୍ଗଳା ପରିସ୍ଥିତି ନିଜ ଆୟତ୍ତକୁ ଆଣିପାରି ନ ଥିଲେ । କାରଣ ଶାହାବାଜ ଖାଁଙ୍କ ଅପାରଗତା ଏବଂ ମୋଗଲ ସେନାପତିମାନଙ୍କର ପରସ୍ପର ପ୍ରତି ଈର୍ଷାପରାୟଣତା କରାନିଙ୍କ ବିଜିତ ସେନାବାହିନୀର ଅଫିସରମାନଙ୍କୁ ଓଡ଼ିଶାରେ ଥିବା ସେମାନଙ୍କ ଆସ୍ଥାନରୁ ପୁଣି ଥରେ ବଙ୍ଗଳା ଦିଗରେ ଅଭିଯାନ ଚଳାଇବା ନିମନ୍ତେ ସୁଯୋଗ ଦେଇଥିଲା । ପରିଣାମତଃ ବର୍ଦ୍ଧମାନ ଜିଲ୍ଲା ଆଫଗାନମାନଙ୍କ ଦ୍ୱାରା ଆକ୍ରମିତ ହେଲା । ୧୫୮୬ ଖ୍ରୀଷ୍ଟାବ୍ଦରେ ପୁଣି ଥରେ ବଙ୍ଗଳାରେ ବିଦ୍ରୋହରେ ମାତି ଉଠୁଥିବା ଆଫଗାନମାନଙ୍କୁ ଦମନ କରିବା ନିମନ୍ତେ ଶାହାବାଜ ଖାଁଙ୍କ ନେତୃତ୍ୱରେ ଏକ ମୋଗଲ ସୈନ୍ୟବାହିନୀକୁ ପଠାଯାଇଥିଲା । ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲେ ମଧ୍ୟ ଆପୋଷ ମିଳାମିଶା ନୀତି ଅନୁସରଣ କରିବାକୁ ଯାଇ ସେ ଇସା ଖାଁଙ୍କ ସହିତ ଆଉ କେତେକ ଆଫଗାନମାନଙ୍କୁ ପ୍ରବର୍ତ୍ତାଇ ଥିଲେ ଯେ ତାଙ୍କ ଦଖଲରୁ ଯାହାକିଛି ରାଜ୍ୟ ଗ୍ରଲିଯାଇଛି ତାହା ଓ୍ୱାପସ୍ କରିଦେଲେ ମୋଗଲ-ମାନଙ୍କ ସଙ୍ଗେ ଶାନ୍ତି ସ୍ଥାପନ କରାଯାଇପାରିବ । ଏ ପ୍ରସ୍ତାବ କେତେକ ଆଫଗାନ ନେତାମାନଙ୍କୁ ପସନ୍ଦ ହେଲା । ଆଫଗାନ ନେତା ମସୁମ୍ କବୁଲାଇ ନିଜ ପୁଅକୁ ଆକବରଙ୍କ ଦରବାରକୁ ପଠାଇବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । କିନ୍ତୁ କୁତ୍‌ଲୁ ଏଥିରେ ରାଜି

Digitized by PPRACHIN, SOA

ନ ହେବାରୁ ଅନ୍ୟ କେତେକ ଅନୁଗାମୀ ତାଙ୍କ ପ୍ରତି ବିରକ୍ତି ପ୍ରକାଶ କରି ତାଙ୍କ ଛାଉଣି ପରିତ୍ୟାଗ କରିଥିଲେ । ମାତ୍ର ଶାହାବାଜ ଖାଁ ସୁଯୋଗ ନେଇପାରି ନ ଥିଲେ । କାରଣ ସେ ନିଜେ କୁତ୍‌ଲୁଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ନ ଥିଲେ । ତେଣୁ କୁତ୍‌ଲୁଙ୍କୁ ଶାନ୍ତିରେ ଓଡ଼ିଶା ଉପରେ ରାଜତ୍ୱ କରିବାଲାଗି ଛାଡ଼ି ଦିଆଯାଇଥିଲା ।

ମୋଗଲମାନଙ୍କ ବଙ୍ଗଳା ଅଧିକାର ଫଳରେ ସେହି ପ୍ରଦେଶର ମୁସଲମାନ ସଂଖ୍ୟା କ୍ଷେତ୍ରରେ ଯେ ପରିବର୍ତ୍ତନ ଘଟିଲା ସେତିକି ନୁହେଁ, ଏହାଦ୍ୱାରା ଓଡ଼ିଶାର ରାଜନୈତିକ ଜୀବନ ମଧ୍ୟ କ୍ଷତିଗ୍ରସ୍ତ ହେଲା । ଏ ପର୍ଯ୍ୟନ୍ତ ବଙ୍ଗଳା ଆଫଗାନ କାର୍ଯ୍ୟ-କଳାପର ମୁଖ୍ୟ କେନ୍ଦ୍ର ହୋଇ ରହିଥିଲା । ବଙ୍ଗଳାର ରାଜଧାନୀରୁ ଆଫଗାନମାନେ ଓଡ଼ିଶା ଉପରେ ରାଜତ୍ୱ ଚଳାଇଥିଲେ । ମାତ୍ର ସାଂପ୍ରତିକ ପରିସ୍ଥିତିରେ ଉତ୍ତର ଦିଗରୁ ମୋଗଲ-ମାନେ ପଶି ଆସିବା ଫଳରେ ଆଫଗାନ ଶାସକମାନେ ଓଡ଼ିଶାକୁ ପଳାଇ ଆସିବାକୁ ବାଧ୍ୟ ହେଲେ । ପରବର୍ତ୍ତୀ କାଳରେ ରାଜା ମାନସିଂହ ଓଡ଼ିଶାରେ ଆଫଗାନ ରାଜତ୍ୱର ଅବସାନ ଘଟାଇଥିଲେ ସତ କିନ୍ତୁ ତା ପୂର୍ବରୁ ଆଫଗାନମାନେ ଓଡ଼ିଶାରେ ଆଶ୍ରୟ ନେଇ ସାରିଥିଲେ ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ନିଜ ନିଜର ବସ୍ତି ତଥା ସହର-ମାନଙ୍କରେ ବସବାସ କରୁଥିଲେ । ଆଫଗାନମାନଙ୍କର ଏକ ବିରାଟ ସ୍ରୋତ ଓଡ଼ିଶାକୁ ମାଡ଼ି ଯାଇଥିଲା ଏବଂ ଏହାଫଳରେ ଗ୍ରାମାଞ୍ଚଳ ଜନସଂଖ୍ୟାରେ ଅଭିବୃଦ୍ଧି ଦେଖାଦେଇଥିଲା ।

Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ

ରାଜା ମାନସିଂହଙ୍କ ପ୍ରଥମ ଓଡ଼ିଶା ବିଜୟ

ଶାହାବାଜ ଖାଁ ୧୫୮୭ ଖ୍ରୀଷ୍ଟାବ୍ଦରେ ବଙ୍ଗଳା ଓ ଓଡ଼ିଶାରୁ ମୋଗଲ ଦରବାରକୁ ଫେରି ଆସିଥିଲେ । ଏହାଫଳରେ ଦାଉଦଙ୍କର ଜନୈକ ପୂର୍ବତନ ପ୍ରଧାନ ସେନାପତି କୁତ୍‌ଲୁ ଓଡ଼ିଶାରେ ଶାନ୍ତିରେ ରାଜତ୍ୱ କରିପାରିଥିଲେ ଏବଂ ନିଜକୁ ଓଡ଼ିଶାର ଶାସକ ବୋଲି ଘୋଷଣା କରି ଆଫଗାନମାନଙ୍କ ସ୍ୱାର୍ଥରକ୍ଷା କରିବାର ନେତୃତ୍ୱ ନେଇଥିଲେ । ସେ ଉତ୍ତର ଓଡ଼ିଶାର ମୁଖ୍ୟ ଶାସକ ଭାବରେ ଆଧିପତ୍ୟ ବଜାୟ ରଖି ବଙ୍ଗଳାସୀମା ନିକଟବର୍ତ୍ତୀ ମୋଗଲ ଇଲାକାର ଅନ୍ତର୍ଭୁକ୍ତ ହୋଇଥିବା କେତେକ ସ୍ଥାନ ଦଖଲ କରିବାକୁ ପ୍ରୟାସୀ ଥିଲେ ଏବଂ ସେଥିରେ କୃତକାର୍ଯ୍ୟ ହୋଇଥିଲେ । ଫଳରେ କେତେକ ମୋଗଲ ସାମରିକ ଫଉଜଦାରମାନେ ବିତାଡ଼ିତ ହୋଇଥିଲେ । ଆଫଗାନମାନଙ୍କ ମୋଗଲ ରାଜ୍ୟ ଅଧିକାର ଓ ବିଦ୍ରୋହ ସମ୍ବନ୍ଧୀୟ ସମ୍ବାଦ ଆକବରଙ୍କ ଦୃଷ୍ଟିକୁ ଆସିଥିଲା । ସେ ସବୁଦିନ ପାଇଁ ଏହି ଘଟଣାର ଅବସାନ ଚାହିଁଥିଲେ । ତେଣୁ ତାଙ୍କର ଜଣେ ସର୍ବଶ୍ରେଷ୍ଠ ସେନାପତିଙ୍କୁ ଓଡ଼ିଶାକୁ ପଠାଇବା ନିମନ୍ତେ ନିଷ୍ପତ୍ତି କରିଥିଲେ । ସେହି ସେନାପତି ଜଣକ ଥିଲେ ରାଜା ମାନସିଂହ ।

ରାଜା ମାନସିଂହ ଥିଲେ ରାଜା ଭଗବାନ ଦାସଙ୍କର ପୁତ୍ର । ସେ ଅମ୍ବରଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ମିର୍ଜା ରାଜା ରୂପେ ମଧ୍ୟ ପରିଚିତ ଥିଲେ । ଆଫଗାନ-ମାନଙ୍କର ମୁକାବିଲା କରିବା ପାଇଁ ସେନାପତି ରୂପେ ନିଯୁକ୍ତ ହେବାପରେ ସେ ଦେଖିବାକୁ ପାଇଲେ ଯେ ଓଡ଼ିଶା ଆଫଗାନମାନଙ୍କର ଏକ ସୈନ୍ୟଘାଟି ରୂପେ କାର୍ଯ୍ୟ କରୁଅଛି ଯେଉଁଠାରୁ କି ସଂପ୍ରତି ମୋଗଲ ଅଧିକୃତ ବଙ୍ଗଳା ପ୍ରଦେଶ ଉପରେ ପୁଣିଥରେ କ୍ଷମତା ଫେରି ପାଇବାକୁ ବାରମ୍ବାର ଉଦ୍ୟମ ଚାଲୁ ରଖାଯାଉଛି । ପରିଣାମସ୍ୱରୂପ ମୋଗଲ ଅଧିକୃତ ବଙ୍ଗଳା ପ୍ରଦେଶକୁ ଏହି ବିଦ୍ରୋହୀ ଆଫଗାନମାନଙ୍କ ପକ୍ଷରୁ ବେଳେବେଳେ ଆକ୍ରମଣର ସମ୍ମୁଖୀନ ହେବାକୁ ପଡୁଛି ।

Digitized by PPRACHIN, SOA

ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ଏବଂ ଓଡ଼ିଶା ଅଧିକାର ନିମନ୍ତେ ସେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ତଦନୁଯାୟୀ ଓଡ଼ିଶାର ଆଫଗାନ ଶାସକମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିବା ପାଇଁ ପ୍ରବଳ ଆକ୍ରମଣ ଆରମ୍ଭ ହେବା ପୂର୍ବରୁ ତାଙ୍କ ନିଜ ନେତୃତ୍ୱରେ ବିହାର ସେନାବାହିନୀ ବଙ୍ଗଳାର ଗଭର୍ଣ୍ଣର ସୟଦ ଖାଁଙ୍କ ନେତୃତ୍ୱାଧୀନ ବଙ୍ଗଳାବାହିନୀ ସହିତ ଯୋଗଦେବାକୁ ସ୍ଥିର କରାଗଲା । ତଦନୁସାରେ ସେ ଏକ ସେନା-ବାହିନୀର ନେତୃତ୍ୱ ନେଇ ବଙ୍ଗଳାର ଗୋଲନ୍ଦାଜ ବାହିନୀର ସହାୟତା ଲାଭ କରିବା ଆଶାରେ ବକଲପୁର ନାମରେ ପରିଚିତ ଏକ ସ୍ଥାନ ଅଭିମୁଖେ ବିହାରରୁ ଯାତ୍ରା କରିଥିଲେ । ମାତ୍ର ବର୍ଷାଋତୁରେ ପ୍ରବଳ ବର୍ଷା ହେତୁ ନିର୍ଦ୍ଧାରିତ ସ୍ଥାନରେ ସୟଦ ଖାଁ ପହଞ୍ଚି ନ ପାରିବାରୁ ଉକ୍ତ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏସବୁ ସତ୍ତ୍ୱେ ରାଜା ମାନସିଂହ ସୟଦ ଖାଁଙ୍କ ଅଭିଯାନ ପ୍ରତି କୌଣସି ଗୁରୁତ୍ୱ ନ ଦେଇ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଝାଡ଼ଖଣ୍ଡ ବାଟ ଦେଇ ଓଡ଼ିଶା ଅଭିଯାନରେ ଆଗେଇବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କଲେ । ମାତ୍ର ତାଙ୍କ ସୈନ୍ୟବାହିନୀ ୟାମନ-କାଟଓ୍ୱ ଗ୍ରାମଠାରେ ଯାଇ ପହଞ୍ଚିବା ସମୟରେ ବଙ୍ଗଳା ଗଭର୍ଣ୍ଣରଙ୍କ ନିର୍ଦ୍ଦେଶରେ ଲିଖିତ ଏକ ପତ୍ର ଟାଣ୍ଡାର ରାୟ ତାପର ଦାସଙ୍କ ନିକଟରୁ ରାଜା ମାନସିଂହଙ୍କ ହସ୍ତଗତ ହେଲା । ଏଥିରେ ପରାମର୍ଶ ଦିଆଯାଇଥିଲା ଯେ ଝାଡ଼ଖଣ୍ଡ ଦେଇ ଯାଇଥିବା ରାସ୍ତା ଜଙ୍ଗଲରେ ପରିପୂର୍ଣ୍ଣ ଏବଂ ବିଶେଷକରି ସେହିପଥରେ ଜଳର ଅଭାବ ରହିଅଛି । ସେନାବାହିନୀ ବର୍ଦ୍ଧମାନ ବାଟ ଦେଇ ଯାତ୍ରା କରିବା ଅପେକ୍ଷାକୃତ ଭଲ ହେବ । ଫଳସ୍ୱରୂପ ଯାତ୍ରାପଥ ବଦଳାଇ ଦିଆଗଲା ଏବଂ ବାଟରେ ବର୍ଦ୍ଧମାନର ଜନୈକ ଜାଗିରଦାର ବାହାର ଖାଁ ୬ ବାଟାଲିୟନ ସୈନ୍ୟ ନେଇ ମାନସିଂହଙ୍କ ସହିତ ଯୋଗ ଦେଇଥିଲେ । ଏତଦ୍‌ବ୍ୟତୀତ ବାବୁ ମାନ୍‌କଲି ଓ ରାୟ ତାପର ଦାସଙ୍କ ନେତୃତ୍ୱାଧୀନ ସୈନ୍ୟମାନେ ଯୋଗଦେବା ଫଳରେ ମୋଗଲ ସେନାବାହିନୀର ଶକ୍ତି ସାମାନ୍ୟ ବୃଦ୍ଧି ପାଇଥିଲା ।

ମୋଗଲ ସୈନ୍ୟବାହିନୀ ବର୍ଦ୍ଧମାନଠାରୁ କିଛିଦୂର ଅଗ୍ରଗତି କରିବାପରେ ବାହାର ଖାଁ ଏବଂ ରାୟ ତାପର ଦାସ ଦୃଢ଼ଭାବେ ମତ ଦେଲେ ଯେ ବର୍ଷାଋତୁ ଶେଷ ନ ହେବା ପର୍ଯ୍ୟନ୍ତ ବଙ୍ଗଳାରୁ ସୈନ୍ୟମାନେ ତାଙ୍କ ସହିତ ଯୋଗଦେବାକୁ ସକ୍ଷମ ହୋଇ-ପାରିବେ ନାହିଁ । ତେଣୁ ସ୍ଥିର କରାଗଲା ଯେ ନିକଟବର୍ତ୍ତୀ କୌଣସି ସ୍ଥାନରେ ଏକ ଅସ୍ଥାୟୀ କାଠଘର ତିଆରି କରି ବର୍ଷାଋତୁ ଶେଷ ହେବା ପର୍ଯ୍ୟନ୍ତ ଓ ବଙ୍ଗଳାରୁ ସାହାଯ୍ୟ ପାଇବା ପାଇଁ ଅପେକ୍ଷା କରି ରହିବା ମାନସିଂହଙ୍କ ପକ୍ଷରେ ସର୍ବଶ୍ରେଷ୍ଠ ପନ୍ଥା ହେବ । ତଦନୁଯାୟୀ ସେ ଓଡ଼ିଶାର ଜଳେଶ୍ୱରଠାରୁ ୯୦ ମାଇଲ ଦୂରବର୍ତ୍ତୀ ହୁଗୁଳି ଜିଲ୍ଲାର ପଶ୍ଚିମସ୍ଥ ସମ୍ପ୍ରତି ଆରାମବାଗ ନାମରେ ପରିଚିତ ଜାହାନାବାଦଠାରେ ସୈନ୍ୟବାହିନୀ ଛାଉଣି ପକାଇ ରହିଥିଲେ ।

Digitized by PPRACHIN, SOA

ଓଡ଼ିଶା ଦିଗରେ ମୋଗଲ ବାହିନୀର ଅଭିଯାନ ସମ୍ବାଦ ଅବହିତ ହୋଇ କୁତ୍‌ଲୁ ଲୋହାନି ଯୁଦ୍ଧ ପ୍ରସ୍ତୁତିରେ ତତ୍ପର ହୋଇପଡ଼ିଥିଲେ ଏବଂ ମୋଗଲ ସୈନ୍ୟମାନଙ୍କ ଅଗ୍ରଗତିକୁ ପ୍ରତିରୋଧ କରିବା ନିମନ୍ତେ ଜାହାନାବାଦଠାରୁ ୫୬ ମାଇଲ ଦୂରବର୍ତ୍ତୀ ଓ୍ୱାମରପୁର ଦୁର୍ଗକୁ ଯାତ୍ରା କଲେ । ଠିକ୍ ସେହି ସମୟରେ ସେ ଉଲ୍ଲେଖନୀୟ ଦକ୍ଷତାସମ୍ପନ୍ନ ଓ ସାହସୀ ଜନୈକ ଆଫଗାନ ସେନାପତି ବାହାଦୁର କୁରୁହଙ୍କ ମୋଗଲ ସାମ୍ରାଜ୍ୟବାଦୀ ସେନାନିବେଶର ୪୫ ମାଇଲ ଦୂରବର୍ତ୍ତୀ ରାୟପୁରକୁ ଯାତ୍ରା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆଫଗାନମାନଙ୍କ ଅଭିଯାନ ବିଷୟ ଅବଗତ ହୋଇ ରାଜା ମାନସିଂହ ଅତିଶୀଘ୍ର ରାୟପୁରଠାରୁ ଆଫଗାନମାନଙ୍କୁ ବିତାଡ଼ିତ କରିବା ପାଇଁ ନିଜ ପୁଅ ଜଗତ-ସିଂହଙ୍କ ନେତୃତ୍ୱରେ ବଛା ବଛା ୨୫୦୦ ସୈନ୍ୟ ବିଶିଷ୍ଟ ଏକ ସେନାଦଳକୁ ପଠାଇଥିଲେ । ଏହାଫଳରେ ବାହାଦୁର କୁରୁହଙ୍କ ପକ୍ଷରେ ଜଟିଳ ପରିସ୍ଥିତି ସୃଷ୍ଟି ହେଲା । ତେଣୁ ସେ ହତାଶ ହୋଇ କୁତ୍‌ଲୁଙ୍କ ଶିବିରରୁ ଅଧିକ ସୈନ୍ୟ ପ୍ରେରଣ ନିମନ୍ତେ ଖବର ପଠାଇଥିଲେ । ଏହାର ଉତ୍ତରରେ କୁତ୍‌ଲୁ ତତ୍‌କ୍ଷଣାତ୍ ମିରୁ ଖ୍ୱାଜାଇସା ଏବଂ ଜଲାଲ ଖାଁଙ୍କ ପରି ଖ୍ୟାତନାମା ଆଫଗାନ ଯୋଦ୍ଧାମାନଙ୍କ ସହିତ ଏକ ସୈନ୍ୟବାହିନୀ ନିଜ ଭାଇଙ୍କ ପୁଅ ଓମର ଖାଁଙ୍କ ନେତୃତ୍ୱରେ ପ୍ରେରଣ କରିଥିଲେ । ରାୟପୁରରେ ଶୀଘ୍ର ପହଞ୍ଚିବା ଏବଂ ଜଗତ ସିଂହଙ୍କ ସୈନ୍ୟବାହିନୀ ସହିତ ଲଢ଼ିବା ଉଦ୍ଦେଶ୍ୟରେ ଜଙ୍ଗଲ ବାଟ ଦେଇ ଯିବା ନିମନ୍ତେ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ମାତ୍ର ଇତିମଧ୍ୟରେ ଜଗତ ସିଂହ ମୋଗଲ ସେନାବାହିନୀର ସେନାପତି ଦାୟିତ୍ୱରେ ଥାଇ ନିଜ କର୍ତ୍ତବ୍ୟରେ ଅବହେଳା କରିଥିଲେ ଏବଂ ଆମୋଦପ୍ରମୋଦ ତଥା ଆଳସ୍ୟରେ ନିମଜ୍ଜିତ ରହି ସମୟ ନଷ୍ଟ କରିଥିଲେ; ଫଳତଃ ସେ ଠିକ୍ ସମୟରେ ଶତ୍ରୁ ଶକ୍ତି କ୍ଷୟ କରିବାର ସୁଯୋଗ ହରାଇଥିଲେ । ଅପରପକ୍ଷରେ ଜଙ୍ଗଲ ବାଟ ଦେଇ ଆସିଥିବା ଆଫଗାନ ସୈନ୍ୟମାନଙ୍କ ସହାୟତାରେ ଅଧିକ ଶକ୍ତିଶାଳୀ ହୋଇ ବାହାଦୁରଙ୍କ ସୈନ୍ୟମାନେ ଏହି ମୋଗଲ ସେନାବାହିନୀ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ରାୟପୁର-ଠାରେ ସଂଘଟିତ ଏହି ଯୁଦ୍ଧରେ ବିଶୃଙ୍ଖଳିତ ସମ୍ରାଟବାହିନୀ ସେମାନଙ୍କର ମୁକାବିଲା କରି ନ ପାରି ପଳାୟନ କରିବାକୁ ବାଧ୍ୟ ହୋଇଥିଲେ । ମୋଗଲମାନଙ୍କ ତରଫରୁ ବିକା ରାଠୋର, ମହେଶ ଦାସ ଓ ନାରୁ ଚରଣଙ୍କ ମୃତ୍ୟୁ ଘଟିଥିଲା । ଏମାନେ ଯୁଦ୍ଧରେ ନିହତ ହୋଇଥିଲେ । ଆଫଗାନମାନଙ୍କ ପକ୍ଷରୁ ଓମର ଖାଁ ଓ ମିରୁ ପ୍ରାଣତ୍ୟାଗ କରିଥିଲେ । ମୋଗଲ ସେନାପତି ଜଗତ୍ ସିଂହ ଏହି ଯୁଦ୍ଧରେ ଆହତ ହୋଇଥିଲେ ' ମାତ୍ର ଅନୁଗତ ରାଜା ବୀର ହମ୍ବୀରଙ୍କ ଯଥା ସମୟ ସାହାଯ୍ୟଲାଗି ସେ ମୃତ୍ୟୁମୁଖରୁ ରକ୍ଷାପାଇ ଯାଇଥିଲେ । ବାଙ୍କୁରା ଜିଲ୍ଲା ଅନ୍ତର୍ଗତ ବିସେନପୁରସ୍ଥ ତାଙ୍କ ବାସଭବନକୁ ତାଙ୍କୁ ନେଇ ନିଆଗଲା । ବିଜୟୀ

Digitized by PPRACHIN, SOA

ଆଫଗାନ ସୈନ୍ୟମାନଙ୍କ ଅନ୍ୱେଷଣକୁ ଏଡ଼ାଇଦେବା ଉଦ୍ଦେଶ୍ୟରେ ଘୋଷଣା କରାଗଲା ଯେ ଜଗତ୍ ସିଂହ ଜଙ୍ଗଲ ଭିତରେ ନିରୁଦ୍ଦିଷ୍ଟ ହୋଇ ଯାଇଅଛନ୍ତି ।

ଆଫଗାନ ସୈନ୍ୟମାନଙ୍କ ହାତରେ ମୋଗଲ ବାହିନୀର ପରାଜୟ ସମ୍ବାଦ ରାଜା ମାନସିଂହଙ୍କ ଦଳଭୁକ୍ତ ବହୁ ସେନାପତିଙ୍କ ମନରେ ନିରୁତ୍ସାହ ସୃଷ୍ଟି କରିଥିଲା ଏବଂ ସେମାନେ ଏହି ପରିସ୍ଥିତିରେ ନିଜର ନିରାପତ୍ତା ପାଇଁ ସାଲିମାବାଦକୁ ଫେରିଯିବାକୁ ମାନସିଂହଙ୍କୁ ପରାମର୍ଶ ଦେଇଥିଲେ । ମାନସିଂହ ଏ ପ୍ରକାର କାପୁରୁଷଭାବସମ୍ପନ୍ନ ପ୍ରସ୍ତାବଟିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଶତ୍ରୁ ସହିତ ଯୁଦ୍ଧ କରିବା ପାଇଁ ଅଭିଯାନ ଚଳାଇବାକୁ ନିଜର ଦୃଢ଼ ମନୋଭାବ ପ୍ରକାଶ କରିଥିଲେ । ତଥାପି ସେ ଆଫଗାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମିତ୍ତ ନିଜ ସେନାବାହିନୀକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ନିଜ ପୁଅ ହିମତ ସିଂହଙ୍କୁ ସାଲିମାବାଦକୁ ପଠାଇ ସେଠାରୁ ଅଧିକ ସୈନ୍ୟ ସଂଗ୍ରହ କରିବା ପାଇଁ ସମ୍ମତି ଦେଇଥିଲେ ।

ମାନସିଂହଙ୍କ ନେତୃତ୍ୱରେ ମୋଗଲ ସେନାବାହିନୀ ଶତ୍ରୁର ସମ୍ମୁଖୀନ ହେବା-ପୂର୍ବରୁ ସମ୍ବାଦ ମିଳିଲା ଯେ ଆଗରୁ ଅସୁସ୍ଥଥିବା ଓ କିଛି ପରେ ରାୟପୁରରେ ପହଞ୍ଚିବେ ବୋଲି ଆଫଗାନମାନଙ୍କୁ ପ୍ରତିଶ୍ରୁତି ଦେଇଥିବା କୁତ୍‌ଲୁ ଇତିମଧ୍ୟରେ ପ୍ରାଣତ୍ୟାଗ କରିଛନ୍ତି ଏବଂ ତାଙ୍କର ଜନୈକ ପୁତ୍ର ନାସିର୍ ଖାଁ ଓ୍ୱାଜିର ଖ୍ୱାଜା ଇସାଙ୍କ ପୃଷ୍ଠପୋଷକତାରେ ସିଂହାସନ ଆରୋହଣ କରିଛନ୍ତି । ଏହି ପରିବର୍ତ୍ତିତ ପରିସ୍ଥିତି ଆଫଗାନ ଶିବିରରେ ଅବସାଦ ଭରି ଦେଇଥିଲା । ଇସା ଖାଁ ଭଲ ଭାବରେ ହୃଦୟଙ୍ଗମ କରିଥିଲେ ଯେ ନେତୃତ୍ୱବିହୀନ ଆଫଗାନମାନେ ମୋଗଲମାନଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ହେଲେ କେବଳ ଦୁର୍ଭାଗ୍ୟକୁ ହିଁ ବରଣ କରିବେ । ତେଣୁ ସମାଧାନ ବିନା ଆଫଗାନମାନଙ୍କର ସମ୍ମାନ ରହିବ ନାହିଁ । ସେହି ଦୃଷ୍ଟିରୁ ମୋଗଲମାନଙ୍କ ସହିତ ଶାନ୍ତି ସ୍ଥାପନ ପାଇଁ ସେ କୌଶଳକ୍ରମେ ସମ୍ବାଦଦାତା ଜରିଆରେ ମୋଗଲ ସେନାପତି ସୟଦ ଖାଁଙ୍କୁ ତାଙ୍କ ଶାନ୍ତି ପ୍ରସ୍ତାବ ଜଣାଇଥିଲେ । ଏଭଳି ଏକ ପ୍ରସ୍ତାବ ମାନସିଂହଙ୍କ ଶିବିରରେ ଥିବା ବହୁସଂଖ୍ୟକ ମୋଗଲଙ୍କର ସମ୍ମୁଖରେ ଉପସ୍ଥାପିତ କରିବାରୁ ତାହା ଅନୁମୋଦିତ ହୋଇଥିଲା । ଏହି ସବୁଥିରୁ ଜଣାଯାଏ ଯେ ଆଫଗାନମାନଙ୍କ ପରି ମୋଗଲମାନେ ମଧ୍ୟ ଯେତେଶୀଘ୍ର ସମ୍ଭବ ଏକ ସମାଧାନ ନିମନ୍ତେ ଉତ୍ସୁକ ଓ ଆଗ୍ରହୀ ଥିଲେ ।

ମୋଗଲମାନଙ୍କ ପକ୍ଷରୁ ଏକ ସମାଧାନ ନିମନ୍ତେ ସାଧାରଣ ମତପ୍ରକାଶ ପାଇବାର କେତେକ କାରଣ ଥିଲା । ରାୟପୁରଠାରେ ମୋଗଲମାନଙ୍କର ପଛଘୁଞ୍ଚା, ଆଫଗାନମାନଙ୍କ ସହିତ ଯୁଦ୍ଧ ସମୟରେ ସେମାନେ ପାଇଥିବା କ୍ଲେଶ, ବର୍ଷାଋତୁରେ ପ୍ରବଳ ବର୍ଷା ଫଳରେ ସେମାନେ ଅଙ୍ଗେ ନିଭାଉଥିବା ଅସୁବିଧା ଏବଂ ବଙ୍ଗଳା ଗଭର୍ଣ୍ଣରଙ୍କ ପାଖରୁ ଅଧିକ ଗୋଲନ୍ଦାଜ ସୈନ୍ୟ ପାଇବାର ଅସମ୍ଭବତା ଶାନ୍ତି ପ୍ରସ୍ତାବ ଗ୍ରହଣ କରିନେବା

Digitized by PPRACHIN, SOA

ନିମନ୍ତେ ରାଜା ମାନସିଂହଙ୍କୁ ବାଧ୍ୟ କରିଥିଲା । ଏଠାରେ ପୁନଶ୍ଚ ଉଲ୍ଲେଖ କରାଯାଇପାରେ ଯେ ମୋଗଲମାନେ ନିମ୍ନଲିଖିତ କାରଣମାନଙ୍କ ଯୋଗୁଁ ଆଫଗାନମାନଙ୍କୁ ଅନୁଧାବନ କରି ନ ଥିଲେ ଏବଂ ଶତ୍ରୁ ପକ୍ଷରୁ ଦିଆଯାଇଥିବା ସହଜ ସର୍ତ୍ତମୂଳକ ସନ୍ଧି ପ୍ରସ୍ତାବରେ ସନ୍ତୁଷ୍ଟ ହୋଇଥିଲେ । ପ୍ରଥମତଃ ବିହାରରୁ ଆସିଥିବା କ୍ଲାନ୍ତ ସୈନ୍ୟବାହିନୀ ଆଂଶିକଭାବେ ବଙ୍ଗଳାରେ ମୋଗଲ ସେନାମାନଙ୍କ ଦ୍ୱାରା ଶକ୍ତିଶାଳୀ ହୋଇଥିଲେହେଁ ଆଫଗାନମାନଙ୍କ ଦର୍ପ ଭାଙ୍ଗିବା ପାଇଁ ଯଥେଷ୍ଟ ବଳଶାଳୀ ନ ଥିଲେ । ଦ୍ୱିତୀୟତଃ ଓଡ଼ିଶାରେ ପୂର୍ବରୁ ହୋଇଥିବା ଯୁଦ୍ଧରେ ଭୀଷଣ ଭାବରେ ଆଘାତପ୍ରାପ୍ତ ବଙ୍ଗଳା ସୈନ୍ୟମାନେ କୌଣସି ପ୍ରକାରେ ଘଟଣାର ସମାଧାନ ନିମନ୍ତେ ଆଗ୍ରହୀ ଥିଲେ । ତୃତୀୟତଃ ମାନସିଂହ ତାଙ୍କ ପୂର୍ବରୁ ମୋଗଲ ସେନାପତିମାନଙ୍କ ଦୁରବସ୍ଥା ବିଷୟ ସ୍ମରଣ କରି ଯଥୋଚିତ ବଳିଷ୍ଠ ସୈନ୍ୟ ସଂଗ୍ରହ ଏବଂ ଉପଯୁକ୍ତ ଯୋଗାଯୋଗର ବ୍ୟବସ୍ଥା ନ କରି ଆଫଗାନମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଗ୍ରହୁ ନ ଥିଲେ । ପରିସ୍ଥିତିକୁ ଟିକିନିଖି ପର୍ଯ୍ୟବେକ୍ଷଣ ନ କରି ଏକ ଦୂର ପ୍ରଦେଶରେ ଶତ୍ରୁମାନଙ୍କୁ ସଂପୂର୍ଣ୍ଣ ଭାବେ ପରାସ୍ତ କରିବାର ଆତ୍ମବିଶ୍ୱାସ ତାଙ୍କର ମଧ୍ୟ ନ ଥିଲା । ପରିଶେଷରେ ବିହାରଠାରେ ଅସଂପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ସେ ଫେରିବା ନିମନ୍ତେ ମନସ୍ଥ କରିଥିଲେ । ଉପରୋକ୍ତ କାରଣଗୁଡ଼ିକ ହେତୁ ମାନସିଂହ ଚୁକ୍ତି ପ୍ରସ୍ତାବରେ ସମ୍ମତ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ । ତଦନୁଯାୟୀ ଆଫଗାନମାନଙ୍କ ବାଳକ ରାଜା ନାସିର ଖାଁଙ୍କୁ ମାନସିଂହଙ୍କ ନିକଟକୁ ଅଣାଯାଇଥିଲା । ନାସିର ଖାଁ ଉପହାର-ସ୍ୱରୂପ ୧୫୦ଟି ହାତୀ ଏବଂ ଅନ୍ୟାନ୍ୟ ଉପହାରଯୋଗ୍ୟ ଜିନିଷ ଅର୍ପଣ କରି ମାନସିଂହଙ୍କ ଆଗରେ ନତଜାନୁ ହୋଇ ବସି ରହିଥିଲେ । ୧୫୯୦ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୫ ତାରିଖ ଦିନ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ବିଜୟର ନିଦର୍ଶନସ୍ୱରୂପ ମାନସିଂହ ଆକବରଙ୍କ ଦରବାରକୁ ୧୦୦୪ଟି ହାତୀ ପଠାଇଥିଲେ । ତାହାପରେ ସେ ବିହାରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଉକ୍ତ ଚୁକ୍ତିରେ ନିମ୍ନଲିଖିତ ପ୍ରଧାନ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ଥିଲା—

(୧) ଓଡ଼ିଶାରେ ପ୍ରଚଳିତ ମୁଦ୍ରା ଏବଂ କୁତ୍‌ବାରେ ସମ୍ରାଟଙ୍କ ନାମ ବ୍ୟବହାର କରାଯିବ ।

(୨) ଓଡ଼ିଶାରେ ଆଫଗାନ ଶାସକ ସମ୍ରାଟ୍‌ଙ୍କର ଆଜ୍ଞାଧୀନ ଏବଂ ଅନୁଗତ ସାମନ୍ତ ରାଜା ହୋଇ ରହିବେ ।

(୩) ପ୍ରଖ୍ୟାତ ପୂଜାପୀଠ ଜଗନ୍ନାଥ ଓ ତାହାର ପଡ଼ୋଶୀ ଜିଲ୍ଲା ସମ୍ରାଟଙ୍କୁ ହସ୍ତାନ୍ତର କରାଯିବ ।

ପ୍ରଥମ ସର୍ତ୍ତରୁ ସୂଚିତ ହୁଏ ଯେ ଓଡ଼ିଶାକୁ ମୋଗଲ ସାମ୍ରାଜ୍ୟ ସହିତ ସଂଲଗ୍ନ କରାଯାଇ ନ ଥିଲା । ଚୁକ୍ତିର ସର୍ତ୍ତାବଳୀ ଦୃଷ୍ଟିରୁ ଆଗରୁ ଆଫଗାନମାନଙ୍କ ସାର୍ବଭୌମ କ୍ଷମତାଧୀନରେ ଥିବା ଓଡ଼ିଶା ଏକ ସାମନ୍ତ ରାଜ୍ୟ ରୂପେ ପରିଗଣିତ ହେଲା । ଆଫଗାନ

Digitized by PPRACHIN, SOA

ଶାସକ ଓଡ଼ିଶାରେ ରାଜତ୍ୱ କରିବା ନିମନ୍ତେ ଅନୁମତି ପାଇଥିଲେ । ମାତ୍ର ଏଥିପାଇଁ ତାଙ୍କୁ ମୋଗଲ ସମ୍ରାଟ୍‌ଙ୍କ ସାର୍ବଭୌମ କ୍ଷମତା ସ୍ୱୀକାର କରିବାକୁ ହେବ ଏବଂ ମୋଗଲ ସମ୍ରାଟ୍‌ଙ୍କ ଶାସନ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ପଡ଼ିବ ।

ଚୁକ୍ତିପତ୍ରର ଦ୍ୱିତୀୟ ସର୍ତ୍ତରୁ ପରିଲକ୍ଷିତ ହୁଏ ଯେ ଆଫଗାନମାନଙ୍କ ଅବାଧ୍ୟ ଆଚରଣ, ଅବଜ୍ଞା ମନୋଭାବ, ବିଦ୍ରୋହ ଏବଂ ବିଶୃଙ୍ଖଳା ଥିଲା ମୋଗଲ ସରକାରଙ୍କ ବିବ୍ରତତାର କାରଣ । ପୂର୍ବ ଘଟଣାମାନଙ୍କରେ ଦାଉଦଙ୍କ ଭଳି ନେତୃବୃନ୍ଦ ନିଜର ଆନୁଗତ୍ୟ ପ୍ରତିଶ୍ରୁତି ରକ୍ଷା କରି ନ ଥିଲେ ଏବଂ ବିଦ୍ରୋହର ଅଭିବୃଦ୍ଧି ଘଟାଇଥିଲେ । ତେଣୁ ଏହି ଦଫା ଅନ୍ତର୍ଭୁକ୍ତ ହେଲେ ଭବିଷ୍ୟତରେ ଏଭଳି କୌଣସି ଘଟଣା ବିରୁଦ୍ଧରେ ଆଫଗାନମାନଙ୍କଠାରୁ ଉତ୍ତମ ଆଚରଣ ତଥା ବଶ୍ୟତା ନିଶ୍ଚିତ ଭାବରେ ମିଳିପାରିବ ବୋଲି ବିବେଚନା କରାଯାଇଥିଲା ।

ଚୁକ୍ତିପତ୍ରର ତୃତୀୟ ସର୍ତ୍ତ ଅସାଧାରଣ ମନେହୁଏ । ଆଫଗାନମାନଙ୍କ ଆନୁଗତ୍ୟ ଅଥବା ବଶ୍ୟତା ସହିତ ସଂପୃକ୍ତ କୌଣସି ବିଷୟ ସହିତ ଏହା ଜଡ଼ିତ ନୁହେଁ । ମୋଗଲ ସମ୍ରାଟ ଏବଂ ଓଡ଼ିଶାର ଆଫଗାନ ଶାସକଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟ ଏଥିରେ ପ୍ରତ୍ୟକ୍ଷ ଭାବରେ କୌଣସି ପ୍ରକାରରେ ଉଲ୍ଲେଖ କରାଯାଇ ନାହିଁ । ଆକବର ଏବଂ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ଓଡ଼ିଶା ରାଜାଙ୍କ ମଧ୍ୟରେ ଥିବା ଅତୀତର ସମ୍ପର୍କ ବିଷୟ ଆଲୋଚନା କରା ନ ଗଲେ ଏହି ଦଫା ଯଥାର୍ଥ ଭାବରେ ହୃଦୟଙ୍ଗମ କରିହେବ ନାହିଁ ।

ବଙ୍ଗଳାର ଆଫଗାନ ଶାସକ ସୁଲେମାନ କରାନି ଓଡ଼ିଶା ଅଧିକାର କଲେ ଏବଂ ସେନାପତି କଳାପାହାଡ଼ଙ୍କ ଜରିଆରେ ଜଗନ୍ନାଥଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇଥିଲେ । ଏହି ଘଟଣା ଆଫଗାନମାନଙ୍କ ଦମନମୂଳକ ଶାସନ ବିରୁଦ୍ଧରେ ଓଡ଼ିଶାର ହିନ୍ଦୁମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଥିଲା । ମନେହୁଏ ଯେ ଆଫଗାନମାନଙ୍କ ବିରୁଦ୍ଧରେ ହିନ୍ଦୁମାନଙ୍କର ଏହି ଅସନ୍ତୋଷ ଏବଂ ବିରକ୍ତିଭାବ ନିଶ୍ଚିତ ଭାବରେ ହିନ୍ଦୁମାନଙ୍କ ପ୍ରତି ସହନଶୀଳ ମନୋଭାବାପନ୍ନ ଆକବରଙ୍କ ଦୃଷ୍ଟିକୁ ଅଣାଯାଇଥିବ । ସେହି ଦୃଷ୍ଟିରୁ ଆକବର ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ଓଡ଼ିଶା ରାଜାଙ୍କ ପ୍ରତି ସଦିଚ୍ଛାମୂଳକ ମନୋଭାବ ପ୍ରଦର୍ଶନ କରି ସାରିଥିଲେ । ତେଣୁ ନିଜ ମୁନିବ ଆକବରଙ୍କ ଚିନ୍ତାଧାରା ସମ୍ପର୍କରେ ଅବହିତ ରାଜା ମାନସିଂହ ଭବିଷ୍ୟତରେ ଆଫଗାନମାନଙ୍କ ଦ୍ୱାରା କୌଣସି ପ୍ରକାର ଅତ୍ୟାଚାର ଓ ଦମନମୂଳକ କାର୍ଯ୍ୟକଳାପର ପୁନରାବୃତ୍ତି ନ ଘଟିବା ଏବଂ ପ୍ରଧାନ ହିନ୍ଦୁ ଧର୍ମପୀଠ ଜଗନ୍ନାଥ ମନ୍ଦିରର ସୁରକ୍ଷାଲାଗି ଚୁକ୍ତିପତ୍ରରେ ଏହିଭଳି ଏକ ଦଫା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଆଫଗାନମାନଙ୍କ ହିନ୍ଦୁଧର୍ମବିଦ୍ୱେଷୀ ଏବଂ ଅତ୍ୟାଚାରପୂର୍ଣ୍ଣ ଶାସନ ପରିବର୍ତ୍ତେ ସହନଶୀଳ ନୀତି ଉପରେ ପର୍ଯ୍ୟବସିତ ଜନହିତକାରୀ ମୋଗଲ ରାଜତ୍ୱ ପ୍ରତିଷ୍ଠାପୂର୍ବକ ଓଡ଼ିଶାର ହିନ୍ଦୁ ଲୋକମାନଙ୍କ ସହାନୁଭୂତି ଲାଭ କରିବା ନିମନ୍ତେ

Digitized by PPRACHIN, SOA

ଏହି ଚୁକ୍ତି ଆକବରଙ୍କର ଏକ କୂଟନୈତିକ କୌଶଳ ବୋଲି ବର୍ଣ୍ଣନା କରାଯାଇପାରେ । ଅନ୍ୟାନ୍ୟ ବିଷୟବ୍ୟତୀତ ଏହି ଚୁକ୍ତିନାମା ଓଡ଼ିଶାର ପ୍ରସିଦ୍ଧ ଧର୍ମାନୁଷ୍ଠାନ ଜଗନ୍ନାଥ ପ୍ରତି ଆକବରଙ୍କ ବନ୍ଧୁଭାବାପନ୍ନ ତଥା ସାହାଯ୍ୟକାରୀ ମନୋବୃତ୍ତିର ସୂଚନା ଦେଇଥାଏ । ଜଣେ ମୁସଲମାନ ସମ୍ରାଟ୍, ସଂପ୍ରତି ସାମନ୍ତ ରାଜ୍ୟର ଆଉଜଣେ ମୁସଲମାନ ଶାସକଙ୍କ ସହିତ ଓଡ଼ିଶାରେ ଏକ ପ୍ରସିଦ୍ଧ ହିନ୍ଦୁ ଧର୍ମାନୁଷ୍ଠାନର ନିରାପତ୍ତା ଏବଂ ପବିତ୍ରତା ରକ୍ଷା ନିମନ୍ତେ ସନ୍ଧିପତ୍ର ସ୍ୱାକ୍ଷର କରିବା ଏକ ଅଦ୍ଭୁତ କଥା । ଏହି କ୍ଷେତ୍ରରେ ଆଫଗାନମାନଙ୍କ ଦମନ ତଥା ଅରାଜକତା ବିରୁଦ୍ଧରେ ଜଗନ୍ନାଥଙ୍କୁ ମୋଗଲ ସମ୍ରାଟଙ୍କ ତତ୍ତ୍ୱାବଧାନ ଅଧୀନକୁ ଆଣିବାକୁ ହୋଇଥିଲା । ଏହି ପଦକ୍ଷେପ ଥିଲା ଏକ ଅସାଧାରଣ କୂଟନୈତିକ ଉଦ୍ୟମ । ହିନ୍ଦୁମାନଙ୍କ ଭାବାବେଗକୁ ସନ୍ତୁଷ୍ଟ କରିବା ତଥା ଆଫଗାନମାନଙ୍କ ଅମାନୁଷିକ ଆକ୍ରମଣ ବିରୁଦ୍ଧରେ ମୋଗଲମାନଙ୍କୁ ହିନ୍ଦୁଧର୍ମର ତ୍ରାଣକର୍ତ୍ତା ବୋଲି ଏକ ସହାନୁଭୂତିମୂଳକ ପରିବେଶ ସୃଷ୍ଟି କରିବା ଏବଂ ତଦ୍ୱାରା ଆଫଗାନମାନଙ୍କୁ କାବୁ କରିବା ପାଇଁ ଭିତ୍ତି ପ୍ରସ୍ତୁତ କରିବା ଥିଲା ଏହାର ଉଦ୍ଦେଶ୍ୟ । ଦୀର୍ଘଦିନ ଧରି କେତେକ ମୋଗଲ ଗଭର୍ଣ୍ଣରଙ୍କୁ ଓଡ଼ିଶାକୁ ପଠା-ଯାଇଥିଲେହେଁ ଏ ଦିଗରେ କେହି ସଫଳ ହୋଇ ନ ଥିଲେ । କିନ୍ତୁ ମାନସିଂହ ଏହା କରିବାକୁ ସମର୍ଥ ହୋଇଥିଲେ କାରଣ ସେ ନିଜେ ହିନ୍ଦୁଥିବା ଦୃଷ୍ଟିରୁ ସାମ୍ରାଜ୍ୟ ବୃଦ୍ଧି ସକାଶେ ହିନ୍ଦୁମାନଙ୍କ ସହାନୁଭୂତି ଓ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ତଦ୍‌ବ୍ୟତୀତ ତାଙ୍କର ଚତୁର ବ୍ୟକ୍ତିତ୍ୱ, କୂଟନୈତିକ ପାରଙ୍ଗମତା ଏବଂ କାର୍ଯ୍ୟଦକ୍ଷତା ଓ ସମରକୌଶଳ ଅତୀବ ପ୍ରଶଂସନୀୟ ।

୧୫୯୦ ମସିହାର ଏହି ଚୁକ୍ତି ଆଫଗାନ କିମ୍ବା ନିଜକୁ ଓଡ଼ିଶାର ରାଜା ବୋଲି ପ୍ରକାଶ କରୁଥିବା ଏବଂ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ବୋଲି ଦାବୀ କରୁଥିବା ଖୋର୍ଦ୍ଧା ରାଜା ରାମଚନ୍ଦ୍ରଦେବ କାହାରି ପ୍ରତି ଅନୁକୂଳ ହୋଇ ନ ଥିଲା । କାରଣ ଆଫଗାନମାନେ ପରେ ନିଜ ଶାସନାଧୀନ ରାଜ୍ୟ ମଧ୍ୟରେ ଜଗନ୍ନାଥ ମନ୍ଦିରରେ ଜନୈକ ମୋଗଲ ତତ୍ତ୍ୱାବଧାରକଙ୍କ ନିଯୁକ୍ତିର ପ୍ରତିବାଦ କରିଥିଲେ ଏବଂ ମୋଗଲମାନଙ୍କ ଶାନ୍ତିସ୍ଥାପନ ପନ୍ଥାରେ ଅସନ୍ତୋଷ ପ୍ରକାଶ କରିଥିଲେ । ରାଜା ରାମଚନ୍ଦ୍ରଦେବ ଅସନ୍ତୁଷ୍ଟ ହେବାର କାରଣ ହେଉଛି ଯେ ଉପରୋକ୍ତ ଚୁକ୍ତିରେ ଖୋର୍ଦ୍ଧାରାଜାଙ୍କୁ ଓଡ଼ିଶାର ରାଜା ଭାବରେ ଉଲ୍ଲେଖ କରାଯାଇ ନ ଥିଲା କିମ୍ବା ତାଙ୍କୁ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ବୋଲି ସ୍ୱୀକୃତି ଦିଆଯାଇ ନ ଥିଲା । ମନ୍ଦିରକୁ ମୋଗଲ ସମ୍ରାଟ୍‌ଙ୍କ ପ୍ରତ୍ୟକ୍ଷ ଶାସନାଧୀନରେ ରଖାଯାଇ-ଥିବାରୁ ତାହା ରାଜା ରାମଚନ୍ଦ୍ରଦେବଙ୍କୁ ବିରକ୍ତିକର ହୋଇଥିଲା ଏବଂ ଗ୍ରହଣୀୟ ହୋଇ ନ ଥିଲା ।

ଉପରୋକ୍ତ ଚୁକ୍ତି ଦେଶର ରାଜନୈତିକ ପରିସ୍ଥିତିରେ ଏକ ଆକସ୍ମିକ ପରିବର୍ତ୍ତନ ଆଣିଥିଲା । ଏଥିରୁ ପରିଲକ୍ଷିତ ହେଲା ଯେ ପୁରୀ ମନ୍ଦିର ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବା

Digitized by PPRACHIN, SOA

ସକାଶେ ଆଫଗାନମାନଙ୍କ ଅପେକ୍ଷା ଅଧିକ କ୍ଷମତାଶାଳୀ ଆଉ ଏକ ଶକ୍ତି ଅଛି । ଦୀର୍ଘଦିନ ଧରି ପୁରାତନ ସିଂହାସନ ପୁନର୍ଦଖଲ ପାଇଁ ଉଦ୍ୟମ କରି ହତାଶ ହୋଇ ପଡ଼ିଥିବା ରାମଚନ୍ଦ୍ରଦେବଙ୍କ ଶତ୍ରୁ ଓଡ଼ିଶାର ପରଲୋକଗତ ରାଜା ମୁକୁନ୍ଦଦେବଙ୍କ ଦୁଇପୁତ୍ର ତେଲେଙ୍ଗା ମୁକୁନ୍ଦଦେବ ଓ ଛକଡ଼ି ଭମରବର ସଂପ୍ରତି ଉତ୍ସାହିତ ହୋଇ ଉଠିଲେ ଏବଂ ରାଜା ମାନସିଂହଙ୍କ ସମ୍ମୁଖରେ ଓଡ଼ିଶା ରାଜା ଭାବରେ ସ୍ୱୀକୃତି ପାଇବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟରେ ଆଇନସିଦ୍ଧ ଦାବୀ ଉପସ୍ଥାପିତ କରିଥିଲେ । ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି "୧୨ ଅଙ୍କରେ (ରାମଚନ୍ଦ୍ରଦେବଙ୍କ ରାଜତ୍ୱର ଦଶମବର୍ଷ) ମୁକୁନ୍ଦଦେବଙ୍କ ପୁତ୍ର ଦିଲ୍ଲୀ ବାଦଶାହାଙ୍କ ଆଗରେ ଅଭିଯୋଗ କରିଥିଲେ ଏବଂ ଯିଏ ଓଡ଼ିଶାର ନେତା (ନାୟକ) ହେବ ସେ ରାଜା ହେବ ବୋଲି କହି ସମ୍ରାଟ୍ ମାନସିଂହଙ୍କୁ ପଠାଇଲେ ।"

ସଂକ୍ଷେପରେ କହିଲେ, ମାନସିଂହଙ୍କ ପ୍ରଥମବାର ଓଡ଼ିଶା ଅଧିକାର ଅଭିଯାନ ସେହି ପ୍ରଦେଶରେ ଆଫଗାନ ରାଜତ୍ୱର ଅବସାନ ଘଟାଇ ପାରିଲା ନାହିଁ କିମ୍ବା ଆଫଗାନ-ମାନଙ୍କ ହାତରେ ଓଡ଼ିଶାର ଲୋକମାନଙ୍କ ଧର୍ମ ଉପରେ ଚାଲିଥିବା ନିର୍ଯ୍ୟାତନା ସମସ୍ୟାର ଚୂଡ଼ାନ୍ତ ସମାଧାନ କରିପାରିଲା ନାହିଁ । ପାରମ୍ପରିକ ରୀତିରେ ଆଫଗାନମାନେ ଯଥା କେତେକ ଅଙ୍ଗୀକାର ଓ ପ୍ରତିଶ୍ରୁତିକୁ ଯଥାର୍ଥ ସମ୍ମାନ ଦେଇ ନ ଥିଲେ । ମୋଗଲ ସମ୍ରାଟ୍‌ଙ୍କର ଏକ ସାମନ୍ତ ରାଜ୍ୟ ଭାବରେ ଆଫଗାନ ଓଡ଼ିଶା ଏହି ସମ୍ପାଦିତ ଚୁକ୍ତିରେ କେବଳ ସ୍ଥାନ ପାଇଥିଲା । ଫଳତଃ ଉକ୍ତ ଅଞ୍ଚଳକୁ ମୋଗଲ ସାମ୍ରାଜ୍ୟ ସହିତ ମିଶାଇଦେଇ ଆଫଗାନ-ମାନଙ୍କ ଦମନମୂଳକ ଶାସନର ଅବସାନ ଆଣିବା ପାଇଁ ପ୍ରାୟ ବର୍ଷକପରେ ମାନସିଂହ ଦ୍ୱିତୀୟବାର ଓଡ଼ିଶା ଅଧିକାର ଅଭିଯାନ କରିବା ଆବଶ୍ୟକ ହେଲା ।

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ରାଜା ମାନସିଂହଙ୍କ ଦ୍ୱାରା ଓଡ଼ିଶା ଅଧିକାର

କୁତ୍ଲୁଙ୍କ ମୃତ୍ୟୁ ପରେ ବା ୧୫୯୦ ଖ୍ରୀଷ୍ଟାବ୍ଦରେ ସମ୍ପାଦିତ ଚୁକ୍ତି ଫଳରେ ମୋଗଲ ରାଜତ୍ୱ ପ୍ରତି ଆଫଗାନମାନଙ୍କ ବିରୋଧର ଅବସାନ ଘଟିଲା ନାହିଁ । ଯୁବକ ରାଜା ନାସିର ଖାଁଙ୍କ ବିଜ୍ଞ ରାଜ୍ୟ ଉପଦେଷ୍ଟା ଇସା ଖାଁ ଜୀବିତ ଥିବା ପର୍ଯ୍ୟନ୍ତ ଆଫଗାନ ସର୍ଦ୍ଦାରମାନଙ୍କ ଅନିୟନ୍ତ୍ରିତ ମାନସିକ ଉତ୍ତେଜନା ଅବଦମିତ ରହିଥିଲା । ତାଙ୍କ ମୃତ୍ୟୁ ପରେ ପରେ ନିଜ ଅନୁଗାମୀମାନଙ୍କ ସହିତ ନାସିର ଖାଁ ମୋଗଲ ତତ୍ତ୍ୱାବଧାରକଙ୍କ ହାତରୁ ଜଗନ୍ନାଥ ମନ୍ଦିରକୁ ବଳପୂର୍ବକ ଦଖଲ କରି ନେଇଥିଲେ ଏବଂ ସମ୍ରାଟଙ୍କ ଇଲାକା ଅନ୍ତର୍ଭୁକ୍ତ ପୁରୀକୁ ଜବରଦସ୍ତ ଅଧିକାର କରିଥିଲେ । ଏତଦ୍ବ୍ୟତୀତ ସେ ଏକଦା ଦିଲ୍ଲୀ ସିଂହାସନ ପ୍ରତି ଆନୁଗତ୍ୟ ପ୍ରଦର୍ଶନପୂର୍ବକ ଆଫଗାନମାନଙ୍କ ବିରୁଦ୍ଧରେ ମୋଗଲମାନଙ୍କୁ ସାହାଯ୍ୟ କରିଥିବା, ବିଷ୍ଣୁପୁରର ହମୀର ସିଂହଙ୍କ ଉପରେ ଆକ୍ରମଣ କରିଥିଲେ ଏବଂ ତାଙ୍କ ସହିତ ଯେଉଁମାନେ ବିଦ୍ରୋହରେ ଯୋଗଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ ସେମାନଙ୍କ ଧନସମ୍ପତ୍ତି ଲୁଣ୍ଠନ କରି ନେଇଥିଲେ ।

ଆଫଗାନମାନଙ୍କର ବିଦ୍ରୋହ ଏବଂ ଓଡ଼ିଶାରେ ସେମାନଙ୍କ ଅନିଷ୍ଟକର କାର୍ଯ୍ୟକଳାପ ସମ୍ରାଟ୍ଙ୍କ ଦରବାରକୁ ବିଚଳିତ କରିଥିଲା । ତେଣୁ ଓଡ଼ିଶା ବିରୁଦ୍ଧରେ ଦ୍ୱିତୀୟବାର ଅଭିଯାନ ଚଳାଇବା ନିମନ୍ତେ ମାନସିଂହଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ୧୫୯୧ ମସିହା ନଭେମ୍ବର ମାସ ୩ ତାରିଖ ଦିନ ସେ ଓଡ଼ିଶା ଅଭିମୁଖରେ ବିହାର ପରିତ୍ୟାଗ କଲେ । ଶତ୍ରୁ ପକ୍ଷକୁ ଉଭୟ ଦିଗରୁ ବ୍ୟତିବ୍ୟସ୍ତ କରିବା ନିମନ୍ତେ ସେ ଏଥର ନିଜ ସୈନ୍ୟବାହିନୀକୁ ଦୁଇଟି ଡିଭିଜନରେ ବିଭକ୍ତ କରିଥିଲେ । ଗୋଟିଏ ଡିଭିଜନ ଗଙ୍ଗାନଦୀ କୂଳେ କୂଳେ ନିମ୍ନଦିଗରେ ଅଗ୍ରସର ହେଲେ ଏବଂ ବାଟରେ ସ୍ଥାନୀୟ ଜମିଦାରମାନେ ତାଙ୍କ ସହିତ ଯୋଗ ଦେଲେ । ବଙ୍ଗଳାର ଭାଇସ୍‌ରାୟ ସୟଦ ଖାଁ ବଙ୍ଗଳା ସୈନ୍ୟବାହିନୀ ସହିତ

Digitized by PPRACHIN, SOA

ସେମାନଙ୍କୁ ସାହାଯ୍ୟ କରିଥିଲେ । ଅନ୍ୟ ତିନି ଭିଜନଟି କାଶ୍ମୀରର ପୂର୍ବତନ ରାଜା ୟୁସୁଫ୍ ଖାଁ ଛକଙ୍କ ନେତୃତ୍ୱରେ ସ୍ଥଳପଥରେ ଝାଡ଼ଖଣ୍ଡ (ସମ୍ବଲପୁର) ବାଟ ଦେଇ ଅଗ୍ରସର ହୋଇ-ଥିଲେ । ମୋଗଲବାହିନୀ ପ୍ରାୟ ଜଳେଶ୍ୱର ପାଖାପାଖି ସମସ୍ତ ଅଞ୍ଚଳ ଅଧିକାର କରିନେବା ବେଳେ ଆଫଗାନମାନେ ମୋଗଲ ଅଗ୍ରଗତି ପ୍ରତିହତ କରିବା ନିମନ୍ତେ ଉତ୍ତର ସୀମାନ୍ତକୁ ଆଗେଇଗଲେ । ଏହି ପରିପ୍ରେକ୍ଷୀରେ ମୋଗଲ ଶିବିରରେ ମତଭେଦ ଦେଖାଦେଲା । ସୟଦ ଖାଁ ଏବଂ ମାନସିଂହ କିଭଳି ରଣକୌଶଳ ଅବଲମ୍ବନ କରାଯିବ ସେ ସମ୍ପର୍କରେ ଭିନ୍ନ ଭିନ୍ନ ମତପୋଷଣ କରିଥିଲେ । ଚୁକ୍ତି ସ୍ଥାପନ ନିମନ୍ତେ ଆଫଗାନମାନଙ୍କ ପକ୍ଷରୁ ଆଗତ ପ୍ରସ୍ତାବକୁ ବଙ୍ଗଳା ସୈନ୍ୟମାନେ ଅନୁକୂଳ ଭାବରେ ଗ୍ରହଣ କଲେହେଁ ମାନସିଂହ ତାହା ଅନୁମୋଦନ କଲେ ନାହିଁ । ଆଫଗାନମାନେ ପରିଖା ପରିବେଷ୍ଟିତ ହୋଇ ନିଜ ସ୍ଥିତି ସୁରକ୍ଷା କରିଥିଲେ, ମାତ୍ର ବଙ୍ଗଳା ଅଫିସରମାନେ ମାନସିଂହଙ୍କ ଯୋଜନାରେ ସହଯୋଗ କରିବା ପରିବର୍ତ୍ତେ ସେଥିରୁ ଦୂରେଇ ରହିଥିଲେ । ମାସ ମାସ ଧରି ଏକ ସଙ୍ଗରେ ଚୁକ୍ତି ସମ୍ପର୍କୀୟ ଆଲୋଚନା ତଥା ଦୈନିକ ଖଣ୍ଡଯୁଦ୍ଧ ଲାଗି ରହିଲା । ଆକବରନାମାରେ ଲିଖିତ ମତାନୁସାରେ କୁତ୍‌ଲୁଙ୍କ ଦୁଇପୁଅ ନାସିର ଖାଁ, ଜମାଲ ଖାଁ ଏବଂ ବାହାଦୁର କୁରୁ ଉସ୍‌ମାନ ଓ ଜଲାଲ ଖାଁ ଖାସ୍‌ଖେଲଙ୍କ ପରି ମହାନ୍ ଆଫଗାନ ନେତାମାନଙ୍କ ସମେତ ସମଗ୍ର ଆଫଗାନବାହିନୀ ଏକ ସମୟରେ ମୋଗଲମାନଙ୍କର ଦୃଢ଼ ପ୍ରତିରୋଧ କରିଥିଲେ ।

୧୫୯୨ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ୧୦ ତାରିଖ ଦିନ ସୁବର୍ଣ୍ଣରେଖା ନଦୀ ଅତିକ୍ରମ ପୂର୍ବକ ଅଗ୍ରଗତି କରିଥିବା ସମସ୍ତ ଆଫଗାନ ସୈନ୍ୟବାହିନୀ ସହିତ ଏକ ଝରଣା ପରିବେଷ୍ଟିତ ବେନାପୁର ଜଙ୍ଗଲଠାରେ ମୋଗଲମାନଙ୍କର ଭୀଷଣ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା । ଯୁଦ୍ଧ ଆରମ୍ଭ ସମୟରେ ମୋଗଲ ସୈନ୍ୟମାନଙ୍କ ମଧ୍ୟରେ ଯଥାର୍ଥ ସମନ୍ୱୟ ପ୍ରତିଷ୍ଠିତ ହୋଇପାରି ନ ଥିଲା ଏବଂ କିଛି ପରିମାଣରେ ଶୃଙ୍ଖଳାର ଅଭାବ ଦେଖା ଦେଇଥିଲା । ଏହି ପରିସ୍ଥିତିରେ ଆଫଗାନମାନଙ୍କ ଆକ୍ରମଣ ହେତୁ ସମ୍ରାଟ୍‌ଙ୍କ ବାହିନୀ ମଧ୍ୟରେ ବିଶୃଙ୍ଖଳା ଓ ନୈରାଶ୍ୟ ମନୋଭାବ ସୃଷ୍ଟି ହୋଇଥିଲା । ମାତ୍ର ଠିକ୍ ସମୟରେ ପଶ୍ଚାଦ୍‌ଭାଗରେ ଥିବା ସୈନ୍ୟମାନେ ଆଗକୁ ଆସିଯିବା ଫଳରେ ପରାଜୟ ପରିସ୍ଥିତି ଏଡ଼େଇ ଦିଆଯାଇଥିଲା । ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ମୋଗଲ ଗୋଲନ୍ଦାଜ ବାହିନୀର ଆକ୍ରମଣ ଆଫଗାନ ସୈନ୍ୟମାନଙ୍କର ବିପର୍ଯ୍ୟୟ ଘଟାଇଥିଲା । ପୁରାତନ ଯୁଦ୍ଧ କୌଶଳ ଅନୁଗାମୀ ମୁଖ୍ୟତଃ ହାତୀମାନଙ୍କ ଉପରେ ନିର୍ଭରଶୀଳ ଆଫଗାନମାନେ ଶତ୍ରୁପକ୍ଷରୁ ଅବିଚ୍ଛନ୍ନ ଗୋଳାବର୍ଷଣ ଫଳରେ ମହାଅସୁବିଧାରେ ପଡ଼ିଥିଲେ । ମୋଗଲମାନଙ୍କର ଯୁଗୋଚିତ ଉତ୍କୃଷ୍ଟ କମାଣଯୁଦ୍ଧ ଓ ଧନୁର୍ବିଦ୍ୟା ଆଗରେ ପୁରାତନ ରଣକୌଶଳପ୍ରେମୀ ପୁରୁଣାକାଳିଆ ବନ୍ଧୁକ ଓ ନିକୃଷ୍ଟ ଧରଣର ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସଜ୍ଜିତ ଆଫଗାନମାନଙ୍କର ବିପର୍ଯ୍ୟୟ ଘଟିବା ସୁନିଶ୍ଚିତ । ଏହାଫଳରେ ମୋଗଲମାନଙ୍କର ବିଜୟ ଘଟିଲା । ଆଫଗାନମାନେ ଛତ୍ରଭଙ୍ଗ

Digitized by PPRACHIN, SOA

ଦେଇ ବିଶୃଙ୍ଖଳିତ ହୋଇ ପଳାୟନ କରିଥିଲେ । ଏହି ଯୁଦ୍ଧରେ ଜନୈକ ଡିଭିଜନାଲ କମାଣ୍ଡର ଖ୍ୱାଜା ଓ୍ୱାଇସ୍‌ଙ୍କ ସମେତ ପ୍ରାୟ ୩୦୦ ଆଫଗାନ ଯୁଦ୍ଧକ୍ଷେତ୍ରରେ ପ୍ରାଣ ହରାଇଥିଲେ । ସୁଲତାନ ସୁର୍ ନାମକ ଆଉଜଣେ ସେନାପତିଙ୍କୁ ବନ୍ଦୀ କରାଯାଇଥିଲା । ଏହି ବିଜୟ ହାସଲ ଦିଗରେ ମାନସିଂହଙ୍କ ପୁତ୍ରଗଣ, ସମ୍ପର୍କୀୟ ବର୍ଗ ଏବଂ ଅନୁଗାମୀବୃନ୍ଦ ବହୁ ସାହାଯ୍ୟ କରିଥିଲେ । ଉକ୍ତ ସନ୍ଦିହାନ ଯୁଦ୍ଧକୁ ମୋଗଲମାନଙ୍କ ବିଜୟରେ ପରିଣତ କରିବା ନିମନ୍ତେ ଅର୍ଜୁନ ସିଂହ (ଦୁର୍ଜନ ସିଂହ), ଜଗତ୍ ସିଂହ, ସୁବଳ ସିଂହ ଏବଂ ଶକତ ସିଂହ ପ୍ରଭୃତି ମାନସିଂହଙ୍କର ପୁତ୍ରମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ବିଜୟୀ ମୋଗଲ ସୈନ୍ୟବାହିନୀ ଜଳେଶ୍ୱର ଆଡ଼କୁ ଅଗ୍ରଗତି କରିଥିଲେ ଏବଂ ଆକବରଙ୍କ ନାମରେ ମୁଦ୍ରା ତିଆର ତଥା ଖୁତ୍‌ବା ପାଠ କରିଥିଲେ । ଶତ୍ରୁପକ୍ଷକୁ ସଫଳ-ଭାବେ ପ୍ରତିରୋଧ କରିବା ନିମନ୍ତେ ପରାଜିତ ଆଫଗାନମାନଙ୍କର ସାହସ ବା ଶକ୍ତି ନ ଥିଲା । ସେମାନେ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳଆଡ଼କୁ ପ୍ରତ୍ୟାଗମନ କରିଥିଲେ । କିନ୍ତୁ ମାନସିଂହ ସେମାନଙ୍କୁ ପଛରୁ ଆକ୍ରମଣ କରି ଲାଗିଥିଲେ । ସାର୍ ଯଦୁନାଥ ସରକାରଙ୍କ ମତରେ "ସେ ଆଫଗାନମାନଙ୍କ ରାଜଦ୍ରୋହତା ସମୂଳେ ଉତ୍ପାଟିତ କରିଥିଲେ ।" ସ୍ଥାନୀୟ ହିନ୍ଦୁ ଜମିଦାରମାନେ ତାଙ୍କ ପ୍ରତି ସମ୍ମାନ ଓ ଆନୁଗତ୍ୟ ପ୍ରଦର୍ଶନ କଲେ । ମାନସିଂହଙ୍କ ବିଜୟ, ସମ୍ମାନ ଓ ପ୍ରତିପତ୍ତି ବଙ୍ଗଳାର ସୟଦ ଖାଁଙ୍କ ପକ୍ଷରେ ଅସହ୍ୟ ହୋଇଉଠିଲା । ସେ ତାଙ୍କ ପ୍ରତି ଈର୍ଷାପରାୟଣ ହୋଇ ତାଙ୍କୁ ପରିତ୍ୟାଗ ନ କରିବା ପାଇଁ ମାନସିଂହଙ୍କ କାତର ଅନୁରୋଧ ସତ୍ତ୍ୱେ ଅନ୍ୟାନ୍ୟ କାରଣ ଅପେକ୍ଷା ନିଜର ମନ୍ଦ ପ୍ରକୃତି ଦ୍ୱାରା ଅଧିକ ପ୍ରଭାବିତ ହୋଇ ନିଜର ସୈନ୍ୟମାନଙ୍କୁ ଧରି ବଙ୍ଗଳାକୁ ଫେରି ଯାଇଥିଲେ ।

ଖୋର୍ଦ୍ଧାରାଜା ରାମଚନ୍ଦ୍ର ଦେବ ପ୍ରଥମରୁ ମାନସିଂହଙ୍କ ଅଭିଯାନ ପ୍ରତି ସନ୍ଦିହାନ ଥିଲେ । ତେଲେଙ୍ଗା ରାମଚନ୍ଦ୍ର ଦେବ ନିଜକୁ ଓଡ଼ିଶାର ରାଜା ହିସାବରେ ଆସୀନ କରାଇବା ନିମନ୍ତେ ମାନସିଂହଙ୍କୁ କରିଥିବା ଆବେଦନ ମୋଗଲମାନଙ୍କ ପ୍ରତି ଖୋର୍ଦ୍ଧା ରାଜାଙ୍କ ମନରେ ଅବିଶ୍ୱାସ ଓ ସନ୍ଦେହ ସୃଷ୍ଟି କରିଥିଲା । ସେ ନିଜକୁ ସେମାନଙ୍କଠାରୁ ଅଲଗା ରଖିଥିଲେ । ତାଙ୍କ ମନରେ ସନ୍ଦେହ ହୋଇଥିଲା ଯେ ସଂପୃକ୍ତ ଯୁଦ୍ଧରେ ମୋଗଲ-ମାନେ ବିଜୟଲାଭ କଲେ ସେ ଗାଦିରୁ ବଞ୍ଚିତ ହେବେ । ସେହି ଦୃଷ୍ଟିରୁ ଆଫଗାନମାନଙ୍କ ସହିତ ସେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ନିଷ୍ପତ୍ତି କରିଥିଲେ ଏବଂ ନିଜ ନିୟନ୍ତ୍ରଣାଧୀନ ସାରଙ୍ଗଗଡ଼ (ବୋରଙ୍ଗ ରେଳଷ୍ଟେସନ ନିକଟବର୍ତ୍ତୀ) ଦୁର୍ଗକୁ ସୁରକ୍ଷିତ ରଖିଥିଲେ ।

ମାନସିଂହ ଭଦ୍ରକଠାରେ ଗୋଟିଏ ଡିଭିଜନ ସୈନ୍ୟଙ୍କୁ ଅବସ୍ଥାପିତ କରି କଟକ ଦିଗରେ ଆଫଗାନମାନଙ୍କୁ ଗୋଡ଼ାଇ ଆସିଥିଲେ । ମୋଗଲମାନେ ଆଫଗାନମାନଙ୍କୁ ଏପରି ପ୍ରଚଣ୍ଡ ଆକ୍ରମଣ କଲେ ଯେ ସେମାନେ କଟକଠାରେ ମୋଗଲମାନଙ୍କୁ ପ୍ରତିରୋଧ କରିବାକୁ ସମର୍ଥ ହୋଇପାରିଲେ ନାହିଁ । ଫଳରେ ଆଫଗାନମାନଙ୍କ ରାଜଧାନୀ କଟକ ଅବିଳମ୍ବେ

Digitized by PPRACHIN, SOA

ମୋଗଲମାନଙ୍କ କରଗତ ହେଲା । ଶେଷ ଅବଲମ୍ବନସ୍ୱରୂପ ଆଫଗାନମାନେ ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବଙ୍କ ଦ୍ୱାରା ଅଧିକୃତ ସାରଙ୍ଗଗଡ଼ ଦୁର୍ଗରେ ଆଶ୍ରୟ ନେଲେ । ତିଲାରାଜା କଳକଳାଘାଟିଠାରେ ମୋଗଲ ସେନାପତିଙ୍କ ପାଖରେ ହାଜର ହେଲେ । କୁତ୍‌ଲୁ ଖାଁଙ୍କର ଖାସ୍‌ଖେଲ୍ ଅଲଓ୍ୱା ଖାଁ ଆଳିଦୁର୍ଗ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ । ମୋଗଲ ସୈନ୍ୟ-ବାହିନୀ ତାଙ୍କୁ ଘେରିଗଲେ ଏବଂ ତାଙ୍କ ଉପରେ ଏତେ ପ୍ରଚଣ୍ଡ ତଥା ଭୟଙ୍କର ଆକ୍ରମଣ ହେଲା ଯେ ସେ ଶତ୍ରୁମାନଙ୍କ ନିକଟରେ ଦୁର୍ଗ ସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ ।

କଟକଠାରେ ପହଞ୍ଚିବା ପରେ ମାନସିଂହ ଅନୁଭବ କଲେ ଯେ ଓଡ଼ିଶାରେ ଆଫଗାନ ଶକ୍ତିକୁ ଦମନ କରିବା କେବଳ ତାଙ୍କର କର୍ତ୍ତବ୍ୟ ନୁହେଁ, ଅଧିକନ୍ତୁ ଆଫଗାନ-ମାନଙ୍କର ଜନୈକ ବଡ଼ ମିତ୍ର ତଥା ଓଡ଼ିଶାର ସବୁଠାରୁ ବଡ଼ ଜମିଦାର ରାଜା ରାମଚନ୍ଦ୍ର ଦେବଙ୍କୁ ମଧ୍ୟ ତାଙ୍କର ବଶ୍ୟତା ଅଧୀନକୁ ଆଣିବାକୁ ପଡ଼ିବ । ପ୍ରଥମେ ସେ ଭାବିଥିଲେ ଯେ ମୋଗଲମାନଙ୍କ ସଫଳ ପ୍ରତିରୋଧ ନିମନ୍ତେ ଆଫଗାନମାନେ ଶକ୍ତିହୀନ ହୋଇ ପଡ଼ିଛନ୍ତି । କିନ୍ତୁ ଏବେବି ସାରଙ୍ଗଗଡ଼ ଦୁର୍ଗ ଅଧିକାର କରି ରହିଥିବା ଏବଂ ବହୁସଂଖ୍ୟକ ଆଫଗାନଙ୍କୁ ଆଶ୍ରୟ ଦେଇଥିବା ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବ ଥିଲେ ପ୍ରଧାନଶତ୍ରୁ ଯାହାଙ୍କୁ ଦମନ କରିବାର ଆବଶ୍ୟକତା ରହିଥିଲା ।

ଜଣାଯାଏ ଯେ ସାରଙ୍ଗଗଡ଼ ଦୁର୍ଗ ଏହି ହିନ୍ଦୁରାଜାଙ୍କ ଦ୍ୱାରା ସୁରକ୍ଷିତ ଏବଂ ପ୍ରତିରୋଧକ୍ଷମ ଥିଲା । ଏହି ଦୁର୍ଗ କଟକ ସହରର ଦକ୍ଷିଣ-ପଶ୍ଚିମ ଦିଗକୁ ପ୍ରାୟ ପାଞ୍ଚମାଇଲ ଦୂରରେ ଅବସ୍ଥିତ ଥିଲା । ଉକ୍ତ ପୁରାତନ ଦୁର୍ଗର ଧ୍ୱଂସାବଶେଷ ଏବେବି ପରିଲକ୍ଷିତ ହୁଏ । କୁହାଯାଏ ଯେ ଏହି ଦୁର୍ଗ ଗଙ୍ଗବଂଶ (ପରବର୍ତ୍ତୀ ଗଙ୍ଗ)ର ପ୍ରତିଷ୍ଠାତା ଚୋଡ଼ଗଙ୍ଗଙ୍କ ଦ୍ୱାରା ନିର୍ମିତ (୧୧୦୪-୧୧୧୧ ଖ୍ରୀଷ୍ଟାବ୍ଦ) ହୋଇଥିଲା । ଏହା ଏକ ଛକ ସ୍ଥାନରେ ଅବସ୍ଥିତ ଥିଲା ଏବଂ କଟକର ବାରବାଟୀଦୁର୍ଗର ପତନ ହେଲେ ଏହା ଓଡ଼ିଶା ରାଜାଙ୍କର ଦ୍ୱିତୀୟ ପ୍ରତିରକ୍ଷା ଦୁର୍ଗ ଆଶ୍ରୟ ରୂପେ ବିବେଚିତ ହେଉଥିଲା । ଏକ ନଦୀକୂଳରେ ଅବସ୍ଥିତ ଥିବାରୁ ଏବଂ ପ୍ରାକୃତିକ ପରିସୀମା ଦ୍ୱାରା ସୁରକ୍ଷିତଥିବା ଦୃଷ୍ଟିରୁ ସୁଫଳ ଦେଇ ନ ଥିଲେ ମଧ୍ୟ ଏହା ଅତୀତରେ ଓଡ଼ିଶାରାଜାଙ୍କୁ କଳାପାହାଡ଼ ବିରୁଦ୍ଧରେ ନିଜର ଶେଷ ସଂଗ୍ରାମ ଚଳାଇବା ନିମନ୍ତେ ସାହାଯ୍ୟ କରିଥିଲା ।

ସାରଙ୍ଗଗଡ଼ ଦୁର୍ଗ ଧ୍ୱଂସ କରିବା ଏବଂ ଶତ୍ରୁମାନଙ୍କ କବଳରେ ରହିଥିବା କଟକର ଉତ୍ତର-ପଶ୍ଚିମ ଅଞ୍ଚଳସ୍ଥ ଅନ୍ୟାନ୍ୟ ଦୁର୍ଗ ତଥା ସ୍ଥାନମାନଙ୍କୁ ଦଖଲ କରିବାଭଳି ପ୍ରଧାନ କାର୍ଯ୍ୟମାନ ମାନସିଂହଙ୍କ ଆଗରେ ରହିଥିବା ସମୟରେ ସେ ତୀର୍ଥଯାତ୍ରାରେ ପୁରୀ ଯିବା ନିମନ୍ତେ ପ୍ରସ୍ତାବ କରିଥିଲେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଏପରି ଏକ ତୀର୍ଥଯାତ୍ରା ନିଷ୍ପତ୍ତି ମାନସିଂହଙ୍କ ସ୍ତରର ଜଣେ ଯୋଦ୍ଧା ଏବଂ ବ୍ୟକ୍ତିଙ୍କ ପକ୍ଷରେ ଯଥାର୍ଥ ବୋଲି ସାଧାରଣତଃ ମନେହୁଏ ନାହିଁ । ଜଣେ ଉଚ୍ଚକୋଟୀର କୂଟନୀତିଜ୍ଞଙ୍କ ପକ୍ଷରେ ଏଭଳି ଆଶ୍ଚର୍ଯ୍ୟଜନକ ତଥା

Digitized by PPRACHIN, SOA

ଆଶାତୀତ ପ୍ରସ୍ତାବ ସାଧାରଣ ଲୋକଚକ୍ଷୁରେ ନିନ୍ଦନୀୟ ଘଟଣା ରୂପେ ପରିଗଣିତ ହୁଏ। ମାତ୍ର ପୁରୀ ଯିବା ନିଷ୍ପତ୍ତି ପଛରେ ମାନସିଂହଙ୍କ ମନରେ ଦୁଇଟି କାରଣ ରହିଥିଲା ।

ପ୍ରଥମତଃ ସେ ଦେଖିଲେ ଯେ ସାରଙ୍ଗଗଡ଼ ଦୁର୍ଗ ଅଧିକାର ଏକ କଷ୍ଟକର ବ୍ୟାପାର । ଯଦିଓ କଷ୍ଟକର ଯୁଦ୍ଧରେ ସେ ଦୁର୍ଗ ଦଖଲ କରିବେ ତଥାପି ତାହା ଫଳରେ ସେ ଖୋର୍ଦ୍ଧାରାଜାଙ୍କ ଉପରେ ଚୂଡ଼ାନ୍ତ ବିଜୟ ହାସଲ କରିପାରିବେ ନାହିଁ । କାରଣ ସାରଙ୍ଗଗଡ଼ର ଉତ୍ତର-ପଶ୍ଚିମରେ ଆହୁରି ଅନେକ ଦୁର୍ଗ ଶତ୍ରୁମାନଙ୍କ ଅଧିକାରରେ ରହିଛି ଯେଉଁଠାରେ କି ସେ ଆଶ୍ରୟ ନେଇ ପାରିବେ । ତେଣୁ ଗୋଟିଏ କଥା ତାଙ୍କ ମନରେ ଉଦ୍ରେକ ହେଲା । ସେ ଭାବିଲେ, ଯଦି ରାଜଧାନୀ (ଖୋର୍ଦ୍ଧା) ଉପରେ ଆକ୍ରମଣ କରାଯିବ ତେବେ ରାଜା ପ୍ରତାରିତ ହେବେ ଏବଂ ତାଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେବେ ।

ପୁନଶ୍ଚ ଖୋର୍ଦ୍ଧାରାଜାଙ୍କ ରାଜଧାନୀ ଉପରେ ଆକ୍ରମଣ ହେଲେ ଖୋର୍ଦ୍ଧାଠାରୁ ସାରଙ୍ଗଗଡ଼କୁ ଅଧିକ ସୈନ୍ୟପ୍ରେରଣ କରିବା ତାଙ୍କ ପକ୍ଷରେ ସମ୍ଭବ ହେବ ନାହିଁ । ପରିଣାମସ୍ୱରୂପ ସାରଙ୍ଗଗଡ଼ର ସୀମିତ ସୈନ୍ୟମାନେ ଅଧିକ ସୈନ୍ୟ ସାହାଯ୍ୟ ନ ପାଇ ଏବଂ ଯୁଦ୍ଧ ସରଞ୍ଜାମ ପାଇବାରୁ ବଞ୍ଚିତ ହୋଇ ମୋଗଲ ସୈନ୍ୟମାନଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେବେ । ଏତଦ୍‌ବ୍ୟତୀତ ଏଭଳି ପଦକ୍ଷେପ ନେଲେ ଆଫଗାନମାନେ କୌଣସି ପ୍ରତିକୂଳ ଦିଗରୁ ପୁନର୍ବାର ନୂଆ ଗଣ୍ଡଗୋଳ ସୃଷ୍ଟି କରିବା ନିମନ୍ତେ ସୁଯୋଗ ପାଇବେ ନାହିଁ । ଗୋଟିଏ ଅଭିଯାନରେ ଦୁଇଟି ଫଳ ପାଇବାର ଆଶା ରଖି ସେ ଏହାକୁ ଗୋପନ ରଖିଲେ ଏବଂ ନିଜର ଉଦ୍ଦେଶ୍ୟ ଆଦୌ ପ୍ରକାଶ କଲେ ନାହିଁ । ଶତ୍ରୁମାନଙ୍କ ମନରୁ ସନ୍ଦେହ ଲାଘବ କରିବା ମାନସରେ ସେ ତୀର୍ଥଯାତ୍ରାରେ ପୁରୀ ଯାଉଛନ୍ତି ବୋଲି ଘୋଷଣା କରିଥିଲେ ।

ଦ୍ୱିତୀୟତଃ ଓଡ଼ିଶା ସିଂହାସନ ନିମନ୍ତେ ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବ ଏବଂ ତେଲେଙ୍ଗା ମୁକୁନ୍ଦଦେବଙ୍କ ପୁଅ ତେଲେଙ୍ଗା ରାମଚନ୍ଦ୍ରଦେବ—ଦୁହେଁ ଉପସ୍ଥାପନ କରିଥିବା ଦାବୀ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିମନ୍ତେ ସେ ଇଚ୍ଛା ପ୍ରକାଶ କରୁଥିଲେ । ନିଜ ବିବାଦୀଙ୍କ ଭଳି ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବ ମଧ୍ୟ ସମ୍ରାଟ୍‌ଙ୍କ ଇଲାକାରେ ଜଗନ୍ନାଥ ମନ୍ଦିର ଓ ତାହାର ଚତୁଃପାର୍ଶ୍ୱସ୍ଥ ଅଞ୍ଚଳମାନ ମିଶ୍ରଣ ଘଟଣାରୁ ମୋଗଲ କ୍ଷମତା ଓ ଶକ୍ତିର ପରିଚୟ ପାଇ ସାରିଥିଲେ । ମାତ୍ର ଓଡ଼ିଶାର ଗାଦୀ କିପରି ସେ ନିଜେ ହାସଲ କରିପାରିବେ ତାହାହିଁ ଥିଲା ତାଙ୍କ ପକ୍ଷରେ ଏକ ସମସ୍ୟା । କେତେକ ଆଫଗାନଙ୍କ ସହିତ ସାରଙ୍ଗଗଡ଼ ଦୁର୍ଗ ଦଖଲ କରି ରହି ପ୍ରତିଦ୍ୱନ୍ଦ୍ୱୀମୂଳକ ମନୋଭାବ ପ୍ରଦର୍ଶନପୂର୍ବକ ସେ ମାନସିଂହଙ୍କୁ ଅସନ୍ତୁଷ୍ଟ ତଥା ଅପମାନିତ କରିଥିଲେ । ଅପର ପକ୍ଷରେ ତେଲେଙ୍ଗା ରାମଚନ୍ଦ୍ରଦେବ ମାନସିଂହଙ୍କ ପ୍ରତି ଶତ୍ରୁଭାବାପନ୍ନ ନ ଥିଲେ ବରଂ ସେ ଥିଲେ ବନ୍ଧୁଭାବାପନ୍ନ । ସମ୍ଭବତଃ

Digitized by PPRACHIN, SOA

ଏହି ଦୃଷ୍ଟିରୁ ମାନସିଂହ କେତେକାଂଶରେ ପ୍ରଥମେ ତେଲେଙ୍ଗା ରାମଚନ୍ଦ୍ରଦେବଙ୍କୁ ଓଡ଼ିଶା ରାଜା ହିସାବରେ ସ୍ୱୀକୃତି ଦେଇ ସିଂହାସନରେ ବସାଇବାକୁ ଚାହିଁଥିଲେ । କାରଣ ତାଙ୍କର ଧାରଣା ହୋଇଥିଲା ଯେ ଅନ୍ୟ କାହା ଅପେକ୍ଷା ସେ ମୋଗଲମାନଙ୍କ ପ୍ରତି ଅଧିକ ବିଶ୍ୱସ୍ତ ଅନୁଗତ ଏବଂ ଆଜ୍ଞାଧୀନ ରହିବେ । ତେବେ ସେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଦାବୀର ବୈଧତା ସମ୍ପର୍କରେ ଅନୁସନ୍ଧାନ ନ କରି ଏବଂ ଓଡ଼ିଶାର ଜନମତ ପ୍ରତି ଯଥାର୍ଥ ସମ୍ମାନ ନ ଦେଇ କୌଣସି ତରବରିଆ ନିଷ୍ପତ୍ତି ଗ୍ରହଣ କରିବାକୁ ଚାହୁଁ ନ ଥିଲେ । ଏଥିସହିତ ସେ ରାମଚନ୍ଦ୍ର ଦେବଙ୍କ ଶକ୍ତି ସମ୍ପର୍କରେ ଅବହିତ ହେବାକୁ ଏବଂ ମୋଗଲମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ତାଙ୍କ ନିଜ ସମ୍ବଳରେ ସେ କେତେଦୂର ସମର୍ଥ ତାହା ଜାଣିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ ।

ନିଜ ଯୋଜନା ଅନୁସାରେ ମାନସିଂହ ପୁରୀ ଅଭିମୁଖେ ଯାତ୍ରା କଲେ । ସେତେବେଳକୁ ଗ୍ରୀଷ୍ମ ଋତୁ । ତେଣୁ ପ୍ରାୟତଃ ଶୁଷ୍କ କାଠଯୋଡ଼ି ଏବଂ କୁଆଖାଇ ନଦୀ ପାରହେବାକୁ ତାଙ୍କୁ କଷ୍ଟ ହେଲା ନାହିଁ । ଜଣାଯାଏ ଯେ ମାନସିଂହଙ୍କ ସହିତ ମୋଗଲ ସୈନ୍ୟମାନେ କୁଆଖାଇ ନଦୀ କୂଳେ କୂଳେ ଉତ୍ତର-ପୂର୍ବ ଦିଗରେ ଯାତ୍ରା କରି ବାଲକାଟି ଅତିକ୍ରମ କରି ପୁରୀଠାରୁ ୨୫ ମାଇଲ ଓ କଟକ ଠାରୁ ୨୭ ମାଇଲ ଦୂରବର୍ତ୍ତୀ ସମ୍ପ୍ରତି ଜଗନ୍ନାଥ ଟ୍ରଙ୍କ୍ ରୋଡ଼ରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପିପିଲିଠାରେ ଅବସ୍ଥାନ କଲେ ଏବଂ ପଡ଼ୋଶୀ ଅଞ୍ଚଳମାନ ନିଜ ଅକ୍ତିଆରରେ ଆଣିବାକୁ ଆରମ୍ଭ କରିଥିଲେ ।

ଖୋର୍ଦ୍ଧା ନିକଟବର୍ତ୍ତୀ ଅଞ୍ଚଳରେ ମୋଗଲମାନଙ୍କର ପହଞ୍ଚିବା ଘଟଣା ଖୋରଧା ରାଜାଙ୍କ ମନରେ ଆତଙ୍କ ସୃଷ୍ଟି କଲା । ସେ ସ୍ପଷ୍ଟଭାବରେ ରାଜା ମାନସିଂହଙ୍କ ଉଦ୍ଦେଶ୍ୟ ସାଧନର କୌଶଳ ତଥା କୂଟନୀତି ଏବଂ ରାଜଧାନୀ ଆଡ଼କୁ ତାଙ୍କ ଅଗ୍ରଗତିର ଉଦ୍ଦେଶ୍ୟ ବୁଝିପାରିଲେ । ତେଣୁ ସେ ତାଙ୍କ ସହିତ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କଲେ ଏବଂ ମାନସିଂହଙ୍କ ଅନୁଗ୍ରହ ପ୍ରାପ୍ତି ନିମନ୍ତେ ସେ ନିଜ ପୁଅ ବୀରବରଙ୍କ ହାତରେ ପ୍ରଚୁର ଉପହାର ଦେଇ ତାଙ୍କୁ ପଠାଇଲେ । ସେ ଆଶା କରିଥିଲେ ଯେ ସ୍ୱତଃପ୍ରବୃତ୍ତ ଭାବରେ ଆତ୍ମସମର୍ପଣ କରିବା ଫଳରେ ସେ ନିଶ୍ଚିତ ଭାବରେ ଓଡ଼ିଶା ରାଜା ରୂପେ ସ୍ୱୀକୃତ ହେବେ ଓ ଜଗନ୍ନାଥ ମନ୍ଦିର ଉପରେ ତାଙ୍କର ଦାବୀ ସାବ୍ୟସ୍ତ ରହିବ । ଏତଦ୍ବ୍ୟତୀତ ସମ୍ରାଟ୍ଙ୍କ ଇଲାକାରେ ସାମିଲ ହୋଇଥିବା ପଡ଼ୋଶୀ ଅଞ୍ଚଳମାନ ମଧ୍ୟ ଆଇନତଃ ତାଙ୍କ ହାତକୁ ଚାଲି ଆସିବ ।

ମାତ୍ର ମାନସିଂହ ରାଜାଙ୍କ ପ୍ରସ୍ତାବରେ ସମ୍ମତିଦେବାକୁ ରାଜି ହେଲେ ନାହିଁ । କାରଣ ଆଫଗାନମାନଙ୍କ ସପକ୍ଷରେ ରହି ସେମାନଙ୍କୁ ସାହାଯ୍ୟ ପ୍ରଦାନପୂର୍ବକ ମୋଗଲମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିବା ଏବଂ ଶତ୍ରୁମାନଙ୍କୁ ଆଶ୍ରୟ ଦେଉଥିବା ଜନୈକ ବ୍ୟକ୍ତିଙ୍କ ପ୍ରତି ଉଦାର ମନୋଭାବ ପ୍ରଦର୍ଶନ କରିବାକୁ ସେ ଇଚ୍ଛୁକ ନ ଥିଲେ । ଆଉମଧ୍ୟ ଖୋରଧା ରାଜାଙ୍କର ମୋଗଲମାନଙ୍କ ସହିତ ଚୁକ୍ତି ସମ୍ପାଦନ ଏବଂ ମୋଗଲ ସିଂହାସନ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ସମ୍ପର୍କରେ ସେ ସନ୍ଦେହମୁକ୍ତ ଓ ବିଶ୍ୱାସଯୋଗ୍ୟ ନ ଥିଲେ । ଅପର-

Digitized by PPRACHIN, SOA

ପକ୍ଷରେ ତେଲେଙ୍ଗା ରାମଚନ୍ଦ୍ରଦେବ ବିବାଦୀୟ ଦାବୀ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ପ୍ରଦାନ କରିବା ନିମିତ୍ତ ସର୍ବଶେଷ ବିଗ୍ରହକଭାବେ ମୋଗଲ ସମ୍ରାଟ୍‌ଙ୍କୁ ଆବେଦନ କରିଥିଲେ ଏବଂ ମୋଗଲମାନଙ୍କର ପରମଶତ୍ରୁ ଆଫଗାନ୍‌ମାନଙ୍କୁ ସାହାଯ୍ୟ ନ କରି କିମ୍ବା ଆଶ୍ରୟ ନ ଦେଇ ମୋଗଲମାନଙ୍କ ପକ୍ଷ ସମର୍ଥନ କରିଥିଲେ । ସେ ସର୍ବଦା ସମ୍ରାଟ୍‌ଙ୍କର ବିଶ୍ୱାସଭାଜନ ହୋଇପାରିବେ ଏବଂ ସୁଦୂର ଓଡ଼ିଶା ପ୍ରଦେଶରେ ଅତ୍ୟନ୍ତ ସନ୍ତୋଷଜନକଭାବେ ମୋଗଲ ସାର୍ବଭୌମକ୍ଷମତାର ନିର୍ଦ୍ଦେଶ ପାଳନ କରିପାରିବେ ବୋଲି ସମସ୍ତ ସମ୍ଭାବନା ରହିଥିଲା ।

ମୋଗଲ ସେନାପତିଙ୍କ ମନୋଭାବ ଖୋର୍ଦ୍ଧାରାଜାଙ୍କ ଆଶାମୂଳରେ ଗଭୀର କୁଠାରାଘାତ କଲା । ତାଙ୍କ ପ୍ରସ୍ତାବ ଉପରେ ମୋଗଲ ସେନାପତିଙ୍କ ନିକଟରୁ କୌଣସି ପ୍ରକାର ଅନୁକୂଳ ଉତ୍ତର ନ ଆସୁଥିବାରୁ ସେ ତାଙ୍କର ଚିନ୍ତାଧାରା ପରିବର୍ତ୍ତନ କରି ମୋଗଲ ସେନାପତିଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ଚଳାଇଲେ । ଏଭଳି ଏକ ନିଷ୍ପତ୍ତି ଗ୍ରହଣ କରିବା ନିମନ୍ତେ ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ତାଙ୍କ ପ୍ରତି ଅନୁକୂଳ ହେଲା ।

ମାନସିଂହ ତୀର୍ଥଯାତ୍ରାରେ ପୁରୀ ଯିବା ସମୟରେ କାଶ୍ମୀର ରାଜା ୟୁସୁଫ୍ ଖାଁ ଛକଙ୍କୁ କଟକ ଦାୟିତ୍ୱରେ ରଖି ଦେଇଗଲେ । ମାତ୍ର ମୋଗଲମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ନିମନ୍ତେ ସର୍ବଦା ସୁଯୋଗ ଉଣ୍ଡୁଥିବା ଆଫଗାନମାନଙ୍କ ଗୋଳମାଳିଆ କାର୍ଯ୍ୟକଳାପ ରୋକିବା ପାଇଁ କଟକଠାରେ ଅଳ୍ପସଂଖ୍ୟକ ସୈନ୍ୟ ଅବସ୍ଥାପିତ ହୋଇଥିବାରୁ ତାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଲା । ଅନ୍ୟ ଦିଗରେ ଆଫଗାନମାନେ ଅଧିକ ସକ୍ରିୟ ହୋଇ-ଉଠିଲେ । ମାନସିଂହଙ୍କ ପିପିଲି ଆଡ଼କୁ ଅଗ୍ରଗତି ଓଡ଼ିଶାର ଉତ୍ତର ପ୍ରାନ୍ତରରେ ପୁଣି ଥରେ କ୍ଷମତା ହାସଲ ନିମନ୍ତେ ଆଫଗାନମାନଙ୍କୁ ପ୍ରେରଣା ଯୋଗାଇଲା । ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିବା ଆଫଗାନମାନେ ପ୍ରଥମେ ହିଜ୍‌ଲି ଆକ୍ରମଣ କଲେ । ତା'ପରେ ହବି ଖାଁ, ଓଜ୍‌ରୟା ଖାଁ, ସୁଜାଓ୍ୱାଲ ଖାଁ ଓ ମେଓ୍ୱା ଖାଁ ଜଳେଶ୍ୱର ଆକ୍ରମଣ କରିଥିଲେ ଏବଂ ସେଠାକାର ମୋଗଲ ଅଫିସର ମାର୍କ୍‌ଜିଙ୍କୁ ସେ ସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ କରିଥିଲେ ।

ଏହି ସମୟରେ କୂଟନୀତିଜ୍ଞ ମାନସିଂହ ଖୋର୍ଦ୍ଧା ରାଜାଙ୍କର ମତିଗତି ବୁଝିବା ପାଇଁ ତାଙ୍କୁ ନିଜ ସମ୍ମୁଖରେ ଉପସ୍ଥିତି ହେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ତାଙ୍କୁ ଓଡ଼ିଶାର ଗଜପତି ରାଜା ରୂପେ ସ୍ୱୀକୃତି ଦେବା ସମ୍ପର୍କରେ ମାନସିଂହଙ୍କ ନିକଟରୁ ଖୋରଧାରାଜା କୌଣସି ସମ୍ମତି ପାଇବାକୁ ସକ୍ଷମ ହୋଇ ନ ଥିବାରୁ ତାଙ୍କୁ ସାକ୍ଷାତ କରିବା କଥା ସେ କୌଶଳକ୍ରମେ ଏଡ଼ାଇ ଦେଇଥିଲେ । ସମ୍ଭବତଃ ଜଳେଶ୍ୱରସ୍ଥ ମୋଗଲ ଛାଉଣି ଉପରେ ଆଫଗାନମାନଙ୍କର ସଫଳ ଆକ୍ରମଣ ରାଜାଙ୍କୁ 'ଅପେକ୍ଷାକର ଏବଂ ଦେଖ' ନୀତି ଅବଲମ୍ବନ ନିମନ୍ତେ ପ୍ରୋତ୍ସାହିତ କରିଥିଲା ।

Digitized by PPRACHIN, SOA

ଜଳେଶ୍ୱରଠାରେ ଆଫଗାନମାନଙ୍କ ବିଦ୍ରୋହ, ରାଜା ରାମଚନ୍ଦ୍ରଙ୍କ ଅବଜ୍ଞା ପ୍ରଦର୍ଶନ ଏବଂ ସାରଙ୍ଗଗଡ଼ ଦଖଲ ପାଇଁ ମୋଗଲମାନଙ୍କ ଅକ୍ଷମତା ପ୍ରଭୃତି ବଡ଼ ସମସ୍ୟାମାନ ବର୍ତ୍ତମାନ ମାନସିଂହଙ୍କ ଆଗରେ ଦେଖା ଦେଇଥିଲା । ଏକ ସଙ୍ଗରେ ଏହିସବୁ ସମସ୍ୟାର ସମ୍ମୁଖୀନ ହେବା ଅତ୍ୟନ୍ତ କଷ୍ଟକର ବିବେଚିତ ହେଲା । ତେଣୁ ସେ ସର୍ବପ୍ରଥମେ ଜଳେଶ୍ୱରଠାରେ ଆଫଗାନମାନଙ୍କୁ ଆକ୍ରମଣ କରିବାକୁ ନିଷ୍ପତ୍ତି କଲେ । ସେହି ଦୃଷ୍ଟିରୁ ସେ ପାହାର ଖାଁ ଏବଂ ଅନ୍ୟମାନଙ୍କୁ ଆଫଗାନ ସର୍ଦ୍ଦାର୍ ଫତେ ଖାଁ ଓ ତାର ସହକର୍ମୀମାନଙ୍କ ବିରୁଦ୍ଧରେ ପ୍ରେରଣ କଲେ । ପରିଣାମତଃ ଆଫଗାନମାନେ ବିତାଡ଼ିତ ହେବାରୁ ମୋଗଲ-ମାନେ ସେ ସ୍ଥାନଗୁଡ଼ିକୁ ପୁନଃ ଦଖଲ କଲେ । ଜଳେଶ୍ୱରଠାରେ ମୋଗଲମାନଙ୍କର ବିଜୟ କଟକସ୍ଥିତ ମୋଗଲ ସୈନ୍ୟମାନଙ୍କ ମନରେ ଅଧିକ ଉତ୍ସାହ ଓ ସାହସ ସଞ୍ଚାର କରିଥିଲା ଏବଂ ଜଳେଶ୍ୱରଠାରୁ ଆସିଥିବା ଅନେକ ବିଜୟୀ ସୈନ୍ୟ ସାରଙ୍ଗଗଡ଼ଠାରେ ଅବସ୍ଥିତ ମୋଗଲ ସୈନ୍ୟଙ୍କ ସଂଖ୍ୟାବୃଦ୍ଧି କରିବାକୁ ଲାଗିଲେ । ବର୍ତ୍ତମାନ ସାରଙ୍ଗଗଡ଼ ଦୁର୍ଗ ମୋଗଲ-ମାନଙ୍କ ଦ୍ୱାରା ପ୍ରଚଣ୍ଡ ଆକ୍ରମଣର ସମ୍ମୁଖୀନ ହେଲା । ଅଳ୍ପ ସମୟ ମଧ୍ୟରେ ଦୁର୍ଗଟି ମୋଗଲମାନଙ୍କ ହସ୍ତଗତ ହେଲା ।

ଇତିମଧ୍ୟରେ ମାନସିଂହ ନିଜ ପୁଅ ଜଗତ୍ ସିଂହଙ୍କ ଅଧିନାୟକତ୍ୱରେ ଖୋରଧା ରାଜାଙ୍କ ଇଲାକାକୁ ଏକ ସୈନ୍ୟବାହିନୀ ପଠାଇଥିଲେ । ମୀର୍ ସରିଫ୍ ସର୍‌ମାଣ୍ଡି, ମୀର୍ କାଶିମ୍ , ବଦକ୍ଷୀବର ଖୁର୍ଦାର ଆବୁଲବାକା, ମହମ୍ମଦ ବେଗ୍ ଶୁନ୍ସ୍ ଏବଂ ସିହାବୁଦ୍ଦିନ୍ ଦିଓ୍ୱାନା ପ୍ରଭୃତି ଅନ୍ୟାନ୍ୟ ଅଫିସରମାନେ ମଧ୍ୟ ତାଙ୍କ ସହିତ ଯାଇଥିଲେ । ଆତ୍ମସମର୍ପଣ ନିମିତ୍ତ ରାଜାଙ୍କୁ ଭୟଭୀତ କରାଇବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ । ଜଗତ୍ ସିଂହ ପିପିଲିଠାରୁ ଖୋର୍ଦ୍ଧା ଅଭିମୁଖେ ଯାତ୍ରା କଲେ । ମାତ୍ର ଅନତିବିଳମ୍ବେ ସେ ବାଟରେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେଲେ । କାରଣ ଖୋର୍ଦ୍ଧାରାଜା ଜଣେ କ୍ଷମତାଶାଳୀ ରାଜା ଥିବାରୁ ତାଙ୍କ ଅଧୀନରେ ବହୁସଂଖ୍ୟକ ଦୁର୍ଗ ଓ ସହର ରହିଥିଲା । ସେଥିମଧ୍ୟରୁ ଅଧିକାଂଶ ଦୟା-ନଦୀର ଉଭୟ ପାର୍ଶ୍ୱରେ ଅବସ୍ଥିତ ଥିଲା । ଏହିସବୁ ଦୁର୍ଗରେ ଅବସ୍ଥାପିତ କିଲ୍ଲାଦାରମାନେ ତାଙ୍କୁ ପ୍ରତିରୋଧ କରିବା ପାଇଁ ନିର୍ଦ୍ଦେଶ ପାଇଥିଲେ । ତେଣୁ ଖୋର୍ଦ୍ଧା ଅଭିମୁଖେ ଅଗ୍ରଗତି ନିମନ୍ତେ ମୋଗଲ ସୈନ୍ୟମାନଙ୍କୁ, ସେମାନେ ଅତିକ୍ରମ କରିବାକୁ ପଡୁଥିବା ପ୍ରତିଟି ଦୁର୍ଗରେ ଶତ୍ରୁମାନଙ୍କ ସହିତ ଲଢ଼େଇ କରିବାକୁ ପଡୁଥିଲା । ମୋଗଲମାନଙ୍କ ହାତରେ ପଡ଼ିଥିବା ଦୁର୍ଗଗୁଡ଼ିକ ଆକବରନାମାରେ ସହଜପାଳ, ଖରଗଡ଼, କାଳୁପଡ଼ା, କାହ୍ନାନ, ଲୋଣଗଡ଼ ଓ ଭୁନ୍‌ମଲ ରୂପେ ଉଲ୍ଲେଖ ରହିଛି ।

ମୋଗଲ ସୈନ୍ୟବାହିନୀ ଖୋର୍ଦ୍ଧାରେ ପହଞ୍ଚିବା ପରେ ବରୁଣାଇ ପାହାଡ଼ ପାଦଦେଶରେ ଅବସ୍ଥିତ ଖୋର୍ଦ୍ଧାସ୍ଥ ଦୁର୍ଗଦ୍ୱାରା ସୁରକ୍ଷିତ ରାଜଧାନୀ ଭିତରେ ରାଜା ଅବରୁଦ୍ଧ ହୋଇ ରହିଲେ । ଏହି ଦୁର୍ଗଟି ଏକ ପାର୍ଶ୍ୱରେ ବରୁଣାଇ ପାହାଡ଼ ଏବଂ ଅପର ପାର୍ଶ୍ୱରେ

Digitized by PPRACHIN, SOA

ଘଞ୍ଚ ତଥା ପ୍ରାୟତଃ ଦୁର୍ଭେଦ୍ୟ ଜଙ୍ଗଲ ଦ୍ୱାରା ସୁରକ୍ଷିତ ଥିଲା । ଦୟାନଦୀର ଉଭୟପାର୍ଶ୍ୱରେ ଥିବା ଛୋଟ ଛୋଟ ଦୁର୍ଗମାନଙ୍କରୁ ଖୋରଧା ରାଜଧାନୀକୁ ଅଧିକ ସୈନ୍ୟ ଆସିବେ ବୋଲି ରାଜା ଆଶା କରୁଥିଲେ । ଯଦିଓ ଉପରୋକ୍ତ ଛଅଟି ଦୁର୍ଗ ଶତ୍ରୁମାନଙ୍କ ଦ୍ୱାରା ଅଧିକୃତ ହୋଇ ସାରିଥିଲା ତଥାପି ଆଉ ଅଳ୍ପ କେତେକ ଦୁର୍ଗ ଅନଧିକୃତ ଥିବାରୁ ରାଜା ସାହସ ସହିତ ସୁରକ୍ଷିତ ଦୁର୍ଗ ଭିତରେ ନିଜକୁ ନିରାପଦ ରଖି ପାରିଥିଲେ । ମୋଗଲମାନେ ପ୍ରଚଣ୍ଡ ଆକ୍ରମଣ କଲେ । କିନ୍ତୁ ରାଜାଙ୍କ ଦୃଢ଼ ପ୍ରତିରୋଧ ବ୍ୟବସ୍ଥା ମୋଗଲମାନଙ୍କ ବିଜୟ ଆଣିପାରି ନ ଥିଲା । ଦୁର୍ଭେଦ୍ୟ ଦୁର୍ଗକୁ ସମର୍ପଣ କରାଇବା ପାଇଁ ଖୋରଧା ରାଜାଙ୍କୁ ବାଧ୍ୟ କରାଇବା ଅତ୍ୟନ୍ତ ସହଜ ନ ଥିଲା ।

ଏଥିସହିତ ଦେଖାଦେଇଥିବା ଦ୍ୱିତୀୟ ସମସ୍ୟାଟି ହେଲା ଆତ୍ମସମର୍ପଣ କରିବାର ଅଳ୍ପକାଳ ବିରତି ପରେ ଆଫଗାନମାନେ ପୁଣି ଥରେ ଆତ୍ମପ୍ରକାଶ କଲେ ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ନୂତନ ଗଣ୍ଡଗୋଳ ସୃଷ୍ଟି ନିମନ୍ତେ ଏକତ୍ରିତ ହେଲେ । ଜଳେଶ୍ୱର ପୁନର୍ଦଖଲ ନିମିତ୍ତ ସେମାନଙ୍କର ମିଳିତ ଆକ୍ରମଣ ଥିଲା ମୋଗଲମାନଙ୍କ ପ୍ରତି ଏକ ସଦ୍ୟ ଆହ୍ୱାନ । ସାରଙ୍ଗଗଡ଼ ଦୁର୍ଗର ପତନ ପରେ ଜଙ୍ଗଲକୁ ପଳାଇ ଯାଇଥିବା ଆଫଗାନମାନେ ପୁଣି ଥରେ ଆତ୍ମପ୍ରକାଶ କଲେ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶତ୍ରୁକୁ ହଇରାଣ କରିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ । ଖୋର୍ଦ୍ଧା ନିକଟରେ ରାଜାଙ୍କ ଓଡ଼ିଆ ସୈନ୍ୟମାନଙ୍କୁ ଦମନ କରିବା ପାଇଁ ଅଧିକାଂଶ ମୋଗଲ ସେନା କେନ୍ଦ୍ରୀଭୂତ ହେବା ଘଟଣା ଆଫଗାନମାନଙ୍କୁ ଗୋଳିଆପାଣିରେ ମାଛ ମାରିବାର ଚରମ ସୁଯୋଗ ପ୍ରଦାନ କରିଥିଲା ।

ତୃତୀୟତଃ ଖୋର୍ଦ୍ଧା ଦୁର୍ଗ ଭିତରେ ରାଜାଙ୍କ ଦୃଢ଼ ମନୋଭାବ ମୋଗଲମାନଙ୍କ ମନରେ ସନ୍ଦେହ ସୃଷ୍ଟି କଲା ଯେ, ସମ୍ଭବତଃ ସେ ଗୋଲକୁଣ୍ଡା ସୁଲତାନ ମହମ୍ମଦ କୁଲି କୁତବ ଶାହାଙ୍କ ସଙ୍ଗେ ଗୁପ୍ତ ସମ୍ପର୍କ ରଖିଛନ୍ତି । ଏ ପରିସ୍ଥିତିରେ ମୋଗଲମାନଙ୍କ ବିରୋଧାତ୍ମକ ଚାପ ଖୋର୍ଦ୍ଧା ରାଜାଙ୍କୁ ଗୋଲକୁଣ୍ଡା ଅଧୀନସ୍ଥ କରିଦେଇପାରେ । କ୍ରମଶଃ ପରାକ୍ରମଶାଳୀ ହୋଇ ଉଠୁଥିବା ଗୋଲକୁଣ୍ଡା ରାଜ୍ୟ ସ୍ୱାଧୀନ ଥିଲା ଏବଂ ବିଗତ ଅଳ୍ପ କେତେବର୍ଷ ଧରି ଓଡ଼ିଶାର ଦକ୍ଷିଣାଞ୍ଚଳ ଉପରେ ହସ୍ତକ୍ଷେପ କରି ଆସୁଥିଲା । ତେଣୁ ରାଜାଙ୍କ ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରାଗଲେ ରାଜା ଗୋଲକୁଣ୍ଡା ସୁଲତାନଙ୍କ ସହିତ ମିତ୍ରତା ସ୍ଥାପନ କରିବାର ଯଥେଷ୍ଟ ସମ୍ଭାବନା ରହିଥିଲା । ଫଳତଃ ଆଫଗାନ ବିଦ୍ରୋହ ସାଙ୍ଗକୁ ମୋଗଲମାନଙ୍କୁ ଆଉ ଏକ କଷ୍ଟସାଧ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆଶଙ୍କା କରାଯାଇଥିଲା ।

ଚତୁର୍ଥତଃ, ପରେ ଦେଖାଗଲା ଯେ ସେବକ, ବ୍ରାହ୍ମଣ ଓ ସାଧାରଣ ଲୋକମାନେ ଖୋର୍ଦ୍ଧାରାଜାଙ୍କ ସପକ୍ଷରେ ଥିଲେ । ସେମାନେ ତେଲେଙ୍ଗା ରାମଚନ୍ଦ୍ରଦେବଙ୍କୁ ସମର୍ଥନ କରୁ ନ ଥିଲେ । ଓଡ଼ିଶାର ଲୋକମାନଙ୍କ ଦୃଷ୍ଟିରେ ଖୋର୍ଦ୍ଧାରାଜା ଠାକୁରରାଜା ହେବା ପାଇଁ

Digitized by PPRACHIN, SOA

ଯୋଗ୍ୟ ଏବଂ ଜନପ୍ରିୟ ନେତା ଥିଲେ । ତାଙ୍କ ତୁଳନାରେ ଓଡ଼ିଶା ସିଂହାସନ ପାଇଁ ଅନ୍ୟତମ ଦାବୀଦାର ତେଲେଙ୍ଗା ରାମଚନ୍ଦ୍ରଦେବ ଉପଯୁକ୍ତ ନ ଥିଲେ କିମ୍ବା ଜନସାଧାରଣଙ୍କ ସମର୍ଥନ ତଥା ସଦିଚ୍ଛା ଲାଭ କରୁ ନ ଥିଲେ । ଏହି ପରିସ୍ଥିତି ମାନସିଂହଙ୍କୁ ଏକ ଦ୍ୱନ୍ଦ୍ୱରେ ପକାଇଲା । ଉକ୍ତ ପରିସ୍ଥିତିରେ ଯଦି ସେ ଜନସମର୍ଥନ ଲାଭ କରୁ ନ ଥିବା ତେଲେଙ୍ଗା ରାମଚନ୍ଦ୍ରଦେବଙ୍କୁ ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱରେ ଅବସ୍ଥାପିତ କରିବେ ତେବେ ତାଙ୍କ ନିଷ୍ପତ୍ତି ବିରୁଦ୍ଧରେ ଜନଅସନ୍ତୋଷ ଦେଖାଦେଇପାରେ । ତେବେ ଦୁର୍ଗ ଅବରୋଧ ଅଭିଯାନ ବିଶେଷଭାବରେ ଆଗେଇ ଯାଇଥିବା କ୍ଷେତ୍ରରେ, ସୈନ୍ୟମାନଙ୍କୁ ସ୍ୱେଚ୍ଛାକୃତଭାବେ ଅପସାରଣ କରି ଖୋର୍ଦ୍ଧାରାଜାଙ୍କ ସଙ୍ଗେ ହଠାତ୍ ସମସ୍ୟାର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିବା ମାନସିଂହଙ୍କ ପରି ଜଣେ ଖ୍ୟାତିସମ୍ପନ୍ନ ସେନାପତିଙ୍କ ସମ୍ମାନ ଓ ଉଚ୍ଚପଦବୀ ପ୍ରତି ଉଚିତ୍ ବିବେଚିତ ହୋଇ ନ ଥିଲା ।

ବର୍ତ୍ତମାନ ମାନସିଂହ ଦ୍ୱନ୍ଦ୍ୱ ଭିତରେ ଥିଲେ । ସେ ଖୋର୍ଦ୍ଧାରାଜାଙ୍କୁ ପ୍ରଥମେ ଦମନ କରିବେ କି ତାଙ୍କ ପ୍ରତି ଉଦାରତା ଦେଖାଇବେ ତାହା ଚିନ୍ତା କରୁଥିବାବେଳେ ଖୋର୍ଦ୍ଧାରାଜା ମାନସିଂହଙ୍କ ଆପୋଷ ସମାଧାନ ବିରୋଧୀ ମନୋଭାବ ତଥା ଆକ୍ରମଣାତ୍ମକ ଆଚରଣ ସମ୍ପର୍କରେ ଆକବରଙ୍କ ନିକଟରେ ଅଭିଯୋଗ ଉପସ୍ଥାପନ କରି ସାରିଥିଲେ ଏବଂ ତାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବେ ଓ ତାଙ୍କର ବଶ୍ୟତାସ୍ୱୀକାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ଉଦାରମନା ଆକବର ମାନସିଂହଙ୍କ ଉପରେ ଦୋଷାରୋପ କରି ଖୋର୍ଦ୍ଧା ଦୁର୍ଗ ଅବରୋଧ କାର୍ଯ୍ୟରେ ନିୟୋଜିତ ଥିବା ସୈନ୍ୟମାନଙ୍କୁ ପ୍ରତ୍ୟାହାର କରି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ମାନସିଂହଙ୍କ ପ୍ରତି ସମ୍ରାଟ୍‌ଙ୍କ ପ୍ରତିକୂଳ ମନ୍ତବ୍ୟ ପରିସ୍ଥିତିର ଆକାରପ୍ରକାର ବଦଳାଇ ଦେଇଥିଲା ଏବଂ ମାନସିଂହ ଖୋର୍ଦ୍ଧା ରାଜାଙ୍କ ପ୍ରତି ଚୁକ୍ତିପତ୍ର ସମ୍ପାଦନରେ ଅଧିକ ଉଦାରଭାବ ପୋଷଣ କରିଥିଲେ । ତେଲେଙ୍ଗା ମୁକୁନ୍ଦଦେବଙ୍କ ପୁତ୍ରଙ୍କୁ ସିଂହାସନରେ ଅବସ୍ଥାପିତ କରିବା ଚିନ୍ତାଧାରା ଚୂଡ଼ାନ୍ତଭାବେ ପରିହାର କରାଗଲା । ଖୋର୍ଦ୍ଧା ରାଜାଙ୍କୁ ତାଙ୍କ ଆସନରୁ ବହିଷ୍କାର କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ତାଙ୍କ ମନରେ ପୁଣି ଥରେ ବିଶ୍ୱାସ ଜନ୍ମିଥିଲା । ମାନସିଂହ ନିଜ ସୈନ୍ୟମାନଙ୍କୁ ପ୍ରତ୍ୟାହାର କରିନେବା ଫଳରେ ତାଙ୍କର ଖୋର୍ଦ୍ଧା ରାଜାଙ୍କ ପ୍ରତି ସଦାଚରଣରେ ଆନ୍ତରିକତା ଅଛି ବୋଲି ପ୍ରମାଣିତ ହେଲା । ତେଣୁ ରାଜାଙ୍କର ମୋଗଲମାନଙ୍କୁ ଆଉ ଅଧିକକାଳ ପ୍ରତିରୋଧ କରିବାର କୌଣସି କାରଣ ରହିଲା ନାହିଁ । ମୋଗଲ ସେନାପତିଙ୍କ ବ୍ୟବହାରରେ ଏପରି ଆଶାତୀତ ପରିବର୍ତ୍ତନ ରାଜାଙ୍କୁ ଗଭୀର ଆଶ୍ୱାସନା ଦେଇଥିଲା, କାରଣ ସେ ଏହା କଦାପି ଆଶା କରି ନ ଥିଲେ । ତେଣୁ ୧୫୯୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୩୧ ତାରିଖ ଦିନ ସେ ବ୍ୟକ୍ତିଗତ ଭାବରେ ମାନସିଂହଙ୍କୁ ସାକ୍ଷାତ କରିବାକୁ ସମ୍ମତ ହୋଇଥିଲେ ଏବଂ ତାଙ୍କ ସହିତ ନିଜ କନ୍ୟାକୁ ବିବାହ ଦେବା ନିମନ୍ତେ ନିଜର ଇଚ୍ଛା ପ୍ରକାଶ କରିଥିଲେ ।

Digitized by PPRACHIN, SOA

ତାଙ୍କଦ୍ୱାରା ସ୍ୱାକ୍ଷରିତ ଚୁକ୍ତିପତ୍ରର ସର୍ତ୍ତାନୁସାରେ ରାଜା ରାମଚନ୍ଦ୍ରଦେବ ଖୋର୍ଦ୍ଧା ରାଜ୍ୟ ନିଜ ଶାସନାଧୀନରେ ରଖିବାକୁ ଅନୁମତି ପାଇଲେ । ସେହିଦିନଠାରୁ ସେ ଆଫଗାନମାନଙ୍କୁ ଖଜଣା ନ ଦେଇ ସମ୍ରାଟ୍‌ଙ୍କ ରାଜକୋଷରେ ତାହା ପଇଠ କରିବାକୁ ସ୍ଥିରୀକୃତ ହେଲା । ତାଙ୍କୁ ମହାରାଜା ପଦବୀରେ ଭୂଷିତ କରାଯାଇ ୩୫୦୦ ଘୋଡ଼ା ବିଶିଷ୍ଟ ଜନୈକ ସେନାପତି ଶ୍ରେଣୀକୁ ଉନ୍ନୀତ କରାଗଲା । ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ବିଭିନ୍ନ ଜିଲ୍ଲା ଓ ଦୁର୍ଗ ଦାୟିତ୍ୱରେ ଅବସ୍ଥାପିତ ହେଲେ । ମାତ୍ର ଏଥିପାଇଁ ସେମାନଙ୍କୁ ନିଜ ନିଜର ଶ୍ରେଣୀ ଓ ପଦମର୍ଯ୍ୟାଦା ଅନୁଯାୟୀ ଅଲଗା ଅଲଗା ରାଜସ୍ୱ ପଇଠ କରିବାକୁ ସ୍ଥିର ହେଲା । ଷ୍ଟର୍ଲିଂ ଉଲ୍ଲେଖ କରିଅଛନ୍ତି ଯେ ପୁରୁଷୋତ୍ତମ ଛତାର ଏବଂ କେତେକ ନିର୍ଦ୍ଦିଷ୍ଟ ମାହଲ ସମେତ ସମୁଦାୟ ଖୋର୍ଦ୍ଧାକୁ ରାମଚନ୍ଦ୍ର ଦେବଙ୍କୁ ଜମିଦାରୀ ସ୍ୱତ୍ୱରେ ପ୍ରଦାନ କରାଗଲା । ଏତଦ୍‌ବ୍ୟତୀତ ତାଙ୍କୁ ମହାରାଜା ସେନାନାୟକ ପଦବୀରେ ଭୂଷିତ କରାଗଲା । ଆଉମଧ୍ୟ ସେ ମହାନଦୀ ଦକ୍ଷିଣସ୍ଥ ସାଂପ୍ରତିକ ସମଗ୍ର କଟକ କରଦମାହାଲ ତଥା ଗଞ୍ଜାମ ଜିଲ୍ଲାର ଖେମଡ଼ି ପର୍ଯ୍ୟନ୍ତ ସୁଦୂର ପ୍ରସାରୀ ଘୁମୁସର ଓ ମହୁରି ପ୍ରଭୃତି ଜମିଦାରୀ ସମେତ ୧୨୯ଟି କିଲ୍ଲା ବା ଓଡ଼ିଶାର କ୍ଷତ୍ରୀମାନଙ୍କଠାରୁ କର ଆଦାୟ କରିବା ଦାୟିତ୍ୱ ଲାଭ କଲେ ।

ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବ ଏବଂ ତେଲେଙ୍ଗା ରାମଚନ୍ଦ୍ରଦେବଙ୍କ ମଧ୍ୟରେ ଓଡ଼ିଶା ରାଜା ସିଂହାସନ ନିମନ୍ତେ ଉପୁଜିଥିବା ବିବାଦ ସମ୍ପର୍କରେ ରାଜା ମାନସିଂହଙ୍କ ନିଷ୍ପତ୍ତି ବିଷୟ ମାଦଳାପାଞ୍ଜିରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଅଛି ।

ମାନସିଂହ ତୀର୍ଥଯାତ୍ରାରେ ପୁରୀଯିବା ସମୟରେ ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବ ଏବଂ ତେଲେଙ୍ଗା ରାମଚନ୍ଦ୍ରଦେବ ଉଭୟେ ତାଙ୍କ ସହିତ ଯାଇଥିଲେ । ସେହି ସମୟରେ ଚନ୍ଦନଯାତ୍ରା ପାଳିତ ହେଉଥିଲା । ଜଗନ୍ନାଥଙ୍କ ପୂଜକମାନେ ମାନସିଂହ କାହାକୁ ଖଦି ପ୍ରସାଦ ଦେବେ ବୋଲି ପଚାରିଲେ । ମାନସିଂହ ସେମାନଙ୍କ ଆଡ଼କୁ ଚାହିଁଲେ ଏବଂ ପ୍ରସାଦ ତାଙ୍କ ପାଖକୁ ଆଣିବା ପାଇଁ କହିଲେ । ବିମଳାଇ ଠାକୁରାଣୀଙ୍କ ସମ୍ମୁଖରେ ମାନସିଂହ ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବଙ୍କୁ ଖଦିପ୍ରସାଦ ଅର୍ପଣ କଲେ ଏବଂ ତାଙ୍କୁ ଓଡ଼ିଶାର ଠାକୁର ରାଜା ବୋଲି ସ୍ୱୀକୃତି ଦେଲେ ।

ଓଡ଼ିଶାର ରାଜା ରୂପେ ତେଲେଙ୍ଗା ରାମଚନ୍ଦ୍ରଙ୍କ ଦାବୀ ସ୍ୱୀକୃତ ନ ହେଲେହେଁ ମାନସିଂହ ତାଙ୍କୁ ଅନ୍ୟ କେତେକ ଉପାୟରେ ସନ୍ତୁଷ୍ଟ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ମୋଗଲମାନଙ୍କ ଉପରେ ଏତେ ଆସ୍ଥା ସ୍ଥାପନ କରିଥିବା ଜନୈକ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଭାବେ ନିରାଶ କରିବାକୁ ସେ ଚାହୁଁ ନ ଥିଲେ । ଜଣକୁ ସନ୍ତୁଷ୍ଟ କରି ଆଉଜଣଙ୍କର ଅସନ୍ତୋଷ ଅର୍ଜନ କରିବା ମାନସିଂହଙ୍କ ଉଦ୍ଦେଶ୍ୟ ନ ଥିଲା । ସେଭଳି ହେଲେ ସମ୍ପୂର୍ଣ୍ଣଭାବେ କାବୁ ହୋଇ ନ ଥିବା ଆଫଗାନମାନେ ଉକ୍ତ ପରିସ୍ଥିତିରୁ ଫାଇଦା ଉଠାଇବେ ଏବଂ ନିଜର

Digitized by PPRACHIN, SOA

ସ୍ୱାର୍ଥସିଦ୍ଧି ସକାଶେ ଅସନ୍ତୁଷ୍ଟ ହିନ୍ଦୁ ରାଜାଙ୍କଠାରୁ ଫାଇଦା ଉଠାଇବେ । ମାନସିଂହ ଭାବିଥିଲେ ଉଭୟଙ୍କ ଉପରେ କେତେକ ଜମିଦାରୀ ଦାୟିତ୍ୱ ନ୍ୟସ୍ତ କଲେ ସମ୍ରାଟଙ୍କ ପ୍ରତି ଆନୁଗତ୍ୟର ଭାରସାମ୍ୟ ରଖାଯାଇ ପାରିବ ଏବଂ ଓଡ଼ିଶାରେ ଭବିଷ୍ୟତର ମୋଗଲବିରୋଧୀ ଆନ୍ଦୋଳନ ହୋଇପାରିବ ନାହିଁ ।

ଏହିକଥା ମେ ବିଗ୍ଭର କରି ତେଲେଙ୍ଗା ମୁକୁନ୍ଦଦେବଙ୍କ ପୁତ୍ର ତେଲେଙ୍ଗା ରାମଚନ୍ଦ୍ରଦେବଙ୍କୁ ଆଳିଦୁର୍ଗ ତଥା ତାହା ଅଧୀନସ୍ଥ ଇଲାକାମାନଙ୍କର ରାଜା ରୂପେ ସ୍ୱୀକୃତି ଦେଇଥିଲେ । ମୁକୁନ୍ଦଦେବଙ୍କ ଅନ୍ୟ ପୁତ୍ର ଛକଡ଼ି ଭ୍ରମରବରଙ୍କୁ ଉତ୍ତରାଧିକାର ସୂତ୍ରରେ ପଟିଆର ରାଜା ରୂପେ ଅବସ୍ଥାପିତ କରାଗଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଥିବା ବହୁସଂଖ୍ୟକ କିଲ୍ଲାଦାତ ଜମିଦାରୀ ତାଙ୍କ ନିୟନ୍ତ୍ରଣାଧୀନରେ ରହିଲା ।

ମାନସିଂହଙ୍କ ନେତୃତ୍ୱରେ ମୋଗଲମାନଙ୍କ ଓଡ଼ିଶା ଅଧିକାର ହେତୁ ସେ ଅଞ୍ଚଳରେ ଏକ ନୂତନ ହିନ୍ଦୁ ରାଜବଂଶର ପ୍ରତିଷ୍ଠା ହୋଇ ଦେଶର ରାଜନୈତିକ ଇତିହାସରେ ଏକ ନୂଆଯୁଗର ଅଭ୍ୟୁଦୟ ଘଟିଲା ବୋଲି ଆର୍. ଡି. ବାନାର୍ଜୀ ଯେଉଁ ଯୁକ୍ତି ବାଢ଼ିଥାନ୍ତି ତାହା ଠିକ୍ ମନେହୁଏ ନାହିଁ । କାରଣ ମାନସିଂହ କୌଣସି ନୂତନ ରାଜବଂଶ ପ୍ରତିଷ୍ଠା କରି ନ ଥିଲେ କିମ୍ବା ରାମଚନ୍ଦ୍ରଦେବ ମୋଗଲ ସେନାପତିଙ୍କ ଦ୍ୱାରା ରାଜା ରୂପେ ନିଯୁକ୍ତି ପାଇ ନ ଥିଲେ କିମ୍ବା ସେ ନୂଆ ଗଜପତି ନ ଥିଲେ ।

ମାନସିଂହ ଓଡ଼ିଶାକୁ ଆଗମନ କରିବା ପୂର୍ବରୁ ରାମଚନ୍ଦ୍ରଦେବ ଓଡ଼ିଶାର ଠାକୁରରାଜା ଭାବରେ ସ୍ୱୀକୃତି ଲାଭ କରିଥିଲେ । ଜଗନ୍ନାଥ ମନ୍ଦିରର ପରିଚ୍ଳନା ତାଙ୍କ ଦ୍ୱାରା ସମାହିତ ହେଉଥିଲା । ଓଡ଼ିଶାର ଠାକୁରରାଜାଙ୍କ ସିଂହାସନ ଲାଭ କରିବା ବିଷୟ ଦିଲ୍ଲୀସ୍ଥ ମୋଗଲ ସମ୍ରାଟଙ୍କ ଅନୁମୋଦନ ସାପେକ୍ଷ ନ ଥିଲା । କାରଣ ସେ ଅତି କ୍ଷମତା-ଶାଳୀ ମନ୍ତ୍ରୀ ଦନେଇ ବିଦ୍ୟାଧରଙ୍କ ପୁତ୍ର ହୋଇଥିବା ହେତୁ କିଛିବର୍ଷ ଧରି ଅରାଜକତା ଲାଗି ରହିବା ଫଳରେ ରାଜା ରୂପେ କାର୍ଯ୍ୟ କରିବା ନିମନ୍ତେ ଓଡ଼ିଶାର ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଅନୁମୋଦନ ଲାଭ କରିଥିଲେ । ଏକ ନୂତନ ରାଜବଂଶ ପ୍ରତିଷ୍ଠା ସମ୍ପର୍କରେ ମାନସିଂହଙ୍କର କିଛି କରିବାର ନ ଥିଲା । ରାମଚନ୍ଦ୍ରଦେବ ମାନସିଂହଙ୍କ ବ୍ୟକ୍ତିଗତ ଅନୁଗ୍ରହ ମାଧ୍ୟମରେ ଗଜପତି ରୂପେ ସ୍ୱୀକୃତି ଲାଭ କଲେ ବୋଲି ଦିଆଯାଇଥିବା ମନ୍ତବ୍ୟ ଯଥାର୍ଥ ନୁହେଁ । କାରଣ ଗଙ୍ଗବଂଶ ପ୍ରତିଷ୍ଠା କାଳରୁ ଓଡ଼ିଶାର ସମସ୍ତ ରାଜା ନିଜ ନାମ ସହିତ ମର୍ଯ୍ୟାଦାପୂର୍ଣ୍ଣ ଗଜପତି ପଦବୀ ଯୋଗ କରିବାର ଗୌରବଲାଭ କରିଥିଲେ । ରାମଚନ୍ଦ୍ରଦେବ ଓଡ଼ିଶାର ରାଜା ରୂପେ ବିବେଚିତ ହୋଇ ଗଜପତି ଉପାଧିପ୍ରାପ୍ତ ହୋଇଥିଲେ । ଓଡ଼ିଶା ସିଂହାସନର ଉତ୍ତରାଧିକାରିତ୍ୱ ଲାଭ ଜଣେ ମୋଗଲ ସେନାପତିଙ୍କ ବ୍ୟକ୍ତିଗତ ଅନୁଗ୍ରହ ଉପରେ ନିର୍ଭର କରେ ନାହିଁ । ସେ କାହାକୁ ଭଲ ପାଆନ୍ତି ବା ନ ପାଆନ୍ତି ସେହି ଭିତ୍ତିରେ ଯାହାକୁ ଇଚ୍ଛା ତାକୁ ଓଡ଼ିଶାର ରାଜା ରୂପେ ସ୍ୱୀକୃତି ଦେବା ନିମନ୍ତେ ନିଜ ଇଚ୍ଛା

Digitized by PPRACHIN, SOA

ଜାହିର କରିବାର କ୍ଷମତା ମାନସିଂହଙ୍କର ନ ଥିଲା । ରାଜନୈତିକ ବାଞ୍ଛନୀୟତା ଦୃଷ୍ଟିରୁ ଆଫଗାନମାନେ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରି ମୋଗଲମାନଙ୍କ ବଶ୍ୟତା ସ୍ୱୀକାର କରିବାର ବିରୁଦ୍ଧାଚରଣ କରୁଥିବା ସମୟରେ ଏବଂ ଓଡ଼ିଶାର ଜନମତକୁ ବିବେଚନା-ପୂର୍ବକ ମାନସିଂହଙ୍କ ପକ୍ଷରେ ପ୍ରକୃତ ଅବସ୍ଥା ଗ୍ରହଣ କରିନେବା ହିଁ ଏକମାତ୍ର ବିକଳ୍ପ ବ୍ୟବସ୍ଥା ଥିଲା । ମୋଟ ଉପରେ ସେ ମୋଗଲ ସମ୍ରାଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ବାଧ୍ୟ ଥିଲେ । ଏହା ପାଳନ କରି ସେ ଆକବରଙ୍କ ରାଜତ୍ୱକାଳରେ ବିଭିନ୍ନ ହିନ୍ଦୁରାଜ୍ୟ ପ୍ରତି ପ୍ରୟୋଗ କରାଯାଉଥିବା ବିସ୍ତୃତ ତଥା ଉଦାରନୀତିକୁ ହିଁ ଯଥାର୍ଥ ସମ୍ମାନ ଦେଖାଉ-ଥିଲେ । ହିନ୍ଦୁ ରାଜାମାନଙ୍କ ପ୍ରତି ଆକବରଙ୍କ ଆଚରଣ ଖୁବ୍ ଉଦାରମନୋଭାବାପନ୍ନ ଥିଲା । ସମ୍ରାଟଙ୍କ ସାର୍ବଭୌମ ଅଧିକାର ସ୍ୱୀକାର କରୁଥିବା ରାଜାଙ୍କ ଆଭ୍ୟନ୍ତରୀଣ ଶାସନ ଉପରେ ସେ ହସ୍ତକ୍ଷେପ କରୁ ନ ଥିଲେ । କୌଣସି ରାଜା ଥରେ ତାଙ୍କର ବିରୁଦ୍ଧାଚରଣ କରିଥିଲେ ବୋଲି ତାଙ୍କୁ ଗାଦିଚ୍ୟୁତ କରି ସେ ସ୍ଥାନରେ ନିଜ ମନୋନୀତ ବ୍ୟକ୍ତିଙ୍କୁ ଆସୀନ କରିବାକୁ ସେ ଗ୍ରହୁ ନ ଥିଲେ । ସାର୍ବଭୌମ ଶକ୍ତି ଭାବରେ ତାଙ୍କର ବଶ୍ୟତା ସ୍ୱୀକାର କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରୁଥିଲେ । ରାଥୋମ୍ବର ଶାସକ ସୂରଜନହାରା ଏକଦା ଆକବରଙ୍କ ଶକ୍ତିର ପ୍ରତିରୋଧ କରିଥିଲେହେଁ ତାଙ୍କୁ ଗାଦିଚ୍ୟୁତ କରି ସେ ସ୍ଥାନରେ ଆଉ ଜଣକୁ ସେ ବସାଇ ନ ଥିଲେ । ଏକଦା ଜନୈକ ରାଜପୁତ୍ ଶାସକ ନିଜ ଭୁଲ୍ ସଂଶୋଧନ କରି ସମ୍ରାଟଙ୍କ ସାର୍ବଭୌମ କ୍ଷମତା ସ୍ୱୀକାର କରିବାପରେ ସେ ତାଙ୍କର ସମ୍ମାନ ରକ୍ଷା କରିଥିଲେ । ଖୋର୍ଦ୍ଧାରାଜା (ରାମଚନ୍ଦ୍ରଦେବ)ଙ୍କ କ୍ଷେତ୍ରରେ ଏବଂ ଭାରତର ଅନ୍ୟାନ୍ୟ ରାଜାଙ୍କ କ୍ଷେତ୍ରରେ ମଧ୍ୟ ସେହି ନୀତି ଅବଲମ୍ବନ କରାଯାଇଥିଲା ।

ଖୋର୍ଦ୍ଧାରାଜା ରାମଚନ୍ଦ୍ରଦେବ ମାନସିଂହଙ୍କୁ ସାକ୍ଷାତ କରିବା ନିମନ୍ତେ ନିଜ ପୁଅକୁ ପଠାଇ ଆକବରଙ୍କ ସାର୍ବଭୌମ ଅଧିକାର ସ୍ୱୀକାର କରି ସାରିଥିଲେ । ତେଣୁ ଆକବରଙ୍କ ଦରବାରରେ ଉଚ୍ଚପଦବୀ ଲାଭ କରିବାର ସୁବିଧା ପାଉଥିବା ଅନ୍ୟାନ୍ୟ ହିନ୍ଦୁ ରାଜାମାନଙ୍କ ପରି ସେ ମଧ୍ୟ କାହିଁକି ସେପରି ସମ୍ଭ୍ରାନ୍ତ ପଦ ଉପଭୋଗ ନ କରିବେ ତାହାର କୌଣସି କାରଣ ନ ଥିଲା । ତଦନୁସାରେ ସେ ମହାରାଜା ପଦବୀରେ ଭୂଷିତ ହୋଇଥିଲେ ଏବଂ ଯଥାର୍ଥ ସମ୍ମାନ ଲାଭ କରିଥିଲେ । ତେଣୁ ରାମଚନ୍ଦ୍ରଦେବ ଲାଞ୍ଚ ଦେଇ ରାଜା ରୂପେ ସ୍ୱୀକୃତି ଲାଭ କରିଥିଲେ ବୋଲି ଆର୍. ଡି. ବାନାର୍ଜୀ ଦେଇଥିବା ମନ୍ତବ୍ୟ ଘଟଣାର ବିକୃତିକରଣ ଓ ସମ୍ପୂର୍ଣ୍ଣ କାଳ୍ପନିକ । ଏଥିପାଇଁ ରାମଚନ୍ଦ୍ରଦେବ ମାନସିଂହଙ୍କୁ ଲାଞ୍ଚ ଦେଇଥିବାର କୌଣସି ପ୍ରମାଣ ପରିଦୃଷ୍ଟ ହୁଏ ନାହିଁ ।

୧୫୯୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାକୁ ଚୂଡ଼ାନ୍ତଭାବେ ଅଧିକାର କରାଯିବା ପରେ ତାହାକୁ ବଙ୍ଗଳା ସହିତ ସାମିଲ କରାଗଲା । ଖୁବ୍ ଅଳ୍ପ ଦିନ ବିରତି ପରେ ରାଜା ମାନସିଂହ ୧୫୯୪ରୁ ୧୫୯୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପାଞ୍ଚବର୍ଷ କାଳ ଭାଇସ୍‌ରାୟ ଭାବରେ

Digitized by PPRACHIN, SOA

ବଙ୍ଗଳାରେ ସଦର ମହାକୁମା ସ୍ଥାପନ କରି ବଙ୍ଗଳାର ଅଂଶବିଶେଷ ରୂପେ ଓଡ଼ିଶା ଉପରେ ପ୍ରତ୍ୟକ୍ଷଭାବେ ରଜତ୍ୱ କରିଥିଲେ । ୧୫୯୮ରୁ ୧୬୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତାଙ୍କ ରଜତ୍ୱର ଅବଶିଷ୍ଟ କାଳ ସେ ଓଡ଼ିଶା ଉପରେ ନିଜପୁତ୍ର ଜଗତ୍ ସିଂହଙ୍କ ପୁଅ ମହାସିଂହଙ୍କୁ ପ୍ରତିନିଧି ସ୍ୱରୂପ ଅବସ୍ଥାପିତ କରି ତାଙ୍କ ମାଧ୍ୟମରେ ପରୋକ୍ଷଭାବରେ ଶାସନ କରିଥିଲେ, କିନ୍ତୁ ମହାସିଂହ ଅତିଶୟ ମଦ୍ୟପାନ କରି ମୃତ୍ୟୁବରଣ କରିଥିଲେ ।

ତାଙ୍କ ରଜତ୍ୱ ସମୟରେ ବିଶେଷ କରି ସେ ବଙ୍ଗଳାରୁ ଅନୁପସ୍ଥିତ ଥିବା ସମୟରେ କୁତ୍ଲୁ ଖାଁଙ୍କର ପୁତୁରା ଏବଂ ଉତ୍ତରାଧିକାରୀ ଉସ୍ମାନ ବିଦ୍ରୋହ କରି ଉତ୍ତର ଓଡ଼ିଶା ଦଖଲ କରିନେବା ହେଉଛି ଏକ ବିଶେଷ ଘଟଣା । ମାତ୍ର ସେ ବଙ୍ଗଳା ଫେରି ଆସିବା ପରେ ଏହି ଆଫଗାନ ବିଦ୍ରୋହ ଦମନ ହୋଇ ଯାଇଥିଲା । ଆଫଗାନମାନେ ପଳାୟନ କରିଥିଲେ । ବଙ୍ଗଳାର ଅଂଶବିଶେଷ ଭାବେ ଓଡ଼ିଶାରେ ମାନସିଂହଙ୍କ ରଜତ୍ୱ ପ୍ରାୟ ୧୧ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ୧୬୦୫ ଖ୍ରୀଷ୍ଟାବ୍ଦରେ ସେ ବଙ୍ଗଳାରୁ ଦିଲ୍ଲୀ ଦରବାରକୁ ଚାଲିଯିବାରୁ ତାଙ୍କ ଓଡ଼ିଶା ଶାସନର ଅବସାନ ଘଟିଥିଲା ।

ସଂକ୍ଷେପରେ କହିଲେ ଆକବରଙ୍କ ରଜତ୍ୱ ସମୟରେ ଓଡ଼ିଶାରେ ଆଫଗାନ ଶକ୍ତିର ଅବସାନ ଘଟିଥିଲା । ଶାସନଗତ ସୁବିଧା ସକାଶେ ଏହି ନୂତନ ବିଜିତ ଅଞ୍ଚଳକୁ ବଙ୍ଗଳା ସୁବା ସହିତ ସାମିଲ କରାଯାଇଥିଲା । ଓଡ଼ିଶାରେ ମାନସିଂହଙ୍କ ରଜତ୍ୱ ସମୟରେ ଖୋର୍ଦ୍ଧା ରଜା ବା ଓଡ଼ିଶାର ଅନ୍ୟ କୌଣସି ରାଜାଙ୍କ ପକ୍ଷରୁ ବିଦ୍ରୋହ ସୃଷ୍ଟି ହୋଇ ନ ଥିଲା । ଏହି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠିତ ହୋଇଥିଲା । ଏଠାରେ ତୋଡ଼ରମଲ୍ଲଙ୍କ ରାଜସ୍ୱ ପ୍ରଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲା । ଓଡ଼ିଶାର ହିନ୍ଦୁ ରଜାମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ପୂର୍ବତନ ବ୍ୟବସ୍ଥା ତୁଳନାରେ ଏହି ନୂତନ ପ୍ରଚଳିତ ପ୍ରଣାଳୀ ଥିଲା ଅଧିକ ବିଜ୍ଞାନ-ସମ୍ମତ ବ୍ୟବସ୍ଥା ସମ୍ପନ୍ନ ଓ ସୁଶୃଙ୍ଖଳିତ ।

ଜଗନ୍ନାଥ ତଥା ଅନ୍ୟାନ୍ୟ ଦେବଦେବୀଙ୍କ ଆରାଧନା ସମ୍ପର୍କରେ ମୋଗଲ ଶାସକ ହସ୍ତକ୍ଷେପ କରି ନ ଥିଲେ ଏବଂ ଗତାନୁଗତିକ ରୀତିରେ ବିଭିନ୍ନ ପର୍ବପର୍ବାଣି ପାଳିତ ହେଉଥିଲା । ଫଳରେ ଓଡ଼ିଶାକୁ ବହୁ ସଂଖ୍ୟକ ତୀର୍ଥଯାତ୍ରୀ ଆସିବାକୁ ଲାଗିଥିଲେ । ଧର୍ମଗତ ଦୃଷ୍ଟିକୋଣରୁ ଏହି ସମୟରେ ଏକ ନୂତନ ଯୁଗର ଅଭ୍ୟୁଦୟ ଘଟିଲା ଏବଂ ଏହା ଫଳରେ ଆଫଗାନମାନଙ୍କ ଧର୍ମ ନିର୍ଯ୍ୟାତନାର ଶିକାର ହୋଇଥିବା ଲୋକମାନଙ୍କ ମନରେ ପୁନଃ ବିଶ୍ୱାସ ଜାଗରିତ ହେଲା ଓ ଗଭୀର ଆଶ୍ୱାସନା ସଞ୍ଚାରିତ ହୋଇଥିଲା ।

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ଜାହାଙ୍ଗୀର ଓ ଓଡ଼ିଶା

ଆଫଗାନ ଶକ୍ତିକୁ ଦମନ କରିବା ନିମନ୍ତେ ଆକବର ଓଡ଼ିଶାର ହିନ୍ଦୁ ରାଜାମାନଙ୍କ ପ୍ରତି ଉଦାର ମନୋଭାବ ପ୍ରଦର୍ଶନ କରି ସେମାନଙ୍କୁ ସ୍ୱପକ୍ଷଭୁକ୍ତ କରିବା ପାଇଁ କୂଟନୀତି ପ୍ରୟୋଗ କରିଥିଲେ । ପୂର୍ବରୁ ଉଲ୍ଲେଖ କରଯାଇଛି ଯେ ଯଦି ଓଡ଼ିଶାର ଦୁଇ ରଜାଙ୍କ ମଧ୍ୟରେ କଳହ ବା ଦ୍ୱନ୍ଦ୍ୱ ଉପୁଜିଥିଲା, ତାହାର ସମାଧାନ ପାଇଁ ସେ ସେମାନଙ୍କ ମଧ୍ୟରେ ମଧ୍ୟସ୍ଥତା କରୁଥିଲେ । ତାଙ୍କର ଉଦାର ଧର୍ମନୀତି ଏବଂ ଓଡ଼ିଶାର ରଜାମାନଙ୍କ ଆଭ୍ୟନ୍ତରୀଣ ଶାସନରେ ହସ୍ତକ୍ଷେପ ନ କରିବା ଅଭିପ୍ରାୟ ସେମାନଙ୍କୁ ମୋଗଲ ସମ୍ରାଟଙ୍କ ନିକଟରେ ନାମମାତ୍ର ବଶ୍ୟତାସ୍ୱୀକାର କରିବାର ସୁଯୋଗ ଦେଇଥିଲା ।

ଆକବରଙ୍କ ମୃତ୍ୟୁ ପରେ ୧୬୦୫ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀର ଦିଲ୍ଲୀ ସିଂହାସନ ଆରୋହଣ କଲେ । ଅଭିଷିକ୍ତ ହେବା ପରେ ତାଙ୍କର ଦୃଷ୍ଟି ସର୍ବପ୍ରଥମେ ବଙ୍ଗଳା ଶାସନ ପ୍ରତି ଆକର୍ଷିତ ହେଲା ଏବଂ ସେ ତାଙ୍କର ପିତାଙ୍କ ଦ୍ୱାରା ଅଧିକୃତ ଅଞ୍ଚଳଗୁଡ଼ିକର ଦୃଢ଼ୀକରଣ କାର୍ଯ୍ୟ ହାତକୁ ନେଲେ । ପୂର୍ବରୁ ବଙ୍ଗଳାର ଗଭର୍ଣ୍ଣରଙ୍କୁ ଓଡ଼ିଶା ଶାସନ ବ୍ୟାପାର ବୁଝିବାକୁ ପଡ଼ୁଥିଲା । ମାତ୍ର ନୂତନଭାବେ ଅଧିକୃତ ବିସ୍ତୃତ ଅଞ୍ଚଳରେ କ୍ଷମତା ବିସ୍ତାର ନିମନ୍ତେ ଏହା ଏବେ ଅତ୍ୟନ୍ତ କଷ୍ଟକର ଏବଂ ଏପରିକି ଅବାସ୍ତବ ବିବେଚିତ ହେଲା । ଓଡ଼ିଶା ବ୍ୟାପାରରେ ମୋଗଲ ସରକାର ବେଳେ ବେଳେ ବଙ୍ଗଳାର ଭାଇସରୟଙ୍କ ସହିତ ପରାମର୍ଶ କରୁଥିଲେହେଁ ଶାସନଗତ ସୁବିଧା ସକାଶେ ଓଡ଼ିଶାକୁ ବଙ୍ଗଳାଠାରୁ ଅଲଗା କରି ଦିଆଗଲା । ତେଣୁ ୧୬୦୬ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସ ୧୭ ତାରିଖ ଦିନ ଜାହାଙ୍ଗୀରଙ୍କର ଜନୈକ ସମ୍ପର୍କୀୟ କାଶିମ ଖାଁଙ୍କ ପୁତ୍ର ହସିମ ଖାଁ ୨୦୦୦ ଘୋଡ଼ା ସମେତ ୩୦୦୦ କର୍ମଚାରୀ ପଦବୀକୁ ଉନ୍ନୀତ ହୋଇ ପ୍ରଥମଥର ପାଇଁ ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଥିଲେ ।

Digitized by PPRACHIN, SOA

ସେ ସମୟରେ ଓଡ଼ିଶାରେ ବହୁ ସଂଖ୍ୟକ ରଜା ଥିଲେ । ସେମାନଙ୍କ ରଜ୍ୟ ବା ଇଲାକାମାନ ମୁଖ୍ୟତଃ ଦେଶର ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ଥିଲା । ମାତ୍ର ଆଫଗାନମାନଙ୍କ ଓଡ଼ିଶା ଅଧିକାର ସହିତ ହିନ୍ଦୁ ରଜତ୍ୱର ଅବସାନ ଘଟିଥିଲେ ହେଁ ଭୋଇ ବଂଶର ପ୍ରତିଷ୍ଠାତା ଖୋର୍ଦ୍ଧାରଜା ନିଜକୁ ହିନ୍ଦୁ ଓଡ଼ିଶା ରଜାମାନଙ୍କ ବଂଶଧର ବୋଲି ଦାବୀ କରିଥିଲେ । ପୁରାତନ ଓଡ଼ିଶା ରଜାଙ୍କ ରଜପରିବାରର ବଂଶଧର ଭାବରେ ସେ ଓଡ଼ିଶାର ସାମନ୍ତ ରଜନ୍ୟବର୍ଗ ତଥା ଜନସାଧାରଣ ଉଭୟଙ୍କ ସମ୍ମାନ ପାଇଲେ । ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ଥିବା ଦୃଷ୍ଟିରୁ ସେ ଓଡ଼ିଶା ଲୋକମାନଙ୍କ ଧର୍ମର ରକ୍ଷାକର୍ତ୍ତା ରୂପେ ପରିଗଣିତ ହେଲେ । ତାଙ୍କ ଶାସିତ ଇଲାକା ବିସ୍ତୃତଭାବରେ ଜଙ୍ଗଲ ପରିବେଷ୍ଟିତ ଥିଲା ଏବଂ କଟକସ୍ଥ ମୋଗଲ ସରକାରଙ୍କ ରଜଧାନୀଠାରୁ ବହୁ ଦୂରରେ ଓଡ଼ିଶାର ଦକ୍ଷିଣାଞ୍ଚଳରେ ଅବସ୍ଥିତ ଥିଲା । ଖୋର୍ଦ୍ଧାସ୍ଥ ତାଙ୍କ ନିଜ ଦୁର୍ଗଟି ଥିଲା ସୁନିର୍ମିତ ଏବଂ ସୁରକ୍ଷିତ । ଓଡ଼ିଶାର ଜଣେ ଅତି ପ୍ରଭାବଶାଳୀ ରଜା ଭାବରେ ଏସବୁ ବିଷୟ ତାଙ୍କ କ୍ଷମତା ଓ ସମ୍ମାନ ବୃଦ୍ଧି କରୁଥିଲା ।

ଉପରୋକ୍ତ ବର୍ଣ୍ଣନା ଦୃଷ୍ଟିରୁ ଏହି ରଜା, ଜାହାଙ୍ଗୀରଙ୍କ ରଜତ୍ୱ ସମୟରେ ମୋଗଲ ଶାସନଠାରୁ ଏକ ସ୍ୱତନ୍ତ୍ର ବ୍ୟବହାର ଆଶା କରୁଥିବା ଏବଂ ମନ୍ଦିର ପ୍ରଶାସନ କ୍ଷେତ୍ରରେ ଅଥବା ଖୋର୍ଦ୍ଧାଠାରେ ନିଜର ଆଭ୍ୟନ୍ତରୀଣ ଶାସନ ସମ୍ପର୍କରେ କାହାରି ହସ୍ତକ୍ଷେପକୁ ପସନ୍ଦ ବା ଗ୍ରହଣ କରୁନଥିବା ଅନୁମିତ ହୁଏ । ମାତ୍ର ଆକବରଙ୍କ ଦ୍ୱାରା ଅନୁସୃତ ସାଧାରଣ ନୀତି କଡ଼ାକଡ଼ି ଭାବରେ ଅନୁସରଣ କରିବାକୁ ଜାହାଙ୍ଗୀର ଆଗ୍ରହୀ ନଥିବା ଜଣାଯାଏ । ଲୋକମାନଙ୍କର ଧର୍ମଗତ ସ୍ୱାଭିମାନ ଏବଂ ଜଗନ୍ନାଥଙ୍କ ପୂଜା ବ୍ୟାହତ ନ କରିବା ପାଇଁ ଆକବର ସତର୍କତା ଅବଲମ୍ବନ କରିଥିବା ବେଳେ ଜାହାଙ୍ଗୀର ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ସେ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ତାଙ୍କର ଅଧସ୍ତନ କର୍ମଚାରୀମାନଙ୍କୁ ଜଗନ୍ନାଥଙ୍କ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଦେଉଥିଲେ କିମ୍ବା ଏଭଳି କାର୍ଯ୍ୟ ନିମନ୍ତେ ଦାୟୀ ବ୍ୟକ୍ତିଙ୍କ ପ୍ରତି କୌଣସି ଦଣ୍ଡବିଧାନ କରିବାକୁ ଆଗ୍ରହ ପ୍ରକାଶ କରୁ ନଥିଲେ ।

ଏତଦ୍‌ବ୍ୟତୀତ ଜାହାଙ୍ଗୀର ତାଙ୍କ ସାର୍ବଭୌମ କର୍ତ୍ତୃତ୍ୱ ପ୍ରତି ଓଡ଼ିଶାର ଜମିଦାର ଓ ରଜାମାନଙ୍କ ସାଧାରଣ ସ୍ୱୀକୃତିରେ ସନ୍ତୁଷ୍ଟ ନଥିଲେ । କେତେକ ରଜାଙ୍କ ଦୋମୁହାଁ କାର୍ଯ୍ୟକଳାପ ଏବଂ ସମ୍ମାନ ପ୍ରଦର୍ଶନରେ ଆନ୍ତରିକତାର ଅଭାବ ବିଷୟ ବିଚାରକୁ ନେଇ ସେ ଏକ ଦୃଢ଼ ଶାସନ ପ୍ରତିଷ୍ଠା କରିବା ଓ ଯେ କୌଣସି ପ୍ରକାର ଅବାଧ୍ୟ କାର୍ଯ୍ୟକଳାପ ଦମନ କରିବା ନିମନ୍ତେ ଦୃଢ଼ପ୍ରତିଜ୍ଞ ହେଲେ । ନୂତନଭାବେ ଅଧିକୃତ ଓଡ଼ିଶା ପ୍ରଦେଶରେ ଏହା ଏକ ସମସ୍ୟା ସୃଷ୍ଟି କଲା । ଅବାଧ୍ୟ କାର୍ଯ୍ୟକଳାପ ଦମନ ଯୋଜନା କାର୍ଯ୍ୟକାରୀ କରିବା ପରିପ୍ରେକ୍ଷୀରେ ତାଙ୍କର ଦୃଷ୍ଟି ବିଶେଷଭାବେ ସମସ୍ତଙ୍କ ଅପେକ୍ଷା ଅଧିକ କ୍ଷମତା-

Digitized by PPRACHIN, SOA

ଶାଳୀ ଖୋର୍ଦ୍ଧାର ରାଜାଙ୍କ ପ୍ରତି ଆକର୍ଷିତ ହୋଇଥିଲା । ସେ ଭାବିଲେ ଯେ ଖୋର୍ଦ୍ଧାରାଜାଙ୍କୁ ଅବଦମିତ ଓ ଅନୁଗତ କରାଯାଇ ପାରିଲେ ଅନ୍ୟାନ୍ୟ କ୍ଷୁଦ୍ର କ୍ଷୁଦ୍ର ଜମିଦାର ତଥା ରାଜାଙ୍କୁ ଅନାୟସରେ ଭୟ ପ୍ରଦର୍ଶନ କରି ଅନୁଗତ କରାଯାଇ ପାରିବ ।

ଆକବର ଓ ଜାହାଙ୍ଗୀରଙ୍କ ମଧ୍ୟରେ ଥିବା ରାଜନୈତିକ ଦିଗ୍‌ଦର୍ଶନର ଏହି ମୌଳିକ ପାର୍ଥକ୍ୟ ହିଁ ମୁଖ୍ୟତଃ ଖୋରଧାର ରାଜା ଏବଂ ମୋଗଲ ଶାସନ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱର ମୂଳ ହେତୁ । ଫଳତଃ ଖୋରଧା ରାଜାଙ୍କ ବିରୁଦ୍ଧରେ ମୋଗଲମାନଙ୍କର କ୍ରମାଗତ ସାମରିକ ଅଭିଯାନମାନ ହିଁ ଓଡ଼ିଶାରେ ଜାହାଙ୍ଗୀରଙ୍କ ଶାସନକାଳର ପ୍ରମୁଖ କାର୍ଯ୍ୟକଳାପରେ ପରିଣତ ହେଲା । ତନ୍ମଧ୍ୟରୁ (୧) କେଶୋଦାସ ମାରୁଙ୍କ ଶ୍ରୀମନ୍ଦିର ଅଧିକାର, (୨) ରାଜକଲ୍ୟାଣ ମଲ୍ଲଙ୍କ ଖୋର୍ଦ୍ଧା ଆକ୍ରମଣ ଓ (୩) ମୁକ୍ରମ ଖାଁଙ୍କ ବର୍ବରୋଚିତ ଧର୍ମାନ୍ଧ ସାମରିକ ଜିଘାଂସା ବିଶେଷ ଭାବରେ ଉଲ୍ଲେଖନୀୟ । ଅହମ୍ମଦ୍ ବେଗ୍ ଓଡ଼ିଶା ସୁବାର ପ୍ରଶାସକ ଭାବେ ଅବସ୍ଥାପିତ ଥିବା କାଳରେ ବିଦ୍ରୋହୀ ଶାହାଜାଦା ଶାହାଜାହାନଙ୍କ ଦ୍ୱାରା ସାମୟିକ ଓଡ଼ିଶା ଅଧିକାର ମଧ୍ୟ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ।

କେଶୋଦାସ ମାରୁ :

ଜାହାଙ୍ଗୀରଙ୍କ ରାଜତ୍ୱ ଆରମ୍ଭ ହେବା ପରେ ପରେ ବଙ୍ଗଳାର ଗଭର୍ଣ୍ଣର ଇସ୍‌ଲାମ ଖାଁ ଏବଂ ତାଙ୍କର କେତେକ ଅନୁଗତ ଅଫିସର ବଙ୍ଗଳାର ୧୨ ଜଣ ଭୂୟାଁ ମୁଖ୍ୟଙ୍କୁ ଦମନ କରି ଗୌରବ ଅର୍ଜନ କରିବା ଅଭିଳାଷରେ ସେମାନଙ୍କ ବିରୁଦ୍ଧରେ ଅଭିଯାନ ଚଳାଇଥିଲେ । ଓଡ଼ିଶାର ଗଭର୍ଣ୍ଣର ହସିମ୍ ଖାଁ ନିଜକୁ ବଙ୍ଗଳା ଗଭର୍ଣ୍ଣରଙ୍କ ଠାରୁ କମ୍ ପାରଙ୍ଗମ ବୋଲି ମନେକରୁ ନ ଥିଲେ । ନିଜର ସାମରିକ ଫଳପ୍ରାପ୍ତି ଦ୍ୱାରା ସମ୍ରାଟଙ୍କ ଠାରୁ ଅଧିକ ଅନୁଗ୍ରହ ପାଇବା ଆଶାରେ ସେ ବିନା ବିଳମ୍ବରେ ଖୋର୍ଦ୍ଧାରାଜା ପୁରୁଷୋତ୍ତମ ଦେବଙ୍କ ବିରୁଦ୍ଧରେ ଅଭିଯାନ ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରିନେଲେ । ମାତ୍ର ସେ ବ୍ୟକ୍ତିଗତ ଭାବରେ ନିଜ ଯୋଜନା କାର୍ଯ୍ୟକାରୀ କରିବାକୁ ଆଗେଇବା ପୂର୍ବରୁ ତାଙ୍କ ଅଧସ୍ତନ ରାଜା କେଶୋଦାସ ମାରୁ, ଗଭର୍ଣ୍ଣରଙ୍କ ମନୋଭାବ ଜାଣି ଏ ଦିଗରେ ପ୍ରଥମେ କାର୍ଯ୍ୟ ଆରମ୍ଭ କରିଦେଇ ସାରିଥିଲେ ଏବଂ ସ୍ୱେଚ୍ଛାକୃତ ଭାବେ ଆନୁଗତ୍ୟ ପ୍ରଦର୍ଶନ ନିମନ୍ତେ ଖୋର୍ଦ୍ଧା ରାଜାଙ୍କୁ ବାଧ୍ୟ କରିବା ଅଥବା ତାଙ୍କୁ ବନ୍ଦୀ କରି ସମ୍ରାଟଙ୍କ ଦରବାରକୁ ପଠାଇବା ସକାଶେ ସମସ୍ତ ବ୍ୟବସ୍ଥା କରିନେଲେ ।

କେଶୋଦାସ ମାରୁ ଆକବରଙ୍କ ରାଜତ୍ୱ ଅମଳରେ ୩୦୦ ଘୋଡ଼ାବିଶିଷ୍ଟ ବାହିନୀର ସେନାପତି ନିଯୁକ୍ତ ହୋଇଥିଲେ । ଜାହାଙ୍ଗୀର ସିଂହାସନ ଆରୋହଣ କରିବା ପରେ ସେ ୧୫ ଶହ କର୍ମଚାରୀ ଓ ଘୋଡ଼ାବିଶିଷ୍ଟ ବାହିନୀର ପଦବୀକୁ ଉନ୍ନୀତ ହେଲେ ।

Digitized by PPRACHIN, SOA

ଏହାପରେ ତାଙ୍କର କୃତିତ୍ୱ ଯୋଗୁଁ ତାଙ୍କୁ ୧୫୦୦ ରୁ ୨୦୦୦ କର୍ମଚାରୀ ଏବଂ ୧୦୦୦ ଘୋଡ଼ାବିଶିଷ୍ଟ ବାହିନୀର ସେନାପତି ପଦକୁ ଉନ୍ନୀତ କରଗଲା । ସେ ଥିଲେ ହସିମ୍ ଖାଁଙ୍କ ଅଧୀନରେ ଜଣେ ପ୍ରଧାନ ଅଫିସର । ସେ ଭାବିଲେ ଯେ ସେ ନିଜେ ଖୋର୍ଦ୍ଧା ରାଜା ପୁରୁଷୋତ୍ତମ ଦେବ ଏବଂ ଅନ୍ୟ ଜମିଦାରମାନଙ୍କ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଚଳାଇବେ । ଏହି ଉଦ୍ଦେଶ୍ୟରେ ମନ୍ଦିରରେ ପୂଜା କରିବାକୁ ଯିବେ ବୋଲି ଘୋଷଣା କରି ସେ କଟକସ୍ଥ ନିଜ ଦୁର୍ଗରୁ ଜଗନ୍ନାଥ ମନ୍ଦିର ଅଭିମୁଖେ ଯାତ୍ରା କଲେ ଓ ଉକ୍ତ ମନ୍ଦିର ଅଧିକାର କରିନେଲେ ଏବଂ ଦୁଇ ତିନି କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଜବତ କରିନେଲେ । ମନ୍ଦିରର ଅନ୍ୟାନ୍ୟ ଲୁକ୍କାୟିତ ସମ୍ପଦ ସମ୍ପର୍କରେ ତଥ୍ୟ ପ୍ରକାଶ କରିବା ପାଇଁ ସେ ବହୁ ସେବକଙ୍କୁ ନିର୍ଯ୍ୟାତନା ଦେଇଥିଲେ ।

ଇତିମଧ୍ୟରେ ଭୟଭୀତ ହୋଇ ପଡ଼ିଥିବା କେତେକ ସେବକ ଜଗନ୍ନାଥ ବିଗ୍ରହଙ୍କୁ ଖୋର୍ଦ୍ଧାକୁ ସ୍ଥାନାନ୍ତରିତ କରିନେଇଥିଲେ ଏବଂ ଜଗନ୍ନାଥ ପୂଜା ପାଇଁ ନିରାପଦ ବୋଲି ବିବେଚନା କରଯାଉଥିବା ଖୋର୍ଦ୍ଧାର ଶ୍ରୀ ଗୋପାଳ ମନ୍ଦିରରେ ତାଙ୍କୁ ସ୍ଥାପନା କରିଥିଲେ ।

ଖୋର୍ଦ୍ଧା ରାଜା ପୁରୁଷୋତ୍ତମ ଦେବ ଏହି ସମ୍ବାଦ ପାଇ ଅତିଶୟ ବିଚଳିତ ହୋଇ ପଡ଼ିଲେ । ଜଗନ୍ନାଥଙ୍କ ସର୍ବୋଚ୍ଚ ତତ୍ତ୍ୱାବଧାରକ ଭାବରେ ଶ୍ରୀମନ୍ଦିର ପୂଜାର୍ଚ୍ଚନା ରୀତିର ସାତ୍ତ୍ୱିକତା ପ୍ରତି କୌଣସି ପ୍ରକାର ବିଘ୍ନକୁ ପ୍ରତିହତ କରିବା ଥିଲା ତାଙ୍କର ପରମ କର୍ତ୍ତବ୍ୟ । ତେଣୁ କେଶୋଦାସ ମାରୁଙ୍କୁ ଉଚିତ ଶିକ୍ଷା ଦେବା ନିମନ୍ତେ ସେ ୧୦,୦୦୦ ଅଶ୍ୱାରୋହୀ, ତିନିରୁ ଚାରିହଜାର ପର୍ଯ୍ୟନ୍ତ ପଦାତିକ ସୈନ୍ୟ ଏବଂ ବହୁ ସଂଖ୍ୟକ ରଥ ସଂଗ୍ରହ କଲେ ଏବଂ ସେମାନଙ୍କ ସହିତ ସେ ଦ୍ରୁତଗତିରେ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଲେ ଏବଂ ପଦାତିକ ଓ ଅଶ୍ୱାରୋହୀ ସୈନ୍ୟମାନଙ୍କ ସହାୟତାରେ ମନ୍ଦିର ଅବରୋଧ କରିନେଲେ । ପ୍ରତ୍ୟେକ ରଥରେ ପାଞ୍ଚ ଶହରୁ ହଜାରେ ପର୍ଯ୍ୟନ୍ତ ଲୋକ ଆରୋହଣ କରିଥିଲେ । ପ୍ରତ୍ୟେକ ରଥକୁ ଦୁଇରୁ ତିନି ହଜାର ପର୍ଯ୍ୟନ୍ତ ଲୋକ ଟାଣି ନେଇ ବେଢ଼ା କାନ୍ଥ ପାଖରେ ପହଞ୍ଚାଇ ଦେଇଥିଲେ । ଏହିପରି ଭାବରେ ହଜାର ହଜାର ଲୋକ ଆରୋହଣ କରିଥିବା ବହୁସଂଖ୍ୟକ ରଥ ମନ୍ଦିର ବାହାରପାଖ କାନ୍ଥ ନିକଟରେ ଜମା ହୋଇ ଯାଇଥିଲେ । ମନ୍ଦିର ହତା ମଧ୍ୟରେ ଥିବା କେଶୋଦାସଙ୍କ ଲୋକମାନେ ଏଥିରେ ଅତିଶୟ ଆତଙ୍କିତ ହୋଇ ପଡ଼ିଲେ । ମାତ୍ର ଆକ୍ରମଣକାରୀମାନଙ୍କ ନେତା କେଶୋଦାସ ମାରୁ ଏଥିରେ ଭୟଭୀତ ହେଲେ ନାହିଁ । ତାଙ୍କର ଶତ୍ରୁମାନଙ୍କୁ ବିତାଡ଼ିତ କରିବା ନିମନ୍ତେ ସେ ଚତୁରତାର ସହିତ ଏକ ଉପାୟ ବାହାର କଲେ । ମନ୍ଦିର ବେଢ଼ାମଧ୍ୟସ୍ଥ ଘରମାନଙ୍କ ତଳୁ ଏବଂ ଛାତ ଉପରୁ ଲମ୍ବା ଲମ୍ବା ଖମ୍ବ ନ ଠିଆ କରାଇ ମନ୍ଦିର ଭଣ୍ଡାରରେ ଥିବା ଗୁନ୍ଦୁଆ, କାନ୍‌ଭାସ ଓ ଲୁଗାମାନ ସେଥିରେ ଗୁଡ଼ାଇ ଦିଆଗଲା ଏବଂ ଭଣ୍ଡାରରୁ ସୋରିଷତେଲ ତଥା ଘିଅ ଅଣାଯାଇ ସେସବୁକୁ ଭିଜାଇ

Digitized by PPRACHIN, SOA

ଦିଆଯାଇ ତହିଁରେ ନିଆଁ ଲଗାଇ ଦିଆଗଲା । ଏହି ଜ୍ୱଳନ୍ତ ସାମଗ୍ରୀମାନଙ୍କୁ ମନ୍ଦିରର ଅତି ନିକଟସ୍ଥ ରଥ ମଧ୍ୟକୁ ସେମାନେ ଫୋପାଡ଼ି ଦେଇଥିଲେ । ପରିଣାମତଃ ରଥ ଉପରେ ଥିବା ଲୋକମାନେ ତଳକୁ ଓହ୍ଲାଇ ପାରିଲେ ନାହିଁ ଏବଂ ଶହ ଶହ ସଂଖ୍ୟାରେ ପୋଡ଼ି ହୋଇ ମୃତ୍ୟୁବରଣ କଲେ । ଅନ୍ୟ ଯେଉଁମାନେ ପ୍ରାଣ ବିକଳରେ ସାହସ କରି ଓହ୍ଲାଇ ଆସିଲେ ସେମାନେ ପରସ୍ପର ସହିତ ଧସ୍ତାଧସ୍ତି ହୋଇ ଅଧିକାଂଶ ପ୍ରାଣ ହରାଇଲେ । ଏହିପରି ଭାବେ ଖୋର୍ଦ୍ଧା ରଜାଙ୍କ ଲୋକମାନେ ଭୟଭୀତ ହୋଇ ଇତସ୍ତତଃ ପଳାୟନ କରିବାକୁ ଲାଗିଲେ ଏବଂ ରଜା କେଶୋଦାସ ମାରୁଙ୍କୁ ପରାସ୍ତ କରିବା ନିମନ୍ତେ ଖୋର୍ଦ୍ଧା ରାଜାଙ୍କର ସମସ୍ତ ଉଦ୍ୟମ ପଣ୍ଡ ହେଲା । ଏପରି ଏକ ଅସୁବିଧାଜନକ ପରିସ୍ଥିତିରେ ପଡ଼ି ପୁରୁଷୋତ୍ତମ ଦେବ (ଖୋର୍ଦ୍ଧା ରଜା) ରଜା କେଶୋଦାସ ମାରୁଙ୍କ ସହିତ ଏକ ଶାନ୍ତିଚୁକ୍ତି ଆଲୋଚନା କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ ।

ଯେଉଁ ପରିସ୍ଥିତିରେ ଏହି ଚୁକ୍ତି ସମ୍ପାଦିତ ହେଲା ତାହା ନିମ୍ନରେ ବର୍ଣ୍ଣିତ ହେଲା । ମନ୍ଦିର ବେଢ଼ା ମଧ୍ୟରେ କେଶୋଦାସ ମାରୁଙ୍କ ଅସୁବିଧାଜନକ ପରିସ୍ଥିତି ସମ୍ପର୍କୀୟ ସମ୍ବାଦ ବଙ୍ଗଳା ଦରବାରରେ ପହଞ୍ଚିବା ପରେ ବଙ୍ଗଳାର ଭାଇସରାୟ ଇସଲାମ ଖାଁ କର୍ତ୍ତବ୍ୟରେ ଖିଲାପ କରିଥିବା ଓ କେଶୋଦାସ ମାରୁଙ୍କ ଅସୁବିଧା ନିମନ୍ତେ ଦାୟୀଥିବା କେତେକ ଅଫିସରମାନଙ୍କୁ କଠୋର ଭର୍ତ୍ସନା କରିଥିଲେ ଏବଂ ଏଭଳି ପରିସ୍ଥିତିରେ ତାଙ୍କୁ ସମସ୍ତ ସାହାଯ୍ୟ କରିବା ପାଇଁ ଖ୍ୱାଜା ତାହାର ମହମ୍ମଦ ବକ୍‌ସିଙ୍କୁ ତତ୍‌କ୍ଷଣାତ୍ ପଠାଇଥିଲେ ଏବଂ ତାଙ୍କ ପଛେ ପଛେ ଏକ ବିଶାଳ ସେନାବାହିନୀର ନେତୃତ୍ୱ ନେଇ ପୁରୀ ଆଡ଼କୁ ସାମରିକ ଅଭିଯାନ ଚଳାଇବା ନିମନ୍ତେ ହସିମ ଖାଁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମ୍ବାଦ ଖୋର୍ଦ୍ଧା ରଜାଙ୍କ ମନରେ ଏଭଳି ଭୟ ଓ ନିରୁତ୍ସାହ ଭରିଦେଲା ଯେ କେଶୋଦାସ ମାରୁଙ୍କ ସହିତ ଜଗନ୍ନାଥ ମନ୍ଦିର ସମ୍ପର୍କରେ କୌଣସି ସମାଧାନ ନ କରି ଅକଡ଼ିଆ ପରିସ୍ଥିତିରେ ଖୋର୍ଦ୍ଧା ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିଯିବା ବିଜ୍ଞତା ହେବ ନାହିଁ ବୋଲି ସେ ମନେକଲେ । ସେ ଚିନ୍ତାର ଦୁଇଟି କାରଣ ଅଛି । ପ୍ରଥମତଃ ପୁରୀରୁ ଏପରି ପଳାଇଯିବା ଦ୍ୱାରା ନିଜ ଲୋକଙ୍କ ଆଖିରେ ସେ ନିନ୍ଦନୀୟ ହୋଇ ପଡ଼ିବେ । କାରଣ ଲୋକମାନେ ଭାବିବେ ଯେ ଜଗନ୍ନାଥ ମନ୍ଦିରର ପୁନଃ ପୂଜାପ୍ରତିଷ୍ଠା ନିମନ୍ତେ ରଜା କିଛି କରିପାରିଲେ ନାହିଁ । ଦ୍ୱିତୀୟତଃ ଅପର ପକ୍ଷରେ କୌଣସି ପ୍ରକାର ସମାଧାନ ହେଲେ ପୁରୀ ଅଭିମୁଖୀ ହସିମ୍ ଖାଁ ଓ ତାଙ୍କ ସେନାବାହିନୀର ଆକ୍ରମଣ ପ୍ରାୟ ଅପରିହାର୍ଯ୍ୟ ଥିଲା । ତେଣୁ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ଚୁକ୍ତି ସମ୍ପାଦନ ଲାଗି ସେ ଆଗ୍ରହ ପ୍ରକାଶ କରିଥିଲେ । କେଶୋଦାସ ମଧ୍ୟ ନିଜ ପକ୍ଷରୁ ଶାନ୍ତି ନିମନ୍ତେ ଆଗ୍ରହୀ ଥିବାର ଜଣାଯାଇଥିଲା । କାରଣ ଇତିମଧ୍ୟରେ ରଜାଙ୍କ ଲୋକ-ମାନଙ୍କ ସହିତ ସଂଘର୍ଷରେ ତାଙ୍କର କେତେକ ସୈନ୍ୟ ନିହତ ହୋଇ ସାରିଥିଲେ ଏବଂ

Digitized by PPRACHIN, SOA

ତାଙ୍କ ନିକଟରେ ମାତ୍ର ଚାରିଶହ ସୈନ୍ୟ ରହିଥିଲେ । ଏତଦ୍‌ବ୍ୟତୀତ ଖୋର୍ଦ୍ଧା ରଜାଙ୍କ ପକ୍ଷରୁ ପୁନଃ ଆକ୍ରମଣର ଗୁଜବରେ ସେମାନେ ବସ୍ତୁତଃ ଭୟଭୀତ ହୋଇ ପଡ଼ିଥିଲେ ଏବଂ ତାଙ୍କର ଭୀତତ୍ରସ୍ତ ଅନୁଗାମୀମାନେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ତାଙ୍କୁ ବାରମ୍ବାର ପରାମର୍ଶ ଦେଉଥିଲେ । ତେଣୁ ପ୍ରଥମେ ଅମଙ୍ଗ ହେଉଥିଲେ ମଧ୍ୟ ପରେ ଖୋର୍ଦ୍ଧା ରଜା ତାଙ୍କର ସର୍ତ୍ତଗୁଡ଼ିକ ଗ୍ରହଣ କରିନେବାରୁ କେଶୋଦାସ ଶାନ୍ତିପ୍ରତିଷ୍ଠା ପାଇଁ ସମ୍ମତି ପ୍ରକାଶ କରିଥିଲେ ।

ଖୋର୍ଦ୍ଧା ରଜା ନିଜ ମନ୍ତ୍ରୀଙ୍କ ସହିତ ପରାମର୍ଶ କରି ଚୁକ୍ତି ପ୍ରସ୍ତାବ ସମ୍ପର୍କରେ ପ୍ରାଥମିକ ଆଲୋଚନା ନିମନ୍ତେ ଜଣେ ରାଜଦୂତଙ୍କୁ କେଶୋଦାସଙ୍କ ନିକଟକୁ ପଠାଇଥିଲେ । କେଶୋଦାସଙ୍କ ଦ୍ୱାରା ଉପସ୍ଥାପିତ ସର୍ତ୍ତମାନ ଶ୍ରୁତିକଟୁ ଏବଂ ରଜାଙ୍କ ସମ୍ମାନ ପ୍ରତି ଅପମାନଜନକ ଥିଲା । ତଥାପି ଅସୁବିଧାଜନକ ପରିସ୍ଥିତିରେ ପଡ଼ି ଏବଂ ଅନ୍ୟ କୌଣସି ବିକଳ୍ପ ପନ୍ଥା ନ ଦେଖି ଖୋର୍ଦ୍ଧା ରଜା ଏହି ଅସମ୍ମାନସୂଚକ ଚୁକ୍ତିରେ ସମ୍ମତି ଜ୍ଞାପନ କରିଥିଲେ । ଏହି ଚୁକ୍ତିରେ ଚାରୋଟି ସର୍ତ୍ତ ଆରୋପ କରାଯାଇ ଥିଲା । ପ୍ରଥମତଃ ରଜା ତାଙ୍କର କନ୍ୟାକୁ ସମ୍ରାଟଙ୍କ ସହିତ ବିବାହ ଦେବେ, ଦ୍ୱିତୀୟତଃ ତାଙ୍କ ନିଜ ଭଗିନୀ କେଶୋଦାସଙ୍କୁ ବିବାହ କରିବେ, ତୃତୀୟତଃ ରଜା ମୋଗଲ ସରକାରଙ୍କୁ ତିନିଲକ୍ଷ ଟଙ୍କା ଦେବେ ଏବଂ ଚତୁର୍ଥତଃ ରଜା ତାଙ୍କର ଭବିଷ୍ୟତ ଭିଣୋଇ ଓ ତାଙ୍କ ଲୋକମାନଙ୍କୁ ଲକ୍ଷେ ଟଙ୍କାର ଉପହାର ଦେବେ । ଚୁକ୍ତିର ଏହି ସର୍ତ୍ତଗୁଡ଼ିକୁ ରଜା ଗ୍ରହଣ କରି ନେଇଥିଲେ ।

ଚୁକ୍ତି ସମ୍ପାଦିତ ହୋଇସାରିବା ପରେ କେଶୋଦାସ ପୁରୀ ପରିତ୍ୟାଗ କରି ନିଜର ବିବାହ ପାଇଁ ଏବଂ ଚୁକ୍ତି ସର୍ତ୍ତାବଳୀ ଅନୁସାରେ ସମ୍ରାଟଙ୍କ ନିମନ୍ତେ ଉପଢ଼ୌକନ ସହିତ ରଜାଙ୍କ କନ୍ୟାକୁ ଆଣିବା ପାଇଁ ଖୋର୍ଦ୍ଧା ଯାତ୍ରା କଲେ । ପୁରୁଷୋତ୍ତମ ଦେବ ତାଙ୍କୁ ଯୌତୁକ ସ୍ୱରୂପ ଦେଇଥିବା ହାତୀଟି ଦୁର୍ବଳ ଏବଂ ଅକର୍ମଣ୍ୟ ଥିଲା । ଏଥିରେ କେଶୋଦାସ ଏତେ ଅପମାନିତ ଓ କ୍ରୋଧାନ୍ୱିତ ହୋଇ ପଡ଼ିଲେ ଯେ ସେ ରାଜପ୍ରାସାଦ ସମ୍ମୁଖରେ ପହରା ଦେବା ନିମନ୍ତେ ଉଦ୍ଦିଷ୍ଟ ଏକ ବଡ଼ ଅଣ୍ଡିରା ହାତୀ ଏବଂ ପାଞ୍ଚୋଟି ମାଈ ହାତୀକୁ ବଳପୂର୍ବକ ଅଧିକାର କରିନେଲେ ଏବଂ ଆନୁଷ୍ଠାନିକ ଭାବେ ରଜାଙ୍କ ଠାରୁ ବିଦାୟ ନ ନେଇ ରାଜପ୍ରାସାଦ ପରିତ୍ୟାଗ କଲେ । ନିଜ ସହଧର୍ମିଣୀଙ୍କୁ ମଧ୍ୟ ଆଗରୁ ଏକ ଘୋଡ଼ା ଯୋଗେ ସେ ପଠାଇ ଦେଇଥିଲେ । କେଶୋଦାସଙ୍କର ଏଭଳି ଅସଙ୍ଗତ ଓ ନିଷ୍ଠୁର ବ୍ୟବହାର ରଜାଙ୍କ ଲୋକମାନଙ୍କୁ କ୍ରୋଧାନ୍ୱିତ କରିଥିଲା । ତେଣୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଗଲା । ରଜାଙ୍କର କେତେକ ଲୋକ ପ୍ରାଣ ହରାଇଥିଲେ । ଖୋର୍ଦ୍ଧାର ଲୋକମାନଙ୍କ ପକ୍ଷରୁ ପ୍ରତିରୋଧ ସତ୍ତ୍ୱେ କେଶୋଦାସ ପ୍ରଖ୍ୟାତ ବରୁଣାଇ ଘାଟୀ ଦେଇ ପୁରୀଆଡ଼କୁ ପଳାଇବାରେ ସମର୍ଥ ହୋଇଥିଲେ ।

ପୁରୀରୁ କେଶୋଦାସ ଅଧସ୍ତନ କର୍ମଚାରୀମାନଙ୍କୁ ଖୋର୍ଦ୍ଧା ପଠାଇ ସେ ସ୍ୱୀକୃତି ଦେଇଥିବା ନବବଧୂ ଏବଂ ଅନ୍ୟାନ୍ୟ ସାମଗ୍ରୀମାନ ଶୀଘ୍ର ପଠାଇବାକୁ ଦାବି ଜଣାଇଲେ

Digitized by PPRACHIN, SOA

ଏବଂ ତା' ନ ହେଲେ ପରିଣତି ପାଇଁ ପ୍ରସ୍ତୁତ ରହିବାକୁ ସତର୍କ କରାଇଦେଲେ । ଏଥିରେ ରାଜା ଅତିଶୟ ଭୀତତ୍ରସ୍ତ ହୋଇ ଶୀଘ୍ର ତାଙ୍କର ଦାବି ପୂରଣ କରିଥିଲେ ।

ଇତି ମଧ୍ୟରେ ଖ୍ୱାଜା ମହମ୍ମଦ ତାହିର ବକ୍‌ସି, ହସିମ ଖାଁ ଏବଂ ଅନ୍ୟାନ୍ୟ ମୋଗଲ ଅଫିସରମାନେ ପୁରୀଠାରେ ପହଞ୍ଚି ସାରିଥିଲେ । କିନ୍ତୁ ସେମାନେ ଦେଖିବାକୁ ପାଇଲେ ଯେ କେଶୋଦାସଙ୍କ କାର୍ଯ୍ୟ ଶେଷ ହୋଇ ଗଲାଣି । ସେମାନଙ୍କ ତରଫରୁ କୌଣସି ସାହାଯ୍ୟ କରିବାର ଆଉ ଆବଶ୍ୟକତା ନ ଥିଲା । ତେଣୁ ହସିମ ଖାଁ ଓ ଆଉ କେତେକ କଟକ ଫେରି ଆସିଲେ ଏବଂ ଖ୍ୱାଜା ମହମ୍ମଦ ତାହିର ବଙ୍ଗଳା ପ୍ରତ୍ୟାବର୍ତ୍ତନ କଲେ । ବଙ୍ଗଳାର ଭାଇସ୍‌ରୟ ଇସଲାମ ଖାଁ କେଶୋଦାସଙ୍କ ଏହି ବୀରତ୍ୱପୂର୍ଣ୍ଣ କାର୍ଯ୍ୟରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କଲେ । ଖ୍ୱାଜା ମହମ୍ମଦ ତାହିରଙ୍କ ସୁପାରିଶ କ୍ରମେ ସେ ତାଙ୍କୁ ଉଚ୍ଚପଦବୀକୁ ଉନ୍ନୀତ କରିବା ଲାଗି ସମ୍ରାଟ୍‌ଙ୍କୁ ପତ୍ର ଦ୍ୱାରା ପରାମର୍ଶ ଦେଇଥିଲେ । ଫଳତଃ ସମ୍ରାଟ ଜାହାଙ୍ଗୀର ଏହି ସୁପାରିଶକୁ ଗ୍ରହଣ କରି କେଶୋଦାସଙ୍କୁ ଗୃହିହଜାର ଯୋଦ୍ଧା-ବିଶିଷ୍ଟ ସେନାବାହିନୀ ପଦବୀକୁ (ମନ୍‌ସାବଦାର) ଉନ୍ନୀତ କରାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ତାଙ୍କୁ ବିଶିଷ୍ଟ ପଦବୀ ଲାଗି ଉଦ୍ଦିଷ୍ଟ ସମ୍ମାନସୂଚକ ପୋଷାକ, ରତ୍ନଖଚିତ ଏକ ଖଣ୍ଡା, ଖଣ୍ଡା ପାଇଁ ଏକ ବେଲ୍‌ଟ, ଏକ ଘୋଡ଼ା ଏବଂ ରତ୍ନଖଚିତ ଏକ ଜିନ୍ ଓ ଲଗାମ ମଧ୍ୟ ପ୍ରଦାନ କରାଯାଇଥିଲା ।

ରାଜା କଲ୍ୟାଣ

ଗଭର୍ଣ୍ଣର ରୂପେ ହସିମ ଖାଁଙ୍କ କାର୍ଯ୍ୟକାଳ ୧୬୧୧ ଖ୍ରୀଷ୍ଟାବ୍ଦ ମଇ ମାସରେ ସମାପ୍ତ ହୋଇଥିଲା । ତାଙ୍କ ସ୍ଥାନରେ ରାଜା କଲ୍ୟାଣ ମଲ୍ଲ ବା କଲ୍ୟାଣ ସିଂହ ଗଭର୍ଣ୍ଣର ନିଯୁକ୍ତ ହେଲେ । ସେ ଥିଲେ ରାଜା ତୋଡ଼ରମଲ୍ଲଙ୍କ ପୁତ୍ର ।

ହସିମ ଖାଁ ଗଭର୍ଣ୍ଣର ଥିବା ସମୟରେ ରାଜା କଲ୍ୟାଣ ଓଡ଼ିଶାରେ ଜନୈକ ଅଫିସର ଭାବେ ନିଯୁକ୍ତ ହୋଇଥିଲେ । ଜଣେ ଆଫଗାନ ଶାସକଙ୍କ ବିରୁଦ୍ଧରେ ସାମରିକ ଅଭିଯାନ ଚଳାଇ ସେ ଜଣେ ସାହସୀ ସେନାପତି ଭାବରେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ । ବଙ୍ଗଳାର ଗଭର୍ଣ୍ଣର ଜାହାଙ୍ଗୀର କୁଲି ଖାଁଙ୍କର ପରଲୋକ ଘଟିଲା । ତାଙ୍କ ମୃତ୍ୟୁ ସମ୍ବାଦ ସମ୍ରାଟଙ୍କ ଗୋଚର ହେବାର ଅବ୍ୟବହିତ ପରେ ଶେଖ୍ ସଲିମ୍ ଚିସ୍ତିଙ୍କ ନାତି ଶେଖ୍ ଆଲାଉଦ୍ଦିନଙ୍କୁ ଇସ୍‌ଲାମ ଖାଁ ନାମରେ ଅଭିହିତ କରି ବଙ୍ଗଳାର ଗଭର୍ଣ୍ଣର ରୂପେ ନିଯୁକ୍ତ କଲେ । କଲ୍ୟାଣ ଏବଂ ଓଡ଼ିଶାର ଆଉ କେତେକ ଅଫିସର ଏହି ସମୟରେ ବଙ୍ଗଳା ଯାଇଥିଲେ । ସେଠାରେ କଲ୍ୟାଣଙ୍କୁ ଆଫଗାନମାନଙ୍କ ଦ୍ୱାରା ଅଧିକୃତ ଇରଜତ ଖାଁଙ୍କ ହାତୀଗୁଡ଼ିକୁ ଉଦ୍ଧାର କରିବା ନିମନ୍ତେ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଥିଲା । ଇରଜତ ଖାଁ ବିହାରରେ ଇସ୍‌ଲାମ ଖାଁଙ୍କ ଅଧୀନରେ ଜଣେ ଅଫିସର ରୂପେ ନିଯୁକ୍ତ ହୋଇଥିଲେ । ଓଡ଼ିଶାରୁ ହାତୀ କିଣିନେବା ନିମନ୍ତେ ସେ ତାଙ୍କର କେତେକ ଅଫିସରଙ୍କୁ ବିହାରରୁ

Digitized by PPRACHIN, SOA

ପଠାଇଥିଲେ । ହାତୀ କିଣିନେଇ ଫେରୁଥିବା ସମୟରେ ସାହସୀ ଆଫଗାନ ନେତା କମ୍ରୁଦ୍ଦିନ ପାନିଙ୍କ ନେତୃତ୍ୱରେ ଦଳେ ସୈନ୍ୟଙ୍କ ସହିତ ସେମାନଙ୍କର ସଂଘର୍ଷ ଘଟିଲା । ଆଫଗାନମାନେ ସେମାନଙ୍କ ଉପରେ ଚଢ଼ାଉ କରି ହାତୀସବୁ ଏବଂ ଓଡ଼ିଶାରୁ ଯାଉଥିବା ଅନ୍ୟାନ୍ୟ ଉପହାର ତଥା ବିରଳ ସାମଗ୍ରୀମାନ ଜବତ କରି ନେଇଥିଲେ । ଏ ସମ୍ବାଦ ପାଇ ଇସ୍‌ଲାମ ଖାଁ ରଜା କଲ୍ୟାଣଙ୍କୁ ଉକ୍ତ ଆଫଗାନମାନଙ୍କ କୁକର୍ମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଦେଶ ଦେଇଥିଲେ । ଆଫଗାନମାନଙ୍କ ସହିତ ଯୁଦ୍ଧରେ ଲିପ୍ତ ନ ହେବାକୁ ନିଜର ବହୁସଂଖ୍ୟକ ଭୀରୁ ଅନୁଗାମୀଙ୍କ ବାରଣ ସତ୍ତ୍ୱେ ରଜା କଲ୍ୟାଣ ଏକ ବିରାଟ ସୈନ୍ୟ-ବାହିନୀର ନେତୃତ୍ୱ ନେଇ ଅଭିଯାନ ଚଳାଇଥିଲେ । ଯୁଦ୍ଧ ପାଇଁ ପ୍ରସ୍ତୁତ ଥିବା ଆଫଗାନମାନଙ୍କ ଉପରେ ସେ ଆକ୍ରମଣ ଆରମ୍ଭ କରିଦେଲେ । ଆଫଗାନମାନେ ମଧ୍ୟ ପ୍ରତି-ଆକ୍ରମଣ ଚଳାଇଲେ । ମାତ୍ର ରଜା କଲ୍ୟାଣଙ୍କର ସୈନ୍ୟମାନେ ସଂଖ୍ୟାଧିକ ଥିବାରୁ ସେ ଆଫଗାନ-ମାନଙ୍କୁ ପରାସ୍ତ କରିଦେଲେ । ପ୍ରଥମ ଆକ୍ରମଣରେ ଆଫଗାନ ସେନାପତି ନିହତ ହେଲେ । ତେଣୁ ଆଫଗାନ ସେନାବାହିନୀ ନେତୃତ୍ୱବିହୀନ ହୋଇ ଭୟରେ ଇତସ୍ତତଃ ପଳାୟନ କରିବାକୁ ଲାଗିଲେ । ରଜା କଲ୍ୟାଣ ତାହା ପରେ ଇରଜତ ଖାଁଙ୍କ ହାତୀ, ବିଭିନ୍ନ ସାମଗ୍ରୀ ଓ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତିମାନ ଉଦ୍ଧାର କଲେ ଏବଂ ଆଫଗାନମାନେ ଲୁଚାଇ ରଖିଥିବା ବହୁ ପରିମାଣର ଲୁଣ୍ଠିତ ଦ୍ରବ୍ୟ ଅଧିକାର କରିନେଲେ । ଏହିସବୁ ସାମଗ୍ରୀ ଇସ୍‌ଲାମ ଖାଁଙ୍କ ନିକଟକୁ ପଠାଇ ଦିଆଗଲା । ଇସ୍‌ଲାମ ଖାଁ ରଜା କଲ୍ୟାଣଙ୍କର ସାହସିକ କାର୍ଯ୍ୟକଳାପକୁ ପ୍ରଶଂସା କରି ସମ୍ରାଟଙ୍କ ଦରବାରକୁ ତାଙ୍କ ସପକ୍ଷରେ ସୁପାରିଶ କଲେ । ତଦନୁସାରେ ରଜା କଲ୍ୟାଣଙ୍କୁ ଏକ ପତାକା (Standard) ଦିଆଗଲା ଓ ସେ ୨୦୦ ମାନ୍‌ସବ ଶ୍ରେଣୀର ପଦବୀକୁ ଉନ୍ନୀତ ହେଲେ ।

ରାଜା କଲ୍ୟାଣ ଓଡ଼ିଶାର ଗଭର୍ଣ୍ଣର ହସିମ ଖାଁଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସମୟରେ କାଶ୍ମୀର ସୁବାଦାର ଇବ୍ରାହିମ ଖାଁ କାକରଙ୍କର ମୃତ୍ୟୁ ଘଟିଲା । ତେଣୁ ସେହି ଶୂନ୍ୟ ପଦବୀ ପୂରଣ କରାଯିବାର ଆବଶ୍ୟକତା ଉପୁଜିଲା । ଏକଦା କାଶ୍ମୀର ଗଭର୍ଣ୍ଣର ଦାୟିତ୍ୱ ଆକବରଙ୍କ ରାଜତ୍ୱ ସମୟରେ ହସିମ ଖାଁଙ୍କ ପିତା କାଶିମ ଖାଁଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବିବେଚନା କରି ଜାହାଙ୍ଗୀର ହସିମ ଖାଁଙ୍କୁ ସେହି ପ୍ରଦେଶର ଗଭର୍ଣ୍ଣର ରୂପେ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କଲେ । ନିଜ ଅଫିସର ଦାୟିତ୍ୱ ଓଡ଼ିଶାରେ କାହାରିକୁ ହସ୍ତାନ୍ତରିତ ନ କରି ସଙ୍ଗେ ସଙ୍ଗେ କାଶ୍ମୀରର ଗଭର୍ଣ୍ଣର ଦାୟିତ୍ୱ ଗ୍ରହଣ କରିବା ହସିମ-ଖାଁଙ୍କ ପକ୍ଷରେ ସମ୍ଭବ ନ ଥିଲା । ତେଣୁ ଏହି ମଧ୍ୟବର୍ତ୍ତୀ ସମୟରେ କାଶ୍ମୀରର ଗଭର୍ଣ୍ଣର ଦାୟିତ୍ୱ ତୁଲାଇବା ନିମନ୍ତେ ହସିମ ଖାଁଙ୍କ ବଳା ଖ୍ୱାଜା ମହମ୍ମଦ ତାହିରଙ୍କୁ ଅସ୍ଥାୟୀ ଭାବରେ ସେହି ପ୍ରଦେଶର ଗଭର୍ଣ୍ଣର ନିଯୁକ୍ତ କରାଗଲା ଏବଂ ହସିମ ଖାଁ ପହଞ୍ଚିବା ପର୍ଯ୍ୟନ୍ତ

Digitized by PPRACHIN, SOA

ସେହି ଦାୟିତ୍ୱ ତୁଲାଇବାକୁ ଆଦେଶ ଦିଆଗଲା । ଓଡ଼ିଶାର ଗଭର୍ଣ୍ଣର ଦାୟିତ୍ୱ ତୁଲାଇବା ସକାଶେ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କ ଅନ୍ୱେଷଣ ଅବସରରେ ସମ୍ରାଟ ରାଜା ତୋଡ଼ରମଲ୍ଲଙ୍କ ପୁତ୍ର ରାଜା କଲ୍ୟାଣଙ୍କୁ ମନୋନୀତ କଲେ । ରାଜା କଲ୍ୟାଣଙ୍କ ଅତୀତର ବୀରତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ସଂପର୍କରେ ଦରବାର ଅବଗତ ଥିଲେ । ସେ ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ ହେଲେ ଓ ତାଙ୍କୁ ଏକ ପତାକା (Standard), ଏକ ନିଶାଣ (ensign) ଓ ଏକ ରାଜକୀୟ ବାଦ୍ୟ (Keffledrum) ପ୍ରଦାନ କରାଗଲା । ଆଉ ଏକ ନିର୍ଦ୍ଦେଶନାମାରେ ଓଡ଼ିଶାର ଶାସନ ଦାୟିତ୍ୱ ରାଜା କଲ୍ୟାଣଙ୍କୁ ହସ୍ତାନ୍ତରିତ କରିବା ଏବଂ କାଶ୍ମୀରଠାରେ ନୂତନ ନିଯୁକ୍ତିରେ ଯୋଗ ଦେବା ପୂର୍ବରୁ ସମ୍ରାଟଙ୍କ ଦରବାରକୁ ଯାତ୍ରା କରିବା ନିମନ୍ତେ ହସିମ ଖାଁଙ୍କୁ କୁହାଗଲା । ଏହି ପରିସ୍ଥିତିରେ ରାଜା କଲ୍ୟାଣ ୧୬୧୧ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ଓଡ଼ିଶାର ଗଭର୍ଣ୍ଣର ଦାୟିତ୍ୱ ଗ୍ରହଣ କଲେ । ୧୬୧୧ ରୁ ୧୬୧୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଓଡ଼ିଶାରେ ରାଜତ୍ୱ କରିଥିଲେ । ଖୋର୍ଦ୍ଧା ବିରୁଦ୍ଧରେ ଯୁଦ୍ଧ ଅଭିଯାନ ତାଙ୍କ ରାଜତ୍ୱ କାଳର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଘଟଣା ।

ଖୋର୍ଦ୍ଧା ରାଜା ଖୋର୍ଦ୍ଧାସ୍ଥ ନିଜ ଦୁର୍ଗ ଭିତରେ ରହି ଏବେ ବି ଜଣେ ସ୍ୱାଧୀନ ଶାସକ ପରି କାର୍ଯ୍ୟ କରୁଛନ୍ତି ବୋଲି କଲ୍ୟାଣ ମନେ କରିଥିଲେ । ତେଣୁ ମୋଗଲ ସାମ୍ରାଜ୍ୟର ଗୌରବ ବୃଦ୍ଧି ମାନସରେ ସେ ଖୋର୍ଦ୍ଧା ବିରୁଦ୍ଧରେ ଅଭିଯାନ ପାଇଁ ଏକ ଯୋଜନା କଲେ । କିନ୍ତୁ ସେ ଦେଖିବାକୁ ପାଇଲେ ଯେ ଖୋର୍ଦ୍ଧା ରଜା ପୁରୁଷୋତ୍ତମ ଦେବଙ୍କ ଦକ୍ଷ ପ୍ରଧାନମନ୍ତ୍ରୀ ବିଦ୍ୟାଧର ମୋଗଲମାନଙ୍କ କାର୍ଯ୍ୟକଳାପ ପ୍ରତି ସତର୍କ ଦୃଷ୍ଟି ରଖି ଅଛନ୍ତି । ରାଜାଙ୍କ ବିରୁଦ୍ଧରେ ପ୍ରଥମେ ଖୋର୍ଦ୍ଧା ରାଜାଙ୍କ ପ୍ରଧାନମନ୍ତ୍ରୀଙ୍କ ସହିତ ମୁକାବିଲା କରିବା ହିଁ ବିଜୟ ଲାଭ କରିବାକୁ ହେଲେ ସବୁଠାରୁ ଉତ୍କୃଷ୍ଟ ପନ୍ଥା ବୋଲି ତାଙ୍କର ଧାରଣା ହେଲା । କୂଟନୀତି ପ୍ରୟୋଗ କରି ତାଙ୍କୁ ଘଣ୍ଟଗିଲା ଟାଙ୍ଗିଠାରେ ସାକ୍ଷାତ କରିବା ପାଇଁ ସେ ବିଦ୍ୟାଧରଙ୍କୁ ଅନୁରୋଧ ଜଣାଇଲେ । ସେହି ସାକ୍ଷାତରେ ସେ ବିଦ୍ୟାଧରଙ୍କ ପ୍ରତି ବିଶ୍ୱାସଘାତକତା କରି ତାଙ୍କୁ ବନ୍ଦୀ କଲେ । ତା'ପରେ ସେ ତତ୍‌କ୍ଷଣାତ ଖୋର୍ଦ୍ଧା ଆକ୍ରମଣ କଲେ । ଖୋର୍ଦ୍ଧା ଧ୍ୱସ୍ତବିଧ୍ୱସ୍ତ ହେଲା ।

ଏକ ପାର୍ଶ୍ୱରେ ଉତ୍ତରରୁ ମୋଗଲମାନଙ୍କ ଆକ୍ରମଣ ଏବଂ ଅପର ପାର୍ଶ୍ୱରେ ଦକ୍ଷିଣ ଦିଗରୁ ରାଜାଙ୍କ ଇଲାକା ସଂଲଗ୍ନ ଗୋଲକୁଣ୍ଡା ରାଜ୍ୟର ଶାସକଙ୍କ ପକ୍ଷରୁ ସାମ୍ଭାବ୍ୟ ଆକ୍ରମଣ—ଏହିପରି ଦୁଇ ଦିଗରୁ ଚପି ହେବାକୁ ଯାଉଥିବା ଘଟଣାରେ ଖୋର୍ଦ୍ଧାରାଜା ଏକ ଅକଡ଼ିଆ ପରିସ୍ଥିତିରେ ପଡ଼ିଗଲେ । ଏଭଳି ପରିସ୍ଥିତିରେ ନିଜ ରାଜ୍ୟକୁ ମୋଗଲମାନଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ବିଧ୍ୱସ୍ତ ହୋଇଯିବାକୁ ଦେବା ଅପେକ୍ଷା ମୋଗଲମାନଙ୍କ ସହିତ ଶାନ୍ତି ପ୍ରତିଷ୍ଠା କରିବା ବିଜ୍ଞତାର କାର୍ଯ୍ୟ ହେବ ବୋଲି ସେ ବିବେଚନା କଲେ । କଲ୍ୟାଣଙ୍କ ସହିତ

Digitized by PPRACHIN, SOA

ଶାନ୍ତି ପ୍ରସ୍ତାବ ଆଲୋଚନା ପରେ ସ୍ଥିର ହେଲା ଯେ ପ୍ରଥମତଃ ଖୋର୍ଦ୍ଧା ରାଜା ତାଙ୍କ ନିକଟରେ ଆତ୍ମସମର୍ପଣ କରିବେ, ଦ୍ୱିତୀୟତଃ ସେ ତାଙ୍କ କନ୍ୟାକୁ ସମ୍ରାଟଙ୍କ ହାରେମ (ଅନ୍ତଃପୁର)କୁ ପଠାଇବେ, ତୃତୀୟତଃ ସେ ସମ୍ରାଟଙ୍କ ରାଜକୋଷକୁ ପେଶ୍‌କାଶ ବାବଦରେ ୩ଲକ୍ଷ ଟଙ୍କା ଦେବାକୁ ଓ ସମ୍ରାଟଙ୍କ ବ୍ୟବହାର ସକାଶେ ଖ୍ୟାତନାମା ହସ୍ତୀ ଶେଷ ନାଗକୁ ପଠାଇବା ପାଇଁ ସମ୍ମତ ହେବେ ଏବଂ ଚତୁର୍ଥତଃ ସେ ବ୍ୟକ୍ତିଗତ ଭାବରେ ସମ୍ରାଟଙ୍କ ଆଗରେ ହାଜର ଦେବେ ।

ତଦନୁସାରେ ଖୋର୍ଦ୍ଧା ରଜା ନିଜ କନ୍ୟାକୁ ରଜା କଲ୍ୟାଣଙ୍କ ନିକଟକୁ ପଠାଇ ଏକଲକ୍ଷ ଟଙ୍କା ଉପହାର ଦେଲେ । ଖୋର୍ଦ୍ଧା ବିଜୟ କରି ରଜା-କଲ୍ୟାଣ କଟକ ପ୍ରତ୍ୟାବର୍ତ୍ତନ କଲେ ଏବଂ କେତେକ ବିଶ୍ୱସ୍ତ ବ୍ୟକ୍ତିଙ୍କ ଜରିଆରେ ନବବଧୂ, ହସ୍ତୀ ଶେଷନାଗ ଏବଂ ପେଶ୍‌କଶ ଅର୍ଥସମ୍ରାଟଙ୍କ ଦରବାରକୁ ପଠାଇବା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କଲେ । ମାତ୍ର ବଙ୍ଗଳାର ଇସ୍‌ଲାମ ଖାଁଙ୍କ ଜନୈକ କର୍ମଚାରୀ ଶେଖ୍ ଅହମ୍ମଦ ନିଜ ପ୍ରଭୁ ଇସ୍‌ଲାମ ଖାଁଙ୍କ ନିକଟରେ କୌଣସି ନିର୍ଦ୍ଦେଶ ନ ପାଇବା ପର୍ଯ୍ୟନ୍ତ ଆକବର ନଗରଠାରୁ ଏହି ଦଳଙ୍କୁ ଆଗକୁ ଯିବାକୁ ଦେଲେ ନାହିଁ । ଏ ବିଷୟ ସମ୍ରାଟଙ୍କୁ ଜଣାଇ ଦିଆଗଲା ପରେ ସେ ଶେଖ୍ ଅହମ୍ମଦଙ୍କୁ ଶାସ୍ତି ଦେଲେ ଏବଂ ଏତାଦୃଶ ହସ୍ତକ୍ଷେପ ଯୋଗୁ ଇସ୍‌ଲାମ ଖାଁଙ୍କୁ ମଧ୍ୟ ତିରସ୍କାର କରିଥିଲେ ।

ବଙ୍ଗଳାର ଭାଇସ୍‌ରାୟ ଇସ୍‌ଲାମ ଶାହାଙ୍କ କାରସାଦି ଯୋଗୁଁ ରଜା କଲ୍ୟାଣ କିଛି କାଳ ପାଇଁ ନିଜ ପଦବୀରୁ ଅପସାରିତ ହୋଇଥିବା ଜଣାଯାଏ । ଉସ୍‌ମାନଙ୍କ ନେତୃତ୍ୱରେ ସିଲହଟ୍‌ର ଅଫଗାନମାନେ ଇସ୍‌ଲାମ ଖାଁ ସରକାରଙ୍କ ବିରୁଦ୍ଧାଚରଣ କରିଥିବା ଏବଂ ଅବାଧ୍ୟ ମନୋଭାବ ପ୍ରଦର୍ଶନ କରିଥିବା ହେତୁ ଏହା ଘଟିଥିଲା । ବିଦ୍ରୋହୀ ଆଫଗାନମାନଙ୍କ ବିରୁଦ୍ଧରେ ଏକ ସେନାବାହିନୀର ନେତୃତ୍ୱ ନେଇ ଅଭିଯାନ ଚଳାଇବା ନିମନ୍ତେ ସୁଜାତ ଖାଁଙ୍କୁ ଉତ୍ସାହିତ କରିବା ସକାଶେ ଇସ୍‌ଲାମ ଶାହା ଇଚ୍ଛାପ୍ରକାଶ କରିଥିଲେ । ସେ ଓଡ଼ିଶାର ଗଭର୍ଣ୍ଣର ଦାୟିତ୍ୱରୁ ରଜା କଲ୍ୟାଣଙ୍କୁ ଅପସାରିତ କରି ସେହି ପଦବୀରେ ସୁଜାତ ଖାଁଙ୍କୁ ରଖିବାକୁ ସମର୍ଥ ହୋଇଥିଲେ । ସୁଜାତ ଖାଁ ଏହି ପଦବୀ ଲାଭ କଲେ । ମାତ୍ର ଉସ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଚଳାଇବା ନିମନ୍ତେ ତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ଥିବା ଦୃଷ୍ଟିରୁ ସେ ତାଙ୍କର ଜ୍ୟେଷ୍ଠପୁତ୍ର ଶେଖ୍ କୁତବ୍‌ଙ୍କୁ ତାଙ୍କ ସ୍ଥାନରେ କାର୍ଯ୍ୟକରିବା ନିମନ୍ତେ ଓଡ଼ିଶା ପଠାଇଥିଲେ । ଶେଖ୍ କୁତବ୍‌ଙ୍କୁ ଏକ ସମ୍ମାନସୂଚକ ପୋଷାକ, ଲଗାମ ସହିତ ଉଚ୍ଚ ବଂଶଜ ଏକ ଅଶ୍ୱ, ସ୍ୱର୍ଣ୍ଣ ନିର୍ମିତ ଜିନ୍ ଓ ରତ୍ନ ଖଚିତ ଦେଣ୍ଟଥିବା ଏକ ଖଡ୍‌ଗ ଉପହାର ଦିଆଯାଇ ଥିଲା ।

୧୬୧୨ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ୮ ତାରିଖ ସୁଦ୍ଧା ସୁଜାତ୍ ଖାଁ ଉସ୍‌ମାନଙ୍କ ବିରୁଦ୍ଧରେ ବିଜୟଲାଭ କଲେ ଏବଂ 'ରୁସ୍ତମ ଅଫ୍ ଦି ଏଜ୍' (Rustam of the Age) ଉପାଧିରେ

Digitized by PPRACHIN, SOA

ଭୂଷିତ ହୋଇଥିଲେ । ଜଣାଯାଏ ଯେ ଇସ୍‌ଲାମ ଖାଁ ସମ୍ରାଟଙ୍କ ଅନୁମୋଦନ ନ ଆଣି ରାଜା କଲ୍ୟାଣଙ୍କୁ ଅପସାରିତ କରିଥିଲେ ତେଣୁ ସିଲହଟ୍‌ଠାରେ ଆଫଗାନ ବିପଦ ଦୂରୀଭୂତ ହେବାର ଅବ୍ୟବହିତ ପରେ ରାଜା କଲ୍ୟାଣ ପୁଣି ଥରେ ଓଡ଼ିଶାର ଗଭର୍ଣ୍ଣର ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ ।

ରାଜା କଲ୍ୟାଣଙ୍କ ବିରୁଦ୍ଧରେ କେତେକ ଅଭିଯୋଗ ହେବାରୁ ତାଙ୍କୁ ଓଡ଼ିଶାରୁ ଦିଲ୍ଲୀ ଦରବାରକୁ ପ୍ରତ୍ୟାହୃତ କରି ନିଆଯାଇଥିବା ଜଣାଯାଏ ।

ମୁକରମ୍ ଖାଁ

ରାଜା କଲ୍ୟାଣଙ୍କୁ ନିଜ ପଦବୀରୁ ଅପସାରିତ କରାଯିବା ପରେ ୧୬୧୭ ଖ୍ରୀଷ୍ଟାବ୍ଦରେ ସୁଆଜମ୍ ଖାଁଙ୍କ ପୁତ୍ର ମୁକରମ୍ ଖାଁଙ୍କୁ ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ କରାଗଲା । ଏହି ପଦବୀରେ ନିଯୁକ୍ତି ପାଇବା ପୂର୍ବରୁ ବଙ୍ଗଳା ସରକାରଙ୍କ ଅଧୀନରେ ଅବସ୍ଥାପିତ ଜନୈକ ଅଫିସର ଭାବେ ସେ ପ୍ରଶାସନ ତଥା ଯୁଦ୍ଧ ଅଭିଯାନ ଉଭୟ କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ହାସଲ କରିଥିଲେ । ଏକଦା ବଙ୍ଗଳାର ଇସ୍‌ଲାମ ଖାଁଙ୍କ ନିର୍ଦ୍ଦେଶ କ୍ରମେ ସେ ଏକ ସୈନ୍ୟ-ବାହିନୀର ନେତୃତ୍ୱ ନେଇ କାମରୂପକୁ ଯୁଦ୍ଧ ଅଭିଯାନରେ ଯାଇଥିଲେ ଏବଂ ନିଜର ଭାଇସ୍-ରୟଙ୍କ ଲାଗି ବିଜୟ ଆଣିଥିଲେ ।

ଓଡ଼ିଶାର ଗଭର୍ଣ୍ଣର ଥିଲେ ମଧ୍ୟ ସେ ବେଳେ ବେଳେ ବଙ୍ଗଳାର ରାଜନୀତି ସହିତ ଜଡ଼ିତ ରହୁଥିବା ଜଣାଯାଏ । ସେ ହିଜ୍‌ଲିର ଜମିଦାର ବାହାଦୁର ଖାଁଙ୍କର ଜଣେ ବଡ଼ ବନ୍ଧୁ ଥିଲେ । ଇସ୍‌ଲାମ ଖାଁଙ୍କ ପରେ କାଶିମ ଖାଁ ବଙ୍ଗଳାର ଗଭର୍ଣ୍ଣର ହେଲେ । ତା' ପରେ ଇବ୍ରାହିମ ଖାଁଙ୍କୁ ବଙ୍ଗଳା ଗଭର୍ଣ୍ଣର ଭାବରେ ନିଯୁକ୍ତି ମିଳିଲା । ବର୍ତ୍ତମାନ ମୁକରମ୍ ଖାଁଙ୍କ ସାହାଯ୍ୟ ଓ ଉତ୍ସାହ ପାଇ ବାହାଦୁର ଖାଁ ଇବ୍ରାହିମ ଖାଁଙ୍କ କର୍ତ୍ତୃତ୍ୱର ବିରୋଧାଚରଣ କଲେ । ତେଣୁ ଇବ୍ରାହିମ ଖାଁ ବର୍ଦ୍ଧମାନର ଫଉଜଦାର ମହମ୍ମଦ ବେଗ୍ ଅବକାଶଙ୍କୁ ବାହାଦୂର ଖାଁଙ୍କୁ ଦମନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏ ଖବର ପାଇ ମୁକରମ ଖାଁ ନିଜ ସୈନ୍ୟବାହିନୀରୁ ବଛା ବଛା ୧୦୦ ଜଣ ଅଶ୍ୱାରୋହୀ ପଠାଇ ବାହାଦୂର ଖାଁଙ୍କ ହାତମୁଠା ଟାଣ କରିଥିଲେ । ପରିଣାମତଃ ମୋଗଲ ସେନାପତି ମହମ୍ମଦ ବେଗ୍ ହିଜ୍‌ଲି ଦୁର୍ଗରୁ ବାହାଦୁର ଖାଁଙ୍କୁ ବିତାଡ଼ିତ କରିବାକୁ ସକ୍ଷମ ହୋଇ ନ ଥିଲେ । ପରବର୍ତ୍ତୀ ସମୟରେ ବାହାଦୁର ଖାଁ ଏହି ବିଦ୍ରୋହୀ ମନୋଭାବ ପରିତ୍ୟାଗ କରି ଇବ୍ରାହିମ୍ ଖାଁଙ୍କ ସହିତ ଶାନ୍ତି ପ୍ରତିଷ୍ଠା କରିଥିବାରୁ ମୁକରମ୍ ଖାଁଙ୍କର ଏହି ଗୋପନ କୂଟନୀତି କାମ ଦେଇ ନ ଥିଲା ।

ଓଡ଼ିଶାରେ ମୁକରମ୍ ଖାଁ ବେଳେ ବେଳେ ପ୍ରତିମା-ବିଧ୍ୱଂସୀ କାର୍ଯ୍ୟକଳାପରେ ଜଡ଼ିତ ହେଉଥିଲେ । ଏଥିଲାଗି ସାକ୍ଷୀଗୋପାଳ ମୂର୍ତ୍ତି ଖଣ୍ଡବିଖଣ୍ଡିତ ହୋଇଥିଲା । ପୁରୀର

Digitized by PPRACHIN, SOA

ଲୋକମାନେ ଏହି ସମ୍ବାଦ ପାଇ ଏତେ ଭୟଭୀତ ହୋଇ ପଡ଼ିଥିଲେ ଯେ ସେବକମାନେ ଜଗନ୍ନାଥ ମୂର୍ତ୍ତିକୁ ପୁରୀଠାରୁ ଗୋବପଦର ନାମକ ଏକ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲେ । ଖୋର୍ଦ୍ଧା ରାଜା ଚୁକ୍ତି ସର୍ତ୍ତାବଳୀ ଅନୁସାରେ ରାଜା କଲ୍ୟାଣଙ୍କର ସମସ୍ତ ଦାବୀ-ପୂରଣ କରି ଅପମାନିତ ହୋଇ ସାରିଥିଲେ । ହିନ୍ଦୁ ପ୍ରତିମା ବିରୁଦ୍ଧରେ ମୁକରମ୍‌ଙ୍କ ଅଭିଯାନରେ ସେ ଯେତିକି ଆହୁରି ଅପମାନିତ ହେଲେ ସେତିକି କ୍ରୋଧାନ୍ୱିତ ହୋଇଥିଲେ । ତେଣୁ ସେ ମୋଗଲ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ । ତାଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ମୁକରମ୍ ଖାଁ ତାଙ୍କ ରାଜ୍ୟ ଅଭିମୁଖେ ସୈନ୍ୟ ଚାଳନା କରିଥିଲେ । ମୋଗଲ ସୈନ୍ୟମାନଙ୍କ ପ୍ରବଳ ଆକ୍ରମଣରେ ଖୋର୍ଦ୍ଧା ରାଜା ନିଜ ରାଜ୍ୟ ଭିତରେ ନିଜକୁ ରକ୍ଷା କରି ନ ପାରି ପ୍ରାଣ ଭୟରେ ରାଜମହେନ୍ଦ୍ରୀ ଠାରେ ଆଶ୍ରୟ ନେଲେ । ଇତିମଧ୍ୟରେ ଖୋର୍ଦ୍ଧା ରାଜ୍ୟକୁ ଲାଗି ରହିଥିବା ଗୋଲକୁଣ୍ଡା ରାଜ୍ୟର ସୁଲତାନ କୁତବ-ଉଲ-ମୂଲକ ମୋଗଲ ସମ୍ରାଟଙ୍କୁ ଏକ ଆବେଦନ ପତ୍ର ଲେଖି ଜଣାଇଲେ ଯେ ମୁକରମ ଖାଁ ତାଙ୍କ ରାଜ୍ୟରେ ହସ୍ତକ୍ଷେପ କରିବାକୁ ଯାଉଛନ୍ତି ତେଣୁ ରାଜ୍ୟରେ ଏ କାର୍ଯ୍ୟରୁ ନିବର୍ତ୍ତାଇବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଉ । ସମ୍ରାଟଙ୍କ ଆଦେଶ ଅନୁଯାୟୀ ମୁକରମ ଖାଁ ଖୋର୍ଦ୍ଧା ରାଜ୍ୟ ବାହାରକୁ ମୋଗଲ ସାମ୍ରାଜ୍ୟ ସମ୍ପ୍ରସାରଣ ବନ୍ଦ କଲେ । କିନ୍ତୁ ଖୋର୍ଦ୍ଧା ରାଜ୍ୟରେ ଲୁଣ୍ଠନ ଚାଲିଲା ଏବଂ ଖୋର୍ଦ୍ଧା ମୋଗଲ ସାମ୍ରାଜ୍ୟର ପରିସରଭୁକ୍ତ ହେଲା ବୋଲି ଘୋଷଣା କରଗଲା । ଖୋର୍ଦ୍ଧାର ରାଜପରିବାରକୁ ଏକ ଜମିଦାର ସ୍ତରରୁ ଖସାଇ ଦିଆଯାଇଥିବା କୁହାଯାଏ । ଓ୍ୱାକିଆତ-ଇ-ଜାହାଙ୍ଗୀର ନାମାରେ ଜାହାଙ୍ଗୀର ଉଲ୍ଲେଖ କରିଥିଲେ, "ଓଡ଼ିଶା ପ୍ରଦେଶ ଏବଂ ଗୋଲକୁଣ୍ଡା ରାଜ୍ୟ ମଧ୍ୟରେ ଖୋର୍ଦ୍ଧା ରାଜ୍ୟ ଓ ରାଜ ମହେନ୍ଦ୍ରୀ—ଏହିପରି ଦୁଇଗୋଟି ଜମିଦାରୀ ରହି ଅଛି । ପ୍ରଥମୋକ୍ତ ରାଜାଙ୍କ ରାଜ୍ୟକୁ ମୋ ସରକାରର କର୍ମଚାରୀମାନେ ଦଖଲ କରି-ନେଇଛନ୍ତି ।" ଏ ସବୁ ସତ୍ତ୍ୱେ ଖୋର୍ଦ୍ଧା ରାଜ୍ୟକୁ ମୋଗଲ ସାମ୍ରାଜ୍ୟରେ ସାମିଲ କରାଯାଇଥିବା ଦାବୀ ବିଶ୍ୱାସଯୋଗ୍ୟ ନୁହେଁ । ଖୋର୍ଦ୍ଧା ମିଶ୍ରଣ ଘୋଷଣା କରାଯାଇ ପାରିଥାଏ । କିନ୍ତୁ ମିଶ୍ରଣ ଅସ୍ଥାୟୀ ବୋଲି ଜଣାଯାଏ କାରଣ ପ୍ରମାଣ ମିଳେ ଯେ ଖୋର୍ଦ୍ଧା ସ୍ଥାୟୀ ଭାବରେ ମୋଗଲ ପରିସରଭୁକ୍ତ ହୋଇ ନ ଥିଲା, କିମ୍ବା ଖୋର୍ଦ୍ଧା ରାଜବଂଶର ବିଲୁପ୍ତି ଘଟିଛି ବୋଲି ଘୋଷଣା କରାଯାଇ ନ ଥିଲା, ଅଥବା ଉକ୍ତ ରାଜ୍ୟ ଜାହାଙ୍ଗୀରଙ୍କ ପ୍ରତ୍ୟକ୍ଷ ଶାସନାଧୀନକୁ ଆସି ନ ଥିଲା । ତଥାପି ମୁକରମ ଖାଁଙ୍କ ଖୋର୍ଦ୍ଧା ବିଜୟ ଅଭିଯାନ ପୂର୍ବରୁ କରାଯାଇଥିବା ଅନ୍ୟ ଯେକୌଣସି ଅଭିଯାନ ତୁଳନାରେ ଅଧିକ ସମ୍ମାନଜନକ ଏବଂ ଅଧିକ ଫଳପ୍ରଦ ଥିଲା । ଖୋର୍ଦ୍ଧା ରାଜାଙ୍କ ଶୋଚନୀୟ ପରାଜୟ ଏବଂ ମୁକରମ ଖାଁଙ୍କ ଖୋର୍ଦ୍ଧା ବିଜୟ ଓ ଅଧିକାର ସମ୍ରାଟଙ୍କ ଦରବାର ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ତେଣୁ ମୋଗଲ ସାମ୍ରାଜ୍ୟ ପ୍ରତି ତାଙ୍କର ଏହି ବୀରତ୍ୱପୂର୍ଣ୍ଣ କର୍ମର ସ୍ୱୀକୃତି କରାଯାଇ ତାଙ୍କୁ

Digitized by PPRACHIN, SOA

ତିନି ହଜାର କର୍ମଚାରୀ ଓ ଦୁଇହଜାର ଅଶ୍ୱ ବିଶିଷ୍ଟ ମନସାବ ପାହ୍ୟାକୁ ଉନ୍ନୀତ କରାଯାଇଥିଲା । ଏତଦ୍‌ବ୍ୟତୀତ ତାଙ୍କୁ ଡ୍ରମ, ଘୋଡ଼ା ଏବଂ ସମ୍ମାନସୂଚକ ପୋଷାକ ମଧ୍ୟ ପ୍ରଦାନ କରାଯାଇଥିଲା ।

ମୁକରମ ଖାଁ ୧୬୧୭ରୁ ୧୬୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ଗଭର୍ଣ୍ଣର ଥିବା ଜଣାଯାଏ । ସେ କିଛି କାଳ ସକାଶେ ଦିଲ୍ଲୀର ଗଭର୍ଣ୍ଣର ମଧ୍ୟ ଥିଲେ । ଜୀବନର ଶେଷ ଆଡ଼କୁ ସେ ବଙ୍ଗଳାର ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଥିଲେ । ୧୬୨୭ ଖ୍ରୀଷ୍ଟାବ୍ଦ ଫେବୃୟାରୀ ମାସରେ ସେ ଆକସ୍ମିକ ଭାବେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିଲେ ।

ଅହମ୍ମଦ ବେଗ

ମୁକରମ ଖାଁଙ୍କ ପରେ ହୁସେନ ଅଲ୍ଲୀ ଖାଁ ତୁର୍କମାନ ଓଡ଼ିଶାର ଗଭର୍ଣ୍ଣର ଦାୟିତ୍ୱ ଗ୍ରହଣ କଲେ । ମାତ୍ର ତାଙ୍କର ଘଟଣାବିହୀନ ବର୍ଷଟିଏ ସରିବା ପରେ ତାଙ୍କ ସ୍ଥାନରେ ଅହମ୍ମଦ ବେଗ୍ ନିଯୁକ୍ତ ହୋଇଥିଲେ । ଅହମ୍ମଦ ବେଗ୍ ନୁର୍‌ଜାହାନଙ୍କ ଭ୍ରାତୁଷ୍ପୁତ୍ର, ଇବ୍ରାହିମ ଖାଁ ଫତେଜଙ୍ଗଙ୍କର ସେ ଥିଲେ ପୁତୁରା । ଓଡ଼ିଶାରେ ନବନିଯୁକ୍ତି ପାଇବା ପୂର୍ବରୁ ସେ ବଙ୍ଗଳା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ ଏବଂ ବଙ୍ଗଳାର ଗଭର୍ଣ୍ଣର ଇବ୍ରାହିମ ଖାଁଙ୍କୁ ବିଦ୍ରୋହୀ ଆରାକାନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧଅଭିଯାନରେ ସାହାଯ୍ୟ କରିଥିଲେ ।

ଓଡ଼ିଶାର ଗଭର୍ଣ୍ଣର ଦାୟିତ୍ୱ ପାଇବା ପାଇଁ ତାଙ୍କୁ କେତେକ ଅସୁବିଧା ଭୋଗିବାକୁ ପଡ଼ିଥିଲା । ପ୍ରଥମେ ମୁକରମ ଖାଁଙ୍କୁ ଓଡ଼ିଶାର ଗଭର୍ଣ୍ଣର ହିସାବରେ ପୁଣି ଥରେ ନିଯୁକ୍ତ କରିବା ପାଇଁ ମୋଗଲ ସରକାର ମନସ୍ଥ କରିଥିଲେ । ମାତ୍ର ଇବ୍ରାହିମ ଖାଁ ବଙ୍ଗଳାରୁ ଓଡ଼ିଶାକୁ ମୁକରମ ଖାଁଙ୍କ ବଦଳି ନିମନ୍ତେ ଇଚ୍ଛୁକ ନ ଥିଲେ । ତେଣୁ ମୋଗଲ ସରକାର ଅହମ୍ମଦ ବେଗ୍‌କୁ ଖାଁ ଉପାଧିରେ ସମ୍ମାନିତ କରି ତାଙ୍କୁ ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । ଇତି ମଧ୍ୟରେ ଜଲାଇର ଖାଁ ଇବ୍ରାହିମ ଖାଁଙ୍କର ଜନୈକ ପ୍ରିୟବ୍ୟକ୍ତି ବେଗମ୍ (ଇବ୍ରାହିମ ଖାଁଙ୍କ ପତ୍ନୀ)ଙ୍କ ମଧ୍ୟସ୍ଥତାରେ ୩,୦୦,୦୦୦ ଟଙ୍କା ଦେଇ ଓଡ଼ିଶାର ଗଭର୍ଣ୍ଣର ପଦବୀ ହାସଲ କରି ନେଇଥିଲେ । ବଙ୍ଗଳା ଗଭର୍ଣ୍ଣରଙ୍କ ଏଭଳି ବଦମାସି କାରସାଦି ବିଷୟ ଜାଣି ଅହମ୍ମଦ ବେଗ୍ ନୁରଜାହାନଙ୍କ ନିକଟକୁ ଏକ ଆବେଦନ ପଠାଇଲେ । ଏ ବିଷୟର ବିଚାର ହେଲା । ଜଲାଇର ଖାଁଙ୍କୁ ପ୍ରତ୍ୟାହାର କରି ଆଣି ଅହମ୍ମଦ ବେଗ୍‌କୁ ଓଡ଼ିଶା ଗଭର୍ଣ୍ଣର କରି ପଠାଇବା ଇବ୍ରାହିମ୍ ଖାଁଙ୍କୁ ମୋଗଲ ଦିଲ୍ଲୀ ସରକାର ନିର୍ଦ୍ଦେଶ ଦେଇଥିଲେ । ଅହମ୍ମଦ ବେଗ୍ ଖାଁ ଓଡ଼ିଶାର ଗଭର୍ଣ୍ଣର ପଦବୀ ପାଇଲେ, ସେ ୧୬୨୧ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ଆରମ୍ଭରେ ଏହି ଦାୟିତ୍ୱ ଗ୍ରହଣ କଲେ ।

ମୋଗଲମାନଙ୍କ ଖୋର୍ଦ୍ଧା ଅଧିକାର ଘଟଣାରେ ଓଡ଼ିଶାର ପ୍ରାଚୀନ ରାଜବଂଶଧର ପୁରୁଷୋତ୍ତମଦେବ ଅପମାନିତ ବୋଧ କଲେ । ରାଜ୍ୟର ପୁନରୁଦ୍ଧାର ଏବଂ ନିଜର

Digitized by PPRACHIN, SOA

ସ୍ୱାଧୀନତା ବଜାୟ ରଖିବା ଉଦ୍ଦେଶ୍ୟରେ ସେ ଓଡ଼ିଶାର ଅନେକ ରାଜାଙ୍କ ସାହାଯ୍ୟ ଲୋଡ଼ିଥିଲେ । ଏହି ରାଜାମାନଙ୍କ ମଧ୍ୟରେ ବାଣପୁର, ରଣପୁର ଓ ରାଜ ମହେନ୍ଦ୍ରୀର ଶାସକବୃନ୍ଦ ସର୍ବପ୍ରଧାନ । ଓଡ଼ିଶା ଗଭର୍ଣ୍ଣର ନିଯୁକ୍ତିର ବାଦ ବିବାଦ ସମୟର ସୁଯୋଗ ନେଇ ସେ ଖୋର୍ଦ୍ଧା ରାଜ୍ୟ ପୁନରୁଦ୍ଧାର କରି ପାରିଥିଲେ । ଏତଦ୍‌ବ୍ୟତୀତ ସେ ଯଥେଷ୍ଟ ସଂଖ୍ୟକ ସୈନ୍ୟ ସଂଗ୍ରହ କରି ମୋଗଲମାନଙ୍କ ପକ୍ଷରୁ ପୁନଃ ଆକ୍ରମଣର ପ୍ରତିରୋଧ ନିମନ୍ତେ ନିଜକୁ ପ୍ରସ୍ତୁତ କଲେ । ଅହମ୍ମଦ ବେଗ୍ ତାଙ୍କ ଖୋର୍ଦ୍ଧାରାଜାଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ । ତେଣୁ ସେ ମୋଗଲମାନଙ୍କ ବିରୁଦ୍ଧରେ କୃତିତ୍ୱର ସହ ସଫଳ ମୁକାବିଲା ପାଇଁ ଶକ୍ତି ସଂଗ୍ରହ କରିବା ପୂର୍ବରୁ ଆହମଦ୍ ବେଗ୍ ଖୁର୍ଦ୍ଧା ଉପରେ ଆକ୍ରମଣ କରିଥିଲେ ଏବଂ ବାଣପୁର ପର୍ଯ୍ୟନ୍ତ ଅଞ୍ଚଳମାନ ଅଧିକାର କରି ନେଇଥିଲେ । ପୁରୁଷୋତ୍ତମ ଦେବ ବାଣପୁରଠାରୁ ଅଳ୍ପକିଛି ମାଇଲ ଦୂରସ୍ଥ ଖଣତା ନାମକ ଗ୍ରାମଠାରେ ଡେରା ପକାଇ ରହିଲେ ଏବଂ ସେହିଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ନରସିଂହ ଦେବ ଖୁର୍ଦ୍ଧା ସିଂହାସନ ଆରୋହଣ କଲେ । ଆହମଦ ବେଗ୍ ସେତେବେଳେ ଦାବୀ କଲେ ଯେ ନୂଆରାଜା ସମ୍ରାଟଙ୍କ ପ୍ରତି ଆନୁଗତ୍ୟ ଏବଂ ସଦବ୍ୟବହାରର ଗ୍ୟାରେଣ୍ଟି ପାଇଁ ତାଙ୍କ ପରିବାରବର୍ଗ ଜାମିନ ସଦୃଶ କଟକଠାରେ ଅବସ୍ଥାପିତ ହେବେ । କାରଣ ସେ ଭାବିଥିଲେ ଯେ ଏପରି ବ୍ୟବସ୍ଥା ହେଲେ ଭବିଷ୍ୟତରେ ମୋଗଲ ସରକାର ବିରୁଦ୍ଧରେ ଖୋର୍ଦ୍ଧାରାଜା ବିଦ୍ରୋହ ବା ଅବଜ୍ଞା ପ୍ରଦର୍ଶନ କରିବାକୁ ସାହସ କରିବେ ନାହିଁ । ଏତାଦୃଶ ସର୍ତ୍ତାବଳୀ ନରସିଂହ ଦେବଙ୍କୁ ଏପରି ଭୀତତ୍ରସ୍ତ କରି ପକାଇଲା ଯେ ସେ ନିଜ ପରିବାରକୁ ଧରି ହଠାତ୍ ଗଡ଼ ମାଣିତ୍ରୀକୁ ପଳାଇ ଯାଇଥିଲେ । ରାଜାଙ୍କ ପଳାୟନ ଆହମ୍ମଦ ବେଗ୍‌ଙ୍କ ନିର୍ଦ୍ଦେଶର ଅବମାନନା ହେଲା, ତେଣୁ ସେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପଡ଼ିଲେ ଏବଂ ରାଜାଙ୍କ ରାଜ୍ୟ ଉପରେ ପୁଣି ଥରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ । କିନ୍ତୁ କେତେକ ସାମନ୍ତ ରାଜାଙ୍କଠାରୁ ସହାୟତା ଲାଭ କରି ଖୋର୍ଦ୍ଧା ରାଜା ମୋଗଲ ଆକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ସକ୍ଷମ ହୋଇ ପାରିଲେ ।

ଯୁବରାଜ ଶାହାଜାହାନ ଓଡ଼ିଶା ଯାତ୍ରା କରିବା ସମୟରେ ପରିସ୍ଥିତି ଏହିଭଳି ଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଶାହାଜାହାନ ମୋଗଲ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ ଏବଂ ଆଗ୍ରା ଉପରେ ଆକ୍ରମଣ କରି ଦଖଲ କରିବାରେ ବିଫଳ ହୋଇଥିଲେ । ଏତଦ୍‌ବ୍ୟତୀତ ମହବତ୍ ଖାଁ ଓ ଯୁବରାଜ ପାରୱେଜ୍‌ଙ୍କ ନେତୃତ୍ୱାଧୀନରେ ପରିଚାଳିତ ସୈନ୍ୟମାନଙ୍କ ହାତରେ ସେ ଅନ୍ୟ ଏକ ଯୁଦ୍ଧରେ ମଧ୍ୟ ପରାଜିତ ହୋଇଥିଲେ । ତେଣୁ ଅହମ୍ମଦନଗରର ନିଜାମସାହୀ ରାଜାଙ୍କ ପ୍ରଧାନମନ୍ତ୍ରୀ

Digitized by PPRACHIN, SOA

ମାଲିକ ଅମ୍ବରଙ୍କଠାରୁ ସାହାଯ୍ୟ ପାଇବା ଆଶାରେ ଯୁବରାଜ ଶାହାଜାହାନ ଦାକ୍ଷିଣାତ୍ୟକୁ ପଳାୟନ କରିଥିଲେ । କିନ୍ତୁ ସମ୍ରାଟ ଜାହାଙ୍ଗୀର ଅସନ୍ତୁଷ୍ଟ ହେବା ଆଶଙ୍କା କରି ମାଲିକ ଅମ୍ବର ଶାହାଜାହାନଙ୍କୁ କୌଣସି ପ୍ରକାର ସାହାଯ୍ୟ ଦେଲେ ନାହିଁ । ତେଣୁ ସେ ସାହାଯ୍ୟ ପାଇଁ ବିଜାପୁର ଅଭିମୁଖେ ଯାତ୍ରା କଲେ, କିନ୍ତୁ ସେଠାରୁ ମଧ୍ୟ କୌଣସି ସାହାଯ୍ୟ ମିଳି ନ ଥିଲା । ଏପରିକି, ଗୋଲକୁଣ୍ଡା ରାଜ୍ୟରେ ପ୍ରବେଶ କରି ଗୋଲକୁଣ୍ଡା ସୁଲତାନଙ୍କୁ ସାହାଯ୍ୟ ଭିକ୍ଷା କୌଣସି ଫଳ ଦେଇ ନ ଥିଲା । ସେ ମଧ୍ୟ ଯଥାଶୀଘ୍ର ତାଙ୍କ ରାଜ୍ୟ ଛାଡ଼ି ପଳାଇ ଯିବାକୁ କହିଥିଲେ । ତେଣୁ ଶାହାଜାହାନ ପରିଶେଷରେ ଓଡ଼ିଶା ଅଧିକାର କରିବାକୁ ଯୋଜନା କଲେ । ଓଡ଼ିଶାକୁ ବିଦ୍ରୋହର କେନ୍ଦ୍ର କରି ସେଠାରୁ ବଙ୍ଗଳା ତଥା ବିହାର ଅଭିମୁଖେ ଯୁଦ୍ଧ ଅଭିଯାନ ଚଳାଇ ଆହ୍ଲାବାଦ ଏବଂ ଆଗ୍ରା ଦଖଲ କରିବାକୁ ମନସ୍ଥ କରିଥିଲେ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶାକୁ ଦ୍ରୁତ ଗତିରେ ଯାତ୍ରା କରିଥିଲେ ।

ଶାହାଜାହାନ ଗୋଲକୁଣ୍ଡାର ରାଜଧାନୀଠାରୁ ଗୋଲକୁଣ୍ଡା ସୁଲତାନ କୁତବ-ଉଲ୍-ମୁଲକଙ୍କ ଅଧୀନସ୍ଥ ମସୁଲିପଟ୍ଟମଠାରେ ପହଞ୍ଚିଲେ । ଗୋଲକୁଣ୍ଡା ସୁଲତାନ ତାଙ୍କୁ କିଛି ଅର୍ଥ ଏବଂ କିଛି ପରିମାଣର ସାହାଯ୍ୟ ଦେଇ ତାଙ୍କ ରାଜ୍ୟରୁ ଓଡ଼ିଶା ମଧ୍ୟକୁ ନିରାପଦରେ ପହଞ୍ଚାଇ ଦେବା ନିମନ୍ତେ ସେ ସୀମାନ୍ତ ଅଞ୍ଚଳରେ ଥିବା ନିଜର ଅଫିସରମାନଙ୍କୁ ପତ୍ର ମଧ୍ୟ ଲେଖିଥିଲେ ।

ସେଠାରୁ ଆସି ଶାହାଜାହାନ ଛତ୍ରଦ୍ୱାର ଘାଟିଠାରେ ପହଞ୍ଚିଥିଲେ । କୁହାଯାଏ ଯେ ଓଡ଼ିଶା ସୀମା ଏବଂ ଦାକ୍ଷିଣାତ୍ୟ ମଧ୍ୟରେ ଏକ ପ୍ରତିବନ୍ଧକ ରହିଛି । ଏକପାର୍ଶ୍ୱରେ ସୁଉଚ୍ଚ ପାହାଡ଼ମାନ ଦଣ୍ଡାୟମାନ ଅଛି ଏବଂ ଅପରପାର୍ଶ୍ୱରେ ଜଳ ପରିପୂର୍ଣ୍ଣ ଏକ ଅଞ୍ଚଳ ଓ ଏକ ନଦୀ ପ୍ରବାହିତ ହେଉଛି । ଗୋଲକୁଣ୍ଡାର ଶାସକ ଏଠାରେ ଏକ ପ୍ରାଚୀର (ଦ୍ୱାରବନ୍ଧ) ଓ ଦୁର୍ଗ ନିର୍ମାଣ କରିଛନ୍ତି ଏବଂ ଏହାକୁ ବନ୍ଧୁକ ତଥା କମାଣ ଦ୍ୱାରା ସଜ୍ଜିତ କରି ରଖିଅଛନ୍ତି । ଏହି ଛତ୍ରଦ୍ୱାର ଘାଟି ଥିଲା ଗୋଲକୁଣ୍ଡା ସୁଲତାନଙ୍କ ନିୟନ୍ତ୍ରଣାଧୀନ ଏକ ଅବରୁଦ୍ଧ ରାସ୍ତା । କଥିତ ଅଛି, "ଏଠାରେ ଏକ ଘାଟି ରହିଛି ଯେଉଁଠାରେ କି ବନ୍ଧୁକଧାରୀ ମାତ୍ର ୫ ଶହ ସୈନ୍ୟ ୩ ଲକ୍ଷରୁ ୪ ଲକ୍ଷ ପର୍ଯ୍ୟନ୍ତ ସୈନ୍ୟଙ୍କ ମୁକାବିଲା କରି ପାରିବେ ।" କୁତବ-ଉଲ-ମୁଲକଙ୍କ ସହାୟତାରେ ଶାହାଜାହାନ ଏହି ଘାଟି ପାର ହୋଇ ଓଡ଼ିଶାରେ ପ୍ରବେଶ କରିଥିଲେ । ସେ ସାଙ୍ଗରେ ୮ ଶହ ହାତୀ, ୧୪ ଶହ ଘୋଡ଼ା, ଏବଂ ୧ ଲକ୍ଷ ପଦାତିକ ସୈନ୍ୟ ଆଣିଥିଲେ । ସେତେବେଳକୁ ଆହମ୍ମଦ ବେଗ୍ ଖୋର୍ଦ୍ଧା ଆକ୍ରମଣରେ ବ୍ୟସ୍ତ ଥିଲେ । ଶାହାଜାହାନ ଓଡ଼ିଶା ଆଡ଼କୁ ଅଗ୍ରସର ହେଉଛନ୍ତି ବୋଲି ସମ୍ବାଦ ପାଇ ସେ ଅତିଶୟ କିଂକର୍ତ୍ତବ୍ୟବିମୂଢ଼ ତଥା ଆତଙ୍କିତ ହୋଇ ଯାଇଥିଲେ । ତେଣୁ ଖୋର୍ଦ୍ଧା ରାଜ୍ୟ

Digitized by PPRACHIN, SOA

ଆକ୍ରମଣ ବନ୍ଦରଖି ସେ ବାଣପୁର ଆଡ଼କୁ ଧାଇଁଥିଲେ । ଯୁବରାଜଙ୍କୁ ପ୍ରତିରୋଧ କରିବା ନିମନ୍ତେ ତାଙ୍କର ସାହସ ନ ଥିଲା । ତେଣୁ ନିଜର ନିରାପତ୍ତା ପାଇଁ ନିଜ ପରିବାର ରହୁଥିବା ସ୍ଥାନ ପିପିଲିକୁ ପଳାୟନ କରିଥିଲେ । ତଥାପି ପିପିଲି ନିରାପଦ ମନେ ହେଲା ନାହିଁ, ତେଣୁ ସେଠାରୁ ଅତି ଦ୍ରୁତ ବେଗରେ ନିଜ ପରିବାରକୁ ନେଇ ପ୍ରାୟ ୨୪ ମାଇଲ ଦୂରବର୍ତ୍ତୀ କଟକକୁ ପଳାଇ ଯାଇଥିଲେ । ଶାହାଜାହାନଙ୍କ ଓଡ଼ିଶା ପ୍ରବେଶ ତାଙ୍କୁ ଏପରି ଆତଙ୍କିତ କରିଥିଲା ଯେ ସେ କଟକଠାରେ ମଧ୍ୟ ସୈନ୍ୟ ସଂଗ୍ରହ କରିବାକୁ ସମୟ ପାଇଲେ ନାହିଁ; ଭୟରେ ବର୍ଦ୍ଧମାନ ଅଭିମୁଖେ ପଳାୟନ କରି ଆକବର ନଗରରେ ପହଞ୍ଚି ଯାଇଥିଲେ ।

ଖୋର୍ଦ୍ଧାରୁ ଆହମ୍ମଦ ବେଗ୍‌ଙ୍କ ପଳାୟନ ଓଡ଼ିଶାରେ ଯୁବରାଜ ଶାହାଜାହାନଙ୍କ ଯୁଦ୍ଧ ଅଭିଯାନକୁ ସୁଗମ କରିଥିଲା । ଆହମଦ-ବିରୋଧୀ ଯୁବରାଜ ଶାହାଜାହାନଙ୍କର ଖୋର୍ଦ୍ଧା ରାଜାଙ୍କ ପ୍ରତି ସୌଜନ୍ୟପୂର୍ଣ୍ଣ ବ୍ୟବହାର ତାଙ୍କୁ ବିମୁଗ୍ଧ କରିଥିଲା । ତା'ର ପ୍ରତିଦାନ ସ୍ୱରୂପ ଖୋର୍ଦ୍ଧାରାଜା ପଞ୍ଚିରା ରାଜା, ନୀଳଗିରି ରାଜା ଏବଂ ଅନ୍ୟ କେତେକ ଜମିଦାରଙ୍କ ସହିତ ଶାହାଜାହାନଙ୍କୁ ସମ୍ମାନ ଦେଖାଇ ପାଛୋଟି ଆଣିଥିଲେ ଏବଂ ତାଙ୍କ ପ୍ରତି ଆନୁଗତ୍ୟ ଦେଖାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଶାହାଜାହାନ ଏଥିରେ ସନ୍ତୁଷ୍ଟ ହୋଇ ସେମାନଙ୍କର ଉଚ୍ଚପ୍ରଶଂସା କଲେ । ସେ କିଛିଦିନ ପାଇଁ କଟକରେ ଅବସ୍ଥାନ କରି ନିଜର ଦରବାର ସ୍ଥାପନା କରିଥିଲେ ।

ଶାହାଜାହାନଙ୍କ ଓଡ଼ିଶା ଅଧିକାର ଘଟଣା ହୁଗୁଳି, ପିପିଲି ଏବଂ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ଥିବା ପର୍ତ୍ତୁଗୀଜ୍ ବଣିକମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲା । ସେମାନେ ଅନୁଭବ କଲେ ଯେ ବିଜୟୀ ଯୁବରାଜ ଶାହାଜାହାନଙ୍କ ପ୍ରତି ସମ୍ମାନ ଦେଖାଇଲେ ସେମାନଙ୍କ ବାଣିଜ୍ୟିକ ସ୍ୱାର୍ଥ ଅତି ମାତ୍ରାରେ ସୁରକ୍ଷିତ ରହି ପାରିବ । ତେଣୁ ଯୁବରାଜଙ୍କ ଅନୁଗ୍ରହ ଲାଭ କରିବା ଉଦ୍ଦେଶ୍ୟରେ ସେମାନେ ତାଙ୍କୁ ପ୍ରାୟ ଲକ୍ଷେ ଟଙ୍କା ମୂଲ୍ୟର ହାତୀ ଏବଂ ବିଭିନ୍ନ ରତ୍ନ ଖଚିତ ସାମଗ୍ରୀ ପ୍ରଦାନ କରିଲେ । ଶାହାଜାହାନ ଏହି ପର୍ତ୍ତୁଗୀଜ୍ ପ୍ରତିନିଧିମାନଙ୍କୁ ତିନିଦିନ ପର୍ଯ୍ୟନ୍ତ ନିଜ ଦରବାରରେ ରଖିଥିଲେ । ପର୍ତ୍ତୁଗୀଜମାନେ ପ୍ରତିଦିନ ତାଙ୍କୁ ସମ୍ମାନସୂଚକ ପୋଷାକ ଏବଂ ଭାରତ, କାଶ୍ମୀର, ଇରାକ ଓ ପାରସ୍ୟର ମୂଲ୍ୟବାନ ଉପଢୌକନ ଉପହାର ଦେଉଥିଲେ ।

କଟକଠାରୁ ବଙ୍ଗଳା ଆଡ଼କୁ ଯାତ୍ରା କରିବା ପୂର୍ବରୁ ଶାହାଜାହାନ ନିଜର ଜନୈକ ଏକାନ୍ତ ଅନୁଗତ କର୍ମଚାରୀ ମହମ୍ମଦ ତକୀଙ୍କୁ ଓଡ଼ିଶାର ସୁବାଦାର ରୂପେ ନିଯୁକ୍ତ କଲେ । ତାଙ୍କୁ ପାଞ୍ଚହଜାରୀ, (ପାଞ୍ଚହଜାର ଘୋଡ଼ା) ମନସ୍‌ବ ପାହ୍ୟା ଦିଆଗଲା ଏବଂ ଶାହାକୁଲି ଖାଁ ପଦବୀରେ ଭୂଷିତ କରାଗଲା । ବହୁ ସଂଖ୍ୟକ ଅନୁଗତ କର୍ମଚାରୀଙ୍କ ସମେତ ତକୀଙ୍କୁ ଓଡ଼ିଶାରେ ସେ ଅବସ୍ଥାପିତ କଲେ । ସାହାଯ୍ୟକାରୀ ଖୋର୍ଦ୍ଧାରାଜା ଅଳ୍ପସଂଖ୍ୟକ

Digitized by PPRACHIN, SOA

ଜମିଦାରମାନଙ୍କ ସହିତ ସାହାଜାହାନଙ୍କୁ ବଙ୍ଗଳା ଯିବା ବାଟ ଦେଖାଇ ଦେଇଥିଲେ ଏବଂ ତାଙ୍କ ସହିତ ଯାଜପୁର ପର୍ଯ୍ୟନ୍ତ ଅନୁଗମନ କରିଥିଲେ ।

ମହବତ୍ ଖାଁଙ୍କ ନେତୃତ୍ୱାଧୀନ ସୈନ୍ୟବାହିନୀର ସତର୍କତା ଯୋଗୁଁ ଶାହାଜାହାନଙ୍କ ଆହ୍ଲାବାଦ ଓ ଅଯୋଧ୍ୟା ଅଧିକାର କରିବା ଯୋଜନା ଶୋଚନୀୟ ଭାବରେ ପଣ୍ଡ ହୋଇ ଯାଇଥିଲା । ସମ୍ରାଟଙ୍କ ସେନାବାହିନୀ ତାଙ୍କର ପଶ୍ଚାତ୍‌ଧାବନ କରିବାରୁ ବଙ୍ଗଳା ବା ଓଡ଼ିଶାରେ ଅବସ୍ଥାନ କରିବା ତାଙ୍କ ପକ୍ଷରେ ନିରାପଦ ନୁହେଁ ବୋଲି ସେ ଅନୁଭବ କଲେ । ତେଣୁ ନିଜର ନିରାପତ୍ତା ସକାଶେ ସେ ଓଡ଼ିଶା ବାଟଦେଇ ଗୋଲକୁଣ୍ଡା ପ୍ରତ୍ୟାବର୍ତ୍ତନ କରିବାକୁ ସିଦ୍ଧାନ୍ତ କଲେ । ଓଡ଼ିଶା ବାଟଦେଇ ଦ୍ରୁତ ପ୍ରତ୍ୟାବର୍ତ୍ତନ ସମୟରେ ଅନେକ ଲୋକ ଭୟଭୀତ ହୋଇ ପଡ଼ିଲେ ବିଶେଷ କରି ଜଗନ୍ନାଥଙ୍କ ସେବକମାନେ ଏତେ ବିଚଳିତ ହୋଇ ପଡ଼ିଲେ ଯେ ଜଗନ୍ନାଥଙ୍କ ପୂଜା ନିର୍ବିଘ୍ନ ତଥା ନିର୍ଭୟରେ ସାମାହିତ ଜଗନ୍ନାଥ ମନ୍ଦିରରେ ହୋଇପାରିବ ନାହିଁ ବୋଲି ଆଶଙ୍କା କରି ଜଗନ୍ନାଥ ମୂର୍ତ୍ତିକୁ ହଠାତ୍ ପ୍ରଥମେ ମାଣିତ୍ରୀ ଓ ପରେ ଖୋର୍ଦ୍ଧାର ରାଜଧାନୀକୁ ସ୍ଥାନାନ୍ତରିତ କରି ଦେଇଥିଲେ ।

ଶାହାଜାହାନ ଗୋଲକୁଣ୍ଡାକୁ ପ୍ରତ୍ୟାବର୍ତ୍ତନ କରି ସାରିବା ପରେ ଅହମ୍ମଦ ବେଗ୍ ପୁଣି ଥରେ ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ ହେଲେ ଓ ୧୬୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେହି ପଦବୀରେ ରହିଥିଲେ ।

ସଂକ୍ଷେପରେ କହିଲେ, ଜାହାଙ୍ଗୀରଙ୍କ ରାଜତ୍ୱ ସମୟରେ ଏକ ପ୍ରଶାସନିକ ୟୁନିଟ ରୂପେ ଓଡ଼ିଶା ବଙ୍ଗଳାରୁ ପୃଥକ୍ ହୋଇଥିଲା । ନୂତନ ପ୍ରଦେଶର ଗଭର୍ଣ୍ଣରମାନଙ୍କୁ ପ୍ରଧାନତଃ ଖୋର୍ଦ୍ଧାରାଜା ଅବାଧ୍ୟତା ଓ ବିରୋଧାଚରଣ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତାଙ୍କୁ ଦମନ କରିବା ପାଇଁ ମୋଗଲ ସେନାବାହିନୀ ବାରମ୍ବାର ଅଭିଯାନ ଚଳାଇଥିଲେ ଏବଂ ଏପରିକି ତାଙ୍କ ରାଜ୍ୟ ମଧ୍ୟ କିଛି କାଳ ପାଇଁ ଦଖଲ କରିନେଇ ଥିଲେ । ବିଦ୍ରୋହୀ ଯୁବରାଜ ଶାହାଜାହାନଙ୍କ ଓଡ଼ିଶା ଆଗମନକୁ ଖୋର୍ଦ୍ଧା ରାଜା ସ୍ୱାଗତ ଜଣାଇ ତାଙ୍କୁ ସାହାଯ୍ୟ କରିଥିଲେ ଏ ନୂତନ ପରିସ୍ଥିତି ତାଙ୍କୁ ନିଜ ରାଜ୍ୟ ଉପରେ ପୁଣି ଥରେ ପୁନଃ ଆଧିପତ୍ୟ ବଜାୟ ରଖିବାକୁ ସୁଯୋଗ ଦେଇଥିଲା ।

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ଶାହାଜାହାନ ଓ ଓଡ଼ିଶା

ଶାହାଜାହାନଙ୍କ ରାଜତ୍ୱ-କାଳୀନ ଓଡ଼ିଶା ଶାସନ ମୁଖ୍ୟତଃ ଦୁଇଗୋଟି କାରଣରୁ ଉଲ୍ଲେଖନୀୟ । ପ୍ରଥମତଃ ଏହି ସମୟରେ କାଁ ଭାଁ ଛୋଟ ଧରଣର ସାମରିକ ଅଭିଯାନ ବ୍ୟତୀତ ଓଡ଼ିଶାରେ ଦୀର୍ଘକାଳ ଧରି ଶାନ୍ତି ପ୍ରତିଷ୍ଠିତ ହୋଇଥିଲା । ଜାହାଙ୍ଗୀରଙ୍କ ଗଭର୍ଣ୍ଣରମାନଙ୍କ ପକ୍ଷରୁ ଅବିଚ୍ଛିନ୍ନ ଭାବରେ ଖୋର୍ଦ୍ଧା ଉପରେ ଲାଗି ରହିଥିବା ଯୁଦ୍ଧାଭିଯାନ ଓ ସମରସଜ୍ଜା ଆଉ ପରିଦୃଷ୍ଟ ହୋଇ ନ ଥିଲା । ଓଡ଼ିଶା ରାଜାମାନଙ୍କର ମୁଖ୍ୟ (ଖୋର୍ଦ୍ଧା ରାଜା) ଥରେ ବଶ୍ୟତା ସ୍ୱୀକାର କଲା ପରେ ତାଙ୍କ ବିରୁଦ୍ଧରେ ଆଉ ଯୁଦ୍ଧ ଡାକରା ଦେବାର କୌଣସି ଆବଶ୍ୟକତା ନ ଥିଲା ।

ଦ୍ୱିତୀୟତଃ ଅପେକ୍ଷାକୃତ ଭାବରେ ଶାନ୍ତି ପ୍ରତିଷ୍ଠିତ ହେବା ଫଳରେ ବାଣିଜ୍ୟ କ୍ଷେତ୍ରରେ ଉନ୍ନତି ସାଧିତ ହୋଇଥିଲା । ଶାହାଜାହାନଙ୍କ ପ୍ରୋତ୍ସାହନ ହେତୁ ଓଡ଼ିଶାରେ ବିଦେଶୀ ବାଣିଜ୍ୟ କୋଠିମାନ ପ୍ରତିଷ୍ଠିତ ହୋଇଥିଲା ଏବଂ ଓଡ଼ିଶା ଇଉରୋପୀୟ ବଣିକମାନଙ୍କ ଅଧିକତର ନିକଟ ସଂସ୍ପର୍ଶରେ ଆସିଥିଲା । ଶାହାଜାହାନଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ନିଯୁକ୍ତ ହୋଇଥିବା ନଅଜଣ ଗଭର୍ଣ୍ଣରଙ୍କ ମଧ୍ୟରୁ ବାକର ଖାଁ ନାଜିମ ସାନି ଏବଂ ମହମ୍ମଦ ଦାମାନ ତେହେରାନିଙ୍କର କାର୍ଯ୍ୟକଳାପ ଅପେକ୍ଷାକୃତ ଅଧିକ ଉଲ୍ଲେଖନୀୟ ।

ମହମ୍ମଦ ବାକର ଖାଁ (୧୬୨୮-୧୬୩୨)

ଜଣାଯାଏ ଯେ ମହମ୍ମଦ ବାକର ଖାଁ ଥିଲେ ଶାହାଜାହାନଙ୍କ ଦ୍ୱାରା ନିଯୁକ୍ତ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର । ସେ ଓଡ଼ିଶାରେ ୪ ବର୍ଷ ଅର୍ଥାତ୍ ୧୬୨୮ ରୁ ୧୬୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଗୋଲକୁଣ୍ଡା ରାଜ୍ୟ ଉପରେ ଆକ୍ରମଣ ତାଙ୍କ ରାଜତ୍ୱ କାଳର ସର୍ବପ୍ରଧାନ ଘଟଣା । ଖୋର୍ଦ୍ଧା ରାଜ୍ୟ ଗୋଲକୁଣ୍ଡାର ସଂଲଗ୍ନ ଥିଲା । ଖୋର୍ଦ୍ଧା ବଶ୍ୟତା-

Digitized by PPRACHIN, SOA

ସ୍ୱୀକାର କଲା ପରେ ଗଭର୍ଣ୍ଣରଙ୍କ ଦୃଷ୍ଟି ଛତ୍ରଦ୍ୱାର ଘାଟି ଅପରପାର୍ଶ୍ୱସ୍ଥ ଗୋଲକୁଣ୍ଡା ସୁଲତାନଙ୍କ ରାଜ୍ୟ ପ୍ରତି ଆକୃଷ୍ଟ ହୋଇଥିଲା । ଉକ୍ତ ରାଜ୍ୟ ଆକ୍ରମଣ ନିମନ୍ତେ ତାଙ୍କ କ୍ରମ-ବର୍ଦ୍ଧମାନ ଆଗ୍ରହର ଆଉ ଏକ କାରଣ ହେଉଛି ଶାହାଜାହାନଙ୍କ ରାଜତ୍ୱ କାଳରେ ଖୋର୍ଦ୍ଧା-ରାଜା ବେଳେ ବେଳେ କୁତବଶାହୀ ରାଜ୍ୟର ରାଜାମାନଙ୍କ ଠାରୁ ସାହାଯ୍ୟ ପାଉଥିବା ଦେଖାଯାଉଥିଲା । ତେଣୁ ବାକର ଖାଁଙ୍କ ଧାରଣା ହେଲା ଯେ ଖୋର୍ଦ୍ଧା ରାଜାଙ୍କ ପୂର୍ବ ଅବାଧ୍ୟତା ଏବଂ ଚୁକ୍ତି ସମ୍ପାଦନ ନିମନ୍ତେ ଅସ୍ୱୀକୃତି ପଛରେ ଗୋଲକୁଣ୍ଡା ସୁଲତାନଙ୍କ ହାତ ଥିଲା । ଖୋର୍ଦ୍ଧା ରାଜାଙ୍କ ଅବଜ୍ଞା ଏବଂ ଅମାନିଆ ବ୍ୟବହାର ପାଇଁ ପରୋକ୍ଷ ଭାବରେ ସେ ଗୋଲକୁଣ୍ଡା ସୁଲତାନଙ୍କୁ ଦାୟୀ କରିଥିଲେ । ଏଥି ସକାଶେ ଓଡ଼ିଶାର ଶାସନ ଦାୟିତ୍ୱ ଗ୍ରହଣ କଲା ପରେ ସର୍ବପ୍ରଥମେ ବାକର ଖାଁ କୁତବଶାହୀ ରାଜ୍ୟ ଆକ୍ରମଣ ନିମନ୍ତେ ଯୋଜନା କରିଥିଲେ । ୧୬୨୯-୩୦ ଖ୍ରୀଷ୍ଟାବ୍ଦ ଶୀତ ଋତୁରେ ସେ କୁତବଶାହୀ ରାଜ୍ୟର ଚିକାକୋଲ ଜିଲ୍ଲା ସୀମାନ୍ତବର୍ତ୍ତୀ ଏବଂ ଛତ୍ରଦ୍ୱାର ଠାରୁ ଚାରିମାଇଲ ଦୂରରେ ଅବସ୍ଥିତ କ୍ଷୀର ପାହାଡ଼କୁ ନିଜ ସେନାବାହିନୀ ନେଇ ଯାତ୍ରା କରିଥିଲେ ।

ସେ ଏହି ଅଞ୍ଚଳକୁ ଆକ୍ରମଣ କରି ଛାରଖାର କରି ପକାଇଥିଲେ ଏବଂ ସେଠାରେ ଲୁଣ୍ଠନ ଚଳାଇଥିଲେ । ବର୍ଷା ଋତୁ ପହଞ୍ଚିଯିବାରୁ ଆଉ ଅଧିକ କିଛି ସଫଳତା ହାସଲ କରି ନ ପାରି ସେ ସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ । ବର୍ଷା ଋତୁ ଶେଷ ହେବା ପରେ ସ୍ଥାନୀୟ ଖଲିକୋଟ, କୋଦଲା ଜମିଦାରମାନଙ୍କ ଠାରୁ ସୈନ୍ୟ ସଂଗ୍ରହ କରି ସେ ଯୁଦ୍ଧ ଚଳାଇଲେ ଏବଂ ମନ୍‌ସୁର ନାମକ ଜନୈକ କୁତବଶାହୀ ଅଫିସରଙ୍କ ଦ୍ୱାରା ନିର୍ମିତ ମନ୍‌ସୁର ଗଡ଼ ନିକଟରେ ପହଞ୍ଚି ଯାଇଥିଲେ । କ୍ଷୀର ପାହାଡ଼ ଠାରୁ ଏହା ଆଠ ମାଇଲ ଦୂରରେ ଅବସ୍ଥିତ ଥିଲା । କୁତବଶାହୀ ସୈନ୍ୟମାନେ ଦୁର୍ଗ ବାହାରେ ପ୍ରତିଆକ୍ରମଣ ଚଳାଇଲେ । କିନ୍ତୁ ଦୁର୍ଗ ବାହାର ସୈନ୍ୟମାନେ ପରାଜିତ ହେବା ପରେ ମୋଗଲ ସୈନ୍ୟମାନେ ଏପରି ପ୍ରଚଣ୍ଡ ଆକ୍ରମଣ କଲେ ଯେ ଦୁର୍ଗ ସେନାପତି ମଧ୍ୟ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ଏହାପରେ ବାକର ଖାଁ ମୋଗଲ ସୈନ୍ୟମାନଙ୍କୁ କ୍ଷୀର-ପାହାଡ଼ ଓ ମନ୍‌ସୁରଗଡ଼ ଠାରେ ଅବସ୍ଥାପିତ କରି କଟକ ଫେରି ଆସିଥିଲେ । ସେ ଫେରିବା ପରେ କୁତବଶାହୀ ସୈନ୍ୟମାନେ ପୁଣି ଥରେ ଏକତ୍ର ହୋଇ ଦୁର୍ଗ ଅଧିକାର କରିବାକୁ ଚେଷ୍ଟା କରିଥିଲେ । ଏ ସମ୍ବାଦ ପାଇ ବାକର ଖାଁ ଦ୍ରୁତ ଗତିରେ ସୈନ୍ୟ ପରିଚାଳନା କରି ଗୋଲକୁଣ୍ଡା ସୈନ୍ୟମାନଙ୍କୁ ଶୋଚନୀୟ ଭାବରେ ପରାସ୍ତ କରିଥିଲେ । ପରିଣାମତଃ ମୋଗଲ-ଓଡ଼ିଶା ଗୋଲକୁଣ୍ଡା ରାଜ୍ୟର କେତେକ ଅଞ୍ଚଳ ଉପରେ ବିଜୟ ଲାଭ କରିଥିଲା । ତାଙ୍କର ଏହି ସାମ୍ରାଜ୍ୟ ସଂପ୍ରସାରଣ ନୀତିକୁ ସମ୍ରାଟ ଶାହାଜାହାନ ଉଚ୍ଚ ପ୍ରଶଂସା କରିଥିଲେ ।

Digitized by PPRACHIN, SOA

ଓଡ଼ିଶାରେ ଶାହାଜାହାନଙ୍କ ଗଜତ୍ୱର ପ୍ରଥମାବସ୍ଥାରେ ତାଙ୍କ କାର୍ଯ୍ୟକଳାପରୁ ବାକର ଖାଁଙ୍କୁ ଜଣେ ଅତ୍ୟାଚାରୀ ଗଭର୍ଣ୍ଣର ଭାବରେ ଚିତ୍ରିତ କରାଯାଇଛି । ଭିନ୍ନ ଭିନ୍ନ ସମୟରେ ତାଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଦିଲ୍ଲୀ ଦରବାର ଆଗରେ ଉପସ୍ଥାପିତ ହୋଇଥିଲା । କୁହାଯାଇଛି ଯେ ଜବରଦସ୍ତ ଅତ୍ୟଧିକ ଅର୍ଥ ଆଦାୟ କରିବା ଉଦ୍ଦେଶ୍ୟରେ ବାକର ଖାଁ ଓଡ଼ିଶାର ସମସ୍ତ ଜମିଦାରଙ୍କୁ ଡକାଇ ସେମାନଙ୍କୁ ବନ୍ଦୀ କରିଥିଲେ ଏବଂ ସେମାନେ ଅତ୍ୟାଚାରିତ ହୋଇଥିଲେ । ଏକଦା ତାଙ୍କ ଅର୍ଥଲୋଭ ଦାବୀ ପୂରଣ ନ କରିବାରୁ ସେ ୭୦୦ ଜମିଦାରଙ୍କୁ ଗଣହତ୍ୟା କରିଥିଲେ । କିନ୍ତୁ ଜଣେ ବନ୍ଦୀ କୌଣସି ପ୍ରକାରେ ଜେଲ୍‌ରୁ ଖସିଯାଇ ଶାହାଜାହାନଙ୍କ ସମ୍ମୁଖରେ ଗଭର୍ଣ୍ଣରଙ୍କ ଏତାଦୃଶ ଲୋମହର୍ଷକାରୀ ଅତ୍ୟାଚାର ଘଟଣା ଜଣାଇଥିଲେ । ଜୋରଜୁଲମ ଓ ଅତ୍ୟାଚାର ବଳରେ ବାକର ଖାଁ ଓଡ଼ିଶାରୁ ୪୦ ଲକ୍ଷ ଟଙ୍କା ଆଦାୟ କରି ସାରିଥିବା ସମ୍ପର୍କୀୟ ଏକ ଖଜଣା ତାଲିକା ମଧ୍ୟ ତାଙ୍କ ଆଗରେ ଉପସ୍ଥାପନ କରାଯାଇ ଏହି ଅଭିଯୋଗକୁ ଦୃଢ଼ୀଭୂତ କରାଯାଇଥିଲା । ଏଥିପାଇଁ ଶାହାଜାହାନ ଉକ୍ତ ଗଭର୍ଣ୍ଣରଙ୍କୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏ କୁଆଚରଣର କୈଫିୟତ ଦେବା ସଙ୍ଗେ ସଙ୍ଗେ, ଅସତ୍ ଉପାୟରେ ସେ ଆଦାୟ କରିଥିବା ଅର୍ଥର ହିସାବ ବୁଝାଇବା ପାଇଁ ଆଦେଶ ଦେଇଥିଲେ ।

ମହମ୍ମଦ ଜାମାନ ତେହେରାନ (୧୬୪୨-୧୬୪୫)

ମହମ୍ମଦ ଦାମାନ ତେହେରାନ୍‌ରେ ଜନ୍ମଗ୍ରହଣ କରିଥିଲେ ଏବଂ ଜନ୍ମରୁ ଥିଲେ ପାର୍ଶୀ । ସେ ଗୌରବର୍ଣ୍ଣ ଥିଲେ ଏବଂ ଜଣେ ପ୍ରସିଦ୍ଧ ବ୍ୟକ୍ତି ହିସାବରେ ତାଙ୍କର ଖ୍ୟାତି ରହିଥିଲା । ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ ହେବା ପୂର୍ବରୁ ଶାସନ ସମ୍ପର୍କରେ ସେ ଯଥେଷ୍ଟ ଅଭିଜ୍ଞତା ଅର୍ଜନ କରିଥିଲେ । ଜାହାଙ୍ଗୀରଙ୍କ ଗଜତ୍ୱ ସମୟରେ ସେ ଏକ ଉଚ୍ଚ ପଦବୀରେ ଅଧିଷ୍ଠିତ ଥିଲେ ଏବଂ କିଛିକାଳ ପାଇଁ ବଙ୍ଗଳାରେ କାର୍ଯ୍ୟ କରିଥିଲେ । ସେ ସିଲ୍‌ହଟର ତାଲୁକଦାର ଓ ଫଉଜଦାର ରୂପେ ନିଯୁକ୍ତ ହୋଇଥିଲେ ଏବଂ ସେଥିପାଇଁ ଦୁଇହଜାର ଟଙ୍କା ଭତ୍ତା ପାଉଥିଲେ ଏବଂ ଏକହଜାର ଘୋଡ଼ା ବିଶିଷ୍ଟ ବାହିନୀର ଅଧିନାୟକତ୍ୱ ଲାଭ କରିଥିଲେ । ଜାହାଙ୍ଗୀରଙ୍କ ଗଜତ୍ୱକାଳୀନ ସୁବିଧା ସୁଯୋଗ ଶାହାଜାହାନଙ୍କ ଶାସନ ସମୟରେ ମଧ୍ୟ ତାଙ୍କୁ ଦିଆଯାଇଥିଲା । ସାମ୍ରାଜ୍ୟର ହିତ ପାଇଁ ପ୍ରଶଂସାପୂର୍ଣ୍ଣ କାର୍ଯ୍ୟ ହେତୁ ଶାହାଜାହାନଙ୍କ ଗଜତ୍ୱ ଅମଳରେ ମଧ୍ୟ ତାଙ୍କ ଭତ୍ତା ଏବଂ କ୍ଷମତା ବୃଦ୍ଧି-କରାଯାଇଥିଲା । ୧୬୩୪-୩୫ ଖ୍ରୀଷ୍ଟାବ୍ଦରେ ସେ ଶାହାଜାହାନଙ୍କୁ ବଙ୍ଗଳାରୁ ଅଣାଯାଇଥିବା ଦୁଇଟି ହାତୀ ଓ ୯ଟି ଘୋଡ଼ା ଉପହାର ଦେଇଥିଲେ । କୁଚବିହାରଠାରେ ଯୁଦ୍ଧ ପରିଚାଳନାରେ ସେ ଇସ୍‌ଲାମ ଖାଁଙ୍କୁ ସାହାଯ୍ୟ କରିଥିଲେ ଏବଂ ଆସାମୀମାନଙ୍କ (ଆସାମ-ବାସୀ) ବିରୁଦ୍ଧରେ ଯୁଦ୍ଧ କରି ବିଜୟଲାଭ କରିଥିଲେ ।

Digitized by PPRACHIN, SOA

ଶାହାଜାହାନ ଯୁବରଜ ମହମ୍ମଦ ଶାହାସୁଜାଙ୍କୁ (୧୬୩୯ ରୁ ୧୬୬୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ବଙ୍ଗଳାର ଗଭର୍ଣ୍ଣର ରୂପେ ନିଯୁକ୍ତି ଦେଇଥିଲେ । ୧୬୪୨ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ଓଡ଼ିଶା ପ୍ରଦେଶକୁ ମଧ୍ୟ ସୁଜାଙ୍କ ଦାୟିତ୍ୱରେ ରଖାଗଲା । ଏହାର ଠିକ୍ ପରେ ପରେ ସୁଜା, ମହମ୍ମଦ ଦାମାନ ତେହେରାନିଙ୍କୁ ନିଜ ପ୍ରତିନିଧି (ଡେପୁଟୀ) ଭାବରେ ଓଡ଼ିଶା ଶାସନ ନିମନ୍ତେ ଢାକା ଠାରୁ ପଠାଇଥିଲେ । ଓଡ଼ିଶା ଉପକୂଳରେ ଇଂରେଜମାନଙ୍କ ବାଣିଜ୍ୟ କାରବାର ପ୍ରତିଷ୍ଠା ତାଙ୍କ ରାଜତ୍ୱ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହି ସମୟରେ ଓଡ଼ିଶାକୁ ଆସିଥିବା ଇଂରେଜ ବଣିକମାନେ ଓଡ଼ିଶା ଗଭର୍ଣ୍ଣରଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆତିଥେୟତାର ଉଚ୍ଚ ପ୍ରଶଂସା କରିଅଛନ୍ତି ।

ଇଂରେଜ ବାଣିଜ୍ୟ କୋଠି ନଥିପତ୍ରମାନଙ୍କରୁ ପରିଲକ୍ଷିତ ହୁଏ ଯେ ଉଇଲିୟମ ବ୍ରୁଟନ ଏବଂ ତାଙ୍କ ସହକର୍ମୀମାନେ ମୋଗଲ ଗଭର୍ଣ୍ଣରଙ୍କ କଟକ ଦରବାରକୁ ଯାଇଥିଲେ ଏବଂ ସେଠାରେ ସେମାନଙ୍କୁ ସମ୍ମାନର ସହିତ ସ୍ୱାଗତ କରାଯାଇଥିଲା । ଗଭର୍ଣ୍ଣର ସେମାନଙ୍କ ଇଚ୍ଛା, ପ୍ରଧାନ କର୍ମସ୍ଥାନ ଏବଂ ସେମାନଙ୍କ ଜାହାଜ ସଂଖ୍ୟା ଇତ୍ୟାଦି ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ପରେ ନିଜ ପାରିଷଦମାନଙ୍କ ସହିତ ପରାମର୍ଶ କରି ଏକ ଫର୍ମାନ ଜାରି କରିଥିଲେ । ଓଡ଼ିଶାରେ ଅବାଧ ବାଣିଜ୍ୟ କାରବାର ଚଳାଇବା ନିମନ୍ତେ ଏହି ଫର୍ମାନ୍‌ରେ ସେମାନଙ୍କୁ ଅଧିକାର ଦିଆଯାଇଥିଲା । କୌଣସି ପ୍ରକାର ଶୁଳକ୍ ବା ଅବକାରୀ ଶୁଳକ୍ ନ ଦେଇ ବିକ୍ରୀ, ରପ୍ତାନୀ ଓ ପରିବହନ ଏବଂ ଜାହାଜ ଜରିଆରେ ବାଣିଜ୍ୟ କାରବାର ଚଳାଇବା ନିମନ୍ତେ ଏଥିରେ ଅନୁମତି ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ଅଧିକ ସୁବିଧା ଲାଭ ନିମନ୍ତେ ସେମାନେ ଗଭର୍ଣ୍ଣରଙ୍କ ପ୍ରଦେଶ ଭିତରେ ଗୋଟିଏ କୋଠିରୁ ଅନ୍ୟ ବାଣିଜ୍ୟ କୋଠିକୁ କିମ୍ବା ଅନ୍ୟ କୌଣସି ସ୍ଥାନକୁ ସମୁଦ୍ର କୂଳରେ ମାଲ ନେବା ଆଣିବା କରିବାକୁ ଚାହିଁଲେ କୌଣସି ଶୁଳ୍କ ଆଦାୟକାରୀ ବା କୌଣସି ଅଫିସର ସେମାନଙ୍କୁ ଶୁଳ୍କ ଅଥବା ଅବକାରୀ ଶୁଳ୍କ ମାଗିବେ ନାହିଁ ଏବଂ ଅପର ପକ୍ଷରେ ସେମାନଙ୍କୁ ବିନା ପ୍ରତିବନ୍ଧକ ଉତ୍ପୀଡନ ବା ହସ୍ତକ୍ଷେପରେ ଯାତ୍ରା କରିବାକୁ ଓ ସବୁ ପ୍ରକାରେ ସାହାଯ୍ୟ କରିବାକୁ ଏଥିରେ ଉଲ୍ଲେଖ କରାଯାଇଥିଲା, ଅଧିକନ୍ତୁ ଇଂରେଜ ବଣିକମାନେ ଜମି ନେଇ ସେମାନଙ୍କ ପାହ୍ୟା, ପଦବୀ ଓ ଆବଶ୍ୟକତା ଉପଯୋଗୀ ଗୃହ ନିର୍ମାଣ କରିବାକୁ ମଧ୍ୟ ଅନୁମତି ପାଇଥିଲେ ।

ଜଣାଯାଏ ଯେ ୧୬୩୪ ଖ୍ରୀଷ୍ଟାବ୍ଦରେ ପିପିଲି ଠାରେ ଏବଂ ୧୬୪୨ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଠାରେ ଇଂରେଜମାନେ ବାଣିଜ୍ୟ କୋଠିମାନ ପ୍ରତିଷ୍ଠା କରିଥିଲେ । ଏହି ସମୟରେ ହରିହରପୁର ଠାରେ ମଧ୍ୟ ଗୋଟିଏ କୋଠି ଇଂରେଜମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ।

Digitized by PPRACHIN, SOA

ଏତିକିବେଳେ ଦେଖାଯାଇଥିଲା ଯେ ହିଜ୍‌ଲିର ଜମିଦାର ବାହାଦୂର ଖାଁ ରୂପନାରାୟଣ ଠାରୁ ଓଡ଼ିଶାର ସୁବର୍ଣ୍ଣରେଖା ନଦୀ ପର୍ଯ୍ୟନ୍ତ ଏକ ବିସ୍ତୃତ ଉପକୂଳବର୍ତ୍ତୀ ଜିଲ୍ଲାରେ କ୍ଷମତା ବିସ୍ତାର କରି ଜଣେ ସ୍ୱାଧୀନ ସୁଲତାନଙ୍କ ପରି ରାଜତ୍ୱ କରୁଥିଲେ । ଭୌଗୋଳିକ ଦୃଷ୍ଟିକୋଣରୁ ତାଙ୍କ ରାଜ୍ୟ "ଓଡ଼ିଶା ସୁବାର ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ନ ଥିବାରୁ" ନିଜର ସ୍ୱାଧୀନ କ୍ଷମତା ବଜାୟ ରଖିବା ପାଇଁ ବଙ୍ଗଳା ଗଭର୍ଣ୍ଣରଙ୍କ ଅବାଧ୍ୟ ହେବା ତାଙ୍କ ପକ୍ଷରେ ସହଜ ଥିଲା । କିନ୍ତୁ ୧୬୫୧ ଖ୍ରୀଷ୍ଟାବ୍ଦରେ ସୁଜା ବଙ୍ଗଳା ସହିତ ଓଡ଼ିଶାର ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ଆଫଗାନ ଶାସକଙ୍କ ଗର୍ବ ଖର୍ବ କରିବା ପାଇଁ ସେ ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ କରିଥିଲେ । ଶାହାଜାହାନଙ୍କ ଦରବାରର ପଞ୍ଜିକାର ଓ୍ୱାରିସ୍ ଉଲ୍ଲେଖ କରିଅଛନ୍ତି ଯେ ହିଜ୍‌ଲିର ଜମିଦାର ନିୟମିତ ଭାବରେ ଓଡ଼ିଶା ସୁବାଦାରଙ୍କୁ ସଲାମି (tribute) ଦେଉଥିଲେ । ଓଡ଼ିଶା ପ୍ରଦେଶ ସୁଜାଙ୍କ ଦାୟିତ୍ୱରେ ରଖାଯିବା ପରେ ସେ ପୂର୍ବ ନିର୍ଦ୍ଧାରିତ ସଲାମିର ପରିମାଣ ଅଭିବୃଦ୍ଧି କରିଥିଲେ । କିନ୍ତୁ ଜମିଦାର ବର୍ଦ୍ଧିତ ସଲାମି ଫାଙ୍କିଦେବାକୁ ଚାହିଁଥିଲେ । ତେଣୁ ଶାହାଜାହାନ ବିରକ୍ତ ହୋଇ ସୁଜାଙ୍କ ଡେପୁଟି ମହମ୍ମଦ ଦାମାନଙ୍କୁ ଓଡ଼ିଶା ଶାସନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବିଦ୍ରୋହୀ ଜମିଦାରଙ୍କ ବିରୁଦ୍ଧରେ ଏକ ସୈନ୍ୟବାହିନୀ ପଠାଇ ସମର୍ଥ ହେଲେ ତାଙ୍କୁ ଗିରଫ କରିବା ନିମନ୍ତେ ଆଦେଶ ଦିଆଗଲା, ବାହାଦୂର ଏ ପରିସ୍ଥିତିରେ ମୋଗଲ ସେନାବାହିନୀ ସଙ୍ଗେ ଯୁଦ୍ଧ ଆରମ୍ଭ କରି ଦେଇଥିଲେ । କିନ୍ତୁ ଯୁଦ୍ଧରେ ବାହାଦୂର ପରାସ୍ତ ହେଲେ ଏବଂ ତାଙ୍କୁ ଗିରଫ କରାଯାଇ ଢାକାରେ ବନ୍ଦୀ କରି ରଖାଗଲା ।

ଓଡ଼ିଶା କିପରି ଠିକ୍ ଭାବରେ ଶାସିତ ହେବ ସେ ସମ୍ପର୍କରେ ଶାହାଜାହାନ ବିଶେଷ ଧ୍ୟାନ ଦେଇଥିଲେ । ସେ ଗଭର୍ଣ୍ଣରମାନଙ୍କୁ ନିଜ ଦାୟିତ୍ୱାଧୀନ ଇଲାକା ଏବଂ ଲୋକମାନଙ୍କ ସହିତ ନିବିଡ଼ ସମ୍ପର୍କ ରକ୍ଷା କରିବା ନିମନ୍ତେ ବେଳେ ବେଳେ ପରାମର୍ଶ ଦେଉଥିଲେ । ଏକଦା ସେ ସୁଜାଙ୍କ ନିକଟକୁ ଲେଖିଥିଲେ "ତୁମେ ରାଜମହଲରେ ଅବସ୍ଥାନ କରିବାକୁ ପସନ୍ଦ କରୁଥିବା ଦୃଷ୍ଟିରୁ ରାଜମହଲଠାରୁ ବାହାରି ବର୍ଦ୍ଧମାନ ଓ ସେଠାରୁ ମେଦିନାପୁରକୁ ଯାଇ ପ୍ରଦେଶରେ ତୁମ୍ଭର ଏକ ସରକାରୀ ଗସ୍ତ କରିବା ଉଚିତ । ମେଦିନାପୁର ଓଡ଼ିଶା ସୀମାନ୍ତରେ ଅବସ୍ଥିତ, ସେଠାରେ ତୁମେ ନିଜ ଇଚ୍ଛାମୁତାବକ ଓଡ଼ିଶାରୁ ଅଫିସରମାନଙ୍କୁ ଡକାଇ ଦେଶର ହିସାବ କିତାବ ତଥା ଅନ୍ୟାନ୍ୟ ସମ୍ବା-ସମ୍ପର୍କରେ ଅବହିତ ହେବା ବିଧେୟ ।"

Digitized by PPRACHIN, SOA

ପଞ୍ଚମ ଅଧ୍ୟାୟ

ଆଉରଙ୍ଗଜେବ, ନାଏବନାଜମ ବୃନ୍ଦ ଏବଂ ଓଡ଼ିଶା

(୧)

ଇତଶାମ ଖାଁ (୧୬୫୯-୧୬୬୦)

ଦିଲ୍ଲୀ ସିଂହାସନ ଅଧିକାର କରିବା ପାଇଁ ଲାଗିଥିବା ଯୁଦ୍ଧରେ ପରାଜିତ ହୋଇ ସୁଜା ଢାକା ଛାଡ଼ି ପଳାୟନ କଲେ । ଫଳରେ ଆଉରଙ୍ଗଜେବ ସମଗ୍ର ପୂର୍ବ ଭାରତର ଅଧୀଶ୍ୱର ହେଲେ । ଏହି ଯୁଦ୍ଧ-ବିଗ୍ରହ କାଳରେ ନିଜ ଭାଇଙ୍କ ବିରୁଦ୍ଧରେ ଆଗ୍ରା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସେ ପର୍ଯ୍ୟାପ୍ତ ସଂଖ୍ୟକ ସୈନ୍ୟ ଠୁଳ କରିଥିଲେ । ମୋଗଲ ଶାସନାଧୀନ ଭାରତର ବିଭିନ୍ନ ସ୍ଥାନରୁ ଅଧିକାଂଶ ସୈନ୍ୟ ଓ ସେନାଧିକାରୀ-ମାନଙ୍କୁ ଏହିସବୁ ସ୍ଥାନମାନଙ୍କୁ ଅଣାଯାଇ ସାମରିକ କାର୍ଯ୍ୟୋପଲକ୍ଷେ ନିୟୋଜିତ କରାଯାଇ-ଥିଲା । ଓଡ଼ିଶାରୁ ମଧ୍ୟ ଅଧିକାଂଶ ସୈନ୍ୟ ଓ ସେନାଧିକାରୀମାନଙ୍କୁ ଉପର୍ଯ୍ୟୁକ୍ତ ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରତ୍ୟାହାର କରି ନିଆଯାଇ ଥିଲା । ଏତଦ୍‌ଭିନ୍ନ ରାଜମହଲ ଓ ମାଲ୍‌ଦା ଜିଲ୍ଲାରେ ମିରଜୁମଲ୍ଲାଙ୍କ ସହିତ ଯୁଦ୍ଧରେ ଓଡ଼ିଶାରେ ଅବସ୍ଥାପିତ ମୋଗଲ ସୈନ୍ୟମାନଙ୍କୁ ନିୟୋଜିତ କରାଯାଇଥିଲା । ମୋଗଲ ସୈନ୍ୟ ଓ ଦକ୍ଷ ସେନାଧିକାରୀମାନଙ୍କ ପ୍ରତ୍ୟାହାର ଫଳରେ ଓଡ଼ିଶାର ଜମିଦାରମାନେ କ୍ରମଶଃ ନିଃଶଙ୍କ ହୋଇ ଅବାଧ୍ୟ ହେବାପାଇଁ ଅନୁପ୍ରେରିତ ହେଲେ । ସେମାନେ ରାଜସ୍ୱ ପଇଠ କରିବା ବନ୍ଦ କରିଦେଲେ ଓ ବେଳେ ବେଳେ ପଡ଼ୋଶୀ ଜମିଦାରୀ ଉପରେ ଲୁଣ୍ଠନରାଜ ଚଳାଇବାକୁ ଆରମ୍ଭ କରିଦେଲେ । ଏହିପରି ଭାବେ ଓଡ଼ିଶାରେ ବିଶୃଙ୍ଖଳା ଓ ଅରାଜକତା ଦେଖାଦେଇଥିଲା । ୧୯୫୯ ମସିହା ବେଳକୁ ମିରଜୁମଲା ବଙ୍ଗଳାରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା କରିବାରେ ସଫଳ ହେଲେ । ତାହାପରେ ଓଡ଼ିଶାର ତାତ୍‌କାଳୀକ ଅରାଜକ ଅବସ୍ଥା ପ୍ରତି ତାଙ୍କର ଦୃଷ୍ଟି ଆକର୍ଷିତ ହେଲା ।

Digitized by PPRACHIN, SOA

ଅବାଧ୍ୟ ଜମିଦାରମାନଙ୍କୁ ଦମନ କରିବା ପାଇଁ ଇତିଶାମ ଖାଁଙ୍କ ନେତୃତ୍ୱରେ ସେ ଏକ ସୈନ୍ୟବାହିନୀ ଓଡ଼ିଶାକୁ ପଠାଇଲେ ।

ଓଡ଼ିଶାର ମସ୍‌ଜିଦ୍‌ମାନଙ୍କରେ ଏଣିକି ନୂତନ ସମ୍ରାଟ ଆଉରଙ୍ଗଜେବଙ୍କ ନାମରେ ଖୁତ୍‌ବା ପାଠ କରାଯିବା ସକାଶେ ଏକ ଘୋଷଣା ଜାରି କରାଇବା ଥିଲା ଇତିଶାମ ଖାଁଙ୍କ ଯୋଜନାର ପ୍ରଥମ ବିଷୟ । ଦ୍ୱିତୀୟତଃ ସମସ୍ତ ମନସୁବାଦାର ତାଙ୍କୁ ନାରାୟଣଗଡ଼ଠାରେ ସାକ୍ଷାତ୍ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଜଣାଯାଏ ଯେ ଜମିଦାରମାନେ ଏହି ନିର୍ଦ୍ଦେଶକୁ ଯଥାର୍ଥ ଭାବେ କର୍ଣ୍ଣପାତ କଲେ ନାହିଁ । ଓଡ଼ିଶାରେ ତାଙ୍କ ଅବସ୍ଥାନ ଖୁବ୍ କମ୍ କାଳ ପାଇଁ; ଅର୍ଥାତ୍ ପ୍ରାୟ ଦଶମାସ ମଧ୍ୟରେ ସୀମିତ ଥିଲା । ବଙ୍ଗଳାରେ ମିର୍-ଜୁମଲାଙ୍କୁ ସାହାଯ୍ୟ କରିବା ନିମନ୍ତେ ତାଙ୍କୁ ଡକରା ଯିବାରୁ ସେ ଓଡ଼ିଶା ପରିତ୍ୟାଗ କଲେ । ତାଙ୍କ ସ୍ଥାନରେ ଖାଁ-ଇ-ଦୌରାନଙ୍କୁ ଏହି ପ୍ରଦେଶର ସୁବାଦାର ଭାବରେ ଅବସ୍ଥାପିତ କରାଗଲା । ଓଡ଼ିଶାରୁ ଅବ୍ୟାହତି ନେବା ସମୟରେ ଇତିଶାମ ଖାଁ ନିଜ ସଙ୍ଗରେ ରାଜସ୍ୱ ପଇଠ କରିବାରେ ଖିଲାପ କରିଥିବା ବହୁ ସଂଖ୍ୟକ ରାଜା ଓ ଜମିଦାରଙ୍କୁ ବନ୍ଦୀ ରୂପେ ନେଇ ଯାଇଥିଲେ; ସେମାନଙ୍କ ମଧ୍ୟରେ ରାଜା ନୀଳକଣ୍ଠ ଦେବଙ୍କ ଭାଇ ଏବଂ ରାଜା ମୁକୁନ୍ଦ ଦେବଙ୍କ ପ୍ରଧାନ ଅଧିକାରୀ ଓ ଭରତ ପଟ୍ଟନାୟକଙ୍କ ଭାଇ ଗୋପୀନାଥ ଆଦି ଥିଲେ ପ୍ରମୁଖ । ବଙ୍ଗଳାରେ ଇତିଶାମ ଖାଁଙ୍କ ହାତରେ ବନ୍ଦୀ ହେବା ଫଳରେ ସେମାନଙ୍କୁ ନିଜ ନିଜ ଜମିଦାରୀ ଇଲାକାରୁ ଅନୁପସ୍ଥିତ ରହିବାକୁ ପଡ଼ିଲା । ଏତଦ୍ୱାରା ସେହି ଜମିଦାରୀ ଇଲାକାଗୁଡ଼ିକ ଯଥାଯଥ ଭାବରେ ଶାସିତ ହୋଇପାରିଲା ନାହିଁ । ଉପଯୁକ୍ତ ତତ୍ତ୍ୱାବଧାନ ଓ ପ୍ରଶାସନିକ ନିୟନ୍ତ୍ରଣ ଅଭାବରେ ସେସବୁ ଇଲାକାରୁ 'ଶସ୍ୟ' ଅସୁଲ କରାଯାଇ ନ ପାରିବା ହେତୁ ବିପୁଳ ପରିମାଣ ବକେୟା ଖଜଣା ଅନାଦାୟ ହୋଇ ରହିଲା । କଟକର ଫଉଜଦାର ଇତିଶାମ ଖାଁଙ୍କ ସମକ୍ଷରେ ଏହି ପରିସ୍ଥିତି ଉପସ୍ଥାପିତ କଲାପରେ ହିଁ ବନ୍ଦୀ ଜମିଦାର-ମାନଙ୍କଠାରୁ ମୁଚ୍‌ଲିକା ଲେଖାଇ ନିଆଯାଇ ସେମାନଙ୍କୁ ଖଲାସ କରି ଦିଆଗଲା ।

ଖାଁ-ଇ-ଦୌରାନ (୧୬୬୦-୧୬୬୭)

ଆଲ୍ଲାବାଦର ସୁବାଦାର ରୂପେ କାର୍ଯ୍ୟ କରୁଥିବା ଖାଁ-ଇ-ଦୌରାନଙ୍କୁ ଓଡ଼ିଶା ଗଭର୍ଣ୍ଣର ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ୧୬୬୦ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ତିନି ତାରିଖ ଦିନ ସେହି ମର୍ମରେ ତାଙ୍କୁ ସମ୍ରାଟ୍‌ଙ୍କ ଦରବାର ପକ୍ଷରୁ ଫର୍ମାନ ମିଳିଲା । ନିଯୁକ୍ତି ପାଇବା ପରେ ସେ ତତ୍‌କ୍ଷଣାତ୍ ଆଲ୍ଲାବାଦ ପରିତ୍ୟାଗ କରି ବର୍ଷା ଋତୁରେ ଓଡ଼ିଶାକୁ ଯାତ୍ରା କରି-ଥିଲେ । ସେ ଦେଖିବାକୁ ପାଇଲେ ଯେ ଦିଲ୍ଲୀ ମସ୍‌ନଦ ପାଇଁ ହୋଇଥିବା ଯୁଦ୍ଧ ସମୟରୁ ଓଡ଼ିଶାରେ ଅରାଜକତାପୂର୍ଣ୍ଣ ପରିସ୍ଥିତିର ଉଦ୍‌ଭବ ହୋଇଛି । ଜମିଦାରମାନେ ଅବାଧ୍ୟ ଏବଂ ବିଦ୍ରୋହୀ ହୋଇ ଉଠିଛନ୍ତି; ଏପରିକି କାଠଯୋଡ଼ି ନଦୀ ଅପରପାର୍ଶ୍ୱସ୍ଥ କେତେକ

Digitized by PPRACHIN, SOA

ଜମିଦାର ସଲାମି (Tribute) ଦେବାକୁ ମନା କରିଛନ୍ତି । ହରିହରପୁରର କୃଷ୍ଣ ଭଞ୍ଜ ମିଦିନାପୁରଠାରୁ ଭଦ୍ରକ ପର୍ଯ୍ୟନ୍ତ ବିସ୍ତୃତ ଇଲାକାରେ ନିଜର କ୍ଷମତା ବିସ୍ତାର କରିସାରିଛନ୍ତି । ସେ ପ୍ରଜାମାନଙ୍କର ଏବଂ ପଥିକମାନଙ୍କର ସମ୍ପତ୍ତି ଲୁଟି ନେଉଥିଲେ ଓ ଲୋକମାନଙ୍କ ଉପରେ ଦମନଲୀଳା ଚଳାଇଥିଲେ । ପାଞ୍ଚିରା ଦୁର୍ଗ ମଧ୍ୟ ସୁଜାଙ୍କ କର୍ମଚାରୀମାନଙ୍କ ଅକ୍ତିଆରରେ ନ ଥିଲା, କେନ୍ଦୁଝରର ରାଜା ନାରାୟଣ ଭଞ୍ଜ ଏହି ଦୁର୍ଗକୁ କରଗତ କରିସାରିଥିଲେ । କଟକ ଆଖପାଖର ଜମିଦାରମାନେ ସୈନ୍ୟ ସଂଗ୍ରହ କରୁଥିଲେ ଏବଂ ଗୋଳମାଳରେ ବ୍ୟାପୃତ ରହୁଥିଲେ । ଜନୈକ ଛୋଟରାୟ ମିଦିନାପୁରର ବିଶୃଙ୍ଖଳା ଦମନ କରି ଜଙ୍ଗଲରେ ଏକ ଦୁର୍ଗ ନିର୍ମାଣ କରିଥିଲେ । ଏହିପରି ଭାବରେ ଓଡ଼ିଶାର ସର୍ବତ୍ର ବହୁସଂଖ୍ୟକ ବିଦ୍ରୋହୀ ଜମିଦାର ରହିଥିଲେ । ଏପରି ଗୋଳମାଳ ଲାଗି ମୋଗଲ ସରକାରଙ୍କ ସ୍ଥିତି ଦୋହଲି ଉଠିଥିଲା ଏବଂ ତାହା ହିଁ ଥିଲା ସେତେବେଳର ପରିସ୍ଥିତି । ଓଡ଼ିଶାର ଶାସନ ଦାୟିତ୍ୱ ଗ୍ରହଣ କରିବା ନିମନ୍ତେ ଖାଁ-ଇ-ଦୌରାନ ମିଦିନାପୁରରେ ପହଞ୍ଚିଲାବେଳକୁ ପରିସ୍ଥିତି ଏହିପରି ଆକାର ଧାରଣ କରିଥିଲା ।

ଉତ୍ତର ଓଡ଼ିଶାର ଜମିଦାର ବୃନ୍ଦ

ମିଦିନାପୁରରେ ପହଞ୍ଚିବା ସଙ୍ଗେ ସଙ୍ଗେ ଖାଁ-ଇ-ଦୌରାନ୍ ସର୍ବପ୍ରଥମେ ଉତ୍ତର ଓଡ଼ିଶାର ଜମିଦାରମାନଙ୍କୁ ଚିଠି ଲେଖି ତାଙ୍କୁ ସାକ୍ଷାତ୍ କରିବା ପାଇଁ ଏବଂ ଅନୁରକ୍ତ ପ୍ରଜାଭାବରେ ତାଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କବିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏ ସମ୍ପର୍କରେ ଆଶାନୁରୂପ ଅନୁରକ୍ତି ମିଳିଲା ନାହିଁ । ଅପର ପକ୍ଷରେ ହିଜ୍‌ଲି ଜମିଦାରଙ୍କ ଅବାଧ୍ୟ ଆଚରଣ ହେତୁ ତାଙ୍କ କ୍ଷମତା ବିଲୋପ କରିବା ସକାଶେ ଯୁଦ୍ଧ ଅଭିଯାନର ଆବଶ୍ୟକତା ଉପଲବ୍‌ଧ ହେଲା । କିନ୍ତୁ ସେ ସମୟରେ ବର୍ଷାଋତୁ ଆସିଯାଇ ଥିବାରୁ ଏବଂ ରାସ୍ତାଘାଟ ପାଣି କାଦୁଅରେ ପୂର୍ଣ୍ଣ ହୋଇ ରହିଥିବାରୁ ତାଙ୍କ ବିରୁଦ୍ଧରେ ସଙ୍ଗେ ସଙ୍ଗେ ଅଭିଯାନ ଚଳାଇବା ପାଇଁ ସୁବିଧା ହେଲା ନାହିଁ । ତେଣୁ ମୂଳ ପ୍ରସ୍ତାବ ସ୍ଥଗିତ ରଖି ଖାଁ-ଇ-ଦୌରାନ୍ ସିଧାସଳଖ ଜଳେଶ୍ୱର ଯାତ୍ରା କରିବା ନିମନ୍ତେ ନିଷ୍ପତ୍ତି କଲେ । ଜଳେଶ୍ୱର ଠାରେ ହରିହରପୁର ବା ମୟୂରଭଞ୍ଜର ରାଜା କୃଷ୍ଣଭଞ୍ଜ ତାଙ୍କୁ ସାକ୍ଷାତ କରିବେ ବୋଲି ସେ ଆଶା କରିଥିଲେ । ମାତ୍ର ରାଜା ନିର୍ଦ୍ଦିଷ୍ଟ ଦିନ ଛାଡ଼ି ଏକ ଶୁଭ ଦିନରେ ଗଭର୍ଣ୍ଣରଙ୍କୁ ସାକ୍ଷାତ କରିବେ ବୋଲି ଆଳ ଦେଖାଇଲେ । ନିଜର ଅନାନୁଗତ୍ୟ ଆଚରଣ ପାଇଁ ସେ ଛଳନାପୂର୍ଣ୍ଣ କ୍ଷମା ପ୍ରାର୍ଥନା ମାଗିଥିଲେ, ପରେ ରାଜା ନିଜ ସଙ୍ଗରେ ଏକ ବିରାଟ ସେନାବାହିନୀ ନେଇ ଗଭର୍ଣ୍ଣରଙ୍କୁ ସାକ୍ଷାତ୍ କରିଥିଲେ । "ସେ କେତେ ପରିମାଣର ରାଜସ୍ୱ ପଇଠ କରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଓ ଆଲୋଚନା ଚାଲିଥିଲା ବେଳେ ରାଜା ଆକସ୍ମିକ ଭାବରେ ନିଜ ସୈନ୍ୟବାହିନୀ ସାହାଯ୍ୟରେ ଗଭର୍ଣ୍ଣରଙ୍କ ଉପରେ ଅପ୍ରତ୍ୟାଶିତ ଆକ୍ରମଣ

Digitized by PPRACHIN, SOA

ଆରମ୍ଭ କରି ଦେଇଥିଲେ । ତେବେ, ଗଭର୍ଣ୍ଣର କୌଣସି ପ୍ରକାରେ ନିଜ ଜୀବନ ରକ୍ଷା କରି ନିଜ ସୈନ୍ୟମାନଙ୍କ ସାହାଯ୍ୟରେ କୃଷ୍ଣଭଞ୍ଜ ଏବଂ ତାଙ୍କର କେତେକ ଅନୁଚରଙ୍କୁ ନିହତ କରିବାରେ ସମର୍ଥ ହୋଇଥିଲେ । ରଜାଙ୍କର ଅବଶିଷ୍ଟ ସୈନ୍ୟ ଭୟରେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ । କୃଷ୍ଣଭଞ୍ଜଙ୍କ ପରାଜୟ ଏବଂ ମୃତ୍ୟୁ ଘଟଣା ଅନ୍ୟାନ୍ୟ ପଡ଼ୋଶୀ ଜମିଦାରମାନଙ୍କ ପ୍ରତି ଅନୁଧ୍ୟାନର ବିଷୟ ହୋଇ ଉଠିଲା । ସେମାନେ ଭୟଭୀତ ହୋଇ ଗଭର୍ଣ୍ଣରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ।

କୃଷ୍ଣଭଞ୍ଜଙ୍କ ମୃତ୍ୟୁ ସମ୍ବାଦ ପାଇବା ପରେ ତାଙ୍କର ସମ୍ପର୍କୀୟମାନେ କ୍ରୋଧାନ୍ୱିତ ହୋଇ ଉଠିଲେ ଏବଂ ବିଦ୍ରୋହ ଆରମ୍ଭ କରିଦେଲେ । ତେଣୁ ବିଦ୍ରୋହୀ ଜମିଦାରମାନଙ୍କୁ ଉଚିତ ଶିକ୍ଷାଦେବା ଉଦ୍ଦେଶ୍ୟରେ ଖାଁ-ଇ-ଦୌରାନ ରେମୁଣା ଯାତ୍ରା କଲେ । ମୋଗଲ ସୈନ୍ୟ ପହଞ୍ଚିବା ଦେଖି ନିହତ ରଜାଙ୍କ ଭାଇ ଜୟଭଞ୍ଜ ଆତ୍ମବିଶ୍ୱାସ ହରାଇ ଆତ୍ମସମର୍ପଣ କରିଥିଲେ । ସେ ନିଜ ମାଆ ଏବଂ ପୁଅଙ୍କ ସହିତ ଗଭର୍ଣ୍ଣରଙ୍କୁ ସାକ୍ଷାତ କରି ତାଙ୍କୁ ତିନିଗୋଟି ହାତୀ ଉପହାର ଦେଲେ ଏବଂ ପେଶ୍‌କିଶ୍ ଭାବରେ କିଛି ଅର୍ଥ ମଧ୍ୟ ଦେଇ ଦେଲେ । ଜୟଭଞ୍ଜ ମୟୂରଭଞ୍ଜର ଜମିଦାରୀ ଦାୟିତ୍ୱ ନିଜ ନିହତ ଭାଇଙ୍କ ପୁଅ ଉପରେ ନ୍ୟସ୍ତ କରିବା ସକାଶେ ଗଭର୍ଣ୍ଣରଙ୍କୁ ଅନୁରୋଧ ଜଣାଇଲେ । ଗଭର୍ଣ୍ଣର ଏହି ପ୍ରସ୍ତାବରେ ସମ୍ମତି ପ୍ରକାଶ କଲେ । ମୟୂରଭଞ୍ଜ ସମସ୍ୟାର ସମାଧାନ ହେଲା ।

ଖୋର୍ଦ୍ଧା ରଜାଙ୍କ ସହିତ ଖାଁ-ଇ-ଦୌରାନ୍‌ଙ୍କ ସମ୍ପର୍କ

ଓଡ଼ିଶାର ସବୁ ରାଜାଙ୍କ ମଧ୍ୟରେ ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ଥିଲେ ସମସ୍ତଙ୍କ ଠାରୁ କ୍ଷମତାଶାଳୀ । ଦେଶର ଅନ୍ୟାନ୍ୟ ଜମିଦାରବର୍ଗ ବା ସର୍ଦ୍ଦାରଗଣ ତାଙ୍କୁ ଦେବତା ରୂପେ ପୂଜା କରୁଥିଲେ ଏବଂ ତାଙ୍କ ପ୍ରତି କୌଣସି ପ୍ରକାର ଅବମାନନା ବା ଅସମ୍ମାନ ଆଚରଣକୁ ଏକ ପାପ ବୋଲି ମନେ କରୁଥିଲେ । ଅନ୍ୟାନ୍ୟ ସର୍ଦ୍ଦାର ଏବଂ ଖଣ୍ଡାୟତମାନଙ୍କ ସହିତ ଗଭର୍ଣ୍ଣରଙ୍କୁ ସାକ୍ଷାତ କରିବା ନିମନ୍ତେ ମୁକୁନ୍ଦ ଦେବ ନିଜର ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଓଡ଼ିଶାର ବର୍ଷାକାଳୀନ ଖରାପ ଜଳବାୟୁ ହେତୁ ଇତି ମଧ୍ୟରେ ଗଭର୍ଣ୍ଣର ପ୍ରାୟ ଦୁଇମାସ କାଳ ଅସୁସ୍ଥ ହୋଇ ପଡ଼ିଲେ । ଏହି ଘଟଣା ବଦ୍‌ମାସ ସର୍ଦ୍ଦାରମାନଙ୍କୁ ବିଶୃଙ୍ଖଳା ତଥା ଗୋଳମାଳ ସୃଷ୍ଟି କରିବା ନିମନ୍ତେ କିଛିଟା ସୁଯୋଗ ଯୋଗାଇ ଦେଲା । କେତେକ ଜମିଦାରଙ୍କ ଅବାଧ୍ୟତା, ଉଚ୍ଛୃଙ୍ଖଳତା ଏବଂ ଅବଜ୍ଞା ନୂତନ ସମସ୍ୟା ସୃଷ୍ଟି କଲା । ବିଦ୍ରୋହୀମାନଙ୍କୁ ଦମନ କରିବା ସକାଶେ ଖାଁ-ଇ-ଦୌରାନ ରାଜା ମୁକୁନ୍ଦଦେବଙ୍କ ସାହାଯ୍ୟ ଲୋଡ଼ିଥିଲେ । କିନ୍ତୁ ସେ ମୋଗଲ ସରକାରଙ୍କୁ କୌଣସି ପ୍ରକାର ସାହାଯ୍ୟ ଦେଲେ ନାହିଁ । ଅପର ପକ୍ଷରେ ସେ ବିଦ୍ରୋହୀମାନଙ୍କୁ ଅନୁପ୍ରେରଣା

Digitized by PPRACHIN, SOA

ଯୋଗାଇଲେ ଅଥବା ନିଜେ ଅରାଜକତା ସୃଷ୍ଟିରେ ବ୍ୟାପୃତ ହେଲେ । ତେବେ, ଖାଁ-ଇ-ଦୌରାନ ସୁସ୍ଥ ହେବା ପରେ ବିଦ୍ରୋହ ଦମନ କରିବା ପାଇଁ ଏକ ସେନାବାହିନୀ ପ୍ରେରଣ କଲେ । ମାତ୍ର ଏହି ଅଭିଯାନ ଶୋଚନୀୟ ଭାବେ ବିଫଳତାରେ ପରିଣତ ହେଲା । ତେଣୁ ସେ ନିଜେ ନେତୃତ୍ୱ ନେଇ ଡେଲାଙ୍ଗ ଆଡ଼କୁ ଅଭିଯାନ ଚଳେଇଥିଲେ । ଡେଲାଙ୍ଗ ନିକଟରେ କେତେକ ପାହାଡ଼ କଡ଼ରେ ଏକ ଧାଡ଼ିରେ ପରସ୍ପର ସଂଲଗ୍ନ ସାତଗୋଟି ଗୁରୁତ୍ୱପୂର୍ଣ୍ଣ ଦୁର୍ଗ ଅବସ୍ଥିତ ଥିଲା । ଏହି ଦୁର୍ଗଗୁଡ଼ିକର ଜମିଦାରମାନେ ନିଜ ନିଜର ସାହସିକତା ନିମନ୍ତେ ଖ୍ୟାତିଲାଭ କରିଥିଲେ । ଏହି ସାତଗୋଟି ଦୁର୍ଗ ମଧ୍ୟରୁ କାଳୁପଡ଼ା, ମୋଟରି, କୁରଖି ଏବଂ ଘୋରଡ଼ିଆ ଥିଲା ଅତୀବ ଗୁରୁତ୍ୱପୂର୍ଣ୍ଣ । ଦୁର୍ଗଗୁଡ଼ିକର କିଲ୍ଲାଦାର-ମାନଙ୍କ ଅଧୀନରେ ବିପୁଳ ସଂଖ୍ୟକ ପାଇକ ଥିଲେ ଏବଂ ବାଙ୍କି ଓ ରଣପୁରର ଜମିଦାର-ମାନେ ସେମାନଙ୍କୁ ସାହାଯ୍ୟ କରୁଥିଲେ । ଖାଁ-ଇ-ଦୌରାନ୍ ନିଜ ସୈନ୍ୟମାନଙ୍କୁ ନେଇ ସେଠାରେ ପହଞ୍ଚିଲେ । ମାତ୍ର ହଠାତ୍ ସେ ଦେଖିବାକୁ ପାଇଲେ ଯେ ଶତ୍ରୁପକ୍ଷ ଦେଶୀନଳୀ (match-lock), ତୀର, ଖଣ୍ଡା, ଶାବଳୀ, ଦୁଆର, ତୁକାତା ଓ ସିନ୍ତିରେ ସଜ୍ଜିତ ହୋଇ ଲଢ଼େଇ ନିମନ୍ତେ ପ୍ରସ୍ତୁତ ରହିଛନ୍ତି । ମୁସଲମାନ ସୈନ୍ୟମାନେ ସେମାନଙ୍କ ଉପରେ ଆକ୍ରମଣ କରିବାରୁ ଶତ୍ରୁ ସୈନ୍ୟମାନେ ମଧ୍ୟ ଘମାଘୋଟ ଲଢ଼େଇ ଆରମ୍ଭ କରି ଦେଇଥିଲେ । କିଛି ସମୟ ପରେ ମୁସଲମାନମାନେ ଯୁଦ୍ଧରେ ବିଜୟଲାଭ କଲେ । ଶତ୍ରୁପକ୍ଷ ପଳାୟନ କଲେ । ସାତଗୋଟିଯାକ ଦୁର୍ଗ ଗଭର୍ଣ୍ଣରଙ୍କ କରଗତ ହେଲା । ଏହାପରେ ଏହି ଅଞ୍ଚଳରେ ମୋଗଲ-ମାନଙ୍କ ତରଫରେ ଥାନାମାନ ପ୍ରତିଷ୍ଠିତ ହୋଇଥିଲା ।

ମୋଗଲମାନଙ୍କ ପ୍ରତି ମୁକୁନ୍ଦଦେବଙ୍କ ଏହି ଆଚରଣକୁ ଖାଁ-ଇ-ଦୌରନ୍ ଅତ୍ୟନ୍ତ ନାପସନ୍ଦ କଲେ ଏବଂ ସେଥିପାଇଁ ତାଙ୍କ କ୍ଷମତା ଲୁପ୍ତ କରିବା ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କଲେ । ଖୋର୍ଦ୍ଧା ଥିଲା ମୁକୁନ୍ଦଦେବଙ୍କ ପିତୃପିତାମହଙ୍କ ଅମଳର ବାସସ୍ଥାନ । ଏକ ଘଞ୍ଚ ଜଙ୍ଗଲ ଏବଂ ଉଚ୍ଚ ପାହାଡ଼ମାନଙ୍କ ମଧ୍ୟସ୍ଥଳରେ ଏହା ଅବସ୍ଥିତ ଥିଲା । ଏକ ସୁସଂଗଠିତ ସେନାବାହିନୀ ନେଇ ଖାଁ-ଇ-ଦୌରନ୍ ଦ୍ରୁତ ଗତିରେ ଖୋର୍ଦ୍ଧା ରାଜ୍ୟ ଅଭିମୁଖେ ଅଭିଯାନ ଚଳାଇଲେ । ତାଙ୍କ ଆଗମନ ସମ୍ବାଦରେ ରାଜା ଏତେ ଭୟଭୀତ ହୋଇପଡ଼ିଲେ ଯେ ତାଙ୍କୁ ପ୍ରତିରୋଧ କରିବାର କୌଣସି କର୍ମପନ୍ଥା ସ୍ଥିର ନ କରି ରାଜଧାନୀ ଛାଡ଼ି ପଳାୟନ କରିଥିଲେ । ବହୁ ପରିମାଣର ଧନସମ୍ପତ୍ତି ମୁସଲମାମାନଙ୍କ କରଗତ ହେଲା । ଅନେକେ ବନ୍ଦୀ ହେଲେ ଏବଂ ଅନ୍ୟ କେତେକଙ୍କୁ ହତ୍ୟା କରଗଲା । ରାଜଧାନୀରୁ ମୁକୁନ୍ଦଦେବ ଅନୁପସ୍ଥିତ ଥିବା ସମୟରେ ଖାଁ-ଇ-ଦୌରନ୍ ରାଜାଙ୍କ ସାନଭାଇ ଭ୍ରମରବରଙ୍କୁ ରାଜା ରୂପେ ନିଯୁକ୍ତ କରିଥିଲେ । ସେଠାରେ କିଛିଦିନ ଅବସ୍ଥାନ କରି ସେ କଟକ ପ୍ରତ୍ୟାବର୍ତ୍ତନ କରିଥିଲେ ।

Digitized by PPRACHIN, SOA

ଏହାପରେ ଅନ୍ୟାନ୍ୟ ଜମିଦାରବର୍ଗ ବିଶେଷ କରି ଖୋର୍ଦ୍ଧା ଆଖପାଖର ଜମିଦାରବୃନ୍ଦ ସାହସ ହରାଇ ନିଜ ନିଜର ପ୍ରତିନିଧିମାନଙ୍କ ମାଧ୍ୟମରେ ଖାଁ-ଇ-ଦୌରାନ୍‌ଙ୍କ ସହିତ ସାକ୍ଷାତ୍ ପାଇଁ ବ୍ୟବସ୍ଥା ଗ୍ରହଣ କଲେ ଏବଂ ସେମାନେ କେତେ ପରିମାଣର ସଲାମୀ ପଇଠ କରିବେ ତାହା ନିଷ୍ପତ୍ତି କରିନେଲେ । ପଳାତକ ରଜା ମୁକୁନ୍ଦଦେବ ମୋଗଲ ସରକାରକୁ ଦେୟ ସଲାମୀ ବକେୟା ରଖି ରଖି ଅବମାନନା-ଜନିତ ନିଜ କୁକର୍ମମାନଙ୍କ ପାଇଁ ଅନୁତାପ କଲେ ଏବଂ ତାଙ୍କୁ ସାକ୍ଷାତ୍ କରିବା ପାଇଁ ନିଜର ଇଚ୍ଛା ପ୍ରକାଶ କରିଥିଲେ । ଜଣାଯାଏ ଯେ ମୁକୁନ୍ଦଦେବ ଏବଂ ଖାଁ-ଇ-ଦୌରାନ୍‌ଙ୍କ ମଧ୍ୟରେ ଏକ ସାକ୍ଷାତ୍‌କାର ଅନୁଷ୍ଠିତ ହୋଇଥିଲା ଓ ମୁକୁନ୍ଦଦେବ ନିଜ ରାଜ୍ୟରେ ରାଜତ୍ୱ କରିବା ପାଇଁ ଅନୁମତି ପାଇଥିଲେ ।

ଏହି ଘଟଣା ପରେ ଓଡ଼ିଶାର ଅନ୍ୟାନ୍ୟ ସର୍ଦ୍ଦାରଙ୍କୁ ଦମନ କରିବା ଖାଁ-ଇ-ଦୌରାନ୍‌ଙ୍କ ପକ୍ଷରେ ସହଜସାଧ୍ୟ ହୋଇଗଲା । କେନ୍ଦୁଝରର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜ ମୋଗଲ କର୍ତ୍ତୃପକ୍ଷଙ୍କୁ ବିରୋଧ କଲେ ଏବଂ ଆନୁଗତ୍ୟ ପ୍ରକାଶ କଲେ ନାହିଁ । ତେଣୁ ସେଠାକୁ ଏକ ମୁସଲମାନ ସେନାବାହିନୀ ପ୍ରେରଣ କରାଯାଇ ତାଙ୍କ ରାଜ୍ୟରେ ଲୁଟ୍‌ତରାଜ କରାଗଲା ଏବଂ ପାଞ୍ଚିରା ଦୁର୍ଗ ଅକ୍ତିଆର କରି ନିଆଗଲା । ରଣପୁର, ମଳିପଡ଼ା ଏବଂ ଡମପଡ଼ାର ଜମିଦାରମାନେ ସଲାମୀ (Tribute) ଦେବାକୁ ସମ୍ମତ ହେଲେ ଏବଂ ମୋଗଲ କର୍ତ୍ତୃପକ୍ଷଙ୍କ ଆନୁଗତ୍ୟ ସ୍ୱୀକାର କଲେ । ମିଆଁ ମହମ୍ମଦ ଜାନଙ୍କ ନେତୃତ୍ୱରେ ପ୍ରେରିତ ସୈନ୍ୟବାହିନୀ କନିକା ଜମିଦାରୀ ଦଖଲ କରି ସେଠାକାର ଜମିଦାରଙ୍କୁ ମୋଗଲ ସରକାରଙ୍କ ନିୟନ୍ତ୍ରଣାଧୀନକୁ ଆଣିଲେ । ବିପୁଳ ପରିମାଣର ରାଜସ୍ୱ ବକେୟା ରହିଥିବାରୁ କୋଇଲି ମଧୁପୁର ଜମିଦାର ରାଉତରାୟଙ୍କୁ ବନ୍ଦୀ କରାଗଲା । ଖ୍ୱାଜା ଖଲିଦ ନାକସବନ୍ଦୀଙ୍କ ନେତୃତ୍ୱରେ କୁଲାଡ଼ ଦୁର୍ଗ ଅବରୋଧ କରାଯାଇ ପ୍ରଚଣ୍ଡ ଆକ୍ରମଣ ଦ୍ୱାରା ଦୁର୍ଗକୁ ଦଖଲ କରି ନିଆଗଲା ଏବଂ ସେଠାକାର କିଲ୍ଲାଦାର ଶ୍ରୀଚନ୍ଦନଙ୍କୁ ବନ୍ଦୀ କରାଗଲା । 'କଇଲକୋଟ' (ଖଲିକୋଟ) ଜମିଦାର ଛୋଟରାୟ ଗୋଳମାଳ ସୃଷ୍ଟିରେ ବ୍ୟାପୃତ ରହିଥିଲେ ଏବଂ ବେଳେ ବେଳେ ବାଣପୁର ରାସ୍ତାରେ ମୋଗଲ ସରକାରଙ୍କ ଅଧୀନସ୍ଥ ସଡ଼କରେ ଘୋଡ଼ାବେପାରୀମାନଙ୍କୁ ଅଟକାଉଥିଲେ । ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ଏବଂ ସେ ମୋଗଲ ସରକାରଙ୍କ ବଶ୍ୟତା ସ୍ୱୀକାର କଲେ । ଖାଁ-ଇ-ଦୌରାନ୍‌ଙ୍କ ଏହିସବୁ ପଦକ୍ଷେପ ଗ୍ରହଣ ଫଳରେ ଓଡ଼ିଶାରେ ମୋଗଲ ସମ୍ରାଟ୍‌ଙ୍କ କର୍ତ୍ତୃତ୍ୱ ପୁନଃ ପ୍ରତିଷ୍ଠିତ ହେଲା । ଶାନ୍ତିଶୃଙ୍ଖଳା ଆସିଲା ଏବଂ ନିୟମିତ ଭାବରେ ସମ୍ରାଟଙ୍କ ରାଜସ୍ୱ ବା ସଲାମୀ ଅସୁଲ ହେଲା । ଆଉରଙ୍ଗଜେବଙ୍କ ପାଖକୁ ସେ ଲେଖି ଜଣାଇଲେ ଯେ "ଅନ୍ୟାନ୍ୟ ପୂର୍ବବର୍ତ୍ତୀ ସୁବାଦାରଙ୍କ ଅପେକ୍ଷା ତାଙ୍କ କାର୍ଯ୍ୟାନୁଷ୍ଠାନର ପରିଣତି ଅତୁଳନୀୟ" । ପୁନଶ୍ଚ ସେ ଗୁରୁତ୍ୱ ଦେଇ

Digitized by PPRACHIN, SOA

ଲେଖିଥିଲେ, "ମୁଁ ଉକ୍ତ ପ୍ରଦେଶର ସବୁ ସତ୍ତ୍ୱବିହୀନ ଖିଲାପଦାର (uscosper), ବିଦ୍ରୋହୀ ଅତ୍ୟାଚାରୀ ଏବଂ ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ଶାସ୍ତି ଦେଇଛି ଏବଂ ସେମାନଙ୍କୁ ବଶ୍ୟତାଧୀନ କରିଛି । ଆମ ଅଫିସରମାନେ ରାଜସ୍ୱ ଅସୁଲ କରୁଛନ୍ତି । ପ୍ରଜାମାନେ ସୁଖଶାନ୍ତିରେ ବାସ କରୁଛନ୍ତି ଏବଂ ବାଣିଜ୍ୟ କାରବାର ଚଳାଇଛନ୍ତି, ଏହି ପ୍ରଦେଶ ସୁଶୃଙ୍ଖଳିତ ଭାବରେ ଶାସିତ ହେଉଛି ।"

ଖାଁ-ଇ-ଦୌରାନ ଜଣେ ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ଅନ୍ୟମାନଙ୍କ ଅପେକ୍ଷା ଧର୍ମପରାୟଣ ଲୋକମାନଙ୍କ ପ୍ରତି ଅଧିକ ଅନୁଗ୍ରହ ପ୍ରକାଶ କରୁଥିଲେ । ସ୍ୱକୀୟ ଧର୍ମମତର ଧର୍ମନିଷ୍ଠ ବ୍ୟକ୍ତି, ବିଦ୍ୱାନ୍ ଏବଂ ଧର୍ମଶାସ୍ତ୍ରଜ୍ଞମାନଙ୍କ ଭରଣପୋଷଣ ତଥା ନିଷ୍କର ଜମିଦାନ ପାଇଁ ସେ ସମ୍ରାଟଙ୍କ ପାଖରୁ ନିର୍ଦ୍ଦେଶ ଆଣୁଥିଲେ ।

ଯଦି କୌଣସି ଧର୍ମପରାୟଣ ବ୍ୟକ୍ତିଙ୍କୁ ଦତ୍ତ ଗ୍ରାମ କାଳକ୍ରମେ ସରକାରୀ ଜମାକୁ ଚାଲିଯାଇଥିଲା ସେ ମୋଗଲ ସମ୍ରାଟଙ୍କ ଠାରୁ ଆଦେଶ ଆଣି ସେ ଗ୍ରାମକୁ ସେ ପୁନର୍ବାର ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଉଥିଲେ । ଆଉ ଏକ ଦୃଷ୍ଟାନ୍ତରୁ ଜଣାଯାଏ ଯେ ସେ ମଦଦ୍-ଇ-ମାଶ୍ ଅନୁଦାନ ଯଥେଷ୍ଟ ହୋଇ ନ ଥିବା ଜନୈକ ଧର୍ମନିଷ୍ଠ ବ୍ୟକ୍ତିଙ୍କୁ ଅତିରିକ୍ତ ଅନୁଦାନ କରାଇ ଦେଇଥିଲେ । ଜନୈକ ତୃତୀୟ ବ୍ୟକ୍ତିଙ୍କୁ ସେ ମଦଦ୍-ଇ-ମାଶ୍ ଅନୁଦାନ ସ୍ୱରୂପ ଏକ ଗ୍ରାମ ଦାନ କରିଥିଲେ । ପୁରାତନ ଅନୁଦାନର ପୁନଃପ୍ରଦାନ, ଅତିରିକ୍ତ ଅନୁଦାନ ବା ନୂତନ ଅନୁଦାନର ପ୍ରବର୍ତ୍ତନ କେବଳ ସମ୍ରାଟଙ୍କ ପ୍ରିୟପାତ୍ର ହୋଇଥିବା ଖାଁ-ଇ-ଦୌରାନ୍‌ଙ୍କ ଭଳି ଜଣେ ଧର୍ମପରାୟଣ ବ୍ୟକ୍ତିଙ୍କ ପ୍ରଚେଷ୍ଟା ଯୋଗୁଁ ସମ୍ଭବ ହୋଇ ପାରିଥିଲା ।

ଆଉରଙ୍ଗଜେବଙ୍କ ପ୍ରେରିତ ମନ୍ଦିରଭଙ୍ଗା ନିର୍ଦ୍ଦେଶନାମା ଖାଁ-ଇ-ଦୌରାନ୍‌ଙ୍କ ଦ୍ୱାରା ଯଥାର୍ଥଭାବେ ଆକ୍ଷରିକ ଅର୍ଥରେ କାର୍ଯ୍ୟକାରୀ ହୋଇଥିଲା । ଏହା ଫଳରେ କେତେକ ନୂଆ ମନ୍ଦିର ଯେ କେବଳ ଭାଙ୍ଗି ଦିଆଯାଇଥିଲା ତା' ନୁହେଁ, ଅଧିକନ୍ତୁ ନୂତନ ମନ୍ଦିରର ଧ୍ୱଂସାବଶେଷ ଉପରେ କେତେକ ମସ୍‌ଜିଦ୍ ମଧ୍ୟ ନିର୍ମାଣ କରାଯାଇଥିଲା ।

ଜଣାଯାଏ ଯେ ଖାଁ-ଇ-ଦୌରାନ୍‌ଙ୍କ ପରେ ଏକରାମ୍ ଖାଁ ଗଭର୍ଣ୍ଣର ରୂପେ ଶାସନ କରିଥିଲେ । ଜଗନ୍ନାଥଙ୍କ ସେବା ପୂଜାରେ ବାଧା ସୃଷ୍ଟି କରିବାରେ ସେ ଅଧିକ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ତାଙ୍କୁ ଲାଞ୍ଚ (ରିସ୍‌ପତ) ଦିଆଗଲେ ସେ ପ୍ରତିବନ୍ଧକ ଉଠାଇ ଦେଇ ପାରୁଥିଲେ ଏବଂ ଜଗନ୍ନାଥଙ୍କ ସେବା ପୂଜା କ୍ଷେତ୍ରରେ ଆଉ ହସ୍ତକ୍ଷେପ ନ ହୋଇ ତାହା ଅବିଚ୍ଛିନ୍ନ ଭାବରେ ସମ୍ପାଦିତ ହେଉଥିଲା ।

ଓଡ଼ିଶାରେ ଆଉରଙ୍ଗଜେବଙ୍କ ରାଜତ୍ୱ ଦୁଇଟି କାରଣରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ରଥମତଃ ଶାନ୍ତିଶୃଙ୍ଖଳା ପୁନଃପ୍ରତିଷ୍ଠା ଏବଂ ନିୟମିତ ଭାବେ ରାଜସ୍ୱ ଅସୁଲ ସକାଶେ ବିଦ୍ରୋହୀ ସର୍ଦ୍ଦାର ତଥା ଜମିଦାରମାନଙ୍କ ଦମନ, ଦ୍ୱିତୀୟତଃ ନୂତନ ମନ୍ଦିର ନିର୍ମାଣ

Digitized by PPRACHIN, SOA

ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ । କାରଣ ଆଉରଙ୍ଗଜେବ ଭାବୁଥିଲେ ଯେ ଏହା ଫଳରେ ହିନ୍ଦୁଧର୍ମ ଆଉ ଅଧିକ ବିକାଶ ଲାଭ କରିପାରିବ ନାହିଁ । ମାତ୍ର ପ୍ରଥମ କାର୍ଯ୍ୟାନୁଷ୍ଠାନର ଲକ୍ଷ୍ୟ ଭଲ ଭାବରେ ପୂରଣ ହୋଇ ପାରିଥିଲା । କାରଣ ଜମିଦାର ବା ସର୍ଦ୍ଦାରମାନେ ଅଧିକରୁ ଅଧିକ ବଶ୍ୟତା ସ୍ୱୀକାର କରିଥିଲେ ଏବଂ ଦେୟ ନିୟମିତ ଭାବରେ ଦେବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ଦ୍ୱିତୀୟ ପଦକ୍ଷେପରେ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ସାଧିତ ହୋଇପାରି ନ ଥିଲା । କାରଣ ତାଙ୍କ ରାଜତ୍ୱ କାଳରେ ନୂତନ ମନ୍ଦିର ନିର୍ମିତ ହୋଇ ନ ଥିଲେ ମଧ୍ୟ ବିଭିନ୍ନ ମଠ ପ୍ରତିଷ୍ଠା ଏବଂ ସେସବୁରେ ସେବାପୂଜା ଅବ୍ୟାହତ ରହିବା ଫଳରେ ହିନ୍ଦୁଧର୍ମ ଆତ୍ମବିକାଶ ଲାଭ କରି ନିଜର ସତ୍ତା ବଜାୟ ରଖିପାରିଥିଲା ।

(୬)

ମୁର୍ଶିଦ କୁଲ ଖାଁ-୧

ମୁର୍ଶିଦ କୁଲି ଖାଁ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବାଳକ ଅବସ୍ଥାରେ ତାଙ୍କୁ ହାଜିସାଫି ଇସ୍‌ଫାହାନି ନାମକ ଜଣେ ମୁସଲମାନଙ୍କୁ ବିକ୍ରୀ କରି ଦିଆଯାଇଥିଲା ଓ ସେ ତାଙ୍କର ନାମ ମହମ୍ମଦ ହାଡ଼ି ଦେଇଥିଲେ । ସେ ହାଜିଙ୍କର ପୁଅ ରୂପେ ଲାଳିତପାଳିତ ହୋଇଥିଲେ ଓ ତାଙ୍କୁ ପର୍ଶିଆ ପଠାଯାଇଥିଲା । ପର୍ଶିଆରେ ସେ ଉଲ୍ଲେଖନୀୟ ଧୀଶକ୍ତି ଓ ଅଧ୍ୟବସାୟ ପ୍ରଦର୍ଶନ କରିଥିଲେ । ନିଜର ଦକ୍ଷତା ଓ ଯୋଗ୍ୟତା ବଳରେ ସେ ଲୋକଲୋଚନକୁ ଆସିଥିଲେ ଏବଂ ଦକ୍ଷ ଅଫିସର ଭାବରେ ସ୍ୱୀକୃତି ଲାଭ କରିଥିଲେ । ପର୍ଶିଆରୁ ଫେରିବା ପରେ ତାଙ୍କର ଅସାଧାରଣ ଦକ୍ଷତା ବିଷୟ ସମ୍ରାଟ ଆଉରଙ୍ଗଜେବଙ୍କ ଗୋଚରକୁ ଆସିଥିଲା । ସେ ତାଙ୍କୁ ସାମରିକ ବିଭାଗ ଚାକିରିରେ ଭର୍ତ୍ତି କଲେ ଏବଂ ତାଙ୍କୁ ହାଇଦରବାଦର ଦିଓ୍ୱାନ ଓ ୧୬୯୮ ଖ୍ରୀଷ୍ଟାବ୍ଦରେ ୟେଲକୋଣ୍ଡାଲର ଫଉଜଦାର ରୂପେ ନିଯୁକ୍ତି ଦେଇଥିଲେ । ବଙ୍ଗଳାରେ ଜଣେ ଅତି ଦକ୍ଷ ଅଫିସରଙ୍କ ଆବଶ୍ୟକତା ଉପଲବ୍‌ଧ ହେବାରୁ ୧୭୦୧ ଖ୍ରୀଷ୍ଟାବ୍ଦ ଜୁଲାଇ ତିନି ତାରିଖରେ ମୁର୍ଶିଦ କୁଲିଙ୍କୁ ମାଖସୁଦାବାଦ, ମିଦିନାପୁର ଓ ବର୍ଦ୍ଧମାନର ଫଉଜଦାର ରୂପେ ନିଯୁକ୍ତ କରଗଲା । ୧୭୦୩ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୨୧ ତାରିଖ ଦିନ ତାଙ୍କୁ ଓଡ଼ିଶାର ଡେପୁଟି ସୁବାଦାର ଏବଂ ପରେ ବଙ୍ଗଳାର ଫଉଜଦାର ପଦବୀ ସାଙ୍ଗକୁ ଓଡ଼ିଶାର ଖୋଦ୍ ସୁବାଦାର ଭାବରେ ନିଯୁକ୍ତି ଦିଆଯାଇଥିଲା ।

Digitized by PPRACHIN, SOA

ମୁର୍ଶିଦ୍ କୁଲି ଖାଁ କେଉଁ ପରିସ୍ଥିତିରେ ଓଡ଼ିଶାର ସୁବାଦାର ପଦବୀ ଲାଭ କଲେ ତାହା ଏଠାରେ ଉଲ୍ଲେଖନୀୟ । ଯୁବରଜ ମହମ୍ମଦ ଅଜିମ-ଉସ୍-ଶାନ (ସାଧାରଣରେ ଅଜିମ୍-ଉସ୍-ଶାନ ନାମରେ ପରିଚିତ) ବଙ୍ଗଳାର ସୁବାଦାର ଥିବା ସମୟରେ ଆଉରଙ୍ଗଜେବ ଦକ୍ଷ ମୁର୍ଶିଦ କୁଲି ଖାଁ'ଙ୍କୁ ସେହି ପ୍ରଦେଶର ଜନୈକ ଦେଓ୍ୱାନ ରୂପେ ନିଯୁକ୍ତ କରିଥିଲେ । କାରଣ ଯୁବରଜ ଅତ୍ୟନ୍ତ ଆଳସ୍ୟପରାୟଣ ଏବଂ ବିଳାସବ୍ୟସନପ୍ରିୟ ଥିଲେ ଏବଂ ଜୀବନର ବହୁ ମୂଲ୍ୟବାନ ଓ ଅତ୍ୟନ୍ତ ଆବଶ୍ୟକୀୟ ସାମଗ୍ରୀର ଏକଚାଟିଆ ବ୍ୟବସାୟରେ ଅନେକ ସମୟରେ ବ୍ୟାପୃତ ରହୁଥିଲେ । ଏହି ଏକଚାଟିଆ କାରବାର, ଅନୁମୋଦିତ ପରିମାଣର ଦରମା ଓ ଭତ୍ତା ଅପେକ୍ଷା ଅଧିକ ଅର୍ଥଉଠାଣ ଏବଂ ଦାୟିତ୍ୱହୀନ ଭାବରେ ଅର୍ଥର ଅପବ୍ୟୟ ସାମ୍ରାଜ୍ୟର ସ୍ୱାର୍ଥ ପ୍ରତି ବ୍ୟାଘାତ ସୃଷ୍ଟି କରୁଥିଲା । ପ୍ରାୟ ଶୂନ୍ୟ ପଡ଼ିଥିବା ରାଜକୋଷକୁ ଅଧିକ ପରିମାଣର ଅର୍ଥ ଯୋଗାଣ ଉଦ୍ଦେଶ୍ୟରେ ଯଥୋଚିତ ଟଙ୍କା ସଞ୍ଚୟ କରି ଓ ଘରୋଇ କାରବାର ତଥା ସାମ୍ରାଜ୍ୟର କ୍ଷତି ଘଟାଉଥିବା ଏଭଳି ଅନିୟମିତ କାର୍ଯ୍ୟକଳାପ ବନ୍ଦ କରି, ବଙ୍ଗଳାର ରାଜସ୍ୱକୁ ଠିକ୍ ବାଟରେ ଚଳୁ କରିବା ପାଇଁ ଆଉରଙ୍ଗଜେବ ମୁର୍ଶିଦ କୁଲି ଖାଁ'ଙ୍କୁ ଦିଓ୍ୱାନ ଭାବରେ ନିର୍ଦ୍ଦେଶ ଦେଇଥିଲେ । ତେଣୁ ମୁର୍ଶିଦ କୁଲି ଖାଁ ଯୁବରାଜଙ୍କ ବଦଖର୍ଚ୍ଚର ବାଟ ବନ୍ଦ କରିବାକୁ ଲାଗିଲେ । ଏଥିରେ ଅଜିମ-ଉସ୍-ଶାନ୍ କ୍ରୋଧାନ୍ୱିତ ହୋଇ ନିଜର ପ୍ରାପ୍ୟ ଅର୍ଥ ପାଇ ନ ଥିବା କେତେକ ସୈନ୍ୟଙ୍କ ସହାୟତାରେ ତାଙ୍କୁ ହତ୍ୟା କରିବା ପାଇଁ ଏକ ଚକ୍ରାନ୍ତ କଲେ । କିନ୍ତୁ, ମୁର୍ଶିଦ କୁଲି ଖାଁ'ଙ୍କ ସତର୍କତା ଯୋଗୁ ଏହି ଚକ୍ରାନ୍ତ ବିଫଳ ହୋଇ ଯାଇଥିଲା । ଯୁବରାଜଙ୍କ ଏହି ଦୁଷ୍କର୍ମ ସମ୍ରାଟଙ୍କୁ ଯଥାଯଥଭାବେ ଅବଗତି କରାଇ ଦିଆଗଲା । ଏଥିରେ ସମ୍ରାଟ ଯୁବରାଜଙ୍କୁ ତାଗିଦ୍ ଓ ସାବଧାନ କରାଇ ଦେଲେ ଏବଂ ମୁର୍ଶିଦ କୁଲି ଖାଁ'ଙ୍କ ମୁଣ୍ଡର ଗୋଟିଏ ମାତ୍ର କେଶ କ୍ଷତିଗ୍ରସ୍ତ ହେଲେ, ତାଙ୍କ ବିରୁଦ୍ଧରେ ଗୁରୁତ୍ୱର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧମକ୍ ଦେଇଥିଲେ । ଏହି ଘଟଣା ଯୁବରାଜ ଏବଂ ମୁର୍ଶିଦ କୁଲି ଖାଁ'ଙ୍କ ମଧ୍ୟରେ ଥିବା ସମ୍ପର୍କକୁ ତିକ୍ତ କରିଦେଇଥିଲା । ଏଭଳି ପରିସ୍ଥିତି ଉପୁଜିଥିବା ବେଳେ ୧୭୦୨ ମସିହା ଶେଷଆଡ଼କୁ ଓଡିଶାର ସୁବାଦାର ଅସ୍କାର ଖାଁ'ଙ୍କର ମୃତ୍ୟୁ ଘଟିଲା । ସମ୍ରାଟଙ୍କ ଏକ ନିର୍ଦ୍ଦେଶନାମାରେ ଏହି ଖାଲି ପଡ଼ିଥିବା ଦାୟିତ୍ୱରେ ଅଜିମ୍-ଉସ୍-ଶାନଙ୍କୁ ଅବସ୍ଥାପିତ କରାଗଲା । ସୁବଦାରଙ୍କ ସହିତ ମୁର୍ଶିଦ କୁଲି ଖାଁ'ଙ୍କର ଆଗରୁ ସୁସମ୍ପର୍କ ନ ଥିଲା । ତେଣୁ ମୁର୍ଶିଦ କୁଲି ଖାଁ ତାଙ୍କ ବିରୁଦ୍ଧରେ ସମ୍ରାଟଙ୍କ ଆଗରେ ପ୍ରତିବାଦ ଜଣାଇଲେ । ଓଡ଼ିଶାର ସୁବାଦାର ରୂପେ ଅଜିମ୍-ଉସ୍-ଶାନ୍‌ଙ୍କ ନିଯୁକ୍ତିକୁ ବାତିଲ କରି ଦିଆଗଲା । ବଙ୍ଗଳାର ଦିଓ୍ୱାନ (ସେ ମଧ୍ୟ ଓଡ଼ିଶାର ଦିଓ୍ୱାନ ଥିଲେ) ଓଡ଼ିଶା ପ୍ରଦେଶର ପ୍ରଶାସନିକ ଦାୟିତ୍ୱରେ ରହିଲେ । କିନ୍ତୁ ସେତେବେଳେ ଯୁବରଜଙ୍କୁ ଅପମାନିତ ନ କରିବାକୁ ଏବଂ

Digitized by PPRACHIN, SOA

ତାଙ୍କ ମର୍ଯ୍ୟାଦା କ୍ଷୁଣ୍ଣ ନ କରିବାକୁ ତାଙ୍କୁ କେବଳ ନାଏବ ସୁବାଦାର ଓ ଓଡ଼ିଶାର ଫଉଜଦାର ବୋଲି ଡକାଯାଉଥିଲା । କେତେ ମାସ ପରେ ପ୍ରକୃତ ଉଦ୍ଦେଶ୍ୟ ସୁସ୍ପଷ୍ଟ ହୋଇଗଲା ଓ ମୁର୍ଶିଦ୍ କୁଲି ଖାଁ ଓଡ଼ିଶାର ସୁବାଦାର ରୂପେ ନିଯୁକ୍ତି ପାଇଥିଲେ ।

ଓଡ଼ିଶାରେ ତାଙ୍କ ରାଜତ୍ୱ ସମୟ ଧାରବାହିକ ନ ଥିଲା । ୧୭୦୩ ମସିହାରେ ତାଙ୍କ ରାଜତ୍ୱର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇ ୧୭୦୮ ରେ ଅବସାନ ଘଟିଲା । ଦ୍ୱିତୀୟ ପର୍ଯ୍ୟାୟ ରାଜତ୍ୱ ୧୭୧୪ ମସିହାରେ ଆରମ୍ଭ ହୋଇ ୧୭୨୭ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ଏହି ମଧ୍ୟବର୍ତ୍ତୀ ସମୟରେ ସେ ଢାକାରେ ମୁତୟନ ଥିଲେ ଏବଂ କିଛି କାଳ ପାଇଁ କେବଳ ବଙ୍ଗଳାର ଦିଓ୍ୱାନ ରୂପେ ନିଯୁକ୍ତ ହୋଇଥିଲେ ।

ମୁର୍ଶିଦ କୁଲି ଖାଁଙ୍କର ବଙ୍ଗଳା, ବିହାର ଏବଂ ଓଡ଼ିଶାରେ ଆର୍ଥନୀତିକ ପରିଚାଳନା କ୍ଷେତ୍ରରେ ସାଧୁତା, ଦକ୍ଷତା ଓ ଅଭିଜ୍ଞତା ଥିବାରୁ ଆଉରଙ୍ଗଜେବ ତାଙ୍କୁ ଜଣେ କୃତୀ ଦିଓ୍ୱାନ ରୂପେ ପସନ୍ଦ କରୁଥିଲେ । ତାଙ୍କୁ ବିଶେଷ ଭଲ ପାଉଥିଲେ । ୧୭୦୪ ମସିହାରେ ସେ ଲେଖିଥିଲେ, "ବଙ୍ଗଳା ଓ ବିହାରର ଦିଓ୍ୱାନ ଏବଂ ଓଡ଼ିଶାର ନାଜିମ ତଥା ଦିଓ୍ୱାନ ଭାବରେ ସେହି ଜଣେ ମାତ୍ର ବ୍ୟକ୍ତିଙ୍କର ହିଁ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି । ଏତେଗୁଡ଼ାଏ କାର୍ଯ୍ୟ ତୁଲାଇବା ପାଇଁ ମୋ ନିଜର ମଧ୍ୟ ଦକ୍ଷତା ନାହିଁ । ବୋଧହୁଏ କେବଳ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଜଣେ ବ୍ୟକ୍ତି ଏହିସବୁ କାର୍ଯ୍ୟ ପାଇଁ ଉପଯୁକ୍ତ ଓ ଉଦ୍ଦିଷ୍ଟ ।"

ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ ବାହାଦୂର ଶାହା ମୋଗଲ ସାମ୍ରାଜ୍ୟର ସିଂହାସନ ଅଧିକାର କରି ରାଜ୍ୟର ଦପ୍ତରମାନ ପୁନର୍ବଣ୍ଟନ କଲେ । ପୁତ୍ର ଅଜିମ୍-ଉସ୍-ଶାନ ନିଜ ବୃଦ୍ଧ ପିତାଙ୍କ ଉପରେ ଆଧିପତ୍ୟ ଜାହିର କରିବାରେ ସଫଳ ହେଲେ ଏବଂ ପିତାମହ (grand father)ଙ୍କ ରାଜତ୍ୱକାଳରେ ବଞ୍ଚିତ ହୋଇଥିବା ସମସ୍ତ ବିଷୟ ନିଜ ହାତକୁ ଆଣି ମୁର୍ଶିଦ କୁଲି ଖାଁଙ୍କ ଉପରେ ପ୍ରତିଶୋଧ ନେଲେ । ମୁର୍ଶିଦ କୁଲି ଖାଁଙ୍କୁ କେବଳ ଯେ ବଙ୍ଗଳାର ନାଏବ ନାଜିମ ପଦବୀରୁ ଅନ୍ତର କରାଗଲା ତା' ନୁହେଁ ଓଡ଼ିଶାର ସୁବାଦାର ଭାବରେ ତାଙ୍କ ସ୍ଥାନରେ ଫାରୁଖ୍ ସିୟାରଙ୍କୁ ନିଯୁକ୍ତି ଦିଆଗଲା । ମୁର୍ଶିଦ କୁଲି ଖାଁଙ୍କୁ ଦାକ୍ଷିଣାତ୍ୟର ଦିଓ୍ୱାନ-ରୂପେ ବଦଳି କରାଗଲା ଏବଂ ୧୭୦୮ ଓ ୧୭୦୯ ମସିହା ପର୍ଯ୍ୟନ୍ତ ତାଙ୍କୁ ବଙ୍ଗଳା ବାହାରେ ରଖା ଯାଇଥିଲା ।

୧୭୧୨ ମସିହାରେ ବଙ୍ଗଳା, ବିହାର ଏବଂ ଓଡ଼ିଶାର ସୁବାଦାର ରୂପେ ଆନୁଷ୍ଠାନିକ ଭାବରେ କାର୍ଯ୍ୟ କରୁଥିବା ଅଜିମ୍-ଉସ୍-ଶାନ୍ ନିହତ ହେଲେ । ସେହି ବର୍ଷ ବାହାଦୂର ଶାହାଙ୍କ ମୃତ୍ୟୁ ଫଳରେ ସିଂହାସନ ଆରୋହଣ ସକାଶେ ତାଙ୍କ ପୁଅମାନଙ୍କ ମଧ୍ୟରେ ସଂଘର୍ଷ ଉପୁଜି ଥିଲା । ଜାହାନ୍ଦର ଶାହା ନିଜକୁ ସମ୍ରାଟ ବୋଲି ଘୋଷଣା କରି ଦିଲ୍ଲୀରେ ପ୍ରବେଶ କଲେ । ମାତ୍ର ଅଜିମ୍-ଉସ୍-ଶାନ୍‌ଙ୍କ ପୁଅ ଫାରୁକ୍ ସିୟାର ଗାଦି ହାସଲ

Digitized by PPRACHIN, SOA

ପାଇଁ ଦାବି ଉପସ୍ଥାପିତ କଲେ । ପରିଶେଷରେ ୧୭୧୩ ମସିହାରେ ଅବ୍‌ଦୁଲ୍ଲ ଏବଂ ହୁସେନ୍ ଅଲିଙ୍କ ସହାୟତାରେ ଫାରୁକ୍ ସିୟାର ଗାଦିର ଉତ୍ତରାଧିକାରୀ ହେଲେ । ଗାଦି ପାଇଁ ହୋଇଥିବା ଦ୍ୱନ୍ଦ୍ୱରେ ମୁର୍ଶିଦ କୁଲି ଫାରୁକ୍ ସିୟାରଙ୍କୁ ସାହାଯ୍ୟ ନ କରିଥିଲେ ମଧ୍ୟ ସେ ନୂତନ ସମ୍ରାଟ୍‌ଙ୍କୁ ଯଥାରୀତି ଉପହାର ଦେଇ ଏବଂ ନିଜ ପ୍ରଦେଶରୁ ନିୟମିତ ଭାବରେ ରାଜସ୍ୱ ଆଦାୟ କରି ତାଙ୍କ ନିକଟକୁ ପଠାଇଥିଲେ । ସମ୍ରାଟ ସେ ସମୟରେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିଲେ ଓ ମୁର୍ଶିଦ କୁଲି ଖାଁକୁ କାର୍ଯ୍ୟରେ ଲଗାଇଲେ ତାଙ୍କର ବିଶେଷ ସୁବିଧା ହେବ ବୋଲି ଭାବିଥିଲେ । ତେଣୁ ସେ ତାଙ୍କୁ ବଙ୍ଗଳାର ଦିଓ୍ୱାନ ରୂପେ ମୁକରିର କରିଦେଲେ ଏବଂ ୧୭୧୩ ଖ୍ରୀଷ୍ଟାବ୍ଦରେ ତାଙ୍କୁ ବଙ୍ଗଳାର ଡେପୁଟି ସୁବାଦାର ରୂପେ ନିଯୁକ୍ତ କଲେ । ୧୭୧୪ ଖ୍ରୀଷ୍ଟାବ୍ଦ ମଇ ମାସ ୬ ତାରିଖରେ ସେ ତାଙ୍କ ଉପରେ ଓଡ଼ିଶାର ସୁବାଦାର ଦାୟିତ୍ୱ ନ୍ୟସ୍ତ କରିଥିଲେ ।

୧୭୧୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ସୁବାଦାର ଦାୟିତ୍ୱ ସାଙ୍ଗକୁ ତାଙ୍କୁ ବଙ୍ଗଳାର ସୁବାଦାର ରୂପେ ମଧ୍ୟ ନିଯୁକ୍ତି ମିଳିଲା । ମାତ୍ର ବଙ୍ଗଳାର ସମସ୍ତ ବ୍ୟାପାରରେ ସେ ବ୍ୟାପୃତ ରହୁଥିବା ହେତୁ ସେ ଓଡ଼ିଶାର ଶାସନ ଦାୟିତ୍ୱ ସୁଚାରୁରୂପେ ତୁଲାଇ ପାରିଲେ ନାହିଁ । ତେଣୁ ସେ ନିଜର ଜାମାତା ସୁଜା-ଉଦ୍ଦିନ-ମହମ୍ମଦ ଖାଁ (ସୁଜା-ଉଦ୍-ଦୁଲ୍ଲା ଅସଦ ଜଙ୍ଗ ନାମରେ ପରିଚିତ)ଙ୍କୁ ଓଡ଼ିଶାରେ ତାଙ୍କର ଡେପୁଟି ଭାବରେ ନିଯୁକ୍ତ କରିଥିଲେ ।

ମୁର୍ଶିଦ କୁଲି ଖାଁଙ୍କ କନ୍ୟା ଏବଂ ଜାମାତାଙ୍କ ମଧ୍ୟରେ ମନୋମାଳିନ୍ୟ ଏବଂ ମତାନ୍ତର ହେତୁ ସୁଜାଉଦ୍ଦିନଙ୍କ ପ୍ରତି ମୁର୍ଶିଦ କୁଲି ଖାଁଙ୍କର କ୍ରମଶଃ ତିକ୍ତତା ବୃଦ୍ଧି ପାଇଲା । ସୁଜାଉଦ୍ଦିନଙ୍କ ସ୍ଥାନରେ ନିଜ ନାତି ସରଫରାଜଙ୍କୁ ନିଜ ମୃତ୍ୟୁ ପୂର୍ବରୁ ନିଯୁକ୍ତ କରିବା ପାଇଁ ସମ୍ରାଟଙ୍କ ପାଖରୁ ଏକ ନିର୍ଦ୍ଦେଶନାମା ପାଇବା ସକାଶେ ସେ ଏକ ଯୋଜନା ପ୍ରସ୍ତୁତ କଲେ । କିନ୍ତୁ ଦିଲ୍ଲୀ ଦରବାରରେ ସୁଜାଉଦ୍ଦିନଙ୍କ ସତର୍କତା ଏବଂ ପ୍ରଭାବ ଯୋଗୁଁ ମୁର୍ଶିଦ୍ କୁଲିଙ୍କର ଏହି ଯୋଜନା ସଫଳ ହୋଇପାରି ନ ଥିଲା । ବୃଦ୍ଧ ମୁର୍ଶିଦ୍ ବିଫଳ-ମନୋରଥ ହୋଇ ୧୭୨୭ ଖ୍ରୀଷ୍ଟାବ୍ଦ ଜୁନ ମାସ ୩୦ ତାରିଖରେ ମୃତ୍ୟୁବରଣ କରିଥିଲେ ।

ମୁର୍ଶିଦ କୁଲି ଖାଁଙ୍କ ରାଜସ୍ୱ ପଦ୍ଧତି

ଓଡ଼ିଶାରେ ମୁର୍ଶିଦ କୁଲିଙ୍କ ରାଜସ୍ୱ ପ୍ରଶାସନ ବ୍ୟବସ୍ଥା ସାଧାରଣତଃ ତାଙ୍କ ଜାମାତା ସୁଜାଉଦ୍ଦିନ ମହମ୍ମଦ ଖାଁଙ୍କ ଜରିଆରେ ପରିଚାଳିତ ହେଉଥିଲା । ଦକ୍ଷ ରାଜସ୍ୱ ପ୍ରଶାସନ ସକାଶେ ମୁର୍ଶିଦ୍ କୁଲି ପ୍ରତିଭାବାନ ହିନ୍ଦୁ ଲୋକଙ୍କୁ ପସନ୍ଦ କରୁଥିଲେ । ରାଜସ୍ୱ ସମ୍ପର୍କୀୟ ବିଭିନ୍ନ ବ୍ୟାପାରରେ ପାର୍ଶୀ ଭାଷାରେ ଦକ୍ଷତା ଅର୍ଜନ କରିଥିବା ଏବଂ ମୁସଲମାନ ଆଚରଣ ସହିତ ଅବହିତ ଥିବା ହିନ୍ଦୁ ଦିଓ୍ୱାନ ଓ ହିନ୍ଦୁ କାନୁନ୍‌ଗୋମାନଙ୍କୁ ସେ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେଉଥିଲେ । ତେଣୁ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ରୂପେ ସୁଜା

Digitized by PPRACHIN, SOA

ନିଯୁକ୍ତ ହେବା ସମୟରେ ପ୍ରଶାସନିକ ବ୍ୟାପାରରେ ତାଙ୍କୁ ସହାୟତା କରିବା ପାଇଁ ଭୂପତି ରାୟ ଏବଂ କିଶୋର ରାୟ ନାମକ ଦୁଇଜଣ ବ୍ରାହ୍ମଣ ତାଙ୍କର ସେକ୍ରେଟାରୀ ରୂପେ ଅବସ୍ଥାପିତ ହୋଇଥିଲେ ।

ବଙ୍ଗଳାର ସୁବାଦାର ରୂପେ ନିଯୁକ୍ତ ହେବା ପରେ ମୁର୍ଶିଦ କୁଲି ଖାଁ ଦେଖିବାକୁ ପାଇଲେ ଯେ ମୁଖ୍ୟତଃ ଅଫିସରମାନଙ୍କୁ ଦରମା ବାବଦରେ ଜାଗିର ଜମି ଦିଆ ଯାଇଥିବା ଦୃଷ୍ଟିରୁ ସରକାର ଯଥେଷ୍ଟ ଆୟ ପାଇପାରୁ ନାହାନ୍ତି, କାରଣ ଅନେକ ସରକାରୀ କାର୍ଯ୍ୟରେ ଅବହେଳା କରି ଜାଗିରି ଜମିର ସଦ୍‌ବ୍ୟବହାର କରୁ ନାହାନ୍ତି, ତେଣୁ ରାଜସ୍ୱ ବୃଦ୍ଧି ସକାଶେ ସେ ଏକ ପଦକ୍ଷେପ ଗ୍ରହଣ କଲେ । ଅଯଥା ଖର୍ଚ୍ଚ ଏବଂ ଅପବ୍ୟୟ ରୋକିବା ପାଇଁ ସେ ଅନେକ ଗଣ୍ଡଗୋଳିଆ ସୃଷ୍ଟିକାରୀ ଅନାବଶ୍ୟକ ଜମିଦାରଙ୍କୁ ସେମାନଙ୍କ ଜାଗିରରୁ ଉଚ୍ଛେଦ କରିଥିଲେ । ବଙ୍ଗଳାର ରାଜସ୍ୱ ବୃଦ୍ଧି ଦେଖାଇବା ପାଇଁ ଅନେକ ଜାଗିରି ଜମିକୁ ସରକାରଙ୍କ ନିୟନ୍ତ୍ରଣାଧୀନକୁ ଆଣି ଖାଲସାରେ ପରିଣତ କରିଥିଲେ । ଯେଉଁ କେତେକ ବଙ୍ଗଳା ଜମିଦାର ଜାଗିରିରୁ ବଞ୍ଚିତ ହେଲେ ତତ୍‌ପରିବର୍ତ୍ତରେ ସେମାନଙ୍କୁ ଓଡ଼ିଶା ପ୍ରଦେଶର ଅନୁନ୍ନତ ପାହାଡ଼ିଆ ତଥା ଅନାଦାୟଗ୍ରସ୍ତ ଜମି ଜାଗିରି ସ୍ୱରୂପ ଦେଇଥିଲେ । ବାହାରୁ ଅର୍ଥାତ୍ ବଙ୍ଗଳାରୁ ବହୁ ଜାଗିରଦାରଙ୍କ ଓଡ଼ିଶା ପ୍ରବେଶ ପୂର୍ବାପେକ୍ଷା ତେଣୁ ଅଧିକ ହେଲା । ଏଥିରୁ ଜଣାଯାଏ ଯେ ବଙ୍ଗଳାରେ ଯେଉଁ ରାଜସ୍ୱ ନୀତି ପ୍ରୟୋଗ କରାଯାଉଥିଲା, ଓଡ଼ିଶା ଉପରେ ତା'ର ପ୍ରଭାବ ଓ ପ୍ରତିକ୍ରିୟା ପଡ଼ୁଥିଲା । କେତେକ ଶାସନଗତ ଅସୁବିଧା ଦୃଷ୍ଟିରୁ ବା ବଙ୍ଗଳା ସୁବାର ଅଧିକ ପରିମାଣ ରାଜସ୍ୱ ଅସୁଲ ଦର୍ଶାଇବା ଲକ୍ଷ୍ୟରେ ମୁର୍ଶିଦ କୁଲି ମିଦିନାପୁର ଜିଲ୍ଲା (ଚକଲା)କୁ ଓଡ଼ିଶା ସୁବାରୁ ପୃଥକ୍ କରି ବଙ୍ଗଳା ସହିତ ସାମିଲ କରି ଦେଇଥିଲେ ।

ବଙ୍ଗଳାରେ ହୋଇଥିବା ବନ୍ଦୋବସ୍ତ ଢାଞ୍ଚାରେ ମୁର୍ଶିଦ କୁଲି ଖାଁ ଓଡ଼ିଶାରେ ବନ୍ଦୋବସ୍ତ ସଂଶୋଧନ କରିଥିଲେ । ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ଗୋଆଲପଡ଼ା, ମାଲଘୋଟିଆ, ମଜକୁରି, ଜଳେଶ୍ୱର, ରେମୁଣା ଓ ବସ୍ତା ନାମକ ଛ'ଗୋଟି ସରକାର ବନ୍ଦୋବସ୍ତ ଅଧୀନକୁ ଅଣାଯାଇଥିଲା । ଏହି ରାଜସ୍ୱ ବନ୍ଦୋବସ୍ତକୁ 'କମିଲ ତୁମର ଜମା' ନାମରେ ନାମିତ କରାଯାଇଥିଲା ଏବଂ ମହମ୍ମଦ ଶାହାଙ୍କ ରାଜତ୍ୱକାଳରେ ୧୭୨୨ ଖ୍ରୀଷ୍ଟାବ୍ଦରେ ଏହା ସମ୍ପୂର୍ଣ୍ଣ ହୋଇଥିଲା । ବାଲେଶ୍ୱର ବନ୍ଦର ଏବଂ ହିଜ୍‌ଲି ଏହି ବନ୍ଦୋବସ୍ତରେ ଅନ୍ତର୍ଭୁକ୍ତ ହୋଇଥିଲା ।

ରାଜସ୍ୱ ଅସୁଲ ନିମନ୍ତେ ମୁର୍ଶିଦ କୁଲି ଅଭିଜ୍ଞ ତଥା ସଚ୍ଚୋଟ ଖଜଣା ଅସୁଲକାରୀମାନଙ୍କୁ ଜମିଦାରଙ୍କ ମାହାଲଗୁଡ଼ିକୁ ପଠାଇଥିଲେ ଏବଂ ସେମାନଙ୍କ ଜରିଆରେ ମୋଗଲ ସରକାରଙ୍କ ବକେୟା ଖଜଣା ଅସୁଲ ନିମନ୍ତେ ଚାପ ପ୍ରୟୋଗ କରିଥିଲେ । ବିଶେଷ କରି

Digitized by PPRACHIN, SOA

ସେ ନାନ୍‌କର ସ୍ୱତ୍ତ୍ୱରୁ ପାଉଥିବା ଆୟର ଲାଭକୁ ସୀମିତ କରି ଦେଇଥିଲେ । ନାନ୍‌କର ଥିଲା ଜମିଦାରଙ୍କ ପାଇଁ ଏକ ପ୍ରକାର ଭରଣପୋଷଣ ଭତ୍ତା । ଏତଦ୍‌ବ୍ୟତୀତ ଜଙ୍ଗଲରୁ ଶିକାର କରିବା ଓ କାଠ କାଟିବା ଏବଂ ନଦୀ ଓ ହ୍ରଦମାନଙ୍କରୁ ମାଛ ମାରି ପାରିବାର ସୁବିଧା ସୁଯୋଗ ମଧ୍ୟ ଜମିଦାରଙ୍କୁ ଦିଆଯାଇଥିଲା ।

ତାଙ୍କ ନିର୍ଦ୍ଦେଶରେ ଅମିଲ (ଖଜଣା ଅସୁଲକାରୀ) ପରଗଣାର ପ୍ରତ୍ୟେକ ଗ୍ରାମକୁ ସିକ୍‌ଦାର ଓ ଅମିନମାନଙ୍କୁ ପଠାଇ ଆବାଦୀ ତଥା ଅନାବାଦୀ ଜମିଗୁଡ଼ିକ ମାପ କରାଇଲେ ଏବଂ ସେ ସବୁକୁ ପୃଥକ୍ ପୃଥକ୍ ପ୍ଲଟ କରି ରୟତମାନଙ୍କୁ ପଟ୍ଟା ଦେଲେ । ଏତଦ୍‌ବ୍ୟତୀତ ଅପେକ୍ଷାକୃତ ଗରିବ ପ୍ରଜାମାନଙ୍କୁ କୃଷିଋଣ (ତଗାବି) ଅଗ୍ରୀମ ଦିଆଇଲେ ଏବଂ ଜମିର ଉତ୍ପାଦନ ବୃଦ୍ଧି ସକାଶେ ସେମାନଙ୍କୁ ତାକତ ଦେଇଥିଲେ । ଏପରି ଭାବରେ ସବୁ ମାହାଲରେ ମୁର୍ଶିଦ୍ କୁଲି କେବଳ ଯେ ଖଜଣା ବୃଦ୍ଧି କରାଇଥିଲେ ତା' ନୁହେଁ; ମାହାଲଗୁଡ଼ିକର ଏରିଆ ମଧ୍ୟ ବୃଦ୍ଧି ପାଇଥିଲା ।

ଅର୍ଥନୀତି ନିୟନ୍ତ୍ରଣ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ବ୍ୟତୀତ ସେ ତାଙ୍କ ନିର୍ଦ୍ଦେଶ ଅବମାନନା କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରୁଥିଲେ । ସେ ଓଡ଼ିଶା ସୁବାର ଖିଲାପୀ ଜମିଦାରମାନଙ୍କୁ ବନ୍ଦୀ କଲେ ଏବଂ ପ୍ରତ୍ୟେକ ମାସର ଶେଷ ଦିବସରେ ନିର୍ଦ୍ଧାରିତ ପରିମାଣର ଖଜଣା ରାଜକୋଷରେ ପଇଠ କରିପାରୁ ନ ଥିବା ଅମିନ, କାନୁନ୍‌ଗୋ ଓ ଅନ୍ୟାନ୍ୟ ଅଫିସରମାନଙ୍କୁ କୟେଦୀଖାନାରେ ରଖୁଥିଲେ ।

ମୁର୍ଶିଦ୍ କୁଲି ଖାଁ ବଙ୍ଗଳା, ବିହାର ଏବଂ ଓଡ଼ିଶାରେ (୧) ଆବ୍‌ୱାବ୍ ଜାଫର ଖାନି ଓ (୨) ଆବ୍‌ୱାବ ଖାସନ୍ ବିସ୍ ନାମକ ଦୁଇଟି ନୂତନ ଟିକସ (Impose) ବସାଇଥିଲେ । ପ୍ରଥମୋକ୍ତ ଆବ୍‌ୱାବ ବିଷୟରେ କିଛି ଜଣାଯାଏ ନାହିଁ । ଦ୍ୱିତୀୟ ଆବ୍‌ୱାବ୍‌ଟି ଥିଲା ଜମିଦାରମାନଙ୍କ ଠାରୁ ଆଦାୟ କରାଯାଉଥିବା ଏକପ୍ରକାର କର । ଜମିଦାରମାନେ ମୋଗଲ ସରକାରଙ୍କ ଦଖଲସ୍ଥ ଜମି (Crown Land) ପଟ୍ଟା ନବୀକରଣ କରିବା ବେଳେ ଏହି ପ୍ରକାର ଟିକସ ଅସୁଲ କରାଯାଉଥିଲା ।

ଉପରବର୍ଣ୍ଣିତ ବିଭିନ୍ନ ପଦକ୍ଷେପମାନ ଅନୁସୃତ ହେବା ଫଳରେ ଖଜଣା ବୃଦ୍ଧି ପାଇଥିଲା । ମୁର୍ଶିଦ୍ କୁଲି ଖାଁ ଆଉରଙ୍ଗଜେବ୍‌ଙ୍କ ପାଖକୁ ବାର୍ଷିକ ପ୍ରକୃତ କେତେ ରାଜସ୍ୱ ପଠାଉଥିଲେ ତାହା ଜଣାଯାଏ ନାହିଁ । ମାତ୍ର ମୁର୍ଶିଦ୍ କୁଲି ଖାଁଙ୍କ ଶାସନ ଅଧୀନସ୍ଥ ସୁବାର ବର୍ଦ୍ଧିତ ଖଜଣା ଜମା ହୋଇଥିବା ପରିମାଣ ଖୁବ୍ ବୃଦ୍ଧି ପାଇଥିଲା ଏବଂ ଏହି ଅର୍ଥ ଠିକ୍ ସମୟରେ ରାଜକୋଷକୁ ପଠାଯାଉଥିଲା । ଏଥିପାଇଁ ତାଙ୍କୁ ମୁତାମିନ୍-ଉଲ୍-ମୁଲକ୍ ଅଲାଉଦୌଲା ଜାଫର୍ ଖାଁ ନାସିରୁଦ୍ଦିନ୍ ଜଙ୍ଗ୍ ଉପାଧି ଦିଆଯାଇ ତାଙ୍କୁ ନିଜପାଇଁ ନିଜ ଅଧୀନରେ ୭ ହଜାର ସୈନ୍ୟ ରଖିବାକୁ ଅଧିକାର ମିଳିଥିଲା ।

Digitized by PPRACHIN, SOA

ଓଡ଼ିଶା ଜମିଦାରମାନଙ୍କ ଠାରୁ ଖଜଣା ଅସୁଲ କରିବା ସକାଶେ ମୁର୍ଶିଦ୍ କୁଲି ଖାଁ ଗ୍ରହଣ କରିଥିବା ପଦକ୍ଷେପମାନଙ୍କୁ ଆଉରଙ୍ଗ୍‌ଜେବ୍ ଖୁବ୍ ପସନ୍ଦ କରିଥିଲେ । ଏକଦା ସେ ମୁର୍ଶିଦ୍ କୁଲିକୁ ଲେଖିଥିଲେ, "ମୁଁ ଶୁଣିବାକୁ ପାଇଛି ଯେ ଆପଣ ଆପଣଙ୍କ ପୂର୍ବବର୍ତ୍ତୀ ଶାସକମାନଙ୍କ ତୁଳନାରେ, ଓଡ଼ିଶାକୁ ଅପେକ୍ଷାକୃତ ଉତ୍ତମ ଭାବରେ ଶାସନ କରୁଛନ୍ତି ଏବଂ ଜମିଦାରମାନଙ୍କ ଠାରୁ କର ଅସୁଲ କରିବାରେ ସଫଳ ହୋଇପାରିଛନ୍ତି । ଏଥିପାଇଁ ଆପଣ ଅତ୍ୟନ୍ତ ପ୍ରଶଂସାର୍ହ ।"

ଦିଲ୍ଲୀ ଦରବାରକୁ ମୁର୍ଶିଦ କୁଲି ଖାଁ ବାର୍ଷିକ କେତେ ଟଙ୍କା ପଠାଉଥିଲେ ତାହା ଜଣା ନ ଗଲେ ମଧ୍ୟ ଫାରୁକ୍ ସିଆର୍‌ଙ୍କ ଗଜତ୍ୱର ପ୍ରଥମ ବର୍ଷ ଠାରୁ ମହମ୍ମଦ ଶାହାଙ୍କ ଗଜତ୍ୱର ନବମ ବର୍ଷ ମଧ୍ୟରେ ଅର୍ଥାତ୍ ୧୫ ବର୍ଷ ୯ ମାସ ମଧ୍ୟରେ ଓଡ଼ିଶାରୁ ମୋଟ ୩୮, ୩୭, ୧୫୧ ଟଙ୍କା ଅସୁଲ ହୋଇଥିବା ଏବଂ ସେ ସବୁ ଟଙ୍କା ଦିଲ୍ଲୀକୁ ପଠାଯାଇଥିବା ଜଣାଯାଏ ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଶେଷକରି ବାଲେଶ୍ୱରଠାରେ ବାଣିଜ୍ୟ କାରବାର ଚଳାଉଥିବା କାରଣରୁ ଇଂରେଜମାନଙ୍କ ଠାରୁ ପାଉଣା ଆଦାୟ କରିବା ଦିଗରେ ମୁର୍ଶିଦ୍ କୁଲି ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଥିଲେ । ଇଂରେଜ କମ୍ପାନୀର ଦେୟ ପଇଠ କରିବାରେ ବିଳମ୍ବ କଲେ କିମ୍ବା ଆଂଶିକ ପାଉଣା ପଇଠ କଲେ ସେଥିପାଇଁ ସେମାନଙ୍କୁ ବାଣିଜ୍ୟ କାରବାର ବନ୍ଦ କରିଦିଆ ଯିବାର ଧମକ ଶୁଣିବାକୁ ମିଳୁଥିଲା ।

(୩)

ସୁଜା-ଉଦ୍ଦିନ ମହମ୍ମଦ ଖାଁ (୧୭୨୭-୧୭୩୯)

ସୁଜା-ଉଦ୍ଦିନ ମହମ୍ମଦ ଖାଁ ସୁଜା-ଉଦ୍-ଦୌଲା ଅସଦ୍-ଜଙ୍ଗ ନାମରେ ପରିଚିତ ଥିଲେ । ସେ ତୁର୍କ ବଂଶୋଦ୍ଭବ ଏବଂ ପର୍ଶିଆର ପୂର୍ବାଞ୍ଚଳସ୍ଥ ଖୁରସାନ ପ୍ରଦେଶରେ ବାସ କରୁଥିବା ତୁର୍କୋମାନ ଆଦିମ ଜାତିର ଅନ୍ତର୍ଭୁକ୍ତ ଥିଲେ । ତୁର୍କୋମାନ ଜାତି ସାହସୀ ସୈନିକ ଭାବେ ପରିଚିତ ଥିଲେ । ସେ ଦାକ୍ଷିଣାତ୍ୟର ବର୍‌ହାନପୁର ସହରରେ ଜନ୍ମଗ୍ରହଣ କରିଥିଲେ ଏବଂ ସେଠାରେ ଲାଳିତପାଳିତ ହୋଇଥିଲେ । ସେଠାରେ ସେତେବେଳେ ହାଇଦରାବାଦର ଦିଓ୍ୱାନ ମୁର୍ଶିଦ୍ କୁଲି ଖାଁ-୧ଙ୍କ ସହିତ ଘନିଷ୍ଠ ପରିଚୟ ଆସିଥିଲା । ସେ ମୁର୍ଶିଦ୍ କୁଲି ଖାଁଙ୍କର ଏକମାତ୍ର କନ୍ୟା ଜିନାତ୍-ଉନ୍-ନିଶା ବେଗମ୍‌ଙ୍କୁ ବିବାହ କରିଥିଲେ । ଜିନାତ୍‌ଙ୍କ ଔରସରୁ ସେ ଏକ ପୁତ୍ର ଲାଭ କରିଥିଲେ । ସେ ମିର୍ଜା-ଅସଦ୍-ଉଲ୍ଲା ବା

Digitized by PPRACHIN, SOA

ସରଫ୍‌ରଜ୍ ଖାଁ ନାମରେ ପରିଚିତ । ଅହମ୍ମଦ ତକୀ ନାମରେ ମଧ୍ୟ ତାଙ୍କର ଆଉ ଗୋଟିଏ ପୁତ୍ର ଥିଲେ ।

ବଙ୍ଗଳାର ଦିଓ୍ୱାନ ରୂପେ ନିଯୁକ୍ତି ପାଇବା ପରେ ମୁର୍ଶିଦ କୁଲି ଖାଁ ସେଠାକୁ ନିଜ ଜାମାତାଙ୍କୁ ନେଇ ଯାଇଥିଲେ । ପରବର୍ତ୍ତୀକାଳରେ ବଙ୍ଗଳା ଓ ଓଡ଼ିଶାର ନବାବ ରୂପେ ଆସୀନ ହେବା ପରେ ସେ ନିଜ ଜାମାତାଙ୍କୁ ବଙ୍ଗଳାରୁ ଓଡ଼ିଶା ଶାସନ କରିବା ପାଇଁ ନିଜର ଡ଼େପୁଟି ରୂପେ ପଠାଇଥିଲେ ।

ଓଡ଼ିଶାରେ ସୁଜା ଉଦ୍ଦିନ ଖାଁ ଜଣେ ଦକ୍ଷ ସରକାରୀ ଅଫିସର ରୂପେ ପ୍ରମାଣିତ ହୋଇଥିଲେ । ମାତ୍ର ସେ ଥିଲେ ଜଣେ ବିଳାସବ୍ୟସନପ୍ରିୟ ବ୍ୟକ୍ତି ଏବଂ ନାରୀମାନଙ୍କ ପ୍ରତି ଅନୁରକ୍ତ । ଏହା ତାଙ୍କ ପତ୍ନୀଙ୍କୁ ଗଭୀର ଦୁଃଖ ଦେଇଥିଲା । କାରଣ ସେ ଥିଲେ ଜଣେ ପବିତ୍ର ଧର୍ମପରାୟଣା ମହିଳା ଏବଂ ସେ ନିଜ ସ୍ୱାମୀଙ୍କ ଲମ୍ପଟତା ଓ ଚରିତ୍ରହୀନତା ସହ୍ୟ କରିପାରିଲେ ନାହିଁ । ତେଣୁ ସେ ଅସନ୍ତୁଷ୍ଟ ହୋଇ ନିଜ ସ୍ୱାମୀଙ୍କ ଠାରୁ ଅଲଗା ହୋଇଯାଇ ପୁଅ ସରଫ୍‌ରଜଙ୍କୁ ସଙ୍ଗରେ ନେଇ ମୁର୍ଶିଦାବାଦ ଚାଲିଯାଇଥିଲେ ।

କିଛିଦିନ ପରେ ମିର୍ଜା-ମହମ୍ମଦ ନାମକ ସୁଜାଉଦ୍ଦିନଙ୍କର ଜନୈକ ସମ୍ପର୍କୀୟ ନିଜର ଦୁଇ ପୁଅଙ୍କୁ ସଙ୍ଗରେ ଧରି ଦିଲ୍ଲୀରୁ ଆସି କଟକରେ ପହଞ୍ଚିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ରଙ୍କର ନାମ ଥିଲା ହାଜି ମହମ୍ମଦ ଏବଂ କନିଷ୍ଠ ପୁତ୍ରଙ୍କ ନାମ ଥିଲା ମିର୍ଜା ମହମ୍ମଦ ଅଲି ବା ସାଧାରଣରେ ଜଣାଶୁଣା ଆଲିବର୍ଦ୍ଦି ଖାଁ । ଏହି ଦୁଇ ଭାଇ ସାଧାରଣ ଶିକ୍ଷାଲାଭ କରିଥିଲେ ହେଁ ସେମାନଙ୍କର ଅସାଧାରଣ ଦକ୍ଷତା ଥିଲା । ଓଡ଼ିଶାରେ ନିଜ ଶାସନାଧୀନରେ ସୁଜାଉଦ୍ଦିନ ସେହି ଦୁଇଜଣଙ୍କୁ ନିଯୁକ୍ତି ଦେଇଥିଲେ ।

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ମୁର୍ଶିଦ କୁଲି ଖାଁଙ୍କର ସୁଜାଉଦ୍ଦିନଙ୍କ ସହିତ ସୁ-ସମ୍ପର୍କ ନ ଥିଲା । ତାଙ୍କ ମୃତ୍ୟୁ ପାଖେଇ ଆସିବା ବେଳକୁ ଉତ୍ତରାଧିକାରୀ ସୂତ୍ରରେ ସେ ନିଜ ନାତି ସରଫରାଜଙ୍କୁ ବଙ୍ଗଳା ଓ ଓଡ଼ିଶାର ସୁବାଦାର ରୂପେ ଅଧିଷ୍ଠିତ କରିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ସୁଜାଉଦ୍ଦିନ, ହାଜି ମହମ୍ମଦ ଏବଂ ଆଲିବର୍ଦ୍ଦିଙ୍କ ସହିତ ପରାମର୍ଶ କ୍ରମେ ଏହା କରାଇ ଦେଇ ନ ଥିଲେ, ବରଂ ଭିନ୍ନ ବ୍ୟବସ୍ଥା କରିବାରେ ସଫଳ ହୋଇଥିଲେ । ସେ ନିଜ ଏଜେଣ୍ଟମାନଙ୍କ ମାଧ୍ୟମରେ ସମ୍ରାଟଙ୍କର ପ୍ରିୟପାତ୍ର ଏବଂ ଦିଲ୍ଲୀ ଦରବାରରେ ଅତି ପ୍ରଭାବଶାଳୀ ଏବଂ ଅମିର୍-ଉଲ୍-ଉମର୍ ପଦବୀରେ ଅଧିଷ୍ଠିତ ଖାଁ-ଇ-ଦୌରନ୍‌ଙ୍କ ସହିତ ପତ୍ରାଳାପ ଚାଲୁ ରଖିବାରେ ସମର୍ଥ ହୋଇଥିଲେ । ପତ୍ରାଳାପ ଅନୁସାରେ ସୁଜାଉଦ୍ଦିନ ଏବଂ ଖାଁ-ଇ-ଦୌରନ୍‌ଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା । ଉଭୟେ ଏକ ସିଦ୍ଧାନ୍ତରେ ଉପନୀତ ହୋଇ ସ୍ଥିର କଲେ ଯେ ଖାଁ-ଇ-ଦୌରାନ୍ ବଙ୍ଗଳା ଓ ଓଡ଼ିଶାର ସୁବାଦାର ଭାବରେ ନିଯୁକ୍ତ ହେବେ ଏବଂ ତା' ବଦଳରେ ସେ ସୁଜାଉଦ୍ଦିନଙ୍କୁ ନିଜ

Digitized by PPRACHIN, SOA

ଡେପୁଟି ଭାବରେ ବଙ୍ଗଳା ଓ ଓଡ଼ିଶା ଶାସନ ପାଇଁ ମନୋନୀତ କରିବେ । ପରିଣାମତଃ ଓଡ଼ିଶାରେ ସୁଜାଉଦ୍ଦିନଙ୍କ କ୍ଷମତା ଏବଂ କାର୍ଯ୍ୟକାଳ ପୂର୍ବବତ୍ ଚାଲୁ ରହିଲା ଏବଂ ମୁର୍ଶିଦ କୁଲିଙ୍କ ଯୋଜନା ବିଫଳତାରେ ପରିଣତ ହେଲା ।

ଏହି ସମୟରେ ମୁର୍ଶିଦ କୁଲିଙ୍କ ଶାରୀରିକ ଅବସ୍ଥା ଗୁରୁତର ହୋଇ ଉଠୁଥିଲା । ତେଣୁ ସୁଜାଉଦ୍ଦିନ ଚତୁରତାର ସହିତ ତାଙ୍କର କେତେକ ଅଫିସରଙ୍କୁ ବଙ୍ଗଳା ରାଜନୈତିକ ପରିସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ଆଗରୁ ମୁର୍ଶିଦାବାଦ ପଠାଇ ଦେଇଥିଲେ । ଏତଦ୍‌ବ୍ୟତୀତ ପରିସ୍ଥିତିର ମୁକାବିଲା କରିବା ପାଇଁ ବଙ୍ଗଳା ଅଭିଯାନରେ ଯିବା ସକାଶେ ସେ ନିଜର ସୈନ୍ୟବାହିନୀକୁ ମଧ୍ୟ ପ୍ରସ୍ତୁତ କରି ରଖିଥିଲେ । ମୁର୍ଶିଦ କୁଲିଙ୍କ ମୃତ୍ୟୁ ଆସନ୍ନ ବୋଲି ନିଶ୍ଚିତ ସମ୍ବାଦ ପାଇବା ପରେ ସେ ନିଜ ପୁଅ ତକୀ ଖାଁଙ୍କ ଉପରେ ଓଡ଼ିଶା ଦାୟିତ୍ୱ ଅର୍ପଣ କରି ନିଜେ ଏକ ବିରାଟ ସୈନ୍ୟବାହିନୀ ସହ ବଙ୍ଗଳା ଯାତ୍ରା କଲେ । ବାଟରେ ସେ ଶୁଣିବାକୁ ପାଇଲେ ଯେ ମୁର୍ଶିଦ କୁଲିଙ୍କର ପରଲୋକ ହୋଇଯାଇଛି । ୧୭୨୭ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ସେ ବଙ୍ଗଳାର ମସନଦ ଆରୋହଣ କଲେ ବୋଲି ଘୋଷଣା କରାଗଲା ।

ଇତିମଧ୍ୟରେ ସୁଜାଉଦ୍ଦିନ ନୂଆ ସମ୍ରାଟ ମହମ୍ମଦ ଶାହାଙ୍କ ଦରବାରକୁ ୪୦ ଲକ୍ଷ ଟଙ୍କା ପଠାଇ ସାରିଥିଲେ । ଏହି ଅର୍ଥ ଥିଲା ତାଙ୍କ ଶ୍ୱଶୁରଙ୍କ ଘରୋଇ ସମ୍ପତ୍ତିର ଏକ ଅଂଶବିଶେଷ । ଏତଦ୍‌ବ୍ୟତୀତ ସେ ନୂତନ ସମ୍ରାଟ, ଖାଁ-ଇ-ଦୌରାନ୍ ଏବଂ ଦିଲ୍ଲୀଠାରେ ଥିବା ତାଙ୍କର ଏଜେଣ୍ଟମାନଙ୍କ ନିକଟକୁ ଅନେକ ମୂଲ୍ୟବାନ ଉପହାର ପଠାଇଥିଲେ । ବଙ୍ଗଳା ଏବଂ ଓଡ଼ିଶାର ସୁବାଦାର ହିସାବରେ ନିଜର ନିଯୁକ୍ତିକୁ ସେ ପକ୍‌କା କରି ନେଲେ ଏବଂ ସାତ ହଜାର ଘୋଡ଼ାବିଶିଷ୍ଟ ସେନାବାହିନୀର ସେନାପତି ରୂପେ ପ୍ରତିଷ୍ଠିତ ହେଲେ । ତାଙ୍କୁ ମୋତିମଦ୍-ଉଲ ମୁଲ୍‌କ, ସୁଜା-ଉଦ୍-ଦଉଲା ଅସଦ୍ ଜଙ୍ଗ ବାହାଦୂର ଉପାଧିରେ ମଧ୍ୟ ଭୂଷିତ କରାଗଲା ।

ଏହାପରେ ସେ ନିଜ ପୁଅ ସର୍‌ଫରାଜ୍ ଖାଁଙ୍କୁ ବଙ୍ଗଳାର ଦିଓ୍ୱାନ ରୂପେ ପ୍ରତିଷ୍ଠିତ କଲେ ଏବଂ ଅନ୍ୟ ପୁତ୍ର ତକୀ ଖାଁଙ୍କୁ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତି ଦେଲେ । କିନ୍ତୁ ତକୀ ଖାଁଙ୍କର ମୃତ୍ୟୁ ଘଟିବାରୁ ତାଙ୍କ ସ୍ଥାନରେ ନିଜର ଜାମାତା ମୁର୍ଶିଦ କୁଲି ଖାଁ-୨ଙ୍କୁ ଓଡ଼ିଶାର ଗଭର୍ଣ୍ଣର ପଦବୀ ଦେଇଥିଲେ । ଓଡ଼ିଶାରେ ସୁଜାଉଦ୍ଦିନଙ୍କ ଶାସନ ମହମ୍ମଦ ତକୀ ଖାଁ ଏବଂ ମୁର୍ଶିଦ କୁଲି ଖାଁ-୨ଙ୍କ ଜରିଆରେ ପରିଚାଳିତ ହେଉଥିଲା ।

ନାଦିରଶାହାଙ୍କ ଦିଲ୍ଲୀ ଆକ୍ରମଣ ସମୟରେ ସୁଜାଉଦ୍ଦିନ ଦୁର୍ଦ୍ଦନେସ ବେଗମ ଏବଂ ମୁର୍ଶିଦ କୁଲି-୧ଙ୍କ ପୁତ୍ର ୟାହିଆଙ୍କୁ ଓଡ଼ିଶା ପଠାଇଥିଲେ । ସରଫରାଜ୍‌ଙ୍କ

Digitized by PPRACHIN, SOA

ପ୍ରରୋଚନାରେ ଯାହିଆ ମୁର୍ଶିଦାବାଦଠାରେ ଅଟକି ଯାଇଥିଲେ । ସୁଜାଉଦ୍ଦିନ ସରଫରାଜ ଖାଁଙ୍କୁ ନିଜର ଉତ୍ତରାଧିକାରୀ ନିଯୁକ୍ତ କରି ୧୭୩୯ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ ।

ସୁଜାଉଦ୍ଦିନ ମହମ୍ମଦ ଖାଁ ବିହାର, ବଙ୍ଗଳା ଏବଂ ଓଡ଼ିଶା ପ୍ରଦେଶରେ କେତେକ ଆବଓ୍ୱାବ ବା ନୂଆ ଟିକସ୍‌ର ସୃଷ୍ଟିକର୍ତ୍ତା ଥିଲେ । ତାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପ୍ରଧାନ ଆବଓ୍ୱାବଗୁଡ଼ିକ ହେଲା (୧) ନଜରାନା ମୋକରାରି (୨) ଜାର ମଟ-ହୁଟ୍ (ଜୋର ମଥାଉଟ୍) (୩) ମାତ୍ ହୁଡ୍ ଫି (ମାଥୁଟ୍-ଫିଲ୍-ଖାନା) ଏବଂ ଆବଓ୍ୱାବ ଫଉଜଦାରୀ ।

ପ୍ରଥମ ଆବଓ୍ୱାବଟି ହେଉଛି ସାଧାରଣତଃ ଜଣେ ଜମିଦାରଙ୍କୁ କ୍ଷମତାରେ ଅଧିଷ୍ଠିତ କରିବା ପରେ ଜମିଦାର ହିସାବରେ ତାଙ୍କୁ ଯେଉଁ ବିଭିନ୍ନ ସୁବିଧା ସୁଯୋଗ ଓ କ୍ଷମତା ମିଳୁଥିଲା ସେଥିପାଇଁ ତାଙ୍କୁ ସ୍ଥିରୀକୃତ ପରିମାଣର କିଛି ଦେୟ ଦେବାକୁ ପଡୁଥିଲା । ତାହା ସାଧାରଣତଃ ମୁସଲମାନମାନଙ୍କ ପର୍ବପର୍ବାଣୀ ଇତ୍ୟାଦିରେ ଖର୍ଚ୍ଚ କରାଯାଉଥିଲା ।

ଦ୍ୱିତୀୟଟିରେ ଆଉ ଚାରୋଟି ଉପ-ଆବଓ୍ୱାବ ଅନ୍ତର୍ଭୁକ୍ତ ଥିଲା । (କ) ପ୍ରଥମଟି ହେଲା ନାଜିର୍ ପୁନିଆ ବା ଉପହାର ଯାହାକି ବାର୍ଷିକ ବନ୍ଦୋବସ୍ତ ଦାୟିତ୍ୱରେ ଥିବା ସରକାରୀ ଅର୍ଥ ବିଭାଗ ଅଧିକାରୀଙ୍କ ଦ୍ୱାରା ଜମିଦାରଙ୍କ ଠାରୁ ଜୋର ଜବରଦସ୍ତ ଭାବରେ ଆଦାୟ କରାଯାଉଥିବା ଭେଟି, (ଖ) ଦ୍ୱିତୀୟଟି ହେଲା ବାହା-ଇ-ଖିଲାତ ବା ପୋଷାକ ପରିଚ୍ଛଦର ମୂଲ୍ୟ । ଏହି ଆଦାୟରୁ ବର୍ଷକୁ ଥରେ ଆୟ ବ୍ୟୟ ହିସାବ ସମାପ୍ତି କାଳରେ ସରକାରୀ ଅଫିସରେ ଉପକାରୀ ଏବଂ ଅତି ଦକ୍ଷ ଜମିଦାରମାନଙ୍କୁ ପୋଷାକ ଦିଆଯାଉଥିଲା, (ଗ) ତୃତୀୟଟି ହେଲା ପୁସ୍ତାବନ୍ଦୀ, ଏ ଆୟରୁ ମୁର୍ଶିଦାବାଦ ଦୁର୍ଗ ଏବଂ ଲାଲ୍‌ବାଗ ଦୁର୍ଗ ଓ ତା'ର ପାରିପାର୍ଶ୍ୱିକ ଅଞ୍ଚଳର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେଉଥିଲା । (ଘ) ଚତୁର୍ଥଟିକୁ ରସମ ନଜାରତ କୁହାଯାଉଥିଲା । ମଫସଲରୁ ସରକାରୀ ତହବିଲ ଆଣିବା ପାଇଁ ପ୍ରଧାନ ଚପରଶି ବା ନାଜିର ଜମାଦାରଙ୍କୁ ଖର୍ଚ୍ଚ ଦିଆଯାଉଥିଲା । ସେଥିପାଇଁ ଜମିଦାରଙ୍କ ଠାରୁ ମାଇଲ ପ୍ରତି ୧୦ ଅଣା କମିଶନ ଆଦାୟ କରିବାର ବ୍ୟବସ୍ଥା ଥିଲା । ଏଥିରୁ ଜଣାଯାଏ ଯେ ଅତିରିକ୍ତ ରାଜସ୍ୱ ଅସୁଲ କରାଯିବା ପାଇଁ କିପରି ସ୍ଥାୟୀ ବ୍ୟବସ୍ଥା ହୋଇଥିଲା ।

ତୃତୀୟ ଆବଓ୍ୱାବ ହେଉଛି ମୁର୍ଶିଦବାଦଠାରେ ନାଜିମ ଏବଂ ଦିଓ୍ୱାନମାନଙ୍କ ହାତୀଗୁଡ଼ିକୁ ଖୁଆଇବା ସକାଶେ ହେଉଥିବା ଆଂଶିକ ବ୍ୟୟ ପାଇଁ ଦେୟ ।

ଚତୁର୍ଥଟି ହେଉଛି ଫଉଜଦାରମାନେ ନିଜ ନିଜ ପରିସରଭୁକ୍ତ ସୀମାନ୍ତ ଜିଲ୍ଲା-ଗୁଡ଼ିକରୁ ଆଦାୟ କରୁଥିବା ସୀମିତ ସ୍ଥାୟୀ କର ।

Digitized by PPRACHIN, SOA

ଏହି ଆବଓ୍ୱାବମାନ ସାଧାରଣତଃ ଜମିଦାରୀରୁ ଷ୍ଟାଣ୍ଡାର୍ଡ ଜମା ଅନୁପାତରେ ଜମିଦାରମାନଙ୍କ ଉପରେ ଧାର୍ଯ୍ୟ କରଯାଉଥିଲା ଏବଂ ତଦନୁଯାୟୀ ଆଦାୟ କରଯାଉ ଥିଲା । ପଇଠ କରିବାକୁ ଥିବା ଖଜଣା କୋଟା ଅନୁପାତରେ ଜମିଦାରମାନେ ନିଜ ନିଜ ଜମିଦାରୀର ରୟତମାନଙ୍କଠାରୁ ଏସବୁ ଅସୁଲ କରିବା ପାଇଁ ହକଦାର ଥିଲେ । ଏହି ଆବଓ୍ୱାବର ବୋଝ ବସ୍ତୁତଃ ନିମ୍ନସ୍ଥ କରଦାତା ଅର୍ଥାତ୍ ରୟତମାନଙ୍କ ଉପରେ ହିଁ ପଡ଼ୁଥିଲା ।

ସୁଜାଉଦ୍ଦିନ ମହମ୍ମଦ ଖାଁଙ୍କ ରାଜତ୍ୱକାଳରେ ଓଡ଼ିଶାରୁ ଆଦାୟ ହେଉଥିବା ବାର୍ଷିକ ଖଜଣା ପରିମାଣ ୩୬ ଲକ୍ଷ ୭ ହଜାର ୨ ଶହ ୪୫ ଟଙ୍କା ହୋଇଥିବ ବୋଲି ଜଣାଯାଏ ।

ସୁଜାଉଦ୍ଦିନଙ୍କ ରାଜତ୍ୱକାଳରେ ମହମ୍ମଦ ତକୀ ଖାଁଙ୍କ ଦ୍ୱାରା ଓଡ଼ିଶା ସୁବାରୁ ୧୧ କୋଟି ୩୧ ଲକ୍ଷ ୪୦ ହଜାର ୩ ଶହ ୩୮ ଟଙ୍କା ୧୪ ଅଣା ୮ ପାହି ଖଜଣା ଅସୁଲ ହୋଇଥିଲା । ଏହି ଅର୍ଥ ମଧ୍ୟରୁ ୧୧ କୋଟି ୧୧ ଲକ୍ଷ ୮୫ ହଜାର ୧ ଶହ ୪୫ ଟଙ୍କା ୮ ଅଣା ୯ ପାହି specie and bills of exchange ଆକାରରେ ଦିଲ୍ଲୀକୁ ପଠାଯାଇଥିଲା । ଅବଶିଷ୍ଟ ଅର୍ଥରୁ ୪ ଲକ୍ଷ ୯୦ ହଜାର ୧ ଶହ ୯୩ ଟଙ୍କା ୬ ଅଣା ବିପୁଳ ପରିମାଣ specie ପରିବହନ ମୂଲ୍ୟ ବାବଦରେ ବ୍ୟୟ ହୋଇଥିଲା ଏବଂ ମୁର୍ଶିଦ କୁଲି ଖାଁଙ୍କ ରାଜତ୍ୱକାଳରେ ବିଭିନ୍ନ ବ୍ୟବସାୟୀ ଓ ମହାଜନଙ୍କ ଠାରୁ ଆଣିଥିବା ଋଣ ପରିଶୋଧ ବାବଦରେ ୧୪,୬୫,୦୦୦ ଟଙ୍କା ପଇଠ କରଯାଇଥିଲା ।

ସୁଜାଉଦ୍ଦିନଙ୍କ ରାଜତ୍ୱକାଳରେ ଓଡ଼ିଶାର ସୀମା ଆହୁରି ସଙ୍କୁଚିତ ହୋଇଯାଇ ଥିଲା । ଉତ୍ତରରେ ଅଳ୍ପ କେତେକ ରାଜସ୍ୱ ଡିଭିଜନ ବ୍ୟତୀତ ତାମଲୁକ, ମିର୍ଜାପୁର ଏବଂ ସୁବର୍ଣ୍ଣରେଖା ମଧ୍ୟରେ ଥିବା ଅବଶିଷ୍ଟ ପୁରୁଣା ଜଲେଶ୍ୱର ଡିଭିଜନକୁ ବଙ୍ଗଳା ସହିତ ମିଶାଇ ଦିଆଯାଇଥିଲା । ଦକ୍ଷିଣରେ ନିଜାମ ସରକାର ଟିକାଲି ରଘୁନାଥପୁର ଜମିଦାରୀ ଏବଂ ଓଡ଼ିଶାର ପ୍ରଧାନ କରଦରାଜ୍ୟ ଅର୍ଥାତ୍ ଖୋର୍ଦ୍ଧା ରାଜାଙ୍କ ଇଲାକାଭୁକ୍ତ ଚିଲିକା ହ୍ରଦ ନିକଟବର୍ତ୍ତୀ କେତେକ ଅଞ୍ଚଳ ଦଖଲ କରି ନେଇଥିଲେ ।

ଜଣାଯାଏ ଯେ, କଟକ ଠାରେ ଏକ ମୁଦ୍ରାଶାଳା ପ୍ରତିଷ୍ଠିତ ଥିଲା ଏବଂ ସୁଜାଉଦ୍ଦିନଙ୍କ ରାଜତ୍ୱକାଳରେ ନାମମାତ୍ର ସମ୍ରାଟ ମହମ୍ମଦ ଶାହାଙ୍କ ନାମରେ ମୁଦ୍ରାମାନ ନିର୍ମିତ ହୋଇ ବଜାରକୁ ଛଡ଼ା ଯାଉଥିଲା ।

ସୁଜାଉଦ୍ଦିନ ଜାଣିଥିଲେ ଯେ ବଣିକ ଓ ବ୍ୟବସାୟୀମାନଙ୍କର ଭବିଷ୍ୟତ ଉନ୍ନତି ଘଟିଲେ ତାଙ୍କ ସରକାରଙ୍କୁ ଆର୍ଥିକ ସାହାଯ୍ୟ ମିଳିପାରିବ । ତେଣୁ ସେମାନଙ୍କ ଅସୁବିଧା ଦୂରୀକରଣ ପ୍ରତି ସେ ନଜର ଦେଉଥିଲେ । ତାଙ୍କର ପୃଷ୍ଠପୋଷକତା ଓ ପ୍ରୋତ୍ସାହନ

Digitized by PPRACHIN, SOA

ହେତୁ ପିପିଲିରେ ଉଲ୍ଲେଖନୀୟ ଭାବରେ ବାଣିଜ୍ୟ କାରବାର ବୃଦ୍ଧି ପାଇଥିଲା । ଏହା ରାଜ୍ୟର ଉଚ୍ଚକୋଟୀର ପ୍ରସିଦ୍ଧ ବିପଣିଶାଳା ରୂପେ ପରିଚିତ ଥିଲା । ସୁଜାଙ୍କ ରାଜତ୍ୱ କାଳରେ ଦେଖାଗଲା ଯେ, ପିପିଲି ଟାଉନର ଅଧିକାଂଶ ଅଞ୍ଚଳ ବନ୍ୟାଜଳରେ ଧୋଇ-ଯାଉଛି ଏବଂ ନଦୀ ମୁହାଣରେ ନୌକା ଯାତାୟାତ ପାଇଁ ଏକ ବିପଜ୍ଜନକ ବାଲିକୁଦ ପ୍ରତିବନ୍ଧକ ସୃଷ୍ଟି କରୁଛି । ପରିବର୍ତ୍ତିତ ଭୌଗୋଳିକ ପରିସ୍ଥିତିରେ ବଣିକ ଶ୍ରେଣୀର ନିରପତ୍ତା ବିପନ୍ନ ହେବ ବୋଲି ହୃଦୟଙ୍ଗମ କରି ସୁଜାଉଦ୍ଦିନ ଏକ ଯୋଜନା ଅନୁଯାୟୀ ସେମାନଙ୍କୁ ପିପିଲି ପରିତ୍ୟାଗ କରି ବାଲେଶ୍ୱରରେ ଘରଦ୍ୱାର କରି ବ୍ୟବସାୟ କରିବାକୁ ପ୍ରୋତ୍ସାହିତ କରିଥିଲେ । ତାଙ୍କ ସାହାଯ୍ୟ ଓ ଉତ୍ସାହ ପାଇ ବିପଦ ଆତଙ୍କିତ ବଣିକବୃନ୍ଦ ପିପିଲିରୁ ଯାଇ ବାଲେଶ୍ୱରରେ ବସବାସ କରିଥିଲେ । ଏ ଯୋଜନା କାର୍ଯ୍ୟକାରୀ ହେବାରୁ ବଣିକ ସମ୍ପ୍ରଦାୟ ରକ୍ଷା ପାଇଥିଲେ ।

ଓଡ଼ିଶା ରାଜ୍ୟରେ ବହୁ ନଦୀ ପ୍ରବାହିତ ହେଉଥିବାରୁ ନିର୍ବିଘ୍ନରେ ଯାତାୟାତ କରିବାର ଅସୁବିଧା ଥିଲା । ନଦୀ ଉପରେ ପୋଲ ନିର୍ମାଣ କରି ଗମନାଗମନର ସୁବିଧା ସୃଷ୍ଟି କରିବା ପାଇଁ ସୁଜାଉଦ୍ଦିନ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ସେ ଥିଲେ ନିର୍ମାଣ କାର୍ଯ୍ୟର ମହାନ୍ ପୃଷ୍ଠପୋଷକ । କଟକ-ମୁର୍ଶିଦାବାଦ ପଥରେ ପ୍ରାୟତଃ ପ୍ରତ୍ୟେକ କ୍ଷୁଦ୍ରନଦୀ ଉପରେ ସେ ପୋଲ ନିର୍ମାଣ କରାଇଥିଲେ । କାଂଶବାଂଶ ନଦୀ ଉପରେ ତାଙ୍କ ଦ୍ୱାରା ନିର୍ମିତ ପଥର ପୋଲ ଥିଲା ତାଙ୍କର ଏକ ପ୍ରଧାନ ଅବଦାନ ।

ମସ୍‌ଜିଦ ନିର୍ମାଣ ପାଇଁ ମଧ୍ୟ ସେ ଅନୁଦାନ ଦେଉଥିଲେ । କଟକଠାରେ ନିର୍ମିତ ଓଡ଼ିଶାର ପ୍ରସିଦ୍ଧ କଦମରସୁଲ ମସ୍‌ଜିଦ୍ ତାଙ୍କର କୀର୍ତ୍ତି ।

ସେ କାକଟପୁର ଠାରୁ ପ୍ରାୟ ଦୁଇମାଇଲ ଦୂରବର୍ତ୍ତୀ ସୁଜାଗଡ଼ ନାମକ ଏକ ସ୍ଥାନରେ ଏକ କିଲ୍ଲା ନିର୍ମାଣ କରିଥିଲେ ।

ଜଣେ ଶାନ୍ତ ଉଦାର ଏବଂ ନ୍ୟାୟପରାୟଣ ଶାସକ ଭାବରେ ତାଙ୍କର ସୁଖ୍ୟାତି ରହିଥିଲା ।

(୪)

ମହମ୍ମଦ ତକୀ ଖାଁ

ମହମ୍ମଦ ତକୀ ଖାଁ ଥିଲେ ଦିଓ୍ୱାନ ସୁଜାଉଦ୍ଦିନଙ୍କର ପୁତ୍ର । ସୁଜାଉଦ୍ଦିନ ବଙ୍ଗଳା ଏବଂ ଓଡ଼ିଶାର ନବାବ ହେବା ପରେ ତକୀ ଖାଁଙ୍କୁ ଡେପୁଟି ହିସାବରେ ନିଯୁକ୍ତି ଦେଇଥିଲେ ।

Digitized by PPRACHIN, SOA

ସୁଜାଉଦ୍ଦିନ ସବୁବେଳେ ବଙ୍ଗଳାର ମୁର୍ଶିଦାବାଦରେ ରହୁଥିଲେ । ବିଶେଷ କରି ତାଙ୍କ ରାଜତ୍ୱର ଶେଷ ଆଡ଼କୁ ସେ ବିଳାସ ବ୍ୟସନରେ ନିମଗ୍ନ ହେଲେ । ସେ ଏତେଦୂର ବିଳାସ-ବ୍ୟସନରତ ହେଲେ ଯେ ଓଡ଼ିଶା ରାଜ୍ୟ ଶାସନକୁ ତଦାରଖ କରିବାକୁ ତାଙ୍କୁ ସମୟ ନ ଥିଲା । ତକୀ ଖାଁଙ୍କ ଶାସନ ଉପରେ ମୁର୍ଶିଦାବାଦରୁ କୌଣସି ପ୍ରକାର ପର୍ଯ୍ୟବେକ୍ଷଣ ହେଉ ନ ଥିବାରୁ ସେ ଓଡ଼ିଶାର ଶାସନ କ୍ଷେତ୍ରରେ ସର୍ବେସର୍ବା ହେଲେ ।

ଖୋର୍ଦ୍ଧା ରାଜାଙ୍କ ସହିତ ତକୀ ଖାଁଙ୍କ ସମ୍ପର୍କ

ଓଡ଼ିଶାରେ ତକୀ ଖାଁଙ୍କ ରାଜତ୍ୱକାଳରେ ଏକ ବିଶେଷ ଘଟଣା ହେଉଛି ଖୋର୍ଦ୍ଧା ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସହିତ ତାଙ୍କର ନିରବଛିନ୍ନ ସଂଗ୍ରାମ । ସମସାମୟିକ ପାର୍ଶୀ ବା ଓଡ଼ିଆ ମୂଳ ନଥିପତ୍ରରୁ ଖୋର୍ଦ୍ଧା ରାଜା ଏବଂ ତକୀ ଖାଁଙ୍କ ମଧ୍ୟରେ କାହିଁକି ତିକ୍ତ ସମ୍ପର୍କ ସୃଷ୍ଟି ହେଲା ତାହା ସଠିକ ଭାବରେ ଜଣାପଡ଼େ ନାହିଁ । ରାଜାଙ୍କର ଅବାଧ୍ୟ ଆଚରଣ ଏବଂ ଓଡ଼ିଶାରେ ନିଜକୁ ସ୍ୱାଧୀନ ରାଜା ରୂପେ ପ୍ରତିଷ୍ଠିତ କରିବା ମନୋବୃତ୍ତି ତକୀ ଖାଁଙ୍କୁ କ୍ରୋଧାନ୍ୱିତ କରିବାର କାରଣ ହୋଇ ପାରିଥାଏ । ଏହା ମଧ୍ୟ ହୋଇପାରେ ଯେ ଓଡ଼ିଶାରେ ଆଉରଙ୍ଗଜେବଙ୍କ ରାଜତ୍ୱକାଳରେ ଖୋର୍ଦ୍ଧା ରାଜାଙ୍କ ଆଉରଙ୍ଗଜେବଙ୍କ ପ୍ରତି ଅବଜ୍ଞା, ମୋଗଲ ସରକାରଙ୍କ ସଙ୍ଗେ ସଂଘର୍ଷ ଓ ମୋଗଲ ବିରୋଧୀ କାର୍ଯ୍ୟ ତକୀ ଖାଁଙ୍କ ମନରେ ଥିବ । ଏହା ବ୍ୟତୀତ ପରେ ମୁର୍ଶିଦ-କୁଲି-ଖାଁ (ପ୍ରଥମ)ଙ୍କ ଦ୍ୱାରା ଅନୁସୃତ ଅପେକ୍ଷାକୃତ ଉଦାର ଶାସନ ନୀତି ଖୋର୍ଦ୍ଧା ରାଜାଙ୍କୁ ପୂର୍ବ ସମ୍ମାନ ଏବଂ ସ୍ୱାଧୀନତା ଫେରି ପାଇବା ପାଇଁ ସୁବର୍ଣ୍ଣ ସୁଯୋଗ ଦେଇଥିବ । କାରଣ ଯାହା ହେଉନା କାହିଁକି ଓଡ଼ିଶାରେ ତକୀ ଖାଁଙ୍କ ରାଜତ୍ୱକାଳର ବିଶେଷତ୍ୱ ହେଉଛି ଖୋର୍ଦ୍ଧା ରାଜ୍ୟ ଉପରେ ମୋଗଲ ସୁବାଦାରଙ୍କ ଅବିଛିନ୍ନ ଆକ୍ରମଣ ।

ଖୋର୍ଦ୍ଧା ଆକ୍ରମଣ ସମ୍ପର୍କରେ ତକୀଙ୍କ ପରିକଳ୍ପନା

ତକୀ ଖାଁଙ୍କ ଖୋର୍ଦ୍ଧା ବିରୁଦ୍ଧରେ ଅଭିଯାନ ଆଉରଙ୍ଗଜେବଙ୍କ ରାଜତ୍ୱକାଳର ଖାଁ-ଇ-ଦୌରାନ ଅନୁସୃତ ପିପିଲି ବାଟ ଦେଇ ନିୟନ୍ତ୍ରିତ ହୋଇ ନ ଥିଲା । ସେ ଗତାନୁଗତିକ ରାସ୍ତା ଛାଡ଼ି ଶତ୍ରୁକୁ ଅତର୍କିତ ଅବସ୍ଥାରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ । ତଦନୁଯାୟୀ ସେନାବାହିନୀ ସହାୟତାରେ ସେ ପ୍ରଥମେ ଯେଉଁ ଦୁଇଟି ଦୁର୍ଗ ଆକ୍ରମଣ କରି ଦଖଲ କରି ନେଇଥିଲେ ତାହା ହେଉଛି ଧଉଳି ଓ ଶିଶୁପାଳ । ଏହି ଦୁଇ ଦୁର୍ଗର ଅବଶେଷାଂଶ ଏବେ ମଧ୍ୟ ଭୁବନେଶ୍ୱର ନିକଟରେ ଦେଖିବାକୁ ମିଳେ । ଏହାପରେ ମୁସଲମାନ ସେନାବାହିନୀ ଦୟାନଦୀ ଅତିକ୍ରମ କରି ରଥୀପୁର ଦୁର୍ଗରେ ପହଞ୍ଚିଥିଲେ । ଏହି ଦୁର୍ଗଟି ଖୋର୍ଦ୍ଧା ରାଜାଙ୍କ ପକ୍ଷରୁ ବକ୍ସି ବେଣୁ ଭ୍ରମରବର ରାୟ ଏବଂ ତାଙ୍କ ପୁତ୍ର ନୀଳାମ୍ବର ହରିଚନ୍ଦନଙ୍କ ଦ୍ୱାରା ସୈନ୍ୟମାନଙ୍କ ସାହାଯ୍ୟରେ ସୁରକ୍ଷିତ ଥିଲା ।

Digitized by PPRACHIN, SOA

ମାତ୍ର ସେହି ସମୟରେ ରଥୀପୁର ଦୁର୍ଗରେ ବିଶ୍ୱାସଘାତକତା ଏବଂ ନିଷ୍କ୍ରିୟତା ଲାଗି ରହିଥିଲା । କାରଣ ଦୁର୍ଗ ଭିତର ସୈନ୍ୟବାହିନୀ ବକ୍‌ସି ବେଣୁ ଭ୍ରମରବର ରାୟଙ୍କ ବିରୁଦ୍ଧରେ ବିଦ୍ରୋହ କରି ଉଠିଲେ ଏବଂ ଶତ୍ରୁ ସୈନ୍ୟଙ୍କୁ ମୁକାବିଲା କଲେ ନାହିଁ । ସୈନ୍ୟମାନଙ୍କ ମଧ୍ୟରେ ଏକତାର ଅଭାବ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳା ହେତୁ ବେଣୁ ଭ୍ରମରବର ଶତ୍ରୁମାନଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ସାହସ ହରାଇ ବସିଥିଲେ । ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଧାନ ଦୁର୍ଗକୁ ଅକ୍ତିଆର କରିବାରେ ମୁସଲମାନ ସୈନ୍ୟମାନଙ୍କର ସୁବିଧା ହେଲା । ସାଂପ୍ରତିକ ଖୋର୍ଦ୍ଧା ରୋଡ଼ ରେଳଷ୍ଟେସନର ଅନତି ଦୂରବର୍ତ୍ତୀ ଏହି ଦୁର୍ଗକୁ ଅଧିକାର କରି ସାରିବା ପରେ ତକୀ ଖାଁ ଖୋର୍ଦ୍ଧା ଉପରେ ଆକ୍ରମଣ ଚଳାଇବା ନିମନ୍ତେ ଏହାକୁ ଏକ ପ୍ରଧାନ ମୂଳ ଘାଟିରେ ପରିଣତ କରିଥିଲେ ଏବଂ ଖୋର୍ଦ୍ଧା ଦୁର୍ଗ ଜୟ କରିବା ଅଭିଳାଷରେ ଖୋର୍ଦ୍ଧା ରାଜଧାନୀର ଗଙ୍ଗପଡ଼ା ଗଡ଼ ପ୍ରବେଶ ପଥକୁ ଏକ ସୈନ୍ୟବାହିନୀ ପ୍ରେରଣ କରିଥିଲେ । ଧଉଳି ଓ ରଥୀପୁର ବାଟଦେଇ ଗଙ୍ଗପଡ଼ାକୁ ନିକଟତମ ରାସ୍ତାରେ ଅଭିଯାନ ମୁସଲମାନମାନଙ୍କ ହାତରେ ଦୁର୍ଗଗୁଡ଼ିକର ଦ୍ରୁତ ପତନ ଏବଂ ନିଜ ପାରିଷଦବର୍ଗଙ୍କ ମଧ୍ୟରେ ବିଶୃଙ୍ଖଳା ତଥା ଅସହଯୋଗ ମନୋବୃତ୍ତି ଖୋର୍ଦ୍ଧା ରାଜାଙ୍କୁ ଆତଙ୍କିତ କରିଥିଲା । ତେଣୁ କିଂକର୍ତ୍ତବ୍ୟବିମୂଢ଼ ଓ ଭୟଭୀତ ହୋଇ ରାଜା ଏକ ଶାନ୍ତି ପ୍ରସ୍ତାବ ଆଗତ କରିଥିଲେ ଏବଂ ରଥୀପୁରଠାରେ ତକୀ ଖାଁଙ୍କ ସହିତ ନିଜ ଦିଓ୍ୱାନ ଓ କେତେକ ସୈନ୍ୟଙ୍କୁ ନେଇ ସାକ୍ଷାତ କରିଥିଲେ । କିନ୍ତୁ ତକୀ ଖାଁ ସମ୍ଭବତଃ ସମଗ୍ର ଖୋର୍ଦ୍ଧା ଇଲାକାକୁ କରଗତ କରିବା ନିମନ୍ତେ ଇଚ୍ଛା କରିଥିଲେ । ତେଣୁ ସେ ବିଶ୍ୱାସ-ଘାତକତା ଅବଲମ୍ବନ କରି ରାଜା ତାଙ୍କ ଦିଓ୍ୱାନ ଓ ବକ୍‌ସିଙ୍କୁ ବନ୍ଦୀ କରି ନେଇଥିଲେ । ଆଶାତୀତ ଭାବେ ଘଟଣାର ଏପରି ଓଲଟା ପରିଣତି ଦେଖି ରାଜାଙ୍କ ସୈନ୍ୟମାନେ ଏତେଦୂର କ୍ରୋଧାନ୍ୱିତ ହୋଇ ପଡ଼ିଲେ ଯେ ସେମାନେ ତତ୍‌କ୍ଷଣାତ୍ ତକୀ ଖାଁଙ୍କ ସମର୍ଥକମାନଙ୍କୁ ଆକ୍ରମଣ କଲେ । ମାତ୍ର ରାଜାଙ୍କ ପକ୍ଷରୁ ଅନେକ ସୈନ୍ୟ ନିହତ ହେଲେ ଏବଂ ଅନ୍ୟମାନେ ଛତ୍ରଭଙ୍ଗ ଦେଇ ଇତସ୍ତତଃ ପଳାୟନ କରିଥିଲେ ।

ଏ ପରିସ୍ଥିତିରେ ଖୋର୍ଦ୍ଧାରେ ଶାନ୍ତି ବିରାଜ କରିବାର ପ୍ରଶ୍ନ ନ ଥିଲା ବା ସମଗ୍ର ଖୋର୍ଦ୍ଧା ରାଜ୍ୟରେ ତକୀ ଖାଁଙ୍କ ରାଜତ୍ୱ ପ୍ରତିଷ୍ଠିତ ହୋଇପାରି ନ ଥିଲା । ତକୀ ଖାଁଙ୍କ ବିଶ୍ୱାସଘାତକତା ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ପୁତ୍ର ତଥା ନାତିମାନଙ୍କ ମନରେ ବିଦ୍ୱେଷ ତଥା କ୍ରୋଧଭାବ ସୃଷ୍ଟି କରିଥିଲା । ତାଙ୍କ ଜ୍ୟେଷ୍ଠପୁତ୍ର କୃଷ୍ଣ ରାୟଜେନା ଏବଂ ପରିବାରର ମୁକୁନ୍ଦ କୁମାରଙ୍କ ଭଳି ରାଜପୁତ୍ରମାନେ ଅନ୍ୟାନ୍ୟ ପ୍ରଭାବଶାଳୀ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ସହ ଶତ୍ରୁ ସୈନ୍ୟଙ୍କ ଉପରେ ପ୍ରତିଶୋଧ ନେବା ନିମନ୍ତେ ଏକତ୍ର ହେଲେ । ତକୀ ଖାଁଙ୍କ ଶାସନ ପ୍ରତିହତର ପ୍ରଥମ ପଦକ୍ଷେପସ୍ୱରୂପ ସେମାନେ ବହୁସଂଖ୍ୟକ ସୈନ୍ୟଙ୍କୁ ନେଇ ଖୋର୍ଦ୍ଧା

Digitized by PPRACHIN, SOA

ରାଜ୍ୟରେ ଅବସ୍ଥିତ ନାଉସିଂହ ଦୁର୍ଗକୁ ଶକ୍ତିଶାଳୀ କରିନେଲେ । ଏହି ସମୟକୁ ତକୀ ଖାଁ ଖୋର୍ଦ୍ଧା ଦୁର୍ଗ ଅକ୍ତିଆର କରି ନେଇ ସାରିଥିଲେ । ଖୋର୍ଦ୍ଧା ଦୁର୍ଗ ତକୀ ଖାଁଙ୍କ କରଗତ ହୋଇଯିବା ପରେ ଖୋର୍ଦ୍ଧା ରାଜବଂଶର ବିଦ୍ରୋହୀ ରାଜପୁତ୍ରମାନଙ୍କୁ ଆକ୍ରମଣ କରିବା ତାଙ୍କ ପକ୍ଷରେ ସହଜ ହୋଇ ଉଠିଥିଲା । ନାଉସିଂହ ଦୁର୍ଗକୁ ଶତ୍ରୁମାନେ ଶକ୍ତିଶାଳୀ କରୁଥିବାର ଖବର ପାଇ ମୁସଲମାନ ସୈନ୍ୟମାନେ ତା' ଉପରେ ଚଢ଼ାଉ କଲେ । ସେମାନେ ଏଭଳି ପ୍ରଚଣ୍ଡ ଆକ୍ରମଣ ଚଳାଇଲେ ଯେ ରାଜକୁମାରମାନେ ଭୟଭୀତ ହୋଇ ପଡ଼ିଥିଲେ । ତେଣୁ ନାଉସିଂହ ଗଡ଼ ପରିତ୍ୟାଗ କରି ସେମାନେ କୋଦଳା ଆଠଗଡ଼ ରାଜ୍ୟର ରାଜଧାନୀକୁ ଆଶ୍ରୟ ନେବା ନିମନ୍ତେ ପଳାୟନ କରିଥିଲେ । ମୁସଲମାନ ସୈନ୍ୟମାନେ ବାଣପୁର ପର୍ଯ୍ୟନ୍ତ ସେମାନଙ୍କୁ ଅନୁଧାବନ କଲେ । ବାଣପୁର ପର୍ଯ୍ୟନ୍ତ ବିସ୍ତୃତ ଖୋର୍ଦ୍ଧାର ସମଗ୍ର ରାଜ୍ୟ ତକୀ ଖାଁଙ୍କ ହସ୍ତଗତ ହେଲା । ସେ ଏଥିରେ ସନ୍ତୋଷ ଲାଭ କରି ଖୋର୍ଦ୍ଧା ଶାସନ ଦାୟିତ୍ୱ ନିଜ କର୍ମଚାରୀଙ୍କ ଉପରେ ନ୍ୟସ୍ତ କରି କଟକ ଯାତ୍ରା କଲେ । ଫେରିବା ସମୟରେ ରଥୀପୁରଠାରୁ ସେ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କୁ ନିଜ ସହ ନେଇ ଯାଇଥିଲେ ଏବଂ ତାଙ୍କୁ କଟକର ପ୍ରସିଦ୍ଧ ବାରବାଟୀ କିଲ୍ଲାରେ ବନ୍ଦୀ କରି ରଖିଥିଲେ ।

ଏହି ଘଟଣାର ଅବ୍ୟବହିତ ପରେ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଜନୈକ ପୁତ୍ର ଭାଗୀରଥି କୁମାର ବିନା ବିଳମ୍ବରେ ଖୋର୍ଦ୍ଧାରେ ପ୍ରତିଷ୍ଠିତ ତକୀ ଖାଁ ରାଜତ୍ୱ ବିରୁଦ୍ଧରେ ପ୍ରତିବାଦ ସ୍ୱର ଉତ୍ତୋଳନ କରିଥିଲେ । ଏଥିନିମନ୍ତେ ସେ ଆଠଗଡ଼ ରାଜାଙ୍କ ଠାରୁ ସୈନ୍ୟସାମନ୍ତ ସାହାଯ୍ୟ ପାଇଥିଲେ । ସେମାନଙ୍କ ସାହାଯ୍ୟରେ ସେ ଖୋର୍ଦ୍ଧା ଏବଂ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅବସ୍ଥାପିତ ମୁସଲମାନ ସୈନ୍ୟଙ୍କୁ ବିତାଡ଼ିତ କରିବାରେ ସଫଳ ହୋଇଥିଲେ । ଖୋର୍ଦ୍ଧା ଦୁର୍ଗରୁ ମୁସଲମାନ ଶକ୍ତିର ବିତାଡ଼ନ ସମ୍ବାଦ ପାଇ ତକୀ ଖାଁ ପୁଣି ଥରେ ଏକ ବିରାଟ ସୈନ୍ୟବାହିନୀଙ୍କ ସହିତ ଖୋର୍ଦ୍ଧା ରାଜ୍ୟରେ ପ୍ରବେଶ କରିଥିଲେ । ଭାଗୀରଥି କୁମାରଙ୍କ ସଙ୍ଗେ ଯୁଦ୍ଧ ହେଲା । ଏଥିରେ ଭାଗିରଥୀ କୁମାର ପରାଜିତ ହୋଇ ଦଶପଲ୍ଲା ପଳାୟନ କରିଥିଲେ । ବାରମ୍ବାର ପରାଜୟ ଲାଭ କରି ମଧ୍ୟ ରାଜପୁତ୍ରମାନେ ମୁସଲମାନ ଶକ୍ତି ଆଗରେ ମୁଣ୍ଡ ନୁଆଁଇବାକୁ ଶ୍ରେୟସ୍କର ମଣି ନ ଥିଲେ ଏବଂ ନିଜ ରାଜ୍ୟର ପୁନରୁଦ୍ଧାର ପାଇଁ ଦୃଢ଼ପ୍ରତିଜ୍ଞ ଥିଲେ ।

ତକୀ ଖାଁଙ୍କ ପକ୍ଷରେ ଖୋର୍ଦ୍ଧା ସମସ୍ୟା ସମାଧାନ କରିବା ଏତେ ସହଜ ନ ଥିଲା । ସେ ବହୁବାର ଖୋର୍ଦ୍ଧା ରାଜ୍ୟ ଆକ୍ରମଣ କରି ବିଜୟ ଲାଭ ପରେ ମଧ୍ୟ ଶାସନ ପ୍ରତିଷ୍ଠା କରିବା ସମ୍ଭବପର ହେଲା ନାହିଁ । ଖୋର୍ଦ୍ଧା ରାଜ୍ୟବଂଶ ଏବଂ ଖୋର୍ଦ୍ଧା ଲୋକମାନଙ୍କ ମୁସଲମାନ ଶାସନ ବିରୋଧୀ ମନୋଭାବ ଗୋଟିଏ ବଡ଼ ସମସ୍ୟା ହେଲା । ଭାଗୀରଥି କୁମାରଙ୍କ ପଡ଼ୋଶୀ ରାଜ୍ୟକୁ ପଳାୟନ ଖୋର୍ଦ୍ଧାରେ ତକୀ ଖାଁଙ୍କ ରାଜତ୍ୱର

Digitized by PPRACHIN, SOA

ବିରୋଧ କରିବାକୁ ପୁନଃ ଚେଷ୍ଟାର ପୂର୍ବାଭାସ ବୋଲି ପ୍ରତୀୟମାନ ହେଲା । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାରେ ଏଭଳି ଜଣେ ବିଦ୍ରୋହୀ ମୁସଲମାନ ରାଜକୁମାରଙ୍କୁ ଜଣେ କରଦ ରାଜା ହିସାବରେ ପୁନଃପ୍ରତିଷ୍ଠିତ କରିବା ବିଜ୍ଞତାର ପରିଚୟ ନୁହେଁ ବୋଲି ସେ ଭାବିଲେ । କାରଣ ତାହା କଟକରେ ଅବସ୍ଥାପିତ ମୁସଲମାନ ଗଭର୍ଣ୍ଣରଙ୍କ ସ୍ୱାର୍ଥ-ବିରୋଧୀ ହେବ । ଏପରି ପରିସ୍ଥିତିରେ ତକୀ ଖାଁଙ୍କ ଚିନ୍ତାରେ ଏହାର ଏକମାତ୍ର ସମାଧାନ ପନ୍ଥା ଥିଲା ଯେ ଖୋର୍ଦ୍ଧା ସିଂହାସନରେ ଏପରି ଜଣେ ବ୍ୟକ୍ତିଙ୍କୁ ଅବସ୍ଥାପିତ କରିବାକୁ ହେବ ଯିଏ କି କଟକଠାରୁ ସୁଦୂରବର୍ତ୍ତୀ ଏହି ପାହାଡ଼ିଆ ଅଞ୍ଚଳରେ ତାଙ୍କ ନିର୍ଦ୍ଦେଶକୁ ନିଷ୍ଠାପର ଭାବରେ ପାଳନ କରି ପାରିବ । ତେଣୁ ସେ ରାଜା ରାମଚନ୍ଦ୍ର ଦେବ-୨ଙ୍କ ଆଡ଼କୁ ଦୃଷ୍ଟି ଫେରାଇଥିଲେ ଏବଂ ବନ୍ଦୀ ହେବା ପୂର୍ବରୁ ଯେହେତୁ ସେ ତାଙ୍କ ସହିତ ଶାନ୍ତିଚୁକ୍ତି ସ୍ୱାକ୍ଷର ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ । ତେଣୁ ସେ ନିର୍ଦ୍ଦେଶ ମାନି ବିଶ୍ୱାସଭାଜନ ହୋଇ ପାରିବେ ବୋଲି ସେ ଚିନ୍ତା କରିଥିଲେ ଏବଂ ପୁଣି ଥରେ ଖୋର୍ଦ୍ଧା ସିଂହାସନରେ ଅଧିଷ୍ଠିତ କରାଗଲେ ସେଠାରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠିତ ହୋଇପାରିବ ଏବଂ ଜଣେ କରଦ ରାଜା ହିସାବରେ ସେ କଟକ ମୁସଲମାନ ଗଭର୍ଣ୍ଣରଙ୍କ କଥା ମାନିବେ ଏବଂ ତାହା ମୁସଲମାନ ରାଜତ୍ୱ ନିମନ୍ତେ ସୁବିଧାଜନକ ହେବ ବୋଲି ଭାବିଥିଲେ । ଏହିସବୁ ଦୃଷ୍ଟିରୁ ସେ ମୁସଲମାନ ରାଜତ୍ୱ ପ୍ରତି ଅନୁରକ୍ତ ରହିବେ ବୋଲି ଆଶା କରି ରାଜାଙ୍କୁ ବନ୍ଦୀମୁକ୍ତ କରି ଖୋର୍ଦ୍ଧା ସିଂହାସନରେ ପୁଣିଥରେ ଅଧିଷ୍ଠିତ କରାଇଥିଲେ ।

କିନ୍ତୁ କିଛି ଦିନ ପରେ ଜଣାଗଲା ଯେ ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ ତକୀ ଖାଁଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରୁ ନାହାନ୍ତି । ତକୀ ଖାଁଙ୍କ ପରାମର୍ଶ ଅନୁଯାୟୀ ନିଜକୁ ଖୋର୍ଦ୍ଧା ମଧ୍ୟରେ ସୀମାବଦ୍ଧ ରଖି ଅର୍ଥାତ୍ ଅନ୍ୟ ଅର୍ଥରେ କହିବାକୁ ଗଲେ ତାଙ୍କଠାରୁ ଆନୁଷ୍ଠାନିକ ଭାବେ ପୂର୍ବରୁ ଅନୁମତି ନ ନେଇ ସେ ଗୋପନ ଭାବରେ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରାରେ ଯୋଗଦେବା ନିମନ୍ତେ ପୁରୀ ଚାଲି ଯାଇଥିଲେ । ଏହି ଘଟଣା ଆଦେଶ ଅବମାନନା ଏବଂ ତାଙ୍କ ପ୍ରତି ଅନୁରକ୍ତିର ଅଭାବ ବୋଲି ତକୀ ଖାଁ ବିବେଚନା କଲେ । ତେଣୁ ତାଙ୍କୁ ଉଚିତ ଶିକ୍ଷା ଦେବା ନିମନ୍ତେ ସେ ଏକ ସୈନ୍ୟବାହିନୀ ନେଇ ପୁଣିଥରେ ଖୋର୍ଦ୍ଧା ଅଭିଯାନ ଚଳାଇଥିଲେ । ଖୋର୍ଦ୍ଧାରେ ମୁସଲମାନବାହିନୀ ପ୍ରବେଶ, ରାଜାଙ୍କୁ ଭୟଭୀତ କରିଥିଲା । ତେଣୁ ସେ ପ୍ରଥମେ ନୟାଗଡ଼କୁ ପଳାୟନ କଲେ । କିନ୍ତୁ ନୟାଗଡ଼ ବିପଦମୁକ୍ତ ନୁହେଁ ବୋଲି ଜାଣି ସେ ଖଣ୍ଡପଡ଼ା ଏବଂ ସେଠାରୁ ବୋଲଗଡ଼ ପଳାଇ ଯାଇଥିଲେ ।

ଏସବୁ ସତ୍ତ୍ୱେ ଖୋର୍ଦ୍ଧାରେ ପୂର୍ଣ୍ଣକର୍ତ୍ତୃତ୍ୱ ବିସ୍ତାର କରିବା ଏକ ସହଜ ବ୍ୟାପାର ନ ଥିଲା । କାରଣ ପୂର୍ବରୁ ତାଙ୍କ କର୍ତ୍ତୃତ୍ୱ ବିରୋଧୀ ବିଦ୍ରୋହୀ ରାଜପୁତ୍ରମାନେ ଏକାଠି ହୋଇ ତାଙ୍କୁ ହଇରାଣ କରିବା ନିମନ୍ତେ ସୈନ୍ୟ ସଂଗ୍ରହ କରୁଥିଲେ ।

Digitized by PPRACHIN, SOA

ତେଣୁ ଖୋର୍ଦ୍ଧା ରାଜପରିବାରର ସଦସ୍ୟମାନଙ୍କ ଏକତା ଭାଙ୍ଗି ଭେଦ ସୃଷ୍ଟିକରିବା ଉଦ୍ଦେଶ୍ୟରେ ତକୀ ଖାଁ ସ୍ୱାର୍ଥାନ୍ୱେଷୀ ଭାଗୀରଥି କୁମାରଙ୍କୁ ନିଜ ପକ୍ଷକୁ ନେଇ ଆସିଥିଲେ ଏବଂ ଖୋର୍ଦ୍ଧା ସିଂହାସନରେ ତାଙ୍କୁ ବସାଇବା ନିମନ୍ତେ ପ୍ରବର୍ତ୍ତାଇ ଥିଲେ । ସେ ଏଥିରେ ସମ୍ମତ ହେବା ପରେ ତାଙ୍କୁ ଖୋର୍ଦ୍ଧାର ରାଜା ବୋଲି ସେ ଘୋଷଣା କରିଥିଲେ । ସେ ମୁସଲମାନ ସୈନ୍ୟମାନଙ୍କ ସାହାଯ୍ୟ ପାଇଲେ । ଏ ପ୍ରକାର ବ୍ୟବସ୍ଥା କରି ତକୀ ଖାଁ ମୁର୍ଶିଦାବାଦ ଯାତ୍ରା କରିଥିଲେ ।

ମାତ୍ର ତକୀ ଖାଁଙ୍କ ଦ୍ୱାରା ଖୋର୍ଦ୍ଧା ସିଂହାସନରେ ଆସୀନ ଭାଗୀରଥି କୁମାର ଦୀର୍ଘଦିନ ପାଇଁ ରାଜତ୍ୱ କରିପାରିଲେ ନାହିଁ । ପ୍ରଥମତଃ ନିଜର ଜୀବିତ ପିତାଙ୍କ ନ୍ୟାଯ୍ୟ ଦାବି ବିରୁଦ୍ଧରେ ସେ ନିଜେ ଖୋର୍ଦ୍ଧା ସିଂହାସନ ଆରୋହଣ କରିବା ଘଟଣା ତାଙ୍କୁ ରାଜପରିବାରର ସଦସ୍ୟବୃନ୍ଦ ତଥା ଲୋକମାନଙ୍କ ସମ୍ମୁଖରେ ନିନ୍ଦିତ କରିଥିଲା । ଦ୍ୱିତୀୟତଃ ଭାଗୀରଥି କୁମାରଙ୍କ ସିଂହାସନ ଆରୋହଣ କରିବା ପାଇଁ ଜଣେ ବାହ୍ୟ ଶକ୍ତି ଠାରୁ ସାହାଯ୍ୟ ଘଟଣା ଉକ୍ତ ରାଜ୍ୟର ସାଧାରଣ ଲୋକଙ୍କ ଠାରୁ ପ୍ରତିବାଦ ସହିତ ବିଦ୍ୱେଷ ଓ ଘୃଣା ଉଦ୍ରେକ କରିଥିଲା ।

ଭାଗୀରଥି କୁମାର ଲୋକପ୍ରିୟତା ହରାଇଥିବାର ସୁଯୋଗ ଉପଲବ୍ଧି କରି ଦ୍ୱିତୀୟ ରାମଚନ୍ଦ୍ର ଦେବ ନିଜର ସୈନ୍ୟବାହିନୀ ତଥା ଅନୁଗତମାନଙ୍କ ସାହାଯ୍ୟରେ ବୋଲଗଡ଼ରୁ ଆସି ଖୋର୍ଦ୍ଧାରେ ପ୍ରବେଶ କଲେ । ରାଜା ବିପୁଳ ଜନପ୍ରିୟ ଥିବାରୁ ଭାଗୀରଥି କୁମାର ତାଙ୍କର ପ୍ରବେଶ ପ୍ରତିହତ କରିପାରି ନ ଥିଲେ । ତେଣୁ ସେ ମୁସଲମାନ ସୈନ୍ୟମାନଙ୍କ ସହିତ କଟକ ପଳାଇ ଯାଇଥିଲେ । ତା'ପରେ ଦ୍ୱିତୀୟ ରାମଚନ୍ଦ୍ର ଦେବ ପୁଣି ଥରେ ଖୋର୍ଦ୍ଧା ଗାଦିନାସୀନ ହେଲେ ।

ଦ୍ୱିତୀୟ ରାମଚନ୍ଦ୍ର ଦେବ ପୁନର୍ବାର ଖୋର୍ଦ୍ଧା ସିଂହାସନ ଦଖଲ ସମ୍ବାଦ କଟକ ମୁସଲମାନ ଶାସକବୃନ୍ଦଙ୍କ ମତରେ ନୈରାଶ୍ୟ ଏବଂ ଚିନ୍ତା ଆଣିଥିଲା । ଖୋର୍ଦ୍ଧାରେ ନିଜର କର୍ତ୍ତୃତ୍ୱ ପୁଣି ଥରେ ଜାହିର କରିବା ଲକ୍ଷ୍ୟରେ କଟକର ମୁସଲମାନ ଶାସନ ତରଫରୁ କେତେକ ମୁସଲମାନ ସେନାନାୟକଙ୍କ ନେତୃତ୍ୱରେ ଏକ ଆଗୁଆ ସୈନ୍ୟବାହିନୀ ପ୍ରେରଣ କରାଯାଇଥିଲା । ସେମାନଙ୍କ ପଛେ ପଛେ ରସ୍ତମ୍ ଖାଁ ନାମକ ଅନ୍ୟ ଜଣେ ମୁସଲମାନ ସେନାପତିଙ୍କ ନେତୃତ୍ୱରେ ଆହୁରି ଅଧିକ ସୈନ୍ୟଙ୍କୁ ପଠାଗଲା । ଉଭୟ ସୈନ୍ୟବାହିନୀ ମିଳିତ ହୋଇ ଖୋର୍ଦ୍ଧା ଆକ୍ରମଣ କଲେ ଏବଂ ରାଜାଙ୍କୁ ସେଠାରୁ ବିତାଡ଼ିତ କଲେ । ରାଜା ପଳାଇଯାଇ ଖୋର୍ଦ୍ଧା ଜଙ୍ଗଲରେ ଆତ୍ମଗୋପନ କଲେ । ଇତିମଧ୍ୟରେ ତକୀ ଖାଁ ମୁର୍ଶିଦାବାଦରୁ କଟକ ପ୍ରତ୍ୟାବର୍ତ୍ତନ କରିସାରିଥିଲେ । ସେଠାରୁ ସେ ଶୀଘ୍ର ଖୋର୍ଦ୍ଧା ସମ୍ପୂର୍ଣ୍ଣ ଦଖଲ କରିବା ନିମନ୍ତେ ପହଞ୍ଚି ଯାଇଥିଲେ; [illegible] ତଥା ଉକ୍ତ ରାଜ୍ୟର

Digitized by PPRACHIN, SOA

ଲୋକମାନଙ୍କ ବିଦ୍ରୋହୀ କାର୍ଯ୍ୟକଳାପ ପ୍ରତିହତ କରିବା ଲକ୍ଷ୍ୟରେ ସେ ଖୋର୍ଦ୍ଧା ରାଜ୍ୟ ମଧ୍ୟରେ ୨୨ ଗୋଟି ଥାନା ପ୍ରତିଷ୍ଠା କରିଥିଲେ । ଖୋର୍ଦ୍ଧାରେ ପୁଣି ଥରେ ନିଜର ରାଜତ୍ୱ ପ୍ରତିଷ୍ଠା କରିସାରିବା ପରେ ତକୀ ଖାଁ ୧୭୩୪ ଖ୍ରୀଷ୍ଟାବ୍ଦରେ କଟକଠାରେ ପ୍ରାଣତ୍ୟାଗ କରିଥିଲେ ।

ତକୀ ଖାଁ ଦୀର୍ଘ ତିନିବର୍ଷ ପର୍ଯ୍ୟନ୍ତ ଖୋର୍ଦ୍ଧା ରଜାଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଭାବେ ସଂଗ୍ରାମ ଚାଲୁ ରଖିଥିଲେ । ଖୋର୍ଦ୍ଧା ରାଜ୍ୟ ଅକ୍ତିଆର କରି ସେ ନିଜର କୂଟନୈତିକ ପରାକାଷ୍ଠା ଓ କର୍ତ୍ତବ୍ୟପରାୟଣତା ତଥା ଲକ୍ଷ୍ୟ ହାସଲ ଦିଗରେ ଦୃଢ଼ ମନୋଭାବ ପ୍ରଦର୍ଶନ କରିଥିଲେ ।

ଅନ୍ୟପକ୍ଷରେ ଖୋର୍ଦ୍ଧା ରାଜା ବେଳେବେଳେ ନିର୍ବୋଧଙ୍କ ପରି କାର୍ଯ୍ୟ କରୁଥିଲେ । ଏପରିକି ନିଜ ପରିବାରର ମୁଖ୍ୟ ସଦସ୍ୟମାନଙ୍କୁ ଶତ୍ରୁ ବିରୁଦ୍ଧରେ ସଂଗଠିତ କରିବାରେ ବିଫଳ ହୋଇଥିଲେ । ତାଙ୍କର ସରଳତା ଏବଂ ଦୁର୍ବଳ ବ୍ୟକ୍ତିତ୍ୱ ତକୀ ଖାଁଙ୍କ ଭଳି ଚତୁର କୂଟନୀତିଜ୍ଞଙ୍କୁ ସୁଯୋଗ ପ୍ରଦାନ କରିଥିଲା । ଏହା ସତ୍ତ୍ୱେ ରଜା ଦ୍ୱିତୀୟ ରାମଚନ୍ଦ୍ର ଦେବ ନିଜର ଦୃଢ଼ ମନୋଭାବର ପରିଚୟ ପ୍ରଦାନ କରିଥିଲେ ଏବଂ ମୁସଲମାନ ଶକ୍ତି ନିକଟରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନ ଥିଲେ । ମୁସଲମାନ ଶାସକମାନଙ୍କ ହାତରେ ସାଧାରଣ କ୍ରୀଡ଼ନକ ହୋଇ ଲଜ୍ଜିତ ହେବା ଅପେକ୍ଷା ବରଂ ଜଙ୍ଗଲରେ ରହିବା ପାଇଁ ସେ ପସନ୍ଦ କରିଥିଲେ ।

ଜଗନ୍ନାଥଙ୍କ ସେବାପୂଜା କ୍ଷେତ୍ରରେ ଅବ୍ୟବସ୍ଥା

ତକୀ ଖାଁ ପ୍ରତିମାପୂଜା ବିରୋଧୀ ଏବଂ ଜଗନ୍ନାଥ ଅନୁଗାମୀମାନଙ୍କର ବିଦ୍ୱେଷୀ ଥିଲେ ବୋଲି ବେଳେ ବେଳେ କୁହାଯାଇଥାଏ । ମାତ୍ର ଜଗନ୍ନାଥ ମନ୍ଦିର କିମ୍ବା ଜଗନ୍ନାଥ ମୂର୍ତ୍ତି ଅଥବା କୌଣସି ହିନ୍ଦୁ ଧର୍ମାନୁଷ୍ଠାନ ଉପରେ ତାଙ୍କ ପକ୍ଷରୁ ଆକ୍ରମଣ କରାଯାଇ ଥିବାର କୌଣସି ପ୍ରତ୍ୟକ୍ଷ ପ୍ରମାଣ ପରିଦୃଷ୍ଟ ହୁଏନାହିଁ । ଏପରିକି ମାଦଳାପାଞ୍ଜିରେ ମଧ୍ୟ ଜଗନ୍ନାଥଙ୍କ ସେବା ପୂଜାକୁ ମୁଖ୍ୟତଃ କେନ୍ଦ୍ରକରି ତକୀ ଖାଁଙ୍କ ପକ୍ଷରୁ ପ୍ରତ୍ୟକ୍ଷ ହସ୍ତକ୍ଷେପ ଫଳରେ ଜଗନ୍ନାଥଙ୍କ ପୂଜାରେ ବ୍ୟାଘାତ ଘଟିଥିବା ସମ୍ପର୍କରେ ସ୍ପଷ୍ଟଭାବରେ କିଛି ଉଲ୍ଲେଖ ନାହିଁ ।

ମାଦଳାପାଞ୍ଜିରେ ସାଧାରଣଭାବେ ଏତିକି କୁହାଯାଇଅଛି ଯେ ସମୟ ସମୟରେ ଜଗନ୍ନାଥ ପୁରୀରେ ପୂଜା ପାଉଥିଲେ ଏବଂ ଆଉ ବେଳେ ବେଳେ ଜଗନ୍ନାଥଙ୍କ ସେବକମାନେ ଆତଙ୍କିତ ହୋଇ ଜଗନ୍ନାଥଙ୍କ ମୂର୍ତ୍ତିକୁ ପୁରୀରୁ ଓଡ଼ିଶାର ଦକ୍ଷିଣାଞ୍ଚଳସ୍ଥ କୌଣସି କୌଣସି ସ୍ଥାନକୁ ସ୍ଥାନାନ୍ତରିତ କରୁଥିଲେ । ତକୀ ଖାଁଙ୍କ ଦ୍ୱାରା ଭାଗୀରଥି କୁମାର ଖୋର୍ଦ୍ଧାର ରାଜା ରୂପେ ଅଧିଷ୍ଠିତ ହେବା ପରେ ସେ ପୁରୀ ଜଗନ୍ନାଥଙ୍କ ସେବାପୂଜା ଦାୟିତ୍ୱ

Digitized by PPRACHIN, SOA

ଗ୍ରହଣ କରିଥିଲେ । ମାତ୍ର ଏଥିପାଇଁ ତକୀ ଖାଁଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ସୃଷ୍ଟି କରାଯାଇ ନ ଥିଲା କିମ୍ବା ରାଜକୁମାରଙ୍କ ଏତାଦୃଶ କାର୍ଯ୍ୟ ନିମନ୍ତେ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ।

ମାଦଳାପାଞ୍ଜିରେ ବର୍ଣ୍ଣିତମତେ ଜଗନ୍ନାଥଙ୍କ ସେବାପୂଜା ସମ୍ପର୍କରେ ତକୀ ଖାଁଙ୍କ ମନୋଭାବ ଯାହା ହୋଇ ନ ଥାଉ ନା କାହିଁକି ଏହା ସୁସ୍ପଷ୍ଟ ଯେ ୧୭୩୧ ରୁ ୧୭୩୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତିନିବର୍ଷ କାଳ ଖୋର୍ଦ୍ଧାରଜା ଏବଂ ତକୀ ଖାଁଙ୍କ ମଧ୍ୟରେ ନିରବଚ୍ଛିନ୍ନ ଯୁଦ୍ଧ ଲାଗି ରହିଥିବାରୁ ଜଗନ୍ନାଥଙ୍କ ସେବାପୂଜା ବ୍ୟାହତ ହୋଇଥିଲା । ଜଗନ୍ନାଥଙ୍କ ସେବାପୂଜା କ୍ଷେତ୍ରରେ ଦୁଇଗୋଟି କାରଣରୁ ବ୍ୟାଘାତ ସୃଷ୍ଟି ହୋଇଥିଲା । ପ୍ରଥମତଃ ରଜା ମୁସଲମାନ-ମାନଙ୍କ ଦ୍ୱାର ବନ୍ଦୀ ହୋଇଥିବାରୁ ଏବଂ ଏପରିକି ବନ୍ଦୀମୁକ୍ତ ହେବା ପରେ ମଧ୍ୟ ନିଜର ନିରପତ୍ତା ନିମନ୍ତେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପଳାୟନ କରିବା ନିମନ୍ତେ ବାଧ୍ୟ ହେଉଥିବାରୁ ମନ୍ଦିରର ଅନୁସୃତ ନୀତି ଅନୁସାରେ ଜଗନ୍ନାଥଙ୍କ ଯେଉଁ ସବୁ ପ୍ରଧାନ ପର୍ବପର୍ବାଣୀରେ ତାଙ୍କର ଉପସ୍ଥିତି ଅପରିହାର୍ଯ୍ୟ ସେ ସବୁରେ ସେ ଯୋଗଦେଇ ପାରିଲେ ନାହିଁ । ଦ୍ୱିତୀୟତଃ ଖୋର୍ଦ୍ଧା ରଜାଙ୍କୁ ଦମନ କରିବା ପଦକ୍ଷେପ ଦେଶର ଧର୍ମ ଉପରେ ମୁସଲମାନ-ମାନଙ୍କ ଭବିଷ୍ୟତ ନିର୍ଯ୍ୟାତନା ପରିକଳ୍ପନାର ସୂଚନା ବୋଲି ସେବକମାନଙ୍କ ମନରେ ଆଶଙ୍କା ଦୃଢ଼ୀଭୂତ ହୋଇଥିଲା ଏବଂ ସେହି ଦୃଷ୍ଟିରୁ ସେମାନେ ଜଗନ୍ନାଥଙ୍କ ବିଗ୍ରହକୁ ବାଣପୁର ଓ ଓଡ଼ିଶାର ଅନ୍ୟ ଦକ୍ଷିଣାଞ୍ଚଳସ୍ଥ କେତେକ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲେ ।

ଜଗନ୍ନାଥଙ୍କ ସେବାପୂଜା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ଏବଂ ପୁରୀ ଜଗନ୍ନାଥ ମନ୍ଦିରକୁ ଯେଉଁ ପଥଦେଇ ଯାତ୍ରୀମାନେ ଯାଉଥିଲେ ସେହି ବାଟରେ ମୁସଲମାନ ସେନା-ବାହିନୀ ବାରମ୍ବାର ଯୁଦ୍ଧ ଅଭିଯାନ ଚଳାଇବା ଫଳରେ ଯାତ୍ରୀମାନଙ୍କ ମନରେ ଏକ ଭୟ ଓ ଆତଙ୍କର ବାତାବରଣ ଦେଖାଦେଲା । ଖୋର୍ଦ୍ଧା ରଜାଙ୍କ ସହିତ ତକୀ ଖାଁଙ୍କ ଏପରି ସମ୍ପର୍କର ଏକ ପ୍ରଧାନ ଫଳାଫଳ ହେଲା ଯେ ଜଗନ୍ନାଥଙ୍କ ଦର୍ଶନାଭିଳାଷୀ ଯାତ୍ରୀମାନଙ୍କ ସଂଖ୍ୟାର ହ୍ରାସ ଘଟିଲା । ସମସ୍ତ ବାଧାବିଘ୍ନ ଏଡ଼ାଇ ଯେଉଁମାନେ ବା ଆସି ପୁରୀରେ ପହଞ୍ଚିଲେ ସେମାନେ ସେଠାରେ ଜଗନ୍ନାଥଙ୍କ ବିଗ୍ରହ ନ ଥିବାର ଦେଖି ଏବଂ ଜଗନ୍ନାଥଙ୍କୁ ଏପରି ଏକ ସ୍ଥାନକୁ ନିଆଯାଇଅଛି ଯେଉଁଠାକୁ କି ସେମାନେ ଯାଇପାରିବେ ନାହିଁ ବୋଲି ଜାଣି ନିରଶ ହୋଇ ଫେରି ଯାଉଥିଲେ ।

ତକୀ ଖାଁ ମୁସଲମାନ କୀର୍ତ୍ତିର ପୃଷ୍ଠପୋଷକ ଥିଲେ ଏବଂ କେତେକ କୀର୍ତ୍ତି ନିଜେ ମଧ୍ୟ ପ୍ରତିଷ୍ଠା କରିଥିଲେ । ଯଦିଓ ତାଙ୍କୁ ଓଡ଼ିଶାର ରଜଧାନୀ କଟକଠାରେ ଅବସ୍ଥାନ କରିବାକୁ ପଡୁଥିଲା ତଥାପି ଏଇସବୁ କୀର୍ତ୍ତି ନିମିତ୍ତ ସେ ଯାଜପୁରକୁ ଅଗ୍ରାଧିକାର ପ୍ରଦାନ କରିଥିଲେ । କୁହାଯାଏ ଯେ, ଯାଜପୁରର ଅତ୍ୟନ୍ତ ରମଣୀୟ ଅବସ୍ଥିତି ତାଙ୍କୁ ଆକର୍ଷଣ

Digitized by PPRACHIN, SOA

କରିଥିଲା । ମୁସଲମାନ ଶାସନକାଳରେ ଏହି ସହରର ଶ୍ରୀବୃଦ୍ଧି ନିମନ୍ତେ ସେ ମୁଖ୍ୟତଃ ଦାୟୀ । ଆଉରଙ୍ଗଜେବଙ୍କ ସମ୍ମାନାର୍ଥେ ଶାୟସ୍ତ ଖାଁଙ୍କ ପୁତ୍ର ଆବୁନାସରଙ୍କ ଦ୍ୱାରା ନିର୍ମିତ ଯାଜପୁର ମସ୍‌ଜିଦ୍‌କୁ ତକୀ ଖାଁ ଅତ୍ୟନ୍ତ ପସନ୍ଦ କରିଥିଲେ ।

କଟକସ୍ଥ କଦମରସୁଲ ଅନୁକରଣରେ ତକୀ ଖାଁ ବାଲେଶ୍ୱର ଠାରେ ଏକ କଦମ ରସୁଲ ଏବଂ ତତ୍‌ସଂଲଗ୍ନ ପୁଷ୍କରିଣୀ ତଥା ଉଦ୍ୟାନ ନିର୍ମାଣ କରାଇଥିଲେ । ଏତଦ୍‌ବ୍ୟତୀତ ରେମୁଣା ଏବଂ ପିପିଲିଠାରେ ମଧ୍ୟ ସେ କେତେକ ମୁସଲମାନ କୀର୍ତ୍ତି ପ୍ରତିଷ୍ଠା କରିଥିଲେ ।

(୫)

ଦ୍ୱିତୀୟ ମୁର୍ଶିଦ କୁଲି ଖାଁ

ମହମ୍ମଦ ତକୀ ଖାଁଙ୍କ ମୃତ୍ୟୁ ପରେ ବଙ୍ଗଳା, ବିହାର ଓ ଓଡ଼ିଶାର ଗଭର୍ଣ୍ଣର ସୁଜାଉଦ୍ଦିନ ନିଜର ଜାମାତା ଦ୍ୱିତୀୟ ମୁର୍ଶିଦ କୁଲି ଖାଁଙ୍କୁ ତାଙ୍କ ସ୍ଥାନରେ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ରୂପେ ନିଯୁକ୍ତ କରିଥିଲେ । ମୁର୍ଶିଦ କୁଲି ନିଜ ଶଶୁରଙ୍କ ପ୍ରଚେଷ୍ଟାରେ ସମ୍ରାଟ ମହମ୍ମଦ ଶାହାଙ୍କଠାରୁ ରୁସ୍ତମଜଙ୍ଗ ଉପାଧି ଲାଭ କରିଥିଲେ । କବିତା ଏବଂ ସୁଲେଖନ କଳା (Caligraphy) ପ୍ରତି ତାଙ୍କର ଆଦର ଥିଲା । କବିତା ରଚନା ଦୃଷ୍ଟିରୁ ତାଙ୍କୁ ମାଖମୁର ନାମରେ ନାମିତ କରାଯାଇଥିଲା । ପୂର୍ବରୁ ସେ ଢାକାରେ ଶାସନ କରୁଥିଲେ । ତେଣୁ ତାଙ୍କର ପୂର୍ବ ଅଭିଜ୍ଞତା ଓଡ଼ିଶା ଶାସନ କରିବା ଦିଗରେ ସାହାଯ୍ୟ କରିଥିଲା ।

ତକୀ ଖାଁଙ୍କ ଦମନମୂଳକ ରାଜତ୍ୱରେ ଖୋର୍ଦ୍ଧା ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ ଭୟଭୀତ ହୋଇ ପବିତ୍ର ଜଗନ୍ନାଥ ବିଗ୍ରହକୁ ନେଇ ଚିଲିକା ହ୍ରଦ ଆଡ଼କୁ ପଳାଇ ଯାଇଥିଲେ । ପୁରୁଷୋତ୍ତମ (ପୁରୀ) ରେ ଜଗନ୍ନାଥ ନ ଥିବାରୁ ବାହାରୁ ଆସୁଥିବା ଯାତ୍ରୀମାନଙ୍କ ଭିଡ଼ ନ ଥିଲା । କୁହାଯାଏ ଯେ ଏହା ଫଳରେ ଯାତ୍ରୀମାନଙ୍କ ଠାରୁ ଅସୁଲ ହେଉଥିବା ବାର୍ଷିକ ରାଜସ୍ୱରୁ ସରକାର ବଞ୍ଚିତ ହୋଇଥିଲେ । ଦ୍ୱିତୀୟ ମୁର୍ଶିଦ କୁଲି ଓଡ଼ିଶାର ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଜଗନ୍ନାଥଙ୍କ ସେବାପୂଜା ପୁନର୍ବାର ଚାଲୁ ରଖିବା ନିମନ୍ତେ ପଦକ୍ଷେପମାନ ଗ୍ରହଣ କରିଥିଲେ । ମୀରହବିବ ନାମକ ତାଙ୍କର ଜଣେ ଦକ୍ଷ ତଥା ବିଶ୍ୱସ୍ତ ଡେପୁଟି ନାଏବଙ୍କୁ ଜଗନ୍ନାଥ ମନ୍ଦିରରେ ପବିତ୍ର ଜଗନ୍ନାଥ ବିଗ୍ରହ ପୁନଃପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ କରିଥିଲେ । ମୁର୍ଶିଦ କୁଲିଙ୍କ ନୀତି ଲୋକମାନଙ୍କୁ ସନ୍ତୁଷ୍ଟ କରିଥିଲା ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଆୟ ବ୍ୟବସ୍ଥାରେ ସନ୍ତୋଷଜନକ ଅଗ୍ରଗତି ହାସଲ କରାଯାଇ-ପାରିଥିଲା ।

Digitized by PPRACHIN, SOA

ସେ ରାଜସ୍ୱ ବ୍ୟବସ୍ଥା ପୁନର୍ଗଠନ କରିଥିଲେ ଏବଂ ନୂତନ ପଦକ୍ଷେପମାନ ପ୍ରବର୍ତ୍ତନ କରି ଅନାବଶ୍ୟକ ବ୍ୟୟ କାଟ କରିଥିଲେ । ଚତୁରତା ଉତ୍ତମ ବ୍ୟବହାର ଏବଂ ବୁଦ୍ଧି ବଳରେ ସେ ସ୍ଥାନୀୟ ଜମିଦାରମାନଙ୍କୁ ନିଜ ନିୟନ୍ତ୍ରଣାଧୀନ କରିଥିଲେ ।

କିନ୍ତୁ ଓଡ଼ିଶାରେ ସେ ବହୁଦିନ ଧରି ଶାସନ କରିପାରି ନ ଥିଲେ । କାରଣ ଆଲିବର୍ଦ୍ଦିଙ୍କ ସହିତ ସଂଗ୍ରାମ ପରିଶେଷରେ ତାଙ୍କ ଓଡ଼ିଶା ଶାସନର ପତନ ଘଟାଇ ଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସୁଜାଉଦ୍ଦିନଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ସରଫରାଜ ବଙ୍ଗଳାରେ ମସ୍‌ନଦ ଅଧିକାର କଲେ । ମାତ୍ର ତାଙ୍କଠାରେ ଶାସକୀୟ ଦକ୍ଷତା ଏବଂ ଗୁଣାବଳୀର ଅଭାବ ରହିଥିଲା । ଆଲିବର୍ଦ୍ଦିଙ୍କର ସମ୍ପର୍କୀୟମାନଙ୍କୁ ମଧ୍ୟ ସେ ନିର୍ଯ୍ୟାତନା ଦେଇଥିଲେ । ଆଲିବର୍ଦ୍ଦି ତାଙ୍କ ଦୁର୍ବଳତାର ସୁଯୋଗ ନେଇ ସରଫରାଜଙ୍କ ବିରୁଦ୍ଧରେ ହାଜି ଅହମ୍ମଦ ଓ ଆଲାମଚାନ୍ଦଙ୍କ ସହ ଷଡ଼ଯନ୍ତ୍ର କଲେ । ସମ୍ରାଟ ମହମ୍ମଦ ଶାହାଙ୍କ ଦରବାରରେ ମହମ୍ମଦ ଇଶାକ୍ ଖାଁ ନାମରେ ଆଲିବର୍ଦ୍ଦି ଖାଁଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ । ବଙ୍ଗଳା, ବିହାର ଓ ଓଡ଼ିଶାର ନବାବ ପଦବୀ ନିମନ୍ତେ ସମ୍ରାଟଙ୍କ ନିକଟରୁ ଏକ ଆଦେଶ ପାଇବା ସକାଶେ ସେ ତାଙ୍କୁ ଏକ ଘରୋଇ ପତ୍ର ଲେଖିଥିଲେ ଏବଂ ବାର୍ଷିକ ଏକକୋଟି ଟଙ୍କା ଦେୟ ସାଙ୍ଗକୁ ଆଉ କୋଟିଏ ଟଙ୍କା ସମ୍ରାଟଙ୍କ ଦରବାରକୁ ଉପହାରସ୍ୱରୂପ ପଠାଇବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏହା ଫଳରେ ଏକ ପକ୍ଷରେ ସେ ସରଫରାଜ ଖାଁଙ୍କଠାରୁ ବଳପୂର୍ବକ ବଙ୍ଗଳାର ମସ୍‌ନଦ ଛଡ଼ାଇ ଆଣିବା ନିମନ୍ତେ ସମ୍ରାଟଙ୍କ ଠାରୁ ଆଦେଶ ପାଇବା ପାଇଁ ରହିଁ ରହିଲେ, ଅପର ପକ୍ଷରେ ୧୭୪୦ ଖ୍ରୀଷ୍ଟାବ୍ଦରେ ସରଫରାଜଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ସେ ବାସ୍ତବତଃ ପାଟନାରୁ ବଙ୍ଗଳା ଅଭିମୁଖେ ଯୁଦ୍ଧ ଅଭିଯାନ ଚଳାଇ ଦେଲେ । ୧୭୪୦ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ୧୦ ତାରିଖ ଦିନ ଜରିଆଠାରେ ଆଲିବର୍ଦ୍ଦି ଓ ସରଫରାଜଙ୍କ ମଧ୍ୟରେ ଯୁଦ୍ଧ ହେଲା । ଯୁଦ୍ଧରେ ସରଫରାଜ ବୀରତ୍ୱର ସହିତ ମୃତ୍ୟୁବରଣ କରିଥିଲେ । ଏହାପରେ ପ୍ରତିଶ୍ରୁତି ଅନୁଯାୟୀ ସମ୍ରାଟଙ୍କୁ ବିପୁଳ ପରିମାଣର ଟଙ୍କା ପଠାଇ କରି ଆଲିବର୍ଦ୍ଦି ବଙ୍ଗଳା, ବିହାର ଓ ଓଡ଼ିଶାର ଶାସନ ଦାୟିତ୍ୱରେ ମୁକରିର ହେଲେ ।

ଦିଲ୍ଲୀ ଦରବାରରୁ ଆଇନଗତ ଅନୁମୋଦନ ଲାଭ କରିବା ଫଳରେ ତାଙ୍କର ସ୍ଥିତି ଦୃଢ଼ୀଭୂତ ହୋଇଥିଲା । ଏହାପରେ ଦ୍ୱିତୀୟ ମୁର୍ଶିଦ କୁଲି ଖାଁଙ୍କୁ ଓଡ଼ିଶା ଶାସନରୁ ବହିଷ୍କାର କରିବା ନିମନ୍ତେ ସେ ଚିନ୍ତା କଲେ । କାରଣ ମୁର୍ଶିଦ କୁଲି ଥିଲେ ସରଫରାଜଙ୍କର ଜଣେ ସମ୍ପର୍କୀୟ । ଏତଦ୍‌ବ୍ୟତୀତ ସରଫରାଜଙ୍କ ଡାକରାକ୍ରମେ ଆଲିବର୍ଦ୍ଦିଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ମୀର ହବିବ୍‌ଙ୍କ ନେତୃତ୍ୱରେ ସେ ଏକ ସୈନ୍ୟବାହିନୀକୁ ଜରିଆ ପଠାଇ ଥିଲେ । କିନ୍ତୁ ଏହି ସୈନ୍ୟବାହିନୀ ଯୁଦ୍ଧରେ ଯୋଗ ଦେଇ ନ ଥିଲା । ଯୋଗ ନ ଦେବାର

Digitized by PPRACHIN, SOA

କାରଣ ଅବଶ୍ୟ ଜଣାଯାଏ ନାହିଁ । ଏହି କାରଣରୁ ଆଲିବର୍ଦ୍ଦି ତାଙ୍କ ଆନୁଗତ୍ୟ ତଥା ଅଧଃସ୍ତନତା ଉପରେ ସନ୍ଦେହ ଆରୋପ କରିଥିଲେ ଏବଂ ତାଙ୍କର ଧାରଣା ହୋଇଥିଲା ଯେ ମୁର୍ଶିଦ କୁଲିଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ସେଥିପ୍ରତି ସେ ବିଶ୍ୱାସ-ଭାଜନ ହୋଇ ନ ପାରନ୍ତି । ବଙ୍ଗଳାର ମସ୍‌ନଦ ଅଧିକାର କରିବା ପରେ ଆଲିବର୍ଦ୍ଦି, ହାଜି ଅହମ୍ମଦଙ୍କର ଜନୈକ ପୁତ୍ର ସୟଦ୍ ଅହମ୍ମଦ ଖାଁଙ୍କୁ ଓଡ଼ିଶାର ନାଏବ ନାଜିମ୍ ପଦବୀ ଦେଇଥିଲେ । ଦ୍ୱିତୀୟ ମୁର୍ଶିଦ କୁଲି ଖାଁଙ୍କ ବିରୁଦ୍ଧରେ ସୈନ୍ୟ ସଂଗ୍ରହ କରାଗଲା । ମିର୍-ଜାଫର୍ ଅଲି ଖାଁ ବାହାଦୂରଙ୍କ ନେତୃତ୍ୱରେ ସଂଗୃହୀତ ସୈନ୍ୟବାହିନୀ ଓଡ଼ିଶା ଅଭିମୁଖେ ଯୁଦ୍ଧ ଅଭିଯାନ ନିମନ୍ତେ ପ୍ରସ୍ତୁତ ହେଲେ ।

ଓଡ଼ିଶାକୁ ନିଜ ନିୟନ୍ତ୍ରଣାଧୀନ କରିବା ଉଦ୍ଦେଶ୍ୟରେ ଯୁଦ୍ଧ ଅଭିଯାନ ଚଳାଇବା ନିମନ୍ତେ ଆଲିବର୍ଦ୍ଦି ଆୟୋଜନ କରୁଥିବା କଥା ମୁର୍ଶିଦ କୁଲି ଅବହିତ ହୋଇ ପାରିଥିଲେ । ମାତ୍ର ଏକ ଶକ୍ତିଶାଳୀ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ସେ ଇଚ୍ଛୁକ ନ ଥିଲେ । ଆଲିବର୍ଦ୍ଦିଙ୍କ ସହିତ ଆପୋଷ ମିଳାମିଶା ପାଇଁ ସେ ନିଷ୍ପତ୍ତି କରିଥିଲେ । ତେଣୁ ସେ ଆଲିବର୍ଦ୍ଦିଙ୍କ ଦରବାରକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଚୁକ୍ତି ସକାଶେ କଥାବାର୍ତ୍ତା ଚଳାଇବାକୁ ଜଣେ ଦୂତ ପ୍ରେରଣ କଲେ । ମୁର୍ଶିଦ କୁଲିଙ୍କ ସାଧୁତା ଓ ଆନ୍ତରିକତା ସମ୍ବନ୍ଧରେ ଆଲିବର୍ଦ୍ଦି ସ୍ଥିର ନିଶ୍ଚିତ ନ ଥିଲେ । ପରିଣାମତଃ ଶାନ୍ତି ଆଲୋଚନା ବିଫଳ ହେଲା ! ଆଲିବର୍ଦ୍ଦି ମୁର୍ଶିଦ କୁଲିଙ୍କୁ ଜଣାଇ ଦେଲେ ଯେ ଓଡ଼ିଶାରେ ତାଙ୍କର ଅବସ୍ଥାନ ସମ୍ଭବ ନୁହେଁ । ମାତ୍ର ସେ ତାଙ୍କୁ ପ୍ରତିଶ୍ରୁତି ଦେଲେ ଯେ ଯଦି ସେ ସ୍ୱେଚ୍ଛାକୃତ ଭାବରେ ଶାସନ କ୍ଷେତ୍ରରୁ ଅବସର ନେଇ ଯାଆନ୍ତି ତାହାହେଲେ ତାଙ୍କ ଜୀବନ, ପରିବାର, ସମ୍ପତ୍ତି ଏବଂ ଅନ୍ୟାନ୍ୟ ସାଜସରଞ୍ଜାମ ଇତ୍ୟାଦି ଉପରେ କୌଣସି ପ୍ରକାର କ୍ଷତି ବା ଅସୁବିଧା ସୃଷ୍ଟି କରାଯିବ ନାହିଁ ।

ମୁର୍ଶିଦ କୁଲି ଆଲିବର୍ଦ୍ଦିଙ୍କ ଉଦ୍ଦେଶ୍ୟ କଅଣ ତାହା ଜାଣି ପାରିଲେ । ସେ ଜଣେ ଉଚ୍ଚାଭିଳାଷୀ ବ୍ୟକ୍ତି ନ ଥିବାରୁ ପ୍ରଥମେ ଆଲିବର୍ଦ୍ଦିଙ୍କ ଶକ୍ତିର ମୁକାବିଲା କରିବାକୁ ଅନିଚ୍ଛୁକ ଥିଲେ । ସମ୍ଭବତଃ ତାଙ୍କର ଧାରଣା ସୃଷ୍ଟି ହୋଇଥିଲା ଯେ ଏହାର ଏକ ଶାନ୍ତିପୂର୍ଣ୍ଣ ସମାଧାନ ହୋଇ ପାରିବ । ମାତ୍ର ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ଜାମାତା ମିର୍ଜା ବାକର ଏଭଳି ଏକ ଅପମାନଜନକ ଓ ସମ୍ମାନହୀନ ପଥରୁ କ୍ଷାନ୍ତ ହେବାକୁ ତାଙ୍କୁ ପ୍ରବର୍ତ୍ତାଇଲେ । ତାଙ୍କର ଏହି ପ୍ରରୋଚନା ସାଙ୍ଗକୁ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପତ୍ନୀ ଦାର୍‌ଦାନେସ ବେଗମ ମଧ୍ୟ ସରଫରଜଙ୍କ ମୃତ୍ୟୁର ପ୍ରତିଶୋଧ ନେବା ନିମନ୍ତେ ତାଙ୍କୁ ପରାମର୍ଶ ଦେଇଥିଲେ । ତେଣୁ ମୁର୍ଶିଦ କୁଲି ନିଜ ଚିନ୍ତାଧାରା ପରିବର୍ତ୍ତନ କରି ଯୁଦ୍ଧ ପ୍ରସ୍ତୁତି ପାଇଁ ଚିନ୍ତା କଲେ । ନିଜର ବନ୍ଧୁବର୍ଗ ଏବଂ ସୈନ୍ୟବାହିନୀର ମୁଖ୍ୟମାନଙ୍କ ସହିତ ପରାମର୍ଶ କରିବା ପାଇଁ ଏକ ଯୁଦ୍ଧ ପରିଷଦ ଡକାଇଲେ । ସେନାପତି ଆବେଦ ଖାଁ ଆବେଦନ କଲେ ଯେ ସେ ତାଙ୍କ ସାମର୍ଥ୍ୟ

Digitized by PPRACHIN, SOA

ଉପରେ ଭରସା ରଖନ୍ତି । ତାଙ୍କର ବନ୍ଧୁମାନେ ମଧ୍ୟ ଶତ୍ରୁ ବିରୁଦ୍ଧରେ ପୂର୍ଣ୍ଣପ୍ରାଣରେ ଯୁଦ୍ଧ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।

ସୈନ୍ୟବାହିନୀ ପ୍ରସ୍ତୁତ ହେଲେ, ଦାର୍‌ଦାନେସ ବେଗମ୍ ଏବଂ ମୁର୍ଶିଦ କୁଲିଙ୍କ ପୁତ୍ର ୟାହ୍ୟା ଖାଁଙ୍କୁ ସମସ୍ତ ଧନରତ୍ନ ସହିତ ବାରବାଟୀ କିଲ୍ଲାରେ ରଖାଗଲା । ଏକ ବିରାଟ ସୈନ୍ୟବାହିନୀର ନେତୃତ୍ବ ନେଇ ମିର୍‌ଜା ବାକର ଖାଁ ଏବଂ ଆଲ୍ଲାଉଦ୍ଦିନ ମହମ୍ମଦ ଖାଁଙ୍କ ସହିତ ମୁର୍ଶିଦ କୁଲି ବାଲେଶ୍ବର ଅଭିମୁଖେ ଯାତ୍ରା କଲେ । ସୈନ୍ୟବାହିନୀ ବାଲେଶ୍ବର ବାଟଦେଇ ବଡ଼ବଲଙ୍ଗ ନଦୀ ଅତିକ୍ରମ କରି ଫୁଲୱାରି ସମତଳ ଅଞ୍ଚଳରେ ଛାଉଣି ପକାଇବା ନିମନ୍ତେ ଏକ ସ୍ଥାନ ମନୋନୀତ କଲେ । ଏହି ସ୍ଥାନଟି ଶତ୍ରୁକୁ ମୁକାବିଲା କରିବା ପାଇଁ ଏକ ସୁରକ୍ଷିତ ଓ ସୁଦୃଢ଼ ଛକ ସ୍ଥାନ ଥିଲା ।

ଘନଜଙ୍ଗଲ, ସୁଉଚ୍ଚ ନଦୀବନ୍ଧ ଏବଂ କ୍ଷୁଦ୍ର ନଦୀମାନଙ୍କ ଦ୍ବାରା ପରିବେଷ୍ଟିତ ଏହି ପ୍ରାକୃତିକ ପରିବେଶ ଶତ୍ରୁ ଆକ୍ରମଣରୁ ପ୍ରତିରକ୍ଷା ପାଇଁ ଉପଯୋଗୀ ଥିଲା । ଏଠାରେ ୩୦୦ କମାଣ ଖଞ୍ଜାଗଲା, ଯେଉଁଠାରେ ପ୍ରତିରକ୍ଷା ବ୍ୟବସ୍ଥା ଦୁର୍ବଳ ଥିଲା ସେହି ସ୍ଥାନମାନଙ୍କରେ ଟ୍ରେଞ୍ଚ ଖୋଳାଯାଇ ସେସବୁକୁ ଦୃଢ଼ କରାଗଲା ।

ଇତିମଧ୍ୟରେ ଆଲିବର୍ଦ୍ଦି ଖାଁ ଦ୍ବିତୀୟ ମୁର୍ଶିଦ କୁଲିଙ୍କ ସହିତ ସମ୍ଭାବ୍ୟ ଯୁଦ୍ଧ ସକାଶେ ସୈନ୍ୟବାହିନୀ ପ୍ରସ୍ତୁତ କରି ସାରିଥିଲେ । ହାଜି ଅହମ୍ମଦ ଏବଂ ନୱାଜିସ ମହମ୍ମଦଙ୍କ ଉପରେ ବଙ୍ଗଳାର ଶାସନ ଦାୟିତ୍ବ ନ୍ୟସ୍ତ କରି ଏକ ବିରାଟ ସୈନ୍ୟବାହିନୀର ନେତୃତ୍ବ ନେଇ ସେ ନିଜ ପୁତୁରା ସୟଦ ଅହମ୍ମଦଙ୍କ ସହ ମୁର୍ଶିଦାବାଦରୁ ଯାତ୍ରା କଲେ ।

ମିଦିନାପୁର ଠାରେ ପହଞ୍ଚି ସେ ପୁରସ୍କାର ଏବଂ ଖୀଲାତ (ସମ୍ମାନସୂଚକ ପୋଷାକ) ପ୍ରଦାନପୂର୍ବକ ସ୍ଥାନୀୟ କେତେକ ଜମିଦାରଙ୍କୁ ନିଜ ପକ୍ଷକୁ ନେଇ ଆସିଥିଲେ । ମାତ୍ର ସୁବର୍ଣ୍ଣରେଖା ନଦୀ ପାରିହେବା ତାଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଲା । କାରଣ ମୟୂରଭଞ୍ଜ ରାଜା ଖରଦିନିଆ ନଦୀ ଘଣ୍ଟାରେ ପ୍ରହରୀ ମୁତୟନ କରି ଦୃଢ଼ଭାବରେ ତାଙ୍କର ଅଭିଯାନରେ ବାଧା ସୃଷ୍ଟି କରିଥିଲେ । ଯେତେବେଳେ ଆଲିବର୍ଦ୍ଦି ରଜାଙ୍କ ସୈନ୍ୟମାନଙ୍କ ଉପରେ ଗୁଳି ଚାଳନା କଲେ ସେତେବେଳେ ସେମାନେ ଛତ୍ରଭଙ୍ଗ କଲେ । ଏହାପରେ ଆଲିବର୍ଦ୍ଦି ନଦୀ ପାର ହୋଇ ଫୁଲୱାରି ଠାରୁ ୩ ମାଇଲ ଦୂରବର୍ତ୍ତୀ ରମଚନ୍ଦ୍ରପୁର ଠାରେ ଛାଉଣି ପକାଇଲେ । ନିକଟକୁ ଆସି ସେ ଶତ୍ରୁମାନଙ୍କ ଦୃଢ଼ ପ୍ରତିରକ୍ଷା ବ୍ୟବସ୍ଥା ଏବଂ ଟ୍ରେଞ୍ଚ ଖୋଳାଯାଇଥିବା ଦେଖି ହତୋତ୍ସାହ ହୋଇପଡ଼ିଲେ । ଏଭଳି ଏକ ଛକ ଦ୍ବାରା ସୁରକ୍ଷିତ ଶତ୍ରୁ ସୈନ୍ୟମାନଙ୍କୁ ସ୍ଥାନାନ୍ତରିତ କରିବା ବା ଦୂରକୁ ତଡ଼ିଦେବା ସହଜ ନ ଥିଲା । ମିଦିନାପୁର ଏବଂ ଆଖପାଖ ଅଞ୍ଚଳରୁ ଆଶାନୁସାରେ ଆବଶ୍ୟକ ସରଞ୍ଜାମ ତାଙ୍କ ନିକଟରେ ପହଞ୍ଚିପାରି ନ ଥିଲା । ସେହିସବୁ ସ୍ଥାନରୁ ଯାହା କିଛି ଜିନିଷପତ୍ର ପଠାଯାଇଥିଲା ସେ ସବୁ

Digitized by PPRACHIN, SOA

ଓଡ଼ିଶା ଗଭର୍ଣ୍ଣରଙ୍କ ପ୍ରତି ସହାନୁଭୂତି ତଥା ଅନୁକୂଳ ମନୋଭାବ ହେତୁ ସ୍ଥାନୀୟ ଜମିଦାର-ମାନଙ୍କ ଦ୍ୱାରା ତାହା ବାଟମାରଣା (intercepted) କରାଯାଇଥିଲା । ଏତଦ୍‌ବ୍ୟତୀତ ଯେହେତୁ ବର୍ଷାଋତୁ ମଧ୍ୟ ଆସି ଯାଉଥିଲା ତେଣୁ ଆହୁରି ଅସୁବିଧା ଆସିଯିବ ବୋଲି ଆଶଙ୍କା ଥିଲା । ଏହିସବୁ କାରଣରୁ ଆଲିବର୍ଦ୍ଦି ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ସହିତ ଶାନ୍ତିପ୍ରତିଷ୍ଠା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ତାଙ୍କ ସୈନ୍ୟବାହିନୀର ସେନାପତି ମୁସ୍ତଫା ଖାଁ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ । ସେ ପରାମର୍ଶ ଦେଇଥିଲେ ଯେ ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ସୈନ୍ୟବାହିନୀ ପାଇଁ ଗଡ଼ଖାଇ ଖୋଳି ଓଡ଼ିଶା ଅଧିକାର କରିବା ପାଇଁ ଉଦ୍ୟମ କରିବା ଉଚିତ । ପରିଶେଷରେ ତାଙ୍କ ପରାମର୍ଶରେ ଆଲିବର୍ଦ୍ଦିଙ୍କ ଚିନ୍ତା ବଦଳିଗଲା ଏବଂ ଶତ୍ରୁମାନଙ୍କ ସହିତ ଯୁଦ୍ଧ ନିମନ୍ତେ ସେ ପ୍ରସ୍ତୁତ ହୋଇଥିଲେ ।

ଫୁଲୱାର ଯୁଦ୍ଧ, ୧୭୪୧ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ ୩ ତାରିଖ

ଉଭୟ ଛାଉଣିର ସୈନ୍ୟମାନେ ପ୍ରଥମେ ପରସ୍ପର ପ୍ରତି ସଜାଗ ଦୃଷ୍ଟି ରଖିଥିଲେ । ମାତ୍ର ମିରଜ ବାକରଙ୍କ ଧୈର୍ଯ୍ୟଚ୍ୟୁତି ଯୋଗୁଁ ହଠାତ୍ ଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା । ଆଲିବର୍ଦ୍ଦି ଖାଁ ଶତ୍ରୁ ସୈନ୍ୟଙ୍କୁ ଦୃଢ଼ୀଭୂତ ସ୍ଥାନମାନଙ୍କରୁ ବିତାଡ଼ିତ (entice) କରିବା ପାଇଁ ଇଚ୍ଛାପ୍ରକାଶ କରୁଥିବା ବେଳେ ମିରଜା ବାକରଙ୍କ ସୈନ୍ୟବାହିନୀର ଆବେଦ ଖାଁ ଓ ଅନ୍ୟ କେତେକ ବିଶ୍ୱାସଘାତକ ଷଡ଼ଯନ୍ତ୍ରକାରୀ ସଦାସର୍ବଦା ମିରଜା ବାକରଙ୍କୁ ଶତ୍ରୁର ସମ୍ମୁଖ ଦିଗରୁ ଆକ୍ରମଣ କରିବା ସକାଶେ ପ୍ରବର୍ତ୍ତାଇବାରେ ଲାଗି ଯାଇଥିଲେ । ମାତ୍ର ଦ୍ୱିତୀୟ ମୁର୍ଶିଦ କୁଲି ଥିଲେ ଉଦାରଭାବାପନ୍ନ ତଥା ଅନୁଭୂତିସମ୍ପନ୍ନ ବ୍ୟକ୍ତି । ମିଳିତଭାବେ ଆକ୍ରମଣ କରିବା ସୈନ୍ୟମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ଏବଂ ଜଣେ ସେନାପତିଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟକରିବା ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ସେ ହଠାତ୍ ସମ୍ମୁଖରୁ ଶତ୍ରୁ ସୈନ୍ୟଙ୍କୁ ଆକ୍ରମଣ ନ କରିବାକୁ ମିର୍‌ଜା ବାକରଙ୍କୁ ସତର୍କ କରିଦେଇଥିଲେ । କିନ୍ତୁ ମିର୍‌ଜା ବାକର ଅଧୈର୍ଯ୍ୟ ହୋଇ ଅପେକ୍ଷା ନ କରି ହଠାତ୍ ନିଜ ଟ୍ରେଞ୍ଚରୁ ବାହାରି ବାରହର ସଏଦ୍‌ମାନଙ୍କ (Sayyids of Barha) ସହାୟତାରେ ଆଲିବର୍ଦ୍ଦିଙ୍କ ସେନାବାହିନୀ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ । ଏହା ଫଳରେ ସେ ପରିଖାରେ ସ୍ଥାପିତ କମାଣ ଠାରୁ ଦୂରେଇ ଯାଇଥିଲେ । ଆଲିବର୍ଦ୍ଦିଙ୍କ ସୈନ୍ୟମାନେ ଏହି ପରିସ୍ଥିତିରୁ ପୂର୍ଣ୍ଣ ଫାଇଦା ଉଠାଇବାକୁ ଦ୍ରୁତଗତିରେ ମାଡ଼ି ଆସିଥିଲେ ଏବଂ ଆଗେଇ ଆସିଥିବା ବେଳେ ଶତ୍ରୁମାନଙ୍କୁ ଧରିଆଣି ବନ୍ଦୀ କରିଦେଇଥିଲେ । ତା'ପରେ ଆଲିବର୍ଦ୍ଦିଙ୍କ ପ୍ରବଳ ଆକ୍ରମଣ ହେତୁ ନିଜ ସୈନ୍ୟମାନେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଉଥିବାର ଦେଖି ଦ୍ୱିତୀୟ ମୁର୍ଶିଦ କୁଲି ଶୀଘ୍ର ନିଜ ଜାମାତାଙ୍କୁ ସାହାଯ୍ୟ କରିବା ନିମନ୍ତେ ଆଗେଇ ଆସିଥିଲେ । ଏହାପରେ ବାରାହର ସଏଦମାନଙ୍କ (Sayyids of Barha) ସହାୟତାରେ ବାକର ଏବଂ ମୁର୍ଶିଦ କୁଲି ଶତ୍ରୁ

Digitized by PPRACHIN, SOA

ସୈନ୍ୟମାନଙ୍କ ସଙ୍ଗେ ଏକ ଭୀଷଣ ଯୁଦ୍ଧରେ ଲିପ୍ତ ରହିଲେ । ସେମାନେ ଏପରି ଆକ୍ରମଣ କଲେ ଯେ କିଛି ସମୟ ପାଇଁ ଆଲିବର୍ଦ୍ଦିଙ୍କ ସ୍ଥିତି କଷ୍ଟକର ହୋଇପଡ଼ିଲା । ଏପରିକି ତାଙ୍କର କେତେକ ବଙ୍ଗୀୟ ସୈନ୍ୟ ନୈରଶ୍ୟରେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇ ଯାଇଥିଲେ । ଆଲିବର୍ଦ୍ଦି ମଧ୍ୟ ନିଜର ନିରାପତ୍ତା ସକାଶେ ଏକ ହାତୀରେ ବସି ଯୁଦ୍ଧକ୍ଷେତ୍ର ଠାରୁ ଦୁଇ ମାଇଲ ଦୂରବର୍ତ୍ତୀ ଏକ ସ୍ଥାନକୁ ପଳାଇ ଥିଲେ । ଆଲିବର୍ଦ୍ଦିଙ୍କ ପକ୍ଷରୁ ଯୁଦ୍ଧ କରିବା ପାଇଁ ଆସିଥିବା ମାଣିକଚ୍ଚନ୍ଦ ନିଜ ସୈନ୍ୟମାନଙ୍କ ସହ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପକ୍ଷରେ ଯୋଗଦେବାକୁ ଗୋପନରେ ସନ୍ଦେଶ ପଠାଇଲେ । ମାତ୍ର ମିର୍‌ଜା ବାକର ତାଙ୍କ ଆନ୍ତରିକତା ସମ୍ପର୍କରେ ସନ୍ଦେହ ଆରୋପ କରି ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଦ୍ୱିତୀୟ ମୁର୍ଶିଦ କୁଲି ଯୁଦ୍ଧରେ ବିଜୟ ଲାଭକରି ଆସୁଥିବା ସମୟରେ ତାଙ୍କ ଛାଉଣିରେ କେତେକ ବିଶ୍ୱାସଘାତକ ଓ ଷଡ଼ଯନ୍ତ୍ରକାରୀ ସକ୍ରିୟ ହୋଇ ଉଠିଲେ । ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପରିଷଦରେ ଯୁଦ୍ଧାଭିଳାଷୀ ଦୃଢ଼ମତବ୍ୟକ୍ତକାରୀ ଆବେଦ୍ ଖାଁ ଥିଲେ ଏହାର ମୁଖ୍ୟ ଷଡ଼ଯନ୍ତ୍ରକାରୀ । ସେ ଶତ୍ରୁପକ୍ଷର ସେନାପତି ମୁସ୍ତଫା ଖାଁଙ୍କ ସହିତ ଏକ ସର୍ତ୍ତମୂଳକ ଚୁକ୍ତି କରିନେଲେ । ଶତ୍ରୁମାନଙ୍କ ଉପରେ ଆକ୍ରମଣ ଛଳନା କରି ସେ ସେମାନଙ୍କ ଅତି ନିକଟକୁ ଚାଲିଗଲେ ଏବଂ ପକ୍ଷ ପରିବର୍ତ୍ତନ କରିଦେଲେ । ଏହାପରେ ମୁଖ୍‌ଲି ଅଲ୍ଲି ଖାଁ, ମୁବାରକ୍ ଖାଁ ଏବଂ ଅନ୍ୟ କେତେକ ସେନା ଅଧିକାରୀ ମଧ୍ୟ ବିଶ୍ୱାସଘାତକତା କରିଥିଲେ ।

ଏପରି ପରିସ୍ଥିତିରେ ମିର୍‌ଜା ବାକର ଆଲିବର୍ଦ୍ଦିଙ୍କ ବାମପାର୍ଶ୍ୱସ୍ଥ ସୈନ୍ୟବାହିନୀ ଉପରେ ଦ୍ରୁତ ତଥା ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରି ଦେଇଥିଲେ । ଏହା ଫଳରେ ଅବଶ୍ୟ ଶତ୍ରୁପକ୍ଷରେ କିଛିଟା ଗୋଳମାଳିଆ ପରିସ୍ଥିତି ଦେଖା ଦେଇଥିଲା । କିନ୍ତୁ ଏତଦ୍ୱାର ନିଜ ପକ୍ଷର କେତେକ ସୈନ୍ୟ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପଡ଼ିଲା । ଏଭଳି ସମୟରେ ମିର୍-ଜାଫର ବାକରଙ୍କ ସୈନ୍ୟମାନଙ୍କ ଉପରେ ପ୍ରତି ଆକ୍ରମଣ କଲେ ଏବଂ ଶତ୍ରୁହସ୍ତରେ ପରାଜିତ ମୁସାହିବ ଖାଁ, ଦିଲିର ଖାଁ ଓ ଅସ୍‌ଲାତ ଖାଁଙ୍କ ପରି ଆଲିବର୍ଦ୍ଦିଙ୍କ ସେନାପତି-ମାନଙ୍କୁ ଉଦ୍ଧାର କରିଥିଲେ ।

ଏହା ଆଲିବର୍ଦ୍ଦିଙ୍କ ସୈନ୍ୟମାନଙ୍କୁ ପ୍ରବଳ ଉତ୍ସାହ ଦେଇଥିଲା । ଏହାପରେ ଏକ ରକ୍ତାକ୍ତ ତଥା ଦାରୁଣ ଘମାଘୋଟ (sarnguine) ଯୁଦ୍ଧ ଲାଗି ଯାଇଥିଲା । ହଠାତ୍ ଯୁଦ୍ଧର ଗତି ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ବିପକ୍ଷରେ ବଦଳିଗଲା । ମୁଜ୍‌ତାବା ଅଲି, ମୀର ଅଲ୍ଲି ଆକବର ଏବଂ ମିର୍ ଅବଦୁଲ୍ଲା ଅଜିଜ୍ ପରି ତାଙ୍କର ସାହସୀ ସୈନ୍ୟମାନଙ୍କ ସାଙ୍ଗକୁ ଆହୁରି ୩୦୦ ସୈନ୍ୟ ନିହତ ହେଲେ । ମିର୍‌ଜା ବାକରଙ୍କ ବେକ, ମୁଣ୍ଡ ଏବଂ ଛାତିରେ ଗୁରୁତର ଆଘାତ ଲାଗିଥିଲା । ସେ ଚାଲିବାକୁ ଅକ୍ଷମ ହୋଇପଡ଼ିଲେ ଏବଂ ତାଙ୍କୁ ପାଲିଙ୍କିରେ ଏକ ନିରାପଦ ସ୍ଥାନକୁ ବୋହି ନିଆଗଲା । ସୈନ୍ୟମାନେ ଭୟଭୀତ ହୋଇ

Digitized by PPRACHIN, SOA

ଇତସ୍ତତଃ ପଳାୟନ କଲେ । ଏହି ଫୁଲଓ୍ୱାରି ଯୁଦ୍ଧରେ ଦ୍ୱିତୀୟ ମୁର୍ଶିଦ କୁଲି ପରାଜୟ ବରଣ କଲେ ।

ଶତ୍ରୁମାନଙ୍କ ହାତରେ ପରାଜିତ ହେଲେ କି ପଦକ୍ଷେପ ଗ୍ରହଣ କରିବେ ସେ ବିଷୟରେ ସେ ଆଗରୁ ବୁଦ୍ଧିମତ୍ତାରସହ ନିଷ୍ପତ୍ତି ନେଇ ସାରିଥିଲେ । ହାଜି ମୋସିନ ନାମକ ତାଙ୍କର ଜଣେ ବ୍ୟବସାୟୀ ବନ୍ଧୁ ଥିଲେ । ଉଭୟଙ୍କ ଜନ୍ମସ୍ଥାନ ସୁରଟ ହୋଇଥିବାରୁ ଉଭୟେ ଖୁବ୍ ଅନ୍ତରଙ୍ଗ ଥିଲେ । ହାଜି ମୋସିନ ଭାରତର ବିଭିନ୍ନ ପ୍ରାନ୍ତରେ ବ୍ୟବସାୟ ଚଳାଉଥିଲେ । ସମ୍ଭବତଃ ଫୁଲଓ୍ୱାରି ଯୁଦ୍ଧ ଆରମ୍ଭ ପୂର୍ବରୁ ସେ ବାଲେଶ୍ୱର ଉପକୂଳରେ ପହଞ୍ଚିଥିଲେ । ତାଙ୍କ ନିଜ ଇଚ୍ଛାନୁସାରେ ହେଉ କିମ୍ବା ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପ୍ରବର୍ତ୍ତନାରେ ହେଉ ସେ ଯେ କେବଳ ଯୁଦ୍ଧ ଶେଷ ପର୍ଯ୍ୟନ୍ତ ଜାହାଜ ଅଟକାଇ ରଖିଥିଲେ ତାହା ନୁହେଁ ଆଲିବର୍ଦ୍ଦିଙ୍କ ବିରୋଧରେ ଯୁଦ୍ଧରେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଯୁଦ୍ଧକ୍ଷେତ୍ରରୁ ମୁର୍ଶିଦ କୁଲି ହାତୀ ଉପରେ ବସି ଆହତ ଜାମାତା ଏବଂ ବ୍ୟବସାୟୀ ବନ୍ଧୁଙ୍କ ସମେତ ପ୍ରାୟ ତିନିହଜାର ସୈନ୍ୟଙ୍କ ସହିତ ପଛଘୁଞ୍ଚା ଦେଇ ବାଲେଶ୍ୱରକୁ ପଳାଇ ଆସିଥିଲେ । କିନ୍ତୁ ବାଲେଶ୍ୱର ଆଗକୁ ଯିବା ପାଇଁ ତାଙ୍କୁ ମନା କରାଗଲା । ସେ ନିଜର ବିଶ୍ୱସ୍ତ ଅନୁଚରମାନଙ୍କୁ ବାଛି ସଙ୍ଗରେ ଧରି ନଦୀ ମୁହାଣ ଆଡ଼କୁ ଯାତ୍ରା କଲେ । ନଦୀ ମୁହାଣଠାରୁ ଅଳ୍ପ ଦୂରରେ ମାଲପତ୍ର ଓ ଶସ୍ୟ ବୋଝେଇ ଏକ ଜାହାଜ ସମୁଦ୍ର କୂଳରେ ଦଣ୍ଡାୟମାନ ଥିଲା । ହାଜି ମୋସିନ୍ ଅଙ୍ଗୁଳି ସାହାଯ୍ୟରେ ସେଠାକୁ ଯିବାକୁ ସଙ୍କେତ ଦେଇଥିଲେ । ଜାହାଜର ପତାକା ଉଡ଼ିଲା ଏବଂ ହାଜି ମୋସିନ୍ ଓ ତାଙ୍କର ବନ୍ଧୁମାନଙ୍କୁ ନେବା ସକାଶେ ଜାହାଜରୁ ଏକ ନୌକା କୂଳକୁ ଆସିଗଲା । ମୁର୍ଶିଦ କୁଲି ନିଜର ଜାମାତା ଏବଂ ଆବଶ୍ୟକୀୟ କେତେକ ଅନୁଚରଙ୍କୁ ନେଇ ନୌକା ଚଢ଼ିଲେ । ଛଅଦିନ ଯାତ୍ରା ପରେ ଜାହାଜଟି ମସୁଲିପଟମ୍ ବନ୍ଦରରେ ପହଞ୍ଚିଥିଲା ।

ଆଲିବର୍ଦ୍ଦିଙ୍କ ବିରୁଦ୍ଧରେ ଯୁଦ୍ଧ ଚାଲିଥିବା ସମୟରେ ମୁର୍ଶିଦ କୁଲି ବାରବାଟୀ ଦୁର୍ଗରେ ସମସ୍ତ ସମ୍ପତ୍ତି ମହଜୁଦ କରି ରଖିଥିଲେ ଏବଂ ସେଠାରେ ନିଜ ପତ୍ନୀ ଦାର୍ଦାନେଶ ବେଗମ, ପୁତ୍ର ୟାହ୍ୟା ଖାଁ ଓ ପରିବାରର ଅଳ୍ପ କେତେକ ସଦସ୍ୟଙ୍କୁ ମଧ୍ୟ ଛାଡ଼ି ଯାଇଥିଲେ । ସେ ମସୁଲିପଟମଠାରେ ପହଞ୍ଚି ପରିତ୍ୟକ୍ତ ପରିବାରବର୍ଗଙ୍କ ଅବସ୍ଥା ବୁଝିବା ସକାଶେ, ନିଜ ଜାମାତାଙ୍କୁ ଗଞ୍ଜାମକୁ ପଠାଇଥିଲେ ।

ଇତିମଧ୍ୟରେ ବିଜୟୀ ଆଲିବର୍ଦ୍ଦି ଫୁଲଓ୍ୱାରିଠାରୁ କଟକ ଯାତ୍ରା କରିଥିଲେ । ବାରବାଟୀ ଦୁର୍ଗରେ ଗଚ୍ଛିତ ସମସ୍ତ ସମ୍ପତ୍ତି ସହିତ ବେଗମ ଓ ୟାହ୍ୟା ଖାଁଙ୍କୁ ଗିରଫ କରିବା ପାଇଁ ଖେଜିଲୁଲ୍ଲା ବେଗ, ଫାକ୍‌ରୁଲ୍ଲା ବେଗ ଏବଂ ନୁରୁଲ୍ଲାଙ୍କୁ ସେ ଆଗୁଆ ପଠାଇ ଦେଇଥିଲେ । ମାତ୍ର ଠିକ୍ ସମୟରେ ଖୋର୍ଦ୍ଧାରାଜା ରାମଚନ୍ଦ୍ର ଦେବଙ୍କ ସାହାଯ୍ୟ ସେମାନଙ୍କୁ

Digitized by PPRACHIN, SOA

ଶତ୍ରୁ ହସ୍ତରୁ ରକ୍ଷାକରି ପାରିଥିଲା । ନିଜର ଉଦାର ପ୍ରକୃତି ଏବଂ ଅତିଥିପରାୟଣତା ପାଇଁ ରାମଚନ୍ଦ୍ର ଦେବ ଖ୍ୟାତି ଅର୍ଜନ କରିଥିଲେ । ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଥିଲା । ସେ ବୁଝିପାରିଥିଲେ ଯେ ଆଲିବର୍ଦ୍ଦିଙ୍କ ଲୋକମାନେ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପରିବାରବର୍ଗଙ୍କୁ ଦାରୁଣ ନିର୍ଯ୍ୟାତନା ଦେବେ । ସେ ତାଙ୍କ ଉପରେ ଦୟାପରବଶ ହୋଇ ନିଜ ପରିବାରର ଜନୈକ ବିଶ୍ୱସ୍ତ ଅଫିସର ଶାହା ମୁରାଦଙ୍କ ସାଙ୍ଗରେ ବହୁ ସଂଖ୍ୟକ ଗାଡ଼ିଘୋଡ଼ା (carriage) ଦେଇ ତତ୍‌କ୍ଷଣାତ୍ କଟକ ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁରାଦ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ଅସହାୟ ପରିବାର ସମସ୍ତ ଭୃତ୍ୟ, ସବୁ ଆସ୍‌ବାବପତ୍ର ଓ ବାରବାଟୀ ଦୁର୍ଗରେ ଗଚ୍ଛିତ ଥିବା ସମ୍ପତ୍ତିର କେତେକାଂଶ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ । ମୁରାଦଙ୍କ ନିରାପତ୍ତା ଦାୟିତ୍ୱରେ ତାଙ୍କ ପରିବାରଙ୍କୁ ଅନଓ୍ୱାର-ଉଦ୍-ଦିନ ଖାଁଙ୍କ ରାଜତ୍ୱାଧୀନ ଗଞ୍ଜାମର ଇଚ୍ଛାପୁରମକୁ ପଠାଇ ଦିଆଯାଇଥିଲା । ଅନଓ୍ୱାର-ଉଦ୍-ଦିନ ଖାଁ ଦ୍ୱିତୀୟ ମୁର୍ଶିଦ କୁଲିଙ୍କର ଜଣେ ପୁରାତନ ବନ୍ଧୁ ଥିଲେ । ସେ ଉକ୍ତ ପରିବାରବର୍ଗଙ୍କୁ ସୌହାର୍ଦ୍ଦ୍ୟମୂଳକ ସ୍ୱାଗତ ଜଣାଥିଇଲେ । ପରେ ସେମାନଙ୍କୁ ମିର୍‌ଜା ବାକରଙ୍କ ନିକଟକୁ ଅଣାଗଲା ଓ ସେ ସେମାନଙ୍କୁ ଦାକ୍ଷିଣାତ୍ୟରେ ଅବସ୍ଥାନ କରୁଥିବା ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ନିକଟକୁ ନେଇଥିଲେ ।

ସଂକ୍ଷେପରେ କହିଲେ ଦ୍ୱିତୀୟ ମୁର୍ଶିଦକୁଲି ଥିଲେ ଜଣେ ନିଷ୍ଠାପର ଦକ୍ଷ, ସ୍ନେହୀ ଓ ଲୋକପ୍ରିୟ ଗଭର୍ଣ୍ଣର । ରାଜ୍ୟର ଶାସନ କ୍ଷେତ୍ରରେ ସେ ଗଭୀର ଆଗ୍ରହ ପ୍ରକାଶ କରୁଥିଲେ । ନିଜ ପ୍ରଜାମାନଙ୍କ ସଦିଚ୍ଛା ଲାଭ କରିବାର କଳା ତାଙ୍କୁ ଜଣାଥିଲା । ନିଜ ମନ ମଧ୍ୟରେ ସେ କଳୁଷିତ ଭାବନାକୁ ସ୍ଥାନ ଦେଉ ନ ଥିଲେ କିମ୍ବା ଆଲିବର୍ଦ୍ଦିଙ୍କ ପରି କ୍ଷମତା ଲାଭ ସକାଶେ ତାଙ୍କର ଉଚ୍ଚ ଅଭିଳାଷ ନ ଥିଲା ।

(୭)

ଆଲିବର୍ଦ୍ଦି ଖାଁ ଏବଂ ଓଡ଼ିଶାରେ ମୁସଲମାନ ରାଜତ୍ୱର ପତନ

ଆଲିବର୍ଦ୍ଦି ଖାଁ ଥିଲେ ବିଦେଶୀ ବଂଶୋଦ୍ଭବ ମୁସଲମାନ । ସେ ଥିଲେ ଅତ୍ୟନ୍ତ ଦୁଃସାହସୀ ଓ ଉଚ୍ଚାଭିଳାଷୀ । ତାଙ୍କର ପ୍ରକୃତ ନାମ ଥିଲା ମିର୍‌ଜା ବନ୍ଦେ ବା ମିର୍‌ଜା ମହମ୍ମଦ ଅଲ୍ଲୀ । ତାଙ୍କର ଜେଜେବାପା ଜଣେ ଆରବ ବଂଶୋଦ୍ଭବ ଏବଂ ଆଉରଙ୍ଗଜେବଙ୍କ ଧର୍ମ ଭାଇ (foster brother) ଥିବା ଜଣାଯାଏ । ଆଉରଙ୍ଗଜେବ ତାଙ୍କୁ ଜଣେ ମୋଗଲ ମନ୍‌ସବାଦାର ରୂପେ ନିଯୁକ୍ତି ଦେଇଥିଲେ । ଆଲିବର୍ଦ୍ଦିଙ୍କ ପିତା ମିର୍‌ଜା ମହମ୍ମଦ ସମ୍ରାଟ

Digitized by PPRACHIN, SOA

ଆଓରଙ୍ଗଜେବଙ୍କ ତୃତୀୟ ପୁତ୍ର ଆଜମ୍ ଶାହାଙ୍କ ଦରବାରରେ ଜଣେ ଭୃତ୍ୟ ଥିଲେ । ମିର୍ଜା ମହମ୍ମଦଙ୍କର ଦୁଇ ପୁତ୍ର ଥିଲେ । ବଡ଼ ପୁଅଙ୍କ ନାମ ଥିଲା ମିର୍ଜା ଅହମ୍ମଦ । ସେ ଦିଲ୍ଲୀ ଦରବାରରେ ନିଯୁକ୍ତି ପାଇଥିଲେ । ଦ୍ୱିତୀୟ ପୁତ୍ର ମିର୍ଜା ମହମ୍ମଦ ଅଲି ଦାକ୍ଷିଣାତ୍ୟରେ ଜନ୍ମଗ୍ରହଣ କରିଥିଲେ । ମାତାଙ୍କ ସମ୍ପର୍କ ମାଧ୍ୟମରେ ସେ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ଓ ମୁର୍ଶିଦ କୁଲି ଜାଫର ଖାଁଙ୍କ ଜାମାତା ସୁଜା-ଉଦ୍-ଦିନ ମହମ୍ମଦ ଖାଁଙ୍କ ସମ୍ପର୍କୀୟ ଥିଲେ ।

ମିର୍ଜା ମହମ୍ମଦ ଅଲିଙ୍କର ପୃଷ୍ଠପୋଷକ ଆଜମ୍ ଶାହାଙ୍କର ୧୭୦୭ ଖ୍ରୀଷ୍ଟାବ୍ଦରେ ଜଜାଉ ଯୁଦ୍ଧରେ ମୃତ୍ୟୁ ଘଟିଲା । ଏହାପରେ ମିର୍ଜା ମହମ୍ମଦଙ୍କ ପରିବାରର ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା । ତେଣୁ ସେ କଟକ ପଳାଇ ଆସିଥିଲେ ଏବଂ କଟକରେ ସୁଜାଉଦ୍ଦିନ ତାଙ୍କୁ ସ୍ୱାଗତ କଲେ । ନିଜ ପିତାଙ୍କ ସାହାଯ୍ୟରେ ସେ ବଙ୍ଗଳାରୁ ଏକ ଚାକିରୀ-ପାଇବାକୁ ଆଶା କରିଥିଲେ । ମାତ୍ର ମୁର୍ଶିଦ କୁଲି ଜାଫର ଖାଁଙ୍କ ବିରୁଦ୍ଧ ମନୋଭାବ ହେତୁ ତାଙ୍କ ପରିକଳ୍ପନା ଫଳପ୍ରଦ ନ ହେବାରୁ ସେ କଟକରେ ରହିବାକୁ ନିଷ୍ପତ୍ତି କଲେ । ତାଙ୍କ କାର୍ଯ୍ୟଦକ୍ଷତା ଏବଂ କଠୋର ପରିଶ୍ରମ ପାଇଁ ଉତ୍ସାହ ମନୋବୃତ୍ତିରେ ସୁଜାଉଦ୍ଦିନ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କୁ ମାସିକ ଏକଶହ ଟଙ୍କା ବେତନରେ ଏକ ଚାକିରିରେ ମୁତୟନ କଲେ । କିଛି ଦିନ ପରେ ମିର୍ଜା ମହମ୍ମଦ ଅଲି ନିଜ କର୍ତ୍ତବ୍ୟ ପାଳନରେ ନିଷ୍ଠାପରତା, ଉଚିତ ନ୍ୟାୟ ଏବଂ ଅସୀମ ସାହସ ପ୍ରଦର୍ଶନ କରି ନିଜ କର୍ମଦାତାଙ୍କୁ ସନ୍ତୁଷ୍ଟ କରିପାରି ଥିଲେ । ତାଙ୍କ ସନ୍ତୋଷଜନକ ତଥା ବିଶ୍ୱାସଯୋଗ୍ୟ କାର୍ଯ୍ୟରେ ପ୍ରୀତ ହୋଇ ସେ ତାଙ୍କୁ ଓଡ଼ିଶାର ଫଉଜଦାରମାନଙ୍କ ସୁପରଭାଇଜର ପଦବୀରେ ଭୂଷିତ କରିଥିଲେ । ନୂତନ ପଦବୀରେ ଅଧିଷ୍ଠିତ ହେଲା ପରେ ସେ ଓଡ଼ିଶାର ବିଦ୍ରୋହୀ ଜମିଦାରମାନଙ୍କୁ ଦମନ କରିବାରେ ନିଜ କର୍ମଦାତାଙ୍କୁ ଉଲ୍ଲେଖନୀୟ ସାହାଯ୍ୟ ଦେଇଥିଲେ । ଏତଦ୍‌ବ୍ୟତୀତ ଏହିସବୁ ଜମିଦାରଙ୍କ ଠାରୁ ରାଜସ୍ୱ ଅସୁଲ ପାଇଁ ସେ ସନ୍ତୋଷଜନକ ବ୍ୟବସ୍ଥା ନିର୍ଣ୍ଣୟ କରିଥିଲେ । ଏହାଦ୍ୱାରା ତାଙ୍କର ଉଚ୍ଚମୂଲ୍ୟାୟନ କରଯାଇ ତାଙ୍କୁ ଉଚ୍ଚତର ପଦବୀରେ ଅବସ୍ଥାପିତ କରଯାଇଥିଲା ।

ମିର୍ଜା ମହମ୍ମଦ ଅଲି କଟକରେ ଥିବା ସମୟରେ ତାଙ୍କ ଭାଇ ମିର୍ଜା ଅହମ୍ମଦ (ହାଜି ଅହମ୍ମଦ ନାମରେ ମଧ୍ୟ ପରିଚିତ)ଙ୍କ ଆର୍ଥିକ ଅବସ୍ଥା ଦିଲ୍ଲୀରେ ଅତି ଶୋଚନୀୟ ଥିଲା । ମିର୍ଜା ମହମ୍ମଦ ଅଲି ଏହା ଜାଣି ନିଜ ଭାଇଙ୍କୁ କଟକ ଆଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ତାଙ୍କ ବାଟଖର୍ଚ୍ଚ ନିମନ୍ତେ ବିପୁଳ ପରିମାଣ ଅର୍ଥ ପଠାଇଥିଲେ । ତେଣୁ ମିର୍ଜା ଅହମ୍ମଦ ନିଜ ପରିବାର ସହିତ କଟକ ଆସିବାକୁ ସକ୍ଷମ ହୋଇଥିଲେ । କଟକରେ ସେ ସୁଜା-ଉଦ୍-ଦିନ୍‌ଙ୍କ ଅଧୀନରେ ମାସିକ ପଚାଶ ଟଙ୍କା ବେତନରେ ଚାକିରିରେ ନିଯୁକ୍ତି ପାଇଥିଲେ ।

Digitized by PPRACHIN, SOA

ମିର୍ଜା ମହମ୍ମଦ ଅଲ୍ଲୀ ନିଜ ଭାଇଙ୍କ ସାହାଯ୍ୟରେ ଶାସନ କ୍ଷେତ୍ରରେ ଦକ୍ଷତା ତଥା ସଂସ୍କାର ଆଣି ସୁଜାଉଦ୍ଦିନଙ୍କ ପ୍ରଶଂସାପାତ୍ର ହେଲେ । ତାଙ୍କ ଶାସନ ଦକ୍ଷତା ସୁଜାଉଦ୍ଦିନଙ୍କୁ ସମ୍ମାନାସ୍ପଦ ତଥା ଲୋକପ୍ରିୟ କରି ପାରିଥିଲା । ଓଡ଼ିଶାର ରାଜସ୍ୱ ଅସୁଲ ବୃଦ୍ଧି ପାଇଲା, ଅର୍ଥବିଭାଗ ପୁନର୍ଗଠିତ ହେଲା, ଏହି ଦୁଇଭାଇଙ୍କ ଉତ୍ସର୍ଗୀକୃତ ସେବା ଓ ମୂଲ୍ୟବାନ ପରାମର୍ଶରେ ସୁଜା-ଉଦ୍-ଦିନ ଅଧିକ ଉପକୃତ ହେଲେ । ଏତଦ୍‌ବ୍ୟତୀତ ସେମାନେ ଦିଲ୍ଲୀ ଦରବାରକୁ ଉପହାର ପ୍ରେରଣ କରି ସୁଜାଉଦ୍ଦିନଙ୍କ ସପକ୍ଷରେ ୱାଜିରଙ୍କ ଅନୁଗ୍ରହ ଲାଭ କରି ପାରିଥିଲେ । ଫଳରେ ବଙ୍ଗଳା ମସ୍‌ନଦରେ ନିଜ ନାତି ସରଫରାଜଙ୍କୁ ଅବସ୍ଥାପିତ କରିବା ନିମନ୍ତେ ମୁର୍ଶିଦ କୁଲି ଜାଫର ଖାଁଙ୍କ ଇଚ୍ଛା ବିଫଳ ହୋଇଥିଲା ଏବଂ ସୁଜାଉଦ୍ଦିନଙ୍କୁ ବଙ୍ଗଳାର ନିଜାମତ୍ ପାଇବା ଦିଗରେ ସାହାଯ୍ୟ କରିଥିଲା । ସୁଜାଉଦ୍ଦିନ ସାଧାରଣଭାବେ ଏହି ଦୁଇଭାଇଙ୍କ ଉପରେ ଏବଂ ବିଶେଷ କରି ମହମ୍ମଦ ଖାଁ ଅଲ୍ଲିଙ୍କ ଉପରେ ଏତେ ପ୍ରୀତ ହୋଇ ପଡ଼ିଥିଲେ ଯେ ୧୭୨୮ ଖ୍ରୀଷ୍ଟାବ୍ଦରେ ସେ ମହମ୍ମଦ ଅଲ୍ଲିଙ୍କୁ ରାଜମହଲର ଫଉଜଦାର ଭାବେ ନିଯୁକ୍ତ କରିଥିଲେ ଏବଂ ତାଙ୍କୁ ଆଲିବର୍ଦ୍ଦି ପଦବୀରେ ଭୂଷିତ କରିଥିଲେ ।

ଆଲିବର୍ଦ୍ଦି କୌଶଳ ଏବଂ ବଳପ୍ରୟୋଗପୂର୍ବକ ଜରିଆ ଯୁଦ୍ଧରେ ସରଫରାଜଙ୍କୁ ପରାଜିତ କରି ବଙ୍ଗଳାର ଶାସନ ହାସଲ କରିଥିଲେ । ଓଡ଼ିଶାର ଗଭର୍ଣ୍ଣର ଦ୍ୱିତୀୟ ମୁର୍ଶିଦ କୁଲି ଖାଁ ସରଫରାଜଙ୍କ ସମ୍ପର୍କୀୟ ହୋଇଥିବାରୁ ବଙ୍ଗଳାର ମସ୍‌ନଦ ଉପରେ ନିଜର ଦାବି ଉପସ୍ଥାପିତ କରିପାରିବାର ସମ୍ଭାବନା ଥିବା ଦୃଷ୍ଟିରୁ ଆଲିବର୍ଦ୍ଦି ଫୁଲଓ୍ୱାରି ଯୁଦ୍ଧରେ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ବୋଲି ପୂର୍ବରୁ ବର୍ଣ୍ଣିତ ହୋଇଅଛି । ପରିଣାମତଃ ମୁର୍ଶିଦ କୁଲି ପରାଜିତ ହୋଇ ଓଡିଶାରୁ ପଳାୟନ କଲେ । କେବଳ ବାରବାଟୀ ଦୁର୍ଗ ଯେ ତାଙ୍କର ହସ୍ତଗତ ହେଲା ତାହା ନୁହେଁ ରୁସ୍ତମ ଜଙ୍ଗଙ୍କର ନଗଦ ଦୁଇଲକ୍ଷ ଟଙ୍କା ଏବଂ ସେହି ମୂଲ୍ୟର ମୂଲ୍ୟବାନ ଜିନିଷପତ୍ର ମଧ୍ୟ ତାଙ୍କର କରଗତ ହୋଇଥିଲା । ସେ ପୂର୍ବରୁ ଓଡ଼ିଶାରେ ଶାସନ କରିଥିବାରୁ ଏବଂ ସ୍ଥାନୀୟ ସମସ୍ୟାବଳୀ ତଥା ସ୍ଥାନୀୟ ଜମିଦାରମାନଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ତାଙ୍କର ଅଭିଜ୍ଞତା ଥିବାରୁ ଏହି ପ୍ରଦେଶରେ ନିଜର କର୍ତ୍ତୃତ୍ୱ ବଜାୟ ରଖିବା ତାଙ୍କ ପକ୍ଷରେ କଷ୍ଟକର ହେଲା ନାହିଁ । ସେ ନିଜ ପୁତୁରା ସଏଦ୍ ଆହମଦ୍ (ସଉଲାତଜଙ୍ଗ) ଙ୍କୁ ଓଡ଼ିଶା ଶାସନ ଦାୟିତ୍ୱରେ ଅବସ୍ଥାପିତ କଲେ ଏବଂ ତିନି ହଜାର ଅଶ୍ୱାରୋହୀ ଓ ଚାରି ହଜାର ପଦାତିକ ସୈନ୍ୟଙ୍କ ନେତୃତ୍ୱ ଅନ୍ୟତମ ପ୍ରବୀଣ ସେନାପତି ଗୁଜର ଖାଁଙ୍କ ଉପରେ ନ୍ୟସ୍ତ କରି ନିଜ ପୁତୁରାଙ୍କୁ ସାହାଯ୍ୟ କରିବା ସକାଶେ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରି ବ୍ୟବସ୍ଥା କରି ସେ ଓଡ଼ିଶାରୁ ମୁର୍ଶିଦାବାଦ ଚାଲିଯାଇଥିଲେ ।

Digitized by PPRACHIN, SOA

ପୂର୍ବରୁ ଅହମ୍ମଦ ରଙ୍ଗପୁରର ଜଣେ ସାମାନ୍ୟ ଫଉଜଦାର ଥିଲେ । କିନ୍ତୁ ପ୍ରଦେଶର ଶାସନ ଦାୟିତ୍ୱରେ ଅବସ୍ଥାପିତ ହେବା ପରେ ସେ ନିଜକୁ ଖୁବ୍ ବଡ଼ ବୋଲି ମନେ କରିଥିଲେ । ସେ ଗୁଜର ଖାଁଙ୍କ କୌଣସି ସୁପରାମର୍ଶ ପ୍ରତି ଧ୍ୟାନ ଦେଲେ ନାହିଁ । ସେ ଅର୍ଥ ସଂଗ୍ରହ ଏବଂ ବିଳାସବ୍ୟସନ ସକାଶେ ଯୋଜନା କରିବାରେ ଲାଗିଲେ । ନିଜର ସୈନ୍ୟ ତଥା ଦେହରକ୍ଷୀମାନଙ୍କ ବେତନ କମାଇ ଦେଇ ସେଥିରୁ ଯାହା ବଳିଲା ତାହା ନିଜ ଆମୋଦ ପ୍ରମୋଦରେ ଖର୍ଚ୍ଚ କରିବାକୁ ଲାଗିଲେ । ସେମାନଙ୍କ ମଧ୍ୟରେ ଅସନ୍ତୋଷ ଆସିଲା । ନିଜର ଭବିଷ୍ୟତ ଉନ୍ନତି ନିମନ୍ତେ ଭଲ ବେତନ ପାଇଁ ତାଙ୍କ ଅଧୀନରେ କାର୍ଯ୍ୟ କରିବା ସକାଶେ ଓଡ଼ିଶାକୁ ଆସିଥିବା ଅନେକ ଉତ୍ତମ, କାର୍ଯ୍ୟଦକ୍ଷ ଓ ବିଶ୍ୱାସୀ ବଙ୍ଗଳା ସୈନ୍ୟମାନେ ନିରାଶ ତଥା ପ୍ରତିକୂଳ ପରିସ୍ଥିତିରେ ପଡ଼ିରହିଲେ । ଓଡ଼ିଶାରେ ବସବାସ କରିବା ସେମାନଙ୍କ ପକ୍ଷରେ ଦୁଷ୍କର, କଷ୍ଟସାଧ୍ୟ ଓ ଅଚିନ୍ତନୀୟ ଜଣାଗଲା । ତେଣୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଘରକୁ ଫେରିଯିବା ନିମନ୍ତେ ଚାକିରି ଛାଡ଼ିଦେଲେ । ତଦ୍‌ଜନିତ ଶୂନ୍ୟସ୍ଥାନରେ ସ୍ଥାନୀୟ ସୈନିକମାନଙ୍କୁ ନିଯୁକ୍ତି ଦିଆଗଲା । ମାତ୍ର ସେମାନେ ମଧ୍ୟ ସ୍ୱଳ୍ପ ବେତନ ହେତୁ ସନ୍ତୁଷ୍ଟ ନ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ଅଧୀନରେ ସୈନିକ ଭାବେ କାର୍ଯ୍ୟକରି ତାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନରେ ଖ୍ୟାତି ଅର୍ଜନ କରିଥିଲେ । ସେମାନଙ୍କ ମଧ୍ୟରେ ସଲିମ୍ ଖାଁ, ଦାର୍‌ନେଶ ଖାଁ, ନିଜାମତ ଖାଁ ଓ ମୀର୍ ଅଜିଜ୍‌ଙ୍କ ଭଳି ସେନାପତିମାନେ ଥିଲେ ମୁଖ୍ୟ ।

ସାମରିକ ବ୍ୟୟ କାଟ କରି ଅହମ୍ମଦ କିଛି ପରିମାଣରେ ଅର୍ଥ ରଖି ପାରିଥିଲେ । କିନ୍ତୁ ନିଜର କାମନା ଚରିତାର୍ଥ କରିବା ପାଇଁ ନାରୀ ଯୋଗାଡ଼ କରିବାରେ ସେ ଅର୍ଥକୁ ବ୍ୟବହାର କରିଥିଲେ । ଶାହା ୟାହ୍ୟା ନାମକ ଜନୈକ ବାରବୁଲା ଫକୀର ତାଙ୍କ ଦରବାରରେ ପହଞ୍ଚିବା ପରେ ସେ ଏହି କାର୍ଯ୍ୟରେ ଅଧିକରୁ ଅଧିକ ଭାବରେ ଲିପ୍ତ ହୋଇ ପଡ଼ିଲେ । ଶାହାଜାହାନବାଦରେ ତାଙ୍କର ଅହମ୍ମଦଙ୍କ ସହିତ ପୂର୍ବରୁ ଅନ୍ତରଙ୍ଗତା ରହିଥିଲା । ସେହି ଦୃଷ୍ଟିରୁ କଟକ ଦରବାରରେ ସେ ନିଜକୁ ଜଣେ ପ୍ରଧାନ ବ୍ୟକ୍ତି ଭାବରେ ପ୍ରତିଷ୍ଠିତ କରିପାରିଥିଲେ । ୟାହ୍ୟାଙ୍କ ପରାମର୍ଶକ୍ରମେ ସେ ଧନଶାଳୀ ବ୍ୟକ୍ତିମାନଙ୍କ ଗୃହରେ ଗାଦିଚ୍ୟୁତ ଗଭର୍ଣ୍ଣର (ମୁର୍ଶିଦ କୁଲି) ଙ୍କ ଧନସମ୍ପତ୍ତି ଗଚ୍ଛିତ ଥିବ ବୋଲି ସନ୍ଦେହ କରି ସୈନ୍ୟମାନଙ୍କ ଦ୍ୱାରା ନିଷ୍ଠୁର ଭାବରେ ଚଢ଼ାଉ କରିଥିଲେ । ସେହି ଗୃହମାନଙ୍କରୁ ଯାହା କିଛି ସମ୍ପତ୍ତି ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଯୁବତୀ ସୁନ୍ଦରୀ ସ୍ତ୍ରୀଲୋକମାନଙ୍କୁ ସାକ୍ଷ୍ୟ ଦେବା ଆଳରେ ଅଣାଯାଇ ଶାସକଙ୍କ ସମ୍ମୁଖରେ ହାଜର କରାଯାଉଥିଲା । ଏହା ବ୍ୟତୀତ ଏହି ଫକୀର ଏଜେଣ୍ଟମାନଙ୍କ ଜରିଆରେ ଦେଶର ବିଭିନ୍ନ ପ୍ରାନ୍ତରରେ କେଉଁଠି ସୁନ୍ଦରୀ ସ୍ତ୍ରୀଲୋକ ମିଳିବେ ତାହାର ସମ୍ବାଦ ରଖୁଥିଲେ ଏବଂ ସେମାନଙ୍କୁ ଅସତ୍ ଓ ଅନ୍ୟାୟ ଉପାୟରେ

Digitized by PPRACHIN, SOA

ଗଭର୍ଣ୍ଣରଙ୍କ ଅନ୍ଦର ମହଲ (ହାରେମ) କୁ ଆଣୁଥିଲେ । ଗୁଲାମ ହୁସେନଙ୍କ ଲେଖା ଅନୁସାରେ ଏହି ଲଜ୍ଜାକର ଏବଂ ବଳାତ୍କାର ତଥା ଅତ୍ୟାଚାରୀ କାର୍ଯ୍ୟ ଏତେ ଦୂରକୁ ଚାଲି ଯାଇଥିଲା ଯେ ଲୋକମାନଙ୍କ ଧନଜୀବନ ଓ ସମ୍ମାନ ନିରାପଦ ରହିଲା ନାହିଁ ଏବଂ ସେମାନେ ଅତିଷ୍ଠ ହୋଇ ପଡ଼ିଥିଲେ । "ଧାରାବାହିକଭାବେ ସ୍ତ୍ରୀଲୋକମାନଙ୍କୁ ବିଭିନ୍ନ ଗୃହରୁ ଧରି ଆଣିବା ଏବଂ ବଳାତ୍କାର କରି ଧନସମ୍ପତ୍ତି ହସ୍ତଗତ କରିବା ଫଳରେ ଗଭର୍ଣ୍ଣର ବନ୍ଧୁ ଓ ଅନୁଗାମୀଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇବାକୁ ଲାଗିଲା । ନିର୍ଯ୍ୟାତୀତର ଆର୍ତ୍ତନାଦରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା ।

ତାଙ୍କର ଅତ୍ୟାଚାର ସେତିକିରେ ସୀମାବଦ୍ଧ ନ ଥିଲା । ମୁର୍ଶିଦ କୁଲିଙ୍କ ଅମଳରେ କେତେକ ଧନୀ ବ୍ୟକ୍ତି ବାକିଆ ରାଜସ୍ୱରୁ ଛାଡ଼ ପାଇଥିଲେ । କିନ୍ତୁ ବର୍ତ୍ତମାନ ବାକିଆ ରାଜସ୍ୱ ପଇଠ କରିବା ନିମନ୍ତେ ସେମାନଙ୍କୁ ଅହମ୍ମଦ ସରକାର ବାଧ୍ୟ କରିଥିଲା ।

ଏହା ଫଳରେ ଦେଶର ଜନସାଧାରଣ ଭାବରେ ଏବଂ ସହରର ଲୋକମାନେ ବିଶେଷ ଭାବରେ ଅହମ୍ମଦଙ୍କ ଶାସନରେ ଅସନ୍ତୁଷ୍ଟ ହୋଇ ଉଠିଲେ । କଟକରେ ନିର୍ଯ୍ୟାତୀତ କେତେକ ଲୋକ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପ୍ରତି ଆନୁଗତ୍ୟ ଥିବା ଏବଂ ସଂପ୍ରତି ଅହମ୍ମଦଙ୍କ ସୈନ୍ୟବାହିନୀରେ ନୂତନ କରି ନିଯୁକ୍ତି ପାଇଥିବା ସୈନ୍ୟମାନଙ୍କ ସହିତ ସରକାରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ । ଇତିମଧ୍ୟରେ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ଜାମାତା ମିର୍ଜା ବାକର ଓଡ଼ିଶା ସୀମାନ୍ତବର୍ତ୍ତୀ ଏକ ଜମିଦାରୀରେ ବସବାସ କରୁଥିଲେ । ତାଙ୍କ ଶ୍ୱଶୁରଙ୍କ ପ୍ରତି ଅନ୍ୟାୟର ପ୍ରତିଶୋଧ ନେବାକୁ ସେ ଅହମ୍ମଦ ଶାସନ ବିରୁଦ୍ଧରେ ଲୋକମାନଙ୍କ ପ୍ରତିକ୍ରିୟା ସହିତ ସମସ୍ତ ସାମ୍ଭାବ୍ୟ ଖବର ରଖୁଥିଲେ । ଅନେକ ଅସନ୍ତୁଷ୍ଟ ସ୍ଥାନୀୟ ସୈନ୍ୟ-ମାନଙ୍କର ଅହମ୍ମଦଙ୍କ ପ୍ରାସାଦରେ ନିଯୁକ୍ତ ସ୍ଥାନୀୟ ଲୋକଙ୍କ ସହିତ ଯୋଗସୂତ୍ର ରହିଥିଲା । ସେ ସେମାନଙ୍କୁ ଖୋଲାଖୋଲିଭାବେ ବିଦ୍ରୋହ କରିବା ପାଇଁ ଦୃଢ଼ଭାବରେ ପ୍ରରୋଚିତ କରିଥିଲେ । ଏଥିପାଇଁ ଏକ ଷଡ଼ଯନ୍ତ୍ର ସୃଷ୍ଟି ହେଲା ଏବଂ ଏକଦା ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ପରିବାରର ରକ୍ଷାକାରୀ ଶାହାମୁରାଦ, ମିର୍ଜା ବାକରଙ୍କ ସହିତ ଷଡ଼ଯନ୍ତ୍ର କରି ଗୁଜର ଖାଁ ଓ ତାଙ୍କ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବା ସକାଶେ ନେତୃତ୍ୱ ନେଇଥିଲେ ।

ତଦନୁସାରେ କଟକରେ ସରକାର ବିରୋଧୀ ଆନ୍ଦୋଳନ ଆରମ୍ଭ ହେଲା ଏବଂ ପ୍ରବଳ ପାଟିତୁଣ୍ଡରେ ବିକ୍ଷୋଭ ବ୍ୟାପିବାକୁ ଲାଗିଲା । ହଠାତ୍ ଦେଖାଗଲା ଯେ ସମଗ୍ର କଟକ ନଗରୀ ବିଦ୍ରୋହୀ—କାର୍ଯ୍ୟ କଳାରତ ଅନେକ ଷଡ଼ଯନ୍ତ୍ରକାରୀଙ୍କ ଏକ ଜନ୍ମସ୍ଥଳୀ ଓ କ୍ରୀଡ଼ାଭୂମି । ପରିସ୍ଥିତି ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଗଲା ଏବଂ ପ୍ରାୟତଃ ସମସ୍ତ ଗଳିକନ୍ଦିରେ ବିଦ୍ରୋହୀମାନେ ସ୍ୱର ଉତ୍ତୋଳନ କରିବାକୁ ଲାଗିଲେ । ସେତେବେଳକୁ ଯାଇ ବିଦ୍ରୋହୀମାନଙ୍କୁ ଶାନ୍ତ କରିବା ସକାଶେ ଗୁଜର ଖାଁଙ୍କୁ ପ୍ରେରଣ କରାଗଲା । ମାତ୍ର ସେ

Digitized by PPRACHIN, SOA

ଅତି ଅଳ୍ପ ସମୟ ମଧ୍ୟରେ ବିଦ୍ରୋହାଗ୍ନିର ଶିକାର ହେଲେ । ଦମନମୂଳକ ପଦକ୍ଷେପ ଅବଲମ୍ବନ କରି ଟାଙ୍ଗୁଆ ପ୍ରଶାସକ ହୁସେନ ବେଗ ମଧ୍ୟ ବିଦ୍ରୋହୀଙ୍କ ହସ୍ତରେ ନିହତ ହେଲେ । ତେଣୁ ଅହମ୍ମଦ କମାଣ ବାହିନୀର ସୁପରିନ୍‌ଟେଣ୍ଡେଣ୍ଟ କାଶିମ୍ ବେଗ ଏବଂ କଟକ ଫଉଜଦାର ଶେଖ ହାଜିଆତୁଲ୍ଲାଙ୍କୁ ବିଦ୍ରୋହୀ କଟକବାସୀମାନଙ୍କୁ ଆଘାତ କରିବାକୁ ହୁକୁମ ଦେଲେ । କିନ୍ତୁ ଉପଯୁକ୍ତ ସଂଖ୍ୟାର ଦେହରକ୍ଷୀଙ୍କ ଅଭାବରୁ କାଶିମ୍ ବେଗ୍‌ଙ୍କର ମଧ୍ୟ ବିନାଶ ଘଟିଲା । ହାଜିଆତୁଲ୍ଲା ଗୁରୁତର ଭାବେ ଆହତ ହୋଇ ନିଜ ଜୀବନ ବଞ୍ଚାଇବାକୁ ପଳାୟନ କଲେ । ବିଦ୍ରୋହର ଘନଘଟା ମଧ୍ୟରେ ମିର୍‌ଜା ବାକର ଦାକ୍ଷିଣାତ୍ୟରୁ ପାଞ୍ଚଶହ ମରାଠା ସୈନ୍ୟଙ୍କୁ ଧରି ପହଞ୍ଚିଯିବା ଫଳରେ ବିଦ୍ରୋହୀମାନେ ଅଧିକ ଉତ୍ସାହିତ ଏବଂ ପୂର୍ବ ଅପେକ୍ଷା ଆହୁରି ଅଧିକ ବଳଶାଳୀ ହୋଇ ଉଠିଲେ । ସେମାନେ ଅହମ୍ମଦଙ୍କୁ ବନ୍ଦୀ କରିବା ପାଇଁ ଯୋଜନା କରିଥିଲେ । ତଦନୁଯାୟୀ ତାଙ୍କ ବାସସ୍ଥାନ ଆଡ଼କୁ ଅଗ୍ରସର ହେଲେ । ବର୍ତ୍ତମାନ ବିଦ୍ରୋହୀମାନଙ୍କର ନେତୃତ୍ୱ ନେଲେ ମିର୍‌ଜା ବାକର । ସେ ଲୋକମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ରାଜପ୍ରାସାଦ ଫାଟକ ଦାୟିତ୍ୱରେ ଥିବା ଅହମ୍ମଦଙ୍କର ପୁରାତନ ତଥା ବିଶ୍ୱସ୍ତ ଅଫିସରମାନଙ୍କୁ ଆତ୍ମସମର୍ପଣ କରିବା ପାଇଁ ଭୟଭୀତ କରନ୍ତୁ । ତେଣୁ ଫାଟକ ଜଗିଥିବା ସ୍ୱଳ୍ପସଂଖ୍ୟକ ବନ୍ଧୁକଧାରୀ ପ୍ରହରୀଙ୍କୁ ଜଣାଇ ଦିଆଗଲା, "ସେମାନେ ସ୍ୱତଃ-ପ୍ରବୃତ୍ତ ଭାବରେ ଫାଟକ ଖୋଲି ଦିଅନ୍ତି ତେବେ ସେମାନଙ୍କୁ ଆଶ୍ରୟ ଦିଆଯିବ, ଅନ୍ୟଥା ମିର୍‌ଜା ବାକର ପହଞ୍ଚି ଯଦି ବଳପ୍ରୟୋଗ କରି ଫାଟକ ଖୋଲିବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରି ରହନ୍ତି, ତାହାହେଲେ ସେମାନେ ଯେପରି ବ୍ୟବହାର (ଦଣ୍ଡ) ପାଇବାକୁ ଯୋଗ୍ୟ ତାହା ପାଇବେ ।" ଏହା ଶୁଣିବା ପରେ ଦ୍ୱାରପାଳମାନେ ଆତଙ୍କିତ ହୋଇ ଫାଟକମାନ ଖୋଲି ଦେଇଥିଲେ । ୧୭୪୧ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ବିଦ୍ରୋହୀମାନେ ବିଜୟୋଲ୍ଲାସରେ ରାଜପ୍ରାସାଦ ଭିତରେ ପ୍ରବେଶ କଲେ । ଅହମ୍ମଦଙ୍କୁ ସେଠାରେ ବନ୍ଦୀକରି ରଖାଗଲା । ତାଙ୍କ ପତ୍ନୀ, ଛୁଆପିଲା ଏବଂ ଅନ୍ୟ କେତେକ ସମ୍ପର୍କୀୟଙ୍କୁ ମଧ୍ୟ ବନ୍ଦୀ କରି ବାରବାଟୀ ଦୁର୍ଗକୁ ପଠାଗଲା । ଏହାପରେ ମିର୍‌ଜା ବାକର ନିଜକୁ କଟକର ଶାସକ ରୂପେ ଅଧିଷ୍ଠିତ କଲେ । କ୍ଷମତା ବିସ୍ତାର ନିମନ୍ତେ ସୈନ୍ୟମାନଙ୍କୁ ମିଦିନାପୁର ଓ ହୁଗୁଳି ଆଡ଼କୁ ପ୍ରେରଣ କଲେ । ଅଳ୍ପ କାଳ ମଧ୍ୟରେ ସେହି ଅଞ୍ଚଳମାନ ତାଙ୍କର ହସ୍ତଗତ ହେଲା ।

ବିଦ୍ରୋହର ଆକାର ପ୍ରକାରରୁ ପରିଲକ୍ଷିତ ହୁଏ ଯେ ସହରର ଅଧିକାଂଶ ଲୋକ ଏହି ବିଦ୍ରୋହରେ ଭାଗ ନେଇଥିଲେ ଏବଂ ମଫସଲ ଅଞ୍ଚଳରୁ ମଧ୍ୟ 'ବହୁଲୋକ ଉତ୍ସାହ ସହିତ ଯୋଗ ଦେଇଥିଲେ । ବହୁ ସଂଖ୍ୟକ ସମ୍ଭ୍ରାନ୍ତ ପରିବାର ଏବଂ ସୈନ୍ୟ ଅହମ୍ମଦଙ୍କୁ ଗାଦିଚ୍ୟୁତ କରିବା ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେମାନଙ୍କ ସହିତ ମିର୍‌ଜା ବାକର ଯୋଗଦେବା ହେତୁ ଯୋଜନା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇଥିଲା ।

Digitized by PPRACHIN, SOA

ଏହା ଫଳରେ ଆଲିବର୍ଦ୍ଦି ଓଡ଼ିଶାରେ ଲୋକପ୍ରିୟତା ହରଇଲେ । ଓଡ଼ିଶା ଉପରେ ଅଳ୍ପ କିଛିକାଳ ପାଇଁ ସେ ପୁନର୍ବାର ନିଜର କର୍ତ୍ତୃତ୍ୱ ଜାହିର କରି ପାରିଥିଲେ ହେଁ ଲୋକମାନଙ୍କର ସମର୍ଥନ ସାଧାରଣତଃ ତାଙ୍କ ଶତ୍ରୁମାନଙ୍କ ପ୍ରତି ଥିଲା । ଲୋକମାନଙ୍କର ଅପ୍ରିୟତାଗୁ ତାଙ୍କ ରାଜତ୍ୱର ଦୁର୍ବଳତା ପଦାରେ ପଡ଼ି ଯାଇଥିଲା ଏବଂ ନାଗପୁରର ରଘୁଜି ଭୋନ୍‌ସଲାଙ୍କ ମନରେ ଦୃଢ଼ ଧାରଣା ସୃଷ୍ଟି ହୋଇଥିଲା ଯେ ଆଲିବର୍ଦ୍ଦିଙ୍କ ରାଜ୍ୟରେ ବାରମ୍ବାର ଲୁଣ୍ଠନମୂଳକ ଆକ୍ରମଣ କଲେ ସେ ଚଉଥ ଦେବାକୁ ବାଧ୍ୟ ହେବେ । ତେଣୁ ୧୭୪୧ ଖ୍ରୀଷ୍ଟାବ୍ଦ ବିଦ୍ରୋହର ଅଳ୍ପ କେତେମାସ ପରେ ରଘୁଜୀଙ୍କ ମରାଠା ସୈନ୍ୟମାନେ ଓଡ଼ିଶାରେ ପ୍ରବେଶ କଲେ । ଆଲିବର୍ଦ୍ଦିଙ୍କ ରାଜ୍ୟର ଅଂଶବିଶେଷ ଥିବା ଓଡ଼ିଶା ଉପରେ ମରାଠା ଆକ୍ରମଣ ହେଲା ।

ମିର୍‌ଜା ବାକରଙ୍କ ହାତରେ ସୟିଦ ଅହମ୍ମଦ (ସଉଲାତଜଙ୍ଗ) ବନ୍ଦୀ ହୋଇଥିବା ସମ୍ବାଦ ପାଇ ଆଲିବର୍ଦ୍ଦି ଅତ୍ୟନ୍ତ ବିବ୍ରତ ହୋଇ ପଡ଼ିଥିଲେ । ଓଡ଼ିଶାରେ ପୁନର୍ବାର ମିର୍‌ଜା ବାକର ଆଧିପତ୍ୟ ତାଙ୍କ ସମ୍ମାନ ପ୍ରତି ଥିଲା ଏକ ମରଣକାଳୀନ ଧକ୍‌କା । ଆସାଫଜଙ୍ଗ-ନିଜାମ୍-ଉଲ୍-ମୁଲ୍‌କଙ୍କ ଅନୁପ୍ରେରଣାରେ ମିର୍‌ଜା ବାକର ତାଙ୍କୁ ଗାଦିଚ୍ୟୁତ କରିପାରନ୍ତି ବୋଲି ତାଙ୍କର ଧାରଣା ହେଲା । ମାତ୍ର ସେ ସମୟ ନଷ୍ଟ କରିବାକୁ ଚାହୁଁ ନ ଥିଲେ । ଶୀଘ୍ର ଓଡ଼ିଶା ପୁନଃ ଅଧିକାର କରିବା ଥିଲା ତାଙ୍କର ଲକ୍ଷ୍ୟ । ହାଜି ମହମ୍ମଦ ଏବଂ ତାଙ୍କ ପତ୍ନୀ ପରାମର୍ଶ ଦେଲେ ଯେ ମିର୍‌ଜା ବାକରଙ୍କୁ ଓଡ଼ିଶାରେ ଶାସନ କରିବାକୁ ଅନୁମତି ଦେଇ ତାହା ବଦଳରେ ଆଲିବର୍ଦ୍ଦି ସଉଲାତଜଙ୍ଗଙ୍କୁ ମୁକୁଳାଇ ଆଣିବା ଆବଶ୍ୟକ । ମାତ୍ର ଏପରି କାର୍ଯ୍ୟ ତାଙ୍କ ସମ୍ମାନ ଉପରେ ଆଞ୍ଚ ଆଣିବ ବୋଲି ଚିନ୍ତା କରି ଆଲିବର୍ଦ୍ଦି ସେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଅପର ପକ୍ଷରେ ମୁଜାଫର ଖାଁଙ୍କ ପରି ମୁଖ୍ୟ ଆଫଗାନ ସେନାପତିମାନେ ମିର୍‌ଜା ବାକରଙ୍କ ବିରୁଦ୍ଧରେ ଖୋଲାଖୋଲି ଯୁଦ୍ଧ ନିମନ୍ତେ ନିଜ ନିଜର ମତପ୍ରକାଶ କଲେ । ଆଲିବର୍ଦ୍ଦି ଏହି ପ୍ରସ୍ତାବ ଗ୍ରହଣ କରି ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଦେଲେ । ସେ ଏକ ଦକ୍ଷ ସୈନ୍ୟବାହିନୀ ଏବଂ ସେମାନଙ୍କ ପାଇଁ ଆବଶ୍ୟକୀୟ ଯଥେଷ୍ଟ ପରିମାଣର ସାଜସରଞ୍ଜାମ ସଂଗ୍ରହ କରିଥିଲେ ।

ଆଲିବର୍ଦ୍ଦି ନିଜ ପୁତୁରା ଶାହାମତ ଜଙ୍ଗଙ୍କ ଉପରେ ରାଜଧାନୀର ଦାୟିତ୍ୱ ନ୍ୟସ୍ତ କରି ୨୦,୦୦୦ ଅଶ୍ୱାରୋହୀ ତଥା ବହୁସଂଖ୍ୟକ କମାଣବାହିନୀ ସୈନ୍ୟଙ୍କ ନେତୃତ୍ୱ ନେଇ କଟକ ଅଭିମୁଖେ ଯୁଦ୍ଧଯାତ୍ରା କରିଥିଲେ ।

ଆଲିବର୍ଦ୍ଦିଙ୍କ ଯୁଦ୍ଧ ଅଭିଯାନ ଖବର ପାଇ ମିର୍‌ଜା ବାକର ମହାନଦୀର ଦକ୍ଷିଣ ପାର୍ଶ୍ୱସ୍ଥ ବନ୍ଧ ଉପରେ ନିଜର ଛାଉଣି ପକାଇଥିଲେ । ସଉଲାତଜଙ୍ଗ (ସୟିଦ ଅହମ୍ମଦ)ଙ୍କୁ

Digitized by PPRACHIN, SOA

ଏକ ଚାରିଚକିଆ ଗାଡ଼ି ଉପରେ ବସାଇ ରଖାଗଲା ଏବଂ ତାଙ୍କ ଚତୁଃପାର୍ଶ୍ୱରେ ଦାକ୍ଷିଣାତ୍ୟ-ବାହିନୀର ବହୁ ସୈନ୍ୟ ଘେରି ଜଗି ରହିଲେ । ମିର୍ଜା ବାକର ତାଙ୍କୁ ପରାମର୍ଶ ଦେଲେ ଯେ ଆଲିବର୍ଦ୍ଦିଙ୍କ ସୈନ୍ୟବାହିନୀ ନିକଟରେ ହେବା ସଙ୍ଗେ ସଙ୍ଗେ ସେମାନେ ସଉଲାତଜଙ୍ଗଙ୍କ ଜୀବନ ଶେଷ କରିଦେବେ । ଆଲିବର୍ଦ୍ଦିଙ୍କ ନେତୃତ୍ୱାଧୀନ ପ୍ରକାଣ୍ଡ ସୈନ୍ୟବାହିନୀର ଦୃଶ୍ୟରେ ମିର୍ଜା ବାକରଙ୍କ ସୈନ୍ୟମାନେ ଏତେଦୂର ଭୟଭୀତ ହୋଇ ପଡ଼ିଲେ ଯେ ସେମାନଙ୍କ ମଧ୍ୟରୁ ଅନେକେ ବିଭିନ୍ନ ଦିଗରେ ପଳାୟନ କରିବାକୁ ଲାଗିଲେ । ଏପରିକି ସଉଲାତ-ଜଙ୍ଗଙ୍କୁ ଜଗିରହିଥିବା ସୈନ୍ୟମାନେ ମଧ୍ୟ ପ୍ରାଣ ବିକଳରେ ପଳାଇ ଯାଇଥିଲେ । ତେବେ ମିର୍ଜା ବାକର ତାଙ୍କର ସମସ୍ତ ଶକ୍ତି ବିନିଯୋଗ କରି କିଛିକାଳ ପାଇଁ ଯୁଦ୍ଧ ଚଳାଇଥିଲେ । ମାତ୍ର ଶତ୍ରୁ ପକ୍ଷକୁ ପ୍ରତିରୋଧ କରି ନ ପାରି ଖୋର୍ଦ୍ଧା ରାଜାଙ୍କ ସେନାପତି ଶାହା ମୁରାଦଙ୍କ ସାହାଯ୍ୟରେ ଦାକ୍ଷିଣାତ୍ୟକୁ ଖସି ପଳାଇ ଯାଇଥିଲେ । ପରିଣାମତଃ ସଉଲାତଜଙ୍ଗଙ୍କୁ ଉଦ୍ଧାର କରାଗଲା । ବିଜୟୀମାନଙ୍କ ଆନନ୍ଦ ଉଲ୍ଲାସ ମଧ୍ୟରେ ସୈନ୍ୟବାହିନୀର ଏକ ଅଂଶ ପଠାଇ ସଉଲାତଜଙ୍ଗଙ୍କୁ ନିରାପତ୍ତା ବାହିନୀ ରହଣରେ ତାଙ୍କ ସମସ୍ତ ଆସ୍‌ବାବ୍‌ପତ୍ର ସହିତ ମୁର୍ଶିଦାବାଦ ପଠାଇ ଦିଆ ଯାଇଥିଲା ।

ଆଲିବର୍ଦ୍ଦି ମିର୍ଜା ବାକରଙ୍କ ଅନେକ ବନ୍ଧୁମାନଙ୍କୁ ଗିରଫ କରି କଠୋର ଦଣ୍ଡ ଦେଇଥିଲେ ଏବଂ ଓଡ଼ିଶା ଉପରେ ତାଙ୍କ ପ୍ରଭୁତ୍ୱ ପୁନଃସ୍ଥାପିତ ହୋଇଥିଲା । ଏହାପରେ ସେ ତାଙ୍କ ତରଫରୁ ଓଡ଼ିଶା ଶାସନ କରିବା ନିମନ୍ତେ ଶେଖ୍ ମସୁମଙ୍କୁ ଡେପୁଟି ଗଭର୍ଣ୍ଣର ରୂପେ ନିଯୁକ୍ତି ଦେଇ ଜାନକୀ ରାମଙ୍କ ପୁତ୍ର ଦୁର୍ଲଭ ରାମଙ୍କୁ ତାଙ୍କ ଅଧୀନରେ ପେସ୍କାର ଚାକିରି ଦେଇଥିଲେ । ନିଜ ଶାସନ ପୁନଃପ୍ରତିଷ୍ଠା କରି ସାରିବା ପରେ ସେ ପୂର୍ବରୁ ମିର୍ଜା ବାକରଙ୍କ ସାହାଯ୍ୟକାରୀ ଓ ବିଦ୍ରୋହୀ ମୟୂରଭଞ୍ଜ ରାଜାଙ୍କୁ ଦମନ କରିବା ନିମନ୍ତେ କଟକ ପରିତ୍ୟାଗ କଲେ ଏବଂ ରାଜାଙ୍କୁ ଦମନ କରି ସେଠାରୁ ବଙ୍ଗଳା ଯାତ୍ରା କରିଥିଲେ । ମିର୍ଜା ବାକରଙ୍କ ବିରୁଦ୍ଧରେ ଆଲିବର୍ଦ୍ଦିଙ୍କର ବିଜୟ ଏବଂ ପରବର୍ତ୍ତୀ ପ୍ରଶାସନିକ ବ୍ୟବସ୍ଥା ଓଡ଼ିଶାରେ ତାଙ୍କ କ୍ଷମତାର ସ୍ଥିତି ସୁଦୃଢ଼ କରିପାରି ନ ଥିଲା । କାରଣ ମନୋନୀତ ଦୁର୍ବଳ ଏଜେଣ୍ଟମାନଙ୍କ ମାଧ୍ୟମରେ ଓଡ଼ିଶା ଶାସନ ପରିଚାଳନା ପାଇଁ ଆଲିବର୍ଦ୍ଦିଙ୍କ ଯୋଜନା ମରାଠା ଆକ୍ରମଣ ହେତୁ ପଣ୍ଡ ହୋଇଗଲା । କେଉଁ କାରଣ ଯୋଗୁଁ ମରାଠାମାନେ ଓଡ଼ିଶା ଆକ୍ରମଣ କଲେ ତାହା ସଂକ୍ଷିପ୍ତଭାବେ ନିମ୍ନରେ ବର୍ଣ୍ଣନା କରାଗଲା ।

ପ୍ରଥମତଃ ମରାଠାରାଜା ସାହୁଙ୍କ ଉପରେ ନିୟନ୍ତ୍ରଣ ଜାହିର କରିବାରେ ନାଗପୁର ରାଜା ରଘୁଜୀ ଭୋନ୍‌ସଲାଙ୍କ ବିଫଳତା ନିଜର କ୍ଷମତା ବା ସାମ୍ରାଜ୍ୟ ବିସ୍ତାର ନିମନ୍ତେ ଅନ୍ୟ ଦିଗକୁ ଦୃଷ୍ଟିପାତ କରିବାକୁ ଉତ୍ସାହିତ କରିଥିଲା । ତେଣୁ ସେ ନିଜ ରାଜ୍ୟର ଉତ୍ତର-ପୂର୍ବ ଦିଗରେ ଆଧିପତ୍ୟ ବିସ୍ତାର ପାଇଁ ନିଷ୍ପତ୍ତି ନେଇଥିଲେ ।

Digitized by PPRACHIN, SOA

ଦ୍ୱିତୀୟତଃ ହାଇଦ୍ରାବାଦର ନିଜାମ୍-ଉଲ୍-ମୁଲ୍କ ନାଗପୁରର ମରାଠାମାନଙ୍କ ପକ୍ଷରୁ ଆକ୍ରମଣ ଆଶଙ୍କା କରିଥିଲେ । ଏଭଳି ଏକ ସମ୍ଭାବନାକୁ ଏଡ଼ାଇବା ଉଦ୍ଦେଶ୍ୟରେ ସେ ଆଗରୁ କୌଶଳର ସହିତ ରଘୁଜୀଙ୍କ ଦୃଷ୍ଟି ଅନ୍ୟ ଦିଗକୁ ଫେରାଇ ନେବାକୁ ଚାହିଁଲେ ଏବଂ ଓଡ଼ିଶା ଓ ବଙ୍ଗଳା ଆକ୍ରମଣ କରିବା ନିମନ୍ତେ ତାଙ୍କୁ ପ୍ରବର୍ତ୍ତାଇ ଥିଲେ ।

ତୃତୀୟତଃ କ୍ରୋଧ ଜର୍ଜରିତ ମିର୍ଜା ବାକର ଆଲିବର୍ଦ୍ଦିଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଦୃଢ଼ପରିକର ଥିଲେ । ତେଣୁ ତାଙ୍କର ପ୍ରୋତ୍ସାହନ, ଅନୁପ୍ରେରଣା, ସାହାଯ୍ୟ ଏବଂ ଜିଦ୍ ମରାଠା-ଆକ୍ରମଣ ଯୋଜନାକୁ ଇନ୍ଧନ ଯୋଗାଇ ଥିଲା । ମିର୍ଜା ବାକର ରଘୁଜୀଙ୍କୁ ସେହି ଦିଗରେ ଆକ୍ରମଣ ଚଳାଇବାକୁ ପ୍ରରୋଚିତ କରିଥିଲେ । ରଘୁଜୀଙ୍କ ପ୍ରଧାନମନ୍ତ୍ରୀ ଭାସ୍କର ପଣ୍ଡିତଙ୍କ ଉପରେ ଆଲିବର୍ଦ୍ଦିଙ୍କ ରାଜ୍ୟ ଆକ୍ରମଣ ଦାୟିତ୍ୱ ନ୍ୟସ୍ତ କରାଗଲା । ତେଣୁ ୧୭୪୨ ଖ୍ରୀଷ୍ଟାବ୍ଦରେ ସେ ଏକ ସୈନ୍ୟବାହିନୀର ଅଧିନାୟକତ୍ୱରେ ପଞ୍ଚେତ୍, ମିଦିନାପୁର, ବର୍ଦ୍ଧମାନ ଓ ବାଲେଶ୍ୱର ଅଭିମୁଖେ ଯୁଦ୍ଧଯାତ୍ରା କରିଥିଲେ ଏବଂ ବାଟରେ ଟିକିନିଖି କରି ଲୁଟତରାଜ ଚଳାଇଲେ । କଟଓ୍ୱାଠାରେ ଆଲିବର୍ଦ୍ଦିଙ୍କ ସୈନ୍ୟମାନଙ୍କ ସହିତ ଭାସ୍କରଙ୍କ ମରାଠା ସୈନ୍ୟମାନଙ୍କର ସଂଘର୍ଷ ଘଟିଲା ଏବଂ ମରାଠାମାନେ ଏଥିରେ ପରାସ୍ତ ହୋଇ ରାମଗଡ଼ ଦେଇ ଓଡ଼ିଶା ଆକ୍ରମଣ ନିମନ୍ତେ ଯୋଜନା କରି ପ୍ରତ୍ୟାବର୍ତ୍ତନ କରିଥିଲେ ।

ଓଡ଼ିଶାରେ ମରାଠାମାନଙ୍କ ହଠାତ୍ ଉପସ୍ଥିତି, ମାସୁମଙ୍କୁ ବିଚଳିତ କରି ପକାଇ-ଥିଲା । ପ୍ରଥମେ ଭୟଭୀତ ହୋଇ ସେ କଟକ ଛାଡ଼ି ପଳାୟନ କରିଥିଲେ । କିନ୍ତୁ ପରେ ହରିହରପୁର ନିକଟସ୍ଥ ଏକ ସ୍ଥାନରେ ପହଞ୍ଚି ସେ ସିଦ୍ଧାନ୍ତ କଲେ ଯେ ସେ ସମସ୍ତ ଶକ୍ତି ବିନିଯୋଗ କରି ଶତ୍ରୁର ପ୍ରତିରୋଧ କରିବେ । ବୀରତ୍ୱର ସହିତ ସେ ମରାଠାମାନଙ୍କ ସହିତ ଯୁଦ୍ଧ କରି ନିହତ ହେଲେ । ପରିଣାମସ୍ୱରୂପ ବାରବାଟୀ ଦୁର୍ଗ ସମେତ କଟକ ମରାଠାମାନଙ୍କ କରଗତ ହେଲା । ମରାଠାମାନଙ୍କ ପ୍ରଥମ ଆକ୍ରମଣ ରାଜଧାନୀ କଟକ-ଠାରେ ମୁସଲମାନ ଶକ୍ତିକୁ କିଛିକାଳ ପାଇଁ କ୍ଷୁଣ୍ଣ କରିଥିଲା ।

ଆଲିବର୍ଦ୍ଦି ମୁର୍ଶିଦାବାଦ ଯାତ୍ରା କରୁଥିବା ସମୟରେ ବାଟରେ ମରାଠାମାନଙ୍କ ଆକ୍ରମଣ ଏବଂ ମାସୁମଙ୍କ ନିହତ ସମ୍ବାଦ ପାଇଲେ । କ୍ରୋଧ ପ୍ରଜ୍ୱଳିତ ହୋଇ ସେ ତତ୍‌କ୍ଷଣାତ୍ ମରାଠାମାନଙ୍କ କବଳସ୍ଥ କଟକକୁ ମୁକ୍ତକରିବା ଲକ୍ଷ୍ୟରେ ଓଡ଼ିଶା ଅଭିମୁଖେ ସୈନ୍ୟ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଲେ । ମିଦିନାପୁର ଠାରେ ସେ ପହଞ୍ଚିଛନ୍ତି କି ନାହିଁ ଭାସ୍କର ପଣ୍ଡିତ ଅଧୀନସ୍ଥ ମରାଠା ସୈନ୍ୟମାନେ ଛତ୍ରଭଙ୍ଗ ଦେଇ ବାଲେଶ୍ୱର ଆଡ଼କୁ ପଳାଇ ଯାଇଥିଲେ । ଆଲିବର୍ଦ୍ଦି ସେମାନଙ୍କୁ ଅନୁସରଣ କରିବାରୁ ମରାଠାମାନେ ଚିଲିକା ହ୍ରଦ ବାଟେ ଓଡ଼ିଶା ଅତିକ୍ରମ କରି ଦାକ୍ଷିଣାତ୍ୟକୁ ପଳାଇ ଯିବାକୁ ବାଧ୍ୟ ହେଲେ ।

Digitized by PPRACHIN, SOA

ମରଠାମାନଙ୍କୁ ବିତାଡ଼ିତ କରିସାରିବା ପରେ ନିଜର ଶାସନ କ୍ଷମତା ପୁନଃ-ପ୍ରତିଷ୍ଠା କରିବା ଅଭିପ୍ରାୟରେ ଆଲିବର୍ଦ୍ଦି ପ୍ରାୟ ଦୁଇମାସ ପର୍ଯ୍ୟନ୍ତ କଟକ ଠାରେ ଅବସ୍ଥାନ କରିଥିଲେ । ଓଡ଼ିଶା ପରିତ୍ୟାଗ କରି ମୁର୍ଶିଦାବାଦ ଯାତ୍ରା କରିବା ପୂର୍ବରୁ ସେ ମୁସ୍ତଫା ଖାଁଙ୍କ ଖୁଡ଼ୁତା ଅବଦୁଲ-ନବୀ ଖାଁଙ୍କ ଉପରେ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ପଦବୀ ନ୍ୟସ୍ତ କଲେ ଏବଂ ଜାନକୀରାମଙ୍କ ପୁତ୍ର ଦୁର୍ଲ୍ଲଭରାମଙ୍କୁ ତାଙ୍କର ପେସ୍କାର ରୂପେ ନିଯୁକ୍ତି ଦେଲେ । ମରଠା ସେନାପତି ଭାସ୍କର ପଣ୍ଡିତଙ୍କ ନେତୃତ୍ୱରେ ବଙ୍ଗଳା ଓ ଓଡ଼ିଶା ଉପରେ ପ୍ରଥମ ମରଠା ଆକ୍ରମଣ ବିଫଳ ହୋଇଥିଲା ।

୧୭୪୩ ଖ୍ରୀଷ୍ଟାବ୍ଦ ଫେବୃୟାରୀ ମାସରେ ବଙ୍ଗଳା ଏବଂ ଓଡ଼ିଶା ଉପରେ ଦ୍ୱିତୀୟବାର ମରଠା ଆକ୍ରମଣ ହେଲା । ବଙ୍ଗଳା, ବିହାର ଏବଂ ଓଡ଼ିଶାର ଚଉଥ ଅସୁଲ କରିବା ଥିଲା ଏହି ଆକ୍ରମଣର ଲକ୍ଷ୍ୟ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନାଗପୁର ରଜା ରଘୁଜୀ ନିଜେ ଏକ ବିରଟ ସୈନ୍ୟବାହିନୀ ଧରି ଓଡ଼ିଶା ଯାତ୍ରା କରିଥିଲେ । ମୁସଲମାନ ସୈନ୍ୟବାହିନୀକୁ ପରସ୍ତ କରି ସେ କଟକ ଅଧିକାର କରିନେଲେ । ଆଲିବର୍ଦ୍ଦିଙ୍କ ଠାରୁ ସେ ବିହାର, ବଙ୍ଗଳା ଏବଂ ଓଡ଼ିଶାର ଚଉଥ ଅସୁଲ ନିମନ୍ତେ ଚାପ ପକାଇବା ଉଦ୍ଦେଶ୍ୟରେ କଟଓ୍ୱା ଆଡ଼କୁ ଅଗ୍ରସର ହୋଇ ଭାସ୍କର ପଣ୍ଡିତଙ୍କୁ ଏକ ମରଠାବାହିନୀ ନେତୃତ୍ୱରେ ମିଦିନାପୁର ଠାରେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ପଡ଼ିଲେ ଆଗୁଆ ମରଠା ସୈନ୍ୟଙ୍କୁ ସାହାଯ୍ୟ କରିବା ଥିଲା ଏହି ସୈନ୍ୟବାହିନୀର ଉଦ୍ଦେଶ୍ୟ ।

ଇତିମଧ୍ୟରେ ବଙ୍ଗଳା ଉପରେ ମରଠା ଆକ୍ରମଣ ପ୍ରତି ଦିଲ୍ଲୀ ସମ୍ରାଟଙ୍କ ଦୃଷ୍ଟି ଆକର୍ଷଣ କରଯାଇଥିଲା । ସେ ଏଭଳି ମରଠା ହସ୍ତକ୍ଷେପ ଅନ୍ୟାୟ ଓ ନିନ୍ଦନୀୟ କହି ପେଶଓ୍ୱା ବାଲାଜୀ ରଓଙ୍କ ନିକଟରେ ପ୍ରତିବାଦପୂର୍ବକ ତାଙ୍କୁ ଅନୁରୋଧ ଜଣାଇଲେ ଯେ ମରଠାମାନଙ୍କ ଅଯୌକ୍ତିକ ଆକ୍ରମଣ ପ୍ରତିହତ ନିମନ୍ତେ ସେ କିଛି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ବାଲାଜୀ ଏ ବିଷୟ ବିଗ୍ଭର କରି ରଘୁଜୀଙ୍କୁ ବଙ୍ଗଳାରୁ ବିତାଡ଼ିତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କଲେ । ତଦନୁସାରେ ସେ ବଙ୍ଗଳା ଯାତ୍ରା କଲେ ଏବଂ ୧୭୪୩ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୩୧ ତାରିଖ ଦିନ ପ୍ଲାସିଠାରେ ଆଲିବର୍ଦ୍ଦିଙ୍କ ସହିତ ସାକ୍ଷାତ କଲେ । ଏହି ସମ୍ମିଳନୀରେ ସ୍ଥିର ହେଲା ଯେ ଆଲିବର୍ଦ୍ଦି ବଙ୍ଗଳା ଚଉଥ ସାହୁଙ୍କୁ ଦେବେ ଏବଂ ପେଶଓ୍ୱାଙ୍କ ସୈନ୍ୟବାହିନୀର ଖର୍ଚ୍ଚ ତୁଲାଇବା ପାଇଁ ତାଙ୍କୁ ମଧ୍ୟ ୨୨ ଲକ୍ଷ ଟଙ୍କା ଦେବାକୁ ହେବ । ଏହି ସର୍ତ୍ତରେ ଚୁକ୍ତି ସମ୍ପାଦିତ ହେଲା । ଚୁକ୍ତି ପରେ ବଙ୍ଗଳା ଏବଂ ପୁନାର ମିଳିତ ସେନାବାହିନୀ ରଘୁଜୀଙ୍କୁ ବଙ୍ଗଳାରୁ ବିତାଡ଼ିତ କରିବା ନିମନ୍ତେ ଅଭିଯାନ ଚଳାଇଥିଲେ । ମିଳିତ ସେନାବାହିନୀ ପହଞ୍ଚିବା ଦେଖି ରଘୁଜୀ ଭୟଭୀତ ହୋଇ କଟଓ୍ୱା ପରିତ୍ୟାଗ କରି ବୀରଭୂମ ପଳାୟନ କରିଥିଲେ । ପେଶଓ୍ୱା ଆଲିବର୍ଦ୍ଦିଙ୍କ

Digitized by PPRACHIN, SOA

ସହିତ ପରାମର୍ଶ କରି ରଘୁଜୀ ଛାଉଣି ପକାଇଥିବା ଦିଗରେ ଆଗୁଆ ଅଗ୍ରସର ହୋଇଥିଲେ ଏବଂ ରଘୁଜୀଙ୍କୁ ଆକ୍ରମଣ କରି ଶୋଚନୀୟ ଭାବରେ ପରାସ୍ତ କରିଥିଲେ । ଏହାଦ୍ୱାରା ରଘୁଜୀ ପ୍ରଭୂତ କ୍ଷତି ସହିତ ବଙ୍ଗଳା ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ । ମିଦିନାପୁରଠାରେ ଥିବା ଭାସ୍କର ପଣ୍ଡିତ ନିଜ ରାଜାଙ୍କ ପରାଜୟ ଏବଂ ପଳାୟନ ସମ୍ବାଦ ଅବହିତ ହୋଇ ମିଦିନାପୁରଠାରୁ ଛାଉଣି ଉଠାଇ ଓଡ଼ିଶା ବାଟଦେଇ ନାଗପୁର ଫେରିଗଲେ ।

ପେଶଓ୍ୱା ଏବଂ ରଘୁଜୀଙ୍କ ମଧ୍ୟରେ ସଙ୍ଘଟିତ ବିବାଦ ତଥା ସଂଘର୍ଷ ମରାଠା ଛତ୍ରପତି ସାହୁଙ୍କ ପାଇଁ ଥିଲା ଏକ ମର୍ମନ୍ତୁଦ ବିଷୟ । ତାଙ୍କ ନିଜ ଶାସନ ମୁଖ୍ୟମାନେ ସଂଘର୍ଷରେ ବ୍ୟାପୃତ ନ ହେବା ଏବଂ ତାହା ଫଳରେ ମରାଠା ଶକ୍ତି ମଧ୍ୟରେ ଅସ୍ୱସ୍ତିକର ପରିବେଶ ତଥା ଅଶାନ୍ତି ସୃଷ୍ଟି ନ ହେବା ତାଙ୍କର ଇଚ୍ଛା ଥିଲା । ତେଣୁ ସେ ଏହି ଦୁଇ ଶାସନ ମୁଖ୍ୟଙ୍କୁ ଡକାଇ ସେମାନଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇ ଦେଲେ । ଏଥିରେ ସିଦ୍ଧାନ୍ତ କରାଗଲା ଯେ ଏଣିକି ବଙ୍ଗଳା, ଓଡ଼ିଶା ଓ ପାଟନା ପୂର୍ବସ୍ଥ ଅଞ୍ଚଳମାନଙ୍କର ଏକ ଅଂଶ ରଘୁଜୀଙ୍କ ପ୍ରଭାବ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ହେବ ଏବଂ ମାଳବ, ଆଗ୍ରା, ଆଜମିର, ଆଲ୍ଲାବାଦ ଓ ବିହାରର କିଛି ଇଲାକା ପେଶଓ୍ୱାଙ୍କ ପ୍ରଭାବ ପରିସର ଅଧୀନରେ ରହିବ । ଏହି ଆପୋଷ ମିଳାମିଶା ରଘୁଜୀଙ୍କର ଆଲିବର୍ଦ୍ଦିଙ୍କ ରାଜ୍ୟ ଆକ୍ରମଣ ପଥ ପରିଷ୍କାର କରିଦେଇଥିଲା । ତେଣୁ ୧୭୪୪ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ତୃତୀୟଥର ପାଇଁ ଭାସ୍କର ପଣ୍ଡିତଙ୍କ ନେତୃତ୍ୱରେ ବଙ୍ଗଳା ଉପରେ ମରାଠା ଆକ୍ରମଣ ଆରମ୍ଭ ହେଲା । ବଙ୍ଗଳାର ବିଭିନ୍ନ ଇଲାକାରେ ଲୁଣ୍ଠନ ଚାଲିଲା । ବଙ୍ଗଳା ଉପରେ ମରାଠାମାନଙ୍କ ବାରମ୍ବାର ଆକ୍ରମଣରେ ଆଲିବର୍ଦ୍ଦି ବିବ୍ରତ ହୋଇପଡ଼ିଲେ । କାରଣ ଶତ୍ରୁ ସହିତ ସଂଘର୍ଷ ଲାଗି ରହିବା ଫଳରେ ବିପୁଳ ବ୍ୟୟ ବହନ କରିବାକୁ ପଡ଼ିଲା । ବିରାଟ ସେନାବାହିନୀ ସଜ୍ଜିତ କରି ରଖିବାକୁ ହେଲା ଏବଂ ଯୁଦ୍ଧ ସକାଶେ ଉପଯୁକ୍ତ ରସଦ ଯୋଗାଡ଼ କରିବାର ଆବଶ୍ୟକତା ଆସିଲା । ସେ ଦେଖିଲେ ଯେ ବଙ୍ଗଳା ଆକ୍ରମଣ କରିବାରେ ଭାସ୍କର ପଣ୍ଡିତ ହେଉଛନ୍ତି ମରାଠା-ମାନଙ୍କର ପ୍ରଧାନ ନେତା । ତେଣୁ ସେ କୂଟନୀତି ପ୍ରୟୋଗ କରି ସହଜରେ ବିଜୟ ହାସଲ କରିବା ପାଇଁ ପରିକଳ୍ପନା କଲେ । ତଦନୁଯାୟୀ ଜାନକୀରାମ ଏବଂ ମୁସ୍ତଫା ଖାଁଙ୍କ ଭଳି ନିଜର ଅଫିସରମାନଙ୍କ ସହିତ ପରାମର୍ଶ କରି ୧୭୪୪ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ ୩୧ ତାରିଖରେ ମାଙ୍କୋଡ଼ାଠାରେ ଆଲିବର୍ଦ୍ଦି ଏକ ବୈଠକର ଆୟୋଜନ କଲେ । ଏହି ବୈଠକକୁ ତାଙ୍କ ସହିତ ରଘୁଜୀଙ୍କ ଶାନ୍ତି ସର୍ତ୍ତ ପ୍ରତିଷ୍ଠା ନିମନ୍ତେ ଚୁକ୍ତି ସମ୍ବନ୍ଧରେ ଆଲୋଚନା ପାଇଁ ଭାସ୍କର ପଣ୍ଡିତଙ୍କୁ ନିମନ୍ତ୍ରଣ କରିଥିଲେ । ଆଲୋଚନାର ବିଷୟବସ୍ତୁ ଥିଲା ରଘୁଜୀ ଓ ନବାବଙ୍କ ମଧ୍ୟରେ ବିବାଦର ସମାଧାନ କିପରି ହୋଇପାରିବ ଏବଂ ବଙ୍ଗଳାରେ କିପରି ଶାନ୍ତି ପ୍ରତିଷ୍ଠିତ ହେବ । ଆଲିବର୍ଦ୍ଦିଙ୍କ ସଦିଚ୍ଛାରେ ବିଶ୍ୱାସ କରି ଏବଂ ଶାନ୍ତିପ୍ରତିଷ୍ଠା ପ୍ରତି ଅନୁକୂଳ ମତ ରଖି ଭାସ୍କର ଚଉଥ ସମ୍ପର୍କରେ ଆଲୋଚନା ନିମନ୍ତେ ନିଜର କେତେକ ଅନୁଗାମୀଙ୍କୁ

Digitized by PPRACHIN, SOA

ସଙ୍ଗରେ ନେଇ ଆଲିବର୍ଦ୍ଦିଙ୍କ ଛାଉଣିରେ ପ୍ରବେଶ କଲେ । କିନ୍ତୁ ତତ୍‌କ୍ଷଣାତ୍ ଦେଖାଗଲା ଯେ ଆଲିବର୍ଦ୍ଦିଙ୍କ ନିର୍ଦ୍ଦେଶରେ ତାଙ୍କ ଉପରେ ବିଶ୍ୱାସଘାତକତା ପୂର୍ବକ ଆକ୍ରମଣ କରାଗଲା । ମିର୍ କାଶିମ ଖାଁ ଏକା ଖଣ୍ଡାଘ୍ରେଟରେ ଭାସ୍କରଙ୍କୁ ହତ୍ୟା କଲେ । ଭାସ୍କରଙ୍କ ସହ ଯାଉଥିବା ଅନ୍ୟ ତେଇଶିଜଣ ଦଳପତିଙ୍କୁ ମଧ୍ୟ ଅନୁରୂପ ଦଶା ଭୋଗ କରିବାକୁ ପଡ଼ିଲା । ଅନ୍ୟ ମରାଠାମାନେ ଓଡ଼ିଶା ଓ ବଙ୍ଗଳା ଛାଡ଼ି ନାଗପୁର ପଳାଇଗଲେ । ବଙ୍ଗଳା ଓ ଓଡ଼ିଶାରୁ ମରାଠାମାନଙ୍କ ପ୍ରତ୍ୟାବର୍ତ୍ତନରେ ଆଲିବର୍ଦ୍ଦି ସନ୍ତୋଷ ପ୍ରକାଶ କଲେ ଏବଂ ତାହାପରଠାରୁ ରାଜ୍ୟରେ ଶାନ୍ତି ଆସିବ ବୋଲି ଭାବିଲେ । କିନ୍ତୁ ଶାନ୍ତିଭୋଗ ତାଙ୍କ ଭାଗ୍ୟରେ ନ ଥିଲା । ମୁର୍ଶିଦାବାଦଠାରେ ତାଙ୍କୁ ଅପ୍ରତ୍ୟାଶିତ ବିପଦର ମୁକାବିଲା କରିବାକୁ ପଡ଼ିଲା । ତାଙ୍କ ନିଜ ଦରବାରର ଅନ୍ୟତମ ଶକ୍ତିଶାଳୀ ସେନାପତି ମୁସ୍ତଫା ଖାଁ ବିଦ୍ରୋହ ଘୋଷଣା କଲେ । ଭାସ୍କର ପଣ୍ଡିତଙ୍କ ଶୋଚନୀୟ ମୃତ୍ୟୁର ପ୍ରତିଶୋଧନେବା ପାଇଁ ରଘୁଜୀ ଗୁରୁତର ଭାବରେ ଚିନ୍ତା କରୁଥିବା ବେଳେ ମୁସ୍ତଫା କ୍ରୋଧାନ୍ୱିତ ହୋଇ ନିଜ ନଓ୍ୱାବଙ୍କୁ ଆକ୍ରମଣ କରିବା ନିମନ୍ତେ ମରାଠାମାନଙ୍କ ମୁଖ୍ୟ ରଘୁଜୀଙ୍କୁ ଆମନ୍ତ୍ରଣ କଲେ । ମୁସ୍ତଫାଙ୍କ ଆମନ୍ତ୍ରଣ ପାଇବା ସଙ୍ଗେ ସଙ୍ଗେ ଆଲିବର୍ଦ୍ଦିଙ୍କ ଶକ୍ତିକୁ ପରାହତ କରିବା ପାଇଁ ରଘୁଜୀ ବାହାରି ପଡ଼ିଥିଲେ । ତେଣୁ ୧୭୪୫ ଖ୍ରୀଷ୍ଟାବ୍ଦରେ ଚତୁର୍ଥ ମରାଠା ଆକ୍ରମଣ ଆରମ୍ଭ ହେଲା । ଚଉଦ ହଜାର ଅଶ୍ୱାରୋହୀ ସୈନ୍ୟଙ୍କୁ ନେଇ ରଘୁଜୀ ଓଡ଼ିଶା ଅଭିମୁଖେ ଯୁଦ୍ଧଯାତ୍ରା କରିଥିଲେ ।

ବଙ୍ଗଳାରେ ଦେଖା ଦେଇଥିବା ଗୋଳମାଳିଆ ରାଜନୈତିକ ପରିସ୍ଥିତି ଏବଂ ଓଡ଼ିଶାରେ ମରାଠାମାନଙ୍କ ଉପସ୍ଥିତି ଓଡ଼ିଶାର ଡେପୁଟି ଗଭର୍ଣ୍ଣର ଅବଦୁଲ ନବୀ ଖାଁଙ୍କୁ ଆତଙ୍କିତ କରି ପକାଇଥିଲା । ସେ ଏକ ପକ୍ଷରେ ଆଲିବର୍ଦ୍ଦି ଖାଁଙ୍କର ଜନୈକ ଅଫିସର ଏବଂ ଅପର ପକ୍ଷରେ ମୁସ୍ତଫା ଖାଁଙ୍କର ଜନୈକ ସମ୍ପର୍କୀୟ ଥିଲେ । ଏଭଳି ଏକ ଜଟିଳ ପରିସ୍ଥିତିରେ ଆଲିବର୍ଦ୍ଦି ଅଥବା ମୁସ୍ତଫା କାହା ସପକ୍ଷରେ ବଙ୍ଗଳା ରାଜନୀତିରେ ଅଂଶଗ୍ରହଣ କରିବେ ତାହା ସେ ଠିକ୍ କରିପାରିଲେ ନାହିଁ । ଏପରି ସମସ୍ୟାରେ ତାଙ୍କର ମାନସିକ ଯନ୍ତ୍ରଣା ଦୁଶ୍ଚିନ୍ତା ଏତେଦୂର ବଢ଼ିଗଲା ଯେ ତିନି ଚାରି ଦିନର ଅସୁସ୍ଥତା ପରେ ସେ ମୃତ୍ୟୁବରଣ କରିଥିଲେ । ତାହା ପରେ ତାଙ୍କ ପୁତ୍ର ଅବ୍‌ଦୁଲ ରସୁଲ୍ ଖାଁ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ପଦବୀରେ ଅଧିଷ୍ଠିତ ହେଲେ । ସେ ତାଙ୍କ ଜକା ମୁସ୍ତଫା ଖାଁଙ୍କର ପୁତୁରା ଥିବାରୁ ମୁସ୍ତଫାଙ୍କ ଡାକରାରେ ଆଲିବର୍ଦ୍ଦିଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ଓଡ଼ିଶା ପରିତ୍ୟାଗ କଲେ । ଏଭଳି ପରିସ୍ଥିତିରେ ଜାନକୀରାମଙ୍କ ପୁତ୍ର ଦୁର୍ଲ୍ଲଭରାମଙ୍କୁ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ରୂପେ ନିଯୁକ୍ତି ଦେବାକୁ ଆଲିବର୍ଦ୍ଦି ବାଧ୍ୟ ହୋଇଥିଲେ । କିନ୍ତୁ ସେ ଥିଲେ ଜଣେ ଉଦାସୀନ ଓ ଧର୍ମପରାୟଣ ପ୍ରକୃତିର ବ୍ୟକ୍ତି ଏବଂ ଏହି ପଦବୀ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । ମରାଠାମାନଙ୍କ ଅଭିଯାନ ପ୍ରତି ସେ ଆଦୌ ଧ୍ୟାନ ଦେଲେ ନାହିଁ । ଏକ ବିରାଟ ସୈନ୍ୟବାହିନୀର ନେତୃତ୍ୱ

Digitized by PPRACHIN, SOA

ନେଇ ରଘୁଜୀ ଓଡ଼ିଶାରେ ପହଞ୍ଚିବା ବେଳକୁ ସେ ମହାନଦୀ ବାଲିରେ କେତେକ ସନ୍ନ୍ୟାସୀଙ୍କ ସହିତ ଆଲୋଚନାରତ ଥିଲେ । ତେଣୁ ସେ କିଛି ଜାଣିପାରି ନ ଥିଲେ ତେବେ ତାଙ୍କର ଜଣେ ଅଫିସର ମିର୍ ଅବଦୁଲ ଅଜିଜ୍ ମରାଠାମାନେ ନିକଟତର ହୋଇଗଲେଣି ବୋଲି ଅବିହିତ ହୋଇ ପାରିଥିଲେ । ମରାଠାମାନଙ୍କ ଆଗମନ ସମ୍ପର୍କରେ ସମ୍ବାଦ ଦେବା ପାଇଁ ସେ ଦୁର୍ଲଭ ରାମଙ୍କ ଗୃହକୁ ଯିବାବେଳକୁ ଦେଖିଲେ ଯେ ସେ ମହାନଦୀ ବାଲିରୁ ଫେରିଆସି ନିଶ୍ଚିନ୍ତରେ ଶୋଇ ପଡ଼ିଲେଣି । ଏଥିମଧ୍ୟରେ ମରାଠା ସୈନ୍ୟମାନେ ସହରରେ ପ୍ରବେଶ କରି ଆକ୍ରମଣ ଆରମ୍ଭ କରି ଦେଇଥିଲେ । ତେଣୁ କୋଳାହଳ ଓ ବିଶୃଙ୍ଖଳା ଦେଖା ଦେଇଥିଲା । ଏ ପରିସ୍ଥିତିରେ ଭୟଭୀତ ହୋଇ ଦୁର୍ଲଭରାମ ବାରବାଟୀ ଦୁର୍ଗରେ ଆଶ୍ରୟ ନେବାକୁ ଚାଲିଲେ । ରଘୁଜୀ ହଠାତ୍ ପହଞ୍ଚି ଦୁର୍ଗ ଅବରୋଧ କରିନେଲେ । ଦୁର୍ଗ-ଭିତରେ ଦୁର୍ଲଭରାମ ବଙ୍ଗଳାରୁ ଅଧିକ ସୈନ୍ୟଙ୍କ ଆଗମନ ଅପେକ୍ଷାରେ ରହିଲେ । ମୁସ୍ତଫାଙ୍କ ବିରୁଦ୍ଧରେ ଆଲିବର୍ଦ୍ଦିଙ୍କ ଅଭିଯାନ ହେତୁ କୌଣସି ସୈନ୍ୟ ନ ଆସିବାରୁ କେତେକ ସନ୍ନ୍ୟାସୀଙ୍କ ପ୍ରଭାବ ଓ ପରାମର୍ଶ ଅନୁସାରେ ଦୁର୍ଗ ଭିତରେ ଦୁଇ ତିନି ଶହ ସୈନ୍ୟଙ୍କ ସମେତ ମିର୍ ଅବଦୁଲ ଅଜିଜ୍‌କୁ ରଖି ସେ ଶାନ୍ତି ସର୍ତ୍ତ ଆଲୋଚନା ନିମନ୍ତେ ନିଜର କେତେକ ଅନୁଗାମୀଙ୍କ ସହ ରଘୁଜୀଙ୍କ ନିକଟକୁ ଆସିଥିଲେ । ରଘୁଜୀ ଅତିଥି ସତ୍କାର ପାଇଁ ମନୋରଞ୍ଜନ ବ୍ୟବସ୍ଥା କରିଥିଲେ । ଅତିଥି ସତ୍କାର ସମୟରେ ଦେଖାଗଲା ଯେ ମରାଠା ଶିବିରରେ ନିଜର ସହଚରମାନଙ୍କ ସହିତ ଦୁର୍ଲଭରାମ ନିଜେ ବନ୍ଦୀ ।

ଏହା ସତ୍ତ୍ୱେ ବାରବାଟୀ ଦୁର୍ଗ ଅଧିକାର କରିବା ରଘୁଜୀଙ୍କ ପକ୍ଷରେ ସହଜସାଧ୍ୟ ନ ଥିଲା । କାରଣ ମିର୍ ଅବ୍‌ଦୁଲ ଅଜିଜ୍ ଅତୀବ ବୀରତ୍ୱ ଓ ଦୁଃସାହସର ସହିତ ଯୁଦ୍ଧ କରି ବାରବାଟୀ ଦୁର୍ଗକୁ ଦୁଇମାସ ପର୍ଯ୍ୟନ୍ତ ରକ୍ଷା କରିଥିଲେ । କିନ୍ତୁ ଦୁର୍ଗରେ ରସଦ (ଖାଦ୍ୟ ସାମଗ୍ରୀ) ଅଭାବ ପଡ଼ିବାରୁ ସେ ଏହାକୁ ସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ଏଥିପାଇଁ ସେ ସର୍ତ୍ତ ଦେଇଥିଲେ ଯେ ଦୁର୍ଗ ଭିତରେ ଥିବା ତାଙ୍କର ଅନୁଗାମୀମାନଙ୍କ ବ୍ୟକ୍ତିତ୍ୱ, ସମ୍ମାନ ଏବଂ ସମ୍ପତ୍ତିକୁ ମରାଠାମାନେ କ୍ଷୁଣ୍ଣ କରିବେ ନାହିଁ । ସର୍ତ୍ତ ଗୃହୀତ ହେବାରୁ ୧୭୪୫ ଖ୍ରୀଷ୍ଟାବ୍ଦ ମଇମାସ ୧୨ ତାରିଖ ଦିନ ବାରବାଟୀ ଦୁର୍ଗ ମରାଠାମାନଙ୍କ କରଗତ ହେଲା । ଇତି ମଧ୍ୟରେ ମିଦିନାପୁର ଏବଂ ହୁଗୁଳି ପର୍ଯ୍ୟନ୍ତ ବିସ୍ତୃତ ଓଡ଼ିଶାର ଅନ୍ୟ ଅଞ୍ଚଳ ଅଧିକାର ନିମନ୍ତେ ରଘୁଜୀ ମରାଠା ସୈନ୍ୟମାନଙ୍କୁ ପଠାଇ ସାରିଥିଲେ । ବର୍ଦ୍ଧମାନରେ ମଧ୍ୟ ସେମାନଙ୍କ ଦ୍ୱାରା ଲୁଣ୍ଠନ ଚାଲିଥିଲା, ବଙ୍ଗଳାରେ ଆଲିବର୍ଦ୍ଦି ବିଦ୍ରୋହୀ ସେନାପତି ମୁସ୍ତଫାଙ୍କ ବିରୁଦ୍ଧରେ ଯୁଦ୍ଧରତ ଥିବା ସମୟରେ ମୁସ୍ତାଫାଙ୍କ ପୁତ୍ର ମିର୍‌ତାଜା ଖାଁ ଏବଂ କୁଲି ଖାଁ ଓ ଆଉ କେତେକ ଆଫଗାନ ବିହାରରେ ଆଲିବର୍ଦ୍ଦିଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରି ଦେଇଥିଲେ ଏବଂ ନିଜ ହାତମୁଠା ଟାଣ କରିବା ପାଇଁ ରଘୁଜୀଙ୍କୁ ବିହାର

Digitized by PPRACHIN, SOA

ଆସିବାକୁ ନିମନ୍ତ୍ରଣ କରିଥିଲେ । ତେଣୁ ସେ ଓଡ଼ିଶାରୁ ବିହାର ଯାତ୍ରା କରିଥିଲେ । ଏହି ସମ୍ବାଦ ପାଇ ଆଲିବର୍ଦ୍ଦି ଏକ ଶକ୍ତିଶାଳୀ କମାଣବାହିନୀ ସହିତ ଶତ୍ରୁର ମୁକାବିଲା କରିବାକୁ ଆଗେଇ ଆସିଲେ । ଦୀର୍ଘ ପଥରେ ଶତ୍ରୁମାନଙ୍କୁ ଅନୁଧାବନ କରି ମେହିଦ ଆଲିପୁର ନିକଟସ୍ଥ ରାଣୀ ପୁଷ୍କରିଣୀଠାରେ ପହଞ୍ଚିଲେ । କିନ୍ତୁ ସେଠାରେ ଦେଖିଲେ ଯେ ରଘୁଜୀ ଛାଉଣି ପକାଇଛନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ଯୁଦ୍ଧ ହେଲା । ଯୁଦ୍ଧ ଅମୀମାଂସିତ ରହିଲା । ଆଲିବର୍ଦ୍ଦି ମୁର୍ଶିଦାବାଦ ଆଡ଼କୁ ପ୍ରତ୍ୟାବର୍ତ୍ତନ କଲେ । ଆଲିବର୍ଦ୍ଦି ଖାଁ ପହଞ୍ଚିବା ପୂର୍ବରୁ ମରାଠାମାନେ ଦ୍ରୁତଗତିରେ ଅଗ୍ରସର ହୋଇ ଆଗରୁ ବଙ୍ଗଳା ଆକ୍ରମଣ କରିଥିଲେ । ଏଥିପାଇଁ ଆଲିବର୍ଦ୍ଦିଙ୍କୁ ମରାଠାମାନଙ୍କ ସାଙ୍ଗରେ ଆଉ ଥରେ ମୁହାଁମୁହିଁ ଯୁଦ୍ଧ ମୁକାବିଲା କରିବାକୁ ପଡ଼ିଥିଲା । ଆଲିବର୍ଦ୍ଦି କ୍ଷୀପ୍ରଗତିରେ ମରାଠାମାନଙ୍କ ନିକଟରେ ପହଞ୍ଚି କଟଓ୍ୟା ନିକଟସ୍ଥ ରାଣୀଦିଘଠାରେ ରଘୁଜୀଙ୍କୁ ପରାସ୍ତ କରିଥିଲେ । ଏହି ସଂଘର୍ଷ ହେତୁ ରଘୁଜୀଙ୍କର ବହୁ ଧନଜୀବନ ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେଲା । ତେଣୁ ସେ ହତାଶ ହୋଇ ବିରକ୍ତିରେ ବଙ୍ଗଳା ପରିତ୍ୟାଗ କରି ନାଗପୁର ଆଡ଼କୁ ଯାତ୍ରା କରିଥିଲେ । ବଙ୍ଗଳା ପରିତ୍ୟାଗ କରିବା ପୂର୍ବରୁ ମିର୍ ହବିବ୍‌ଙ୍କ ସହିତ ତାଙ୍କର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ତଦନୁସାରେ ସ୍ଥିର ହେଲା ଯେ ରଘୁଜୀଙ୍କ ଦୁଇ ବା ତିନି ହଜାର ମରାଠା ଅଶ୍ୱାରୋହୀ ଓ ଗୋଲାମ ମୁରାତାଜା ଖାଁ ଓ ବୁଲାନ୍ଦ ଖାଁଙ୍କୁ ମିଶାଇ ପ୍ରାୟ ଛଅ ସାତ ହଜାର ଆଫଗାନ ସୈନ୍ୟମାନଙ୍କୁ ବ୍ୟବହାର କରିବା ପାଇଁ ମିର ହାବିବ୍ ତାଙ୍କୁ ୧୧ ଲକ୍ଷ ଟଙ୍କା ପଇଠ ଦେବେ । ଓଡ଼ିଶା ଅଧିକାର କରିବା ପାଇଁ ମିର୍ ହାବିବ୍ ସେହି ସୈନ୍ୟବାହିନୀ ବ୍ୟବହାର କରିବେ । ଏହି ଯୋଜନା ଅନୁଯାୟୀ ମିର୍ ହାବିବ୍ ସୈନ୍ୟମାନଙ୍କ ସାହାଯ୍ୟରେ ଓଡ଼ିଶା ଅଧିକାର କରି ମିଦିନାପୁରଠାରେ ଜଗୁଆଳୀ ସୈନ୍ୟ ମୁତୟନ କରିଥିଲେ । ସେଠାରୁ ବଙ୍ଗଳା ଉପରେ ସାମୟିକ ମରାଠା ଆକ୍ରମଣ ଲାଗି ରହିଥିଲା ।

ମରାଠାମାନଙ୍କର ଓଡ଼ିଶା ଅଧିକାର ଆଲିବର୍ଦ୍ଦିଙ୍କୁ ମାନସିକ ଯନ୍ତ୍ରଣା ଦେଇଥିଲା । ଉକ୍ତ ଅଞ୍ଚଳରେ ନିଜର କର୍ତ୍ତୃତ୍ୱ ପୁନଃପ୍ରତିଷ୍ଠା ପାଇଁ ସେ ସୟଦ ଅହମ୍ମଦଙ୍କୁ ଓଡ଼ିଶାର ଗଭର୍ଣ୍ଣର ଏବଂ ମିର୍‌ଜାଫରକୁ ତାଙ୍କର ଡେପୁଟି ତଥା ସୈନ୍ୟବାହିନୀର ଦରମାଦାତା (pay master) ରୂପେ ମନୋନୀତ କରିଥିଲେ । ଏତଦ୍‌ବ୍ୟତୀତ ମିଦିନାପୁର ଓ ହିଜ୍‌ଲିର ଫଉଜଦାର ଦାୟିତ୍ୱ ମଧ୍ୟ ମିର୍‌ଜାଫରଙ୍କ ଉପରେ ନ୍ୟସ୍ତ କରଗଲା । ତାଙ୍କୁ ପ୍ରଦତ୍ତ ସମ୍ମାନରେ ଉତ୍ସାହିତ ହୋଇ ଏବଂ ଓଡ଼ିଶା ଅଧିକାର କରିବା ଲକ୍ଷ୍ୟରେ ମିର୍‌ଜାଫର ୭୦୦୦ ଅଶ୍ୱାରୋହୀ ଓ ୧୨,୦୦୦ ପଦାତିକଙ୍କ ନେତୃତ୍ୱ ନେଇ ମୁର୍ଶିଦାବାଦରୁ ମିଦିନାପୁର ଆଡ଼କୁ ରମାନା ହେଲେ । ମିଦିନାପୁର ଠାରେ ସେ କେତେକ ମରାଠାମାନଙ୍କୁ ଦେଖିଲେ ଏବଂ ସେମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କଲେ । ଏହି ଯୁଦ୍ଧରେ ମୀର ହବିବ୍‌ଙ୍କ

Digitized by PPRACHIN, SOA

ପକ୍ଷର କେତେକ ଅଫିସର ନିହତ ହେଲେ । ଏଥିରେ ଭୟଭୀତ ହୋଇ ଅବଶିଷ୍ଟ ମରଠା ସୈନ୍ୟମାନେ ବାଲେଶ୍ୱର ଆଡ଼କୁ ପଳାଇ ଆସି ବଡ଼ବଲଙ୍ଗ ନଦୀ ବନ୍ଧରେ ଛାଉଣି ପକାଇ ରହିଲେ । ମୀର ହବିବ୍ ଏଠାରେ ୮,୦୦୦ ଅଶ୍ୱାରୋହୀ ଏବଂ ୨୦,୦୦୦ ପଦାତିକଙ୍କୁ ଅବସ୍ଥାପିତ କରି ମିର୍‌ଜାଫରଙ୍କୁ ପ୍ରତିରୋଧ କରିବା ନିମନ୍ତେ ଆହୁରି ଅଧିକ ସୈନ୍ୟସାମନ୍ତ ସହିତ କମାଣ ଓ ଅଶ୍ୱ ସଜ୍ଜାରେ ବ୍ୟାପୃତ ରହିଥିଲେ ।

ବଙ୍ଗଳା ସୈନ୍ୟବାହିନୀର ଅଗ୍ରସରକୁ ପ୍ରତିହତ କରିବାକୁ ଅସମର୍ଥ ହୋଇ ମିଦିନାପୁର ଠାରୁ ବା'ଲେଶ୍ୱର ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ମୀର୍ ହବିବ୍ ମିର୍‌ଜାଫରଙ୍କ ପକ୍ଷରୁ ପୁଣି ଥରେ ପ୍ରଚଣ୍ଡ ଆକ୍ରମଣର ଆଶଙ୍କା କରିଥିଲେ । ଆକ୍ରମଣର ପ୍ରତିରୋଧ ନିମନ୍ତେ ଆଗରୁ ଅଧିକ ସୈନ୍ୟ ପ୍ରେରଣ ନିମନ୍ତେ ସେ ରଘୁଜୀଙ୍କୁ ଅନୁରୋଧ ଜଣାଇଥିଲେ । ତଦନୁସାରେ ରଘୁଜୀ କେତେକ ମରଠା ସର୍ଦ୍ଦାରଙ୍କ ସମେତ ନିଜ ପୁତ୍ର ଜାନୁଜୀଙ୍କ ନେତୃତ୍ୱରେ ଏକ ସୈନ୍ୟବାହିନୀ ପଠାଇଥିଲେ ଏବଂ ସେହି ସୈନ୍ୟବାହିନୀ ଇତିମଧ୍ୟରେ କଟକରେ ପହଞ୍ଚି ସାରିଥିଲେ ।

ମିଦିନାପୁର ଠାରେ ବିଜୟ ଲାଭ ପରେ ମିର୍‌ଜାଫର କଂସେଇ ନଦୀର ଉତ୍ତର କୂଳରେ ଛାଉଣି ପକାଇବା ପାଇଁ ଅଗ୍ରସର ହେଲେ । ଏଠାରେ ସେ ଖବର ପାଇଲେ ଯେ ମୀର୍ ହବିବ୍‌ଙ୍କ ହାତମୁଠା ଟାଣ କରିବା ପାଇଁ ଜାନୁଜୀଙ୍କ ନେତୃତ୍ୱରେ ଏକ ବିରାଟ ମରଠା ସୈନ୍ୟବାହିନୀ ଆସି କଟକରେ ପହଞ୍ଚିଲେଣି । ଏଥିରେ ସେ ଏତେ ବିଚଳିତ ହୋଇ ପଡ଼ିଲେ ଯେ ତତ୍‌କ୍ଷଣାତ୍ ଛାଉଣି ଉଠାଇ ନେଇ ସେ ବର୍ଦ୍ଧମାନ ଫେରିଗଲେ । ଜାନୁଜୀଙ୍କ ସୈନ୍ୟମାନେ ସେମାନଙ୍କ ପଛରେ ଗୋଡ଼ାଇ କେତେକ ହାତୀ ଏବଂ ରସଦ ହସ୍ତଗତ କରି ନେଲେ । ଓଡ଼ିଶାରୁ ମିର୍‌ଜାଫର ଖାଁଙ୍କ ପଳାୟନରେ ଆଲିବର୍ଦ୍ଦି ଅତ୍ୟନ୍ତ ଦୁଃଖିତ ହେଲେ । ତେବେ ସେ ଶୀଘ୍ର ମିର୍‌ଜାଫରଙ୍କ ହାତମୁଠା ଟାଣ କରିବା ପାଇଁ ତାଙ୍କ ଦରବାରର ଅତାଉଲ୍ଲା ଖାଁ ଓ ଫକରୁଲ୍ଲା ଖାଁ ନାମକ ଦୁଇଜଣ ପ୍ରଧାନ ସେନାପତିଙ୍କ ନେତୃତ୍ୱରେ କେତେକ ସୈନ୍ୟ ପଠାଇଥିଲେ । ଏହି ଅତିରିକ୍ତ ସୈନ୍ୟଙ୍କ ସହାୟତାରେ ମିର୍‌ଜାଫର ମରଠାମାନଙ୍କ ସହିତ ଯୁଦ୍ଧ କଲେ । ଯୁଦ୍ଧରେ କୌଣସି ପକ୍ଷ ବିଜୟ ହାସଲ କରିପାରିଲେ ନାହିଁ । ମୁସଲମାନ ସେନାପତି ନିଶ୍ଚିତ ଭାବରେ ମରଠାମାନଙ୍କୁ ପରାସ୍ତ କରିବେ ଏହା ଥିଲା ଆଲିବର୍ଦ୍ଦିଙ୍କ ଇଚ୍ଛା । କିନ୍ତୁ ଏତାଦୃଶ ଇଚ୍ଛା ଫଳବତୀ ହୋଇପାରି ନ ଥିଲା । ଅପର ପକ୍ଷରେ ମିର୍‌ଜାଫର ଅନ୍ୟ ଦୁଇ ସେନାପତିଙ୍କ ସହିତ ଆଲିବର୍ଦ୍ଦିଙ୍କୁ ହତ୍ୟାକରି ତାଙ୍କ ରାଜ୍ୟକୁ ନିଜ ନିଜ ମଧ୍ୟରେ ବାଣ୍ଟିନେବା ପାଇଁ ଷଡ଼ଯନ୍ତ୍ର ଚଳାଇଥିଲେ । ଏହି ଖବର ପାଇ ଆଲିବର୍ଦ୍ଦି ଅତ୍ୟନ୍ତ ବିଚଳିତ ହୋଇ ନିଜେ ସୈନ୍ୟବାହିନୀର ନେତୃତ୍ୱ ନେଇ ମରାଠାମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ବର୍ଦ୍ଧମାନ ଯାତ୍ରା କଲେ । ଯୁଦ୍ଧ ହେଲା ।

Digitized by PPRACHIN, SOA

ଏହି ରକ୍ତାକ୍ତ ଯୁଦ୍ଧରେ ମରାଠାମାନେ ସ୍ଥିତି ରଖିପାରିଲେ ନାହିଁ । ଯୁଦ୍ଧରେ ପରାସ୍ତ ହୋଇ ଜାନୁଜୀ ମିଦିନାପୁର ପଳାୟନ କଲେ । ଆଲିବର୍ଦ୍ଦି ଅତ୍ୟନ୍ତ କ୍ଳାନ୍ତ ହୋଇ ପଡ଼ିଥିବାରୁ ମୁର୍ଶିଦାବାଦ ଫେରିଗଲେ । ତେଣୁ ୧୭୪୭ ଖ୍ରୀଷ୍ଟାବ୍ଦ ସୁଦ୍ଧା ମିଦିନାପୁର ପର୍ଯ୍ୟନ୍ତ ଓଡ଼ିଶା ମରାଠାମାନଙ୍କ ଅଧୀନରେ ରହିଲା । ମିଦିନାପୁର ଏକ ଘାଟି ରୂପେ ପରିଗଣିତ ହେଲା ଏବଂ ଏହି ଘାଟିରୁ ମରାଠାମାନେ ଢାକା ଓ ମୁର୍ଶିଦାବାଦ ଉପରେ ଆକ୍ରମଣ ଚଳାଇଥିଲେ ।

ଇତିମଧ୍ୟରେ ପାଟନାଠାରେ ଶାମ-ସାର-ଖାଁଙ୍କ ନେତୃତ୍ୱରେ କେତେକ ଆଫଗାନ ଅଫିସର ଆଲିବର୍ଦ୍ଦିଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରି ଦେଇଥିଲେ । ଆଫଗାନମାନଙ୍କ ଏହି ବିଦ୍ରୋହର ସୁଯୋଗ ନେଇ ଜାନୁଜୀ ଓ ମୀର୍ ହବିବ୍ ପାଟନା ଯାତ୍ରା କଲେ ଏବଂ ଆଲିବର୍ଦ୍ଦିଙ୍କ ଶକ୍ତି ବିନାଶ ପାଇଁ ଆଫଗାନମାନଙ୍କ ସହିତ ଏକ ମେଣ୍ଟ ବାନ୍ଧିଲେ ।

ଏହି ଘଟଣା ପ୍ରତି ଆଲିବର୍ଦ୍ଦିଙ୍କ ଦୃଷ୍ଟି ଆକର୍ଷଣ ହେବାରୁ ବିନା ବିଳମ୍ବରେ ପୁଣି ଥରେ ସେ ବିହାର ଆଡ଼କୁ ଅଭିଯାନ ଚଳାଇ ଶତ୍ରୁମାନଙ୍କୁ ପରାଜିତ କରିବାକୁ ସିଦ୍ଧାନ୍ତ ଗ୍ରହଣ କଲେ । ଶତ୍ରୁମାନଙ୍କୁ ଗୋଡ଼ାଇ ସେ ୧୭୪୮ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ୧୮ ତାରିଖ ଦିନ ରାଣି ସରେଇଠାରେ ପହଞ୍ଚିଥିଲେ ଏବଂ ସେଠାରେ ଶତ୍ରୁମାନଙ୍କୁ ଶୋଚନୀୟ ଭାବରେ ପରାସ୍ତ କରିଥିଲେ । ଏପରି ସ୍ଥଳରେ ଆଲିବର୍ଦ୍ଦିଙ୍କ ଅନୁପସ୍ଥିତିର ସୁଯୋଗ ନେଇ ବଙ୍ଗଳା ଉପରେ ଆକ୍ରମଣ କରିବାକୁ ମୀର୍ ହବିବ୍ ଏବଂ ଜାନୁଜୀ ମୁର୍ଶିଦାବାଦ ଆଡ଼କୁ ଯାତ୍ରା କଲେ । କିନ୍ତୁ ଏ ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା କାରଣ, ଏହି ସମୟରେ ନିଜ ମାତାଙ୍କ ମୃତ୍ୟୁ ସମ୍ବାଦ ପାଇଁ ଜାନୁଜୀଙ୍କୁ ଶୀଘ୍ର ନାଗପୁର ଯିବାକୁ ପଡ଼ିଥିଲା ।

ନାଗପୁରକୁ ଫେରିଯିବା ପୂର୍ବରୁ ଜାନୁଜୀ ମୀର୍ ହବିବ୍‌ଙ୍କ ଦାୟିତ୍ୱରେ ମିଦିନାପୁର ଠାରେ ଏକ ମରାଠା ସୈନ୍ୟବାହିନୀ ରଖି ଦେଇଥିଲେ । କିନ୍ତୁ ମିଦିନାପୁର ଠାରେ ଥିବା ମରାଠା ସୈନ୍ୟ ସଂଖ୍ୟା ବଙ୍ଗଳା ସମସ୍ୟା ମୁକାବିଲା କରିବାକୁ ଯଥେଷ୍ଟ ନ ଥିବାରୁ ମୀର୍ ହବିବ୍‌ଙ୍କୁ ସାହାଯ୍ୟ କରିବା ସକାଶେ ରଘୁଜୀ ନିଜ କନିଷ୍ଠତର ପୁତ୍ର ସାବାଜୀ ଭୋନ୍‌ସଲଙ୍କୁ ପଠାଇଥିଲେ ।

ଆଲିବର୍ଦ୍ଦି ୧୭୪୮ ଖ୍ରୀଷ୍ଟାବ୍ଦରେ ନଭେମ୍ବର ମାସ ୩୦ ତାରିଖ ଦିନ ବିହାରରୁ ଫେରି ମୁର୍ଶିଦାବାଦରେ ପହଞ୍ଚିଥିଲେ । ତାହାପରେ ଓଡ଼ିଶା ଉପରେ କର୍ତ୍ତୃତ୍ୱ ପୁନଃ-ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସୈନ୍ୟ ସଂଗ୍ରହ ନିମନ୍ତେ ସେ କଟଓ୍ୱା ଯାତ୍ରା କରିଥିଲେ । ଉକ୍ତ ଅବସରରେ ସେଠାରୁ ସେ ଓଡ଼ିଶାର ମରାଠା ଅଗ୍ରଗତିକୁ ପ୍ରତିହତ କରିବା ପାଇଁ ୮ ହଜାର ସୈନ୍ୟଙ୍କ ନେତୃତ୍ୱ ନେଇ ବର୍ଦ୍ଧମାନକୁ ଆଗରୁ ଯାତ୍ରା କରିବାକୁ ହାଇଦର ଅଲିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ବର୍ଦ୍ଧମାନରେ ପହଞ୍ଚି ସେ ହାଇଦର ଅଲିଙ୍କୁ ଆଦେଶ ଦେଲେ ଯେ ସେ ସୈନ୍ୟବାହିନୀ ସହିତ ମିଦିନାପୁର ଯାତ୍ରା କରନ୍ତୁ ! କିନ୍ତୁ ସେ ନବାବଙ୍କ ନିର୍ଦ୍ଦେଶ

Digitized by PPRACHIN, SOA

ଅବମାନନା କରିଥିଲେ । ସୈନ୍ୟମାନଙ୍କ ବାକିଆ ବେତନ ଦିଆ ନ ଗଲେ ସୈନ୍ୟମାନଙ୍କ ପକ୍ଷରୁ ଆଗକୁ ଯାତ୍ରା କରିବା ସମ୍ଭବ ନୁହେଁ ବୋଲି ସେ ଗେକ୍‌ଠୋକ୍ କହି ଦେଇଥିଲେ । ଆଲିବର୍ଦ୍ଦି ବିଦ୍ରୋହୀମାନଙ୍କୁ ଦମନ କରିପାରିଲେ ନାହିଁ କି ଆର୍ଥିକ ଅସୁବିଧା ଯୋଗୁଁ ବାକିଆ ବେତନ ଦେଇପାରିଲେ ନାହିଁ । ତେଣୁ ସେ ଏକ ଆଦେଶ ବଳରେ ଉକ୍ତ ସମଗ୍ର ସୈନ୍ୟବାହିନୀକୁ ଭାଙ୍ଗିଦେଇ 'କଂସେଇ' ନଦୀ ଅତିକ୍ରମ ପୂର୍ବକ ବାଲେଶ୍ୱର ଆଡ଼କୁ ଯାତ୍ରା କଲେ । ସେ ନିଜ ସୈନ୍ୟବାହିନୀର କିଛି ଅଂଶ ପଠାଇ ଯେଉଁ ମରଠାମାନେ ବାଲେଶ୍ୱର-ଠାରେ ଥିବା ଇଂରେଜମାନଙ୍କ ବାଣିଜ୍ୟ କୋଠି ଲୁଣ୍ଠନ କରିବା ପାଇଁ ଯୋଜନା କରୁଥିଲେ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ । ବାଲେଶ୍ୱରଠାରେ ପହଞ୍ଚି ସେ ଜାଣିବାକୁ ପାଇଲେ ଯେ ମୀର୍ ହବିବ ଏବଂ ସାବାନୀ ନିଜ ସୈନ୍ୟମାନଙ୍କ ସହିତ ପାର୍ଶ୍ୱବର୍ତ୍ତୀ ଜଙ୍ଗଲ ଭିତରକୁ ପଳାଇ ଯାଇଛନ୍ତି । ତେଣୁ ସେ ଘନ ଜଙ୍ଗଲ ମଧ୍ୟରେ ମରଠା ସୈନ୍ୟମାନଙ୍କୁ ଅନ୍ୱେଷଣ କରିଥିଲେ, କିନ୍ତୁ ସେମାନଙ୍କ ଖୋଜଖବର ପାଇ ନ ଥିଲେ । ଏହାପରେ ସେ ଭଦ୍ରକ ଓ ଯାଜପୁରଠାରେ ବୈତରଣୀ ନଦୀ ଅତିକ୍ରମ କରି ସାଙ୍ଗରେ ୨ ହଜାର ଅଶ୍ୱାରୋହୀଙ୍କୁ ନେଇ ବାରବାଟୀ ଦୁର୍ଗ ଆଡ଼କୁ ଅଗ୍ରସର ହୋଇଥିଲେ । ବାରବାଟୀ ଦୁର୍ଗ ନିକଟରେ ପହଞ୍ଚି ତାହା ଆକ୍ରମଣ କଲାବେଳକୁ ତାଙ୍କର ସୈନ୍ୟ ସଂଖ୍ୟା ୩ ଶହକୁ ହ୍ରାସ ପାଇଯାଇଥିଲା । କାରଣ ଅନେକ ତାଙ୍କ ସୈନ୍ୟବାହିନୀ ଛାଡ଼ି ଚାଲିଯାଇ ଥିଲେ । ଆଲିବର୍ଦ୍ଦିଙ୍କ ବିରୁଦ୍ଧରେ ମରଠାମାନଙ୍କୁ ସହଯୋଗ ଦେଇଥିବା ସୟଦ ନୁର ସାରନ୍ଦାଜ୍ ଖାଁ ଏବଂ ଧରମଦାସ ହଜାରୀ ମଧ୍ୟ ଜାଣି ପାରିଥିଲେ ଯେ ଆଲିବର୍ଦ୍ଦିଙ୍କ ସୈନ୍ୟବଳ ଏତେ କମିଯାଇଛି ! ଏକ ବିରାଟ ସୈନ୍ୟବାହିନୀ ଓଡ଼ିଶା ଆଗମନ କରିଛନ୍ତି ବୋଲି ଅନୁମାନ କରି ସେମାନେ ଆଲିବର୍ଦ୍ଦିଙ୍କୁ ଦୁର୍ଗ ସମର୍ପଣ କରିଦେବାକୁ ଏକ ନିଷ୍ପତ୍ତି ଗ୍ରହଣ କରିଥିଲେ । ଦୁର୍ଗ ମଧ୍ୟରୁ ୩ ଜଣଯାକ ଆଲିବର୍ଦ୍ଦିଙ୍କ ସହିତ ସାକ୍ଷାତ ପାଇଁ ଦୁର୍ଗ ଭିତରୁ ବାହାରି ଆସିଲେ । ମାତ୍ର ସେମାନଙ୍କ ମଧ୍ୟରୁ ଦୁଇଜଣ ସୟଦ ନୁର ଓ ଧରମ ଦାସଙ୍କୁ ପ୍ରଥମେ ବନ୍ଦୀ କରାଯାଇ ହତ୍ୟା କରିବାକୁ ଆଲିବର୍ଦ୍ଦି ଆଦେଶ ଦେଇଥିଲେ । ଏହି ଘଟଣା ପରେ କ୍ରୋଧାନ୍ୱିତ ବିଦ୍ରୋହୀ ସୈନ୍ୟମାନେ ସେମାନଙ୍କର ସମସ୍ତ ଶକ୍ତି ଉପଯୋଗ କରି ଦୁର୍ଗ ରକ୍ଷା କରିବାକୁ ଲାଗି ପଡ଼ିଲେ । ତେବେ ୧୫ ଦିନ ଧରି ଦୁର୍ଗ ରକ୍ଷା କରିବା ପରେ ଅବଶେଷରେ ସେମାନେ ଆଲିବର୍ଦ୍ଦିଙ୍କ ନିକଟରେ ଦୁର୍ଗ ସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ଆଲିବର୍ଦ୍ଦି କଟକରେ ନିଜର କର୍ତ୍ତୃତ୍ୱ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇ ପାରିଥିଲେ ।

ଓଡ଼ିଶା ଉପରେ ନିଜର କର୍ତ୍ତୃତ୍ୱ ପୁନଃ-ପ୍ରତିଷ୍ଠା କରିସାରିବା ପରେ ଆଲିବର୍ଦ୍ଦି ପ୍ରଥମେ ମିର୍‌ଜାଫର ଏବଂ ତା'ପରେ ଦୁର୍ଲ୍ଲଭ ରାମଙ୍କୁ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ପଦବୀ ଯାଚିଥିଲେ । କିନ୍ତୁ ଉଭୟେ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ଲୁଚିଥିବା ମରଠାମାନଙ୍କୁ ଆକ୍ରମଣ

Digitized by PPRACHIN, SOA

ଭୟରେ କୌଣସି ଦାୟିତ୍ୱ ଗ୍ରହଣ କରିବାକୁ ଅସମ୍ମତି ପ୍ରକାଶ କରିଥିଲେ । ତେଣୁ ତରତରିଆ ଭାବରେ ଶେଖ୍ ଅବଦୁସ୍ ସୁଭାନ ଖାଁଙ୍କୁ ଏହି ପଦବୀରେ ଅଧିଷ୍ଠିତ କରି ବାଟରେ ବର୍ଷାଋତୁ ଯୋଗୁଁ ଅସୁବିଧା ଏଡ଼ାଇବା ଲକ୍ଷ୍ୟରେ ସେ ଶୀଘ୍ର ମୁର୍ଶିଦାବାଦ ଫେରିଥିଲେ । ଆଲିବର୍ଦ୍ଦିଙ୍କ ପ୍ରତ୍ୟାବର୍ତ୍ତନ ପରେ ପରେ ମୀର୍‌ହବିବ୍ ବହୁ ସଂଖ୍ୟକ ମରଠା ସୈନ୍ୟଙ୍କୁ ଧରି ପୁଣି କଟକରେ ପହଞ୍ଚି ଯାଇଥିଲେ ଓ ସୁଭାନ ଖାଁଙ୍କୁ ଆକ୍ରମଣ କରିଥିଲେ । ସଂଘର୍ଷରେ ସୁଭାନ ଖାଁ ଆହତ ହୋଇ ବନ୍ଦୀ ହେଲେ ମୀର୍ ହବିବ୍ ପୁନର୍ବାର କଟକ ଅଧିକାର କରିନେଲେ ।

ମୁର୍ଶିଦାବାଦ ଫେରିବା ବାଟରେ ବାଲେଶ୍ୱରଠାରେ ଆଲିବର୍ଦ୍ଦି କଟକ ପତନର ସମ୍ବାଦ ପାଇଥିଲେ ମଧ୍ୟ ସେ କଟକ ପୁନଃ ଅଧିକାର କରିବା ପାଇଁ ସଙ୍ଗେ ସଙ୍ଗେ କୌଣସି ଉଦ୍ୟମ କରି ନ ଥିଲେ । ଅତ୍ୟନ୍ତ ହାଲିଆ ହୋଇ ପଡ଼ିଥିବାରୁ ସେ ମୁର୍ଶିଦାବାଦରେ ବିଶ୍ରାମ ନେବାକୁ ସ୍ଥିର କଲେ । ୧୭୪୯ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ପ୍ରାରମ୍ଭରେ ସେ ମୁର୍ଶିଦାବାଦରେ ପହଞ୍ଚିଲେ ଏବଂ କିଛିକାଳ ପାଇଁ ଅସୁସ୍ଥ ହୋଇ ପଡ଼ିଥିଲେ ।

ମରଠାମାନେ କେବଳ ଯେ କଟକ ଅଧିକାର କରିନେଲେ ତାହା ନୁହେଁ, ସମଗ୍ର ଓଡ଼ିଶା ସେମାନଙ୍କର କରଗତ ହେଲା । ମିର୍ ହବିବଙ୍କ ନେତୃତ୍ୱରେ ମରଠାମାନେ ପଠାଣମାନଙ୍କ ସହିତ ହାତ ମିଳାଇଥିଲେ । ଫଳରେ ମିଳିତ ସୈନ୍ୟବାହିନୀର ସଂଖ୍ୟା ୪୦,୦୦୦କୁ ବୃଦ୍ଧି ପାଇଥିଲା । ଏହି ବିରାଟ ସୈନ୍ୟବାହିନୀ ସାହାଯ୍ୟରେ ମରଠାମାନେ ମୁର୍ଶିଦାବାଦ ଓ ବିହାର ଆଖପାଖ ଅଞ୍ଚଳରେ ଲୁଟତରଜ ଚଳାଇ ଥିଲେ ।

ସୁସ୍ଥ ହେବାପରେ ଆଲିବର୍ଦ୍ଦି ମରଠାମାନଙ୍କୁ ବିତାଡ଼ିତ କରିବା ପାଇଁ କଟଓ୍ୱା ଯାତ୍ରା କଲେ ଏବଂ ସେଠାରୁ ବର୍ଦ୍ଧମାନ ବାଟଦେଇ ମିଦିନାପୁରକୁ ଅଗ୍ରସର ହେଲେ । କିନ୍ତୁ ମରଠାମାନେ ସେମାନଙ୍କ ସହିତ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ଗ୍ରହୁ ନ ଥିଲେ । ତେଣୁ ଜଙ୍ଗଲ ମଧ୍ୟରେ ଲୁଚି ରହିଲେ । ଆଲିବର୍ଦ୍ଦି ଜଂସେଇ ନଦୀର ଅପର ପାର୍ଶ୍ୱରେ ଛାଉଣି ପକାଇ ମରଠାମାନଙ୍କୁ ଆକ୍ରମଣ କରିବା ପାଇଁ ନିଜ ନାତି ସିରାଜ-ଉଦ୍-ଦୌଲାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିରାଜ୍-ଉଦ୍-ଦୌଲା ମରଠାମାନଙ୍କର ଅନ୍ୱେଷଣ କରିଥିଲେ । ସେ ସେମାନଙ୍କୁ ଦୂରରୁ ଦେଖିବା ପରେ ଆକ୍ରମଣ କରି ଘଉଡ଼ାଇ ଦେଇଥିଲେ । ଏହାପରେ ଆଲିବର୍ଦ୍ଦି ସିରାଜ-ଉଦ-ଦୌଲାଙ୍କୁ ପଛକୁ ଫେରି ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବଂ ନିଜେ ନାରାୟଣପୁରଠାରେ ନିଜର ପ୍ରିୟ ନାତିଙ୍କୁ ସାକ୍ଷାତ କରିବା ପାଇଁ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ ।

ଆଲିବର୍ଦ୍ଦି ମିଦିନାପୁରଠାରେ ଥିବା ସମୟରେ ମରଠାମାନେ ବାଟରେ ଲୁଟତରଜ ଚଳାଇ ମୁର୍ଶିଦାବାଦ୍‌ରେ ପହଞ୍ଚି ସାରିଥିଲେ । ମିଦିନାପୁରଠାରେ ମଧ୍ୟ ଆଲିବର୍ଦ୍ଦିଙ୍କୁ ବେଳେ

Digitized by PPRACHIN, SOA

ବେଳେ ମରାଠାମାନଙ୍କ ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ଇତ୍ୟବସରରେ ପରିଲକ୍ଷିତ ହେଲା ଯେ ସିରଜ-ଉଦ୍-ଦୌଲା ନବାବଙ୍କ ଏଜେଣ୍ଟ ଜାନକୀରମଙ୍କ ଠାରୁ ବିହାର ସିଂହାସନ ଛଡ଼ାଇ ନେବା ନିମନ୍ତେ ମହଦୀ ନିଶାର ଖାଁଙ୍କ ସହିତ ଷଡ଼ଯନ୍ତ୍ର ଚଳାଇ ଅଛନ୍ତି । ଏହି ଅପ୍ରତ୍ୟାଶିତ ବିପଦରେ ଆଲିବର୍ଦ୍ଦି ଏତେଦୂର ଆତଙ୍କିତ ଓ ବିଚଳିତ ହୋଇ ପଡ଼ିଲେ ଯେ ସେ ମିଦିନାପୁର ଠାରେ ସ୍ଥିର ହୋଇ ରହି ପାରିଲେ ନାହିଁ । ତେଣୁ ସେ ଛାଡ଼ି ଯାଉଥିବା ସୈନ୍ୟମାନଙ୍କ ଦାୟିତ୍ୱ ଗ୍ରହଣ କରିବା ପାଇଁ ଏବଂ ବାଲେଶ୍ୱରରୁ ମରାଠାମାନଙ୍କୁ ବିତାଡ଼ିତ କରିବା ପାଇଁ ଏବଂ ଦୁର୍ଲ୍ଲଭରମ ଓ ମିର୍ଜାଫରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାହାପରେ ସେ ପାଟନା ପ୍ରତ୍ୟାବର୍ତ୍ତନ କଲେ, କିନ୍ତୁ ବାଟରେ ପୁଣି ଥରେ ଅସୁସ୍ଥ ହୋଇ ପଡ଼ିଲେ ।

ଦୁର୍ଲ୍ଲଭରମ ଏବଂ ମିର୍ଜାଫର ସେମାନଙ୍କ ଉପରେ ନ୍ୟସ୍ତ ଦାୟିତ୍ୱ ତୁଲାଇବାକୁ ସକ୍ଷମ ନ ଥିଲେ । ମରାଠାମାନଙ୍କ ବିତାଡ଼ନ ପାଇଁ ସେମାନେ କୌଣସି ଉଦ୍ୟମ କଲେନାହିଁ । ସୁସ୍ଥହେବା ପରେ ଆଲିବର୍ଦ୍ଦି ପୁଣି ଥରେ ଏକ ବିରଟ ସୈନ୍ୟବାହିନୀର ନେତୃତ୍ୱ ନେଇ ମିଦିନାପୁର ଯାତ୍ରା କରିଥିଲେ ଏବଂ ସେଠାରୁ ମରାଠାମାନଙ୍କୁ ଘଉଡ଼ାଇ ଦେଇଥିଲେ । କିନ୍ତୁ ସେ ନିଜେ ଅତ୍ୟନ୍ତ ଅସୁସ୍ଥ ଏବଂ କ୍ଳାନ୍ତ ହୋଇପଡ଼ି ଥିବାରୁ ମରାଠାମାନଙ୍କୁ ଅନୁସରଣ କରିପାରିଲେ ନାହିଁ । ତେଣୁ ସେ ମୁର୍ଶିଦାବାଦ ଫେରି ଯାଇଥିଲେ ।

ମୁସଲମାନ ଶକ୍ତି ହାତରୁ ଓଡ଼ିଶାର ପତନ

ମରାଠା ଶକ୍ତିର ପ୍ରସାର ବିଶେଷ କରି ଆଲିବର୍ଦ୍ଦିଙ୍କ ରାଜ୍ୟ ଉପରେ ନାଗପୁର ଠାରୁ ମରାଠାମାନଙ୍କ ବାରମ୍ବାର ଆକ୍ରମଣ ନବାବଙ୍କ ଆର୍ଥିକ ଅବସ୍ଥାରେ ଗୁରୁତର ସଙ୍କଟ ସୃଷ୍ଟି କରିଥିଲା । ପରିଣାମତଃ ତାଙ୍କ ସୈନ୍ୟବାହିନୀର ଦକ୍ଷତା କ୍ରମେ ହ୍ରାସ ପାଇବାକୁ ଲାଗିଲା । ତାଙ୍କ ବିରୁଦ୍ଧରେ ତାଙ୍କ ନିଜ ଅଫିସରମାନଙ୍କ ବିଦ୍ରୋହ ହେତୁ ଅବସ୍ଥା ଆହୁରି ଖରପଆଡ଼କୁ ଗତି କରିଥିଲା ଏବଂ ମରଠାମାନଙ୍କ ସହିତ ସଂଘର୍ଷରେ କେତେକ ପ୍ରଧାନ ସେନାପତିଙ୍କର ପତନ ଘଟିଥିଲା । ଏତଦ୍‌ବ୍ୟତୀତ ୭୫ ବର୍ଷର ବାର୍ଦ୍ଧକ୍ୟତା ହେତୁ ଆଲିବର୍ଦ୍ଦିର ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇଥିଲା । ଏହିସବୁ କାରଣରୁ ଆଲିବର୍ଦ୍ଦିଙ୍କୁ ମରଠାମାନଙ୍କ ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ଚୁକ୍ତି କରିବାକୁ ପଡ଼ିଲା । ମରାଠା ଓ ମୀର୍ ହବିବଙ୍କ ପକ୍ଷରୁ ମିର୍ଜା ସାଲେ ସନ୍ଧି ସର୍ତ୍ତାବଳୀ ପ୍ରସ୍ତୁତ କରି ଉପସ୍ଥାପିତ କରିଥିଲେ ଏବଂ ମୁର୍ଶିଦାବାଦରେ ନବାବ ତାହାକୁ ଗ୍ରହଣ କରିନେଇଥିଲେ । ୧୭୫୧ ଖ୍ରୀଷ୍ଟାବ୍ଦ ମଇ ବା ଜୁନ୍ ମାସରେ ଏହି ଶାନ୍ତି ଚୁକ୍ତି ନାଗପୁର ଦରବାରର ଅନୁମୋଦନ ଲାଭ କରିଥିଲା ।

ସନ୍ଧି ସର୍ତ୍ତ ଅନୁସାରେ ମୀର୍ ହବିବ୍ ଆଲିବର୍ଦ୍ଦିଙ୍କର ଜଣେ କର୍ମଚାରୀ ଭାବରେ ପରିଗଣିତ ହେଲେ ଏବଂ ଆଲିବର୍ଦ୍ଦିଙ୍କ ପକ୍ଷରୁ ତାଙ୍କୁ ଡେପୁଟି ଭାବରେ ଓଡ଼ିଶାରେ ଶାସନ

Digitized by PPRACHIN, SOA

କରିବାକୁ ହେଲା । କିନ୍ତୁ ରଘୁଜୀଙ୍କ ସୈନ୍ୟବାହିନୀର ବାକିଆ ପାଉଣା ପରିଶୋଧ କରିବା ପାଇଁ ସେ ପ୍ରଦେଶର ବଳକା ରାଜସ୍ୱକୁ ଖର୍ଚ୍ଚ କରିବାକୁ ଅନୁମତି ପାଇଲେ ।

ସୁବର୍ଣ୍ଣରେଖା ନଦୀକୁ ଓଡ଼ିଶା ଓ ବଙ୍ଗଳା ସୀମାର ଚିହ୍ନଟ ରେଖା ଭାବରେ ଗ୍ରହଣ କରାଗଲା । ଏତଦ୍‌ବ୍ୟତୀତ ଏହି ଚୁକ୍ତିନାମାରେ ସର୍ତ୍ତ ରଖାଗଲା ଯେ ବଙ୍ଗଳାର ନବାବ ତାଙ୍କ ରାଜସ୍ୱରୁ ରଘୁଜୀଙ୍କୁ ବାର୍ଷିକ ୧୨ ଲକ୍ଷ ଟଙ୍କା ଚଉଥ ହିସାବରେ ଦେବେ ।

୧୭୫୧ ଖ୍ରୀଷ୍ଟାବ୍ଦ ସନ୍ଧିରୁ ଜଣାଯାଏ ଯେ ପୂର୍ବଭଳି ନିଜ ଇଚ୍ଛା ଅନୁସାରେ ଯେ କୌଣସି ଡେପୁଟି ନିଯୁକ୍ତ କରି ଓଡ଼ିଶାରେ କର୍ତ୍ତୃତ୍ୱ ଜାହିର କରିବାରେ ନବାବ ବିଫଳ ହୋଇଥିଲେ । ଅନ୍ୟପକ୍ଷରେ ମରାଠାମାନଙ୍କ ସହିତ ହାତ ମିଳାଇଥିବା ଏବଂ ମରାଠାମାନଙ୍କୁ ବାରମ୍ବାର ହଇରାଣ କରିଥିବା ମୀର୍ ହବିବ ଭଳି ବ୍ୟକ୍ତିଙ୍କୁ ନିଜର ଡେପୁଟି ରୂପେ ନିଯୁକ୍ତି ଦେବାକୁ ସେ ବାଧ୍ୟ ହୋଇଥିଲେ । ଏହି ବ୍ୟବସ୍ଥା ଓଡ଼ିଶା ନବାବଙ୍କର କର୍ତ୍ତୃତ୍ୱ ଦୁର୍ବଳ କରି ଦେଇଥିଲା ଏବଂ ତାଙ୍କ କ୍ଷମତା କ୍ରମେ ହ୍ରାସ ପାଇବାକୁ ଲାଗିଲା । ବସ୍ତୁତଃ ଏହି ସନ୍ଧି ସର୍ତ୍ତ ଓଡ଼ିଶାରେ ମୋଗଲ ଶକ୍ତିର ପତନ ପାଇଁ ବାଟ ଫିଟାଇ ଦେଇଥିଲା ଏବଂ ମରାଠା-ମାନଙ୍କ ଓଡ଼ିଶା ଅଧିକାର ପଥଦ୍ୱାର ପରିଷ୍କାର କରିଦେଲା ।

ପରବର୍ତ୍ତୀ ଘଟଣାମାନଙ୍କରୁ ଜଣାଯାଏ ଯେ ମୀର୍ ହବିବଙ୍କୁ ବାସ୍ତବତଃ ଦୁଇଜଣଙ୍କ ନିୟନ୍ତ୍ରଣାଧୀନରେ କାର୍ଯ୍ୟ କରିବାକୁ ପଡ଼ିଲା । ତାଙ୍କୁ ରଘୁଜୀଙ୍କ ପାଖକୁ ପ୍ରେରଣ ନିମନ୍ତେ ବଙ୍ଗଳାରୁ ୧୨ ଲକ୍ଷ ଟଙ୍କା ଚଉଥ ଅସୁଲ କରିବାକୁ ହେଉଥିଲା । ଏତଦ୍‌ବ୍ୟତୀତ ନାଗପୁର ଦରବାରକୁ ବାର୍ଷିକ ୪ ଲକ୍ଷ ଟଙ୍କା ପଇଠ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ଥିଲେ । ଦୁର୍ଭାଗ୍ୟ-ବଶତଃ ସେ ମରାଠାମାନଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲେ ଏବଂ ୧୭୫୨ ଖ୍ରୀଷ୍ଟାବ୍ଦରେ ନିହତ ହୋଇଥିଲେ । ମୀର୍ ହବିବଙ୍କ ମୃତ୍ୟୁ ପରେ ଓଡ଼ିଶାର ଗଭର୍ଣ୍ଣର ରୂପେ ମିର୍‌ଜା ସାଲେହ୍‌କୁ ନିଯୁକ୍ତ କରାଯିବା ସମୟରେ ପୂର୍ବଭଳି ମୁର୍ଶିଦାବାଦ ଓ ନାଗପୁର ଉଭୟ ଦରବାରର ସମ୍ମତି ଦିଆଯିବା ବ୍ୟବସ୍ଥା ଅପରିବର୍ତ୍ତିତ ରହିଲା । ମିର୍‌ଜା ସାଲେହ୍ ଗଭର୍ଣ୍ଣର ଥିବା ସମୟରେ ଦୀର୍ଘଦିନର ଅସୁସ୍ଥତା ଫଳରେ ୧୭୫୮ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ୧୦ ତାରିଖ ଦିନ ଆଲିବର୍ଦ୍ଦି ଖାଁ ୮୦ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁ ପରେ ବହୁ ସମସ୍ୟା ସୃଷ୍ଟି ହେଲା । ଓଡ଼ିଶା ଉପରେ ବଙ୍ଗଳାର ନବାବ ନାମକୁ ମାତ୍ର ଯାହା ବା କିଛି କର୍ତ୍ତୃତ୍ୱ ଜାହିର କରୁଥିଲେ ସେ ସବୁର ବିଲୁପ୍ତି ଘଟିଲା । ସିରାଜ-ଉଦ୍-ଦୌଲାଙ୍କ ପତନ ନିମନ୍ତେ ଇଂରେଜ-ମାନଙ୍କର ଷଡ଼ଯନ୍ତ୍ର । ତତ୍କାଳୀନ ବଙ୍ଗଳାର ଗୋଳମାଳିଆ ରାଜନୈତିକ ପରିସ୍ଥିତି ଏବଂ ବଙ୍ଗଳା ରାଜନୈତିକ କାର୍ଯ୍ୟାବଳୀକୁ ନିୟନ୍ତ୍ରଣ କରିବା ସକାଶେ ଏକ ରାଜନୈତିକ ଶକ୍ତି ଭାବରେ ଇଂରେଜମାନଙ୍କର ଅଭ୍ୟୁଦୟ ବଙ୍ଗଳାରୁ ମରହଟ୍ଟାମାନେ ଚଉଥ ଅସୁଲ କରିବା ଦିଗରେ ଅନିଶ୍ଚିତତା ସୃଷ୍ଟି କଲେ । ଯେ ପର୍ଯ୍ୟନ୍ତ ବଙ୍ଗଳାର ନବାବ ଓଡ଼ିଶାର ନାମମାତ୍ର

Digitized by PPRACHIN, SOA

ଗଭର୍ଣ୍ଣରଙ୍କ ଜରିଆରେ ନାଗପୁର ଦରବାରକୁ ବଙ୍ଗଳାରୁ ୧୨ ଲକ୍ଷ ଟଙ୍କା ଚଉଥ ପଠାଉ-ଥିଲେ, ସେ ପର୍ଯ୍ୟନ୍ତ ମରଠାମାନେ ୧୭୫୧ ମସିହା ସନ୍ଧି ସର୍ତ୍ତାବଳୀକୁ ଲଙ୍ଘନ କରିବାର କୌଣସି କାରଣ ବା ଆବଶ୍ୟକତା ନ ଥିଲା କିନ୍ତୁ ବଙ୍ଗଳା ସମସ୍ୟାରେ ଇଂରେଜମାନଙ୍କ ହସ୍ତକ୍ଷେପ ଏବଂ ଚଉଥ ଦେବା ନିମନ୍ତେ ସେମାନଙ୍କ ଘୋଷିତ ଅନିଚ୍ଛା ମରଠାମାନଙ୍କୁ ବାସ୍ତବ କ୍ଷେତ୍ରରେ ଓ ଆଇନତଃ ଓଡ଼ିଶାରେ ଶାସକ ରୂପେ କାର୍ଯ୍ୟ କରିବାକୁ ବାଧ୍ୟ କରିଥିଲା । ବଙ୍ଗଳାରେ ଇଂରେଜମାନଙ୍କ ସାର୍ବଭୌମତ୍ୱ ପ୍ରତିଷ୍ଠା ଫଳରେ ମିର୍ଜା ସାଲେହ ବଙ୍ଗଳାରୁ ଚଉଥ ଅସୁଲ କରିବାରେ ବିଫଳ ହୋଇଥିଲେ । ଇଂରେଜମାନଙ୍କ କର୍ତ୍ତୃତ୍ୱାଧୀନରେ ଥିବା ନବାବ ଚଉଥ ନେଇ ପାରିଲେ ନାହିଁ । ତେଣୁ ୧୭୫୯ ଖ୍ରୀଷ୍ଟାବ୍ଦରେ ମିର୍ଜା ସାଲେହଙ୍କୁ ଇସ୍ତଫା ଦେବା ପାଇଁ ନାଗପୁର ରଜା ବାଧ୍ୟ କରିଥିଲେ ଏବଂ ଓଡ଼ିଶାର ପ୍ରଥମ ମରାଠା ଗଭର୍ଣ୍ଣର ରୂପେ ଶିଭ ଭଟ୍ଟ ସାଠେଙ୍କୁ ନିଯୁକ୍ତି ଦେଇଥିଲେ । ୧୭୫୧ ଖ୍ରୀଷ୍ଟାବ୍ଦ ସନ୍ଧିର ସର୍ତ୍ତାବଳୀ ଲୋପ ପାଇଲା ।

ସ୍ଥୂଳତଃ କହିବାକୁ ଗଲେ ପୂର୍ବଭାରତରେ ମରାଠାମାନଙ୍କ ପ୍ରବେଶ ତଥା କ୍ଷମତା ପ୍ରସାର ଏବଂ ଓଡ଼ିଶାରେ କର୍ତ୍ତୃତ୍ୱ ଜାହିର କରିବାରେ ବଙ୍ଗଳା ନବାବଙ୍କ ଅପାରଗତା, ଓଡ଼ିଶାରୁ ମୋଗଲ ଶକ୍ତି ଅବସାନର ମୁଖ୍ୟ କାରଣ । ଇଂରେଜ ଶକ୍ତି ନିୟନ୍ତ୍ରଣାଧୀନ ଏକ କଣ୍ଢେଇ ଭଳି ରହି ବଙ୍ଗଳା ନାଏବ ଚଉଥ ନ ଦେବା ହେତୁ ମରାଠାମାନେ ବଙ୍ଗଳା ରାଜନୀତି କ୍ଷେତ୍ରରେ ଅଧିକରୁ ଅଧିକ ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଥିଲେ । ତାହା ଓଡ଼ିଶା ଉପରେ ବଙ୍ଗଳା ନବାବଙ୍କ ସମସ୍ତ ନାମମାତ୍ର ବା ବାସ୍ତବ କର୍ତ୍ତୃତ୍ୱର ଲୋପସାଧନ କରି, ଓଡ଼ିଶା ଉପରେ ମରାଠାମାନଙ୍କ ଅଧିକାର ସାବ୍ୟସ୍ତ କରିଥିଲା ।

Digitized by PPRACHIN, SOA

ଷଷ୍ଠ ଅଧ୍ୟାୟ

ଓଡ଼ିଶା ଉପକୂଳରେ ଇଉରୋପୀୟ ଉପନିବେଶ

ଓଡ଼ିଶା ଉପକୂଳରେ ପ୍ରଥମେ ବାଣିଜ୍ୟ ଉପନିବେଶ ସ୍ଥାପନ କରିଥିବା ଇଉରୋପୀୟମାନେ ଥିଲେ ପର୍ତ୍ତୁଗୀଜ୍ । ଭାରତକୁ ଜଳପଥ ଆବିଷ୍କୃତ ହେବାର (୧୪୯୮) ଅଳ୍ପକାଳ ପରେ ପର୍ତ୍ତୁଗୀଜମାନେ ମାନ୍ଦ୍ରାଜ ଉପକୂଳକୁ ଆଗମନ କରିଥିଲେ ଏବଂ ସେଠାରେ ସେମାନଙ୍କର ଉପନିବେଶ ସ୍ଥାପନ କରିଥିଲେ । ମାନ୍ଦ୍ରାଜର ସ୍ଥାନୀୟ ଲୋକମାନେ ସେମାନଙ୍କ ଉପସ୍ଥିତିରେ ଏତେ ଭୟଭୀତ ହୋଇ ପଡ଼ିଲେ ଯେ ସେମାନେ ଦଳବଦ୍ଧ ହୋଇ ପର୍ତ୍ତୁଗୀଜ-ମାନଙ୍କ ଉପରେ ଚଢ଼ାଉ କରିଥିଲେ ଏବଂ ସେମାନଙ୍କର ସ୍ଥିତି ଦୁର୍ବିସହ ହୋଇ ପଡ଼ିଥିଲା । ପରିଣାମସ୍ୱରୂପ ପର୍ତ୍ତୁଗୀଜମାନେ ସେମାନଙ୍କର ଉପନିବେଶ ନିମନ୍ତେ ଆଉ ଏକ ସ୍ଥାନ ଅନ୍ୱେଷଣରେ ଉତ୍ତରଦିଗକୁ ଯିବା ପାଇଁ ବାଧ୍ୟ ହୋଇଥିଲେ ଏବଂ ୧୫୧୪ ଖ୍ରୀଷ୍ଟାବ୍ଦରେ ପିପିଲିଠାରେ ଏକ ବସତି ସ୍ଥାପନ କରିବାରେ ସଫଳ ହେଲେ । ମାତ୍ର ପର୍ତ୍ତୁଗୀଜମାନେ ସେମାନଙ୍କର ଉପନିବେଶ ସ୍ଥାପନ ପାଇଁ ଓଡ଼ିଶାର ତତ୍କାଳୀନ ରାଜା ପ୍ରତାପରୁଦ୍ରଦେବଙ୍କ ଠାରୁ କୌଣସି ସନନ୍ଦ ପାଇଥିଲେ କି ନାହିଁ ତାହା ଜଣାଯାଏ ନାହିଁ । ଏ ସମ୍ପର୍କରେ ମାଦଳାପାଞ୍ଜି ବା ଅନ୍ୟ କୌଣସି ଓଡ଼ିଆ ପୁସ୍ତକ ସୂତ୍ରରୁ କିଛି ତଥ୍ୟ ମିଳେ ନାହିଁ । ଏହା ହୁଏତ ସମ୍ଭବ ହୋଇପାରେ ଯେ, ପର୍ତ୍ତୁଗୀଜମାନେ ଓଡ଼ିଶା ରାଜାଙ୍କ ଠାରୁ କୌଣସି ଫରମାନ ହାସଲ କରିବା ପରିବର୍ତ୍ତେ ଓଡ଼ିଶାରେ ସେତେବେଳେ ଦେଖା ଦେଇଥିବା ଗୋଳମାଳିଆ ପରିସ୍ଥିତିର ସୁଯୋଗ ନେଇଥିବେ । ପ୍ରଥମତଃ ଏହି ସମୟରେ ଓଡ଼ିଶା ରାଜାଙ୍କ ଦୃଷ୍ଟି ବିଜୟନଗରର ପ୍ରତାପୀ ରାଜା କୃଷ୍ଣଦେବ ରାୟଙ୍କ ପ୍ରବଳ ଆକ୍ରମଣର ମୁକାବିଲା କରିବାରେ ନିବଦ୍ଧ ଥିଲା । ସେହିବର୍ଷ ଅର୍ଥାତ୍ ୧୫୧୪ ଖ୍ରୀଷ୍ଟାବ୍ଦରେ ପ୍ରତାପରୁଦ୍ର ଦେବ କୋଣ୍ଡାବିଡ଼ୁ ନିକଟରେ ନିଜ ଶତ୍ରୁଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ସମ୍ଭବତଃ ଏହି ଗୋଳମାଳିଆ ତଥା ବିଶୃଙ୍ଖଳା ପରିସ୍ଥିତିର ସୁଯୋଗ ନେଇ ପର୍ତ୍ତୁଗୀଜମାନେ ପିପିଲିଠାରେ ସେମାନଙ୍କର ଉପନିବେଶ ସ୍ଥାପନ କରିଥିଲେ ।

ପୁନଶ୍ଚ ପର୍ତ୍ତୁଗୀଜମାନେ ଥରେ ପିପିଲି ଠାରେ ବସତି ସ୍ଥାପନ କରିସାରିଥିବା ହେତୁ ଓଡ଼ିଶାର ରାଜା ଉଦାରମନା ତଥା ଧର୍ମପରାୟଣ ପ୍ରକୃତିର ବ୍ୟକ୍ତି ହୋଇଥିବା ଦୃଷ୍ଟିରୁ

Digitized by PPRACHIN, SOA

ଏହାକୁ ଅନୁମୋଦନ କରିନେବା ପାଇଁ ବାଧ୍ୟ ହୋଇଥିଲେ । ପର୍ତ୍ତୁଗୀଜ ପରିବ୍ରାଜକ ପାଇସଙ୍କ ବିବରଣୀ ଅନୁସାରେ, "ଓଡ଼ିଶାର ରାଜା ଥିଲେ ବିଦେଶୀମାନଙ୍କ ପ୍ରତି ସହାନୁଭୂତିଶୀଳ" ।

ସୁବର୍ଣ୍ଣରେଖା ନଦୀ ମୁହାଣ ଠାରୁ ଚାରି ମାଇଲ ଦୂରରେ ଅବସ୍ଥିତ ପିପିଲି ବଙ୍ଗୋପସାଗର ତୀରରେ ସର୍ବପ୍ରାଚୀନ ଇଉରୋପୀୟ ଉପନିବେଶ ଥିଲା ଏବଂ ଖୁବ୍‌ଶୀଘ୍ର ଓଡ଼ିଶା ଉପକୂଳରେ ଏକ ଗୁରୁତ୍ୱପୂର୍ଣ୍ଣ ପୋତାଶ୍ରୟ ଭାବରେ ସମୃଦ୍ଧି ଲାଭ କରିଥିଲା । ଏକ ପ୍ରଧାନପର୍ତ୍ତୁଗୀଜ ବାଣିଜ୍ୟ କେନ୍ଦ୍ର ଭାବରେ ଏହା ଗଢ଼ି ଉଠିଥିଲା । ପ୍ରକୃତ ପକ୍ଷେ ପର୍ତ୍ତୁଗୀଜମାନେ ସମଗ୍ର ସମଗ୍ର ଉପକୂଳରେ ଏକଚାଟିଆ ବାଣିଜ୍ୟ କାରବାର ଚଳାଇଥିଲେ ଏବଂ ସେମାନଙ୍କର ଜାହାଜଗୁଡ଼ିକ ଏକ ଶତାବ୍ଦୀଧରି ଅର୍ଥାତ୍ ୧୫୧୪ ରୁ ୧୬୧୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚିଟାଗଙ୍ଗ ଠାରୁ ଓଡ଼ିଶା ପର୍ଯ୍ୟନ୍ତ ସମଗ୍ର ସାଗର ବକ୍ଷରେ ଚଳାଚଳ କରୁଥିଲେ । ପିପିଲି ଥିଲା ବ୍ୟାପକ ବାଣିଜ୍ୟର ଏକ କେନ୍ଦ୍ରସ୍ଥଳ । ପର୍ତ୍ତୁଗୀଜମାନେ ମାଲକା ଓ ମାକାଓରୁ ବିଭିନ୍ନ ମସଲା, ପଶମ ବସ୍ତ୍ର, ଟିଣ, ପାରଦ ଓ ସିନ୍ଦୂର ଆଣୁଥିଲେ ଏବଂ ପିପିଲି ଠାରେ ବିଭିନ୍ନ କିସମର ଧଳା କାର୍ପାସ ବସ୍ତ୍ର ଓ ସୂକ୍ଷ୍ମ କାର୍ପାସ ବସ୍ତ୍ରମାନ କିଣୁଥିଲେ । ଏଥିରୁ ସେମାନେ ପ୍ରଚୁର ଲାଭ ପାଉଥିଲେ ।

ଥରେ ସେମାନେ ପିପିଲିଠାରେ ବସତି ସ୍ଥାପନ କରି ସାରିବା ପରେ ବାଣିଜ୍ୟ ପ୍ରସାର ସକାଶେ ଅନ୍ୟାନ୍ୟ ନିରାପଦ ସ୍ଥାନ ଅନ୍ୱେଷଣରେ ମନୋନିବେଶ କଲେ । ୧୫୯୯ ଖ୍ରୀଷ୍ଟାବ୍ଦରେ ଆକବରଙ୍କ ଅନୁମତି କ୍ରମେ ସେମାନେ ହୁଗୁଳିଠାରେ ଗୋଟିଏ ଚର୍ଚ୍ଚ ଓ ଦୁର୍ଗ ସ୍ଥାପନ କରିଥିଲେ । ଢାକାଠାରେ ମଧ୍ୟ ଏକ ଉପନିବେଶ ପ୍ରତିଷ୍ଠା କରିଥିଲେ ।

ସେପର୍ଯ୍ୟନ୍ତ ପିପିଲି ପର୍ତ୍ତୁଗୀଜ୍ କାରବାରର ପ୍ରଧାନ କେନ୍ଦ୍ର ଥିଲା । ଏହା ଏକ ପ୍ରଧାନ ଦାସ ବ୍ୟବସାୟ ବଜାରରେ ପରିଣତ ହୋଇଥିଲା । ପର୍ତ୍ତୁଗୀଜ ଓ ଆରାକାନ ଜଳଦସ୍ୟୁମାନେ ଏହି ସ୍ଥାନରେ ବନ୍ଦୀମାନଙ୍କୁ ବିକ୍ରି କରିବାରେ ଅଭ୍ୟସ୍ତ ଥିଲେ । ଏହି ବନ୍ଦର ଦେଇ ସଂଗୃହୀତ ବାଳକ ଓ ଲୋକମାନଙ୍କୁ ସୁଦୂର ଦେଶମାନଙ୍କରେ ବିକ୍ରି କରା ଯାଉଥିଲା ।

ପିପିଲି ଖ୍ରୀଷ୍ଟିୟାନ ଧର୍ମ ଚର୍ଚ୍ଚାର ଏକ ପ୍ରଧାନ କେନ୍ଦ୍ର ଥିଲା । ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରେ ଅଗଷ୍ଟିଆନମାନେ ଏଠାରେ ଚର୍ଚ୍ଚ ଓ ଖ୍ରୀଷ୍ଟିୟାନ ଧର୍ମ ପ୍ରଚାରକମାନଙ୍କ ନିମନ୍ତେ ବହୁସଂଖ୍ୟକ ବାସଗୃହ ନିର୍ମାଣ କରିଥିଲେ ।

ବାଣିଜ୍ୟ ସକାଶେ ଆଭ୍ୟନ୍ତରୀଣ ଅଞ୍ଚଳରୁ ସ୍ଥାନୀୟ ପ୍ରସ୍ତୁତ ସାମଗ୍ରୀ ସଂଗ୍ରହ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା ଏବଂ ସମ୍ଭବତଃ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ପର୍ତ୍ତୁଗୀଜ-ମାନେ ବାଲେଶ୍ୱର ଠାରେ ମଧ୍ୟ ଏକ କ୍ଷୁଦ୍ର ଉପନିବେଶ ସ୍ଥାପନ କରିଥିଲେ । ସେଠାରେ

Digitized by PPRACHIN, SOA

କେତେକ କ୍ୟାଥୋଲିକ ଗୀର୍ଜା ନିର୍ମିତ ହୋଇଥିଲା । ମାତ୍ର ଯାହା ଜଣାଯାଏ ପର୍ତ୍ତୁଗୀଜ-ମାନଙ୍କ ହାତରେ ବାଲେଶ୍ୱର, ପିପିଲି ଭଳି ବାଣିଜ୍ୟ କେନ୍ଦ୍ର ରୂପେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରି ନ ଥିଲା ।

ଏକ ଶତାବ୍ଦୀ ଧରି ଚାଲିଥିବା ପର୍ତ୍ତୁଗୀଜମାନଙ୍କର ଏକଚାଟିଆ ବାଣିଜ୍ୟକୁ ଓଲନ୍ଦାଜମାନେ (the Dutch) ସ୍ଥାନୀୟ ଶକ୍ତି ସାହାଯ୍ୟରେ ପ୍ରତିବାଦ କରିଥିଲେ ଏବଂ ବଙ୍ଗୋପସାଗରରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ ଏବଂ ୧୬୨୫ ଖ୍ରୀଷ୍ଟାବ୍ଦ ଆଡ଼କୁ ଚତୁର୍ଦ୍ଦିଗରେ ଏକ ପରିଖା ବେଷ୍ଟିତ ଏବଂ କେନାଲ ଦେଇ ନଦୀ ସହିତ ସଂଯୁକ୍ତ ବାଲେଶ୍ୱରର ଏକ ସ୍ଥାନରେ ଗୋଟିଏ ବାଣିଜ୍ୟକୋଠି ସ୍ଥାପନ କରିଥିଲେ । ସେମାନେ ନିଜ ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ବାସଗୃହ ନିର୍ମାଣ କରିଥିଲେ ଏବଂ ବାଣିଜ୍ୟ କାରବାର ଚଳାଇଥିଲେ ।

ଏହାପରେ ଦିନାମାରମାନେ (ଡେନମାର୍କ ଅଧିବାସୀ) ଆଗମନ କରିଥିଲେ ଓ ବାଲେଶ୍ୱରଠାରେ ଏକ ଉପନିବେଶ ସ୍ଥାପିତ ହୋଇଥିଲା । ଏହି ଉପନିବେଶ ଏକ ପ୍ରାକୃତିକ ଜଳପରିଖା ପରିବେଷ୍ଟିତ ହୋଇ ନଦୀ ସହିତ ସଂଯୁକ୍ତ ଥିଲା । ଏକ ସୁବିଧାଜନକ ସ୍ଥାନରେ ଅବସ୍ଥିତ ଥିବାରୁ ସ୍ଥଳପଥ ଆକ୍ରମଣରୁ ଏହାକୁ ସୁରକ୍ଷିତ ରଖାଯାଇ ପାରୁଥିଲା ।

ଓଲନ୍ଦାଜମାନେ ଏଠାରେ ବସତି ସ୍ଥାପନ କରିବାର ଆଠ ବର୍ଷ ପରେ ଇଂରେଜ-ମାନେ ଓଡ଼ିଶା ଉପକୂଳରେ ପ୍ରବେଶ କରିଥିଲେ । ଏହା ପୂର୍ବରୁ ଇଂରେଜମାନେ ମସୁଲିପଟମଠାରେ ସେମାନଙ୍କର ବାଣିଜ୍ୟ କାରବାର ଚଳାଇଥିଲେ । ମାତ୍ର ୧୬୩୩ ଖ୍ରୀଷ୍ଟାବ୍ଦ ଆଡ଼କୁ କ୍ରମଶଃ ବସ୍ତ୍ରର ଅଭାବ ପରିଲକ୍ଷିତ ହେବା ହେତୁ ସେମାନେ ବାଣିଜ୍ୟ ହ୍ରାସ ପାଇବାର ସୂଚନା ଅନୁଭବ କଲେ । ତେଣୁ ବାଣିଜ୍ୟ ସୁବିଧା ଅନ୍ୱେଷଣ ପାଇଁ ଏକ ଅନ୍ୱେଷଣକାରୀ ଦଳକୁ ଉତ୍ତର ଦିଗକୁ ପଠାଇଥିଲେ । କେତେକ ଇଂରେଜଙ୍କୁ ନେଇ ଗଠିତ ଏହି ଦଳ ଏକ ଦେଶୀ ଡଙ୍ଗାରେ ଯାତ୍ରା କରି ଓଡ଼ିଶା ଉପକୂଳରେ ହରସପୁର ବା ହରିଶପୁର ବା ହରିହରପୁର ନାମକ ସ୍ଥାନରେ ପହଞ୍ଚିଥିଲେ । ପଟୁଆ ନଦୀ ମୁହାଣରେ ଅବସ୍ଥିତ ଏହି ସ୍ଥାନରୁ ସେମାନେ ଛୋଟ ଛୋଟ ଡଙ୍ଗାମାନଙ୍କରେ ସେମାନଙ୍କର ପଣ୍ୟଦ୍ରବ୍ୟ ନେଇ ଛଅ ମାଇଲ ଦୂରବର୍ତ୍ତୀ କୋସିଟେ (କୋଣିବା) ପର୍ଯ୍ୟନ୍ତ ନଦୀ ପଥରେ ଯାତ୍ରା କରିଥିଲେ । ସେଠାରୁ ସେମାନେ ରାଜପଥରେ ବାଲିକୁଦା, ବେଣାହାର ପ୍ରଭୃତି ପ୍ରଧାନ ପ୍ରଧାନ ଗ୍ରାମ ଏବଂ ଗୁରୁତ୍ୱପୂର୍ଣ୍ଣ ଜଗତସିଂହପୁର ସହର ଦେଇ ଶେଷରେ କଟକରେ ପହଞ୍ଚିଥିଲେ । ଏହା ପରେ କ୍ୱାର୍ଟର ମାଷ୍ଟର (Quarter master of the Poop) ଉଇଲିୟମ ବ୍ରୁଟନ ଅନ୍ୟ ଅନୁଗାମୀମାନଙ୍କ ସହିତ ବାରବାଟୀ ଦର୍ଗ ମାଲକାଣ୍ଡି (ମୁକୁନ୍ଦ ଦେବଙ୍କ ପ୍ରାସାଦ)ରେ ବାସ କରୁଥିବା ଓଡ଼ିଶାର ଗଭର୍ଣ୍ଣରଙ୍କ ନିକଟକୁ ଯାଇଥିଲେ । ସେତେବେଳେ ମୁଣକାତ୍ ଖାଁ

Digitized by PPRACHIN, SOA

(ମିର୍ଜା ମାକି) ଥିଲେ ଓଡ଼ିଶାର ଗଭର୍ଣ୍ଣର । ଜଣାଯାଏ ଯେ ଗଭର୍ଣ୍ଣର ଥିଲେ ଉଦାରମନା ଓ ଇଂରେଜମାନଙ୍କ ପ୍ରତି ବନ୍ଧୁଭାବାପନ୍ନ । ସେ ଇଂରେଜମାନଙ୍କୁ ଏକ ବାଣିଜ୍ୟ କୋଠି ପ୍ରତିଷ୍ଠା କରିବା ଏବଂ ଅବାଧ ବାଣିଜ୍ୟ ଚଳାଇବା ପାଇଁ ଏକ ପରଓ୍ୱାନା ମଞ୍ଜୁର କରିଥିଲେ । ଏହା ଫଳରେ ୧୬୩୩ ଖ୍ରୀଷ୍ଟାବ୍ଦରେ ହରିହରପୁର ଠାରେ ଇଂରେଜମାନଙ୍କର ଏକ କୋଠି ସ୍ଥାପିତ ହୋଇଥିଲା ।

ଓଡ଼ିଶାର ଅନ୍ୟାନ୍ୟ ପ୍ରାନ୍ତରେ ଅଧିକ ବାଣିଜ୍ୟ ସୁବିଧା ହାସଲ ଉଦ୍ଦେଶ୍ୟରେ ଇଂରେଜମାନେ ବାଲେଶ୍ୱର ଆଡ଼କୁ ଯାତ୍ରା କରିଥିଲେ । ଆଉ ଦୁଇଜଣ ଇଂରେଜଙ୍କ ସହିତ ଗଲ୍‌ଫ କାର୍ଟ ଗଇଟ୍‌ଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ଥିଲା । ଇତିମଧ୍ୟରେ ମାସୁଲିପଟମ-ଠାରେ ଥିବା ବ୍ରିଟିଶ କାଉନ୍‌ସିଲ ଉପରୋକ୍ତ ଦଳ ସହିତ ସାମିଲ ହେବା ଉଦ୍ଦେଶ୍ୟରେ ଡେଓ୍ୱାର୍ଡଅଷ୍ଟିନଙ୍କ ଅଧିନାୟକତ୍ୱରେ ସ୍ୱାନ (Swan) ନାମକ ଏକ ଜାହାଜ ପ୍ରେରଣ କରିଥିଲେ । ଏହି ଜାହାଜରେ ଅଣାଯାଇଥିବା ସାମଗ୍ରୀ ଗୁଡ଼ିକ ବାଲେଶ୍ୱରଠାରେ ଖଲାସ କରାଯାଇଥିଲା । ଏଥିରୁ ଅନୁଭୂତ ହେଲା ଯେ ବାଲେଶ୍ୱର ଏକ ଉତ୍ତମ ବାଣିଜ୍ୟ କେନ୍ଦ୍ର ହୋଇପାରିବ । ମାତ୍ର ଇତିମଧ୍ୟରେ ଲଣ୍ଡନସ୍ଥିତ ଇଷ୍ଟ ଇଣ୍ଡିଆ କମ୍ପାନୀ କେତେକ ବାଣିଜ୍ୟିକ ଅସୁବିଧାର ସମ୍ମୁଖୀନ ହେବାରୁ ଭାରତରେ ବାଣିଜ୍ୟ ପାଇଁ ଅଧିକ ଦୃଷ୍ଟିଦେଇପାରି ନଥିଲା । ଆର୍ଥିକ ଅନଟନ ଯୋଗୁଁ ଯଥେଷ୍ଟ ସଂଖ୍ୟକ ଦଲାଲ ଓ କିରାଣୀ ମିଳିଲେ ନାହିଁ ବା ଯଥେଷ୍ଟ ସଂଖ୍ୟକ ଜାହାଜ ମିଳି ନଥିଲା । ତେଣୁ ୧୬୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଏଜେଣ୍ଟମାନଙ୍କ ବାଣିଜ୍ୟ ଅବସ୍ଥାର ଉନ୍ନତି ପାଇଁ କିଛି କରାଯାଇ ପାରିନଥିଲା । ପରେ ଲଣ୍ଡନରେ କମ୍ପାନୀର ଅବସ୍ଥାରେ ଉନ୍ନତି ଦେଖା ଦେବାରୁ ଏବଂ ଅନୁକୂଳ ସର୍ତ୍ତାବଳୀ ମଞ୍ଜୁର କରାଯିବାରୁ ବଙ୍ଗୋପସାଗର କୂଳରେ ଥିବା ଇଂରେଜମାନେ ନୂତନ ବାଣିଜ୍ୟ କେନ୍ଦ୍ର ଅନ୍ୱେଷଣ କରିବା ଓ ଦୁର୍ଗ ତଥା ଚର୍ଚ୍ଚ ନିର୍ମାଣ କରିବା ଦିଗରେ ମନୋନିବେଶ କରିଥିଲେ । ମସୁଲିପଟମସ୍ଥ କାଉନ୍‌ସିଲର ଜନୈକ ସଦସ୍ୟ ଫ୍ରାନ୍‌ସିସ୍ ଡେ ୧୬୪୧ ମସିହା ଶରତ ଋତୁରେ ମାନ୍ଦ୍ରାଜଠାରୁ ବାଲେଶ୍ୱର ପରିଦର୍ଶନରେ ଆସିଥିଲେ । ଉପକୂଳବର୍ତ୍ତୀ ଅଞ୍ଚଳ ପରିଦର୍ଶନ ସମୟରେ ସେ ଅବହିତ ହେଲେ ଯେ ହରିହରପୁରଠାରେ ଇଂରେଜ କୋଠିର ଅଧଃପତନ ଘଟିବାକୁ ଆରମ୍ଭ କରିଛି । ସେ ବାଲେଶ୍ୱରର ବାଣିଜ୍ୟ ସୁବିଧା ପର୍ଯ୍ୟାଲୋଚନା କରି ସେଠାରେ ଏକ ବାଣିଜ୍ୟ କୋଠି ପ୍ରତିଷ୍ଠା ସକାଶେ ମାନ୍ଦ୍ରାଜ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରିଥିଲେ । ଏହା ଅନୁମୋଦିତ ହେବାରୁ ୧୬୪୨ ଖ୍ରୀଷ୍ଟାବ୍ଦ ସୁଦ୍ଧା ସେଠାରେ ବାଣିଜ୍ୟ କୋଠି ଓ ଅନ୍ୟାନ୍ୟ କୋଠାବାଡ଼ି ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା ।

ଓଡ଼ିଶା ଉପକୂଳରେ ବାଣିଜ୍ୟ କେନ୍ଦ୍ରମାନ ଖୋଲିବା ପାଇଁ ଇଂରେଜମାନଙ୍କ ଦୁଃସାହସିକ ପଦକ୍ଷେପ ପ୍ରାରମ୍ଭ ଅବସ୍ଥାରେ କେତେକ ଅସୁବିଧାର ସମ୍ମୁଖୀନ ହୋଇଥିଲା ।

Digitized by PPRACHIN, SOA

ଏହାର ବହୁ କାରଣ ରହିଛି । ପ୍ରଥମତଃ ଇଂରେଜମାନେ ସ୍ଥାନୀୟ ଅଧିବାସୀମାନଙ୍କ ବାଣିଜ୍ୟ ଗ୍ରହିଦା ସମ୍ପର୍କରେ ଅବହିତ ନଥିଲେ । ଯଦିଓ ପଣ୍ୟଦ୍ରବ୍ୟ ସମେତ ଜାହାଜ ବର୍ଷେ ପର୍ଯ୍ୟନ୍ତ ଅଟକି ରହିଲା ; ତଥାପି କିଛି ବିକ୍ରି ହୋଇ ପାରିନଥିଲା । ଇଂରେଜମାନେ ସେଠାରେ ପ୍ରଚୁର ପରିମାଣର ଫଳ ଓ ତାଡ଼ି (ଖଜୁରି ଗଛର ରସ) ବ୍ୟତୀତ ଆଉ କିଛି ପାଇନଥିଲେ । ସେମାନେ ଅତିମାତ୍ରାରେ ସେସବୁ ବ୍ୟବହାର କରିବାରୁ କେତେକ ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଥୋମାସ କୋଲି ଜ୍ୱର ରୋଗରେ ଆକ୍ରାନ୍ତ ହୋଇ ହରିହରପୁର-ଠାରେ ମୃତ୍ୟୁବରଣ କରିଥିଲେ । ଉପକୂଳର ଛଅ ଜଣ ଫ୍ୟାକ୍ଟର ଅର୍ଥାତ୍ ଫ୍ୟାକ୍ଟରୀ କର୍ମକର୍ତ୍ତାଙ୍କର ଅସ୍ୱାସ୍ଥ୍ୟକର ଜଳବାୟୁ ହେତୁ ମୃତ୍ୟୁ ଘଟିଥିଲା । "ସ୍ୱାନ" ର ବହୁସଂଖ୍ୟକ ଲୋକ ମଧ୍ୟ ଜ୍ୱରକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ । ଯତ୍ନର ଅଭାବ ଓ ନୂତନ ଜଳବାୟୁ ସହିତ ଖାପଖୁଆଇ ଚଳିବାର ଅସାମର୍ଥ୍ୟ ହେତୁ ଦୁର୍ଦ୍ଦଶା ବୃଦ୍ଧି ପାଇଲା ଏବଂ ଜଳବାୟୁ ପ୍ରାରମ୍ଭ ଅବସ୍ଥାରେ କିଛି କାଳ ଲାଗି ବାଣିଜ୍ୟ ବିକାଶ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା ।

ଦ୍ୱିତୀୟତଃ ଓଡ଼ିଶା ଉପକୂଳରେ ବସତି ସ୍ଥାପନ କରିଥିବା ଅନ୍ୟାନ୍ୟ ଇଉରୋପୀୟଙ୍କ ବିଦ୍ୱେଷ ଭାବ ଇଂରେଜମାନଙ୍କ ବାଣିଜ୍ୟ ପ୍ରତି କୁଠାରଘାତ କରିଥିଲା । ପର୍ତ୍ତୁଗୀଜମାନେ ଇଂରେଜମାନଙ୍କ ଉପସ୍ଥିତିରେ ଅତ୍ୟନ୍ତ ବିଦ୍ୱେଷ ଭାବାପନ୍ନ ହୋଇ ପଡ଼ିଥିଲେ । କାରଣ ସେମାନେ ମନେ କରିଥିଲେ ଯେ ଇଂରେଜମାନଙ୍କ ପରି ଆଉ ଏକ ସମୃଦ୍ଧିଶାଳୀ ଶକ୍ତି ସହିତ ପ୍ରତିଦ୍ୱନ୍ଦ୍ୱିତା ଫଳରେ ସେମାନଙ୍କ ଏକଗୁଟିଆ ବାଣିଜ୍ୟ ବାଧାପ୍ରାପ୍ତ ହେବ ଏବଂ ଏଭଳି ବାଣିଜ୍ୟରୁ ସେମାନେ ପାଉଥିବା ଲାଭ ପରିମାଣ ହ୍ରାସ ପାଇବ । ଏହି କାରଣରୁ ସେମାନେ ଇଂରେଜମାନଙ୍କ ପ୍ରତି ବିଦ୍ୱେଷଭାବ ପୋଷଣ କରିବାକୁ ଏବଂ ସମ୍ଭବହେଲେ ସେମାନଙ୍କୁ ଓଡ଼ିଶା ଉପକୂଳରୁ ବିତାଡ଼ିତ କରିବାକୁ ଉତ୍ତେଜିତ ହୋଇ ପଡ଼ିଲେ । ତେଣୁ ଇଂରେଜମାନେ ଯେତେବେଳେ ହରିହରପୁରଠାରେ ଏକ ବନ୍ଦର ସ୍ଥାପନ କଲେ, ସେତେବେଳେ ପିପିଲିଠାରୁ ପର୍ତ୍ତୁଗୀଜମାନଙ୍କ ଯୁଦ୍ଧ ଜାହାଜ ଇଂରେଜମାନଙ୍କ ପ୍ରଥମ "ଜଙ୍କ୍" (Junk) ଉପରେ ଆକ୍ରମଣ ଚଳାଇଲା ଏବଂ ୧୬୩୩ ଖ୍ରୀଷ୍ଟାବ୍ଦରେ ଓଡିଶା ଉପକୂଳରେ ଇଂରେଜମାନଙ୍କର ପରାଜୟ ଘଟିଥିଲା ।

ଏହି ଘଟଣାରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଇଂରେଜ ବଣିକ ରାଲଫ୍ କାର୍ଟରାଇଟ୍ ଓଡ଼ିଶା ଗଭର୍ଣ୍ଣରଙ୍କ ନିକଟରେ ପର୍ତ୍ତୁଗୀଜମାନଙ୍କ ଆକ୍ରମଣ ଓ ହସ୍ତକ୍ଷେପ ବିରୁଦ୍ଧରେ ଅଭିଯୋଗ ଉପସ୍ଥାପନ କରିଥିଲେ । ପର୍ତ୍ତୁଗୀଜମାନେ ମଧ୍ୟ ପ୍ରତିବାଦୀ ହିସାବରେ ନିଜ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ପୂର୍ବବର୍ଷ ଅର୍ଥାତ୍ ୧୬୩୩ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗୀଜମାନେ ମୋଗଲ କର୍ତ୍ତୃପକ୍ଷଙ୍କ ପ୍ରତି ଅସଦ୍ ବ୍ୟବହାର ପ୍ରଦର୍ଶନ କରିଥିବା କାରଣରୁ ମୋଗଲ ସମ୍ରାଟ ହୁଗୁଳିସ୍ଥିତ ପର୍ତ୍ତୁଗୀଜ ଉପନିବେଶକୁ ବରଖାସ୍ତ କରିଦେଇଥିଲେ । ଏହି

Digitized by PPRACHIN, SOA

ପରିସ୍ଥିତିରେ ମୋଗଲ ଗଭର୍ଣ୍ଣରଙ୍କ ନିକଟରେ ପର୍ତ୍ତୁଗୀଜ ଆକ୍ରମଣ ଅଭିଯୋଗ ଉପସ୍ଥାପିତ ହେବାରୁ ସେମାନଙ୍କ ଉପରେ ବିରକ୍ତିଭାବ ପୋଷଣ କରି ସେ ଇଂରେଜମାନଙ୍କ ସପକ୍ଷରେ ନିଷ୍ପତ୍ତି ଦେଇଥିଲେ ଏବଂ ଇଂରେଜମାନଙ୍କ କ୍ଷତି ନିମନ୍ତେ ଦାୟୀ ପର୍ତ୍ତୁଗୀଜ ଜାହାଜକୁ ବ୍ୟାଜ୍ୟାପ୍ତ କରିନେଲେ ।

ସେହିପରି ବାଲେଶ୍ୱର ଠାରେ ଉପନିବେଶ ସ୍ଥାପନ କରିଥିବା ଓଲନ୍ଦାଜମାନେ ବାଣିଜ୍ୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ସହ୍ୟ କରିପାରୁ ନ ଥିଲେ । କିଛିକାଳ ପାଇଁ ଇଂରେଜମାନଙ୍କ ସହିତ ସେମାନଙ୍କର ବିଦ୍ୱେଷ ମନୋଭାବ ବୃଦ୍ଧି ପାଇଲା ଏବଂ ଇଂରେଜମାନେ ଦଖଲ କରିଥିବା କେନ୍ଦ୍ରମାନଙ୍କରୁ ସେମାନଙ୍କୁ ତଡ଼ିବା ପାଇଁ ଓଲନ୍ଦାଜମାନେ ସମସ୍ତ ପ୍ରକାର ସାମ୍ଭାବ୍ୟ ଉଦ୍ୟମ ଅବ୍ୟାହତ ରଖିଲେ । ମାତ୍ର ସେମାନଙ୍କ ଉଦ୍ୟମ ସଫଳ ହୋଇପାରି ନ ଥିଲା ।

ତୃତୀୟତଃ ଆରକାନ ଜଳଦସ୍ୟୁମାନଙ୍କ ପକ୍ଷରୁ ମଧ୍ୟ ବହୁ ଅସୁବିଧା ସୃଷ୍ଟି ହୋଇଥିଲା । ସେମାନେ ବଙ୍ଗୋପସାଗରରେ ଲୁଣ୍ଠନ ଚଳାଇଲେ ଏବଂ ୧୬୩ ୀ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଉପକୂଳରେ ଇଂରେଜମାନଙ୍କ 'ଧ୍ୟାନ' ଜାହାଜ ଉପରେ ଆକ୍ରମଣ କରି ଉକ୍ତ ଜାହାଜରୁ ତିନିଜଣ ଲୋକଙ୍କୁ ମାରିପକାଇଥିଲେ । ସେମାନେ ଇଂରେଜମାନଙ୍କର ଏକ ପୋତ ବଳପୂର୍ବକ ପିପିଲିସ୍ଥ ନିଜ ଉପନିବେଶକୁ ନେଇ ଯାଇଥିଲେ ।

ଉପରୋକ୍ତ କାରଣମାନଙ୍କରୁ ଉପକୂଳରେ ଇଂରେଜମାନଙ୍କର ନୂତନ ଉପନିବେଶ ସ୍ଥାପନ କରିବାରେ ବାଧା ଦେଖା ଦେଇଥିଲା । ଜଗନ୍ନାଥ ପୁରୀ ଏବଂ ପିପିଲି ଠାରେ କେତେକ ଉପନିବେଶ ସ୍ଥାପନ କରିବା ପାଇଁ କାର୍ଟରାଇଟ୍ ଯୋଜନା କରିଥିଲେ । ସେହି ସମୟରେ ଏହିସବୁ ବାଧାବିଘ୍ନ ଦେଖା ଦେବାରୁ ସେ ନିସ୍ପୃହ ହୋଇପଡ଼ି ସେ ଦିଗରେ ନିଜ ଯୋଜନା କାର୍ଯ୍ୟକାରୀ କରିବା ବନ୍ଦ କରିଦେଲେ । ଏହିସବୁ ବିଦ୍ୱେଷମୂଳକ ପ୍ରତିବନ୍ଧକର ଅବସାନ ଘଟିଲା ପରେ ଇଂରେଜମାନେ ପରବର୍ତ୍ତୀକାଳରେ କେବଳ ପିପିଲି ଠାରେ ଆଉ ଗୋଟିଏ ବନ୍ଦର ସ୍ଥାପନ କରିଥିଲେ ।

ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ସମଗ୍ର କରମଣ୍ଡଳ ଉପକୂଳରେ ବାଲେଶ୍ୱର ଏକ ପ୍ରଧାନ ବାଣିଜ୍ୟ ବନ୍ଦରରୂପେ ସମୃଦ୍ଧି ପାଇଥିଲା । ପର୍ତ୍ତୁଗୀଜ, ଦିନେମାର, ଓଲନ୍ଦାଜ, ଇଂରେଜ ଏବଂ ଫରାସୀ ପ୍ରଭୃତି ବିଭିନ୍ନ ଇଉରୋପୀୟ ଶକ୍ତିମାନଙ୍କ ଦ୍ୱାରା ସ୍ଥାପିତ ବସତିମାନଙ୍କରୁ ଏହାର ଗୁରୁତ୍ୱ ଉପଲବ୍ଧି ହୋଇଥାଏ । ଏହିସବୁ ଶକ୍ତି ବାହାରକୁ ରପ୍ତାନୀ କରୁଥିବା ଆବଶ୍ୟକୀୟ ସାମଗ୍ରୀମାନ ଏଠାରୁ ଯୋଗାଉଥିଲା ଏବଂ ଇଉରୋପୀୟ ବଣିକମାନେ ବ୍ୟବହାର କରୁଥିବା ଜାହାଜମାନଙ୍କରୁ ଆମଦାନୀ ଦ୍ରବ୍ୟମାନ ରଖିବା କାର୍ଯ୍ୟ ମଧ୍ୟ ସମ୍ପାଦନ କରୁଥିଲା ।

ବାଲେଶ୍ୱର ଥିଲା ଏକ ବିରଟ ସହର । ଏହା ବରି ବେଲମ (ବଡ଼ ବଳଙ୍ଗ) ନଦୀ କଡ଼େ କଡ଼େ ଅବସ୍ଥିତ । ଏଠାରେ ସାଧାରଣତଃ ଆଠଫୁଟ ଉଚ୍ଚର ଜୁଆର ସୃଷ୍ଟି ହୁଏ

Digitized by PPRACHIN, SOA

ଏବଂ ନଙ୍ଗର ମଡ଼ିଥିବା ସ୍ଥାନକୁ ନୌକା ଗୁଡ଼ିକୁ ନେଇଯାଇପାରେ । ମାତ୍ର ବସନ୍ତ ଋତୁରେ ଜୁଆର ଆହୁରି ଉଚ୍ଚ ଥାଏ । ଏହି ନଦୀ ନୌଚଳାଚଳ ପାଇଁ ଉପଯୋଗୀ ଥିଲା ।

ଓଡ଼ିଶା ଥିଲା ଏକ ଚମତ୍କାର ତଥା ବିସ୍ତୃତ ପରିମାଣର ବସ୍ତ୍ର ଉତ୍ପାଦନକାରୀ ଅଞ୍ଚଳ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ବସ୍ତ୍ର ରପ୍ତାନୀର ଏକ ପ୍ରଧାନ କେନ୍ଦ୍ର ଥିଲା ବାଲେଶ୍ୱର । ବାଲେଶ୍ୱର ବନ୍ଦରରୁ ପ୍ରଧାନତଃ, ଯବକ୍ଷାର, ହଳଦୀ, କପାସୂତା, ମୋଟା ସିଲ୍କ ଥାନକନା, ଟିକିଲ୍, ଦୁସୁତି ବା ମୋଟା ଲୁଗା ପ୍ରଭୃତି ପ୍ରଧାନ ବାଣିଜ୍ୟ ଦ୍ରବ୍ୟମାନ ରପ୍ତାନୀ କରାଯାଉଥିଲା । ଏସବୁ ମଧ୍ୟରେ ଯବକ୍ଷାର ପ୍ରଧାନ । ରଙ୍ଗୀନ ସୂତାର ଡୋରିକଟା କପଡ଼ା ଓ Mallas (ମଲ୍‌ଜାତୀୟ ଏକ ପ୍ରକାର ବସ୍ତ୍ର) ମଧ୍ୟ ରପ୍ତାନୀ ପାଇଁ ସଂଗୃହୀତ ହେଉଥିଲା ।

କାର୍ପାସଜାତ ସାମଗ୍ରୀ ପାଇଁ ବାଲେଶ୍ୱର ଥିଲା ସୁପ୍ରସିଦ୍ଧ । ବିଶେଷ କରି ସୋରେ, ହରପୁର ଓ ମୋହନପୁରର ତନ୍ତୀମାନେ ବାଲେଶ୍ୱର ବଣିକମାନଙ୍କୁ ବସ୍ତ୍ର ଯୋଗାଉଥିଲେ ।

ଏହି ସ୍ଥାନରେ ଉତ୍ପାଦିତ ହେଉଥିବା ବିଭିନ୍ନ କିସମର ବସ୍ତ୍ର "ସହନା" ରୂପେ ପରିଚିତ ଥିଲା । ଜଗନ୍ନାଥରେ (ପୁରୀରେ) ଏହି ସାମଗ୍ରୀ ଗୁଡ଼ିକୁ "ଷ୍ଟଚେନ୍" ବୋଲି କୁହାଯାଉଥିଲା । ଏହା ଏକ ଉତ୍କୃଷ୍ଟ ଧରଣର ଧଳାଲୁଗା । ଏହା ବିଛଣା ଚଦର ପାଇଁ ଉପଯୋଗୀ ଥିଲା ।

ଓଡ଼ିଶାରେ ମିଳୁଥିବା ଏବଂ ବାଲେଶ୍ୱର ବନ୍ଦରକୁ ଅଣାଯାଉଥିବା ଆଉ ଏକ କିସମର ବସ୍ତ୍ର ଯାହା ଓଡ଼ିଶାରେ ମିଳୁଥିଲା ତାକୁ ଲୋକେ 'ହାମ୍ମାନ' ବୋଲି କହୁଥିଲେ । ଏହା ଲିନେନ୍ ଥିଲା ଏବଂ ଗାଧୁଆ ତଉଲିଆ ରୂପେ ବ୍ୟବହୃତ ହୋଇ ପାରୁଥିଲା । ଶୀତ ଦିନରେ ଏହାକୁ ଆଲୁଆନ ରୂପେ ମଧ୍ୟ ବ୍ୟବହାର କରାଯାଉଥିଲା । ଲିନେନ୍ ବସ୍ତ୍ରମାନ ବାଲେଶ୍ୱର ବନ୍ଦରରୁ ଭାରତର ବିଭିନ୍ନ ପ୍ରାନ୍ତ ତଥା ଅନ୍ୟାନ୍ୟ ଦେଶମାନଙ୍କୁ ରପ୍ତାନୀ ହେଉଥିବା ସମ୍ପର୍କରେ ଯଥେଷ୍ଟ ପ୍ରମାଣ ରହିଅଛି । ଏହି ବସ୍ତ୍ର ବହୁ ପରିମାଣରେ ପାଟନା ଏବଂ ସେଠାରୁ ଆଗ୍ରା ତଥା ଉତ୍ତର ଭାରତର ବିଭିନ୍ନ ଅଞ୍ଚଳକୁ ରପ୍ତାନୀ ହେଉଥିଲା । କୋରା ବା ଧଳା ଲୁଗାମାନ ଓଡ଼ିଶାରୁ ଜାପାନ ତଥା ଇଉରୋପର ବିଭିନ୍ନ ଦେଶକୁ ରପ୍ତାନୀ କରାଯାଉଥିଲା ।

ଏହି ସ୍ଥାନକୁ ଆମଦାନୀ କରାଯାଉଥିବା ପ୍ରଧାନ ପ୍ରଧାନ ସାମଗ୍ରୀ ହେଉଛି ଦସ୍ତା, ପାରଦ, ସିନ୍ଦୂର, ତମ୍ବା, ଫିଟିକିରି ଓ ଗନ୍ଧକ ।

ବାଲେଶ୍ୱର ପଥର ନିର୍ମିତ ବିଭିନ୍ନ ପାତ୍ର, ପଥର କପ୍, ତମ୍ବା ପାଇପ୍, ଦସ୍ତା, ଶିଙ୍ଗ, ଚିନି, ମହୁ, ଲାଖ, ଗୁଡ଼ଙ୍କ ଓ ଅନ୍ୟାନ୍ୟ ଶସ୍ୟ, ହଳଦୀ, ଅଦା, ଚନ୍ଦନାକାଠ, ପିପ୍ପଳି, ମରିଚ (Short Pepper), ଧୂଆଁପତ୍ର, ପାନ, ପିତଳ ଥାଳି ଓ ଅନ୍ୟାନ୍ୟ ବହୁ କିସମ ସାମଗ୍ରୀର ବାଣିଜ୍ୟ ବଜାର ଥିଲା ।

Digitized by PPRACHIN, SOA

ମୋଗଲ ସରକାର ଏହି ବିରାଟ ବାଣିଜ୍ୟ କେନ୍ଦ୍ରରୁ ଉଲ୍ଲେଖନୀୟ ପରିମାଣର ଆୟ ଲାଭ କରୁଥିଲେ । ଲୁହା, ଘିଅ, ଚିନି, ଗୁଆ ଓ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ ଉପରେ ଶୁଳ୍କ ଆକାରରେ ଏସବୁ ଆଦାୟ ହେଉଥିଲା । କୁହାଯାଇଛି ଯେ ଆମଦାନୀ ଏବଂ ରପ୍ତାନୀ ଉଭୟ ସମୟରେ ଲୁହା ଉପରେ ମହଣ ପିଛା ୧ ଟଙ୍କା ୧୫ ଅଣା ୩ ପାହୁଲା ଶୁଳ୍କ ଧାର୍ଯ୍ୟ କରାଯାଉଥିଲା । ଗୁଆ ଉପରେ ଆମଦାନୀ ଓ ରପ୍ତାନୀ ଉଭୟ ସମୟରେ ଶହପିଛା ୧ ଟଙ୍କା ୧୫ ଅଣା ୩ ପାହୁଲା ଧାର୍ଯ୍ୟ ହେଉଥିଲା । ତମ୍ବା, ଗୋଲମରିଚ ଓ ଶଙ୍ଖ ସକାଶେ ଆମଦାନୀ ଓ ରପ୍ତାନୀ ଉପରେ ଶତକଡ଼ା ୨ ଭାଗ ଶୁଳ୍କ ବସୁଥିଲା । ଚିନି ଉପରେ ଦୁଇବସ୍ତା ବୋଝେଇ ଏକ ବଳଦଗାଡ଼ି ପିଛା ୪ ଅଣା ଧାର୍ଯ୍ୟ କରାଯାଉଥିଲା ।

ମହୁ ଓ ଲାଖ ରପ୍ତାନୀ ତଥା ଆମଦାନୀ ସକାଶେ ଶତକଡ଼ା ୨ ଭାଗ ଶୁଳ୍କ ଆଦାୟ କରାଯାଉଥିଲା । ଆମଦାନୀ ହେଉଥିବା ଗୁଡ଼ଳ ବା ଶସ୍ୟ ସକାଶେ ୨ ସେର ୮ ଛଟାଙ୍କି ଶୁଳ୍କ ପଡ଼ୁଥିଲା । ରପ୍ତାନୀ ଗୁଡ଼ଳ ଓ ଶସ୍ୟ ଉପରେ ଟଙ୍କା ପ୍ରତି ୧ ସେର ୪ ଛଟାଙ୍କି ଦିଆଯାଉଥିଲା । ହଳଦୀ, ଅଦା, ଚନ୍ଦନ କାଠ, ପିପ୍ପଳି, ଲଙ୍କାମରିଚ, ମରିଚ (Short Pepper) ଓ ଅଖା ଉପରେ ଶତକଡ଼ା ଦୁଇଭାଗ ଶୁଳ୍କ ଧାର୍ଯ୍ୟ ହେଉଥିଲା । ଆମଦାନୀ ହେଉଥିବା ଧୂଆଁପତ୍ର ଉପରେ ଶତକଡ଼ା ଦୁଇଭାଗ ଏବଂ ରପ୍ତାନୀ ସମୟରେ ପ୍ରତି ବଳଦଗାଡ଼ି ପିଛା ଶତକଡ଼ା ଦୁଇଭାଗ ଓ ଦୁଇପଣ କଉଡ଼ି ଧାର୍ଯ୍ୟ କରାଯାଉଥିଲା । ପିତଳ ଥାଳି ଉପରେ ଆମଦାନୀ ଓ ରପ୍ତାନୀ ଉଭୟ ପାଇଁ ମହଣ ପିଛା ୮ ଅଣା ଶୁଳ୍କ ବସା ଯାଉଥିଲା । ଏତଦ୍‌ବ୍ୟତୀତ ଏହି ବୃହତ୍ ବଜାରରେ ଓଜନକାରୀ ବ୍ୟକ୍ତି ନିଜର ଅଂଶ ପାଉଥିଲା । ସେ (ତୁଳଦାରୀ) ଏହି ବଜାରରେ ଓଜନ ହେଉଥିବା ସମସ୍ତ ଗୁଡ଼ଳ ଉପରେ ଧାର୍ଯ୍ୟ ଶୁଳ୍କରେ ଟଙ୍କା ପ୍ରତି ଏକ ସେର ୪ ଛଟାଙ୍କି ପାଉଣା ପାଉଥିଲା ।

ଉପର ବର୍ଣ୍ଣନାରୁ ପରିଲକ୍ଷିତ ହୁଏ ଯେ କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ସରକାରୀ ନିର୍ଦ୍ଧାରିତ ଶୁଳ୍କ ପରିମାଣ ଅଧିକ ଥିଲା । ତେବେ ବିଭିନ୍ନ ସାମଗ୍ରୀର ମୂଲ୍ୟ ଏତେ କମ୍ ଥିଲା ଯେ ଇଉରୋପୀୟ ବଣିକମାନେ ଏହି ବଜାର ବ୍ୟବସାୟରୁ ଯଥେଷ୍ଟ ଲାଭ ପାଉଥିଲେ ଏବଂ ସରକାରଙ୍କ ପକ୍ଷରୁ ଯେତେ ପରିମାଣରେ ଶୁଳ୍କ ଧାର୍ଯ୍ୟ କରାଗଲେ ମଧ୍ୟ ବାଲେଶ୍ୱର ଏକ ଲାଭଜନକ ବଜାରରୂପେ ପରିଗଣିତ ହେଉଥିଲା । ଅବଶ୍ୟ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଉତ୍ପାଦନ ବା ତିଆରି ସ୍ଥାନରେ ସାମଗ୍ରୀମାନ ଅତି ଶସ୍ତା ମୂଲ୍ୟରେ ମିଳୁଥିଲା । ଉଦାହରଣ ସ୍ୱରୂପ ବାଲେଶ୍ୱର ଅପେକ୍ଷା କଟକ ବଜାରରେ ସାମଗ୍ରୀମାନ ଶତକଡ଼ା ୬୦ ଭାଗ ଶସ୍ତାରେ ବିକ୍ରି ହେଉଥିଲା । ତଥାପି ଇଉରୋପୀୟ ବଣିକମାନଙ୍କ ପକ୍ଷରେ ସେମାନଙ୍କ ଜାହାଜ ପହଞ୍ଚି ପାରୁଥିବା ସ୍ଥାନ ବ୍ୟତୀତ ଅନ୍ୟତ୍ର ବେପାର ଚଳାଇବା ଲାଭଜନକ ନ ଥିଲା । ଏହାର କାରଣ ହେଉଛି ଆଭ୍ୟନ୍ତରୀଣ ବଜାର ସାମଗ୍ରୀମାନ

Digitized by PPRACHIN, SOA

ରାସ୍ତା ଥିବା ସତ୍ତ୍ୱେ ରାସ୍ତାକଡ଼ସ୍ଥିତ ଶୁଳ୍କ ତଥା ଅବକାରୀ କାର୍ଯ୍ୟାଳୟ ଗୁଡ଼ିକ ବିଭିନ୍ନ ଶୁଳ୍କ ବସାଇ ସାମଗ୍ରୀ ଗୁଡ଼ିକୁ ଅତି ମହଙ୍ଗା କରି ପକାଉଥିଲେ । ପୁନଶ୍ଚ ପ୍ରତି ଚାରି ମାଇଲରେ ସରକାରୀ ଅଫିସରମାନେ ମଧ୍ୟ ଟିକସ ଆଦାୟ କରୁଥିଲେ । ଏପରିକି ଛୋଟ ଜମିଦାର-ମାନେ ମଧ୍ୟ ସେମାନଙ୍କ ଇଲାକା ମଧ୍ୟ ରାସ୍ତାରୁ ପ୍ରାପ୍ୟ ଆଦାୟ ନିମନ୍ତେ ନିଜ ନିଜର ଲୋକମାନଙ୍କୁ ନିଯୁକ୍ତ କରିଥିଲେ । ରାସ୍ତାରେ ବିଭିନ୍ନ ଶୁଳ୍କ ଦେଇ ନିଆଯାଉଥିବା ସାମଗ୍ରୀର ମୂଲ୍ୟ ଉତ୍ପାଦନ ସ୍ଥାନର ମୂଲ୍ୟ ଅପେକ୍ଷା ବହୁଗୁଣିତ ହୋଇ ପଡ଼ୁଥିଲା । ହିସାବ କରି ଦେଖାଯାଇଛି ଯେ ୧୭୦୮ ମସିହାରେ କଟକରୁ ବାଲେଶ୍ୱର ପର୍ଯ୍ୟନ୍ତ ୧୦୩ ମାଇଲ ରାସ୍ତା ଅତିକ୍ରମ କରିବା ପାଇଁ ଯେଉଁ ଶୁଳ୍କ ଦିଆଯାଉଥିଲା ତାହାର ପରିମାଣ ସାମଗ୍ରୀର ମୋଟ ମୂଲ୍ୟର ଶତକଡ଼ା ୨୩୨ ଭାଗ ହୋଇ ପଡ଼ୁଥିଲା । ପୁନଶ୍ଚ ଇଉରୋପୀୟ ବଣିକମାନଙ୍କ ପକ୍ଷରେ କଟକ ଠାରୁ ଦୂରକୁ ଅର୍ଥାତ୍ ଓଡ଼ିଶାର ଦକ୍ଷିଣାଞ୍ଚଳକୁ ଯାଇ ସାମଗ୍ରୀ ସଂଗ୍ରହ କରିବା ମଧ୍ୟ ସୁବିଧାଜନକ ନ ଥିଲା । କାରଣ ଦକ୍ଷିଣାଞ୍ଚଳରେ ଏତେ ପରିମାଣରେ ବଳପୂର୍ବକ ତଥା ଭୟ ପ୍ରଦର୍ଶନପୂର୍ବକ ଶୁଳ୍କ ଆଦାୟ କରଯାଉଥିଲା ଯେ ଲାଭ ସକାଶେ ଆଭ୍ୟନ୍ତରୀଣ ଅଞ୍ଚଳରେ ବଣିଜ କରିବା ପାଇଁ ସଡ଼କ ପଥରେ ଯିବା ଅସମ୍ଭବ ଥିଲା । ତେଣୁ ଓଡ଼ିଶା ଉପକୂଳରେ ବାଲେଶ୍ୱର ସର୍ବୋତ୍କୃଷ୍ଟ ବନ୍ଦରରୂପେ ପରିଗଣିତ ହୋଇଥିଲା ଏବଂ ସପ୍ତଦଶ ଶତାବ୍ଦୀରେ ସମଗ୍ର ଓଡ଼ିଶାରେ ବାଲେଶ୍ୱର ବନ୍ଦରର ଏକଚାଟିଆ ବାଣିଜ୍ୟ କାରବାର ଅବ୍ୟାହତ ରହିଥିଲା ।

ବାଣିଜ୍ୟ କାରବାରର ବିକାଶ, ପ୍ରଧାନ ପ୍ରଧାନ ସାମଗ୍ରୀର ପ୍ରାପ୍ତି, ସାମୁଦ୍ରିକ ବେଳାଭୂମିର ଉପସ୍ଥିତି, ଓଡ଼ିଶା ଉପକୂଳରେ ଆର୍‌କାନ ଜଳଦସ୍ୟୁମାନଙ୍କ ଦ୍ୱାରା ଅନୁସୃତ ଦସ୍ୟୁବୃତ୍ତି ଓ ବନ୍ଦରରେ କୌଣସି ବିଦେଶୀ ଶକ୍ତିକୁ ପ୍ରତିରୋଧ କରିବା ନିମନ୍ତେ ଯଥେଷ୍ଟ ନୌସମ୍ବଳର ଆବଶ୍ୟକତା ଏବଂ ବାଲେଶ୍ୱର ଠାରୁ ଚଳାଚଳ କରିବା ପାଇଁ ବହୁସଂଖ୍ୟକ ଜାହାଜର ଚାହିଦା—ଏହିସବୁ କାରଣ ଏଠାରେ ଏକ ଜାହାଜ ନିର୍ମାଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୋଗଲ ସରକାରଙ୍କୁ ପ୍ରୋତ୍ସାହିତ କରିଥିଲା । ହରିଶପୁର ବନ୍ଦର ଠାରେ ବସବାସ କରୁଥିବା କୁଶଳୀ କାରିଗର ଓ କମାରମାନଙ୍କୁ ଏହି ଜାହାଜ ତିଆରି କେନ୍ଦ୍ରରେ ଯୋଗଦେବାକୁ କୁହାଯାଇଥିଲା । ବାଲେଶ୍ୱର ଠାରେ ଜାହାଜ ନିର୍ମାଣ କାର୍ଯ୍ୟ କେବଳ ଯେ ଆର୍‌କାନ ଜଳଦସ୍ୟୁମାନଙ୍କୁ ଦମନ କରିବାରେ ସାହାଯ୍ୟ କଲା ତାହା ନୁହେଁ. ଅଧିକନ୍ତୁ ଏଠାରେ ବାଣିଜ୍ୟ କାରବାର କ୍ଷେତ୍ରରେ ମଧ୍ୟ ବୃଦ୍ଧି ଘଟିଲା । କାରଣ ମୋଗଲ ସରକାରଙ୍କ ପକ୍ଷରୁ ଓଡ଼ିଶାରୁ ଅନ୍ୟାନ୍ୟ ସ୍ଥାନକୁ ପ୍ରେରିତ ସାମଗ୍ରୀମାନ ବେଳେ ବେଳେ ବାଲେଶ୍ୱର ବନ୍ଦର ବାଟେ ପଠା ଯାଉଥିଲା ଏବଂ ଓଡ଼ିଶାରେ ବ୍ୟବହୃତ ସାମଗ୍ରୀମାନ ଭାରତର କେତେକ ନିର୍ଦ୍ଦିଷ୍ଟ ସ୍ଥାନରୁ ଏହି ବନ୍ଦର ଦେଇ ଅଣାଯାଇ ଆଭ୍ୟନ୍ତରୀଣ ଅଞ୍ଚଳକୁ ପଠାଯାଉଥିଲା ।

Digitized by PPRACHIN, SOA

ବାଲେଶ୍ୱରରେ ଇଂରେଜମାନଙ୍କ କାର୍ଯ୍ୟକଳାପ

ଇଂରେଜମାନଙ୍କ ବାଣିଜ୍ୟକୋଠି ନୂଆ ସହରର ପ୍ରଧାନ ଅଞ୍ଚଳରେ ନିର୍ମିତ ହୋଇଥିଲା । ନଦୀ ଉପରେ ଏହାର ଆଧିପତ୍ୟ ରହିଥିଲା ଏବଂ ନିକଟବର୍ତ୍ତୀ ସ୍ଥାନୀୟ ଅଞ୍ଚଳର ମାର୍କେଟ ଗୁଡ଼ିକୁ ଏହାର ପ୍ରବେଶ ମଧ୍ୟ ସହଜସାଧ୍ୟ ଥିଲା । ଆଠବର୍ଷ ମଧ୍ୟରେ ଏହାର ଦ୍ରୁତ ବିକାଶ ଘଟିଥିଲା । ନଦୀ ମୁହାଣ ଚୌଡ଼ା କରଯାଇ ସେଥିରେ ଥିବା ପ୍ରତିବନ୍ଧକ ଦୂର କରଯାଇଥିଲା । ଫଳତଃ ଆଗ ଅପେକ୍ଷା ନଦୀରେ ବାଣିଜ୍ୟ କାରବାର ଚଳାଇବା ଅଧିକ ଅନୁକୂଳ ହୋଇ ପାରିଥିଲା । ସଡ଼କ ପ୍ରତିବନ୍ଧକ-ବିହୀନ ଓ ନିରାପଦ ହେଲା । ତେଣୁ ହରିହରପୁର ବା ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଅଞ୍ଚଳରୁ ଏଠାକୁ ସହଜରେ ବସ୍ତ୍ର ଅଣାଯାଇ ପାରୁଥିଲା ।

ବାଲେଶ୍ୱର ଠାରେ ଉପନିବେଶ ସ୍ଥାପନକାରୀ ସମସ୍ତ ଇଉରୋପୀୟ ଶକ୍ତିମାନଙ୍କ ମଧ୍ୟରେ ଇଂରେଜମାନେ ଅଧିକ ସମୃଦ୍ଧିଶାଳୀ ଥିଲେ । ଅନ୍ୟାନ୍ୟ ଶକ୍ତିମାନଙ୍କ ତୁଳନାରେ ଶତ୍ରୁ ଆକ୍ରମଣ ବିରୁଦ୍ଧରେ ସେମାନେ ନିଜ କୋଠିର ନିରାପତ୍ତା ପାଇଁ ଯଥେଷ୍ଟ ପଦକ୍ଷେପ ନେଇ ନିଜର ସ୍ଥିତି ସୁଦୃଢ଼ କରିପାରିଥିଲେ । ସେମାନଙ୍କ ବାଣିଜ୍ୟ କୋଠିଗୁଡ଼ିକ ଏକ ପାର୍ଶ୍ୱରେ ନଦୀ ଏବଂ ଅନ୍ୟ ତିନି ଦିଗରେ ଗଭୀର ପରିଖାମାନଙ୍କ ଦ୍ୱାରା ପ୍ରତିରକ୍ଷିତ ହୋଇଥିଲା । କାରଖାନାର ପ୍ରାଚୀରମାନଙ୍କରେ ତୋପ ଖଞ୍ଜା ଯାଇଥିଲା । ଶତ୍ରୁ ଆକ୍ରମଣର ମୁକାବିଲା ପାଇଁ ନଦୀବକ୍ଷରେ ସୈନ୍ୟବାହିନୀ ସଜାଗ ରହିଥିଲେ । ଇଂରେଜ ପଣ୍ୟ ଜାହାଜମାନଙ୍କରେ କମାଣ ଖଞ୍ଜା ଯାଇଥିଲା ଏବଂ ବାଲେଶ୍ୱର ରାସ୍ତାଗୁଡ଼ିକର ଷୋହଳ ମାଇଲ ବ୍ୟାପୀ ଅଞ୍ଚଳରେ ସେମାନେ ଆଧିପତ୍ୟ ବିସ୍ତାର କରି ରହିଥିଲେ ।

ବାଣିଜ୍ୟ କୋଠିର କୋଠାଗୁଡ଼ିକ ଅନିୟମିତ ଓ ବିଶୃଙ୍ଖଳ ଭିତ୍ତି ଉପରେ ସ୍ଥାପିତ ହୋଇଥିଲେ ମଧ୍ୟ ଖୁବ୍ ବିସ୍ତୃତ ଥିଲା । ଏ ଭିତରେ ଉତ୍ତମ ପ୍ରକୋଷ୍ଠମାନ ରହିଥିଲା ।

ସାମୁଦ୍ରିକ ବାଣିଜ୍ୟ ନିମନ୍ତେ ବାଲେଶ୍ୱର ଥିଲା ଇଂରେଜମାନଙ୍କ ପାଇଁ ଏକ ବୃହତ ସହର । ଇଂରେଜ ଦଲାଲମାନେ ଆଭ୍ୟନ୍ତରୀଣ ଅଞ୍ଚଳର ତନ୍ତୀମାନଙ୍କୁ କମ୍ପାନୀ ସୁରକ୍ଷା ସୈନ୍ୟବାହିନୀ ଅଧୀନରେ ଏକ ବଡ଼ ଗାଁରେ ରହିବା ପାଇଁ ପ୍ରବର୍ତ୍ତାଇ ଥିଲେ । ପରିଣାମ ସ୍ୱରୂପ ବିଭିନ୍ନ ସ୍ଥାନରେ ରହୁଥିବା ବୁଣାକାରମାନେ ନିଜନିଜର ବସତି ଛାଡ଼ି କ୍ରମଶଃ ଗଢ଼ି ଉଠୁଥିବା ନୂତନ ଶିଳ୍ପକେନ୍ଦ୍ରରେ ବସବାସ କରି ରହିଲେ । ଇଂରେଜମାନଙ୍କ ପୃଷ୍ଠପୋଷକତା ଓ ପ୍ରୋତ୍ସାହନରେ ଭାଗ୍ୟହୀନ ଅବହେଳିତ ତନ୍ତୀମାନେ ନିୟମିତ ଭାବରେ ଏଠାକୁ ଆସିବାକୁ ଲାଗିଲେ । ଇଂରେଜ କମାଣବାହିନୀ ଅଧୀନସ୍ଥ ଅଞ୍ଚଳରେ ବସବାସ

Digitized by PPRACHIN, SOA

କରିବା ନିମନ୍ତେ ହଜାର ହଜାର ବୁଣାକାର ପରିବାର ବାଲେଶ୍ୱରରେ ଆସି ପହଞ୍ଚି ଯାଇଥିଲେ ।

ଇଂରେଜ ବଣିକମାନେ ନୂଆ ଶିଳ୍ପକେନ୍ଦ୍ରରେ ବା ଉକ୍ତ ଅଞ୍ଚଳର ଅନ୍ୟ କୌଣସି ସ୍ଥାନରେ ରହୁଥିବା କାରିଗର ବା ତନ୍ତୀମାନଙ୍କୁ ଇଂରେଜୀ ରୌପ୍ୟମୁଦ୍ରାରେ ଅଗ୍ରୀମ ଦେଉଥିଲେ ଏବଂ ସେମାନଙ୍କ ଠାରୁ ଇଚ୍ଛାମୁତାବକ ସାମଗ୍ରୀ ସଂଗ୍ରହ କରୁଥିଲେ । ଏଥିରୁ ଅଧିକ ଲାଭ ମିଳୁଥିଲା । ବାସ୍ତବ ପକ୍ଷରେ ଇଂରେଜମାନଙ୍କ କୋଠି ତନ୍ତୀ, କାରିଗର ଏବଂ ଇଂରେଜ ବଣିକମାନଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ଲୋକମାନଙ୍କ ପାଇଁ ଥିଲା ପ୍ରୋତ୍ସାହନର ଏକ ଉତ୍ସ ସଦୃଶ । ଇଂରେଜ କୋଠି ଗୁଡ଼ିକ ଚତୁଃପାର୍ଶ୍ୱରେ ଶିଳ୍ପ ଓ ବାଣିଜ୍ୟ ସମୃଦ୍ଧିଲାଭ କରିଥିଲା । ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କ୍ଷୁଦ୍ର କ୍ଷୁଦ୍ର ଉତ୍ପାଦାନ-ବସତି ଗଢ଼ି-ଉଠିଥିଲା । ଫଳତଃ ୧୬୬୪ ରୁ ୧୭୦୩ ମସିହା ପର୍ଯ୍ୟନ୍ତ ଇଂରେଜ ବାଣିଜ୍ୟ କ୍ଷେତ୍ରରେ ଶ୍ରୀବୃଦ୍ଧି ସାଧିତ ହୋଇଥିଲା ।

ବାଲେଶ୍ୱର ଇଂରେଜମାନଙ୍କ ନିମନ୍ତେ ଥିଲା ଏକ ଚମତ୍କାର ପୋତାଶ୍ରୟ ସ୍ଥଳ ଯେଉଁଠାରେ କି ଜାହାଜମାନଙ୍କରୁ ମାଲ ଖଲାସ ଓ ବୋଝେଇ କରଯାଉଥିଲା । ସାଧାରଣତଃ ଅନ୍ୟ ସ୍ଥାନମାନଙ୍କରୁ ବୋଝେଇ ଜାହାଜ ଗୁଡ଼ିକ ମାଲସହ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ବାଲେଶ୍ୱର ବନ୍ଦରକୁ ଆସୁଥିଲା ଏବଂ ଏଠାରେ ପଣ୍ୟଦ୍ରବ୍ୟ ଖଲାସ କରଯାଉଥିଲା । ଆଗରୁ ଅଗ୍ରୀମ ଦେଇ ଯେଉଁ ସାମଗ୍ରୀ ଗୁଡ଼ିକୁ ଚତୁଃପାର୍ଶ୍ୱସ୍ଥ ଅଞ୍ଚଳ-ମାନଙ୍କରୁ ସଂଗ୍ରହ କରଯାଇ ଏକତ୍ର କରହେଉଥିଲା ସେସବୁକୁ ଡିସେମ୍ବର ମାସରେ ନିଜ ନିଜର ଗନ୍ତବ୍ୟ ସ୍ଥାନକୁ ଯିବା ନିମନ୍ତେ ଜାହାଜରେ ବୋଝେଇ କରଯାଉଥିଲା ।

ଏତଦ୍ ବ୍ୟତୀତ, ବାଲେଶ୍ୱର ବନ୍ଦରରୁ ଡାକ ବାଣିଜ୍ୟ (Postal trade)ର ମଧ୍ୟ ବିକାଶ ସାଧିତ ହୋଇଥିଲା । ବାଲେଶ୍ୱରରୁ ଜାହାଜ ଗୁଡ଼ିକ ହୁଗୁଳି, ମସୁଲିପଟମ ଓ ମାନ୍ଦ୍ରାଜକୁ ଯାଉଥିଲା ।

ଇଂରେଜ ବାଣିଜ୍ୟ ବାଲେଶ୍ୱରଠାରେ ମୁଖ୍ୟତଃ ନିମ୍ନଲିଖିତ କାରଣମାନଙ୍କ ଯୋଗୁଁ ଆହୁରି ଅଧିକ ଭାବରେ ସମୃଦ୍ଧିଲାଭ କରିଥିଲା । ପ୍ରଥମତଃ, ହରିହରପୁରଠାରେ ସ୍ଥାପିତ ଇଂରେଜ ବାଣିଜ୍ୟକୋଠିର ଗୁରୁତ୍ୱ ହ୍ରାସ ପାଇଥିଲା । କାରଣ ଜାହାଜ ଗୁଡ଼ିକ ନଙ୍ଗର ପକାଉଥିବା ନଦୀରେ କ୍ରମଶଃ ପଟୁ ଜମା ହୋଇଗଲା । ଫଳତଃ ଏହି ନଦୀରେ କୌଣସି ଜାହାଜ ପ୍ରବେଶ ନିରାପଦ ହେଲା ନାହିଁ । ତେଣୁ ପଟୁ ଜମା ହୋଇଥିବା ନଦୀ ମଧ୍ୟଦେଇ ପଣ୍ୟଦ୍ରବ୍ୟ ପଠାଇବା ସହଜସାଧ୍ୟ ହୋଇପାରିଲା ନାହିଁ । ଏହି ପରିପ୍ରେକ୍ଷୀରେ ଇଂରେଜ ବାଣିଜ୍ୟ କାରବାର ବାଲେଶ୍ୱର ବନ୍ଦରରେ କେନ୍ଦ୍ରୀଭୂତ ହେବା ବ୍ୟତୀତ ଅନ୍ୟ ଉପାୟ ନଥିଲା । ଏଠାରେ ଇଂରେଜ ବାଣିଜ୍ୟ ଦ୍ରୁତ ଭାବରେ ସମୃଦ୍ଧ ହେବାକୁ ଲାଗିଲା ।

Digitized by PPRACHIN, SOA

ଦ୍ୱିତୀୟତଃ, ପିପିଲିସ୍ଥ ଇଂରେଜ କୋଠି ସୁଗ୍ୱରୂପେ କାର୍ଯ୍ୟ କରିପାରିଲା ନାହିଁ । ସୁବର୍ଣ୍ଣରେଖା ନଦୀରେ ପଟୁ ଜମାହୋଇ ପଡ଼ିବାରୁ ସେଠିକା ଇଂରେଜ ବ୍ୟବସାୟ କର୍ମକର୍ତ୍ତାମାନଙ୍କ କୋଠି ବାଲେଶ୍ୱରକୁ ସ୍ଥାନାନ୍ତରିତ କରିବାର ଆବଶ୍ୟକତା ଆସିଲା । ଫଳରେ ବାଲେଶ୍ୱର ବନ୍ଦରଠାରେ ଇଂରେଜ ବାଣିଜ୍ୟ କାରବାର ଆହୁରି ଅଧିକ ପରିମାଣରେ ବୃଦ୍ଧି ପାଇଥିଲା ।

ତୃତୀୟତଃ, ସୁବର୍ଣ୍ଣରେଖା ନଦୀଶଯ୍ୟାରେ ପଟୁ ଜମା ହୋଇଯିବା ଫଳରେ କିଛିକାଳ ପାଇଁ ଇଂରେଜ ବାଣିଜ୍ୟର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଥିବା ପର୍ତ୍ତୁଗୀଜମାନଙ୍କ ବାଣିଜ୍ୟ କାରବାର ନିଶ୍ଚିତ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ପିପିଲି ଠାରେ ପର୍ତ୍ତୁଗୀଜ ବ୍ୟବସାୟ ହ୍ରାସ ହେବାରୁ ପର୍ତ୍ତୁଗୀଜ ବଣିକମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଯୋଗାଉଥିବା ତନ୍ତୀ ବା ଅନ୍ୟ କାରିଗରମାନେ ବାଲେଶ୍ୱର ବନ୍ଦର ପ୍ରତି ଦୃଷ୍ଟି ନିକ୍ଷେପ କରିଥିଲେ ଏବଂ ଇଂରେଜ ବଣିକମାନେ ପରିସ୍ଥିତିର ସୁଯୋଗ ନେଇ ସେମାନଙ୍କୁ କାର୍ଯ୍ୟରେ ଲଗାଇ ନିଜର କର୍ତ୍ତୃତ୍ୱ ବିସ୍ତାରିତ କରିଥିଲେ ।

ପୁନଶ୍ଚ, ପର୍ତ୍ତୁଗୀଜମାନେ ମୋଗଲମାନଙ୍କ ଦୃଷ୍ଟିରେ ଅପଖ୍ୟାତି ଅର୍ଜନ କରିଥିବାରୁ ୧୬୩୬ ଖ୍ରୀଷ୍ଟାବ୍ଦରୁ ସେମାନଙ୍କୁ ହିଜ୍‌ଲି ଠାରୁ ବହିଷ୍କାର କରଯାଇଥିଲା । ଏହି ପରିସ୍ଥିତି-ଜନିତ ବାଣିଜ୍ୟିକ ଶୂନ୍ୟସ୍ଥାନ ପରୋକ୍ଷ ଭାବରେ ବାଲେଶ୍ୱର ଠାରେ ଇଂରେଜମାନଙ୍କୁ ସହାୟକ ହୋଇ ସେମାନଙ୍କ ବାଣିଜ୍ୟ ବ୍ୟବସାୟ ବୃଦ୍ଧିରେ ସାହାଯ୍ୟ କରିଥିଲା ।

ଚତୁର୍ଥତଃ, ହୁଗୁଳି ନଦୀ କୂଳରେ ଇଂରେଜମାନଙ୍କର ବାଣିଜ୍ୟ କୋଠି ରହିଥିଲେ ହେଁ ଏହାର କୌଣସି ଗୁରୁତ୍ୱ ବା ମହତ୍ତ୍ୱ ନ ଥିଲା ଏବଂ ବାଲେଶ୍ୱର ପ୍ରାଧାନ୍ୟକୁ ଅତିକ୍ରମ ବା ପ୍ରତିଦ୍ୱନ୍ଦ୍ୱିତା କଲାଭଳି ଅନୁକୂଳ ସ୍ଥାନରୂପେ ବିବେଚିତ ହେଉ ନ ଥିଲା । ଏହି ସ୍ଥାନର ମହତ୍ତ୍ୱ ନ ଥିବା ସମ୍ପର୍କରେ କୁହାଯାଇପାରେ ଯେ ବଙ୍ଗଳାସ୍ଥିତ ମୋଗଲ ଅଫିସରମାନଙ୍କ ଟିକସ ନିର୍ଦ୍ଧାରଣ, ଟିକସ ଆଦାୟ ଓ ପରିବହନ ଶୁଳ୍କ ନୀତି ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ କରୁଥିଲା । ଏତଦ୍ ବ୍ୟତୀତ ସେମାନଙ୍କ ପକ୍ଷରୁ ପ୍ରତିବନ୍ଧକ ଦୂର କରିବା ନିମନ୍ତେ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଲାଞ୍ଚଦେବା ଏବଂ ବେଳେ ବେଳେ ବହୁ ମୂଲ୍ୟର ବନ୍ଧୁକ ତଥା ଘୋଡ଼ା ଉପହାର ଦେବା ଏକ ସାଧାରଣ ଘଟଣାରେ ପରିଣତ ହୋଇଥିଲା । ବଙ୍ଗଳାରେ ଏହିପରି ଶୋଷଣ ଓ ବଳପୂର୍ବକ ଶୁଳ୍କ ଆଦାୟ ଚରମ ସୀମାରେ ଉପନୀତ ହୋଇଥିବା ବେଳେ ଓଡ଼ିଶାର ଉପନିବେଶଗୁଡ଼ିକ ଏସବୁ ପ୍ରକାର ଜବରଦସ୍ତ ଆଦାୟରୁ ମୁକ୍ତ ଥିଲା । ତେଣୁ ଅନ୍ତତଃପକ୍ଷେ ୧୬୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ବାଲେଶ୍ୱର ଇଂରେଜ ଜାହାଜଗୁଡ଼ିକ ପାଇଁ ଏକମାତ୍ର ଲାଭଜନକ ବନ୍ଦରରୂପେ ବିବେଚିତ ହେଉଥିଲା ।

Digitized by PPRACHIN, SOA

ହୁଗୁଳି ଅପେକ୍ଷା ବାଲେଶ୍ୱରର ସୁବିଧା ସମ୍ପର୍କରେ ଆଉ ଏକ କାରଣ ଏହି ଯେ ଗଙ୍ଗାନଦୀର ମୁହାଣ ଦେଇ ହୁଗୁଳିକୁ ଯାତାୟାତ ଥିଲା ବିପଦସଙ୍କୁଳ। ତେଣୁ ଇଂରେଜମାନେ ହୁଗୁଳିସ୍ଥିତ ନିଜ ବାଣିଜ୍ୟ କୋଠି ଉପରେ ସେତେ ଗୁରୁତ୍ୱ ଆରୋପ କରୁ ନ ଥିଲେ।

ପରିଶେଷରେ ବାଲେଶ୍ୱରଠାରେ ମୋଗଲ ଗଭର୍ଣ୍ଣର ତଥା ମୋଗଲ ସମ୍ରାଟଙ୍କ ଠାରୁ ଇଂରେଜମାନେ ଯେଉଁ ସୁବିଧା ସୁଯୋଗ ପାଉଥିଲେ ସେତେବେଳେ ତାହା ସେମାନଙ୍କ ବାଣିଜ୍ୟ ତଥା ଲାଭ ସକାଶେ ଥିଲା ଆଉ ଏକ ଆକର୍ଷଣ । ଇଂରେଜମାନେ ୧୬୭୨ ଖ୍ରୀଷ୍ଟାବ୍ଦରେ ଜନ୍ ସ୍ମିଥ୍‌ଙ୍କ ମାଧ୍ୟମରେ ଶାୟସ୍ତା ଖାଁଙ୍କ ଠାରୁ ଦୁଇଟି ପରଓ୍ୱାନା ଲାଭ କରିଥିଲେ। ସେଥିମଧ୍ୟରୁ ଗୋଟିଏ ଅବାଧ ବାଣିଜ୍ୟ ଏବଂ ଅନ୍ୟଟି ବନ୍ଧୁତ୍ୱ ସକାଶେ ଉଦ୍ଦିଷ୍ଟ ଥିଲା। ପ୍ରଥମ ପରଓ୍ୱାନା ଇଂରେଜ କମ୍ପାନୀ ପକ୍ଷରୁ ଆମଦାନୀ ଓ ରପ୍ତାନୀ ସାମଗ୍ରୀ ଉପରେ ଅବକାରୀ ଶୁଳ୍କଦେୟରୁ ମୁକ୍ତ ଥିଲା । ଏତଦ୍ ବ୍ୟତୀତ ତାହା ସେମାନଙ୍କ ନିଜ କର୍ତ୍ତୃତ୍ୱାଧୀନ ଡଙ୍ଗାଗୁଡ଼ିକୁ ବିନା ପ୍ରତିବନ୍ଧକରେ ମୁକ୍ତ ଭାବରେ ଚଳାଚଳ କରିବା ପାଇଁ ଅନୁମତି ଦେଇଥିଲା । ମୋଗଲମାନଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ ସୁବିଧା ସୁଯୋଗଗୁଡ଼ିକ ବଙ୍ଗୋପସାଗରର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ଓଡ଼ିଶାରେ ବିଶେଷ ଭାବରେ କାର୍ଯ୍ୟକାରୀ ହୋଇ ପାରୁଥିଲା । ଅପେକ୍ଷାକୃତ କମ୍ ପରିମାଣରେ ବଳପୂର୍ବକ ସରକାରୀ ଆଦାୟ, ଅନୁକୂଳ ପରିବେଶ ଓ ସାମଗ୍ରୀଗୁଡ଼ିକର ଅବାଧ ନେବା ଆଣିବା ସୁବିଧା ଇଂରେଜ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାଣିଜ୍ୟ ବିକାଶ ଲାଗି ଉପକୂଳ ଅଞ୍ଚଳର ଅନ୍ୟ ଯେକୌଣସି ସ୍ଥାନ ଅପେକ୍ଷା ବାଲେଶ୍ୱର ଅଧିକ ଦୃଷ୍ଟି ଆକର୍ଷଣ କରିଥିଲା।

ଏହିସବୁ କାରଣରୁ ବାଲେଶ୍ୱର ଅନ୍ୟାନ୍ୟ ଇଂରେଜ ବାଣିଜ୍ୟକୋଠିମାନଙ୍କ ମଧ୍ୟରେ ପ୍ରଧାନ ସ୍ଥାନ ଲାଭ କରିଥିଲା ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀର କାଉନସିଲ ଏବଂ ପ୍ରଶାସକ ମୁଖ୍ୟ, ମୁଖ୍ୟ କର୍ମଚାରୀ ଦପ୍ତରରେ ପରିଣତ ହୋଇଥିଲା । କୁହାଯାଇଛି ଯେ ବାଲେଶ୍ୱରରେ ଥିବା ବସ୍ତ୍ର ଉତ୍ପାଦନ ଅଞ୍ଚଳରେ କେବଳ ଇଷ୍ଟ ଇଣ୍ଡିଆ କମ୍ପାନୀ ବର୍ଷକୁ ୧୦ ରୁ ୧୨ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବିନିଯୋଗ କରୁଥିଲେ । ଏହି ସ୍ଥାନର ବ୍ୟାବସାୟିକ ଗୁରୁତ୍ୱ ଦୃଷ୍ଟିରୁ ପରିଚାଳନା ଦାୟିତ୍ୱ ଜଣେ ପରିଷଦ ସଦସ୍ୟଙ୍କ ହାତରେ ନ୍ୟସ୍ତ କରାଯାଇଥିଲା । ବାଲେଶ୍ୱର ଠାରେ ତିନିଜଣ ଏଜେଣ୍ଟ କାର୍ଯ୍ୟ କରୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ହେନେରୀ ଓଲଟନ୍ ଏବଂ ଅନ୍ୟ ଦୁଇଜଣ ହେଉଛନ୍ତି ଉଇଲିୟମ ଗୁର୍‌ନି ଓ ଓ ଉଇଲିୟମ ନେଟ୍‌ଲାନ୍। ନେଟ୍‌ଲାନ୍ ଥିଲେ ବ୍ୟବସାୟ ଏଜେଣ୍ଟ ଦଲାଲମାନଙ୍କର ମୁଖ୍ୟ।

ବଙ୍ଗୋପସାଗର କୂଳରେ ସର୍ବପ୍ରଧାନ ଲାଭଜନକ ବାଣିଜ୍ୟ କେନ୍ଦ୍ର ଭାବରେ ବାଲେଶ୍ୱର ପ୍ରାୟ ଅର୍ଦ୍ଧଶତାବ୍ଦୀ କାଳ ସମୃଦ୍ଧିଲାଭ କରିଥିଲା। ମାତ୍ର ଏହାର ଉତ୍‌ଥାନ ଏବଂ ସମୃଦ୍ଧି ପାଇଁ ଯେଉଁ ପରିସ୍ଥିତିଗୁଡ଼ିକ ସାହାଯ୍ୟ କରିଥିଲା ସାଧାରଣତଃ ୧୬୮୦ ମସିହା ପରେ

Digitized by PPRACHIN, SOA

ସେଗୁଡ଼ିକ କ୍ରମଶଃ ଉଭେଇ ଯାଇଥିଲା । ଏକଦା ଏହାର ବିକାଶ ପାଇଁ ସହାୟକ ଓ ଖ୍ୟାତିକୁ ଚରମସୀମାରେ ଉପନୀତ କରାଇଥିବା ଭୌଗୋଳିକ ପରିସ୍ଥିତି ଓ ରାଜନୈତିକ କାରଣଗୁଡ଼ିକ କ୍ରମେ ପ୍ରତିକୂଳ ହୋଇ ଏହାର ଅବନତି ଘଟାଇଥିଲା ।

ଉଲ୍ଲେଖ କରାଯାଇଛି ଯେ, ୧୬୭୩ ଏବଂ ତାହାପରେ ଓଡ଼ିଶାରେ ଥିବା ସ୍ଥାନୀୟ ମୋଗଲ ଗଭର୍ଣ୍ଣରମାନଙ୍କ ପକ୍ଷରୁ ବଳପୂର୍ବକ ଶୁଳକ ଆଦାୟ ଏବଂ ନିରୁତ୍ସାହପୂର୍ଣ୍ଣ କାର୍ଯ୍ୟକଳାପ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ପଣ୍ୟଦ୍ରବ୍ୟର ଅବାଧ ପରିବହନ କ୍ଷେତ୍ରରେ ହସ୍ତକ୍ଷେପ କରାଗଲା । ପୁନଶ୍ଚ ଗଭର୍ଣ୍ଣର ବା ସ୍ଥାନୀୟ ଅଫିସରମାନଙ୍କ ବାରମ୍ବାର ହସ୍ତକ୍ଷେପ ଏତେ ବିରକ୍ତିକର ହୋଇ ପଡ଼ିଲା ଯେ, ପ୍ରତିକୂଳ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପଖୁଆଇ ଚଳିବା ଇଂରେଜ ଦଲାଲମାନଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଲା । କାରଣ ପୂର୍ବରୁ ସେମାନଙ୍କୁ ଦିଆଯାଇଥିବା ସୁବିଧା ସୁଯୋଗ ଉପରେ ହସ୍ତକ୍ଷେପ ଏବଂ ବଳପୂର୍ବକ ଶୁଳ୍କ ଆଦାୟ ସାଧାରଣ ଘଟଣାରେ ପରିଣତ ହୋଇଗଲା । ଏହି କାରଣରୁ ବାଣିଜ୍ୟ କ୍ଷେତ୍ରରେ ଅନିଶ୍ଚିତତା ଦେଖାଦେଲା ଏବଂ ଆଗରୁ ସେମାନେ ପାଉଥିବା ଲାଭ ପରିମାଣ ହ୍ରାସ ପାଇବାକୁ ଲାଗିଲା । ସ୍ଥାନୀୟ ଅଫିସରମାନଙ୍କର ଏହି ଅନ୍ୟାୟ ଓ ଅତ୍ୟାଚାର ହସ୍ତକ୍ଷେପ ବିରୁଦ୍ଧରେ ଇଂରେଜମାନେ ଅଭିଯୋଗ କରିପାରିଥାନ୍ତେ ଓ ଏହାର ସଂଶୋଧନ କରିପାରିଥାନ୍ତେ । କିନ୍ତୁ ଆହୁରି ଅସୁବିଧାର କାରଣ ହେଲା ଯେ ବାଲେଶ୍ୱର ଶାସନ ପରିସର ଓଡ଼ିଶାରୁ ବଙ୍ଗଳାକୁ ହସ୍ତାନ୍ତରିତ ହୋଇଗଲା । ଏଣିକି ଓଡ଼ିଶା ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ନୀତି ନିୟମାବଳୀ ବିଷୟରେ ବଙ୍ଗଳାର ମୁର୍ଶିଦାବାଦ ଅଦାଲତରେ ନିଷ୍ପତ୍ତି ଦିଆଗଲା । ବଙ୍ଗଳାର ମୋଗଲ ଭାଇସ୍‌ରୟ ତାଙ୍କ ପ୍ରତିନିଧିଙ୍କ ଜରିଆରେ ଓଡ଼ିଶା ଉପରେ ନିୟନ୍ତ୍ରଣ ଜାହିର କରିବାକୁ ଗଲେ । ଏହି ନୂତନ ପରିବେଶ ବାଣିଜ୍ୟ ଦୃଷ୍ଟିକୋଣରୁ ଇଂରେଜମାନଙ୍କ ଅନୁକୂଳ ହେଲା ନାହିଁ । ପୁନଶ୍ଚ ଏହି ପରିସ୍ଥିତିରେ ବଣିକମାନଙ୍କ କାର୍ଯ୍ୟକଳାପରେ ହସ୍ତକ୍ଷେପ କଲେ ବା ସେମାନଙ୍କୁ ଦମନ କରାଗଲେ ତହିଁର ତତ୍‌କ୍ଷଣାତ୍ ପ୍ରତିକାର ପାଇଁ ବାଲେଶ୍ୱରସ୍ଥ ସ୍ଥାନୀୟ ଅଫିସରମାନଙ୍କ ପରିବର୍ତ୍ତେ ବଙ୍ଗଳାର ଭାଇସ୍‌ରୟଙ୍କ ନିକଟରୁ ପ୍ରତିବିଧାନ ଲୋଡ଼ାଯିବାକୁ ପଡ଼ିଲା । ଏହିଭଳି ଆପତ୍ତି ଅଭିଯୋଗ ପରୀକ୍ଷା କରାଯାଇ ତହିଁର ପ୍ରତିବିଧାନ କରାଗଲା ବେଳକୁ ଯଥେଷ୍ଟ ସମୟ ଅତିକ୍ରାନ୍ତ ହେଉଥିଲା ଏବଂ ସେମାନଙ୍କ ବ୍ୟବସାୟରେ ବହୁ କ୍ଷତି ଘଟୁଥିଲା ।

ଏହି ପରିସ୍ଥିତି ଫଳରେ ବାଲେଶ୍ୱର ବଜାର ମାନ୍ଦା ହୋଇପଡ଼ିଲା ଏବଂ କମ୍ପାନୀ ପଣ୍ୟାଗାରରେ ଗଚ୍ଛିତ ସାମଗ୍ରୀମାନ ବିକ୍ରି ନହୋଇ ପଡ଼ି ରହିଲା । ଏହା ସ୍ଥାନୀୟ ଦଲାଲମାନଙ୍କ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି କରିଥିଲା ।

ଏକଦା ଅତି ସମୃଦ୍ଧିଶାଳୀ ବାଲେଶ୍ୱର ବନ୍ଦରର ଅବନତି ଓ ଅପଖ୍ୟାତି ସୃଷ୍ଟି କରିବାରେ ଯେଉଁସବୁ କାରଣ ଦାୟୀ ସେଥିରୁ ଆଉ ଗୋଟିଏ ହେଲା ଯେ ବାଲେଶ୍ୱରର

Digitized by PPRACHIN, SOA

ଅଳ୍ପ ଉତ୍ତରକୁ ଅବସ୍ଥିତ ଇଂରେଜ ପୋତାଶ୍ରୟର ନଦୀମୁହାଣରେ ପଟୁ ଜମାହୋଇ ପଡ଼ୁଥିଲା । ୧୭୦୮ ମସିହାରେ ଏକଦା ବାଲେଶ୍ୱର ପରିଦର୍ଶନରେ ଆସିଥିବା ଜଣେକ ପରିବ୍ରାଜକ ଏକ ବିବୃତିରେ ଉଲ୍ଲେଖ କରିଥିଲେ "ନଦୀ ଅବରୋଧ ହୋଇ ପଡ଼ିଥିଲା ।" କିଛି ବର୍ଷ ପୂର୍ବରୁ ଏହି ପ୍ରକ୍ରିୟା ସକ୍ରିୟ ହୋଇଥିଲେ ହେଁ ସେଥିରେ ସମ୍ପୂର୍ଣ୍ଣ ବାଧା ସୃଷ୍ଟି ହୋଇନଥିଲା । ପୂର୍ବରୁ ସମୁଦ୍ର କୂଳରୁ ଚାରି ମାଇଲ ଦୂରରେ ଅବସ୍ଥିତ ସହରକୁ ଏଠାରୁ ସାତମାଇଲ ଦୂରକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହିପରି ଭାବରେ ସମୁଦ୍ର ସହିତ ସଂଯୁକ୍ତ ପୟଃ ପ୍ରଣାଳୀମାନ ପଟୁରେ ପୋତିହୋଇ ପଡ଼ିଥିଲା । ଏହା ଫଳରେ ନଦୀ ମୁହାଣରେ ଜାହାଜ ପ୍ରବେଶ କରିବା ଅନୁକୂଳ ହେଲାନାହିଁ ।

ଏହାପରେ ବାଲେଶ୍ୱର ବାଣିଜ୍ୟକୋଠିକୁ ଠିକ୍ ଭାବରେ ଆର୍ଥିକ ସାହାଯ୍ୟ ଦିଆଯିବ ଏବଂ ସମୁଦ୍ର କୂଳରେ ପ୍ରଧାନ କାର୍ଯ୍ୟାଳୟ ଭାବରେ ତାହାକୁ ଚାଲୁ ରଖାଯିବ କି ନାହିଁ ସେ ପ୍ରଶ୍ନ ଉଠିଲା । ବାଲେଶ୍ୱରକୁ ପ୍ରଧାନ କେନ୍ଦ୍ରରୂପେ ରଖାଯିବାକୁ ଫ୍ରାନ୍ସିସ୍ ଡେ ଦୃଢ଼ମତ ପୋଷଣ କରିଥିଲେ । ମାତ୍ର ସେଣ୍ଟ ଫୋର୍ଟଜର୍ଜଠାରେ ଥିବା ଅନ୍ୟ ଅଫିସରମାନେ ଏହି ପ୍ରସ୍ତାବରେ ରାଜିହେଲେ ନାହିଁ । ଏହି ପରିସ୍ଥିତିରେ ଉକ୍ତ ବିଷୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଗରେ ଉପସ୍ଥାପିତ ହୋଇଥିଲା । ତେଣୁ ଏକ ପର୍ଯ୍ୟବେକ୍ଷକ ଦଳ "ଲାୟନେସ" ଜାହାଜରେ ହୁଗୁଳି ଆସି ଅନୁଧ୍ୟାନ କଲାପରେ ରିପୋର୍ଟ ଦେଲେ ଏବଂ ଏହି ସୁପାରିଶକୁ ଭିତ୍ତିକରି ଇଷ୍ଟ ଇଣ୍ଡିଆ କମ୍ପାନୀର ସର୍ବୋଚ୍ଚ କମିଟି ବାଲେଶ୍ୱରସ୍ଥ ବଙ୍ଗୋପସାଗର କୂଳବର୍ତ୍ତୀ ପ୍ରଧାନ କାର୍ଯ୍ୟାଳୟକୁ ହୁଗୁଳିକୁ ସ୍ଥାନାନ୍ତରିତ କରିବା ଲାଗି ନିଷ୍ପତ୍ତି ନେଇଥିଲେ । ଏହା ପରଠାରୁ ଉପସାଗରସ୍ଥ ପରିଷଦ ଏବଂ ଶାସକ ମୁଖ୍ୟ ହୁଗୁଳିରେ ଅବସ୍ଥାପିତ ହେଲେ । ମାତ୍ର ଇଉରୋପୀୟ ପୋତଗୁଡ଼ିକ ବାଲେଶ୍ୱର ରୋଡ଼ଠାରେ ମାଲ ବୋଝେଇ ତଥା ଖଲାସ କରିବା କାର୍ଯ୍ୟ ଅବ୍ୟାହତ ରହିଥିଲା । କାରଣ ଏହା ବଙ୍ଗଳାର ଦ୍ୱାର (key) ଏବଂ କମ୍ପାନୀ ବ୍ୟବସାୟର କେନ୍ଦ୍ରସ୍ଥଳରୂପ ପରିଗଣିତ ହେଉଥିଲା । ଉଚ୍ଚ କର୍ତ୍ତୃପକ୍ଷ ବାଲେଶ୍ୱରରୁ ହୁଗୁଳିକୁ ପ୍ରଧାନ ବ୍ୟବସାୟ କାର୍ଯ୍ୟାଳୟ ସ୍ଥାନାନ୍ତରିତ କରିବାର ଏକ କାରଣ ହେଉଛି ହୁଗୁଳି ସମସ୍ତ ଉଚ୍ଚସ୍ତରୀୟ ଅଫିସରଙ୍କଠାରୁ ଅର୍ଡର ପାଇବା ପାଇଁ ଥିଲା ଏକ ସୁବିଧାଜନକ ସ୍ଥାନ ।

ବଙ୍ଗୋପସାଗର କୂଳରେ ଏକ ପ୍ରଧାନ ପୋତାଶ୍ରୟ ଭାବରେ ହୁଗୁଳିର ଅଭ୍ୟୁଦୟ ଓ ସମୃଦ୍ଧି ସଙ୍ଗେ ସଙ୍ଗେ ବାଲେଶ୍ୱରର ପ୍ରାଧାନ୍ୟ ହ୍ରାସ ପାଇବାକୁ ଲାଗିଲା ଏବଂ କାଳକ୍ରମେ ନଦୀ ମୁହାଣରେ ଅଧିକରୁ ଅଧିକ ପରିମାଣର ପଟୁ ପୋତି ହୋଇଯିବାରୁ ବାଣିଜ୍ୟ କାରବାର ପାଇଁ ପୋତାଶ୍ରୟ ରୂପେ ଆଉ ଉପଯୋଗୀ ହୋଇ ନଥିଲା ଏବଂ ବାଲେଶ୍ୱରର ଅଧଃପତନ ଆହୁରି ଦ୍ରୁତ ଭାବରେ ବୃଦ୍ଧି ପାଇବାକୁ ଲାଗିଲା । ବାଣିଜ୍ୟିକ ବୈଶିଷ୍ଟ୍ୟ ଓ

Digitized by PPRACHIN, SOA

ଗୁରୁତ୍ୱ ଅବଲୁପ୍ତ ହୋଇଯିବା ଫଳରେ ବାଲେଶ୍ୱର ଏକ ପରିତ୍ୟକ୍ତ ପ୍ରାଚୀନ ସହରରେ ପରିଣତ ହେଲା ଏବଂ ଇତିହାସର ନିଦର୍ଶନ ସ୍ୱରୂପ ଏଠାରେ କେବଳ ଅତୀତର ଇଉରୋପୀୟ ଉପନିବେଶର ଧ୍ୱଂସାବଶେଷ ରହିଲା ।

ଓଡ଼ିଶାରେ ପର୍ତ୍ତୁଗୀଜ ପ୍ରଭାବ

ଓଡ଼ିଶା ଉପକୂଳରେ ପର୍ତ୍ତୁଗୀଜ, ଓଲନ୍ଦାଜ ଓ ଦିନାମାରମାନେ ନିଜ ନିଜର ଉପନିବେଶ ସ୍ଥାପନ କରିଥିଲେ ମଧ୍ୟ ପର୍ତ୍ତୁଗୀଜମାନଙ୍କର ଓଡ଼ିଆ ସମାଜ ଉପରେ କିଛିଟା ପ୍ରଭାବ ପଡ଼ିଥିଲା । ଓଡ଼ିଶା ସହିତ ଶହ ଶହ ବର୍ଷ ଧରି ସମ୍ପର୍କ ପ୍ରତିଷ୍ଠିତ ହେବା ଫଳରେ ପର୍ତ୍ତୁଗୀଜମାନେ ଫିରିଙ୍ଗି ନାମରେ ଅଭିହିତ ହୋଇଥିଲେ ଏବଂ ସେମାନଙ୍କ ପରେ ଆସିଥିବା ଇଉରୋପୀୟମାନେ ମଧ୍ୟ ଓଡ଼ିଆ ସାହିତ୍ୟରେ ଫିରିଙ୍ଗି ନାମରେ ବର୍ଣ୍ଣିତ ହୋଇଛନ୍ତି । ଓଡ଼ିଆ ରଚନାବଳୀରେ ପର୍ତ୍ତୁଗୀଜମାନଙ୍କ ସମ୍ବନ୍ଧରେ ଆଉ ଅଧିକ ତଥ୍ୟ ପରିଲକ୍ଷିତ ହୁଏ ନାହିଁ । ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଅନୁସୃତ ଜଳଦସ୍ୟୁ ବୃତ୍ତି ଏବଂ ନିଷ୍ଠୁରତା ସତ୍ତ୍ୱେ ଓଡ଼ିଶା ସହିତ ସେମାନଙ୍କର ସମ୍ପର୍କ ଓଡ଼ିଆ ଶବ୍ଦଭଣ୍ଡାରକୁ କେତେକ ପରିମାଣରେ ସମୃଦ୍ଧ କରିଅଛି । ଓଡ଼ିଆ ଭାଷାରେ ବ୍ୟବହୃତ ଚାବି, ବାଲଟି, ସାବୁନ, ତଉଲିଆ, ଆଲ୍‌ପିନ, ଲଣ୍ଠନ ଓ ଆଲ୍‌ମିରା ପ୍ରଭୃତି ଶବ୍ଦମାନ ମୂଳ ପର୍ତ୍ତୁଗୀଜ ଶବ୍ଦରୁ ଆସିଅଛି । କାରଣ ବାଣିଜ୍ୟ ସାମଗ୍ରୀ ଭାବରେ ଏହି ସବୁ ଜିନିଷ ପ୍ରଥମେ ଓଡ଼ିଶା ଉପକୂଳକୁ ସେମାନଙ୍କ ଦ୍ୱାରା ଅଣାଯାଇଥିଲା । ଏହିସବୁ ଜିନିଷ ସହିତ ଓଡ଼ିଶାର ଲୋକମାନଙ୍କର ପରିଚୟ ନଥିବାରୁ ସେମାନେ ଏହିସବୁ ବିଦେଶାଗତ ଶବ୍ଦମାନ ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ । ପରିଣାମତଃ ଏହି ଶବ୍ଦମାନ ଓଡ଼ିଆ ଶବ୍ଦଭଣ୍ଡାରରେ ପ୍ରବେଶ କଲା । ସଂପ୍ରତି ଇଂରେଜୀରେ "ଟେବୁଲ" ବୋଲି କୁହାଯାଉଥିବା ଜିନିଷକୁ ପର୍ତ୍ତୁଗୀଜମାନେ "ମେଜ୍" ବୋଲି କହୁଥିଲେ । ଏହା ସର୍ବପ୍ରଥମେ ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଅଣାଯାଇଥିଲା ।

ପର୍ତ୍ତୁଗୀଜମାନେ ଥିଲେ ଉତ୍ତମ କୃଷିକାରୀ । କୃଷିପ୍ରତି ସେମାନଙ୍କର ଆଗ୍ରହ ଓ ମମତା ଉପକୂଳକୁ କେତେକ ଦରକାରୀ ବିଦେଶୀ ବୃକ୍ଷ ଆଣିବାରେ ସାହାଯ୍ୟ କରିଥିଲା । ଏହି ଅଞ୍ଚଳକୁ ସେମାନେ କେତେକ ନୂତନ ପୁଷ୍ପ ଓ ଫଳ ମଧ୍ୟ ଆଣିଥିଲେ ଯାହାକି ଲୋକେ ଆଗରୁ ଜାଣି ନ ଥିଲେ । ସେମାନେ ଏଠାକୁ ଉତ୍ତର ଆମେରିକାରୁ ଧୂଆଁପତ୍ର ଓ ଆଳୁ ଆଣିଥିଲେ । ବାସ୍ତବ ପକ୍ଷରେ ସାଧାରଣ ଖାଦ୍ୟ ସାମଗ୍ରୀରୂପେ ପରିଚିତ ଆଳୁ ଲୋକମାନଙ୍କ ଖାଦ୍ୟ ଅଭ୍ୟାସରେ ଏକ ପରିବର୍ତ୍ତନ ଆଣିଥିଲା । କାଜୁବାଦାମ ବ୍ରାଜିଲରୁ ଏଠାକୁ ଅଣାଯାଇଥିଲା । ବାଲିଆ ମାଟି ଏପରିକି ଓଡ଼ିଶାର ପାହାଡ଼ିଆ ଅଞ୍ଚଳ ମାନଙ୍କରେ ମଧ୍ୟ ଏହା ଶ୍ରୀବୃଦ୍ଧି ଲାଭ କରିଥାଏ । ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଆନୀତ ଏବଂ ଏହି ଅଞ୍ଚଳରେ ସୃଷ୍ଟ ହେଉଥିବା ସପୁରୀ ତଥା ଅମୃତଭଣ୍ଡା ନିଶ୍ଚିତ ଭାବରେ ସେମାନଙ୍କର ଆଉ କେତେକ

Digitized by PPRACHIN, SOA

ଅବଦାନ । ପିଲାମାନଙ୍କର ଅତିପ୍ରିୟ କରମଙ୍ଗା ଓଡ଼ିଶା ଉପକୂଳକୁ ପର୍ତ୍ତୁଗୀଜମାନେ ଆଣିଥିଲେ । କୃଷ୍ଣକଳି ପର୍ତ୍ତୁଗୀଜମାନଙ୍କର ଆଉ ଏକ ଉପହାର ବୋଲି ମଧ୍ୟ କୁହାଯାଇ-ଥାଏ । ଓଡ଼ିଶାକୁ ସେମାନଙ୍କ ଦ୍ୱାର ଆନୀତ ବିଭିନ୍ନ ବୃକ୍ଷ ମଧ୍ୟରୁ ଏଗୁଡ଼ିକ ଅଳ୍ପ କେତେକ-ଉଦାହରଣ ମାତ୍ର । ଏହି ଉପକୂଳକୁ ସେମାନେ ଆଣିଥିବା ଫଳ ଓ ଫୁଲମାନଙ୍କରୁ କୃଷି ଉଦ୍ୟାନ ବିଦ୍ୟାଜନିତ କଳା ତଥା ବିଜ୍ଞାନ କ୍ଷେତ୍ରରେ ସେମାନଙ୍କର କେତେ ଗଭୀର ଜ୍ଞାନ ଥିଲା ତାହା ସୂଚିତ ହୁଏ । ବାସ୍ତବତଃ ଏହି କ୍ଷେତ୍ରରେ ସେମାନେ ଥିଲେ ପଥପ୍ରଦର୍ଶକ ।

ପର୍ତ୍ତୁଗୀଜମାନଙ୍କର ବର୍ଣ୍ଣଗତ ବିଦ୍ୱେଷ ବା ଘୃଣା ନ ଥିଲା ଏବଂ ଉପକୂଳାଞ୍ଚଳ ଅଧିବାସୀମାନଙ୍କ ସହିତ ସେମାନେ ଅବାଧ ବୈବାହିକ ସମ୍ବନ୍ଧ ପ୍ରତିଷ୍ଠା କରିଥିଲେ । ସେମାନେ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ ଏବଂ କେତେକଙ୍କୁ ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷିତ କରାଇଥିଲେ । ଉକ୍ତ ଅଞ୍ଚଳର ଅଧିବାସୀମାନଙ୍କ ସହିତ ବୈବାହିକ ସମ୍ପର୍କ ପ୍ରତିଷ୍ଠାରୁ ଯେଉଁ ମିଶ୍ରଜାତିର ଅଭ୍ୟୁଦୟ ଘଟିଥିଲା ତାହା ସଂପ୍ରତି ବିଲୁପ୍ତ ହୋଇଗଲାଣି ।

Digitized by PPRACHIN, SOA

ସପ୍ତମ ଅଧ୍ୟାୟ

ରାଜସ୍ୱ ପ୍ରଶାସନ

ହିନ୍ଦୁରାଜାମାନଙ୍କ ଶାସନାଧୀନରେ ଓଡ଼ିଶାର ପରିସୀମା ହୁଗୁଳି ନିକଟସ୍ଥ ତ୍ରିବେଣୀ ଘାଟଠାରୁ ଗୋଦାବରୀ କୂଳସ୍ଥ ରାଜମହେନ୍ଦ୍ରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ସମଗ୍ର ରାଜ୍ୟ ବହୁସଂଖ୍ୟକ ମଣ୍ଡଳ ବା ବିଶି ଏବଂ ଖଣ୍ଡ ନାମରେ ବିଭକ୍ତ ହୋଇଥିଲା । ବିଶି ବା ଖଣ୍ଡ ନାମରେ ପରିଚିତ ପ୍ରତ୍ୟେକ ଡିଭିଜନ ଦାୟିତ୍ୱରେ ବିଶୋଇ ବା ଖଣ୍ଡ ଅଧିପତି ବା ସରଳ ଭାବରେ କହିଲେ ଖଣ୍ଡାଧିପତି ନାମକ ଅଧିକାରୀ ମୁତୟନ ହୋଇଥିଲେ । ସେ ଥିଲେ ଏହି ଡିଭିଜନର ମୁଖ୍ୟ । ସେ ସମସ୍ତ ବିଷୟ ତତ୍ତ୍ୱାବଧାନ କରୁଥିଲେ ଏବଂ ଶାସନ ବ୍ୟାପାରରେ ନିର୍ଦ୍ଦେଶ ଜାହିର କରି ପାରୁଥିଲେ । ଏତଦ୍‌ବ୍ୟତୀତ ସେ ଶାନ୍ତିଶୃଙ୍ଖଳା (Police duty) ମଧ୍ୟ ରକ୍ଷା କରୁଥିଲେ । ଏହି କାର୍ଯ୍ୟରେ ତାଙ୍କୁ ଖଣ୍ଡାୟତ ନାମକ ଜଣେ ଅଫିସର ସାହାଯ୍ୟ କରୁଥିଲେ । ହିସାବ ରଖିବା ସକାଶେ ମଧ୍ୟ ଆଉଜଣେ ଅଫିସରଙ୍କ ସହାୟତା ସେ ଲାଭ କରୁଥିଲେ । ଏହି ଅଫିସରଙ୍କୁ ଭୋଇମୂଳ କୁହାଯାଉଥିଲା । ସେ ସାଧାରଣତଃ କରଣ ଜାତି ଅନ୍ତର୍ଭୁକ୍ତ ଥିଲେ । ରାଜସ୍ୱ ଅସୁଲ ବିଷୟ ବୁଝାଶୁଝା କରିବା ସାଙ୍ଗକୁ ରୂଷରୁ ଉତ୍ପନ୍ନ ଶସ୍ୟାଦିର ହିସାବ ତଥା ଜମିବାଡ଼ିର ସବିଶେଷ ବିବରଣୀ ସେ ରଖୁଥିଲେ । ବଡ଼ ବଡ଼ କେତେକ ବିଶିରେ ଉଭୟ ଶ୍ରେଣୀର ଦୁଇରୁ ଅଧିକ ଅଧିକାରୀ ମଧ୍ୟ ନିଯୁକ୍ତ ଥିଲେ । ଏହି ଶ୍ରେଣୀର ପ୍ରତ୍ୟେକ ଅଫିସର (ଅଧିକାରୀ) ଗୋଟିଏ ଗୋଟିଏ ଡିଭିଜନ ବା ବିଶିର ଚାରି ବିଶ୍ୱା, ଛଅ ବିଶ୍ୱା ବା ଦଶ ବିଶ୍ୱା ଅଂଶୀଦାର ଭାବରେ ସେମାନଙ୍କ ପତ୍ୟକ୍ଷ ଦାୟିତ୍ୱରେ ଏକ ନିର୍ଦ୍ଦିଷ୍ଟ ଅଂଶର ଜମି ରଖୁଥିଲେ । ସମଗ୍ର ଜମି ଉପରେ ନିର୍ଦ୍ଧାରିତ ଖଜଣା ପଇଠ ସକାଶେ ସେମାନେ ବେଳେ ବେଳେ ମିଳିତ ଭାବରେ ଦାୟୀ ରହୁଥିଲେ । ଅତୀବ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବା ନିମନ୍ତେ ସେମାନଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡ଼ୁଥିଲା । ଏତଦ୍‌ବ୍ୟତୀତ ଏହି ଡିଭିଜନରେ ସାଧାରଣ ପୁଲିସ ଓ ରାଜସ୍ୱ ଅଧିକାରୀ, ଉତ୍ତରାଧିକାରୀ ମୁଖ୍ୟ ଭାବରେ ସାମରିକ ଜାଗିରଦାର, ବେବର୍ତ୍ତା, ସେନାପତି, ରାଜଗୁରୁ ଓ ଅନ୍ୟାନ୍ୟ ଶ୍ରେଣୀର ରାଜସେବକମାନେ ମଧ୍ୟ ଥିଲେ । ବେତନ ବାବଦକୁ ସେମାନେ ସମସ୍ତେ ବିସ୍ତୃତ ପରିମାଣ ଜମି ଭୋଗ କରୁଥିଲେ ।

Digitized by PPRACHIN, SOA

ରାଜସ୍ୱ ଶାସନ ବ୍ୟବସ୍ଥା ଏଭଳି ଭାବରେ ଠିକ୍ କରଯାଇଥିଲା ଯେ ଡିଭିଜନର ଗୋଟିଏ ଅଂଶ ସାମରିକ ମୁଖ୍ୟ ବା ସେନାଧିକାରୀ ଏବଂ ରାଜ୍ୟର ଧର୍ମସମ୍ବନ୍ଧୀୟ ବ୍ୟାପାରରେ ନିଯୋଜିତ ସେବକମାନଙ୍କ ଭରଣ ପୋଷଣ ପାଇଁ ଥିଲା ଏବଂ ଅପର ଅଂଶଟି ରାଜାଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ଥିଲା ।

ରାଜ୍ୟର ସାମରିକ ବାହିନୀ ଜାଗିରଭୋଗୀ ସମ୍ଭ୍ରାନ୍ତ ସମ୍ପ୍ରଦାୟଙ୍କ ଉପରେ ନିର୍ଭର କରୁଥିଲା । ସେମାନେ ଜାଗିରୀଭୋଗୀ ଭାବରେ ପରିଚିତ ଥିଲେ । ଆବଶ୍ୟକ ସମୟରେ ନିର୍ଦ୍ଦିଷ୍ଟ ସଂଖ୍ୟକ ସୈନ୍ୟ ଯୋଗାଇବା ସର୍ତ୍ତରେ ସେମାନେ ରାଜାଙ୍କ ଠାରୁ ବହୁ ପରିମାଣ ଜମି ଭୋଗ କରୁଥିଲେ । କୃଷକ ସେନାବାହିନୀ ଭାବରେ ସେମାନେ ସୈନ୍ୟଦଳ ଗଠନ କରୁଥିଲେ । ଏହି କୃଷକ ସେନାବାହିନୀ ଅନ୍ତର୍ଭୁକ୍ତ ସୈନ୍ୟମାନେ ନିଜେ ଚାଷ କରୁଥିବା ଜମି ଉପରେ କୌଣସି ଖଜଣା ଦେଉ ନ ଥିଲେ । ତେଣୁ ରାଜାଙ୍କ ପକ୍ଷରେ ସେମାନଙ୍କୁ ପୋଷଣ କରିବା ସହଜ ଥିଲା ।

ଧର୍ମଯାଜକ ବା ପୁରୋହିତମାନଙ୍କୁ ଜମି ଦିଆଯାଉଥିଲା । ବ୍ରାହ୍ମଣ ବସ୍ତିଗୁଡ଼ିକ ବହୁ ସଂଖ୍ୟକ ଶାସନ ଗ୍ରାମ ବା ଜମି ଭୋଗ ଦଖଲ କରୁଥିଲେ । ସେସବୁ ନିଷ୍କର ଥିଲା । କେବଳ ଆବଶ୍ୟକତା ଉପଲବ୍ଧି ହେଲେ ହିଁ ଯାଇ ଓଡ଼ିଶାର ରାଜା ଏହି ଜମି ଉପରେ ଟଙ୍କୀ ବା ଅଳ୍ପ ପରିମାଣର ନିର୍ଦ୍ଧାରିତ ଖଜଣା ଧାର୍ଯ୍ୟ କରୁଥିଲେ ।

ସ୍ୱଦେଶୀ ରାଜାମାନଙ୍କ ରାଜତ୍ୱ କାଳରେ ଓଡ଼ିଶାର ମୋଟ ରାଜସ୍ୱ ପରିମାଣ କେତେ ଥିଲା ତାହା ନିର୍ଣ୍ଣୟ କରିବା ନିମନ୍ତେ ଶିଳାଲେଖ ବା ନଥିପତ୍ର ସମ୍ବନ୍ଧୀୟ କୌଣସି ପ୍ରମାଣ ମିଳେ ନାହିଁ । ତେବେ, ହଣ୍ଟର ଓଡ଼ିଶାର ମୋଟ ରାଜସ୍ୱ ପରିମାଣ ସମ୍ପର୍କରେ କେତେକ ହିସାବ ଉଲ୍ଲେଖ କରିଅଛନ୍ତି । ଦ୍ୱାଦଶ ଶତାବ୍ଦୀରୁ ୧୫୬୮ ମସିହାରେ ଓଡ଼ିଶାରେ ହିନ୍ଦୁ ରାଜତ୍ୱ ଶେଷ ହେବା ମଧ୍ୟରେ ଏହି ହିସାବ ବିଭିନ୍ନ ଦେଖା ଯାଉଥିଲେ ମଧ୍ୟ ୬୧, ୪୩, ୭୫୦ ଟଙ୍କାରୁ ୮୫, ୬୦, ୨୫୦ ଟଙ୍କା ମଧ୍ୟରେ ରହିଥିବା ପରିଦୃଷ୍ଟ ହୁଏ । ଏଭଳି ତଥ୍ୟ ସେ କେଉଁ ସୂତ୍ରରୁ ପାଇଲେ ତାହା ଜଣାଯାଏ ନାହିଁ । ମାତ୍ର ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ପରେ ସେ ବିଭିନ୍ନ ନଥିପତ୍ର ତଥା ଅନ୍ୟାନ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରମାଣ ଦେଖିବାର ସୁବିଧା ସୁଯୋଗ ପାଇଥିବା ଦୃଷ୍ଟିରୁ ଏଭଳି ଯୁକ୍ତି ବା ବିବରଣ ବିଶ୍ୱାସ-ଯୋଗ୍ୟ । ଏ ପ୍ରକାର ହିସାବ ବା ବିବରଣ ଯେପର୍ଯ୍ୟନ୍ତ ନୂତନ ତଥ୍ୟ ଉପସ୍ଥାପନ ଦ୍ୱାରା ଅପ୍ରମାଣିତ ନ ହୋଇଛି, ସେ ପର୍ଯ୍ୟନ୍ତ ତାହାକୁ ଠିକ୍ ବୋଲି ଧରିନେବାକୁ ପଡ଼ିବ । ଏ ସଂଖ୍ୟାଗୁଡ଼ିକ ସତ୍ୟ ବୋଲି ଧରାହେଲେ ବିଭିନ୍ନ ଅଧିକାରୀବର୍ଗ, ପୁରୋହିତ ଓ ପାଇକ-ବାହିନୀ ପ୍ରଭୃତି ବିଭିନ୍ନ ଗୋଷ୍ଠୀଙ୍କୁ ଜାଗିର ଜମି ଦିଆଯାଇଥିବା ସତ୍ତ୍ୱେ ରାଜ୍ୟର ଆୟ ଉତ୍ତମ ଥିବା ଏବଂ ସେହି ସମୟରେ ରାଜ୍ୟ ସମୃଦ୍ଧିଶାଳୀ ଥିବା ଅନୁମାନ କରାଯାଏ ।

Digitized by PPRACHIN, SOA

ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ଅନୁସୃତ ରାଜସ୍ୱ ପଦ୍ଧତିର ପ୍ରଧାନ ପ୍ରଧାନ ବୈଶିଷ୍ଟ୍ୟମାନ ଆଫଗାନମାନଙ୍କ ରାଜତ୍ୱରେ କିଛିକାଳ ସକାଶେ ଅନୁସରଣ କରାଯାଇଥିଲା । ୧୫୬୮ ମସିହାରେ କଟକ ଦଖଲ କରିବା ପରଠାରୁ ଆଫଗାନମାନେ ୧୫୯୩ ଖ୍ରୀଷ୍ଟାବ୍ଦରେ ମୋଗଲମାନଙ୍କ ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ ଓଡ଼ିଶା ଶାସନ କରିଥିଲେ । ମାତ୍ର ଏହି ସମୟ ମଧ୍ୟରେ ସେମାନେ ମୋଗଲ ଆକ୍ରମଣର ସମ୍ମୁଖୀନ ହେବା ଦୃଷ୍ଟିରୁ ନିଜର ନିରାପତ୍ତା ନିମନ୍ତେ ଅଧିକ ଚିନ୍ତିତ ଥିଲେ । ଏତଦ୍‌ବ୍ୟତୀତ ଯେକୌଣସି ପ୍ରକାରେ ରାଜସ୍ୱ ଆଦାୟ କରି ଅଧିକ ସୈନ୍ୟ ସଂଗ୍ରହ କରିବା ଏବଂ ମୋଗଲମାନଙ୍କ ବିରୁଦ୍ଧରେ ଯୁଦ୍ଧପାଇଁ ପ୍ରସ୍ତୁତ ହେବା ସେମାନଙ୍କର ସାଧାରଣ କାର୍ଯ୍ୟ ଥିଲା । ସେମାନଙ୍କର ଏହି ମନୋଭାବ ବାସ୍ତବତଃ ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ରାଜସ୍ୱ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଆଣି ନ ଥିଲା । ପ୍ରଚଳିତ ରାଜସ୍ୱ ପଦ୍ଧତି ସମ୍ପର୍କରେ ମୁଣ୍ଡ ନ ଖେଳାଇ, ଆଫଗାନମାନେ ମିଳୁଥିବା ଖଜଣାରେ ସନ୍ତୁଷ୍ଟ ଥିଲେ ।

ବାସ୍ତବରେ ଆକବରଙ୍କ ରାଜତ୍ୱ କାଳରେ, ଓଡ଼ିଶାରେ ମୋଗଲ ଶାସନ ପ୍ରବର୍ତ୍ତନ ଫଳରେ ତଦାନୀନ୍ତନ ରାଜସ୍ୱ ପ୍ରଶାସନ ବ୍ୟବସ୍ଥା ସଂଶୋଧନ କ୍ଷେତ୍ରରେ ଏକ ନୂତନ ଯୁଗ ଉଦ୍‌ଘାଟିତ ହୋଇଥିଲା । ଆଫଗାନମାନଙ୍କଠାରୁ ଅଧିକୃତ ଓଡ଼ିଶାକୁ ଯେଉଁ ମୋଗଲ ଅଫିସରମାନେ ଆସିଲେ ସେମାନେ ଦେଖିବାକୁ ପାଇଲେ ଯେ ସମଗ୍ର ଅଞ୍ଚଳ ଉଣା-ଅଧିକେ ରାଜପରିବାର ସମ୍ପର୍କୀୟ ଶାସିତ ଡିଭିଜନ ଏବଂ ସାମରିକ ମୁଖ୍ୟମାନଙ୍କ ଦ୍ୱାରା ଅଧିକୃତ ଡିଭିଜନ ଏହିପରି ଦୁଇଟି ରାଜନୈତିକ ଡିଭିଜନରେ ବିଭକ୍ତ । ପ୍ରଥମୋକ୍ତ ଡିଭିଜନଟି ଖୋର୍ଦ୍ଧା ରାଜାଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ଏବଂ ଶେଷୋକ୍ତ ଡିଭିଜନ ସାଧାରଣତଃ ପାହାଡ଼ିଆ ଅଞ୍ଚଳର ସାମରିକ ମୁଖ୍ୟମାନଙ୍କ କର୍ତ୍ତୃତ୍ୱାଧୀନ ଥିଲା । ଉପରୋକ୍ତ ପରିସ୍ଥିତିରେ ଅଫିସରମାନଙ୍କ ସୁପାରିଶକ୍ରମେ ମୋଗଲ ସରକାର ନବଅଧିକୃତ ରାଜ୍ୟର ଗଡ଼ଜାତ ଅଧିନାୟକମାନଙ୍କ ଠାରୁ ସବୁଠାରୁ ଯେତେ କମ୍ ସମସ୍ୟାର ସମ୍ମୁଖୀନ ହେବେ ତାହା ଦୃଷ୍ଟିରେ ରଖି ନୀତିନିୟମ ନିର୍ଦ୍ଧାରଣ କରିବାକୁ ମନସ୍ଥ କରିଥିଲେ । ପାରମ୍ପାରିକ ସୂତ୍ରରେ ଖୋର୍ଦ୍ଧା ରାଜପରିବାର ଉପଭୋଗ କରି ଆସୁଥିବା ସମ୍ମାନ ଏବଂ ଲୋକପ୍ରିୟତାକୁ ବିଚାରକୁ ଆଣି ମୋଗଲ ସରକାର ରାଜ ପରିବାର ତଥା ଏହି ପୁରାତନ ହିନ୍ଦୁ ରାଜବଂଶର ଦରବାରରେ ଥିବା ଅଫିସରମାନଙ୍କ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ତେଣୁ ଏହି ସମୟରେ ରାଜତ୍ୱ କରୁଥିବା ଶାସକଙ୍କୁ ଖୋର୍ଦ୍ଧା ରାଜାରୂପେ ସେମାନେ ଆଖ୍ୟାୟିତ କରି ମୋଗଲ ଦରବାର ଅଧୀନରେ ତାଙ୍କୁ ୩୫୦୦ ପଦବୀରେ ଭୂଷିତ କରିଥିଲେ ଏବଂ ତାଙ୍କ ଅଧୀନରେ ୩୧ ଜଣ ଜମିଦାର ଓ ୨୦୦ କିଲ୍ଲା ରହିଲା । ପାର୍ବତ୍ୟ ଅଞ୍ଚଳ ରାଜା ଅର୍ଥାତ୍ ଗଡ଼ଜାତ ରାଜାମାନଙ୍କର ମୋଗଲ ସରକାରଙ୍କ ସମ୍ପର୍କ ବିଷୟରେ କହିବାକୁ ଗଲେ କୁହାଯିବ ଯେ

Digitized by PPRACHIN, SOA

ସେମାନଙ୍କୁ ମୋଗଲ ସମ୍ରାଟଙ୍କ ସାର୍ବଭୌମ କ୍ଷମତା ସ୍ୱୀକାର କରି ଆନୁଗତ୍ୟ ପ୍ରକାଶ ପାଇଁ ଡାକରା ହେଲା । ସେମାନେ ଏଥିରେ ସ୍ୱୀକୃତି ଦେବାରୁ ସେମାନଙ୍କଠାରୁ କେବଳ ନାମ ମାତ୍ର କିଛି ବାର୍ଷିକ ଦେୟ ଆଦାୟ କରିବାକୁ ନିଷ୍ପତ୍ତି କରାଗଲା । ପାର୍ବତ୍ୟ ଅଞ୍ଚଳ ଅର୍ଥାତ୍ ଗଡ଼ଜାତ ରାଜାମାନଙ୍କ ଦ୍ୱାରା ଅଧିକୃତ ବିସ୍ତୃତ ଅଞ୍ଚଳ ପ୍ରାଚୀନ ଖୋର୍ଦ୍ଧାରାଜାଙ୍କ ଇଲାକା ସହିତ ସାମିଲ ହୋଇଗଲା ପରେ ଏହାର କ୍ଷେତ୍ରଫଳ ପ୍ରାୟ ୧୯୦୦୦ ବର୍ଗ-ମାଇଲକୁ ବୃଦ୍ଧି ପାଇଲା ବୋଲି କୁହାଯାଇଛି । ବାକି ଅଞ୍ଚଳତକ ମୋଗଲମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନକୁ ଆସିଲା । ଏହି ଅଞ୍ଚଳ ମୋଗଲମାନଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ଥିବାରୁ ଏଠିକା ଅଧିବାସୀମାନଙ୍କଠାରୁ ସିଧାସଳଖ ଖଜଣା ଅସୁଲ କରାଯାଉ ଥିବାରୁ ଏହାକୁ ମୋଗଲବନ୍ଦୀ କୁହାଗଲା । ପାହାଡ଼ିଆ ମୁଖ୍ୟମାନଙ୍କ ନିୟନ୍ତ୍ରଣାଧୀନ ଓଡ଼ିଶାର ଅବଶିଷ୍ଟ ଅଞ୍ଚଳ ଗଡ଼ଜାତ ରୂପେ ନାମିତ ହେଲା । ଏହି ଗଡ଼ଜାତ ଅଞ୍ଚଳସ୍ଥିତ ରାଜ୍ୟମାନେ ପରବର୍ତ୍ତୀ କାଳରେ କରଦ ରାଜ୍ୟରୂପେ ନାମିତ ହେଲେ ।

ଓଡ଼ିଶା ଅଧିକାର ପରେ ମୋଗଲମାନଙ୍କୁ ନୂତନଭାବେ ଅଧିକୃତ ଅଞ୍ଚଳରେ ରାଜସ୍ୱ ବ୍ୟାପାର ସମସ୍ୟାର ସମାଧାନ କରି କ୍ଷମତା ଦୃଢ଼ୀକରଣ କରିବାକୁ ପଡ଼ିଥିଲା । ଖ୍ୟାତନାମା ରାଜସ୍ୱାଧ୍ୟକ୍ଷ ଏବଂ ଆକବରଙ୍କ ଦରବାରର ପ୍ରଖ୍ୟାତ ଦିବାନରାଜା ତୋଡ଼ରମଲ୍ଲ ୧୫୮୦ ମସିହାରେ ଓଡ଼ିଶା ପରିଦର୍ଶନ କରି ସାରିଥିଲେ । ଜମିବାଡ଼ିକୁ ମାପଚୁପ କରି ମୂଲ୍ୟାଙ୍କନପୂର୍ବକ ଏକ ବନ୍ଦୋବସ୍ତ ପ୍ରଚଳିତ କରିଥିଲେ ଏବଂ ତାହାକୁ ତକ୍‌ସିମଜମା ଓ ତନ୍‌ଖାରକ୍‌ମୀ ବୋଲି କୁହାଯାଉଥିଲା । ଏହା ତୋଡ଼ରମଲ୍ଲ ପଦ୍ଧତି ନାମରେ ମଧ୍ୟ ପରିଚିତ ଥିଲା । ତେବେ ୧୫୯୪ ମସିହାରେ ଓଡ଼ିଶାର ଶାସନକର୍ତ୍ତା ଭାବରେ ରାଜା ମାନସିଂହ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଏହା ଚୂଡ଼ାନ୍ତ ଆକାର ଧାରଣ କରିନଥିଲା ।

ତୋଡ଼ରମଲ୍ଲଙ୍କ ବନ୍ଦୋବସ୍ତରୁ ଜଣାଯାଏ ଯେ ପୂର୍ବରୁ ଓଡ଼ିଶାର ହିନ୍ଦୁରାଜାମାନଙ୍କ ଶାସନରେ ପ୍ରଚଳିତ ରାଜସ୍ୱ ବ୍ୟବସ୍ଥାରେ କୌଣସି ତରବରିଆ ବା ଜୋରଜବରଦସ୍ତ ମୌଳିକ ପରିବର୍ତ୍ତନ ସେ ଗ୍ରହୁନଥିଲେ । ପ୍ରଶାସନିକ ହିତ ଦୃଷ୍ଟିରୁ ହସ୍ତକ୍ଷେପର ଆବଶ୍ୟକତା ଉପଲବ୍‌ଧି କରି ନଥିଲେ । ପ୍ରାଚୀନ ହିନ୍ଦୁ ରାଜସ୍ୱ ପ୍ରଶାସନ ୟୁନିଟମାନଙ୍କରେ ସେ କୌଣସି ପରିବର୍ତ୍ତନ ଆଣିବାକୁ ଯାଉନଥିଲେ । ଏହି ବନ୍ଦୋବସ୍ତରେ ଅଧିକୃତ ଅଞ୍ଚଳରେ ପ୍ରଚଳିତ ପରମ୍ପରା ପ୍ରତି ଯଥାର୍ଥ ସମ୍ମାନ ଦିଆଯାଉ ଥିବାରୁ ତାହା ଆକବରଙ୍କ ଉଦାର ମନୋଭାବର ପରିଚୟ ଦିଏ ।

ପ୍ରଧାନ ପ୍ରଧାନ ମୌଳିକ ହିନ୍ଦୁ ପ୍ରତିକୃତି ଓ ଲକ୍ଷଣମାନ ଯଦିଓ ଏଥିରେ ଅପରି-ବର୍ତ୍ତିତ ରଖା ଯାଇଥିଲା କର୍ମଚାରୀବର୍ଗ ଏବଂ ପ୍ରଶାସନିକ ୟୁନିଟ ବା ଡ଼ିଭିଜନଙ୍କର ନାମ ପାର୍ଶି ଭାଷାରେ ପ୍ରଚଳନ କରାଯିବାର ଆବଶ୍ୟକତା ଉପଲବଧ ହୋଇଥିଲା । ଏଭଳି ପଦକ୍ଷେପ ଶାସକ ଓ ଶାସିତ ଉଭୟଙ୍କ ଲାଗି ସୁବିଧାଜନକ ହୋଇଥିଲା ।

Digitized by PPRACHIN, SOA

ପୂର୍ବରୁ ହିନ୍ଦୁ ରଜାମାନଙ୍କ ରାଜତ୍ୱରେ ଓଡ଼ିଶା ବହୁ ସଂଖ୍ୟକ ଦଣ୍ଡପାଟରେ ବିଭକ୍ତ ହୋଇଥିଲା । ଏହା ଖଣ୍ଡ ବା ବିଶି ତୁଳନାରେ ଅପେକ୍ଷାକୃତ ବଡ଼ ବଡ଼ ଡ଼ିଭିଜନ । ମାତ୍ର ସମ୍ପ୍ରତି ଦଣ୍ଡପାଟ ଗୁଡ଼ିକୁ ସାଧାରଣ ଭାବରେ ଅଥବା ଅଧିକାଂଶ କ୍ଷେତ୍ରରେ ସରକାରରେ ପରିଣତ କରାଗଲା । ତଥ୍ୟାବଳୀରୁ ଜଣାଯାଏ ଯେ ଉକ୍ତ ଅଞ୍ଚଳକୁ ସରକାରରେ ଶ୍ରେଣୀଭୁକ୍ତ କରାଗଲା ବେଳେ ଅଧିକାଂଶତଃ ସରକାର ସହିତ ଦଣ୍ଡପାଟ ନାମ ଯୋଡ଼ାଯାଇ ରଖା-ଯାଇଥିଲା । କଳିଙ୍ଗ ଦଣ୍ଡପାଟ ଓ ସରକାର ଏବଂ ଭଦ୍ରଖ ଦଣ୍ଡପାଟ ଏହି ବ୍ୟବସ୍ଥାର ଏକ ଏକ ଉଦାହରଣ ।

ମୋଗଲ ଶାସନ ଡିଭିଜନର ସରକାର ଗୁଡ଼ିକୁ ଅନେକ ଗୁଡ଼ିଏ ପରଗଣାରେ ଭାଗ ଭାଗ କରାଯାଇଥିଲା । ଏ ଗୁଡ଼ିକ ଉଣା ଅଧିକେ ପୂର୍ବତନ ହିନ୍ଦୁଶାସକମାନଙ୍କ ରାଜତ୍ୱର ଖଣ୍ଡ ଓ ବିଶି ସହିତ ସମାନ । ପୁନଶ୍ଚ ପ୍ରତ୍ୟେକ ପରଗଣାକୁ ଅନେକ ଗୁଡ଼ିଏ ତାଲୁକାରେ ବିଭକ୍ତ କରାଯାଇଥିଲା ଏବଂ ପ୍ରତି ତାଲୁକା କେତେଗୁଡ଼ିଏ ଗ୍ରାମରେ ବିଭକ୍ତ ହୋଇଥିଲା । ଗୋଟିଏ ବା କେତେଗୁଡ଼ିଏ ଗ୍ରାମ ଯାହାକୁ କି ମୌଜା କୁହାଯାଉଥିଲା ତାହା ତାଲୁକାର ଅଧୀନରେ ଅବସ୍ଥାପିତ ହୋଇଥିଲା ।

ଖାଲସା ବା ରାଜଭୂମି ଦାୟିତ୍ୱରେ ଥିବା ରାଜସ୍ୱ ଅଧୀକାରୀମାନଙ୍କୁ ଚୌଧୁରୀ ଓ ଓ୍ୱିଲିଆତି (Viliaity) କାନୁନ୍‌ଗୋ ବା ସାଧାରଣ ଭାବେ ତାଲୁକଦାର କୁହାଯାଉଥିଲା । ପୂର୍ବରୁ ଗାଁ ମୁଖିଆମାନଙ୍କୁ ପ୍ରଧାନ କୁହାଯାଉଥିବା ବେଳେ ନୂତନ ବ୍ୟବସ୍ଥାନୁସାରେ ତାଙ୍କୁ ମକଦ୍ଦମ ବୋଲି ନାମିତ କରାଗଲା । ବଡ଼ ବଡ଼ ରାଜସ୍ୱ ଇଉନିଟ ଦାୟିତ୍ୱରେ ଥିବା ଚୌଧୁରୀ ଅଥବା ଗ୍ରାମର ମକଦ୍ଦମମାନେ ସ୍ୱସ୍ୱ କାର୍ଯ୍ୟପରିସର ମଧ୍ୟରେ ମୁଖ୍ୟ ଥିଲେ । ସେତେବେଳେ ଦୁଇପ୍ରକାରର ଚୌଧୁରୀ ଥିଲେ; ସ୍ଥାନୀୟ ଓ ପ୍ରାଦେଶିକ । ସେହିପରି ଓ୍ୱିଲିଆତି (Viliaity) କାନୁନ୍‌ଗୋ ଥିଲେ, ସ୍ଥାନୀୟ ଅଥବା ପ୍ରାଦେଶିକ ହିସାବ ଅଧିକାରୀ । ଚୌଧୁରୀ ଏବଂ Viliaity କାନୁନ୍‌ଗୋ ବା ତାଲୁକଦାରମାନେ ଥିଲେ ଖଲସା ଜମିର ରାଜସ୍ୱ ଅଫିସର (ଅଧିକାରୀ) । ବେଳେବେଳେ ସେମାନେ ମକଦ୍ଦମଙ୍କ ସହିତ ଉତ୍ତରାଧିକାରୀ ସୂତ୍ରରେ ସ୍ଥାନୀୟ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ମଧ୍ୟ ଦୃଷ୍ଟିଗୋଚର ହେଉଥିଲା । ନିଜ ନିଜ ଡିଭିଜନରୁ ସରକାରୀ ରାଜସ୍ୱ ଆଦାୟ କରିବା ଥିଲା ସେମାନଙ୍କର କାର୍ଯ୍ୟ । ସେମାନେ ପୁଲିସକୁ ନିୟନ୍ତ୍ରଣ କରୁଥିଲେ ଏବଂ ସେମାନଙ୍କ ପରଗଣାରେ ଉପୁଜୁଥିବା ବିବାଦର ସମାଧାନ କରୁଥିଲେ । ଜମି ହସ୍ତାନ୍ତର ଓ ଜମି ଅଧିକାର ସମ୍ପର୍କୀୟ ନିର୍ଦ୍ଦେଶ ଓ ନିୟମାବଳୀ ମଧ୍ୟ ସେମାନେ କାର୍ଯ୍ୟକାରୀ କରୁଥିଲେ । ରଜା ପାଇଁ ସରକାରୀ କାର୍ଯ୍ୟ କରିବା ହେତୁ ଅସୁଲ ରାଜସ୍ୱ ଉପରେ ଶତକଡ଼ା ୫ ଭାଗ ସେମାନେ ପାରିଶ୍ରମିକ ଭାବରେ ପାଉଥିଲେ । ଏତଦ୍‌ବ୍ୟତୀତ ମାଛଚାଷ, ଫଳ-ଉଦ୍ୟାନ, ଜଙ୍ଗଲଜାତ ପଦାର୍ଥ ପ୍ରଭୃତି

Digitized by PPRACHIN, SOA

ଉପରେ ମଧ୍ୟ ସେମାନେ କେତେକ ନିର୍ଦ୍ଦିଷ୍ଟ ସୁବିଧା ଉପଭୋଗ କରୁଥିଲେ । ବାଣିଜ୍ୟ ଶୁଳ୍କ ଉପରେ ମଧ୍ୟ ସେମାନେ ଲାଭ ପାଉଥିଲେ । ଏହା ବ୍ୟତୀତ "ବାନ୍ଜାର ଖରେଜଜମା" ବା ଅନାବାଦୀ ଦଖଲ ନ ଥିବା ତଥା ଖଜଣାଧାର୍ଯ୍ୟ ଉପଯୋଗୀ ହେଉ ନ ଥିବା ଓ ଖଜଣା ଅଣନିର୍ଦ୍ଧାରିତ ଜମିର କିୟଦଂଶ ବିକ୍ରିକରିପାରିବାର କ୍ଷମତା ମଧ୍ୟ ସେମାନଙ୍କୁ ମିଳିଥିଲା ।

ମକଦ୍ଦମମାନେ ତାଲୁକଦାରମାନଙ୍କ ନିୟନ୍ତ୍ରଣାଧୀନ ଥିଲେ ଏବଂ ସେମାନଙ୍କ ଉପରିସ୍ଥମାନଙ୍କ ପରି ପ୍ରାୟତଃ ସମାନ ସୁବିଧା ଉପଭୋଗ କରୁଥିଲେ ।

ତୋଡରମଲ୍ଲଙ୍କର ଗୋଟାଏ ସମସ୍ୟା ଥିଲା, ପୂର୍ବବର୍ତ୍ତୀ ଗଜପତି ଅମଳର ସମସ୍ତ ଓଡ଼ିଆ ବା ସ୍ଥାନୀୟ କର୍ମଚାରୀମାନଙ୍କୁ ରାଷ୍ଟ୍ରର କର୍ତ୍ତବ୍ୟ ସମ୍ପାଦନ ଦାୟିତ୍ୱରେ ଅବସ୍ଥାପିତ କରଯିବ କି ନାହିଁ । ଯଥାର୍ଥ ଭାବେ ବିବେଚନା କରଯାଇ ଠିକ୍ କରଗଲା ଯେ ପୂର୍ବ ଗଜପତି କାଳର ସ୍ଥାନୀୟ କର୍ମଚାରୀମାନଙ୍କୁ ତତ୍ତ୍ୱାବଧାନ କରିବା ତଥା ନୂତନ ବନ୍ଦୋବସ୍ତକୁ ସୁଚାରୁ ରୂପେ ଚଳାଇବା ଲାଗି ଓଡ଼ିଶା ବାହାରୁ କେତେକ ଅଫିସରଙ୍କୁ ନିଯୁକ୍ତି ଦିଆଯିବା ଉଚିତ । ତେଣୁ ସଦର କାନୁନ୍‌ଗୋ ଓ ସଦର ଚୌଧୁରୀ ପଦବୀ ସୃଷ୍ଟିକରଗଲା । ସେମାନଙ୍କ ସଂସ୍ଥାମାନ ସ୍ଥାନୀୟ ଚୌଧୁରୀ ଓ କାନୁନ୍‌ଗୋଙ୍କ ସଂସ୍ଥା ଠାରୁ ଥିଲା ଭିନ୍ନ । ଏହିଭଳି ଉଚ୍ଚତର ପଦବୀମାନ ସମ୍ଭବତଃ ମୋଗଲ ଶାସନପଦ୍ଧତି ସମ୍ପର୍କରେ ଅଭିଜ୍ଞତା ଥିବା ମୁସଲମାନ କିମ୍ବା ବେଳେ ବେଳେ ମୁଖ୍ୟତଃ ବଙ୍ଗଳାରୁ ଆସିଥିବା ହିନ୍ଦୁମାନଙ୍କ ସକାଶେ ସଂରକ୍ଷିତ ଥିଲା । ଏ ବ୍ୟବସ୍ଥାର ଏକ ପରିଣତି ହେଲା ଯେ କଟକସ୍ଥ ଚାରି ସଦର କାନୁନ୍‌ଗୋ ଏବଂ ସେମାନଙ୍କ ବହୁ ଗୁମାସ୍ତା କାଳକ୍ରମେ ବହୁତ ଗୁଡ଼ିଏ ତାଲୁକାର ପରିଚାଳନା ଦାୟିତ୍ୱ ଗ୍ରହଣ କରିବାର ସୁଯୋଗ ପାଇଥିଲେ ଏବଂ ସେମାନେ ତାଲୁକଦାର ହୋଇପାରିଥିଲେ । ପରବର୍ତ୍ତୀ କାଳରେ ସେମାନେ ଉକ୍ତ ଅଞ୍ଚଳର ପ୍ରଭାବଶାଳୀ ଜମିଦାରରୂପେ ପରିଣତ ହେଲେ । ଏପରିକି ସେମାନଙ୍କର କେତେକ ଗୁମାସ୍ତା ମଧ୍ୟ କାଳକ୍ରମେ କେତେକ ତାଲୁକ ଅକ୍ତିଆର କରିବାକୁ ସକ୍ଷମ ହେଲେ ଏବଂ ସମାଜରେ ଧନାଢ୍ୟ ଓ ସମ୍ଭ୍ରାନ୍ତ ବ୍ୟକ୍ତି ଭାବରେ ପରିଗଣିତ ହେଲେ ।

ମୋଗଲମାନଙ୍କ ଦ୍ୱାର ପ୍ରବର୍ତ୍ତିତ ରାଜସ୍ୱ ପଦ୍ଧତି ପୂର୍ବ ସାମନ୍ତବାଦୀ-ସମରମୁଖୀ ସମାଜ (Military Character) ଉପରେ କୁଠାରଘାତ କରିଥିଲା । ହିନ୍ଦୁ ଗଜପତି ସମୟରେ ଏଠାରେ ବହୁ ସଂଖ୍ୟକ ସାମରିକ ଅଫିସର ରହିଥିଲେ ଏବଂ ସେମାନଙ୍କର ନିଜ ନିଜର ଗଡ଼ ଓ ଜାଗିରିମାନ ଥିଲା । ସେହି ଜାଗିରିରେ ପାଇକମାନଙ୍କର ଭରଣ-ପୋଷଣ ବ୍ୟବସ୍ଥା ଥିଲା । ଜାଗିରି ସମେତ ସାମରିକ କେନ୍ଦ୍ରଗୁଡ଼ିକ ଗଡ଼ ନାମରେ ପରିଚିତ ଥିଲା । ହିନ୍ଦୁରାଜାମାନଙ୍କ ସେବାରେ ନିଜକୁ ନିୟୋଜିତ କରି ସେଥି ନିମନ୍ତେ ଜାଗିରି

Digitized by PPRACHIN, SOA

ଉପଭୋଗ କରୁଥିବା ଏହିପରି ଅନେକ ଅଫିସର ମୋଗଲ ନୀତି ପ୍ରବର୍ତ୍ତନ ହେବା ଫଳରେ ପୂର୍ଣ୍ଣ ଖଜଣା ଦେବାକୁ ବାଧ୍ୟ ହେଲେ କିମ୍ବା ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ଜାଗିରି ଉଚ୍ଛେଦ କରାଯାଇଥିଲା । ଅନ୍ୟ ପକ୍ଷରେ ଆଉ କେତେକ ବଳଶାଳୀ ଅଥବା ନୂଆ ଶାସକଙ୍କୁ କରଗତ କରିବା ପାଇଁ ଚତୁରତାସମ୍ପନ୍ନ ସାମନ୍ତ ନିଜ ଜାଗିରି ରକ୍ଷା କରିବାରେ ସମର୍ଥ ହୋଇଥିଲେ । ସେହି କ୍ଷେତ୍ରରେ ସେମାନଙ୍କୁ ଆବଶ୍ୟକ ସମୟରେ ମୋଗଲ ସରକାରଙ୍କୁ ସୈନ୍ୟ ଯୋଗାଇବା ପାଇଁ କୁହାଯାଇଥିଲା ।

ମୋଗଲମାନେ ହିନ୍ଦୁ ରଜାମାନଙ୍କ ପରି ସାମରିକ ସାମନ୍ତମାନଙ୍କ ସାମରିକ ସେବା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁ ନ ଥିଲେ । ସେମାନେ ନିଜର ସୈନ୍ୟବାହିନୀଙ୍କୁ ନିଯୁକ୍ତି ଦେଉଥିଲେ ଏବଂ ପ୍ରତିପୋଷଣ କରୁଥିଲେ । ଉପରୋକ୍ତ ବ୍ୟବସ୍ଥାନୁସାରେ ନିଯୁକ୍ତ ଜମିଦାର ବା ସାମନ୍ତଙ୍କୁ ଉତ୍ତମ ପୁଲିସବାହିନୀ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆ-ଯାଇଥିଲା ଏବଂ ସେଥିପାଇଁ ତାଙ୍କୁ ପାରିଶ୍ରମିକ ମିଳୁଥିଲା ।

ମୋଗଲ ରାଜତ୍ୱକାଳୀନ ବନ୍ଦୋବସ୍ତ

ମୋଗଲ ରାଜତ୍ୱ ସମୟରେ ପୁନର୍ଗଠନ ବା ପୁନର୍ବଣ୍ଟନ ଫଳରେ ରାଜସ୍ୱ ୟୁନିଟ୍ ସଂଖ୍ୟାରେ ବିଭିନ୍ନ ସମୟରେ ହ୍ରାସ ବୃଦ୍ଧି ଦେଖା ଦେଇଥିଲା । ସମ୍ରାଟଙ୍କ ନିର୍ଦ୍ଦେଶାନୁସାରେ ବିଭିନ୍ନ ଗଭର୍ଣ୍ଣରଙ୍କ ରାଜତ୍ୱରେ ଶାସନର ସୁବିଧା ନିମନ୍ତେ ଏହା କରାଯାଇଥିଲା । ଆକବରଙ୍କ ଓଡ଼ିଶା ଅଧିକାର ସମୟରେ ସମଗ୍ର ଅଞ୍ଚଳ ୯୯ଟି ପରଗଣାକୁ ନେଇ ଗଠିତ ପାଞ୍ଚଗୋଟି ସରକାରରେ ବିଭକ୍ତ ଥିଲା ଏବଂ ବଙ୍ଗଳାର ୧୯ଟି ସରକାର ସହିତ ସାମିଲ ଥିଲା । ଏହା ବଙ୍ଗଳା ସୁବାର ଏକ ଅଂଶବିଶେଷ ଥିଲା । ଏହି ପାଞ୍ଚଟି ସରକାର ହେଉଛି ଜଳେଶ୍ୱର, ଭଦ୍ରକ, କଟକ, କଳିଙ୍ଗ ଦଣ୍ଡପାଟ ଓ ରାଜମହେନ୍ଦ୍ରୀ । କେତେକ ପଣ୍ଡିତ ବେଳେବେଳେ ମତବ୍ୟକ୍ତ କରିଛନ୍ତି ଯେ ଶାସନ ପ୍ରାରମ୍ଭରେ ମୋଗଲ ଶକ୍ତି ଚିଲିକାହ୍ରଦ ଅତିକ୍ରମ କରିପାରି ନ ଥିଲା । ତେଣୁ ଏହି ଜିଲ୍ଲାଗୁଡ଼ିକ ଅଧିକୃତ ହୋଇ ନ ଥିଲା ବା ସେଗୁଡ଼ିକର ରାଜସ୍ୱ ସ୍ଥିରୀକୃତ ହୋଇ ନ ଥିଲା ବୋଲି ବିଶ୍ୱାସ କରିବାର ଯଥେଷ୍ଟ କାରଣ ରହିଅଛି ।

ମାତ୍ର ଏହି ଉକ୍ତି ଦୁଇଟି କାରଣରୁ ଠିକ୍ ମନେହୁଏ ନାହିଁ । ପ୍ରଥମତଃ ୧୫୩୦ ଖ୍ରୀଷ୍ଟାବ୍ଦରେ ବିଜୟନଗରର ରଜା କୃଷ୍ଣଦେବ ରାୟଙ୍କ ମୃତ୍ୟୁ ପରେ ଏବଂ ପରବର୍ତ୍ତୀ କାଳରେ ବିଜାପୁର, ଗୋଲକୁଣ୍ଡା ଓ ବିଜୟନଗରର ତିନିରାଜ୍ୟ ଅହମଦ ନଗର ବିରୁଦ୍ଧରେ ସର୍ବଦା ଯୁଦ୍ଧରେ ବ୍ୟାପୃତ ରହିବା ଫଳରେ ସେମାନଙ୍କର ଦକ୍ଷିଣ-ଓଡ଼ିଶା ଉପରେ ପ୍ରଭାବ କ୍ରମେ ଦୁର୍ବଳ ଓ ହ୍ରାସ ପାଇବାକୁ ଲାଗିଲା । ଓଡ଼ିଶାର ରାଜା ଏହି ଅଞ୍ଚଳରେ ନିଜର ପ୍ରଭୁତ୍ୱ ବିସ୍ତାର ପାଇଁ ଉକ୍ତ ପରିସ୍ଥିତିର ସୁଯୋଗ ନେଇପାରି ଥାଆନ୍ତି । ଓଡ଼ିଶା ରାଜାଙ୍କ ପତନ ପରେ ଆକବରଙ୍କ ରାଜତ୍ୱ ସମୟରେ କଳିଙ୍ଗ ଦଣ୍ଡପାଟ (ଚିକାକୋଲ) ଓ ରାଜମହେନ୍ଦ୍ରୀ

Digitized by PPRACHIN, SOA

ସରକାରଗୁଡ଼ିକୁ ନେଇ ଗଠିତ ଓଡ଼ିଶାର ଦକ୍ଷିଣାଞ୍ଚଳ ଅଧିକାର କରିବା ମୋଗଲମାନଙ୍କ ପକ୍ଷରେ ସହଜସାଧ୍ୟ ହୋଇଥିବ ।

ଦ୍ୱିତୀୟତଃ କଳିଙ୍ଗ ଦଣ୍ଡପାଟ ସରକାର ଓ ରାଜମହେନ୍ଦ୍ରୀ ସରକାର ଅନ୍ତର୍ଭୁକ୍ତ ମାହାଲମାନଙ୍କର ସଂଖ୍ୟାର ଉଲ୍ଲେଖ ଏବଂ ଏହି ସରକାରରୁ ଆଦାୟ ହେବାକୁ ଥିବା ରାଜସ୍ୱ ପରିମାଣରୁ ସୂଚିତ ହୁଏ ଯେ ମୋଗଲ ରାଜସ୍ୱ ଅଫିସର ଏ ଅଞ୍ଚଳକୁ ଯାଇଥିଲେ ଏବଂ ସେଠାରେ ଖଜଣା ନିର୍ଦ୍ଧାରଣ କରିଥିଲେ ।

ଆକବରଙ୍କ ରାଜତ୍ୱ ସମୟର ଏହି ଶାସନ ବିଭାଗମାନ ଜାହାଙ୍ଗୀରଙ୍କ ରାଜତ୍ୱ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ଜାହାଙ୍ଗୀରଙ୍କ ସମୟରେ ଗୋଲକୁଣ୍ଡାର ଶକ୍ତି ସମ୍ପ୍ରସାରଣ ଫଳରେ କଳିଙ୍ଗ ଦଣ୍ଡପାଟ (ଚିକାକୋଲ) ଓ ରାଜମହେନ୍ଦ୍ରୀ ସରକାର ଦ୍ୱୟ ମୋଗଲମାନଙ୍କ ଅକ୍ତିଆର ବାହାରକୁ ଚାଲିଯାଇଥିବା ମନେହୁଏ । ଏହାପରେ ଓଡ଼ିଶାର ମାତ୍ର ତିନିଗୋଟି ସରକାର ରହିଲା । ତେଣୁ ଶାହାଜାହାନଙ୍କ ରାଜତ୍ୱରେ ଓଡ଼ିଶାର ରାଜସ୍ୱ ୟୁନିଟ୍ ଗୁଡ଼ିକର ପୁନର୍ଗଠନ ବା ପୁନଃ ବନ୍ଦୋବସ୍ତ କରାଯିବାର ଆବଶ୍ୟକତା ଅନୁଭୂତ ହୋଇଥିଲା । ତେଣୁ ୧୬୨୭ ରୁ ୧୬୫୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପୂର୍ବତନ ତିନିଗୋଟି ସରକାରକୁ ୧୨ ଟି ନୂତନ ସରକାରରେ ବିଭକ୍ତ କରାଯାଇଥିଲା ଏବଂ ସେଥିରେ ୩୨ଟି ମାହାଲ ଅନ୍ତର୍ଭୁକ୍ତ ହୋଇଥିଲା ।

ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ଶାସନ ୟୁନିଟ୍ ଗୁଡ଼ିକର ତିନିଥର ପୁନର୍ଗଠନ କରାଯାଇଥିଲା । ସେଥି ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନେହୁଏ । ୧୬୯୫ ଖ୍ରୀଷ୍ଟାବ୍ଦରେ ହୋଇଥିବା ପୁନର୍ଗଠନ ବ୍ୟବସ୍ଥାରେ ୨୩ ଟି ମାହାଲକୁ ନେଇ ୧୫ ଟି ସରକାର ସୃଷ୍ଟି କରାଯାଇଥିଲା । ୧୭୦୦ ମସିହାରେ ଏହି ୧୫ ଟି ସରକାରକୁ ୧୩ କୁ ହ୍ରାସ କରାଯାଇ ମୋଟ ୨୧୪ ଟି ମାହାଲ କରାଗଲା । ଆଉରଙ୍ଗଜେବଙ୍କ ପରେ ୧୭୨୦ ଖ୍ରୀଷ୍ଟାବ୍ଦରେ ମୁର୍ଶିଦ କୁଲି ଖାଁ-୧ ଓଡ଼ିଶାର ଗଭର୍ଣ୍ଣର ଥିବାବେଳେ ଏହି ସରକାର ଗୁଡ଼ିକର ପୁନଃବିଭାଗ କରାଯାଇଥିଲା ।

ମୂଳଭୂମି ସହିତ ଅଧିକ ପରିମାଣର ନୂତନ ଭୂମି ସାମିଲ ହେବା ଦୃଷ୍ଟିରୁ ବା ଶାସନର ସୁବିଧା ହେତୁ ସରକାର ଓ ମାହାଲ ଗୁଡ଼ିକର ପୁନର୍ଗଠନର ଆବଶ୍ୟକତା ଆସିଥିଲା । ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ (୧୭୨୦ ଖ୍ରୀଷ୍ଟାବ୍ଦ ପରେ) ଓଡ଼ିଶା ପ୍ରଦେଶ ୫୯୫୦୭୯ ବୀରସିଂହ ବିଘା ମାପ ଜମି ରହିଥିବାର ଗୁହାର-ଇ-ଗୁଲ୍ସାନରେ ଉଲ୍ଲେଖ ଅଛି । ଏହି ପରିମିତ ଜମିକୁ ଆକବର-ସାହି ବିଘାରେ ପରିଣତ କଲେ ୯୦୧୨୬୬୨୫୯ ହେବ । କିନ୍ତୁ ଏତାଦୃଶ ସଂଖ୍ୟା ଅବାସ୍ତବ ଓ ବେଠିକ୍ ବୋଲି ମନେହୁଏ । ମାତ୍ର ଅନ୍ୟ ପକ୍ଷରେ ଓଡ଼ିଶାର ଜମି ପରିମାଣ ସମ୍ପର୍କରେ ଜେମ୍ସ ଗ୍ରାଣ୍ଟଙ୍କ ବିଶ୍ଳେଷଣ କିଛିଟା ସଠିକ୍ ଧାରଣା ଦେଇଥାଏ । ତାଙ୍କ ମତରେ ଖଜଣା ଆଦାୟ ସକାଶେ ୧୬୫୮

Digitized by PPRACHIN, SOA

ମସିହାରେ ପଶ୍ଚିମ ପାଖ ଅନୁର୍ବର ପାର୍ବତ୍ୟ ଅଞ୍ଚଳକୁ ଛାଡ଼ିଦେଲେ ସମ୍ଭବତଃ ମୋଟ ୧୫,୦୦୦ ବର୍ଗମାଇଲ ପରିମିତ ଜମି ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ମାତ୍ର ୧୬୦୬-୦୭ ମସିହାରେ ବଙ୍ଗଳାକୁ ସମ୍ପ୍ରସାରଣ କରିବା ପାଇଁ ହିଜ୍‌ଲି, ତାମଲୁକ, ମୁଏସାଡୁଲ, ବୁଗ୍ରି, ଯୁନ୍‌ବେଣ୍ଟ ଇତ୍ୟାଦି ଜିଲ୍ଲାଗୁଡ଼ିକୁ ମିଶାଇ ୪୦ ଟି ପରଗଣା ସାମିଲ କରି ପୁନର୍ଗଠନ କରିବା ଫଳରେ ଉକ୍ତ ଅଞ୍ଚଳଟି ଭାଗଭାଗ ହୋଇଯାଇଥିଲା ଓ ରାଜସ୍ୱ ଆଦାୟ ପରିମାଣରେ ଯଥେଷ୍ଟ ପରିବର୍ତ୍ତନ ଘଟିଲା । ପରବର୍ତ୍ତୀ କାଳରେ ବାଲେଶ୍ୱର ବନ୍ଦର ଉପରେ ନିର୍ଭର କରୁଥିବା ୧୨ଟି ମାହାଲକୁ ଓଡ଼ିଶାରୁ କାଢ଼ି ନିଆଯାଇ ବଙ୍ଗଳା ସହିତ ମିଶାଇ ଦିଆଗଲା । ଏହିସବୁ ପରିବର୍ତ୍ତନ ଫଳରେ ରାଜସ୍ୱ ଆଦାୟ ସକାଶେ ଓଡ଼ିଶାର ଜମି ପରିମାଣ ୧୦,୦୦୦ ବର୍ଗମାଇଲକୁ ହ୍ରାସ ପାଇଥିଲା ।

ମୋଗଲ ରାଜତ୍ୱ କାଳରେ ଦୁଇଟି ବଡ଼ ବନ୍ଦୋବସ୍ତ ପ୍ରଚଳିତ ହୋଇଥିଲା । ସେଥିମଧ୍ୟରୁ ଗୋଟିକୁ ତନ୍‌ଖା ରକ୍‌ମୀ ଓ ଅନ୍ୟଟିକୁ ଜମ୍ମା କମାଲ ବୋଲି କହୁଥିଲେ ।

ପ୍ରଥମୋକ୍ତ ବ୍ୟବସ୍ଥା ତୋଡ଼ରମଲ୍ଲ ବନ୍ଦୋବସ୍ତ ନାମରେ ମଧ୍ୟ ପରିଚିତ । ଏହାର ସ୍ଥିରୀକୃତ କର ଉଚ୍ଚ ଥିଲା ଏବଂ ସ୍ୱୀକୃତ ଖଜଣା ନିର୍ଦ୍ଧାରଣ ଏବଂ ଟଙ୍କାରେ ହିସାବ ହେଉଥିଲା । ଷ୍ଟାର୍ଲିଂଙ୍କ ମତରେ ମୋଗଲମାନଙ୍କ ନିର୍ଦ୍ଧାରିତ ତଥା ନିୟମିତ ଖଜଣା ଆଦାୟ ଦର (ରେଟ୍) ହିନ୍ଦୁ ରାଜା ବା ଓଡ଼ିଶାର ଅଣମୁସଲମାନ ରାଜାମାନଙ୍କ ରେଟ୍ ଅପେକ୍ଷା ବେଶୀ ଥିଲା ।

ସେହି ଲେଖକଙ୍କ ମତାନୁସାରେ ତନ୍‌ଖା ରକ୍‌ମୀ ହେଉଛି ଆଗେ ଯେଉଁ ଭୂମି-ଗୁଡ଼ିକୁ ଜାଗିରି ହିସାବରେ ବା ଜମି ହିସାବରେ ମୋଗଲ ସରକାରୀ ଅଫିସରମାନଙ୍କୁ ଦିଆଯାଉଥିଲା ତା'ର ଏକ ଅନ୍ଦାଜିଆ ଅଧିକା ରେଟ୍‌ର ମୂଲ୍ୟ ନିର୍ଦ୍ଧାରଣ । ପାର୍ଶି ଭାଷାରେ ତନ୍‌ଖାର ସାଧାରଣ ଅର୍ଥ ସମର୍ପିତ ଜାଗିରି ବା ସମର୍ପିତ ଭୂମି । ଭାରତୀୟ ଅର୍ଥନୀତି (Finance)ର ଜନୈକ ଖ୍ୟାତନାମା ପ୍ରଣେତା ଜେ. ଗ୍ରାଣ୍ଟ ମଧ୍ୟ ଅନୁରୂପ ମତପ୍ରକାଶ କରନ୍ତି । ତାଙ୍କ ମତରେ "ମୋକେରି ତନ୍‌ଖା ରକ୍‌ମୀ ବା ରେଜେଷ୍ଟ୍ରିଭୁକ୍ତ ନିରୂପିତ ଭୂମି ସର୍ବଦା ଅଧିକାଂଶ କ୍ଷେତ୍ରରେ ଜାଗିରି ଆକାରରେ ଦିଆ ଯାଉଥିଲା ।" ଆଇନ୍-ଇ-ଆକବରୀର କେତେକ ନିର୍ଦ୍ଦିଷ୍ଟ ଅଂଶ ମଧ୍ୟ ଅନୁରୂପ ମତପୋଷଣ କରେ । ଏଥିରେ ଉଲ୍ଲେଖ କରାଯାଇଛି ଯେ "ଯେତେବେଳେ ଆସିଫ୍ ଖାଁ ଓ୍ୱାଜିର (ମନ୍ତ୍ରୀ ବା ପରାମର୍ଶଦାତା) ଥିଲେ ସେତେବେଳେ ଦେଶର ଜମା ରକ୍‌ମୀ ବନ୍ଦୋବସ୍ତ ଅନୁଯାୟୀ ଧାର୍ଯ୍ୟ ହେଉଥିଲା ଏବଂ ସେ ଯେଉଁଳି ଉଚିତ୍ ମନେ କରୁଥିଲେ ସେହିପରି ଭାବରେ ତନ୍‌ଖା ବୃଦ୍ଧି କରିବାରେ ଲାଗିଥିଲେ ।"

ଜମ୍ମା କମଲ ଥିଲା ଦ୍ୱିତୀୟ ବୃହତ୍ତର ବନ୍ଦୋବସ୍ତ । ଏହା ୧୭୨୮ ଖ୍ରୀଷ୍ଟାବ୍ଦରେ ମୁର୍ଶିଦ କୁଲି-ଖାଁ ଓରଫ ଜାଫର ଖାଁ ଗଭର୍ଣ୍ଣର ଥିବା ସମୟରେ ଅନୁଷ୍ଠିତ ହୋଇଥିଲା ।

Digitized by PPRACHIN, SOA

ଜେ. ଗ୍ରାଣ୍ଟ ଏହାକୁ 'ଜାଫର-ଖାଁ ବନ୍ଦୋବସ୍ତ' ବୋଲି କହୁଥିଲେ ଏବଂ "ଜମ୍ମା ତୁମାର କାମିଲ୍" (Jumma Toomar Kamil) ବୋଲି ମଧ୍ୟ ଅଭିହିତ କରିଥିଲେ । ଆହୁରି ମଧ୍ୟ କମଲ ମହମ୍ମଦ ନାମକ ଜନୈକ ଅଫିସରଙ୍କ (ଅଧିକାରୀଙ୍କ) ନାମାନୁସାରେ ଏହାକୁ ଜମ୍ମା କମଲ ବୋଲି କୁହାଯାଉଥିବା ଉଲ୍ଲେଖ କରାଯାଇଛି । ତେବେ ଅନ୍ୟମାନେ ଏହି ଶବ୍ଦ ବା ବ୍ୟବସ୍ଥାକୁ ପ୍ରକୃତ ବା ବାସ୍ତବ ଜମା ବୋଲି ବିଶ୍ଳେଷଣ କରି ଥାଆନ୍ତି । ତୋଡ଼ରମଲ୍ଲଙ୍କ ଜମା ଅପେକ୍ଷା ଏହି ଜମା ପରିମାଣ ଥିଲା ସାତଲକ୍ଷ କମ୍ । ଏହି ଖଜଣା ନିର୍ଦ୍ଧାରଣ ସମୟରେ ଓଡ଼ିଶାରେ ସେତେବେଳେ ସାଧାରଣ ଭାବେ କଉଡ଼ି ମୁଦ୍ରାରୂପେ ପ୍ରଚଳିତ ହେଉଥିଲା । ତେଣୁ କଉଡ଼ି ରେଟ୍ ଅନୁଯାୟୀ ଜମା ନିର୍ଦ୍ଧାରିତ ହୋଇଥିଲା । ଷ୍ଟାର୍ଲିଂ. ଜେ. ଗ୍ରାଣ୍ଟ ଏବଂ ଅନ୍ୟ ପଣ୍ଡିତମାନଙ୍କ ବିଶ୍ଳେଷଣରୁ ଗୋଟିଏ କଥା ପ୍ରଧାନତଃ ଜଣାଯାଏ ଯେ ଗୋଟିଏ ବ୍ୟବସ୍ଥା ପ୍ରକୃତ ଜମା ପରିମାଣ ଦର୍ଶାଇ ନ ଥିବାବେଳେ ଅନ୍ୟଟି ପ୍ରକୃତ ଜମାର ସୂଚନା ଦେଇଥିଲା । ରାଜସ୍ୱ ହ୍ରାସ ସମ୍ପର୍କରେ ଏହି ଯୁକ୍ତି ବହୁ ପରିମାଣରେ ଯୁକ୍ତିଯୁକ୍ତ ହୋଇପାରେ । ମାତ୍ର ବିଭିନ୍ନ ସମୟରେ ଓଡ଼ିଶାର ସୁବା ପରିସୀମାର ହ୍ରାସ ଏବଂ କଉଡ଼ି ଅର୍ଥନୀତି ବଦଳରେ ଟଙ୍କା ଅର୍ଥନୀତି ପ୍ରବର୍ତ୍ତନ ୧୭୨୮ ମସିହାର ରାଜସ୍ୱ ହ୍ରାସକୁ ବର୍ଦ୍ଧିତ କରିଥିବ ।

ଓଡ଼ିଶାର ମୋଗଲ ସରକାରଙ୍କ ଦ୍ୱାରା ଅସୁଲ କରାଯାଇଥିବା ବାର୍ଷିକ ରାଜସ୍ୱ ପରିମାଣ ନିର୍ଦ୍ଧାରଣ କରିବା କଷ୍ଟକର । ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ବିଶେଷଜ୍ଞ ଓଡ଼ିଶାର ରାଜସ୍ୱ ଭାବେ ଭିନ୍ନ ପ୍ରକାରର ସଂଖ୍ୟା ଅବତାରଣା କରି ଅଛନ୍ତି । ଏହି ସଂଖ୍ୟା ସବୁ ନିମ୍ନରେ ପ୍ରଦତ୍ତ ହେଲା :

ଓଡ଼ିଶାର ରାଜସ୍ୱ

୧୫୯୪ ଖ୍ରୀଷ୍ଟାବ୍ଦ – ଟ ୩୧,୪୩,୩୧୬ – ଆଇନ-ଇ-ଆକବରୀ / II—୧୪୧—୧୪୪

୧୬୪୮ ,, – ଟ ୫,୦୦,୦୦୦ – ଅବ୍ଦୁଲ ହମିଦଙ୍କ ପଦିଶାନାମା—II ୭୧୧)

୧୬୫୪ ,, – ଟ ୫୬,୩୯,୫୦୦ – (ଦସ୍ତୁର-ଉଲ୍-ଆଲ୍‌ମ-ଥେମ୍‌ସଙ୍କ ଦ୍ୱାରା ଉଦ୍ଧୃତ)

୧୬୬୫ ,, – ଟ ୭୨,୭୦,୦୦୦ – (ବର୍ଣ୍ଣିୟେରଙ୍କ ଭ୍ରମଣ—ପୃ ୪୩୭)

c. ୧୬୯୦ ,, – ଟ ୩୫,୭୦,୫୦୦ – (ଦସ୍ତୁର-ଉଲ୍-ଆଲ୍‌ମ—B. Musor M. S. No. 1641)

c. ୧୬୯୫-୧୭୦୦ ଖ୍ରୀଷ୍ଟାବ୍ଦ – ଟ ୪୩,୨୧,୦୨୫ – (ଦସ୍ତୁର-ଉଲ୍ ଆଲାମ-ଥେମ୍‌ସଙ୍କ ଦ୍ୱାରା ଉଦ୍ଧୃତ)

c. ୧୬୯୫-୧୭୦୦ ,, – ଟ ୧୦୧,୦୨,୬୨୫ – (ଖୁଲାସତ୍ ଉତ୍-ତିଓ୍ୱାରିଖ୍, ୩୨)

Digitized by PPRACHIN, SOA

୯. ୧୬୯୭-୧୭୦୭ ଖ୍ରୀଷ୍ଟାବ୍ଦ – ଟ ୫୭,୦୭,୫୦୦ – (ମାନୁସି – II ୪୧୪)
୧୭୦୭ ,, – ଟ ୩୫,୭୦,୫୦୦ – (ରମୁ ସିଓ)
୧୭୦୭ ,, – ଟ ୩୫,୭୦,୨୭୫ – (ଜଗଜ୍ଜୀବନ ଦାସ, ଇଣ୍ଡିଆ ଅଫିସ
୩.୬.୧୭୯୯–ପୃ ୫)

ଟିଏଫିନ୍ ଥେଲର – ଟ ୩୫,୭୦,୫୨୫

ଉପରୋକ୍ତ ସଂଖ୍ୟାରୁ ସ୍ପଷ୍ଟ ଜଣାଯାଏ ଯେ ୧୫୯୪ ଖ୍ରୀଷ୍ଟାବ୍ଦରେ ଆଇନ୍-ଇ-ଆକବରୀରେ ସର୍ବନିମ୍ନ ୩୧,୪୩,୩୧୬ ଟଙ୍କା ଉଲ୍ଲେଖ କରଯାଇଥିବା ବେଳେ ଖୁଲସାତ୍-ଉତ୍-ତିଓ୍ୱାରିଖରେ ଏହି ପରିମାଣ ୧୬୯୫ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ଟ ୧୦୧, ୦୨,୬୨୫ ଅବାସ୍ତବ ସଂଖ୍ୟାକୁ ବୃଦ୍ଧି ପାଇଅଛି । ମାନୁସି ଓ ରମୁସିଓଙ୍କ ପରି ବିଦେଶୀ ପର୍ଯ୍ୟଟକମାନେ ୧୭୦୭ ଖ୍ରୀଷ୍ଟାବ୍ଦରେ ତଥ୍ୟ ସଂଗ୍ରହ କରିଥିଲେ ହେଁ ମାନୁସି ଏହି ପରିମାଣ ୫୭,୦୭,୫୦୦ ଟଙ୍କା ବୋଲି ଉଲ୍ଲେଖ କରିଥିବା ବେଳେ ରମୁସିଓ ତାହା ୩୫,୭୦,୫୦୦ ଟଙ୍କା ବୋଲି ଦର୍ଶାଇ ଅଛନ୍ତି । ଏଥିରୁ ଜଣାଯାଏ ଯେ ସେମାନେ କୌଣସି ନିର୍ଭରଯୋଗ୍ୟ ସୂତ୍ରରୁ ଏହି ତଥ୍ୟ ସଂଗ୍ରହ କରି ନ ଥିବା ସମ୍ଭବ । ଏ ସମ୍ପର୍କରେ ଅବ୍ୟାହତ ଭାବରେ ୧୦ ବର୍ଷ ସକାଶେ କୌଣସି ତଥ୍ୟ ଆମର ହସ୍ତଗତ ହୋଇନାହିଁ ଯାହାକି ଆମ୍ଭମାନଙ୍କ ପକ୍ଷରେ ହାରାହାରି ଏକ ବାର୍ଷିକ ଆୟ ନିର୍ଦ୍ଧାରଣ କରିବାକୁ ସମର୍ଥ ହୋଇଥାଆନ୍ତା । ମାତ୍ର ଦସ୍ତୁର-ଉଲ୍-ଆଲାମ୍‌ରେ ଥେମ୍‌ସ ଉଲ୍ଲେଖ କରିଥିବା ସଂଖ୍ୟା ବର୍ଷ ଅନୁଯାୟୀ ଦିଆଯାଇନାହିଁ । ଏଥିରେ ପାଞ୍ଚବର୍ଷ ପାଇଁ ଗୋଟିଏ ସଂଖ୍ୟା ଦିଆଯାଇଛି କିନ୍ତୁ ତାହା ୫ ବର୍ଷର ହାରାହାରି ହିସାବ କି ନୁହେଁ ତାହା ମଧ୍ୟ ଉଲ୍ଲେଖ କରଯାଇ ନାହିଁ । ତେଣୁ ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଧାରଣା ଦେବାରେ ତାହା ସାହାଯ୍ୟ କରୁନାହିଁ । ଏହି ପରିମାଣର ହିସାବ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜାଣିହେବ ଯେ ପ୍ରାୟ ସମସ୍ତ ବା ଅଧିକାଂଶ ସଂଖ୍ୟା ବାର୍ଷିକ 'ଷ୍ଟାଣ୍ଡାର୍ଡ ରାଜସ୍ୱ' ଉପରେ ଆଲୋକପାତ କରୁନାହିଁ । ଏଥିରେ ଆଗରୁ ରହିଥିବା ବହୁ ପରିମାଣ ବକେୟା ସହିତ ପ୍ରକୃତ ରାଜସ୍ୱ ମିଶି ରହିଅଛି । ଉପରୋକ୍ତ ବହୁ ପରିମାଣର ରାଜସ୍ୱ ମଧ୍ୟରେ ବିଗତ କେତେ ବର୍ଷର ବକେୟା ତଥା ଚଳିତ ରାଜସ୍ୱ ମିଶି ରହିଥିବା ନିଶ୍ଚିତ । ବାସ୍ତବିକ ନିମ୍ନ ପ୍ରଦତ୍ତ କେତେକ କାରଣରୁ ଓଡ଼ିଶାର ପ୍ରକୃତ ରାଜସ୍ୱ କେତେ ଥିଲା ତାହା ବାହାର କରିବା କଷ୍ଟକର ।

ପ୍ରଥମତଃ, ବହୁ ରାଜନୈତିକ ଅଥବା ପ୍ରଶାସନିକ ବିଚାର ବିବେଚନା ହେତୁ ଭିନ୍ନ ଭିନ୍ନ ସମୟରେ ଓଡ଼ିଶାର ପରିସୀମାର ହ୍ରାସବୃଦ୍ଧି ଘଟୁଥିଲା । ଦ୍ୱିତୀୟତଃ ରାଜସ୍ୱ ସମ୍ପର୍କରେ ତଥ୍ୟ ଯୋଗାଉଥିବା ପାର୍ଶୀ ପରିସଂଖ୍ୟାନ ପୁସ୍ତକଗୁଡ଼ିକ ଯାହା ବିଦ୍ୟମାନ ତାହା ଅତି କଦର୍ଯ୍ୟ ଭାବରେ ଲିଖିତ ।

Digitized by PPRACHIN, SOA

ତଥାପି ଏ ସମ୍ପର୍କରେ ଯାହାକିଛି ତଥ୍ୟ ମିଳୁଛି ସେଥିରୁ ଏଇ ସିଦ୍ଧାନ୍ତରେ ପହଞ୍ଚିବାକୁ ହେବ ଯେ ପରିସୀମାରେ ପରିବର୍ତ୍ତନ ଘଟୁଥିବା ଦୃଷ୍ଟିରୁ ରାଜସ୍ୱ ଅସୁଲ କ୍ଷେତ୍ରରେ ହ୍ରାସବୃଦ୍ଧି ଘଟିବା ନିଶ୍ଚିତ । ତା' ସତ୍ତ୍ୱେ ଯେଉଁ ସବୁ ସୂତ୍ରରୁ ଏହି ତଥ୍ୟ ମିଳିଛି ସେଥିରେ କାଗଜରେ ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ଖଜଣା ପରିମାଣ ସୂଚିତ ହୁଏ । ମାତ୍ର ପ୍ରକୃତ ଅସୁଲ ପରିମାଣ ରେଜିଷ୍ଟରଭୁକ୍ତ ଷ୍ଟାଣ୍ଡାର୍ଡ ପରିମାଣଠାରୁ କମ୍ ହୋଇଥାଏ । ତେଣୁ ଠିକ୍ ଭାବରେ କୁହାଯାଇଛି ଯେ ଏଥିରେ ଉଲ୍ଲେଖ ହୋଇଥିବା କେତେକ ହିସାବ ଯାହାକି ପାର୍ଶୀ ପାଣ୍ଡୁଲିପିରୁ ଅନୁଦିତ ହୋଇଛି ତାହା ବିଶ୍ୱାସଯୋଗ୍ୟ ନୁହେଁ କାରଣ ତାହା ପାର୍ଶୀ ପାଣ୍ଡୁଲିପିର ନିର୍ଭୁଲ ଅନୁଲିଖନ ନୁହେଁ ।

ଅସୁଲ ସମସ୍ୟା

ଖଜଣା ବହିର ଜମା ଅନୁଯାୟୀ ବାର୍ଷିକ ରାଜସ୍ୱ ଅସୁଲ କରିବା ସହଜସାଧ୍ୟ ନ ଥିଲା । ସେହି ଦୃଷ୍ଟିରୁ ଅସୁଲ ବକେୟା ହୋଇପଡୁଥିଲା । ବେଳେବେଳେ ଦେଖାଯାଉଥିଲା ଯେ ବକେୟା ଖଜଣା ପଇଠ ନ ହୋଇ ବହୁ ପରିମାଣରେ ଏକାଠି ଜମି ଯାଉଥିଲା ।

ଦୁଇଗୋଟି କାରଣରୁ ଏହା ଘଟୁଥିଲା—ପ୍ରଥମତଃ ରାଜସ୍ୱ ଅଫିସରମାନଙ୍କ ଉଦାସୀନତା ଓ ଦମନ ମନୋଭାବ । ଦ୍ୱିତୀୟତଃ ତୋଷରପାତ ଏବଂ ଋଣୀର ପରିଶୋଧ କ୍ଷମତା ବହିର୍ଭୂତ ଅତିରିକ୍ତ ଦାବୀ ଓ ବଳପୂର୍ବକ ଆଦାୟ ।

ରାଜସ୍ୱ ଅଫିସରମାନଙ୍କ ତୋଷରପାତ

ସରକାରୀ ଅର୍ଥ ତୋଷରପାତ ଅନେକ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ପରିଣତ ହୋଇଥିଲା । ଏ ସମ୍ପର୍କରେ ଅଳ୍ପ କେତେକ ଘଟଣା ନିମ୍ନରେ ଅବତାରଣା କରାଗଲା : ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ଜନୈକ ଇବ୍ରାହିମ ବକ୍‌ସି ନିଜେ କେତେକ ଗ୍ରାମର ଖଜଣା ଆତ୍ମସାତ୍ କରିବା ସଙ୍ଗେ ତାଙ୍କ ଏଜେଣ୍ଟମାନେ ପରଗଣାରୁ ଅସୁଲ କରିଥିବା ଖଜଣାକୁ ମଧ୍ୟ ତୋଷରପାତ କରିଥିଲେ । ସେହିପରି କରମୂଳ ପରଗଣାର ଜଣେ ରାଜସ୍ୱ ଅଫିସର ସେହି ମାହାଲର ଖଜଣା ଆତ୍ମସାତ୍ କରିଥିଲେ । ଓଡ଼ିଶାରେ ଯେ ବହୁଳ ଦୁର୍ନୀତି ଓ ତୋଷରପାତ ଘଟୁଥିଲା ତାହାର ଏ ଦୁଇଟି ଉଦାହରଣ କେବଳ ନିଦର୍ଶନ ବୋଲି ଜନୈକ ମୋଗଲ ଅଫିସରଙ୍କ ବିବୃତିରୁ ପ୍ରମାଣିତ ହୋଇଛି ।

ହାସିମ ଖାଁ ସମ୍ରାଟଙ୍କ ଦିଓ୍ୱାନ ରୂପେ ନିଯୁକ୍ତ ହୋଇଥିଲେ । ସେ ସମ୍ରାଟଙ୍କ ନିମନ୍ତେ ଉଦ୍ଦିଷ୍ଟ ଜମିବାଡ଼ିର ଖଜଣା ନିର୍ଦ୍ଧାରଣ କରିଥିଲେ । ଏହି ଖଜଣା ନିର୍ଦ୍ଧାରଣ ଏତେ ବେଶୀ ପରିମାଣର ହୋଇଥିଲା ଯେ ଗ୍ରାମବାସୀମାନଙ୍କୁ (ନିଷ୍ଠୁର ଭାବେ ବଳପୂର୍ବକ ଖଜଣା ଆଦାୟ) ସର୍ବସ୍ୱାନ୍ତ କରିଥିଲା । ନିଯୁକ୍ତି ପାଇବାର ଅଳ୍ପ କେତେଦିନ ପରେ ଅସୁଲକାରୀ-ମାନଙ୍କୁ ବହିଷ୍କାର କରିବା ହାସିମ ଖାଁଙ୍କ ଅଭ୍ୟାସରେ ପଡ଼ିଯାଇଥିଲା । ଅଧିକାଂଶ ସମୟରେ ଅସୁଲକାରୀଙ୍କୁ ନୂତନ ନିଯୁକ୍ତି ଦିଆଯାଇଥିଲା । ଅଧିକା ଆଦାୟ ପାଇଁ ସେ ଅସୁଲକାରୀ

Digitized by PPRACHIN, SOA

ଉପରେ ପ୍ରବଳ ଚାପ ପକାଉଥିଲେ ଏବଂ ସେମାନଙ୍କୁ ସର୍ବଦା ଉଦ୍‌ବେଗ ଓ ଚିନ୍ତା ଭିତରେ ବୁଡ଼ାଇ ରଖିଥିଲେ ।

ଏହି ନୀତିରୁ ତାଙ୍କର ଭୁଲ ଚିନ୍ତାଧାରା, ନିଜ ସ୍ୱାର୍ଥଜନିତ ଲୋଭ ପରିପୂରଣ ନିମନ୍ତେ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ବିମୁଖତା ଏବଂ ରାଜ୍ୟର ସ୍ୱାର୍ଥ ବିନିମୟରେ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିକଥା ସ୍ପଷ୍ଟ ପ୍ରମାଣିତ ହୁଏ । ମନେହୁଏ ତାଙ୍କର ଧାରଣା ରହିଥିଲା ଯେ ଅତିମାତ୍ରାରେ ଖଜଣା ନିର୍ଦ୍ଧାରଣ କରି ସେ ସମ୍ରାଟଙ୍କ ଦରବାରରୁ ପୁରସ୍କୃତ ହୋଇପାରିବେ କିମ୍ବା ସେ ଆତ୍ମସାତ୍ କରିଥିବା ଅର୍ଥ କେବଳ ଗ୍ରାମବାସୀଙ୍କ ଠାରୁ ବଳପୂର୍ବକ ଖଜଣା ଆଦାୟ ଦ୍ୱାରା ପୂରଣ ହୋଇପାରିବ । ମାତ୍ର ଏହାର ପରିଣାମ ଓଲଟା ହେଲା । ଖଜଣା ପରିମାଣ କେତେକ ସ୍ଥାନରେ ଦୁଇଗୁଣ ଏବଂ ଆଉ କେତେକ ସ୍ଥାନରେ ତିନିଗୁଣ ବୃଦ୍ଧି-ପାଇବା ଫଳରେ ରୟତିମାନେ ସେସବୁ ପଇଠ କରି ନ ପାରି ନିଜ ନିଜର ଘରଛାଡ଼ି ପଳାଇଗଲେ । ଏବଂ ଗାଁଗଣ୍ଡା ନିଶୂନ ହୋଇପଡ଼ିଲା । କୁହାଯାଏ, "ଯେତେବେଳେ ହାସିମ୍ ଖାଁ ନିଜେ ଏକ ବନ୍ଦୋବସ୍ତ କରିବା ପାଇଁ ପହଞ୍ଚିଲେ ସେତେବେଳେ ବଳପୂର୍ବକ ଅର୍ଥାଦାୟ ଏବଂ ଜର୍ଜରିତ ଅତ୍ୟାଚାର ଦ୍ୱାରା ମୃତ୍ୟୁମୁଖୀ ରୟତମାନେ ଖବର ପାଇବାମାତ୍ରେ ପଳାଇ ଯାଇଥିଲେ । ସେମାନଙ୍କ ମଧ୍ୟରୁ କେତେକ ଯେଉଁମାନେ କି ଦେୟ ପରିଶୋଧ କରିବାକୁ ଅକ୍ଷମ ହେଲେ ସେମାନେ ମାଡ଼ରେ ମୃତ୍ୟୁବରଣ କରିଥିଲେ ଏବଂ ଅନ୍ୟମାନଙ୍କ ମଧ୍ୟରୁ କେତେକ ଜେଲ୍ ଭୋଗିଥିଲେ । ଏହିପରି ଶୋଚନୀୟ ପରିସ୍ଥିତିରେ ଯେଉଁମାନେ ନିଜ ସ୍ତ୍ରୀ ଓ ପିଲାଛୁଆଙ୍କୁ ବିକ୍ରି କରିବାକୁ ବାଧ୍ୟ ହୋଇଥିଲେ ସେମାନଙ୍କର ମଧ୍ୟ ଜୀବନ-ଧାରଣ କରିବା ଅତି କଷ୍ଟକର ହୋଇଥିଲା ।

ଉପରୋକ୍ତ ଘଟଣାମାନଙ୍କରୁ ରାଜସ୍ୱ ଅଫିସରମାନଙ୍କର ଦମନମୂଳକ ପଦକ୍ଷେପ ଲୋକମାନଙ୍କୁ କିପରି ଦୁର୍ଦ୍ଦଶାରେ ପକାଇଥିଲା ତାହା ଜଣାପଡ଼େ ।

ପୁନଶ୍ଚ କେନ୍ଦ୍ରରେ ଯେତେବେଳେ କୌଣସି ପ୍ରକାର ରାଜନୈତିକ ଗୋଳମାଳ ଘଟୁଥିଲା ପ୍ରଦେଶମାନଙ୍କରେ ତାହାର ପ୍ରଭାବ ଅନୁଭୂତ ହେଉଥିଲା । ବେଳେବେଳେ ପ୍ରଦେଶର ଦିୱାନ କିମ୍ବା ଅନ୍ୟାନ୍ୟ ରାଜସ୍ୱ ଅଫିସର ଏହି ପରିସ୍ଥିତିର ଫାଇଦା ଉଠାଉ-ଥିଲେ, ଖଜଣା ଅସୁଲରେ ଅବହେଳା ପ୍ରଦର୍ଶନ କରୁଥିଲେ ଅଥବା ଅସୁଲ ଖଜଣା ଆତ୍ମସାତ୍ କରୁଥିଲେ । ଉଦାହରଣସ୍ୱରୂପ ଶାହାଜାହାନଙ୍କ ରାଜତ୍ୱ ଶେଷବେଳକୁ ଗୋଳମାଳିଆ ପରିସ୍ଥିତି ଦେଖାଦେଇଥିଲା । ପରିଣାମସ୍ୱରୂପ ରାଜତ୍ୱ ଅର୍ଥସମ୍ବନ୍ଧୀୟ କାଗଜପତ୍ର ହଜି ଯାଇଥିଲା । ରାଜସ୍ୱ ବିଭାଗ ବିଶୃଙ୍ଖଳ ପରିସ୍ଥିତିରେ ପଡ଼ିଥିଲା । ମହମ୍ମଦ ଜାନ ଓ ମୀର-ଇସମାଇଲଙ୍କ ପରି ବ୍ୟକ୍ତିମାନେ ସ୍ଥାନୀୟ ଦିୱାନମାନଙ୍କ ଯଲାସୁତୁରାରେ ସରକାରୀ ତହବିଲ ଲୁଟ୍‌ପାଟ୍ କରି ନେଇଥିଲେ । ଯେଉଁଠାରେ ପ୍ରାଦେଶିକ ଗଭର୍ଣ୍ଣର ସତର୍କ ଓ

Digitized by PPRACHIN, SOA

ରାଜସ୍ୱ ଅଫିସରମାନେ କର୍ତ୍ତବ୍ୟ ପରାୟଣ ଓ ସହଯୋଗୀ ଥିଲେ ସେହିଠାରେ କେବଳ ଖଜଣା ଅସୁଲ ବୃଦ୍ଧି ପାଇପାରିଥିଲା । ସିଂହାସନ ପାଇଁ ଉତ୍ତରାଧିକାରିତ୍ୱ ଯୁଦ୍ଧର ଅବସାନ ପରେ ପ୍ରାଦେଶିକ ଗଭର୍ଣ୍ଣର ଖାଁ-ଇ-ଦୌରାନଙ୍କ ବିଭିନ୍ନ ପଦକ୍ଷେପରୁ ଏହା ସ୍ପଷ୍ଟ ପରିଲକ୍ଷିତ ହୁଏ । ସେ ଏକ ଦ୍ୱିପାକ୍ଷିକ ପଦକ୍ଷେପ ଅନୁସରଣ କରିଥିଲେ । ଏକ ପକ୍ଷରେ ଯେଉଁ ଅବାଧ୍ୟ ଓ ବିଦ୍ରୋହୀ ଜମିଦାର ବା ମୁଖ୍ୟମାନେ ସରକାରଙ୍କୁ ଖଜଣା ନ ଦେବାପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଉ ଥିଲେ ଅଥବା ସେମାନଙ୍କ ଠାରୁ ଆଦାୟ ହେବାକୁ ଥିବା ଖଜଣା ପ୍ରତ୍ୟାହାର କରି ନେଉଥିଲେ ସେମାନେ ଦଣ୍ଡିତ ହେଉଥିଲେ ଏବଂ ଯେ କୌଣସି ଆଇନ ଅମାନ୍ୟ କାର୍ଯ୍ୟ ସଂପୂର୍ଣ୍ଣଭାବେ ଦମନ କରାଯାଉଥିଲା । ଅନ୍ୟ ପକ୍ଷରେ ଯେଉଁ ସ୍ଥାନୀୟ ତଥା ପ୍ରାଦେଶିକ ଦେଓ୍ୱାନ ଏବଂ ଅନ୍ୟ ରାଜସ୍ୱ କର୍ମଚାରୀମାନେ ଅପବ୍ୟବହାର କରି କିମ୍ବା ସରକାରୀ ଅର୍ଥ ତୋଷରପାତ କରୁଥିଲେ ଅଥବା ସତର୍କତା ଅବଲମ୍ବନ ନ କରି ବା ଅସାବଧାନତା ଯୋଗୁଁ ରାଜସ୍ୱ ଅସୁଲରେ ହ୍ରାସ ଘଟାଉଥିଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଉ-ଥିଲା । ତାଙ୍କରି ପ୍ରତିକୂଳ ମନ୍ତବ୍ୟ ଫଳରେ ଓଡ଼ିଶାର ଗଭର୍ଣ୍ଣର ଅତ୍ୟାଚାରୀ ହାସିମ୍ ଖାଁଙ୍କୁ କର୍ମଚ୍ୟୁତ କରାଯାଇଥିଲା ।

ଏହି ସବୁ ପଦକ୍ଷେପ ହେତୁ ଅସୁଲ ପରିମାଣରେ ବୃଦ୍ଧି ଘଟିଥିଲା । ଖାଁ-ଇ-ଦୌରାନ ଦିଲ୍ଲୀର ସମ୍ରାଟଙ୍କ ରାଜକୋଷକୁ ବାକିଆ ହୋଇ "ଜମିଯାଇଥିବା ୧୫ ଲକ୍ଷ ଟଙ୍କା ରାଜସ୍ୱ ପଠାଇଥିଲେ ।"

ଓଡ଼ିଶା ବଙ୍ଗଳାର ଅଧିନସ୍ଥ ଆଉ ବା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇଥାଉ, ମୋଗଲ ରାଜତ୍ୱ ସମୟରେ ଓଡ଼ିଶାରୁ ଅସୁଲ ରାଜସ୍ୱ ସମ୍ରାଟଙ୍କ ରାଜକୋଷକୁ ସିଧାସଳଖ ପଠାଯାଉ ନ ଥିଲା । ଏ ସମ୍ପର୍କରେ ଯେଉଁ ସାଧାରଣ ପଦ୍ଧତି ଅନୁସୃତ ହେଉଥିଲା ତଦନୁଯାୟୀ ଓଡ଼ିଶାର ରାଜସ୍ୱ ବଙ୍ଗଳାକୁ ପ୍ରଥମେ ପଠାଯାଉଥିଲା ଏବଂ ବଙ୍ଗଳାରୁ ଆଦାୟ ରାଜସ୍ୱ ସହିତ ତାହା ସମ୍ରାଟଙ୍କ ଦରବାରକୁ ପ୍ରେରିତ ହେଉଥିଲା । ବେଳେବେଳେ ଓଡ଼ିଶାର ରାଜସ୍ୱ ସମ୍ରାଟଙ୍କ ଦରବାରକୁ ପ୍ରେରଣ ନିମିତ୍ତ ପ୍ରଥମେ ବର୍ଦ୍ଧମାନର ଫଉଜଦାରଙ୍କ ନିକଟକୁ ପଠାଯାଉଥିବାର ପ୍ରମାଣ ମିଳେ ।

ପୁନଶ୍ଚ ବିଶେଷ କରି ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ଗୋଲକୁଣ୍ଡାର ରାଜସ୍ୱ ଓଡ଼ିଶା ବାଟ ଦେଇ ପଠାଯାଉଥିଲା । ସମ୍ରାଟଙ୍କ ଦରବାରକୁ ପ୍ରେରଣ ନିମିତ୍ତ ଓଡ଼ିଶାର ଗଭର୍ଣ୍ଣର ଗୋଲକୁଣ୍ଡା ଠାରୁ ଖଜଣା ରଖୁଥିବାର ପ୍ରମାଣ ମଧ୍ୟ ମିଳେ ।

ଜଣାଯାଏ ଯେ ମୋଗଲ ରାଜତ୍ୱ ସମୟରେ ଟଙ୍କା ଓ କଉଡ଼ି ଆକାରରେ ଖଜଣା ଅସୁଲ କରାଯାଉଥିଲା । ଓଡ଼ିଶାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ଖଜଣା ଧାନ ଆକାରରେ ମଧ୍ୟ ଆଦାୟ ହେଉଥିଲା । ଏହିପରି ଅସୁଲ ଧାନକୁ ନୌ ଚଳାଚଳ ଉପଯୋଗୀ ଋତୁରେ ନିର୍ଦ୍ଦିଷ୍ଟ ସ୍ଥାନକୁ ପ୍ରେରଣ ନିମନ୍ତେ ଜାହାଜରେ ବୋଝେଇ କରି ବନ୍ଦରକୁ ଅଣାଯାଉଥିଲା ।

Digitized by PPRACHIN, SOA

ଓଡ଼ିଶାର ପାହାଡ଼ିଆ ମୁଖ୍ୟ ବା ସାମରିକ ମୁଖ୍ୟଙ୍କ ଠାରୁ ମୋଗଲମାନେ ନିର୍ଦ୍ଦିଷ୍ଟ ପରିମାଣର ସଲାମୀ (Tribute) ଆଦାୟ କରୁଥିଲେ । ଏତଦ୍‌ବ୍ୟତୀତ ମୋଗଲ-ମାନେ କରଦ ରାଜାମାନଙ୍କ ଠାରୁ ଉତ୍ତରାଧିକାରୀ ଫିସ୍ ମଧ୍ୟ ଅସୁଲ କରୁଥିଲେ । ପୁରାତନ ରାଜାଙ୍କ ମୃତ୍ୟୁ ପରେ ନୂତନ ରାଜା ଗାଦିନସୀନ ହେବା ବେଳେ ଏହି ଫିସ୍ ଆଦାୟ ହେଉଥିଲା । ସାରଙ୍ଗଗଡର ରଜାଙ୍କୁ ଉତ୍ତରଧିକାରୀ ଫିସ୍ ସ୍ୱରୂପ ୧୦.୦୦୦ ଟଙ୍କା ଦେବାକୁ ପଡ଼ିଥିଲା । ସେହିପରି ଖୋର୍ଦ୍ଧାର ରାଜା ମଧ୍ୟ ଏହି ଫିସ୍ ଦେଇଥିଲେ । ଉଦାହରଣସ୍ୱରୂପ ପୁରୁଷୋତ୍ତମ ଦେବଙ୍କୁ ଖୋର୍ଦ୍ଧା ସିଂହାସନାରୁଢ଼ ହେବା ସମୟରେ ତାଙ୍କ ଭାଇଙ୍କ ଉତ୍ତରା-ଧିକାରୀ ଭାବରେ ୧୦,୦୦୦ ଟଙ୍କା ଦେବାକୁ ପଡ଼ିଥିଲା ।

ଆଉରଙ୍ଗଜେବଙ୍କ ରାଜତ୍ୱ ଅମଳରେ ମୋଗଲ ସାମ୍ରାଜ୍ୟର ବ୍ୟାପ୍ତି ଚରମ ସୀମାରେ ଉପନୀତ ହୋଇଥିଲା । ସାମ୍ରାଜ୍ୟବାଦୀ ନୀତି ଯୁଦ୍ଧର ଅଭ୍ୟୁଦୟ କରେ ଏବଂ ତାହା ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିଥାଏ । ପୁନଶ୍ଚ ସାମ୍ରାଜ୍ୟବାଦୀ କାର୍ଯ୍ୟକ୍ରମ ଅନୁଦାର ତଥା ଧର୍ମନିଷ୍ଠ ନିଷ୍ଠୁର ନୀତି ସହିତ ମିଶିଗଲେ ଅଧିକ ଯୁଦ୍ଧ ଓ ସଂଘର୍ଷ ସୃଷ୍ଟି କରେ । ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ଅଧିକ ଅର୍ଥ ଆବଶ୍ୟକ ହୁଏ । ସମ୍ଭବତଃ ଏହି କାରଣରୁ ଆଉରଙ୍ଗଜେବ ନିୟମିତ ଭାବେ ଲିପିବଦ୍ଧ ଜମା ଅପେକ୍ଷା ବଙ୍ଗଳା ଏବଂ ଓଡ଼ିଶାରୁ ଅଧିକ ରାଜସ୍ୱ ଆଶା କରୁଥିଲେ । ଲୋକମାନଙ୍କର ଖଜଣା ପଇଠ କ୍ଷମତା ଯାହା ଥାଉ ନା କାହିଁକି ଇଂରେଜ ଶାସନକାଳ ପରି ସେ ସମୟରେ ମଧ୍ୟ ଲୋକଙ୍କ ଠାରୁ ଅଧିକ ରାଜସ୍ୱ ଆଦାୟ କରିବାରେ ରାଜସ୍ୱ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ପ୍ରମାଣିତ ହେଉଥିଲା । ବଙ୍ଗଳା, ବିହାର ଓ ଓଡ଼ିଶାର ତଦାନୀନ୍ତନ ଭାଇସ୍ ରାୟ ମୁର୍ଶିଦ-କୁଲି ଖାଁ—୧ କେନ୍ଦ୍ରସରକାରଙ୍କ ଗ୍ଧପରେ ମୋଗଲ ଦରବାରକୁ ଅଧିକ ଅର୍ଥ ପଠାଇବା ସକାଶେ ଖଜଣା ବୃଦ୍ଧି ନିମିତ୍ତ ଦୁଇ ପ୍ରକାର କାର୍ଯ୍ୟକ୍ରମ ଅନୁସରଣ କରିଥିଲେ ।

(୧) ଯେଉଁ ଭୂମି ମାଲିକମାନେ ରଜସ୍ୱ ଦେବାକୁ ବୀତସ୍ପୃହ ଓ ଅପାରଗ ସେମାନଙ୍କ ଭୂମିକୁ ଅନ୍ୟକୁ ଠିକା ଦେଇ କର ଆଦାୟ କରିବା;

(୨) ବଙ୍ଗଳାରେ ଥିବା ସମସ୍ତ ଅଫିସରଙ୍କ ଜାଗିରିକୁ ଖାଲସା ବା ମୋଗଲ ସରକାରଙ୍କ ନିମନ୍ତେ ଉଦ୍ଦିଷ୍ଟ ଜମିରେ ପରିଣତ କରି ସେସବୁକୁ ସମ୍ରାଟଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ଜଣେ ଅସୁଲକାରୀଙ୍କ (Crown-Collector) ଦାୟିତ୍ୱରେ ରଖିବା ଏବଂ ଜାଗିରି ଉଚ୍ଛେଦ କରି ନିଆଯାଇଥିବା ବଙ୍ଗଳାର ଅଫିସରମାନଙ୍କୁ ତା ବଦଳରେ ଓଡ଼ିଶା ପ୍ରଦେଶରେ ଜାଗିରି ଦେବା । ମୁର୍ଶିଦ କୁଲି ଖାଁ (ଜାଫର ଖାଁ)ଙ୍କ ଏହି ପ୍ରସ୍ତାବ ମୋଗଲ ସମ୍ରାଟଙ୍କ ଅନୁମୋଦନ ଲାଭ କରିଥିଲା । ପରିଣାମତଃ ବଙ୍ଗଳାର ମାନସୁବାଦାରମାନେ ଓଡ଼ିଶାରେ ଜମି ପାଇଥିଲେ ।

Digitized by PPRACHIN, SOA

ଏହି ପ୍ରଶାସନିକ ପଦ୍ଧତି ଓଡ଼ିଶାର ଦୁଇ ପ୍ରକାର କ୍ଷତି ସାଧନ କଲା । ପ୍ରଥମତଃ, ଏହା ସମ୍ଭବତଃ ଏକମୁଖୀ (one way traffic) ଥିବାରୁ ଅନେକ ଓଡ଼ିଆ ଜାଗିରିଦାର ବା ଅଧିକାରୀଙ୍କୁ ବଙ୍ଗଳାର ମାନସୁବାଦାରଙ୍କ ଜାଗିରି ସକାଶେ ଜାଗିରିଚ୍ୟୁତ ହେବାକୁ ପଡ଼ିଥିବ କିମ୍ବା ଜଣକ ଠାରୁ ଜାଗିରିର କିଛି ଅଂଶ କାଢ଼ି ଦେଇ ଅନ୍ୟର ଜାଗିରିର କେତେ-କାଂଶ ସହିତ ମିଶାଇ ବଙ୍ଗଳା ଜାଗିରିଦାରମାନଙ୍କ ନିମନ୍ତେ ଓଡ଼ିଶାରେ ଜାଗିରି ବ୍ୟବସ୍ଥା କରଯାଇଥିବ । ମାତ୍ର ଓଡ଼ିଶାର ଜାଗିରି ମାଲିକମାନଙ୍କ ଉପରେ ଏହାର ପ୍ରଭାବ ଯାହା ହୋଇଥାଉ ନା କାହିଁକି ବଙ୍ଗଳାରେ ଜାଗିରି ଦେବା ପରିବର୍ତ୍ତେ ସେଠାକାର ଯେଉଁମାନଙ୍କୁ ଓଡ଼ିଶାରେ ଜାଗିରି ଦିଆଗଲା ସେମାନେ ପାରିପାର୍ଶ୍ୱିକ ଜ୍ଞାନାଭାବ ଓ ଦୂରତା ହେତୁ ସେହିସବୁ ଜାଗିରିର ପରିଚାଳନା ପ୍ରତି ଅବହେଳା ପ୍ରଦର୍ଶନ କରିଥିଲେ । କୃଷିର ଅବନତି ହେଲା । ଏହା ଫଳରେ ଓଡ଼ିଶାର କୃଷୀମାନଙ୍କର ଯଥେଷ୍ଟ କ୍ଷତି ଘଟିଲା ।

ଓଡ଼ିଶାରେ ମୋଗଲ ରାଜସ୍ୱ ପଦ୍ଧତି ହିନ୍ଦୁ ମୌଳିକ ଛାପାରେ ପ୍ରତିଷ୍ଠିତ ହୋଇ କେତେକ ବିଶିଷ୍ଟ ସ୍ୱାତନ୍ତ୍ର୍ୟ ବଜାୟ ରଖିଥିଲା । ହିନ୍ଦୁ ପଦ୍ଧତି ସାମରିକ ସାମନ୍ତବାଦୀ ଢାଞ୍ଚାରେ ପ୍ରବର୍ତ୍ତିତ ଥିଲା, କିନ୍ତୁ ମୋଗଲ ବ୍ୟବସ୍ଥାରେ ଏହି ପ୍ରାଚୀନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରଯାଇ ନ ଥିଲା । ପରିଣାମସ୍ୱରୂପ ସାମରିକ ସେବା ନିମନ୍ତେ ଦତ୍ତ ଜାଗିରି ବ୍ୟବସ୍ଥା ଉଠାଇ ଦିଆଗଲା । କିନ୍ତୁ ଅଳ୍ପ କେତେକ କ୍ଷେତ୍ରରେ ଯେଉଁଠାରେ ସାମରିକ ମୁଖ୍ୟ ବା ପାର୍ବତୀୟ ରଜା ଆବଶ୍ୟକ ସମୟରେ ସୈନ୍ୟ ଯୋଗାଇବାକୁ ସକ୍ଷମ ହେଲେ, ସେମାନଙ୍କୁ ହିଁ କେବଳ ଜାଗିରି ଜମି ଭୋଗ କରିବାକୁ ଅନୁମତି ମିଳିଥିଲା ।

ଏହିପରି ଭାବରେ ସାମରିକ ଜାୟଗିରୀ ପରିବର୍ତ୍ତେ ଏକ ବୈଜ୍ଞାନିକ ରାଜସ୍ୱ ପ୍ରଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ କରଗଲା । ଏହି ଅଞ୍ଚଳରେ ପୂର୍ବରୁ ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ରହିଥିବା କେତେକ ଅଫିସର ଏବଂ ସାମ୍ରାଜ୍ୟର ଅନ୍ୟାନ୍ୟ ପ୍ରାନ୍ତରୁ ନିଯୁକ୍ତ କେତେକ ଅଫିସରଙ୍କୁ ନେଇ ବହୁ ସଂଖ୍ୟକ ରାଜସ୍ୱ ଅଫିସର ଉକ୍ତ କାର୍ଯ୍ୟରେ ନିୟୋଜିତ ହେଲେ । ଆକବରଙ୍କ ଅମଳରେ ପ୍ରଚଳିତ ଏକ ନୂତନ ମାପ ଅନୁସରଣପୂର୍ବକ ଜମିର ଖଜଣା ନିର୍ଦ୍ଧାରଣ କରଗଲା । ଏହି ନୂତନ ମାପ 'ଜରିବ' ବା 'ବାରଦସ୍ତି ପଦିକା' ନାମରେ ପରିଚିତ । ଜଳେଶ୍ୱର, ଭଦ୍ରଖ, ଓ କଟକ ସରକାରର ସଦର କାନୁନ୍‌ଗୋ ଏବଂ ଗୁମାସ୍ତା-ମାନଙ୍କର କାର୍ଯ୍ୟାଳୟର ରକବା ହିସାବ ସେହି ମାପ ଉପରେ ପର୍ଯ୍ୟବସିତ ବୋଲି କୁହାଯାଏ । ଜମା ପରିମାଣ ଟଙ୍କାରେ ସ୍ଥିରୀକୃତ ହେଲାପରେ କଉଡ଼ିରେ ମଧ୍ୟ ରଖାଗଲା ଏବଂ ପାର୍ଶୀ ଭାଷାରେ ଅଫିସ କାଗଜପତ୍ର ଲେଖା ଗଲା ।

ବିଭିନ୍ନ ରାଜସ୍ୱ ଇଉନିଟରୁ କେତେ ଖଜଣା ଅସୁଲ ହେବ ଏବଂ ସମୁଦାୟ କେତେ ଦରମା ଦିଆଯିବ ବର୍ତ୍ତମାନ ମୋଗଲ ସରକାର ଆଖି ପଲକରେ ତାହା ଜାଣିବାକୁ ସମର୍ଥ

Digitized by PPRACHIN, SOA

ହେଲେ । ପଟ୍ଟା ପ୍ରଥା ଅନୁସୃତ ହେବା ଫଳରେ ଖଜଣାଦାର ବା ଚାଷୀ ନିଜେ ଚାଷ କରୁଥିବା ଜମି ପାଇଁ କେତେ ଖଜଣା ଦେବ ତାହା ଜାଣିବାକୁ ସକ୍ଷମ ହୋଇ ପାରିଲା । ଏହା ପୂର୍ବରୁ ସେ ଅନିଶ୍ଚିତ ପରିମାଣର ଯେଉଁ ଖଜଣା ଦେଇ ଆସୁଥିଲା ସେଥିରୁ ସେ ରକ୍ଷା ପାଇଲା ।

ମୋଗଲ ସରକାର ସମାଜର କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କୁ ଦିଆଯାଇଥିବା ପାରମ୍ପରିକ ଜାଗିରି ବ୍ୟବସ୍ଥାରେ କୌଣସି ପ୍ରକାର ତତ୍କ୍ଷଣାତ୍ ପରିବର୍ତ୍ତନ କରି ନ ଥିଲେ । ଓଡ଼ିଶାର ହିନ୍ଦୁ ରାଜାମାନେ ବହୁ ବ୍ରାହ୍ମଣ ଶାସନ ସ୍ଥାପନ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ନିଷ୍କର ଜମି ଭୋଗ କରୁଥିଲେ । ମାତ୍ର ପରବର୍ତ୍ତୀ କାଳରେ ରାଜ୍ୟ ଖଜଣା ଦେୟ ପରିମାଣ ବଢ଼ିବାର ଆବଶ୍ୟକତା ଦୃଷ୍ଟିରୁ ଟଙ୍କି ବା ସ୍ୱଳ୍ପ ପରିମିତ ଖଜଣା ବ୍ରାହ୍ମଣ ଶାସନ ଉପରେ ନିର୍ଦ୍ଧାରଣ କରାଗଲା ଏବଂ ଏକ ନାମମାତ୍ର ନିର୍ଦ୍ଧାରିତ ହାରରେ ସେମାନଙ୍କ ଠାରୁ ଖଜଣା ଆଦାୟ କରାଗଲା । ଦେଖାଯାଇଛି ଯେ ମୋଗଲ ସରକାର ଏଭଳି କେତେକ ଗ୍ରାମ ଉପରେ ଅଧିକ ପରିମାଣର ନିୟମିତ ଖଜଣା ଧାର୍ଯ୍ୟ କରିଥିଲେ ମଧ୍ୟ ଆଉ କେତେକ କ୍ଷେତ୍ରରେ ନାମକୁମାତ୍ର ସ୍ୱଳ୍ପ ପରିମାଣ ଖଜଣା ଦେବା ସୁବିଧା ଉପଭୋଗ କରିବା ନିମନ୍ତେ ସେମାନଙ୍କ ଉପରେ କଟକଣା ନ ଥିଲା ।

ସେହିପରି ପୂର୍ବରୁ ବିଭିନ୍ନ ହିନ୍ଦୁ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଦତ୍ତ ଜାଗିରି ପ୍ରତି ମୋଗଲ ସରକାର ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ବିଭିନ୍ନ ବଦାନ୍ୟ ବ୍ୟକ୍ତି ଜଗନ୍ନାଥ ଅଥବା ଅନ୍ୟ ଦେବଦେବୀଙ୍କୁ ନୂତନ ଜମି ଦାନ କରୁଥିଲେ, ପାରମ୍ପରିକ ରୀତିରେ ସେମାନଙ୍କୁ ସେ ସମସ୍ତ ସୁବିଧା ମିଳୁଥିଲା । ମୋଗଲ ସରକାର ସେଥିରେ ହସ୍ତକ୍ଷେପ ନ କରି ଅନୁମତି ଦେଉଥିଲେ । ଉକ୍ତ ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥାର ଆଉ ଏକ ବୈଶିଷ୍ଟ୍ୟ ହେଉଛି ବିଭିନ୍ନ ପାଟଣା ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହନ ପ୍ରଦାନ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଖଜଣା ଧାର୍ଯ୍ୟ ବହିର୍ଭୂତ ଅନେକ ଉର୍ବର ଜମି ରହିଥିଲା । ଲୋକସଂଖ୍ୟାର ଅଭାବ ଏବଂ ଜଙ୍ଗଲ ନିକଟବର୍ତ୍ତୀ ଭୂମି ଥିବାରୁ ସେଗୁଡ଼ିକୁ ଖଜଣା ଖାତାରେ ଲିପିବଦ୍ଧ କରିବାର କୌଣସି ଯଥାର୍ଥତା ନ ଥିଲା । ଏହିଭଳି ଜମିଗୁଡ଼ିକୁ ରାଜସ୍ୱ ଅଧିକାରୀମାନେ ସ୍ୱେଚ୍ଛାକୃତ ଫଇସଲା କରିବା ପାଇଁ ଅଧିକାର ପାଇଥିଲେ । ରାଜସ୍ୱ ଅଧିକାରୀମାନେ ଖଜଣା ଧାର୍ଯ୍ୟ ହୋଇ ନ ଥିବା ଜମିଗୁଡ଼ିକୁ ଅନୁରୋଧକାରୀ ବ୍ୟକ୍ତିମାନଙ୍କୁ ହସ୍ତାନ୍ତର କରିପାରୁଥିଲେ । ଏହି ଭୂମିଗୁଡ଼ିକ ଉପରେ ଅନେକଗୁଡ଼ିଏ ପାଟଣା ପ୍ରତିଷ୍ଠିତ ହୋଇଥିଲା । ମୁସଲମାନ ବା ବଙ୍ଗାଳୀଙ୍କ ପରି ଅନ୍ୟ ବିଦେଶୀବୃନ୍ଦ ଏପରିକି ଚାଷକାର୍ଯ୍ୟରେ ନିୟୋଜିତ ବ୍ରାହ୍ମଣମାନେ ଏବଂ ବେଳେବେଳେ ଛୋଟ ବେପାରୀମାନେ ମଧ୍ୟ ରାଜସ୍ୱ ଅଧିକାରୀଙ୍କ ନିର୍ଦ୍ଦେଶନାମାରେ ଏହିସବୁ ଭୂମି ଦଖଲ କରି ବସତିମାନ ସ୍ଥାପନ କରି ପାରୁଥିଲେ ।

Digitized by PPRACHIN, SOA

ମୋଗଲ ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥାର ବହୁ ଭଲ ଗୁଣ ସତ୍ତ୍ୱେ ବିଭିନ୍ନ ଶ୍ରେଣୀର ରାଜସ୍ୱ ଅଫିସରମାନେ ଜମିଜମା ଫଇସଲା ଉପରେ କ୍ଷମତାଗୁଡ଼ିକୁ ନିଜ ସ୍ୱାର୍ଥ ସକାଶେ ଏପରି ପ୍ରୟୋଗ କଲେ ଯେ କାଳକ୍ରମେ ଭୂମି ଉପରେ ସେମାନଙ୍କର କେତେକ ନିର୍ଦ୍ଦିଷ୍ଟ ଅଧିକାର ସାବ୍ୟସ୍ତ ହୋଇ ପାରିଥିଲା । ସମ୍ଭବତଃ ଏହା ଦିଲ୍ଲୀ ଦରବାର ଶାସନର ଦୃଷ୍ଟି-ଗୋଚର ହୋଇପାରି ନ ଥିଲା । ଏହି ପରିସ୍ଥିତିରୁ ଓ ଏତାଦୃଶ ଅମଲାତାନ୍ତ୍ରିକ ଶାସନରୁ ଏକ ନୂତନ ଶ୍ରେଣୀର ଭୂମିବାନ୍ ଅଭିଜାତ ସମ୍ପ୍ରଦାୟ ବିକାଶଲାଭ କରିଥିଲା । ସାଧାରଣ ଲୋକ ଉପରେ ଏହା ଏକ ବୋଝ ହୋଇ ପଡ଼ିଲା । ପରିଣାମସ୍ୱରୂପ କାଳକ୍ରମେ ଅଭିଜାତ ସମ୍ପ୍ରଦାୟ ଓ ଅମଲାତନ୍ତ୍ରର ସ୍ୱାର୍ଥ ନିମନ୍ତେ ଚାଷୀ ଶୋଷିତ ହେବାକୁ ଲାଗିଲା ।

କୃଷିଜୀବୀମାନଙ୍କ ସମ୍ପର୍କରେ କୁହାଯାଇ ପାରେ ଯେ ଏ ଯୁଗରେ ଚାଷ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରଯାଇଥିଲା । ଅନେକ ପଡ଼ିଆ ବା ଅଣ-ଚାଷ ଜମିଗୁଡ଼ିକୁ ଚାଷୋପଯୋଗୀ କରଗଲା । ଚାଷୀମାନଙ୍କୁ ଅତ୍ୟାଚାର ଓ ଶୋଷଣରୁ ରକ୍ଷାକରି ସେମାନଙ୍କ ସ୍ୱାର୍ଥ ପ୍ରତି ଯଥେଷ୍ଟ ଦୃଷ୍ଟିଦେବାକୁ ଚୌଧୁରୀ ବା ଜମିଦାରମାନଙ୍କୁ ପରାମର୍ଶ ଦିଆଯାଉଥିଲା । ଏହି ମଧ୍ୟଯୁଗୀୟ କାଳରେ ରାଷ୍ଟ୍ରର ଅଧିକାଂଶ ପରିମାଣର ରାଜସ୍ୱ କୃଷକ ଶ୍ରେଣୀ ଉପରେ ନିର୍ଭର କରୁଥିଲା । ତେଣୁ ସରକାରଙ୍କ ଦ୍ୱାରା ଅନୁସୃତ ରାଜନୀତି ଥିଲା ଚାଷୀକୁଳର ମଙ୍ଗଳ ଓ ଉନ୍ନତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ।

କିନ୍ତୁ କୃଷକମାନଙ୍କ ହିତ ପାଇଁ ନିଯୁକ୍ତ କର୍ମଚାରୀମାନେ ବେଳେବେଳେ ସରକାରଙ୍କ ସମସ୍ତ ପରାମର୍ଶ ପାଳନ ନ କରୁଥିବା ଜଣାଯାଏ । ସମୟ ସମୟରେ ସେମାନେ ଯଥେଷ୍ଟ ପରିମାଣ ଅର୍ଥ ଅସୁଲ ନିମନ୍ତେ ଚାଷୀମାନଙ୍କୁ ହଇରାଣହରକତ ଓ ନିର୍ଯ୍ୟାତିତ କରୁଥିଲେ । ଖଜଣା ପରିମାଣ ଯେତେବେଳେ ଖୁବ୍ ବୃଦ୍ଧିପାଇଯାଏ ଏବଂ ଅତ୍ୟାଚାର ଓ ନିଷ୍ପେଷଣ ଚରମ ସୀମାରେ ଉପନୀତ ହୁଏ ସେତେବେଳେ ସେମାନେ ନିଜ ନିଜର ଜୀବନ ବଞ୍ଚାଇ ଲୋକାନ୍ତରାଳ ନିର୍ଜନ ସ୍ଥାନକୁ ପଳାଇ ଯାଉଥିଲେ । ଅମଲାତନ୍ତ୍ରର ଶୋଷଣ ଓ ଉତ୍ପୀଡ଼ନରେ ଚାଷୀକୁଳ ଅତ୍ୟଧିକ କଷ୍ଟ ଓ ଦୁର୍ଦ୍ଦଶା ଭୋଗ କରୁଥିଲେ ଏବଂ ସେମାନଙ୍କ ଦୁଃଖଦୁର୍ଦ୍ଦଶା ଦୂରୀକରଣ ପାଇଁ ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କୁ ଆବେଦନ କରିବା ବ୍ୟତୀତ ସେମାନଙ୍କ ପକ୍ଷରେ ଅନ୍ୟ କୌଣସି ପନ୍ଥା ନ ଥିଲା । କିନ୍ତୁ ଏହି ଆବେଦନ ଅମଲାତନ୍ତ୍ର କର୍ମଚାରୀମାନଙ୍କ ବଦମାସୀ ଓ କାରସାଦି ହେତୁ ଏବଂ ରାଜଧାନୀ ଦୂରରେ ଥିବାରୁ ବେଳେବେଳେ କର୍ତ୍ତୃପକ୍ଷଙ୍କ କର୍ଣ୍ଣଗୋଚର ହୋଇପାରୁ ନ ଥିଲା ।

ସଂକ୍ଷେପରେ ଏଠାରେ କହିବାକୁ ଗଲେ, ଭୂମି ଥିଲା ଯଥେଷ୍ଟ, ଅଥଚ ଉପଯୋଗ ପାଇଁ ସୁବିଧା ଥିଲା ସୀମିତ । ସମବାୟ ଚାଷର ପ୍ରଚଳନ ନ ଥିଲା ସତ, କିନ୍ତୁ ପରିବାରର ପ୍ରତ୍ୟେକ ସଦସ୍ୟ ଅଧିକ ଉତ୍ପାଦନ ନିମନ୍ତେ ପରସ୍ପର ସହିତ ସହଯୋଗ କରୁଥିଲେ ।

Digitized by PPRACHIN, SOA

(କେବଳ ଗୃହଶିଳ୍ପ ବ୍ୟତୀତ ଅନ୍ୟ କୌଣସି ବୃତ୍ତିର ଅଭାବରୁ) ଏ ଯୁଗରେ ଅନ୍ୟ କୌଣସି ଧନ୍ଦା ଅବଲମ୍ବନର ସୁଯୋଗ ନ ଥିବାରୁ ଅଧିକାଂଶ ଲୋକଙ୍କର ମୁଖ୍ୟ ଜୀବିକା ଥିଲା କୃଷି । ଲୋକମାନଙ୍କର ଚାହିଦା ସୀମିତ ଥିବାରୁ ଏବଂ ଖାଉଟି ଦ୍ରବ୍ୟ ତଥା ଅନ୍ୟାନ୍ୟ ସର୍ବନିମ୍ନ ଆବଶ୍ୟକ ସାମଗ୍ରୀ ଶସ୍ତା ଥିବା ହେତୁ କୃଷକ ରାଷ୍ଟ୍ର ବା ସରକାରଙ୍କ ବଦାନ୍ୟତା ଉପରେ ଅଧିକ ନିର୍ଭର ନ କରି ନିଜ ପରିବାର ଚଳାଇ ପାରୁଥିଲା । କୃଷି ପ୍ରଧାନ ବ୍ୟବସାୟ ହେଲେ ମଧ୍ୟ କୃଷିସମ୍ବନ୍ଧୀୟ ସମସ୍ୟା ଥିଲା ସର୍ବନିମ୍ନ । ଚାଷୀକୁଳ ନିଜର ଉନ୍ନତି ନିମନ୍ତେ ଜମିଦାର ବା ରାଜସ୍ୱ ଅଧିକାରୀମାନଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିଲେ । ସେମାନଙ୍କ ଅବସ୍ଥା ସ୍ୱଚ୍ଛଳ ନ ଥିଲା । ଅମଲାମାନେ ସମ୍ଭବତଃ ଅନେକ କ୍ଷେତ୍ରରେ ସେମାନଙ୍କ ଉନ୍ନତି ପଥରେ ଅନ୍ତରାୟ ସୃଷ୍ଟି କରିଥିଲେ । କାରଣ ସେହିମାନେ ହିଁ କୃଷକମାନଙ୍କ ଉନ୍ନତି ନିମନ୍ତେ ଚିନ୍ତା ନ କରି କେବଳ ନିଜ ନିଜର ଅଭିବୃଦ୍ଧି ଓ ସ୍ୱାର୍ଥ ପାଇଁ ସେମାନଙ୍କୁ ବ୍ୟବହାର କରୁଥିଲେ ।

ବାତ୍ୟା ଓ ମରୁଡ଼ି ଆକାରରେ ସାମୟିକ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଶସ୍ୟହାନୀ ଘଟୁଥିଲା ଏବଂ ଏହିସବୁ ଦୈବୀଦୁର୍ବିପାକ-ଜନିତ ଦୁର୍ଦ୍ଦଶା ବିଶେଷକରି ଚାଷୀକୁଳ ଉପରେ ଦାଉ ସାଧୁଥିଲା । ଏଭଳି ଘଟଣା ସ୍ୱଳ୍ପ ନୁହେଁ । ଉଦାହରଣସ୍ୱରୂପ ୧୬୬୧ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବଙ୍କ ରାଜତ୍ୱ ଅମଳରେ ଏକ ଦୁର୍ଭିକ୍ଷ ଦେଖା ଦେଇଥିଲା ଏବଂ ଖାଦ୍ୟସାମଗ୍ରୀ ଖୁବ୍ ମହଙ୍ଗା ହୋଇ ପଡ଼ିଥିଲା । ସେହିପରି ଉପରୋକ୍ତ ରାଜତ୍ୱ କାଳରେ ୧୬୯୪ ଖ୍ରୀଷ୍ଟାବ୍ଦରେ ମୁଖ୍ୟତଃ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟା ପ୍ରବାହ ହେତୁ ଆଉ ଏକ ଦୁର୍ଭିକ୍ଷ ଅନୁଭୂତ ହୋଇଥିଲା । ଏହା ଫଳରେ ଶୋଚନୀୟ ମରୁଡ଼ି ସଙ୍ଗେ ସଙ୍ଗେ ଖାଦ୍ୟଶସ୍ୟ ଅନଟନ ଜନିତ କରାଳ ଦୁର୍ଭିକ୍ଷ ଦେଖା ଦେଇଥିଲା ।

ଏହିଭଳି ଘଟଣାମାନଙ୍କରେ ମୋଗଲ ସରକାର ସମଗ୍ର ସାମ୍ରାଜ୍ୟରେ ପ୍ରଚଳିତ ସାଧାରଣ ନୀତି ଅନୁଯାୟୀ ସେହି ବର୍ଷର ଖଜଣା ଦେୟ ଛାଡ଼ କରିଥିଲେ, ଏବଂ ଚାଷୀଙ୍କ ଉନ୍ନତି ନିମନ୍ତେ ସେମାନଙ୍କୁ ତଗାବୀ ଋଣ ଓ ବିହନ ଅଗ୍ରୀମ ଦେଇଥିଲେ । ପରବର୍ତ୍ତୀ ମରହଟ୍ଟା ସରକାରଙ୍କ ଅମଳରେ ମଧ୍ୟ ଏହି ନୀତି ଅନୁସୃତ ହେଉଥିଲା ।

ମୋଗଲ ସରକାର ପୂର୍ବବର୍ତ୍ତୀ ସରକାରଙ୍କ ଅମଳରେ କେତେକ ଅଫିସରଙ୍କୁ ନିଜ ନିଜର ଜାଗିରି ଜମି ବା ଭୂବୃତ୍ତି ରଖିବା ନିମନ୍ତେ ଅନୁମତି ଦେଇଥିବାବେଳେ ଅନ୍ୟମାନଙ୍କ ଉପରେ ପୂରା ଖଜଣା ଧାର୍ଯ୍ୟ କରିଥିଲେ, ମାତ୍ର ବିଶେଷତଃ ବିଦ୍ରୋହ କଲେ ବିଦ୍ରୋହୀ ଭୂମି ମାଲିକଙ୍କୁ ଦଖଲ ଅଧିକାରରୁ ବଞ୍ଚିତ କରାଯାଉଥିଲା । ପୂର୍ବତନ ଶାସନର କେତେକ ଖଣ୍ଡାୟତ ବା ଅନ୍ୟାନ୍ୟ ଶ୍ରେଣୀର ଭୂମି ମୁଖ୍ୟଙ୍କୁ ସନନ୍ଦ ଦେଇ ଆବଶ୍ୟକ ସମୟରେ ସେମାନେ ପାଇକବାହିନୀ (ଜୁମିଆତ) ସହିତ ଫଉଜଦାର ବା ନାଜିମଙ୍କ ନିକଟରେ ହାଜର ହେବାକୁ ବ୍ୟବସ୍ଥା ରଖାଯାଇଥିଲା ଏବଂ ବିଦ୍ରୋହୀ ପ୍ରଜାମାନଙ୍କୁ ଦମନ କରିବା ନିମନ୍ତେ ସବୁମତେ ସାହାଯ୍ୟ କରିବାକୁ ସେମାନେ ବାଧ୍ୟ ଥିଲେ ।

Digitized by PPRACHIN, SOA

ରାଜସ୍ୱ ଅଫିସରବୃନ୍ଦଙ୍କୁ ହିନ୍ଦୁ ଦେବଦେବୀଙ୍କୁ ଓ ମାଦଦ୍-ଇ-ମାସ୍ ରୂପେ ମସଜିଦ୍ ଗୁଡ଼ିକୁ ନିଷ୍କର ଜମି ସବୁ ଦିଆଯାଇଥିଲା ।

ଭୂ-ସ୍ୱତ୍ୱ

ପ୍ରାକ୍-ମୁସଲମାନ ଓଡ଼ିଶାରେ ଭୂମି ମାଲିକାନା ସ୍ୱତ୍ୱ ବା ସାର୍ବଭୌମ୍ୟ କର୍ତ୍ତୃପକ୍ଷ ବା ସରକାରଙ୍କ ଭୂମି ଦଖଲ ଅଧିକାର ଗ୍ରାମଗୋଷ୍ଠୀ ବା ବ୍ୟକ୍ତିଗତ କୃଷିକାରୀଙ୍କ ଦାୟିତ୍ୱରେ ନ୍ୟସ୍ତ ଥିଲା । ହିନ୍ଦୁ ଶାସକ ଏବଂ ପ୍ରକୃତ ଚାଷୀ ମଧ୍ୟରେ କୌଣସି ମଧ୍ୟସ୍ୱତ୍ୱାଧିକାରୀ ମାଲିକାନା ଅଧିକାର ପ୍ରଥା ବୃଦ୍ଧି ପାଇବା ପାଇଁ ସୁଯୋଗ ନ ଥିଲା । ବିଭିନ୍ନ ଭୂ-ତତ୍ତ୍ୱାବଧାରକ ଓ ବହୁସଂଖ୍ୟକ ଅଧସ୍ତନ କର୍ମଚାରୀଙ୍କ ସହାୟତାରେ ରାଜ୍ୟ ଶାସିତ ହେଉଥିଲା ।

ଓଡ଼ିଶା ଅଧିକାର ପରେ, ମୁସଲମାନମାନେ ଏକ ଧାରାବାହିକ ଓ ସଦାସର୍ବଦା ତତ୍ତ୍ୱାବଧାନ ଜରିଆରେ ଯୋଜନା କାର୍ଯ୍ୟକାରୀ କରିବା ବ୍ୟବସ୍ଥାକୁ ସୁବିଧାଜନକ ମନେକରି ନ ଥିଲେ । ସାମ୍ରାଜ୍ୟର ଅନ୍ୟାନ୍ୟ ପ୍ରାନ୍ତରେ ପ୍ରଚଳିତ ମୋଗଲ ରାଜସ୍ୱ ବ୍ୟବସ୍ଥାର ମୌଳିକ ନୀତିକୁ ଖାପଖୁଆଇଲା ଭଳି ଏ ଅଞ୍ଚଳର ପାରମ୍ପାରିକ ଶାସନ ବ୍ୟବସ୍ଥାରେ ସଂଶୋଧନ କରି ସେମାନେ ଅନେକ କର୍ମଚାରୀ ନିଯୁକ୍ତ କରିଥିଲେ । ରାଜସ୍ୱ ଅସୁଲ ନିମନ୍ତେ ଏହି କର୍ମଚାରୀମାନଙ୍କ ଉପରେ ଶାସନ ଦକ୍ଷତା ନିର୍ଭର କରୁଥିଲା । ଚୌଧୁରୀ Viliaty କାନୁନ୍‌ଗୋ ବା ତାଲୁକଦାରମାନଙ୍କ ପରି ବିଭିନ୍ନ ଶ୍ରେଣୀର ରାଜସ୍ୱ କର୍ମଚାରୀ ଭିନ୍ନ ଭିନ୍ନ ରାଜସ୍ୱ ଡିଭିଜନ ଦାୟିତ୍ୱରେ ରହିଥିଲେ ।

ଉପରୋକ୍ତ ବିଭିନ୍ନ ରାଜସ୍ୱ ଅଫିସରଙ୍କ (ଅଧିକାରୀଙ୍କ) ନିଯୁକ୍ତି ସାଧାରଣତଃ ଦୁଇଟି ଅପରିହାର୍ଯ୍ୟ ସର୍ତ୍ତ ସହିତ ସନ୍ନିବେଶିତ ଥିଲା । ପ୍ରଥମତଃ ଚୌଧୁରୀ ବା ତାଲୁକଦାର ନିଶ୍ଚିତ ଭାବରେ ସରକାରୀ ରାଜସ୍ୱ ଦେବାକୁ ଏବଂ କ୍ଷମତା ପରିସରଭୁକ୍ତ ଗ୍ରାମମାନଙ୍କରୁ ଆଦାୟ ଅର୍ଥର ହିସାବ ସରକାରଙ୍କୁ ବୁଝାଇବାକୁ ବାଧ୍ୟ ଥିଲେ । ଦ୍ୱିତୀୟତଃ ସେ ନିଜ ଆଚରଣରେ ଚାଷୀମାନଙ୍କୁ "ଖୁସି ଓ ସନ୍ତୁଷ୍ଟ ରଖିବେ" ଏବଂ ନିଜେ ଚାଷର ପ୍ରସାର ନିମନ୍ତେ ଉଦ୍ୟମ କରିବେ, ଏବଂ ନିଜେ ଏଭଳି ଉଦ୍ୟମ କରିବେ ଯାହାଫଳରେ କି ଉନ୍ନତ ଚାଷର ସୂଚନା ଦୈନିକ ଦୃଷ୍ଟିଗୋଚର ହେବ । କୌଣସି ଠାରେ ଜମିର ଉର୍ବରତା ହ୍ରାସ ପାଇବ ନାହିଁ ଓ ଅଧିକ ମୂଲ୍ୟବାନ ଜମିରେ ନିକୃଷ୍ଟ ଧରଣର କୌଣସି ଫସଲ କରାଯିବ ନାହିଁ ଇତ୍ୟାଦି ସର୍ତ୍ତଗୁଡ଼ିକୁ ସେମାନଙ୍କୁ ପାଳନ କରିବାକୁ ପଡ଼ୁଥିଲା ।

ଏତଦ୍‌ବ୍ୟତୀତ ରାଜସ୍ୱ ଅଫିସରମାନେ ମକଦ୍ଦମା ବିଚାର ତଥା ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମାଜିଷ୍ଟ୍ରେଟ୍ କ୍ଷମତା ପ୍ରୟୋଗ ଓ ପୁଲିସ କାର୍ଯ୍ୟ ସମ୍ପାଦନ କରିପାରୁଥିଲେ ।

ମୋଗଲ ସରକାରଙ୍କର ଏହି କାର୍ଯ୍ୟ ତୁଲାଉଥିବା ହେତୁ ସେମାନେ ଅସୁଲ ଖଜଣା ଉପରେ କମିଶନ ପାଉଥିଲେ । ଏହି କମିଶନ ପ୍ରକୃତ ଅସୁଲ ଖଜଣାରୁ ଭତ୍ତା ବା ନିଷ୍କର

Digitized by PPRACHIN, SOA

ଜମିରୁ ଭତ୍ତା ଆକାରରେ ଦିଆଯାଉଥିଲା । ବିଭିନ୍ନ ଶ୍ରେଣୀରେ ବିଭକ୍ତ ସ୍ୱତ୍ୱ ଅନୁସାରେ କମିଶନର ଶତକଡ଼ା ଭାଗ ମିଳୁଥିଲା । ଗୋଟିଏ କ୍ଷେତ୍ରରେ ଏହି କମିଶନ ପରିମାଣ ଶତକଡ଼ା ୧୨½ ଥିବାବେଳେ ଅନ୍ୟ କ୍ଷେତ୍ରରେ ଥିଲା ଶତକଡ଼ା ଦୁଇଭାଗରୁ ସାମାନ୍ୟ ଅଧିକ । ମାତ୍ର ସାଧାରଣ ହାର ଶତକଡ଼ା ପ୍ରାୟ ୫ ଭାଗ ଥିବା ପରିଲକ୍ଷିତ ହୁଏ । ଲାଭ ବା ବଳକା ଅସୁଲ ଯଦି ସେମାନେ ତୋଷରପାତ କରନ୍ତି ତେବେ ନଅଣ୍ଟ ପାଇଁ ମଧ୍ୟ ସେମାନଙ୍କୁ ଦାୟୀ ରହିବାକୁ ପଡ଼ୁଥିଲା ! ଚାଷୀମାନଙ୍କୁ ଅପେକ୍ଷାକୃତ ଅଧିକ ମୂଲ୍ୟବାନ ଫସଲ ଚାଷ କରିବା ପାଇଁ ପ୍ରବର୍ତ୍ତାଇ ଏବଂ ରୟତମାନଙ୍କୁ ଚାଷର ସମ୍ପ୍ରସାରଣ ପାଇଁ ପ୍ରୋତ୍ସାହନ ଦେବାରୁ ଏହି ଲାଭ ଆସୁଥିଲା ।

ଯଦି ଆମ୍ଭେମାନେ ଚୁକ୍ତିପତ୍ର ଦଲିଲ ଏବଂ ତା'ର ବିଷୟ ସୂଚୀକୁ ପର୍ଯ୍ୟାଲୋଚନା କରୁ ଜଣାଯିବ ଯେ ତାଲୁକଦାରୀ ଏକ ସାଧାରଣ ସରକାରୀ ଟ୍ରଷ୍ଟ ଅପେକ୍ଷା ଅଧିକ କିଛି ନ ଥିଲା । ଏଥିରେ ଏକ ଉତ୍ତମ ପୁଲିସ ବାହିନୀ ମୁତୟନ କରିବା ଏବଂ ଏକ ନିର୍ଦ୍ଧାରିତ ରାଜସ୍ୱ ଦେବାପାଇଁ ବ୍ୟବସ୍ଥା ଥିଲା । ତତ୍‌ପରିବର୍ତ୍ତେ ଯେଉଁ ପାରିଶ୍ରମିକ ଉପଭୋଗ କରିବାକୁ ତାଲୁକଦାର ହକଦାର ହେଉଥିଲେ ସେଗୁଡ଼ିକ ନାନକର, ରସୁମ, ଲୋଓ୍ୱାଜମେ ବା ଶତକଡ଼ା ଭାଗ ଅଥବା ଅନ୍ୟାନ୍ୟ ଯେଉଁ ଅତିରିକ୍ତ ଆୟ ଆସୁଥିଲା ତାହା ଏଥିରେ ସ୍ପଷ୍ଟତଃ ସୂଚିତ ହେଉଥିଲା ।

ମୋଗଲ ରାଜତ୍ୱ ସମୟରେ ତାଲୁକଦାର ବା ମୁକୁକୁରି ମକଦ୍ଦମମାନେ ରାଜସ୍ୱ ତୋଷରପାତ କଲେ କିମ୍ବା ଅନ୍ୟ କାରଣରୁ ରାଜସ୍ୱ ବକେୟା ରଖିଲେ ମୋଗଲ ସରକାର ସେମାନଙ୍କୁ ଦତ୍ତ ଭୂମିରୁ କିଛି ଅଂଶ ବିକ୍ରି କରି ଦେଣା ପରିଶୋଧ କରିବା ପାଇଁ ସେଥିରୁ ମିଳୁଥିବା ଅର୍ଥ ସ୍ଥାନୀୟ ଟ୍ରେଜେରୀ ତହବିଲରେ ଗଚ୍ଛିତ କରିଦେଉଥିଲେ । ଏଥିରୁ ଜଣାଯାଏ ଯେ ତାଲୁକଦାରଙ୍କ କୌଣସି ସମ୍ପତ୍ତି ସ୍ୱତ୍ୱ ପ୍ରତିଷ୍ଠିତ ହୋଇ ନ ଥିଲା । ଅଧିକାଂଶ କ୍ଷେତ୍ରରେ ଯେଉଁ ଭୂମି-ହସ୍ତାନ୍ତର ହେଲା ତାହା ଗ୍ରାମ ବା ତାଲୁକାର କେଉଁ ଅଂଶ ବା ସମଗ୍ର ତାଲୁକା ବା ତାଲୁକାର ମକଦ୍ଦମୀ ବା ଉଲିୟାତି କାନୁନ୍‌ଗୋର ଅଂଶ ଇତ୍ୟାଦି ବିଷୟ ସୂଚିତ ହେଉଥିଲା । ଏହି ହସ୍ତାନ୍ତରର ଗୋଟିଏ ବା ଏକାଧିକ ଗ୍ରାମ ଅଥବା କୌଣସି ତାଲୁକାର ଅଂଶବିଶେଷର ଉତ୍ତରାଧିକାରଜନିତ ଏବଂ ତଦ୍‌ଜନିତ ଲାଭାଂଶର ହସ୍ତାନ୍ତର ସରକାରୀ ସ୍ୱତ୍ୱ ବ୍ୟତୀତ ଆଉ କିଛି ନୁହେଁ ବୋଲି ଦଲିଲର ମାର୍ଜିନରେ ଉଲ୍ଲେଖ ଥିବାର ଜଣାଯାଏ ।

ଯଦି ମାଲିକ ବା ମାଲ୍‌କିଆତି ପ୍ରଭୃତି ଶବ୍ଦମାନ ଦଲିଲରେ ବ୍ୟବହାର କରା-ଯାଇଛି ତାହା ବିକ୍ରେତା ଉତ୍ତରାଧୀ ସୂତ୍ରରେ ବ୍ୟବହାର କରୁଥିବା ଅଫିସ ଏବଂ ତଦ୍‌ଜନିତ ଆୟ ବା ଲାଭ ଅର୍ଥରେ ବ୍ୟବହାର କରଯାଇଛି ।

Digitized by PPRACHIN, SOA

ଚୌଧୁରୀ, କାନୁନ୍‌ଗୋ ଏବଂ ମକଦ୍ଦମମାନେ ସେମାନଙ୍କ ଅଫିସର କୌଣସି ଅଂଶ ବିକ୍ରୀ କରି ପାରିବାର ଅଧିକାର ପାଇଥିଲେ । ମକଦ୍ଦମମାନଙ୍କର ମକଦ୍ଦମୀଗୁଡ଼ିକୁ ବିକ୍ରୀ କରିବାର ଅଧିକାର ଥିଲା । କୌଣସି ତାଲୁକଦାର ମଧ୍ୟ ତାଙ୍କର ତାଲୁକଦାରୀ ଅଥବା ତହିଁର ଅଂଶବିଶେଷ ବିକ୍ରୀ କରିପାରୁଥିଲେ । ବିଭିନ୍ନ ପ୍ରକାରର ଭୂମି ଓ ତତ୍‌ସହିତ ସଂଶ୍ଳିଷ୍ଟ ବିଷୟବସ୍ତୁ ସଙ୍ଗେ ଏ ଅଫିସରଗୁଡ଼ିକ ସମ୍ପୃକ୍ତ ଥିଲେ । ସେମାନଙ୍କର ନିଷ୍ପତ୍ତି ଓ କାର୍ଯ୍ୟକଳାପ ଉପରେ କାହାର ପ୍ରଶ୍ନ କରିବାର ନ ଥିଲା । ପ୍ରତ୍ୟେକଙ୍କ ବିଭିନ୍ନ କର୍ତ୍ତବ୍ୟ ଓ ଅତିରିକ୍ତ ଲାଭର ସୁବିଧା ସୁଯୋଗ ରହିଥିଲା ।

ଗୋଟାଏ କିସମର ଭୂମି ଥିଲା ଯାହାକୁ କି ଆରଜି ବନ୍‌ଜାର ଖରିଜ୍‌ଜମା ବୋଲି କୁହାଯାଉଥିଲା । ପଡ଼ିଆ, ଅନାବାଦୀ, ଦଖଲବିହୀନ ଓ ଖଜଣାବିହୀନ ଭୂମିଗୁଡ଼ିକ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ଥିଲା । ତାଲୁକଦାର ଏବଂ ମକଦ୍ଦମମାନଙ୍କୁ ଏ ସବୁ ଭୂମିର ବିକ୍ରୀ ବା ହସ୍ତାନ୍ତର କ୍ଷମତା ମିଳିଥିଲା । ଜଣେ ମକଦ୍ଦମ ବା ତାଲୁକଦାର ତାଙ୍କ ନିଜ ଅଧୀନସ୍ଥ କୌଣସି ଗ୍ରାମ ବା ଗ୍ରାମର ଯେକୌଣସି ଅଂଶ ବିକ୍ରୟ କରି ପାରୁଥିଲେ । ଯଦି ଘର ତୋଳିବା ପାଇଁ ବା ପାଟଣା ବସାଇବା ପାଇଁ ଦୁଇ ବା ତିନି ବିଘା ଜମି ବିକ୍ରୀ ହେଉଥିଲା ବା ନିଷ୍କର ଜମି ହସ୍ତାନ୍ତର ହେଉଥିଲା ତାହାହେଲେ ତାଲୁକଦାର ବା ମକଦ୍ଦମ ଶାସକଙ୍କ ଅନୁମୋଦନ କ୍ରମେ କାଗଜପତ୍ର (ଦଲିଲ) ତିଆରି କରୁଥିଲେ ଏବଂ ସେଥିରେ ସଦର କାନୁନ୍‌ଗୋ କିମ୍ବା ତାଙ୍କ ଏଜେଣ୍ଟଙ୍କ ଦସ୍ତଖତ ରହୁଥିଲା । କିନ୍ତୁ ଯଦି କୌଣସି ବାଟିର ଏକ ବିପୁଳ ଅଂଶ ବା ସେହିପରି ବେଶୀ ପରିମାଣର ଭୂମି ହସ୍ତାନ୍ତରିତ ହେଉଥିଲା ତତ୍‌ସମ୍ପର୍କୀୟ ଦଲିଲ ଚୌଧୁରୀ, କାନୁନ୍‌ଗୋ, ସମ୍ପୃକ୍ତ ମକଦ୍ଦମବୃନ୍ଦ ବା ମକଦ୍ଦମଙ୍କ ଦ୍ୱାରା ମିଳିତ ଭାବରେ ସମ୍ପାଦିତ ହେଉଥିଲା । ଏତାଦୃଶ ହସ୍ତାନ୍ତର ବ୍ୟବସ୍ଥା ଫଳରେ ଖରଦା ବା ମିଲ୍‌କ ଖରିଦା ନାମକ ଏକ କୌତୁହଳଜନକ ସ୍ୱତ୍ୱର ସୃଷ୍ଟି ହୋଇଥିଲା ।

ମୋଗଲ ରାଜତ୍ୱ କାଳର ରାଜସ୍ୱ ଅଫିସରମାନଙ୍କ ଅଧୀନରେ ଗ୍ରାମଗୁଡ଼ିକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥିଲା । ପ୍ରଥମ ଶ୍ରେଣୀ ଗ୍ରାମରେ ଆବାସୀ ଚାଷୀ (resident cultivator) ରହୁଥିଲେ । ଏହି ଗ୍ରାମ ଉତ୍ତରାଧିକାରୀ ସୂତ୍ରରେ ନିଯୁକ୍ତ ଗ୍ରାମମୁଖ୍ୟ ବା ମକଦ୍ଦମମାନଙ୍କ ଦ୍ୱାରା ସୁରକ୍ଷିତ ଥିଲା । ଅନ୍ୟ ଗ୍ରାମଗୁଡ଼ିକରେ ଅଣ-ଆବାସିକ କୃଷକମାନେ ରହୁଥିଲେ । ଗ୍ରାମର ଜମିଜମା ଉପରେ ଭୂମିକର ଆବାସିକ ଚାଷୀମାନଙ୍କ ପ୍ରତିନିଧି ବା ଗ୍ରାମ ମୁଖିଆଙ୍କ ଜରିଆରେ ଧାର୍ଯ୍ୟ କରାଯାଉଥିଲା । ରାଜସ୍ୱ ଅଫିସର ଦ୍ୱାରା ବାହାର ଅର୍ଥାତ୍ ପ୍ରବାସୀ ଚାଷୀମାନଙ୍କ ଠାରୁ ଅସୁଲ ରାଜସ୍ୱ ତାଙ୍କ ନିଜର ଘରେଇ ସମ୍ପତ୍ତି ରୂପେ ପରିଗଣିତ ହେଉଥିଲା ।

Digitized by PPRACHIN, SOA

ପ୍ରତ୍ୟେକ ଗ୍ରାମର ଆବାସିକ ରୟତମାନେ କାହାରିକୁ କୌଣସି କର ନ ଦେଇ ସେମାନଙ୍କ ବ୍ୟବହାର ନିମନ୍ତେ ଯଥେଷ୍ଟ ପରିମାଣ ଜାଳେଣୀ କାଠ, ମାଛ, ଗୋଚର ଏବଂ ବେଣାପାଟ ଇତ୍ୟାଦିରୁ ଭାଗ ପାଇବା ପାଇଁ ହକ୍‌ଦାର ହେଉଥିଲେ ଏବଂ ପଡ଼ିଆ ଉପରେ ଗୋରୁ ଚରଇବା ଅଧିକାର ପାଇଥିଲେ । କିନ୍ତୁ ଯେତେବେଳେ ଉତ୍ପନ୍ନ ଦ୍ରବ୍ୟ ବିକ୍ରୟ ବା ବାହାରୁ ଅଜଣା ଗୋରୁଗାଈ ଚରଇବା ପ୍ରଶ୍ନ ଉଠୁଥିଲା ସେତେବେଳେ ସେଠିକା ତାଲୁକଦାର ବା ମକଦ୍ଦମମାନେ ସେହିସବୁ ଅଞ୍ଚଳର ମାଲିକ ଭାବରେ ଶୁଳ୍କ ନିରୂପଣ ବିଷୟରେ କଥାବାର୍ତ୍ତା କରି ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରିପାରୁ ଥିଲେ । ଏହିଭଳି ଅଧିକାର କେବଳ ମିଳିତ ଗ୍ରାମସଂସ୍ଥା (corporate village body)ର ଆବାସିକ ଚାଷୀମାନଙ୍କୁ ହିଁ ମିଳିଥିଲା । ପ୍ରବାସୀ ଚାଷୀମାନେ ଅନେକ କ୍ଷେତ୍ରରେ ତାଲୁକଦାର ବା ମକଦ୍ଦମମାନଙ୍କ ସହିତ କଥାବାର୍ତ୍ତା କରି ସର୍ତ୍ତାନୁଯାୟୀ ନିଜ ନିଜର ସୁବିଧା କରିପାରୁଥିଲେ ।

ସଂକ୍ଷେପରେ କହିବାକୁ ଗଲେ ସମସ୍ତ ପ୍ରକାର ଦଲିଲ, ସନନ୍ଦ ଓ ପାର୍ଶୀ ଭାଷାରେ ଲିଖିତ ଚୁକ୍ତିନାମାରୁ ପରିଲକ୍ଷିତ ହୁଏ ଯେ ମୋଗଲ ରାଜତ୍ୱ ସମୟରେ କୌଣସି ରାଜସ୍ୱ ଅଧିକାରୀ ବା ଚୌଧୁରୀ, ତାଲୁକଦାର ଇତ୍ୟାଦି ନାମରେ ପରିଚିତ ଉତ୍ତରାଧିକାରୀ ସୂତ୍ରରେ ନିଯୁକ୍ତ ରାଜସ୍ୱ ଅଧିକାରୀଙ୍କର ଭୂମିସ୍ୱତ୍ୱ ନିର୍ବିବାଦ ବା ସର୍ତ୍ତ-ଶୂନ୍ୟ ନ ଥିଲା; ଏହା ସର୍ତ୍ତମୂଳକ ଥିଲା କାରଣ ଯେ ପର୍ଯ୍ୟନ୍ତ ସେମାନେ ସରକାରଙ୍କୁ ସନ୍ତୁଷ୍ଟ କଲାଭଳି ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ସେପର୍ଯ୍ୟନ୍ତ ସେମାନେ ସମ୍ପତ୍ତି ରଖିବାକୁ ହକଦାର ଥିଲେ । ଯେଉଁ ମୁହୂର୍ତ୍ତରେ ଦେଖାଯାଉଥିଲା ଯେ ସେମାନେ ଦେଶପ୍ରତି କୌଣସି କର୍ତ୍ତବ୍ୟ କରୁ ନାହାନ୍ତି ସେତେବେଳେ ସେହି ସମୟରେ ସେମାନେ ଚାକିରିକାଳ ମଧ୍ୟରେ ଅର୍ଜନ କରିଥିବା ସମସ୍ତ ସମ୍ପତ୍ତି ଅଧିକାରରୁ ସେମାନଙ୍କୁ ବଞ୍ଚିତ କରଯାଉଥିଲା । ଆବାସିକ ବା ଅଣଆବାସିକ ଯେଉଁ ଶ୍ରେଣୀର ହୋଇଥିଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଥିଲା । ଚୁକ୍ତିନାମା ବା ଦଲିଲ ଅନୁଯାୟୀ ନିୟମିତ ଭାବରେ ସରକାରୀ ରାଜସ୍ୱ ପରିଶୋଧ କରୁଥିବା ପର୍ଯ୍ୟନ୍ତ ଚାଷୀମାନଙ୍କର କେବଳ ଜମି-ଅଧିକାର-ସ୍ୱତ୍ୱ ବା ଦଖଲ ଅଧିକାର ସାବ୍ୟସ୍ତ ରହିପାରୁଥିଲା । ଯଦି କୌଣସି ଚାଷୀ ଖଜଣା ଦେଉ ନ ଥିଲା ତାହାର ଜମି କ୍ରୋକ ବା ବାଜ୍ୟାପ୍ତି କରଯାଉ ଥିଲା ଏବଂ ସରକାରଙ୍କ ପକ୍ଷରୁ ଦାବି କରଯାଉଥିବା ନିର୍ଦ୍ଧାରିତ ଖଜଣା ଦେବାପାଇଁ ଯେ ସମ୍ମତ ହେଉଥିଲା ତାକୁ ସେ ଜମି ଦିଆଯାଉଥିଲା । ଜମି ଥିଲା ରାଷ୍ଟ୍ରର ଅଧୀନ । ରାଜସ୍ୱ ଅଧିକାରୀ ବା ଚାଷୀ କାହାରି ହେଲେ ଭୂ-ସମ୍ପତ୍ତି ଉପରେ ଅଧିକାର ବା ମାଲିକାନାସ୍ୱତ୍ୱ ନ ଥିଲା । ଜମି ଉପରେ ମାଲିକାନା କିମ୍ବା ଭୂ-ସମ୍ପତ୍ତି ସମ୍ପର୍କୀୟ ଅଧିକାର ସମ୍ବନ୍ଧରେ କୌଣସି ପ୍ରଶ୍ନ ଉଠୁ ନ ଥିଲା । ଜମି ଉପରେ ଜମିଦାରମାନଙ୍କର ମାଲିକାନା ଅଧିକାର ପରବର୍ତ୍ତୀ କାଳରେ, ବିଶେଷ କରି ଭାରତରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବା ପରେ ହିଁ ସୃଷ୍ଟି ହୋଇଥିଲା ।

Digitized by PPRACHIN, SOA

ଅଷ୍ଟମ ଅଧ୍ୟାୟ

ଧର୍ମ ଧାରା

ଓଡ଼ିଶା ଏକ ମନ୍ଦିରମାଳିନୀ ଦେଶ । ପ୍ରାକ୍-ମୁସଲମାନ ରାଜତ୍ୱ କାଳରେ ବିଭିନ୍ନ ମତବାଦ ଓ ଆକାର ପ୍ରକାରର ବହୁସଂଖ୍ୟକ ମନ୍ଦିର ନିର୍ମାଣ ମାଧ୍ୟମରେ ହିନ୍ଦୁଧର୍ମ ବିକାଶ ଲାଭ କରିଥିଲା । ଏହି ମନ୍ଦିରମାନଙ୍କରେ ହିନ୍ଦୁମାନେ ପୂଜାଅର୍ଚ୍ଚନା କରୁଥିଲେ ।

ଗଜପତି ରାଜାମାନେ ସାଧାରଣତଃ ବିଷ୍ଣୁ ମନ୍ଦିରମାନଙ୍କର ପୃଷ୍ଠପୋଷକତା କରୁଥିଲେ । ତେବେ ଶିବମନ୍ଦିର ଗୁଡ଼ିକରେ ଶିବଙ୍କର ପୂଜାର୍ଚ୍ଚନା ମଧ୍ୟ ଯଥାବିଧି କରଯାଉଥିଲା । ବିଶେଷତଃ ପ୍ରାକୃତିକ ବିପର୍ଯ୍ୟୟ ହେତୁ ସୂର୍ଯ୍ୟପୂଜାର ପ୍ରଧାନ ପୀଠ କୋଣାର୍କ ମନ୍ଦିର ଧ୍ୱଂସପ୍ରାପ୍ତ ହେଲେ ମଧ୍ୟ ସୌରପୂଜା ସାମାଜିକ ଜୀବନର ଏକ ଅଂଶ ହୋଇ ରହିଥିଲା । ନାଥ ସଂସ୍କୃତି ଏବଂ ଶାକ୍ତ ପୂଜା ସ୍ୱକୀୟ ବୈଶିଷ୍ଟ୍ୟରେ ସମୃଦ୍ଧି ଲାଭ କରିଥିଲା । କିନ୍ତୁ ରାଜ ପୃଷ୍ଠପୋଷକତା ଲାଭ କରୁଥିବା ଗୌଡ଼ୀୟ ବୈଷ୍ଣବ ଧର୍ମ ଓଡ଼ିଶୀ ବୈଷ୍ଣବ ଧର୍ମ ତୁଳନାରେ କ୍ରମଶଃ ଲୋକପ୍ରିୟ ହୋଇ ଉଠୁଥିଲା ।

ଜଗନ୍ନାଥ ଅନୁଷ୍ଠାନ ଏହିସବୁ ମତବାଦ, ଧର୍ମୀୟ ଭାବନା ଏବଂ ଆଧ୍ୟାତ୍ମିକ ଫଳପ୍ରାପ୍ତି ପଛାକୁ ଯେତେ ଅଧିକ ପରିମାଣରେ ଏକତ୍ର କରି ନିଜ ଭିତରେ ମିଶାଇ ନେଉଥିଲା ସାଧୁ, ଦାର୍ଶନିକ ଓ ହିନ୍ଦୁଧର୍ମ ବିଶାରଦମାନେ ସେତେ ଅଧିକ ଭାବରେ ଏଥିପ୍ରତି ଆକୃଷ୍ଟ ହେଉଥିଲେ । ଜଗନ୍ନାଥଙ୍କ ନିକଟରେ ବିଭିନ୍ନ ମତାବଲମ୍ବୀ ଧର୍ମବିଶାରଦମାନଙ୍କ ଉପସ୍ଥିତି ଫଳରେ ଏବଂ ଧର୍ମ ଆଲୋଚନା ଦ୍ୱାରା ସଂକୀର୍ଣ୍ଣ ସାଂପ୍ରଦାୟିକ ଦୃଷ୍ଟିକୋଣ ଓ ମନୋଭାବର ମୁକାବିଲା କରି ପୁରୀ ହିନ୍ଦୁଧର୍ମର ଏକ ଉଦାର ଓ ମୂଳତତ୍ତ୍ୱ ପୀଠସ୍ଥଳୀ ରୂପେ ଆତ୍ମପ୍ରକାଶ କରିଥିଲା । ପୁରୀ ଭାରତର ପୂର୍ବପ୍ରାନ୍ତରେ ହିନ୍ଦୁ ଚିନ୍ତାଧାରା ଓ ସଂସ୍କୃତିର ଏକ ମୁଖ୍ୟ ପୀଠସ୍ଥଳୀ ହୋଇ ଥିବାରୁ ଏବଂ ଏକ ପ୍ରସିଦ୍ଧ ହିନ୍ଦୁ ତୀର୍ଥକେନ୍ଦ୍ର ଭାବରେ ଏହାର ସୁଖ୍ୟାତି ଦୃଷ୍ଟିରୁ ଏହା ପ୍ରଥମେ ଓଡ଼ିଶାରେ ପ୍ରବେଶ କରିଥିବା ମୁସଲମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

ବଙ୍ଗଳାର ଆଫଗାନ ଅଧିନାୟକ ସୁଲେମାନ କରନି ଓଡ଼ିଶାର ଶେଷ ହିନ୍ଦୁରାଜା ହରିଚନ୍ଦନଙ୍କୁ ପରାଜିତ କରି ସର୍ବପ୍ରଥମେ ଓଡ଼ିଶାରେ ମୁସଲମାନ ରାଜତ୍ୱ ପ୍ରତିଷ୍ଠା କଲେ ।

Digitized by PPRACHIN, SOA

ତାଙ୍କ ସହିତ ମୁସଲମାନ ସୈନ୍ୟ, ମୁସଲମାନ ଅଫିସର, ମୁସଲମାନ ବଣିକ ଏବଂ ବେସାମରିକ ଶିବିର ଭୃତ୍ୟମାନେ ମଧ୍ୟ ଆସିଥିଲେ । ସେମାନଙ୍କ ନିଜର ନୂତନ ଧର୍ମ ସମ୍ପର୍କରେ ଓଡ଼ିଶାର ହିନ୍ଦୁମାନଙ୍କୁ କିଛି ଜଣା ନ ଥିଲା । ଏକ୍ବରଙ୍କ ପରେ ପ୍ରତିଷ୍ଠିତ ଆଫଗାନ ରାଜତ୍ୱ ନୀତିଗତ ଭାବରେ ହିନ୍ଦୁମାନଙ୍କ ପ୍ରତି ସହନଶୀଳ ନୀତି ଅନୁସରଣ କରିପାରି ନ ଥିଲା । ସୁଲେମାନ କରାନିଙ୍କ ସେନାପତି କଳାପାହାଡ଼ର ପ୍ରଧାନ ଲକ୍ଷ୍ୟ ଥିଲା ଜଗନ୍ନାଥଙ୍କୁ ଅପବିତ୍ର କରିବା । କାରଣ ଜଗନ୍ନାଥ ତାଙ୍କ ଦୃଷ୍ଟିରେ ଥିଲେ ଓଡ଼ିଆ ହିନ୍ଦୁ ଲୋକଙ୍କ ଧର୍ମର ପ୍ରତୀକ । ଅତର୍କିତ ଆକ୍ରମଣ କରି ସେ ଜଗନ୍ନାଥ ମନ୍ଦିରର କେତେକ ଅଂଶ ଭାଙ୍ଗି ପକାଇଲେ, ଭଣ୍ଡାର ଗୃହ ଲୁଣ୍ଠନ କଲେ ଏବଂ ଠାକୁରମାନଙ୍କ କେତେକ ମୂର୍ତ୍ତି ନଷ୍ଟ କରି ପକାଇଲେ । ଓଡ଼ିଶାର ହିନ୍ଦୁ ଦେବମୂର୍ତ୍ତି ବିରୁଦ୍ଧରେ ତାଙ୍କ ଅଭିଯାନରୁ ଜଣାଯାଏ ଯେ ସେ ଠାକୁର ମନ୍ଦିରମାନଙ୍କୁ ଧ୍ୱଂସ କରିବା ଅପେକ୍ଷା ହିନ୍ଦୁ ଦେବମୂର୍ତ୍ତିମାନଙ୍କର ଅଙ୍ଗଛେଦ କରିବା, ଭାଙ୍ଗିବା କିମ୍ବା ସେମାନଙ୍କୁ ଅପବିତ୍ର କରିବା ନିମନ୍ତେ ଅଧିକ ଆଗ୍ରହୀ ଥିଲେ । ଆଫଗାନମାନଙ୍କର ଏଭଳି ଅଭିଯାନ ଓଡ଼ିଆଙ୍କ ମାନସପଟରେ ନିଶ୍ଚିତ ଭାବରେ ଧାରଣା ସୃଷ୍ଟି କରିଥିବ ଯେ ମୁସଲମାନଙ୍କର ଅନ୍ୟ ଧର୍ମ ପ୍ରତି କୌଣସି ସମ୍ମାନ ନାହିଁ ଏବଂ ହିନ୍ଦୁମାନଙ୍କ ଅବାଧ ନିରାଜନା ଉପରେ ବିଶେଷ କରି ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ସେବା ପୂଜା କ୍ଷେତ୍ରରେ ହସ୍ତକ୍ଷେପ କରିବାରୁ ସେମାନେ ବିରତ ହେବେ ନାହିଁ ।

ମାତ୍ର ଆକବରଙ୍କ ଓଡ଼ିଶା ଅଧିକାର ପରେ ଏଠିକାର ହିନ୍ଦୁ ପ୍ରଜାମାନଙ୍କର ଏହି ଆଶଙ୍କା ଦୂରୀଭୂତ ହେଲା । ଭାରତର ଅନ୍ୟାନ୍ୟ ଅଞ୍ଚଳ ଭଳି ଏଠାରେ ମଧ୍ୟ ସ୍ୱୀୟ ଧର୍ମ ନିରପେକ୍ଷ ସହନଶୀଳ ନୀତିରେ ଅବିଚଳିତ ରହି ସମ୍ରାଟ ଆକବର ଆଫଗାନମାନଙ୍କର ଧର୍ମାନ୍ଧତା ଓ ମନ୍ଦିର ବିଧ୍ୱଂସୀ ଅଭିଯାନକୁ ଦୃଢ଼ଭାବରେ ନିନ୍ଦା କରିଥିଲେ । ତାଙ୍କ ନିର୍ଦ୍ଦେଶରେ ରାଜା ମାନସିଂହ ଓଡ଼ିଶାର ଆଫଗାନ ଶାସକଙ୍କ ବିରୁଦ୍ଧରେ ଆକ୍ରମଣ କରିଥିଲେ । ଦାଉଦ ଓ ତାଙ୍କ ମଧ୍ୟରେ ସମ୍ପାଦିତ ଚୁକ୍ତିରେ ଆଫଗାନମାନେ ଯେପରି ଭବିଷ୍ୟତରେ ଜଗନ୍ନାଥ ମନ୍ଦିର ଆକ୍ରମଣ ବା ଅପବିତ୍ର ନ କରିବେ ସେ ବିଷୟରେ ସର୍ତ୍ତ ରଖାଯାଇଥିଲା । ଏହା ଫଳରେ ହିନ୍ଦୁମାନଙ୍କ ମନରେ ମୋଗଲମାନଙ୍କ ଉଦାର ନୀତି ସମ୍ପର୍କରେ ଏକ ଅନୁକୂଳ ଧାରଣା ସୃଷ୍ଟି ହେଲା ଏବଂ ଓଡ଼ିଆମାନଙ୍କ ଦୃଷ୍ଟିରେ ଆଫଗାନ ଶାସନ କ୍ରମଶଃ ଲୋକପ୍ରିୟତା ହରାଇଲା । ଆଫଗାନମାନଙ୍କ ସହିତ ମୋଗଲମାନଙ୍କର ଯୁଦ୍ଧ, ରାଜା ମାନସିଂହଙ୍କ ପରି ଜଣେ ହିନ୍ଦୁ ସେନାପତିଙ୍କ ଜରିଆରେ ମୋଗଲମାନଙ୍କର ଓଡ଼ିଶା ଅଧିକାର, ଓ ହିନ୍ଦୁମାନଙ୍କ ଅତି ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ପ୍ରତି ମୋଗଲ ସେନାପତିଙ୍କର ଉଦାରତମ ଆଚରଣ ପ୍ରଦର୍ଶନ ଏବଂ ରାଜା ମାନସିଂହଙ୍କ ଦ୍ୱାରା ଭୋଇ ବଂଶ ପ୍ରତିଷ୍ଠିତ ରାଜା ରାମଚନ୍ଦ୍ର ଦେବଙ୍କୁ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ରୂପେ ସ୍ୱୀକୃତି

Digitized by PPRACHIN, SOA

ପ୍ରଦାନ, ସେହି ସମୟ ପାଇଁ ମୁସଲମାନଙ୍କ ହାତରେ ଜଗନ୍ନାଥ ନିର୍ଯାତିତ ହେବେ ବୋଲି କରାଯାଉଥିବା ଆଶଙ୍କା ଦୂର କରିଦେଇଥିଲା । ସହନଶୀଳତା ଏବଂ ଧର୍ମନିରପେକ୍ଷ ନୀତି ଉପରେ ପର୍ଯ୍ୟବସିତ ଆକବରଙ୍କ ପ୍ରଶାସନରେ ଓଡ଼ିଶାର ହିନ୍ଦୁମାନେ ଅବାଧ ଭାବରେ ନିଜର ଧର୍ମାନୁଷ୍ଠାନ ଓ ଦେବାର୍ଚ୍ଚନା ଆଦି କରିବା ନିମନ୍ତେ ନିରଙ୍କୁଶ ଅଧିକାର ପାଇଲେ । ରାଜା ମାନସିଂହଙ୍କ ସହଧର୍ମିଣୀଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପ ନିର୍ମାଣ ଘଟଣା ସେବକ ସଂପ୍ରଦାୟଙ୍କ ଉପରେ ଗଭୀର ରେଖାପାତ କରିଥିଲା ।

ଆକବରଙ୍କ ରାଜତ୍ୱର ଅବସାନ ସହିତ ଓଡ଼ିଶାରେ ଉଦାର ଧର୍ମନିରପେକ୍ଷ ନୀତିର ଅନୁସରଣ ବସ୍ତୁତଃ ଲୋପ ପାଇଗଲା । ଏହାପରେ ନିୟମିତଭାବେ କୌଣସି ପ୍ରକାର ଧର୍ମ-ନିର୍ଯାତନା ଅନୁମୋଦିତ ନ ହୋଇଥିଲେ ହେଁ ଜାହାଙ୍ଗୀର ଓ ଶାହାଜାହାନ ଉଭୟଙ୍କ ଚିରଚରିତ ରକ୍ଷଣଶୀଳ ଧର୍ମନୀତି ହିନ୍ଦୁମାନଙ୍କର ଆକାଙ୍‌କ୍ଷିତ ଧର୍ମ ସହନଶୀଳତା ପ୍ରତି ଅନୁକୂଳ ନ ଥିଲା ।

ଜାହାଙ୍ଗୀରଙ୍କ ରାଜତ୍ୱ କାଳରେ ହସିମ ଖାଁ ଓଡ଼ିଶାରେ ଅବସ୍ଥାପିତ ହେବା ପରେ ଜଗନ୍ନାଥଙ୍କ ସେବକମାନେ ଶ୍ରୀମନ୍ଦିର ଉପରେ ସମ୍ଭାବ୍ୟ ଆକ୍ରମଣର ଆଶଙ୍କାରେ ଆତଙ୍କିତ ହୋଇ ସମ୍ଭବତଃ ଖୋର୍ଦ୍ଧା ରାଜା ପୁରୁଷୋତ୍ତମଦେବଙ୍କ ପରାମର୍ଶ ବା ଗୋଚରରେ ମନ୍ଦିର ମଧ୍ୟରୁ ଜଗନ୍ନାଥ ମୂର୍ତ୍ତିକୁ ନେଇଯାଇ ଖୋର୍ଦ୍ଧାର ଗୋପାଳଜୀ ମନ୍ଦିରରେ ଅଧିଷ୍ଠିତ କରିଥିଲେ । ପୁନଶ୍ଚ ମୁକରମ୍ ଖାଁ ନାମକ ଆଉ ଜଣେ ମୁସଲମାନ ସେନାପତି ସାକ୍ଷୀଗୋପାଳ ମୂର୍ତ୍ତିକୁ ଭାଙ୍ଗି ପକାଇଥିଲେ ଏବଂ ଖୋର୍ଦ୍ଧା ଉପରେ ଚଢ଼ଉ କରିଥିଲେ । ତେଣୁ ଜଗନ୍ନାଥ ମନ୍ଦିରର ସେବକମାନେ ଭୟଭୀତ ହୋଇ କୌଣସି ପର୍ବପର୍ବାଣି ପାଳନ କରିପାରିଲେ ନାହିଁ ଏବଂ ଜଗନ୍ନାଥ ମୂର୍ତ୍ତି ଅପବିତ୍ର ହୋଇଯିବା ଆଶଙ୍କା କରି ସେମାନେ ଉକ୍ତ ମୂର୍ତ୍ତିକୁ ଗୁରୁବାରି ନାମକ ଏକ ସ୍ଥାନକୁ ନେଇ ଯାଇଥିଲେ । ତାହାପରେ ସେଠାରେ ଉକ୍ତ ମୂର୍ତ୍ତିକୁ ଖୋର୍ଦ୍ଧା ରାଜାଙ୍କ ଇଲାକା ଅନ୍ତର୍ଭୁକ୍ତ ଗୋବପଦରକୁ ଅଣାଯାଇଥିଲା ଏବଂ ସେହି ସ୍ଥାନରେ ରଥଯାତ୍ରା ସମ୍ପାଦିତ ହୋଇଥିଲା । ମୁସଲମାନମାନେ ଖୋର୍ଦ୍ଧା ରାଜଧାନୀ ଅଧିକାର କରିବା ପରେ ପୁରୁଷୋତ୍ତମଦେବ ନଅରରୁ ବିତାଡ଼ିତ ହୋଇଥିଲେ ଏବଂ ନିଜ ପରିବାର ସହିତ ରଣପୁର ସୀମାନ୍ତବର୍ତ୍ତୀ ମାଣିତ୍ରୀ ଠାରେ ବସବାସ କରିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ଜଗନ୍ନାଥଙ୍କ ସେବାପୂଜା ନିମନ୍ତେ ଗୋବପଦର ଅଧିକ କାଳ ନିରାପଦ ମନେହେଲା ନାହିଁ । ତେଣୁ ସେବକମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ମଧ୍ୟରୁ ଶାଳଗ୍ରାମକୁ ବାହାର କରି ନିଜ ଲୁଗା ଭିତରେ ନେଇ ମାଣିତ୍ରୀ ଠାରେ ପ୍ରତିଷ୍ଠା କରାଇଥିଲେ । ଜଗନ୍ନାଥଙ୍କ ମୂର୍ତ୍ତି ସେଠାରେ ଦୀର୍ଘ-ଦିନ ପର୍ଯ୍ୟନ୍ତ ରହିଥିଲା ବୋଲି ଅନୁମାନ କରାଯାଏ । କାରଣ ପୁରୁଷୋତ୍ତମ ଦେବଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ନରସିଂହ ଦେବ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଉକ୍ତ

Digitized by PPRACHIN, SOA

ଶାଳଗ୍ରାମର ଯତ୍ନ ନେଇଥିଲେ । ଆତଙ୍କଜନକ ପରିସ୍ଥିତି ଅତିକ୍ରାନ୍ତ ହେବାପରେ ତାହା ପୁରୀ ଅଣାଯାଇଥିଲା ।

ଜାହାଙ୍ଗୀରଙ୍କ ରାଜତ୍ୱ ସମୟରେ ଶାହାଜାହାନ ବିଦ୍ରୋହ ଘୋଷଣା କଲେ ଏବଂ ବଙ୍ଗଳା ଦିଗରେ ଅଭିଯାନ ଚଳାଇବା ନିମନ୍ତେ ନିଜ ଅନୁଗାମୀମାନଙ୍କ ସହିତ ଓଡ଼ିଶାରେ ପ୍ରବେଶ କଲେ । ଯୁବରାଜଙ୍କର ଏହି ଅଭିଯାନ ପୂଜକମାନଙ୍କୁ ଆତଙ୍କିତ କରିପକାଇଲା । ତେଣୁ ସେବକମାନେ ପୁଣି ଥରେ ଜଗନ୍ନାଥଙ୍କ ମୂର୍ତ୍ତିକୁ ଖୋର୍ଦ୍ଧା ନେଇଯାଇ ସେଠାରେ ଆରାଧନା କଲେ । ଓଡ଼ିଶା ବାଟ ଦେଇ ଶାହାଜାହାନ ଦାକ୍ଷିଣାତ୍ୟକୁ ଫେରିଯିବା ପରେ ହିଁ ଜଗନ୍ନାଥ ମୂର୍ତ୍ତିକୁ ପୁରୁଷୋତ୍ତମ (ପୁରୀ) କ୍ଷେତ୍ରକୁ ଅଣାଗଲା ।

ଶାହାଜାହାନଙ୍କ ରାଜତ୍ୱ କାଳରେ ମୁତାକଦ ଖାଁ ପୁରୀ ଆକ୍ରମଣ କରି ଜଗନ୍ନାଥଙ୍କ ଭଣ୍ଡାର ଲୁଣ୍ଠନ କରିଥିଲେ ଏବଂ ଖୋର୍ଦ୍ଧା ରାଜା ନରସିଂହ ଦେବଙ୍କୁ ହତ୍ୟା କରିଥିଲେ । ମାଦଳାପାଞ୍ଜିରେ ଉଲ୍ଲେଖ କରାଯାଇଛି ଯେ ବ୍ରାହ୍ମଣ ଏବଂ ଦେବଦେବୀଙ୍କ ନିରାପତ୍ତା ସକାଶେ ନରସିଂହ ଦେବ ନିଜର ପ୍ରାଣବଳି ଦେଇଥିଲେ ।

ଆଉରଙ୍ଗଜେବଙ୍କ ରାଜତ୍ୱ ଜଗନ୍ନାଥ ପୂଜା ପ୍ରତି ସବୁଠାରୁ ବେଶୀ ବିଶୃଙ୍ଖଳା ସୃଷ୍ଟି କରିଥିଲା ଏବଂ ଅବମାନନାପୂର୍ଣ୍ଣ ଥିଲା । ଆଉରଙ୍ଗଜେବଙ୍କ ରାଜତ୍ୱ ଆରମ୍ଭ ହେବା ପରେ ପରେ ଓଡ଼ିଶାରେ ରକ୍ଷଣଶୀଳ ମୁସଲମାନ ଧର୍ମ ପୂର୍ବାପେକ୍ଷା ଅଧିକ ପ୍ରତିକ୍ରିୟାଶୀଳ ହେଲା । ସେ ଥିଲେ ଜଣେ ଅତି ନିଷ୍ଠାପର ଓ ଅତି ନୈତିକତାବାଦୀ ମୁସଲମାନ ଏବଂ ରକ୍ଷଣଶୀଳ ମୁସଲମାନ ଧର୍ମର ଜଣେ ବଡ଼ ପୃଷ୍ଠପୋଷକ । ଭାରତର ସମ୍ରାଟ ରୂପେ ଅଧିଷ୍ଠିତ ହେବା ପରେ ସେ ଅନୁଦାର ଇସଲାମୀୟ ଆଇନରେ ଥିବା ବ୍ୟବସ୍ଥାନୁଯାୟୀ ରକ୍ଷଣଶୀଳ ମୁସଲମାନମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯିବାକୁ ନିର୍ଦ୍ଦେଶ ଜାରି କରିଥିଲେ । ପ୍ରତ୍ୟେକ ପ୍ରଦେଶ ଏବଂ ପ୍ରତ୍ୟେକ ବଡ଼ ବଡ଼ ସହରରେ ଏହିଭଳି ଅଫିସରମାନଙ୍କୁ ନିଯୁକ୍ତ କରାଗଲା । ଜୁନାଇଦଙ୍କୁ କଟକ ଠାରେ ଓଡ଼ିଶାର ମୁକ୍ତାହିଜ୍ ରୂପେ ନିଯୁକ୍ତି ଦିଆଗଲା । ଧାର୍ମିକ ଆଚରଣରେ ରକ୍ଷଣଶୀଳତାକୁ ଅତ୍ୟନ୍ତ କଡ଼ାକଡ଼ି ଭାବରେ ବିଗ୍ରହ କରାଯାଉଥିଲା । ଧର୍ମାଚରଣରେ ପଦସ୍ଥ ମୋଗଲ ଅଧିକାରୀଙ୍କ ଅବହେଳାକୁ ମଧ୍ୟ ସହ୍ୟ କରାଯାଉ ନ ଥିଲା । ଉଦାହରଣସ୍ୱରୂପ ଆଚରଣରେ ରକ୍ଷଣଶୀଳ ଇସଲାମୀୟ ବ୍ୟବସ୍ଥାର ଅନୁକରଣ କରି ନ ଥିବାରୁ ରହମତୋଲାଙ୍କୁ ବରଖାସ୍ତ କରାଯାଇଥିଲା ।

ରକ୍ଷଣଶୀଳ ମୁସଲମାନ ଧର୍ମର ପୃଷ୍ଠପୋଷକତା କରିବା ସହିତ ଆଉରଙ୍ଗଜେବଙ୍କ କେତେକ ହିନ୍ଦୁ ମନ୍ଦିରମାନଙ୍କୁ ଧ୍ୱଂସ କରିଦେବାକୁ ନିର୍ଦ୍ଦେଶନାମା ହିନ୍ଦୁମାନଙ୍କ ଧାର୍ମିକ ଚେତନାରେ ଆତଙ୍କ ସୃଷ୍ଟି କରିଥିଲା । ତାଙ୍କ ମନ୍ଦିର ଧ୍ୱଂସ ନିର୍ଦ୍ଦେଶନାମା ନିମ୍ନମତେ ଜାରି କରାଯାଇଥିଲା ।

Digitized by PPRACHIN, SOA

"କଟକ ଠାରୁ ଆରମ୍ଭ କରି ଓଡ଼ିଶା ସୀମାନ୍ତବର୍ତ୍ତୀ ମିଦିନାପୁର ପର୍ଯ୍ୟନ୍ତ ସମସ୍ତ ଫଉଜଦାର, ଥାନାଦାର ଓ ମୁତାସଦ୍ଦି ଜାଗିରଦାରମାନଙ୍କ ଏଜେଣ୍ଟବୃନ୍ଦ, କ୍ରୋରି ଓ ଅମଲା-ମାନଙ୍କ ଅବଗତ ନିମନ୍ତେ । ସମ୍ରାଟଙ୍କ ବକ୍‌ସି (ବେତନ ଦେଉଥିବା କର୍ମଚାରୀ) ଆସାଦ ଖାଁ ବାଦଶାହାଙ୍କ ହୁକୁମରେ ଲିଖିତ ଏକ ପତ୍ରରେ ଜଣାଇଛନ୍ତି ଯେ ମିଦିନାପୁର ଅନ୍ତର୍ଗତ ତିଲକୁଟି ଗ୍ରାମରେ ନୂଆକରି ଏକ ମନ୍ଦିର ନିର୍ମିତ ହୋଇଥିବା କଥା ଓଡ଼ିଶା ପ୍ରଦେଶର ସମ୍ବାଦବାହୀ ପତ୍ରରୁ ସମ୍ରାଟ୍ ଅବହିତ ହୋଇ ଉକ୍ତ ମନ୍ଦିରକୁ ତଥା ନୀତିହୀନ କାଫେର-ମାନଙ୍କ ଦ୍ୱାରା ଉକ୍ତ ପ୍ରଦେଶର ଅନ୍ୟାନ୍ୟ ସ୍ଥାନରେ ନିର୍ମାଣ କରାଯାଇଥିବା ମନ୍ଦିରମାନଙ୍କୁ ଧୂଳିସାତ୍ କରିବା ପାଇଁ ତାଙ୍କର ମହାମହିମ ଆଦେଶ ଜାରି କରିଅଛନ୍ତି । ତେଣୁ ଅତ୍ୟନ୍ତ ଜରୁରୀ ଭାବରେ ତୁମକୁ ଏହି ନିର୍ଦ୍ଦେଶ ଦିଆଯାଉଅଛି ଯେ ଏ ପତ୍ର ପାଇବା ସଙ୍ଗେ ସଙ୍ଗେ ତୁମେ ଉପରୋକ୍ତ ମନ୍ଦିରମାନଙ୍କୁ ଭାଙ୍ଗି ପକାଅ । ବିଗତ ଦଶ ବାର ବର୍ଷ ମଧ୍ୟରେ ଇଟା ବା ମାଟିରେ ନିର୍ମିତ ପ୍ରତ୍ୟେକ ଦେବାଳୟକୁ ଅବିଳମ୍ବେ ଧୂଳିସାତ୍ କରିପକାଅ । ଅବଦମିତ ହିନ୍ଦୁ ଓ କାଫେରମାନଙ୍କୁ ପୁରାତନ ମନ୍ଦିରଗୁଡ଼ିକର ମରାମତି କରିବାକୁ ମଧ୍ୟ ପ୍ରଶ୍ରୟ ଦିଅ ନାହିଁ । କାଜିମାନଙ୍କ ସହି ମୋହର ଏବଂ ପବିତ୍ର ଶେଖ୍‌ମାନଙ୍କ ପ୍ରମାଣପତ୍ର ସହିତ ମନ୍ଦିର-ଗୁଡ଼ିକ ଧ୍ୱଂସ କରାଯାଇଥିବାର ରିପୋର୍ଟ ଦରବାରକୁ ପ୍ରେରଣ କରାଯିବା ଉଚିତ୍ ।"

ଆଉରଙ୍ଗଜେବଙ୍କ ଏହି ନିର୍ଦ୍ଦେଶନାମା ଫଳରେ କେବଳ ଯେ ତିଲକୁଟି ଗ୍ରାମରେ ନୂତନ ଭାବେ ନିର୍ମିତ ମନ୍ଦିରକୁ ଭାଙ୍ଗି ଦିଆଯାଇଥିଲା ତାହା ନୁହେଁ, ଅଧିକନ୍ତୁ କେନ୍ଦ୍ରାପଡ଼ା ଠାରେ ଏକ ମନ୍ଦିରକୁ ଧୂଳିସାତ୍ କରି ଦିଆଯାଇଥିଲା ଏବଂ ତାହାର ଭଗ୍ନାବଶେଷ ଉପରେ ଏକ ମସ୍‌ଜିଦ୍ ନିର୍ମିତ ହୋଇଥିଲା ।

ବେଳେବେଳେ କେତେକ ପ୍ରଶ୍ନ କରନ୍ତି ଯେ ଆଉରଙ୍ଗଜେବଙ୍କ ହିନ୍ଦୁବିରୋଧୀ ନୀତି ଏବଂ ଧର୍ମନିର୍ଯ୍ୟାତନା ଯଦି ହିନ୍ଦୁଧର୍ମର ପତନ ଓ ହିନ୍ଦୁ ମନ୍ଦିରଗୁଡ଼ିକର ଧ୍ୱଂସସାଧନ ପାଇଁ ଉଦ୍ଦିଷ୍ଟ ଥିଲା ତେବେ ତାଙ୍କ ରାଜତ୍ୱ ସମୟରେ କେତେକ ଅତି ପ୍ରଧାନ ପ୍ରଧାନ ହିନ୍ଦୁ କୀର୍ତ୍ତି କିପରି ବଞ୍ଚି ରହିଲା । ଏ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ ଆଉରଙ୍ଗଜେବଙ୍କ ଉପରିଲିଖିତ ନିର୍ଦ୍ଦେଶନାମା ମର୍ମରୁ ପରିଲକ୍ଷିତ ହୁଏ ଯେ ଓଡ଼ିଶାରେ ପୁରାତନ ମନ୍ଦିରଗୁଡ଼ିକର ବିଲୁପ୍ତିକରଣ ଘଟାଇବା ଆଉରଙ୍ଗଜେବଙ୍କ ଉଦ୍ଦେଶ୍ୟ ନ ଥିଲା । ବାସ୍ତବତଃ ସେ ଦେଖିବାକୁ ଚାହୁଁଥିଲେ ଯେ ହିନ୍ଦୁଧର୍ମର ବିକାଶଜନିତ ନିଦର୍ଶନ ସ୍ୱରୂପ ଓଡ଼ିଶାରେ କୌଣସି ନୂତନ ମନ୍ଦିର ନିର୍ମିତ ନ ହେଉ କିମ୍ବା କୌଣସି ପ୍ରାଚୀନ ମନ୍ଦିରର ମରାମତି କରାନଯାଉ । ଏହି ନିର୍ଦ୍ଦେଶନାମାର ଅନ୍ତତଃ ଗୋଟାଏ ପରିଣାମ ହେଲା ଯେ ଅବଧି ହିନ୍ଦୁ ମନ୍ଦିର ନିର୍ମାଣ ପାଇଁ ଅନୁପ୍ରେରଣା ଲୋପ ପାଇବାକୁ ବସିଲା ଏବଂ ଏପର୍ଯ୍ୟନ୍ତ କୌଣସି ଧନୀ ଜମିଦାର ବା ଧର୍ମପରାୟଣ ବ୍ୟକ୍ତିଙ୍କ ପକ୍ଷରେ ପୃଷ୍ଠପୋଷକତାରେ ଯେଉଁ ରାଜମିସ୍ତ୍ରୀମାନେ ପୁରୁଷାନୁକ୍ରମିକ ଭାବରେ

Digitized by PPRACHIN, SOA

ମନ୍ଦିର ନିର୍ମାଣ କରି ଜୀବିକା ଅର୍ଜନ କରୁଥିଲେ ସେମାନଙ୍କ ବୃତ୍ତି ବାଧାପ୍ରାପ୍ତ ହେଲା ଓ ସେମାନେ ବେକାର ହେଲେ ।

ବିଗତ ଦଶବାର ବର୍ଷ ମଧ୍ୟରେ ନିର୍ମିତ ପ୍ରତ୍ୟେକ ଦେବାଳୟକୁ ଭାଙ୍ଗିବା ନିମନ୍ତେ ସାଧାରଣ ନୀତି ଉଦ୍ଦିଷ୍ଟ ଥିଲେ ହେଁ ବେଳେ ବେଳେ ଓଡ଼ିଶାର ଅତି ଆଗ୍ରହାନ୍ୱିତ କେତେକ ସୁବାଦାର ତଥା ଅନ୍ୟାନ୍ୟ ଅଫିସରଙ୍କ ଦୃଷ୍ଟି କେତେକ ପୁରାତନ ମନ୍ଦିର ପ୍ରତି ଆକୃଷ୍ଟ ହୋଇଥିଲା ଏବଂ ସେସବୁକୁ ଭାଙ୍ଗିଦେବା ପାଇଁ ସେମାନେ ବେଳେ ବେଳେ ଧମକ ଦେଇଥିଲେ । ତେଣୁ ପୂଜକମାନେ ଉପଯୁକ୍ତ ଅଫିସରମାନଙ୍କୁ ବିପୁଳ ପରିମାଣର ଲାଞ୍ଚଦେଇ ମୁଖ୍ୟ ମୁଖ୍ୟ ଧର୍ମପୀଠଗୁଡ଼ିକୁ ଧ୍ୱଂସମୁଖରୁ ରକ୍ଷା କରିବାକୁ ଶ୍ରେୟସ୍କର ମନେ କରୁଥିଲେ । ଉଦାହରଣ ସ୍ୱରୂପ ଉଲ୍ଲେଖ କରଯାଇପାରେ ଯେ ଏକରମ ଖାଁ ଏବଂ ତାଙ୍କ ଭାଇ ଜମାଲ ଖାଁ ଓ ଅବ୍‌ଦୁଲ୍ଲା ଖାଁ ଜଗନ୍ନାଥଙ୍କ ପୂଜାରେ ପ୍ରତିବନ୍ଧକ ସୃଷ୍ଟିକଲେ ଏବଂ ଜଗନ୍ନାଥଙ୍କ ମୂର୍ତ୍ତି ଭାଙ୍ଗିଦେବା ପାଇଁ ଧମକ ଦେଲେ । କିନ୍ତୁ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ତଥା ଖୋର୍ଦ୍ଧା ରଜା ଦିବ୍ୟସିଂହ ଦେବ ଓଡ଼ିଶା ଗଭର୍ଣ୍ଣରଙ୍କୁ ତିରିଶ ହଜାର ଟଙ୍କା ଲାଞ୍ଚ ଦେବାରୁ ଜଗନ୍ନାଥଙ୍କ ପୂଜା ସମ୍ପର୍କରେ ମୁସଲମାନ ହସ୍ତକ୍ଷେପ ଏବଂ ମୂର୍ତ୍ତି ଭାଙ୍ଗିବା ଧମକ ପ୍ରତ୍ୟାହାର କରି ନିଆଯାଇଥିଲା ।

ଆଉରଙ୍ଗଜେବ ଆକବରଙ୍କ ଉଦାର ଧର୍ମନୀତି ଅନୁସରଣ କରି ନ ଥିଲେ କିମ୍ବା ଭାରତର ପୂର୍ବ ପ୍ରାନ୍ତରେ ଅବସ୍ଥିତ ସର୍ବପ୍ରଧାନ ହିନ୍ଦୁ ଧର୍ମାନୁଷ୍ଠାନ ଜଗନ୍ନାଥଙ୍କ ନିରଙ୍କୁଶ ସେବାପୂଜା ବିଧାନ ନିମନ୍ତେ କୌଣସି ବ୍ୟବସ୍ଥା ଗ୍ରହଣ କରି ନ ଥିଲେ । ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ଥିବାହେତୁ ଖୋର୍ଦ୍ଧାରଜା ଏଥି ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ । ତାଙ୍କ ରାଜଧାନୀ ଖୋର୍ଦ୍ଧାରେ ଅବସ୍ଥିତ ଥିଲେ ହେଁ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ଜଗନ୍ନାଥଙ୍କ ପୂଜା କିପରି ସମ୍ପାଦିତ ହେବ ତାହା ଦେଖିବା ଥିଲା ତାଙ୍କର କର୍ତ୍ତବ୍ୟ । ତେଣୁ ଜଗନ୍ନାଥ ମନ୍ଦିରରେ ସମ୍ପାଦିତ ହେବାକୁ ଥିବା ଅଧିକାଂଶ ଉତ୍ସବାନୁଷ୍ଠାନରେ ପୁରୀଠାରେ ଖୋର୍ଦ୍ଧାରଜାଙ୍କ ଉପସ୍ଥିତି ବାଞ୍ଛନୀୟ ଥିଲା । କୁହାଯାଏ ଯେ ଜଗନ୍ନାଥଙ୍କ ପର୍ବପର୍ବାଣି ପାଳନ ଅବସରରେ ଜନୈକ ଏକରାମ ଖାଁ ନିଜ ଭାଇ ମହମ୍ମଦ ଖାଁ ଦମାନ-ଉଲ୍ଲା ଏବଂ ଇମାନକୋଲି ନାମକ ଆଉ ଜଣକ ସହାୟତା ଲାଭକରି ଜଗନ୍ନାଥ ମନ୍ଦିରରେ ଧ୍ୱଂସମୂଳକ କାର୍ଯ୍ୟକଳାପ ଚଳାଇଥିଲେ । ସେମାନେ ମନ୍ଦିରର ସିଂହଦ୍ୱାରର କିଛି ଅଂଶ ଭାଙ୍ଗିଦେଲେ, ଭୋଗମଣ୍ଡପର ଚକ ଓ ଜଗନ୍ନାଥଙ୍କ ଦାରୁମୂର୍ତ୍ତିକୁ ନେଇଗଲେ ଏବଂ ମନ୍ଦିରର ଦକ୍ଷିଣଦ୍ୱାର ବନ୍ଦ କରିଦେଲେ । ସେମାନଙ୍କ ମଧ୍ୟରୁ ଜଣେ ଜଗନ୍ନାଥଙ୍କ ସିଂହାସନରେ ଚଢ଼ିଗଲେ, ଯାହାକି ଏକ ଅପବିତ୍ର କାର୍ଯ୍ୟ ବୋଲି ପରିଗଣିତ ହୋଇଥିଲା । ସେମାନଙ୍କର ଏହି କାର୍ଯ୍ୟ-କଳାପରେ ଖୋର୍ଦ୍ଧାରାଜା (ସେ ସେତେବେଳେ ପୁରୀଠାରେ ଥିଲେ) ଦିବ୍ୟସିଂହ ଦେବ

Digitized by PPRACHIN, SOA

ଏତେ ମାତ୍ରାରେ ଭୟଭୀତ ହୋଇପଡ଼ିଲେ ଯେ ସେ ଏହି ସମସ୍ୟାର ସମ୍ମୁଖୀନ ହେବା ପରିବର୍ତ୍ତେ ଜଗନ୍ନାଥ ମନ୍ଦିରର ଜନୈକ ସେବକ ବିଦ୍ୟାଧର ମହାପାତ୍ରଙ୍କ ଘରେ ଆଶ୍ରୟ ନେବାକୁ ଅଧିକ ବିଜ୍ଞତାର ପରିଚାୟକ ବୋଲି ଭାବିଲେ ।

ଶ୍ରୀମନ୍ଦିର ବ୍ୟାପାରରେ ମୋଗଲମାନଙ୍କର ଏଭଳି ଅଭୂତପୂର୍ବ ବିଘ୍ନକାରୀ କାର୍ଯ୍ୟକଳାପ ଫଳରେ ଜୀଉଙ୍କର ପୂଜା ଓ ପରିଚାଳନାରେ ଗୋଳମାଳିଆ ତଥା ବିଶୃଙ୍ଖଳ ପରିସ୍ଥିତି ସୃଷ୍ଟି ହେଲା । ଫଳତଃ ଚନ୍ଦନଯାତ୍ରା ଓ ଜଗନ୍ନାଥ ମନ୍ଦିରରେ ଚିରଚରିତ କାଳରୁ ପାଳନ କରଯାଉଥିବା ଅନ୍ୟସବୁ ପର୍ବପର୍ବାଣୀଗୁଡ଼ିକୁ ସ୍ଥଗିତ ରଖାଗଲା । ପରେ ଯାହା ବା ପାଳନ କରଗଲା ତାହା ନିର୍ଦ୍ଧାରିତ ଧର୍ମଗତ ବ୍ୟବସ୍ଥାନୁସାରେ ନିଷ୍ପନ୍ନ ହୋଇପାରି ନ ଥିଲା ।

ଆଉରଙ୍ଗଜେବଙ୍କ ରଜତ୍ୱକାଳ ପରେ ଓଡ଼ିଶାର ଗଭର୍ଣ୍ଣରମାନଙ୍କ ଦ୍ୱାରା ଅନୁସୃତ ନୀତିରେ କୌଣସି ନୂତନତା ନ ଥିଲା । ଯଦିଓ ଏହି ନୀତି ସାଧାରଣତଃ ଆଉରଙ୍ଗଜେବଙ୍କ ନୀତି ପରି ଧର୍ମୋନ୍ମତ୍ତ ବା ରକ୍ଷଣଶୀଳ ନ ଥିଲା ତଥାପି ଆକବରଙ୍କ ରଜତ୍ୱକାଳୀନ ସହନଶୀଳ ଓ ଉଦାର ଚିନ୍ତା ଉପରେ ପର୍ଯ୍ୟବସିତ ହୋଇପାରି ନ ଥିଲା ।

ପୁରୀ ମନ୍ଦିରରେ ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା କ୍ଷେତ୍ରରେ ଅସୁବିଧାର ଅବସାନ ହେଲା ନାହିଁ । ବିଶେଷକରି ତକୀ ଖାଁଙ୍କ ରଜତ୍ୱ ଅମଳରେ ଖୋର୍ଦ୍ଧା ଉପରେ ମୁସଲମାନଙ୍କ ପକ୍ଷରୁ ବାରମ୍ବାର ଆକ୍ରମଣ ହେବା ଫଳରେ ଜଗନ୍ନାଥଙ୍କ ପୂଜା ବାଧାପ୍ରାପ୍ତ ହେଲା ଏବଂ ପୁରୀରେ ଆତଙ୍କ ସୃଷ୍ଟି ହେଲା । ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ଓଡ଼ିଶାର ଠାକୁରରଜାଙ୍କ ରାଜଧାନୀ ଖୋର୍ଦ୍ଧା ଉପରେ ବାରମ୍ବାର ଆକ୍ରମଣ ଚାଲିବା ହେତୁ ସେ ଜଗନ୍ନାଥ ମନ୍ଦିର କାର୍ଯ୍ୟରେ ଯୋଗଦେଇ ପାରିଲେ ନାହିଁ । ଏଭଳି ପରିସ୍ଥିତିରେ ଆତଙ୍କିତ ସେବକମାନେ ମୂର୍ତ୍ତିଗୁଡ଼ିକ ଅପବିତ୍ର ହେବା ଆଶଙ୍କା କରି ସେସବୁକୁ କେତେବେଳେ ଚିଲିକା ବାଟ ଦେଇ ବାଣପୁର ଆଡ଼କୁ ଆଉ କେତେବେଳେ ବୋଲଗଡ଼ ଏବଂ ବେଳେ ବେଳେ ଖଲିକୋଟ ସୀମାନ୍ତବର୍ତ୍ତୀ ଟିକେଲି ବା ଆଠଗଡ଼ ଆଡ଼କୁ ସ୍ଥାନାନ୍ତରିତ କରିଥିବା ପ୍ରମାଣ ମିଳେ । ଏଥିରୁ ଆଉ କିଛି ନ ହେଲେ ମଧ୍ୟ ନିରାପଦ ସ୍ଥାନ ସନ୍ଧାନରେ ଓଡ଼ିଶାର ପରମାରାଧ୍ୟ ଦେବତାଙ୍କୁ ଦକ୍ଷିଣାଞ୍ଚଳର ଦୁର୍ଗମ ଅଞ୍ଚଳମାନଙ୍କୁ ବାରମ୍ବାର ସ୍ଥାନାନ୍ତରିତ କରଯାଉଥିବା ଜଣାଯାଏ । ଜଣାଯାଏ ଯେ, ଜଗନ୍ନାଥଙ୍କ ମୂର୍ତ୍ତିକୁ ଜଳପଥ ଅର୍ଥାତ୍ ଚିଲିକା ବା ଅନ୍ୟ କୌଣସି ନଦୀ ପଥଦେଇ ସ୍ଥାନାନ୍ତରିତ କରିବା ସକାଶେ ଅଧିକ ସୁବିଧାଜନକ ମନେ କରଯାଉଥିଲା ।

ଦ୍ୱିତୀୟ ମୁର୍ଶିଦ କୁଲି ଖାଁଙ୍କ ରଜତ୍ୱ ଆରମ୍ଭରେ ଜଗନ୍ନାଥ ପୂଜା କ୍ଷେତ୍ରରେ ଦେଖା ଦେଇଥିବା ନିରୁତ୍ସାହ ମନୋଭାବ ଭିନ୍ନ ମୋଡ଼ ଗ୍ରହଣ କଲା । ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ଅତ୍ୟନ୍ତ ବିଶ୍ୱସ୍ତ (Right hand man) ମୀର୍ ହବିବ୍ ପୁରୀ ମନ୍ଦିରରେ ଜଗନ୍ନାଥ ମୂର୍ତ୍ତି ପୁନଃ ପ୍ରତିଷ୍ଠା ନିମନ୍ତେ ବିଶେଷ ମନଯୋଗ ଦେଇଥିଲେ । ଖୋର୍ଦ୍ଧା ରାଜା ଏବଂ ଜଗନ୍ନାଥଙ୍କ

Digitized by PPRACHIN, SOA

ପ୍ରତି ମୁର୍ଶିଦ କୁଲିଙ୍କର ଏଭଳି ବନ୍ଧୁଭାବାପନ୍ନ ତଥା ଉଦାର ମନୋଭାବ ଓଡ଼ିଶାର ହିନ୍ଦୁମାନଙ୍କ ପକ୍ଷରେ ଏକ ଗଭୀର ଆଶ୍ୱାସନାର ବିଷୟ ରୂପେ ପରିଗଣିତ ହେଲା ।

ଏହିପରି ଭାବରେ ଆକବର ଏବଂ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ରାଜତ୍ୱକାଳ ବ୍ୟତୀତ ମୋଗଲ ଶାସନ ଅମଳରେ ଜଗନ୍ନାଥ ମନ୍ଦିର ପୂଜାରେ ବାରମ୍ବାର ବ୍ୟାଘାତ ସୃଷ୍ଟି ହୋଇଥିଲା । ଶ୍ରୀମନ୍ଦିର ପୂଜାବିଧାନ ଓ ଶ୍ରୀଜୀଉଙ୍କ ପବିତ୍ରତାର ସୁରକ୍ଷା ପାଇଁ ସେବକଶ୍ରେଣୀ, ମନ୍ଦିର ତତ୍ତ୍ୱାବଧାରକ ଜଗନ୍ନାଥ ଭକ୍ତମାନଙ୍କ ମନ ସର୍ବଦା ଶଙ୍କାକୁଳ ଥିଲା । ବେଳେ ବେଳେ କେତେକ ଗଭର୍ଣ୍ଣର ବା ସେନାପତି ମନ୍ଦିର ଉପରେ ଚଢ଼ାଉ କରି ମନ୍ଦିର ଅପବିତ୍ର କରିପକାଉଥିବା ଘଟଣାରୁ ସେମାନଙ୍କ ସମ୍ଭାବ୍ୟ ଆଶଙ୍କା ସତ୍ୟ ପ୍ରମାଣିତ ହୋଇଥିଲା । ପୁନଶ୍ଚ ଖୋର୍ଦ୍ଧାରାଜାଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଥିବା ହେତୁ ବେଳେ ବେଳେ ଜଗନ୍ନାଥ ପୂଜା ସମାହିତ ହୋଇପାରୁ ନ ଥିଲା କିମ୍ବା ସେଥିରେ ପ୍ରତିବନ୍ଧକ ଉପୁଜୁଥିଲା । ଅଧିକାଂଶ ମୁସଲମାନ ଶାସକ ବା ଅଫିସରଙ୍କ ପକ୍ଷରୁ ଜଗନ୍ନାଥ ତଥା ମନ୍ଦିର ତତ୍ତ୍ୱାବଧାରକଙ୍କ ପ୍ରତି ପ୍ରଦର୍ଶିତ ଆଚରଣରୁ ମୁସଲମାନମାନେ ହିନ୍ଦୁ ସମ୍ପ୍ରଦାୟର ଧର୍ମ ପ୍ରତି ଅବଜ୍ଞା ପ୍ରଦର୍ଶନ କରୁଥିଲେ ବୋଲି ସାଧାରଣରେ ଯେ ଧାରଣା ସୃଷ୍ଟି ହୋଇଥିଲା—ଏଥିରେ ସନ୍ଦେହ ନାହିଁ ।

ଯାତ୍ରୀକର

ମୁସଲମାନ ରାଜତ୍ୱ କାଳରେ ଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଭାରତର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ ଓଡ଼ିଶାରେ ଏକ ଯାତ୍ରୀକର ବସା ଯାଇଥିଲା । ମାତ୍ର ଏହି କର କେଉଁ ସମୟରେ ବା କିଏ ଧାର୍ଯ୍ୟ କରିଥିଲେ ତାହା ନିର୍ଦ୍ଦିଷ୍ଟ ଭାବରେ ଜଣାଯାଏ ନାହିଁ । ଆଉରଙ୍ଗଜେବଙ୍କ ରାଜତ୍ୱ ଅମଳରେ ଏହି କର ପ୍ରବର୍ତ୍ତନ କରାଯାଇ ଥାଇପାରେ ବୋଲି କେବଳ ମାତ୍ର ଅନୁମାନ କରାଯାଏ ।

ମୁସଲମାନ ରାଜତ୍ୱର ପରବର୍ତ୍ତୀ ସମୟରେ ମରହଟ୍ଟାମାନେ ଯେପରି ସହର ତଥା ଜଗନ୍ନାଥ ମନ୍ଦିର ଉତ୍ତରସ୍ଥ ଅଠରନଳା ଏବଂ ଦକ୍ଷିଣ ଦିଗସ୍ଥ ଲୋକନାଥ ଘାଟ ନିକଟରେ ଯାତ୍ରୀକର ଅସୁଲ କରୁଥିଲେ ମୁସଲମାନ ଅଫିସରମାନେ ମଧ୍ୟ ପୂର୍ବରୁ ସେହିପରି ଉକ୍ତ ଘାଟମାନଙ୍କରୁ କର ଆଦାୟ କରୁଥିଲେ ବୋଲି ଅନୁମାନ କରାଯାଇପାରେ । ଓଡ଼ିଶାକୁ ଆସୁଥିବା ଯାତ୍ରୀମାନଙ୍କ ଠାରୁ ମୁସଲମାନ ଶାସକ କେତେ ପରିମାଣର କର ଆଦାୟ କରୁଥିଲେ ତାହା ଜଣାଯାଏ ନାହିଁ । ମାତ୍ର ତକୀ ଖାଁଙ୍କ ରାଜତ୍ୱ ସମୟରେ ଜଗନ୍ନାଥ ପୂଜା ଅତ୍ୟଧିକ ବାଧାପ୍ରାପ୍ତ ହେଲା । ପରିଣାମତଃ ମୁସଲମାନ ସରକାର ଯାତ୍ରୀକର ବାବଦରେ ବର୍ଷକୁ ନଅଲକ୍ଷ ଟଙ୍କା ରାଜସ୍ୱ ପାଇବାରୁ ବଞ୍ଚିତ ହେଲେ । ଏଥିରୁ ଜଣାଯାଏ ଯେ ବାର୍ଷିକ ଯାତ୍ରୀକର ବାବଦ ଆୟ ସାଧାରଣତଃ ନଅଲକ୍ଷ ଟଙ୍କାରୁ କମ୍ ହେଉ ନ ଥିଲା । ଜଗନ୍ନାଥଙ୍କ ପୂଜାରେ ବିଘ୍ନ ସୃଷ୍ଟି କରିବା ସହିତ ଯାତ୍ରୀକର ବାବଦ ରାଜସ୍ୱ ଆୟ ହ୍ରାସ ପାଇବା ପରସ୍ପର

Digitized by PPRACHIN, SOA

ସମ୍ବନ୍ଧିତ ଥିଲା । ତେଣୁ ଦ୍ୱିତୀୟ ମୁର୍ଶିଦ କୁଲିଙ୍କ ବ୍ୟତୀତ ଅନ୍ୟ ସମସ୍ତ କର ଆଦାୟକାରୀ ମୋଗଲ ସେନାପତି ଏହି ସୂତ୍ରରୁ ହେଉଥିବା ଆୟ ପ୍ରତି ବିଶେଷ ଧ୍ୟାନ ଦେଉ ନ ଥିଲେ ।

ମୁସଲମାନ ଧର୍ମ ଓ ତାହାର ବିକାଶ

ମୁସଲମାନମାନଙ୍କ ଦ୍ୱାରା ଓଡ଼ିଶା ଅଧିକାର ପରେ ଓଡ଼ିଶାକୁ ମୁସଲମାନଙ୍କ ପ୍ରବେଶ କ୍ରମାଗତ ଭାବରେ ଚାଲିଥିଲା । ସେମାନେ ଏଠାରେ ବସବାସ କରି ଏଠାକୁ ଏକ ନୂତନ ଧର୍ମ ଓ ସଂସ୍କୃତି ସାଙ୍ଗରେ ଆଣିଥିଲେ । ସେମାନଙ୍କ ସହିତ ଧାରାବାହିକ ଭାବରେ ଆସିଥିଲେ, ସେନାଧ୍ୟକ୍ଷ, ପ୍ରଶାସକ, ବଣିକ ଓ ଶିବିରର ସାମରିକ ଓ ବେସାମରିକ ଭୃତ୍ୟମାନେ । ସେମାନଙ୍କ ଧର୍ମ ସମ୍ବନ୍ଧୀୟ ଆବଶ୍ୟକତା ପୂରଣ ସକାଶେ ଉଲେମା ଏବଂ ମୁସଲମାନ ସନ୍ନ୍ୟାସୀମାନେ ମଧ୍ୟ ଆଗମନ କରିଥିଲେ । ଏହାହିଁ ଓଡ଼ିଆ ମାଟିକୁ ଇସଲାମ ଧର୍ମର ଆଦ୍ୟ ପ୍ରବେଶ ।

ମୁସଲମାନ ସରକାର ଏବଂ ଧର୍ମମନୋଭାବାପନ୍ନ ଲୋକମାନଙ୍କ ପୃଷ୍ଠ-ପୋଷକତାରେ ମୁସଲମାନ ଧର୍ମାନୁଷ୍ଠାନମାନ ବିକାଶ ଓ ବୃଦ୍ଧି ପାଇବାକୁ ଲାଗିଲା । ସର୍ବପ୍ରଥମେ ଓଡ଼ିଶାର ମୁସଲମାନ ରାଜତ୍ୱର ରାଜଧାନୀ କଟକ ସର୍ବପ୍ରଧାନ ମୁସଲମାନ ଧର୍ମାନୁଷ୍ଠାନର ପୀଠସ୍ଥଳୀ ରୂପେ ବିକାଶଲାଭ କଲା । ପରବର୍ତ୍ତୀ କାଳରେ ପ୍ରଦେଶର ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କୁ ମୁସଲମାନମାନଙ୍କ ପ୍ରବେଶ ଫଳରେ ପ୍ରଦେଶର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ମସ୍‌ଜିଦ ଓ ମୁସଲମାନ ସାଧୁମାନଙ୍କ କବରମାନ ପ୍ରତିଷ୍ଠିତ ହୋଇଥିଲା ।

ଏକରାମ ଖାଁ କଟକର ବାଲୁବଜାର ଠାରେ ଏକ ମସ୍‌ଜିଦ୍ ନିର୍ମାଣ କରି ତାହାକୁ ଆଉରଙ୍ଗଜେବଙ୍କ କନ୍ୟା ସାହାଜାଦା ବେଗମ୍ (ଜେବୁନ୍ନିସା)ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ସୁଜାଉଦ୍ଦିନ କଟକ ଠାରେ ପ୍ରସିଦ୍ଧ କଦମ ରସୁଲ ନିର୍ମାଣ କରିଥିଲେ । କଟକ ଠାରେ ମୁସଲମାନ ରାଜତ୍ୱ କାଳରେ ନିର୍ମିତ ହୋଇଥିବା ଆଉ କେତେକ ପ୍ରଧାନ କୀର୍ତ୍ତି ହେଉଛି ଦିଓ୍ୱାନ ବଜାର ମସ୍‌ଜିଦ୍ ମହମ୍ମଦିଆ ବଜାରର ଉଜେଲ ଖାଁ ମସ୍‌ଜିଦ୍ ଏବଂ ଲାଲବାଗ୍ ପରିସର ମଧ୍ୟସ୍ଥ ମସ୍‌ଜିଦ୍ । ଧର୍ମମନୋଭାବାପନ୍ନ ମୁସଲମାନ ଗଭର୍ଣ୍ଣର, ଡେପୁଟୀ ଗଭର୍ଣ୍ଣର ବା ଅଫିସରମାନେ ଉଦାର ଅନୁଦାନ ପ୍ରଦାନପୂର୍ବକ ମୁସଲମାନ ଧର୍ମାନୁଷ୍ଠାନଗୁଡ଼ିକର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଥିଲେ । ମୁସଲମାନ ସାଧୁମାନେ ସମ୍ଭବତଃ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେମାନେ ମୁସଲମାନ ଧର୍ମମତବାଦ ପ୍ରସାର କରାଇଥିଲେ ଏବଂ ଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଆ ବଜାରସ୍ଥ ଶାହା ମନସୁର ଓ ପଞ୍ଜାସାହା, କଟକର ବାରବାଟି ଦୁର୍ଗସ୍ଥ ବକ୍‌ସି ସାହେବଙ୍କ କବର ଭଳି କବରମାନଙ୍କରୁ ଏକଥା ପ୍ରମାଣିତ ହୋଇଥାଏ । ଏହି ସ୍ଥାନଗୁଡ଼ିକ ପ୍ରକୃତପକ୍ଷେ ମୁସଲମାନ ଭକ୍ତମାନଙ୍କ ଉପାସନା ତଥା ତୀର୍ଥସ୍ଥଳୀ ରୂପେ ପରିଗଣିତ ହୋଇ ଆସୁଛି । ମୁସଲମାନ ରାଜତ୍ୱ ସମୟରେ

Digitized by PPRACHIN, SOA

ଖ୍ୟାତିଲାଭ କରିଥିବା ଅନ୍ୟ ଦୁଇଜଣ ସାଧୁ ହେଉଛନ୍ତି ମାଲଙ୍ଗ ଶାହା ଓ ମସ୍ତାନ ଶାହା । ଏହି ସାଧୁମାନଙ୍କ କବରଗୁଡ଼ିକ ଯଥାକ୍ରମେ କଟକ ଶାଖା ସର୍ବସାଧାରଣ ଡାକଘରର ହତା ମଧ୍ୟରେ ଏବଂ କ୍ୟାଟନ୍‌ମେଣ୍ଟ ସଡକରେ ଅବସ୍ଥିତ । ଏହି ସାଧୁମାନେ ନିଜର କର୍ତ୍ତବ୍ୟବୋଧ, ଦୟାଳୁତା, ଧର୍ମନିଷ୍ଠତା ଏବଂ ଆଦର୍ଶ ଜୀବନଯାପନ ପାଇଁ ଖ୍ୟାତ । ହିନ୍ଦୁ ଓ ମୁସଲମାନ ଉଭୟ ସଂପ୍ରଦାୟର ଲୋକେ ତାଙ୍କୁ ଭକ୍ତି ଓ ପ୍ରେମ କରୁଥିଲେ । ଓଡ଼ିଶାର ଅନ୍ୟାନ୍ୟ ପ୍ରାନ୍ତରେ ମୁସଲମାନ ଶକ୍ତି ପ୍ରସାରଲାଭ କରିବା ସହିତ ସେସବୁ ସ୍ଥାନରେ ମଧ୍ୟ ମୁସଲମାନ କୀର୍ତ୍ତିମାନ ପ୍ରତିଷ୍ଠିତ ହୋଇଥିଲା । ବାଲେଶ୍ୱର ଠାରେ ତକୀ ଖାଁ'ଙ୍କ ଦ୍ୱାରା ନିର୍ମିତ କଦମ ରସୁଲ ଏବଂ ଯାଜପୁର ଠାରେ ପ୍ରତିଷ୍ଠିତ ଆବୁନାସାର ମସ୍‌ଜିଦ୍ କଟକ ବ୍ୟତୀତ ଅନ୍ୟାନ୍ୟ ସ୍ଥାନରେ ମୁସଲମାନ ଧର୍ମର ବିକାଶ ସମ୍ପର୍କରେ ପ୍ରମାଣ ପ୍ରଦାନ କରେ ।

ନବାବ ସୁଜାଉଦ୍ଦିନ ମହମ୍ମଦ ଖାଁଙ୍କ ରାଜତ୍ୱ ସମୟରେ ସାଂପ୍ରତିକ କଟକ ଜିଲ୍ଲା ଅନ୍ତର୍ଗତ ଗ୍ରିନଙ୍ଗଳ ମୌଜାର ଅଳତି ପାହାଡ଼ ଶିଖରକୁ ଆସିଥିବା ଜନୈକ ସାଧୁଙ୍କ ସମ୍ମାନାର୍ଥେ ତଖତ ଇ-ସୁଲେମାନ ନାମକ ଏକ ଦରଘା ନିର୍ମିତ ହୋଇଥିଲା । ପିପିଲି ଠାରେ ନିର୍ମିତ ସୟଦ ସୁଲତାନଙ୍କ କବର, ସିନ୍ଧି ବକସ୍ ସାହେବଙ୍କ କବର ଏବଂ କାଇପଦରସ୍ଥ ବୋଖାରି ସାହେବ କବର, ଯାଜପୁରସ୍ଥ ସୟଦ ବୋଖାରି କବର ଭଳି ସାଧୁମାନଙ୍କ କବର ସବୁ ମୁସଲମାନ ସାଧୁମାନେ ଓଡ଼ିଶାର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ କିଭଳି ଯାତାୟାତ କରୁଥିଲେ ତାହା ସ୍ମରଣ କରାଇଦିଏ ।

ଓଡ଼ିଶା ଏକ ସ୍ଥାନ ଥିଲା; ଯେଉଁଠାରେ କି କେବଳ ସୁନ୍ନି ସଂପ୍ରଦାୟର ପଣ୍ଡିତ, ସାଧୁ ଓ ବିଜ୍ଞ ବ୍ୟକ୍ତିମାନେ ନୁହଁନ୍ତି ଅଧିକନ୍ତୁ ସିହା ସଂପ୍ରଦାୟଭୁକ୍ତ ପଣ୍ଡିତ ଏବଂ ସାଧୁମାନେ ମଧ୍ୟ ସମବେତ ହୋଇଥିଲେ । ସାହା ମନ୍‌ସୁର ଥିଲେ ସିହା ସଂପ୍ରଦାୟର ଜନୈକ ସାଧୁ । ତାଙ୍କ କବର ଲାଲବାଗ ଥାନା ପରିସର ମଧ୍ୟରେ ଅଛି । ମୁସଲମାନ ଓ ହିନ୍ଦୁ ଉଭୟ ସଂପ୍ରଦାୟର ଭକ୍ତ ଏଠାକୁ ଦର୍ଶନ ପାଇଁ ଆସିଥାଆନ୍ତି । ସିହା ସଂପ୍ରଦାୟର ପଣ୍ଡିତ ଓ ସୁନ୍ନି ସାଧୁମାନଙ୍କ ମଧ୍ୟରେ ମତଭେଦ ରହିଥିଲା । ଏଥିରୁ ମୁସଲମାନ ରାଜତ୍ୱ କାଳରେ ବିଶେଷତଃ ଆଉରଙ୍ଗଜେବଙ୍କ ଶାସନ ସମୟରେ ସିହା ଓ ସୁନ୍ନିମାନଙ୍କ ମଧ୍ୟରେ ରହିଥିବା ବିଦ୍ୱେଷ ବିଷୟରେ ଜାଣିହୁଏ ।

ଶାହା କାଶିମ ହୋ ଆଲ୍ଲାହି ନାମରେ ଓଡ଼ିଶାରେ ଜଣେ ଖ୍ୟାତନାମା ସୁନି ମତବାଦର ସାଧୁ ଥିଲେ । ସେ ଐଶ୍ୱରିକ ଶକ୍ତିଲାଭ କରିଥିବା କୁହାଯାଏ । ଓଡ଼ିଶାର ସିହା ମୁସଲମାନମାନଙ୍କୁ ଜୋର ଜବରଦସ୍ତ ନୁହେଁ; ଅଧିକନ୍ତୁ ଯାଦୁବିଦ୍ୟା ଓ ଅଲୌକିକ କାର୍ଯ୍ୟ-କଳାପ ମାଧ୍ୟମରେ ସେ ସୁନ୍ନି ମତବାଦରେ ଦୀକ୍ଷିତ କରିଥିଲେ । ସିହା ମତବାଦର ଜନୈକ ହାକିମ ତାହିରଙ୍କୁ ସିହା ସମ୍ପ୍ରଦାୟ ଛାଡ଼ି ସୁନ୍ନି ମତବାଦ ଗ୍ରହଣ କରିବାକୁ ପ୍ରବର୍ତ୍ତାଇବାରେ ସେ ସଫଳ ହୋଇଥିଲେ ଓ ହାକିମ୍ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

Digitized by PPRACHIN, SOA

କେତେକ ମୁସଲମାନ ପଣ୍ଡିତ ଓଡ଼ିଶା ପ୍ରତି ଆକୃଷ୍ଟ ହୋଇ ଆସିଥିଲେ । ଉଦାହରଣ ସ୍ୱରୂପ ମିର୍ଜା ଜାରିଫ୍ ଓଡ଼ିଶାରେ ତିନିବର୍ଷ ଅବସ୍ଥାନ କରିଥିଲେ । ଆଇନ, ବିଜ୍ଞାନ ଓ ପ୍ରକୃତି-ବିଜ୍ଞାନରେ ତାଙ୍କର ଗଭୀର ଜ୍ଞାନ ଥିଲା । ବିହାରରୁ ଓଡ଼ିଶା ପରିଦର୍ଶନ ପାଇଁ ଆସିଥିବା ବେ-ଦିଲ୍‌ଙ୍କର ସେ ଥିଲେ ମାମୁଁ । ମିର୍ଜା ଜାରିଫ୍, ସୟଦ୍ ମହମ୍ମଦ୍‌ଙ୍କୁ ଚିକିତ୍ସା କରି ଅଙ୍ଗପ୍ରତ୍ୟଙ୍ଗ ଫୁଲାବ୍ୟାଧିରୁ ଆରୋଗ୍ୟ କରିଥିଲେ । ଏହି ସୟଦ ମହମ୍ମଦ ଆଉ କେହି ନୁହଁନ୍ତି, ସେ ଥିଲେ ଓଡ଼ିଶାର ଗଭର୍ଣ୍ଣର ଖାଁ-ଇ-ଦୌରାନ୍ ।

ଓଡ଼ିଶାରେ ଆଧ୍ୟାତ୍ମିକ ବିଷୟରେ ଗଭୀର ଜ୍ଞାନଲାଭ କରିଥିବା ଅନେକ ଧର୍ମଭିକ୍ଷୁ (darvishes) ଥିଲେ ।

ମୁସଲମାନ ସରକାର ଗରିବ, ନିଃସ୍ୱ, ଧର୍ମପରାୟଣ ବ୍ୟକ୍ତି, ଉଲେମା, ମୌଲବୀ, ସାଧୁ ସନ୍ୟାସୀ ଓ ବିଭିନ୍ନ ମୁସଲମାନ ଧର୍ମାନୁଷ୍ଠାନକୁ ସେମାନଙ୍କର ଭରଣପୋଷଣ ଅଥବା ପରିଚାଳନା ସକାଶେ ବହୁ ପରିମାଣର ଜମି ଦାନ କରିଥିଲେ । ଅବ୍‌ଦୁଲା ହମିଦଙ୍କ ପରି ଧର୍ମପରାୟଣ ବ୍ୟକ୍ତି ଏବଂ ଅନ୍ୟାନ୍ୟ ଧର୍ମନିଷ୍ଠ ବ୍ୟକ୍ତିଙ୍କୁ ମୋଗଲ ସରକାର ସେମାନଙ୍କର ଭରଣପୋଷଣ ତଥା ମୋଗଲ ସିଂହାସନର ଦୀର୍ଘ ସ୍ଥାୟିତ୍ୱ ନିମିତ୍ତ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ସକାଶେ ଦଶ ବାଟି ଜମି ମଞ୍ଜୁର କରିଥିଲେ । ୧୬୮୬ ଖ୍ରୀଷ୍ଟାବ୍ଦରେ ବଙ୍ଗଳା ଓ ଓଡ଼ିଶାର ଗଭର୍ଣ୍ଣର, ଯାଜପୁରର ମୁସାବଦ୍ ଆଇସା ବିବିଙ୍କୁ ତାଙ୍କ ଭରଣପୋଷଣ ସକାଶେ ପାଞ୍ଚ ବାଟି ଜମି ଦେଇଥିଲେ । ୧୭୦୪-୫ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ ଶେଖ୍ ଅବଦୁସ ସଲାମଙ୍କୁ ଭରଣପୋଷଣ ନିମନ୍ତେ ଦୁଇ ବାଟି ଜମି ମଞ୍ଜୁର କରିଥିଲେ ।

ସରକାରଙ୍କ ପକ୍ଷରୁ ଛାତ୍ରମାନଙ୍କୁ ମାଦାଦ୍-ଇ-ମାସ୍ ରୂପେ ଅନୁରୂପ ଜମି ମଞ୍ଜୁର କରାଯାଉଥିଲା । ବେଳେ ବେଳେ ଧାର୍ମିକ ସଂଗଠନରେ ନିୟୋଜିତ ବ୍ୟକ୍ତିମାନଙ୍କୁ କିଛି ପରିମାଣର ସାହାଯ୍ୟ ମଧ୍ୟ ଦିଆଯାଉଥିଲା । ଅନ୍ୟ କେତେକ ଘଟଣାରେ ଆଧ୍ୟାତ୍ମିକ ଶକ୍ତି ଅଥବା ଧର୍ମକାର୍ଯ୍ୟ ପାଇଁ ଖ୍ୟାତିଲାଭ କରିଥିବା ଧର୍ମଭିକ୍ଷୁ (darvishes)ମାନଙ୍କୁ କେତେକ ମଦାଦ୍-ଇ-ମାସ୍ ଜମି ଦିଆଯାଇଥିବାର ପ୍ରମାଣ ମିଳେ ।

ଧର୍ମପରାୟଣ ବ୍ୟକ୍ତି ଏବଂ ଧର୍ମାନୁଷ୍ଠାନମାନଙ୍କୁ କେବଳ ସରକାର ନୁହଁନ୍ତି, ସମ୍ଭ୍ରାନ୍ତ ବ୍ୟକ୍ତିବିଶେଷମାନେ ମଧ୍ୟ ଜମି ଦାନ କରିଥିଲେ । ଉଦାହରଣ ସ୍ୱରୂପ ମହମ୍ମଦ ଶାହା ଘାଜୀ ନାମକ ଜନୈକ ବ୍ୟକ୍ତି ଆଲ୍ଲାଉଦ୍ଦିନ ନାମଧେୟ ଜନୈକ ମୁଲ୍ଲା (ମୁସଲମାନ) ପୁରୋହିତ (priest)ଙ୍କ ମାଧ୍ୟମରେ ଯାଜପୁର ମସ୍‌ଜିଦ୍‌କୁ ପାଞ୍ଚ ବାଟି ଜମି ଦେଇଥିଲେ । ଏତଦ୍-ବ୍ୟତୀତ ସେ ସୟଦ୍ ଅସରନ୍ ଉଲ୍ଲାଙ୍କ ଜରିଆରେ ସୁଙ୍ଗର ପରଗଣା ଅନ୍ତର୍ଗତ ବୀରେଗନ୍ ଗ୍ରାମସ୍ଥ ମସ୍‌ଜିଦରେ ଆଲୋକ ବିତରଣ ପାଇଁ ପାଞ୍ଚ ମାଣ ଜମି ପ୍ରଦାନ କରିଥିଲେ ।

କେବଳ ମୁସଲମାନ କୀର୍ତ୍ତି, ମୁସଲମାନ ସାଧୁ ଏବଂ ମୁସଲମାନ ଧର୍ମପରାୟଣ ବ୍ୟକ୍ତିମାନଙ୍କ ନିମନ୍ତେ ମୁସଲମାନ ସରକାର ଉଦାର ମନୋଭାବ ପ୍ରଦର୍ଶନ ତଥା ପୃଷ୍ଠ-

Digitized by PPRACHIN, SOA

ପୋଷକତା କରିଥିଲେ ବୋଲି କହିବା ଠିକ୍ ହେବ ନାହିଁ । ପୂର୍ବବର୍ତ୍ତୀ ସରକାରଙ୍କ ଦ୍ୱାରା ଅନୁସୃତ ପରମ୍ପରାରୁ ବିଚ୍ୟୁତ ନ ହୋଇ ପୂର୍ବ ପ୍ରତିଷ୍ଠିତ ହିନ୍ଦୁ ଅନୁଷ୍ଠାନଗୁଡ଼ିକୁ ସମ୍ମାନ ପ୍ରଦର୍ଶନପୂର୍ବକ ହିନ୍ଦୁମାନଙ୍କ ବିଶ୍ୱାସଭାଜନ ହେବାପାଇଁ ମୁସଲମାନ ସରକାର ହିନ୍ଦୁ ଦେବଦେବୀ ଉପଭୋଗ କରୁଥିବା ଜମିଗୁଡ଼ିକ ଅନୁମୋଦନ କରିଥିବା ଓ ହିନ୍ଦୁମାନଙ୍କ ଧର୍ମକାର୍ଯ୍ୟ ସକାଶେ ନୂତନ ଜମି ମଞ୍ଜୁର କରିଥିବା ଜଣାଯାଏ । ଉଦାହରଣ ସ୍ୱରୂପ ଏକଦା ଆଲିବର୍ଦ୍ଦି ଖାଁ କାଦିଣ୍ଡା ପରଗଣା ଅନ୍ତର୍ଗତ ଉସୁନା ଗ୍ରାମର ଶ୍ୟାମ ମହାପାତ୍ରଙ୍କୁ ଦାନ ଖଇରାତ ସକାଶେ ଏକ ବାଟି ଜମି ପ୍ରଦାନ କରିଥିଲେ ।

ବେଳେ ବେଳେ ଖ୍ୟାତନାମା ମୁସଲମାନ ସମ୍ଭ୍ରାନ୍ତ ବ୍ୟକ୍ତିବୃନ୍ଦ ବା ପ୍ରାଦେଶିକ ଗଭର୍ଣ୍ଣରମାନେ ହିନ୍ଦୁ ବା ହିନ୍ଦୁ ଅନୁଷ୍ଠାନମାନଙ୍କୁ ଦାନ ଆକାରରେ କେତେକ ଜମି ମଞ୍ଜୁର କରିଥିଲେ ଏକଦା ଜନୈକ ଗୁଲ୍‌ଜାରି ହୁସେନ ଶ୍ରୀଜଗନ୍ନାଥ ଠାକୁର (ଦେବତା)ଙ୍କ ଅମୃତ ମଣୋହି ସକାଶେ ମୋହନ ଦାସଙ୍କ ଜରିଆରେ ସମଗ୍ର ବାଘୁଆ ମୌଜା ଦାନ କରିଥିଲେ ।

ପୁନଶ୍ଚ ସୁଜାଉଦ୍ଦିନ ମହମ୍ମଦ ଖାଁ ଶୁଆସାହି ଗ୍ରାମର ପୁରୁଷୋତ୍ତମ ଭାରତୀଙ୍କୁ ସଦାବର୍ତ୍ତ ପାଳନ ସକାଶେ ଏକବାଟି ଦୁଇମାଣ ଜମି ଦେଇଥିଲେ । ଏତଦ୍‌ବ୍ୟତୀତ ରାଜା ସର୍‌ଫ-ଉଦ୍ଦିନ ହୁସେନ ପର୍ଯ୍ୟଟକ ଓ ଭିକ୍ଷୁକମାନଙ୍କ ତତ୍ତ୍ୱ ବୁଝିବା ପାଇଁ ଅଧିକାରୀ ଗୋପୀନାଥ ଦାସଙ୍କୁ ସମଗ୍ର ଜଗନ୍ନାଥପୁର ଗ୍ରାମ ମଞ୍ଜୁର କରିଥିଲେ । ୧୭୪୮ ଖ୍ରୀଷ୍ଟାବ୍ଦରେ ଚୌଧୁରୀ ଫତେ ଖାଁ ଏବଂ ଅନ୍ୟମାନେ କନ୍ଦରପୁରର ବାଲୁକୀ ଦାସଙ୍କ ମାଧ୍ୟମରେ ରାଧାକାନ୍ତ ଠାକୁରଙ୍କୁ ୭ ବାଟି ୭ ମାଣ ୧୫ ଗୁଣ୍ଠ ଜମି ଦାନ କରିଥିଲେ ।

ମୁସଲମାନ ଧର୍ମର ପ୍ରସାର ଏବଂ ମୁସଲମାନ ଅନୁଷ୍ଠାନଗୁଡ଼ିକର ଅଭିବୃଦ୍ଧି ଫଳରେ ହିନ୍ଦୁ ଧର୍ମ ଧାରଣାର ବିକାଶ କ୍ଷେତ୍ରରେ ଜଡ଼ତା ସୃଷ୍ଟି ହୋଇଗଲା ବୋଲି କୁହାଯିବା ଠିକ୍ ନୁହେଁ । ଅପର ପକ୍ଷରେ ହିନ୍ଦୁ ଅନୁଷ୍ଠାନମାନ ଏକ ସମୟରେ ସ୍ୱ ସ୍ୱ ଧର୍ମର ପୁରୋଧା ପୃଷ୍ଠପୋଷକ ଏବଂ ପ୍ରବକ୍ତାଙ୍କ ପୃଷ୍ଠପୋଷକତାରେ ଶ୍ରୀବୃଦ୍ଧି ଲାଭ କରିଥିଲା । ହିନ୍ଦୁ ଅନୁଷ୍ଠାନଗୁଡ଼ିକ ଖୋର୍ଦ୍ଧା ରାଜା ଏବଂ ଅନ୍ୟାନ୍ୟ ଧର୍ମପରାୟଣ ବ୍ୟକ୍ତିବିଶେଷଙ୍କ ତତ୍ତ୍ୱାବଧାନରେ ବିକାଶପ୍ରାପ୍ତ ହୋଇଥିଲା । ଏହି ସମୟରେ ବୈଷ୍ଣବ ଧର୍ମର ପ୍ରସାର ନିମନ୍ତେ ବୈଷ୍ଣବ ଗୁରୁମାନଙ୍କ ଦ୍ୱାରା ବହୁସଂଖ୍ୟକ ମଠ ସ୍ଥାପିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବିଶେଷ କରି ଆଭ୍ୟନ୍ତରୀଣ ଅଞ୍ଚଳରେ ବୈଷ୍ଣବ ଧର୍ମ ପ୍ରସାର କରିବାକୁ ଲାଗିଲା ।

ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ହୋଇଥିବା ଦୃଷ୍ଟିରୁ ଏବଂ ଜଗନ୍ନାଥଙ୍କ ପର୍ବପର୍ବାଣି ପାଳନ କ୍ଷେତ୍ରରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼ୁଥିବାରୁ ଓଡ଼ିଆମାନେ ଖୋରଧାର ରାଜାଙ୍କୁ ଐଶ୍ୱରିକ ଶକ୍ତିସମ୍ପନ୍ନ ଠାକୁର ରାଜା ବୋଲି ଅଭିହିତ

Digitized by PPRACHIN, SOA

କରୁଥିଲେ । ଜଗନ୍ନାଥଙ୍କ ତତ୍ତ୍ୱାବଧାରକ ଥିବା ଦୃଷ୍ଟିରୁ ଜଗନ୍ନାଥଙ୍କ ପୂଜାକ୍ଷେତ୍ରରେ ଯେପରି ପ୍ରତିବନ୍ଧକ ସୃଷ୍ଟି ନ ହୁଏ ଏବଂ ହିନ୍ଦୁ ସମ୍ପ୍ରଦାୟଙ୍କ ଅଭିଳାଷ ତଥା ଅଭିରୁଚି ଅନୁଯାୟୀ ମନ୍ଦିର ପରିସର ମଧ୍ୟରେ ନୂତନ ଦେବଦେବୀ ଯେପରି ପ୍ରତିଷ୍ଠିତ ହୁଅନ୍ତି, ତାହା ଦେଖିବା ତାଙ୍କର କର୍ତ୍ତବ୍ୟ ଥିଲା । ଏତଦ୍‌ବ୍ୟତୀତ ହିନ୍ଦୁମାନଙ୍କ ସନ୍ତୋଷବିଧାନ ନିମନ୍ତେ ତାଙ୍କୁ ମନ୍ଦିରରେ ସେବା କରିବାକୁ ପଡ଼ୁଥିଲା ଏବଂ ବ୍ରାହ୍ମଣମାନଙ୍କର ପୃଷ୍ଠପୋଷକତା କରିବାକୁ ହେଉଥିଲା ।

ମୁସଲମାନ ଶାସନକାଳ ମଧ୍ୟରେ ଖୋର୍ଦ୍ଧାରେ ଦଶ ଜଣ ରାଜା ରାଜତ୍ୱ କରିଥିଲେ । ଉତ୍ତରାଧିକାର ସୂତ୍ରରେ ଓଡ଼ିଶାର ପୂର୍ବତନ ପ୍ରାଚୀନ ରାଜାମାନଙ୍କ ରାଜଗାଦୀ ଲାଭ କରିଥିବା ଦାବୀ କରି ସେମାନେ ସାଧାରଣତଃ ପୁରୀ ଜଗନ୍ନାଥ ମନ୍ଦିରର କେତେକ ସମ୍ପ୍ରସାରଣ ଦିଗରେ ମନୋନିବେଶ କରିଥିଲେ । ଏହି ସମୟରେ ଜଗନ୍ନାଥଙ୍କ ସକାଶେ ବିଭିନ୍ନ କିସମର କୋଠ-ଭୋଗର ବ୍ୟବସ୍ଥା କରାଯାଇଥିଲା । ଜଗନ୍ନାଥ ମନ୍ଦିରର ଭାଙ୍ଗି ପଡ଼ିଥିବା ଚକ୍ର ଏହି ସମୟରେ ପୁନଃ ପ୍ରତିଷ୍ଠିତ ହୋଇଥିଲା । କୋଣାର୍କ ମନ୍ଦିରରୁ "ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମୂର୍ତ୍ତି" ଅଣାଯାଇ ଜଗନ୍ନାଥ ମନ୍ଦିର ହତା ମଧ୍ୟରେ ସ୍ଥାପନ କରାଯାଇଥିଲା । ଜଗନ୍ନାଥ ମନ୍ଦିର ସନ୍ନିକଟସ୍ଥ ଲକ୍ଷ୍ମୀମନ୍ଦିରର ଜଗମୋହନ ତଥା ଗୋପାଳଦେବ ମନ୍ଦିରର ଜଗମୋହନ ନିର୍ମିତ ହୋଇଥିଲା । ଏତଦ୍ ବ୍ୟତୀତ ବିମଳାଇଙ୍କ ମନ୍ଦିରର ଆଉ ଏକ ଅତିରିକ୍ତ ମଣ୍ଡପ ନିର୍ମାଣ କରାଯାଇଥିଲା ଏବଂ ଜଗନ୍ନାଥ ମନ୍ଦିର ପରିସର ମଧ୍ୟରେ ପ୍ରତିଷ୍ଠିତ ଦେବଦେବୀ ମନ୍ଦିରଗୁଡ଼ିକର କେତେକ ସମ୍ପ୍ରସାରଣ ମଧ୍ୟ କରାଯାଇଥିଲା । ଗୁଣ୍ଡିଚା ମନ୍ଦିରର ମୁଖଶାଳା ନିର୍ମିତ ହୋଇଥିଲା । ପୁନଶ୍ଚ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଗୁଣ୍ଡିଚା ମନ୍ଦିରର ଜଗମୋହନ ତଥା ଭୋଗ ମଣ୍ଡପ ନିର୍ମାଣ କରାଯାଇଥିଲା ।

ଏତଦ୍‌ବ୍ୟତୀତ ଖୋର୍ଦ୍ଧାରଜାଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥ ମନ୍ଦିରରେ ବହୁଥର ଚୂନ ଦିଆଯାଇଥିଲା ।

ବ୍ରାହ୍ମଣ ଶାସନ ବସାଇବା ଖୋର୍ଦ୍ଧା ରଜାଙ୍କ ପକ୍ଷରେ ଏକ ଧର୍ମନିଷ୍ଠ କର୍ତ୍ତବ୍ୟ ବୋଲି ବିବେଚନା କରଯାଉଥିଲା । ତେଣୁ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ଅଣାଯାଇ ସମ୍ମାନ ଦିଆଯାଉଥିଲା ଏବଂ ସେମାନଙ୍କୁ ନିଷ୍କର ଜମି ପ୍ରଦାନ କରଯାଉଥିଲା । ବ୍ରାହ୍ମଣମାନେ ବସବାସ କରୁଥିବା ଗ୍ରାମଗୁଡ଼ିକୁ ଶାସନ କୁହାଯାଉଥିଲା । ବିଭିନ୍ନ ରଜା ଭିନ୍ନ ଭିନ୍ନ ସମୟରେ ବହୁସଂଖ୍ୟକ ଶାସନ ପ୍ରତିଷ୍ଠା କରିଥିଲେ ଏବଂ ଏହି ଶାସନମାନ ସାଧାରଣତଃ ଯେଉଁ ରାଜା ପ୍ରତିଷ୍ଠା କରୁଥିଲେ ତାଙ୍କରି ନାମାନୁସାରେ ନାମିତ ହେଉଥିଲା । ଉଦାହରଣ ସ୍ୱରୂପ ରାମଚନ୍ଦ୍ରଦେବ ଶ୍ରୀରାମଚନ୍ଦ୍ରପୁର ଶାସନ ଏବଂ ବିଜୟ ରାମଚନ୍ଦ୍ରପୁର ଶାସନ ପ୍ରତିଷ୍ଠା

Digitized by PPRACHIN, SOA

କରିଥିଲେ । ପୁରୁଷୋତ୍ତମ ଦେବଙ୍କ ଦ୍ୱାରା ବୀରପୁରୁଷୋତ୍ତମପୁର ଶାସନ, ଶ୍ରୀପୁରୁଷୋତ୍ତମ-ପୁର ଶାସନ ଏବଂ ପ୍ରତାପ ପୁରୁଷୋତ୍ତମପୁର ଶାସନ ସ୍ଥାପିତ ହୋଇଥିଲା । ନରସିଂହ ଦେବ ନରସିଂହପୁର ଶାସନ ସ୍ଥାପନ କରିଥିଲେ । ବଳଭଦ୍ର ଦେବଙ୍କ ଦ୍ୱାରା ବଳଭଦ୍ରପୁର ଶାସନ ପ୍ରତିଷ୍ଠିତ ହୋଇଥିଲା ।

ଏତଦ୍‌ବ୍ୟତୀତ ରାଜାଙ୍କର କେତେକ ପ୍ରଧାନ କର୍ମଚାରୀଙ୍କ ପ୍ରଚେଷ୍ଟାରେ ମଧ୍ୟ କେତେକ ଶାସନ ପ୍ରତିଷ୍ଠିତ ହୋଇଥିଲା । ଉଦାହରଣ ସ୍ୱରୂପ ପ୍ରଥମ ନରସିଂହ ଦେବଙ୍କର ଜନୈକ କର୍ମଚାରୀ କହ୍ନେଇ ବିଦ୍ୟାଧର କହ୍ନେଇ ବିଦ୍ୟାଧରପୁର ଶାସନ ସ୍ଥାପନ କରିଥିଲେ । ଦାମୋଦର ସେନାପତି ନାମକ ଆଉ ଜଣେ କର୍ମଚାରୀଙ୍କ ଦ୍ୱାରା ଦାମୋଦରପୁର ଶାସନ ପ୍ରତିଷ୍ଠିତ ହୋଇଥିଲା । ଏହା ବ୍ୟତୀତ ବାସୁ ସାମନ୍ତରାୟ ଏବଂ ବିଶ୍ୱନାଥ ନାମକ ଦୁଇଜଣ କର୍ମଚାରୀ ଯଥାକ୍ରମେ ବାସୁଦେବପୁର ଶାସନ ଓ ବିଶ୍ୱନାଥପୁର ଶାସନ ସ୍ଥାପନ ପୂର୍ବକ ଖ୍ୟାତି ଅର୍ଜନ କରିଥିଲେ ।

ଜଗନ୍ନାଥ ଅପବିତ୍ର ହୋଇଯିବା ଅଥବା ସ୍ୱାଭାବିକ ଅବସ୍ଥା ବିପନ୍ନ ହେବା ଆଶଙ୍କାରେ ଜଗନ୍ନାଥ ମୂର୍ତ୍ତିକୁ ମନ୍ଦିରରୁ ଏକ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ସମୟ ବ୍ୟତୀତ ଅନ୍ୟ ସବୁ ସମୟରେ ଜଗନ୍ନାଥଙ୍କ ପୂଜା ସ୍ୱାଭାବିକ ରୀତି ଅନୁଯାୟୀ ପ୍ରତ୍ୟହ ଅନୁଷ୍ଠିତ ହେଉଥିଲା ଏବଂ ଠାକୁରଙ୍କ ନିକଟରେ ଦୈନିକ ଏକାଧିକବାର ଭୋଗ ଅର୍ପଣ କରାଯାଉଥିଲା ଓ ୨୦,୦୦୦ ଲୋକ ଏହି ଭୋଗ ସେବନ କରୁଥିଲେ । ଆଇନ୍-ଇ-ଆକବରୀରେ ଉଲ୍ଲେଖ କରାଯାଇଛି, "ତିନି ଦେବତା ପ୍ରତ୍ୟହ ଛଅଥର ସ୍ନାନ କରୁଥିଲେ ଓ ବେଶ ପରିବର୍ତ୍ତନ କରୁଥିଲେ । ସେମାନଙ୍କ ସେବା ପୂଜା ପାଇଁ ୫୦ ବା ୬୦ ଜଣ ଉପବୀତ-ଧାରୀ ବ୍ରାହ୍ମଣ ନିୟୋଜିତ ଥିଲେ ଏବଂ ପ୍ରତିଥର ବହୁ ପରିମାଣ ଭୋଗ ଲାଗି କରା-ଯାଉଥିଲା; ଫଳତଃ ୨୦ ହଜାର ବ୍ୟକ୍ତି ଏହି ପ୍ରସାଦ ସେବନ କରୁଥିଲେ ।"

ରଥଯାତ୍ରା ଉତ୍ସବ ମହାଆଡ଼ମ୍ବରପୂର୍ଣ୍ଣ ରୀତିରେ ପାଳିତ ହେଉଥିଲା ଏବଂ ଲୋକ-ମାନେ ପାପ ଛଡ଼ାଇବା ଉଦ୍ଦେଶ୍ୟରେ ରଥ ଦଉଡ଼ିକୁ ବଡ଼ଦାଣ୍ଡରେ ଟାଣି ଟାଣି ନେଉଥିଲେ । "ଆଇନ୍" ରେ ଉଲ୍ଲେଖ କରାଯାଇଛି, "ସେମାନେ ଷୋହଳ ଚକ ବିଶିଷ୍ଟ ରଥ ତିଆରି କରୁଥିଲେ । ହିନ୍ଦୀ ଭାଷାରେ ଏହାକୁ ରଥ କୁହାଯାଏ । ଏହି ରଥ ଉପରେ ତିନି ଠାକୁରଙ୍କୁ ଉପବେଶନ କରାଯାଉଥିଲା । ସେମାନେ ବିଶ୍ୱାସ କରନ୍ତି ଯେ ଏହି ରଥକୁ ଯିଏ ଟାଣିବ ତା ଦେହରୁ ସମସ୍ତ ପାପ ଅପସରି ଯିବ ଏବଂ କୌଣସି ପ୍ରକାର ଦୁର୍ଦ୍ଦଶା ତାକୁ ଗ୍ରାସ କରିବ ନାହିଁ ।"

ମୋଗଲ ରାଜତ୍ୱ ସମୟରେ ମନ୍ଦିର ଏବଂ ହିନ୍ଦୁ ଧର୍ମାନୁଷ୍ଠାନଗୁଡ଼ିକୁ ଦାନଶୀଳ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଅନୁଦାନ ଅବ୍ୟାହତ ରହିଥିଲା । ରାଜସ୍ୱ ସମ୍ପର୍କୀୟ ନଥିପତ୍ର

Digitized by PPRACHIN, SOA

ଅନୁଧ୍ୟାନରୁ ଉଦାର ମନୋଭାବାପନ୍ନ ହିନ୍ଦୁମାନେ ମନ୍ଦିର ରକ୍ଷଣାବେକ୍ଷଣ ଅଥବା ଜଗନ୍ନାଥଙ୍କୁ ଭୋଗ ଅର୍ପଣ କରିବା ସକାଶେ ବିପୁଳ ପରିମାଣର ଜମିଦାନ କରିଥିବା ପ୍ରମାଣ ଅଛି । ଏହିପରି ଭାବରେ ଉକ୍ତ ଅନୁଷ୍ଠାନମାନ ସମୃଦ୍ଧଶାଳୀ ହୋଇ ଉଠିଥିଲା ଏବଂ ଜଗନ୍ନାଥଙ୍କ ଖ୍ୟାତି ବିସ୍ତୃତିଲାଭ କରିଥିଲା ।

ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତିମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଅଧିଷ୍ଠିତ ଅନ୍ୟାନ୍ୟ ବହୁ ଦେବଦେବୀ ମନ୍ଦିରର ରକ୍ଷଣାବେକ୍ଷଣ, ପୂଜାପାର୍ବଣ, ଖଇରାତ ଓ ଅମୃତ-ମଣୋହି ସକାଶେ ଜମିଦାନ କରିଥିଲେ । ଶୈବ ଦେବଦେବୀମାନଙ୍କ ଭଳି ବୈଷ୍ଣବ ଧର୍ମର ଦେବଦେବୀମାନେ ମଧ୍ୟ ଏଭଳି ଆରାଧନାରୁ ବଞ୍ଚିତ ନ ଥିଲେ । ଏହିଭଳି ଅନୁଦାନସବୁ ଧର୍ମାନୁଷ୍ଠାନଗୁଡ଼ିକର ପରିଚାଳନାରେ ସାହାଯ୍ୟ କରୁଥିଲା ଏବଂ ହିନ୍ଦୁ ସମ୍ପ୍ରଦାୟର ଆଧ୍ୟାତ୍ମିକ ତଥା ଧର୍ମସମ୍ବନ୍ଧୀୟ ଆବଶ୍ୟକତା ପୂରଣ ଦିଗରେ ଅଧିକ ସହାୟତା ପ୍ରଦାନ କରୁଥିଲା ।

କେବଳ ଦେବଦେବୀମାନେ ନୁହନ୍ତି ଅଧିକନ୍ତୁ ମଠଗୁଡ଼ିକ ମଧ୍ୟ ପରିଚାଳନା ସକାଶେ ଜମି ଅନୁଦାନ ସୂତ୍ରରେ ପାଉଥିଲେ । ଉଦାହରଣ ସ୍ୱରୂପ ୧୭୪୪ ଖ୍ରୀଷ୍ଟାବ୍ଦରେ ଘନଶ୍ୟାମ ନାସୁକ୍ରୋୟୀ ମହାପାତ୍ର ବିଲପଡ଼ା ମଠକୁ ସଦାବର୍ତ୍ତ ପାଳନ ସକାଶେ ଗୁରିବ ଭାରତୀଙ୍କ ମାଧ୍ୟମରେ ୧୫ ମାଣ ଜମି ଦାନ କରିଥିଲେ ।

ମୁସଲମାନମାନେ ଯେ ବେଳେବେଳେ ହିନ୍ଦୁମାନଙ୍କୁ ଜମି ଅନୁଦାନ ଦେଉଥିଲେ ତା ନୁହେଁ, କେତେକ ହିନ୍ଦୁ ମଧ୍ୟ ମୁସଲମାନମାନଙ୍କୁ ଜମି ପ୍ରଦାନ କରିଥିବା ପରିଦୃଷ୍ଟ ହୁଏ । ଉଦାହରଣ ସ୍ୱରୂପ ଚୌଧୁରୀ ଶମ୍ଭୁ ପଟ୍ଟନାୟକ ୧୭୧୨ ଖ୍ରୀଷ୍ଟାବ୍ଦରେ ବାଖରାବାଦର ସାନ୍ତରା ସାହିରେ ମଦାଦ୍-ଇ-ମାସ୍ ସକାଶେ ଜନୈକ ସାମ୍ ମହମ୍ମଦ ଓ ଅନ୍ୟମାନଙ୍କୁ ଦୁଇବାଟି ଜମି ପ୍ରଦାନ କରିଥିଲେ ।

ମୁସଲମାନ ଧର୍ମ ଓଡ଼ିଶାର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ପ୍ରସାରଲାଭ କରିଥିଲେ ହେଁ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ବୈଷ୍ଣବ ଧର୍ମ ପ୍ରବେଶ କରିବା କ୍ଷେତ୍ରରେ କୌଣସି ବାଧା ସୃଷ୍ଟି ହୋଇ ନ ଥିଲା । ବହୁସଂଖ୍ୟକ ବୈଷ୍ଣବ ମଠ ବିକାଶଲାଭ କରିଥିବା ଏବଂ ପ୍ରଦେଶର ବିଭିନ୍ନ ସ୍ଥାନରେ ଏହି ମଠ ଗୁଡ଼ିକର ଶାଖା ପ୍ରତିଷ୍ଠିତ ହୋଇଥିବା ଘଟଣାରୁ ଏହି ସମୟରେ ବୈଷ୍ଣବ ଧର୍ମ ହିନ୍ଦୁମାନଙ୍କ ପକ୍ଷରେ ଅଧିକ ଆଦରଣୀୟ ହୋଇଥିବା ସ୍ପଷ୍ଟ ପ୍ରତୀୟମାନ ହୁଏ । ଉଦାହରଣ ସ୍ୱରୂପ ଏଠାରେ ଉଲ୍ଲେଖ କରାଯାଇ-ପାରେ ଯେ ବୈଷ୍ଣବ ସନ୍ଥ ରସିକାନନ୍ଦ ମୟୂରଭଞ୍ଜ ରାଜା ବିଦ୍ୟାନାଥଙ୍କ ରାଜଗଡ଼ସ୍ଥ ଦରବାରକୁ ଯାଇଥିଲେ ଏବଂ ସମଗ୍ର ଭଞ୍ଜଭୂମିକୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରାଇଥିଲେ । ତେଣୁ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରାଯାଇପାରେ ଯେ ମୋଗଲ ରାଜତ୍ୱ କାଳରେ କେବଳ ମୁସଲମାନ ସାଧୁମାନେ ସେମାନଙ୍କ ଧର୍ମର ଲୋକମାନଙ୍କ ମଧ୍ୟରେ ଧର୍ମବାଣୀ

Digitized by PPRACHIN, SOA

ପ୍ରଚାର କରୁଥିଲେ, ତାହା ନୁହେଁ ହିନ୍ଦୁ ସାଧୁ ସନ୍ନ୍ୟାସୀମାନେ ମଧ୍ୟ ହିନ୍ଦୁ ସମ୍ପ୍ରଦାୟର ଧର୍ମଗୁରୁ ଭାବରେ ନିଜ ନିଜର ଖ୍ୟାତିର ପ୍ରସାର ଘଟାଇଥିଲେ । ବେନୁପଡ଼ା ଗାଦି (ଏକ ବୈଷ୍ଣବ ମଠ), ବୋଲଗଡ ଗାଦି (ଏକ ବୈଷ୍ଣବ ଗାଦି) ଏବଂ ସୁନାପଡା ଗାଦି, ମୁସଲମାନ ସାଧୁମାନଙ୍କ ପରି ହିନ୍ଦୁ ସାଧୁସନ୍ନ୍ୟାସୀମାନେ ମଧ୍ୟ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ସୁଧର୍ମବାଣୀ ପ୍ରଚାରଲାଗି ସକ୍ରିୟ ରହିଥିଲେ ବୋଲି ପ୍ରମାଣ ଉପସ୍ଥାପନ କରୁଥିବାର କେତେକ ଉଦାହରଣ ମାତ୍ର ।

ତେଣୁ ସ୍ଥୁଳତଃ ଉଲ୍ଲେଖ କରାଯାଇପାରେ ଯେ ମଧ୍ୟଯୁଗୀୟ ଓଡ଼ିଶାରେ ଦୁଇଟି ଧର୍ମର ସ୍ରୋତ ପ୍ରବାହିତ ହେଉଥିଲା ଏବଂ ସହାବସ୍ଥାନ ରୀତି ବଜାୟ ରଖି ଏହି ଦୁଇଟିଯାକ ଧର୍ମ ଏକ ସମୟରେ ସମୃଦ୍ଧି ଦିଗରେ ଗତିକରି ଚାଲିଥିଲେ । ଓଡ଼ିଶା ପ୍ରଦେଶ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଏହି ଦୁଇଧର୍ମ ଏକତ୍ର ଏପରି ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ସମତାର ବିକାଶଲାଭ କରିଥିବା ପରିଲକ୍ଷିତ ହୁଏ ନାହିଁ । ଓଡ଼ିଶା ଇତିହାସରେ କୌଣସି ସାଂପ୍ରଦାୟିକ ବିବାଦ କେବେ ଏଇ ଦୁଇ ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ରହିଥିବା ବୁଝାମଣା ବ୍ୟାହତ କରିଥିବାର କୌଣସି ପ୍ରମାଣ ମିଳେ ନାହିଁ । କେତେକ ଧର୍ମାନ୍ଧ ମୁସଲମାନ ସେନାପତି–ବ୍ୟକ୍ତି ବିଶେଷଙ୍କ ପ୍ରରୋଚନାରେ ଜଗନ୍ନାଥ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ସାଧାରଣ ନୀତି ଅପେକ୍ଷା ଏକ ବ୍ୟତିକ୍ରମ ବୋଲି ଉଲ୍ଲେଖ କରାଯାଇପାରେ ।

Digitized by PPRACHIN, SOA

ନବମ ଅଧ୍ୟାୟ

ସାମୁଦ୍ରିକ ବାଣିଜ୍ୟ

ବଙ୍ଗୋପସାଗର କୂଳରେ ଅବସ୍ଥିତ ହୋଇ ସାମୁଦ୍ରିକବାଣିଜ୍ୟର ବିକାଶ ନିମନ୍ତେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଲାଭ କରିଥିବାରୁ ଓଡ଼ିଶା ସ୍ମରଣାତୀତ କାଳରୁ ଏକ ସମୁଦ୍ର-ଗ୍ରାମୀ ଦେଶ ଭାବରେ ଖ୍ୟାତି ଅର୍ଜନ କରି ଆସିଅଛି । ପ୍ରାଚୀନ କାଳରେ କଳିଙ୍ଗପୋତ କଳିଙ୍ଗ ଅଧିବାସୀମାନଙ୍କୁ ଭାରତୀୟ ଦ୍ୱୀପପୁଞ୍ଜରେ ଉପନିବେଶ ସ୍ଥାପନ କରିବାକୁ ସାହାଯ୍ୟ କରିଥିଲା । ସୁଦୂର ସୁମାତ୍ରା, ଇଣ୍ଡୋନେସିଆ, ବର୍ମା (ବ୍ରହ୍ମଦେଶ), ଶ୍ୟାମ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଉପନିବେଶ ସ୍ଥାପନ କରିବାରେ କଳିଙ୍ଗ ଅଧିବାସୀମାନେ ଅଗ୍ରଣୀ ଥିଲେ ବୋଲି କୁହାଯାଏ । କଳିଙ୍ଗ ପୋତଗୁଡ଼ିକ ମୌସୋଲିନ (ମସୁଲିପଟ୍ଟମ), କଳିଙ୍ଗପଟ୍ଟମ୍, ଚିଲିକା, ପୁରୀ, ଚିତ୍ରୋତ୍ପଳା, ହିଜ୍‌ଲି, ତାମ୍ରଲିପ୍ତି, ହରିଶପୁର ଓ ବାଲେଶ୍ୱର ପ୍ରଭୃତି ଓଡ଼ିଶାର ପ୍ରଧାନ ପୋତାଶ୍ରୟମାନଙ୍କରୁ ଚଳାଚଳ କରୁଥିଲା । ଭାରତୀୟ ଦ୍ୱୀପପୁଞ୍ଜ, ବର୍ମା ଓ ଅନ୍ୟାନ୍ୟ ଦ୍ୱୀପମାନଙ୍କ ସହିତ ପ୍ରଚଳିତ ସାମୁଦ୍ରିକ ବାଣିଜ୍ୟ ବ୍ୟବସାୟରୁ କଳିଙ୍ଗକୁ ବିପୁଳ ପରିମାଣର ଧନସମ୍ପତ୍ତି ଆସୁଥିଲା । ସୁଦୂରବର୍ତ୍ତୀ ଦେଶମାନଙ୍କ ସହିତ ପ୍ରତିଷ୍ଠିତ ବୈଦେଶିକ ବାଣିଜ୍ୟଯୋଗୁଁ ପ୍ରାଚୀନ ଓଡ଼ିଶାର ଯଶ ଓ ବିକାଶ ସମ୍ଭବ ହୋଇପାରିଥିଲା ।

ଯେପର୍ଯ୍ୟନ୍ତ ହିନ୍ଦୁ ଓଡ଼ିଶାରାଜ୍ୟ ସ୍ୱାଧୀନ ଥିଲା ଏବଂ ହିନ୍ଦୁ ରାଜନ୍ୟବର୍ଗଙ୍କ ପ୍ରୋତ୍ସାହନ ତଥା ରାଜପୃଷ୍ଠପୋଷକତା ଲାଭ କରୁଥିଲା ସେପର୍ଯ୍ୟନ୍ତ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ ପ୍ରଭୂତ ବିକାଶଲାଭ କରିପାରିଥିଲା ଏବଂ ସେହି କାରଣରୁ ଦେଶର ଜାତୀୟ ସମ୍ପତ୍ତି ଉଲ୍ଲେଖନୀୟ ପରିମାଣରେ ବୃଦ୍ଧି ପାଉଥିଲା । ଓଡ଼ିଶାକୁ ମୁସଲମାନଙ୍କ ଆଗମନ (୧୫୬୮ ଖ୍ରୀଷ୍ଟାବ୍ଦରୁ) ପରେ କେବଳ ଦେଶର ରାଜନୈତିକ ଅବସ୍ଥାରେ ନୁହେଁ, ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥାରେ ମଧ୍ୟ ପରିବର୍ତ୍ତନ ଘଟିଲା । ରାଜପୃଷ୍ଠପୋଷକତାର ଅଭାବ, ମୁସଲମାନ ଗଭର୍ଣ୍ଣରଙ୍କ ସଦର ମହକୁମା ଠାରୁ ଦୂରବର୍ତ୍ତୀ କେତେକ ପୋତାଶ୍ରୟର ବିକାଶ ନିମନ୍ତେ ସରକାରଙ୍କର ଉଦାସୀନତା ଏବଂ ଆଗରୁ ଲୋକମାନେ ଉପଭୋଗ କରୁଥିବା ସୁବିଧା ସୁଯୋଗ ବିଷୟ ବିବେଚନା ନ କରି କେବଳ ମୋଗଲ ସାମ୍ରାଜ୍ୟର ଅଭିବୃଦ୍ଧି

Digitized by PPRACHIN, SOA

ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ପୋତାଶ୍ରୟ ତଥା ଯୁଦ୍ଧ ଉପଯୋଗୀ ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳ ନିୟନ୍ତ୍ରଣ, ଦେଶର ସାମୁଦ୍ରିକ ବାଣିଜ୍ୟ ବ୍ୟବସାୟରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିଥିଲା ।

ଆକବରଙ୍କ ରାଜତ୍ୱ କାଳରେ, ମୁସଲମାନଙ୍କ ଓଡ଼ିଶା ଅଧିକାର ପରେ ଶାସନ ଓ ପ୍ରଧାନ ସ୍ଥାନ ବିଶେଷତଃ ଭାରକେନ୍ଦ୍ର ପରିବର୍ତ୍ତିତ ହେବାରୁ ଚିଲିକା ଓ ଚିଡ୍ରୋପଲ୍ଲା ସମେତ ଓଡ଼ିଶାର ଦକ୍ଷିଣାଞ୍ଚଳସ୍ଥ କେତେକ ପୋତାଶ୍ରୟର ପୂର୍ବଖ୍ୟାତି ହ୍ରାସ ପାଇଥିଲା । ଉତ୍ତରାଞ୍ଚଳର ପୋତାଶ୍ରୟଗୁଡ଼ିକ, ବିଶେଷ କରି ବାଲେଶ୍ୱର, ପିପିଲି ଓ ହରିଶପୁର ବନ୍ଦରମାନ ଆଗ ଅପେକ୍ଷା ଅଧିକ ସମୃଦ୍ଧିଶାଳୀ ହୋଇ ଉଠିଲା । ରାଜନୈତିକ ଅବସ୍ଥାରେ ପରିବର୍ତ୍ତନ ହିଁ ଏହି ପରିବର୍ତ୍ତନର କାରଣ । ମୁସଲମାନ ରାଜତ୍ୱର ପ୍ରଥମାବସ୍ଥାରେ ପ୍ରଶାସନିକ ଦୃଷ୍ଟିକୋଣରୁ ଓଡ଼ିଶାକୁ ବଙ୍ଗଳା ପ୍ରଦେଶର ଅନ୍ତର୍ଭୁକ୍ତ କରାଯାଇଥିବାରୁ ଏବଂ ବଙ୍ଗଳାରେ ସଦର ମହକୁମା ଥିବାଯୋଗୁଁ ମୁସଲମାନ ଗଭର୍ଣ୍ଣର ବାସ୍ତବତଃ ଦକ୍ଷିଣାଞ୍ଚଳ ବନ୍ଦର ଅପେକ୍ଷା ଉତ୍ତରାଞ୍ଚଳ ପୋତାଶ୍ରୟଗୁଡ଼ିକ ପ୍ରତି ଅଧିକ ମନଯୋଗ ପ୍ରଦାନ କରିଥିଲେ । ଦକ୍ଷିଣାଞ୍ଚଳର ବନ୍ଦରମାନ ଦୂରରେ ଅବସ୍ଥିତ ଥିବା କିମ୍ବା କିଛିକାଳ ପାଇଁ ସେସବୁ ସମ୍ପୂର୍ଣ୍ଣଭାବେ ମୁସଲମାନମାନଙ୍କ ନିୟନ୍ତ୍ରଣାଧୀନ ହୋଇ ନ ଥିବା ହେତୁ ସେସବୁ ଅବହେଳିତ ହୋଇଥିଲେ ।

ବାଲେଶ୍ୱର, ପିପିଲି ଏବଂ ହରିଶପୁର ଥିଲା ଅତି ପ୍ରସିଦ୍ଧ ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର । ବିଭିନ୍ନ ନଦୀକୂଳରେ ଅବସ୍ଥିତ ଏହି ପୋତାଶ୍ରୟଗୁଡ଼ିକର ଆଭ୍ୟନ୍ତରୀଣ ଅଞ୍ଚଳ ସହିତ ସମ୍ପର୍କ ଥିଲା । ବୁଢ଼ାବଳଙ୍ଗ ନଦୀକୂଳସ୍ଥ ବାଲେଶ୍ୱର, ସୁବର୍ଣ୍ଣରେଖା ତୀରବର୍ତ୍ତୀ ପିପିଲି ଏବଂ ପଟୁଆ ନଦୀ କୂଳବର୍ତ୍ତୀ ହରିଶପୁର ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କର ଦ୍ୱାର (ବହିର୍ଗମନ ପଥ) ସ୍ୱରୂପ ଥିଲେ । ବିଶେଷ କରି ବର୍ଷାଋତୁରେ ସମୁଦ୍ରଦେଇ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ରପ୍ତାନୀ ସକାଶେ ଏହି ପୋତାଶ୍ରୟମାନଙ୍କୁ ଆଭ୍ୟନ୍ତରୀଣ ଅଞ୍ଚଳରୁ ଶସ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀମାନ ସଂଗ୍ରହ କରଯାଇ ଅଣାଯାଉଥିଲା । ସେହିପରି ବର୍ଷାଦିନେ ଯେଉଁଠାରେ ନଦୀ ପୂର୍ଣ୍ଣଗର୍ଭା ରହୁଥିଲା, ସେଠାରେ ସମୁଦ୍ରକୂଳରେ ମିଳୁଥିବା ଲୁଣ, ନଡ଼ିଆ, ମସଲା ତଥା ଅନ୍ୟାନ୍ୟ ସାମଗ୍ରୀ କିମ୍ବା ଦୂରବର୍ତ୍ତୀ ସ୍ଥାନମାନଙ୍କରୁ ଏହିସବୁ ପୋତାଶ୍ରୟକୁ ଅଣାଯାଇଥିବା ଏଇଭଳି ସାମଗ୍ରୀମାନ ଦେଶର ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କୁ ନଦୀଯୋଗେ ପଠାଯାଉଥିଲା । ଏହାପରେ ମହାନଦୀ ମୁହାଣରୁ ସାମଗ୍ରୀଗୁଡ଼ିକୁ ନଦୀବାଟଦେଇ ସମ୍ବଲପୁର ଓ ତାହାର ଆଖପାଖ ଅଞ୍ଚଳମାନଙ୍କୁ ପ୍ରେରଣ କରଯାଉଥିଲା ଏବଂ ସେହିସବୁ ସ୍ଥାନରୁ କପା, ଧାନ, ଲୁହା ତଥା ସେହିଭଳି ଅନ୍ୟାନ୍ୟ ସାମଗ୍ରୀମାନ ସଂଗ୍ରହ କରଯାଇ ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳକୁ ଅଣାଯାଉଥିଲା । ଘଞ୍ଚଜଙ୍ଗଲପରିପୂର୍ଣ୍ଣ ଏକ ଦେଶରେ ଏହି ନଦୀଗୁଡ଼ିକ ବର୍ଷାଦିନେ ଗମନାଗମନ ପଥରୂପେ ବ୍ୟବହୃତ ହେଉଥିଲା ଏବଂ ବେଳେ ବେଳେ ଦୁର୍ଗମ ଜଙ୍ଗଲ ରାସ୍ତା ଅପେକ୍ଷା ଏହା ଅଧିକ ଉପଯୋଗୀ ଓ ସୁବିଧାଜନକ ଥିଲା ।

Digitized by PPRACHIN, SOA

ହରିଶପୁର ଏବଂ ପିପିଲି ଠାରେ ଜାହାଜ ତିଆରି କେନ୍ଦ୍ରମାନ ଗଢ଼ି ଉଠିଥିଲା । ଏହି ପୋତାଶ୍ରୟମାନଙ୍କରେ ପ୍ରଥମତଃ ବିଦେଶୀ ଇଉରୋପୀୟ ବଣିକମାନଙ୍କ ଆକ୍ରମଣରୁ ମୋଗଲ ସାମ୍ରାଜ୍ୟର ପୂର୍ବାଞ୍ଚଳ ପରିସୀମାକୁ ରକ୍ଷାକରିବା, ଦ୍ୱିତୀୟତଃ ଫିରିଙ୍ଗି (ଆସାମୀ ଜଳଦସ୍ୟୁ) ତଥା ଅନ୍ୟାନ୍ୟ ଆକ୍ରମଣକାରୀଙ୍କ ଆକ୍ରମଣରୁ ଉପକୂଳ ଅଞ୍ଚଳକୁ ନିରପଦ ତଥା ଅନାକ୍ରମିତ ରଖିବା, ତୃତୀୟତଃ ସାମ୍ରାଜ୍ୟର ଗୋଟିଏ ପ୍ରାନ୍ତରୁ ଅନ୍ୟପ୍ରାନ୍ତକୁ ଜାହାଜ-ଯୋଗେ ମାଲ ନେବାଆଣିବା କରିବା, ଚତୁର୍ଥତଃ ମୁସଲମାନ ସାମ୍ରାଜ୍ୟରେ ମିଳୁ ନ ଥିବା ଆବଶ୍ୟକ ବିରଳ ସାମଗ୍ରୀମାନ ଆଣିବା ନିମନ୍ତେ ସିଂହଳ ଓ ବର୍ମା ପ୍ରଭୃତି ଦୂରବର୍ତ୍ତୀ ଦେଶକୁ ଜାହାଜ ପଠାଇବା—ଏହିଭଳି ବିଭିନ୍ନ କାର୍ଯ୍ୟ ନିମନ୍ତେ ଜାହାଜମାନ ତିଆରି କରାଯାଉଥିଲା ।

ଏପରିକି ଆକବରଙ୍କ ରାଜତ୍ୱ କାଳରୁ ମାଗ ଓ ଫିରିଙ୍ଗି ଉଭୟ ଶ୍ରେଣୀର ଆରକାନ ଜଳଦସ୍ୟୁମାନେ ବଙ୍ଗଳାର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଲୁଣ୍ଠନ ଚଳାଇଥିଲେ । "ସେମାନେ ହିନ୍ଦୁ ଓ ମୁସଲମାନମାନଙ୍କୁ ଜବରଦସ୍ତ ନେଇଯାଇ ଜାହାଜ ଡେକ୍‌ରେ ଜଣକ ପରେ ଜଣକୁ ଲଦି ରଖୁଥିଲେ ଏବଂ ଦାକ୍ଷିଣାତ୍ୟର ବନ୍ଦରମାନଙ୍କରେ ସେମାନଙ୍କୁ ଓଲନ୍ଦାଜ, ଇଂରେଜ ଓ ଫରାସୀ ବଣିକମାନଙ୍କୁ ବିକ୍ରି କରିଦେଉଥିଲେ ।" ସମୟ ସମୟରେ ଏହି ବନ୍ଦୀମାନଙ୍କୁ ଉଚ୍ଚ ମୂଲ୍ୟରେ ବିକ୍ରିପାଇଁ ମୋଗଲ ସାମ୍ରାଜ୍ୟ ଅଧୀନସ୍ଥ ବାଲେଶ୍ୱର ବନ୍ଦର ଓ ତାମଲୁକ୍‌କୁ ଅଣାଯାଉଥିଲା । ବାଲେଶ୍ୱର ଠାରେ ରାଜ୍ୟର ଜନୈକ ସାହସୀ ଅଫିସର ଶାୟସ୍ତ ଖାଁ ୧୬୬୫ ଖ୍ରୀଷ୍ଟାବ୍ଦରେ ଆରକାନ ଜଳଦସ୍ୟୁମାନଙ୍କ ବିରୁଦ୍ଧରେ ଅଭିଯାନ ଚଳାଇବା ପାଇଁ ଏକ ପ୍ରକାଣ୍ଡ ନୌକେନ୍ଦ୍ର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇ ଖାଁ-ଇ-ଦୌରାନ୍ ମହମ୍ମଦ ଜାନ୍‌କୁ ଏକ ପତ୍ର ଲେଖିଥିଲେ । "ଯେପରି ସାମୁଦ୍ରିକ ବାଣିଜ୍ୟ ଋତୁ ଆରମ୍ଭ ହେବା ପୂର୍ବରୁ ବିଭିନ୍ନ ସାମଗ୍ରୀ (ଚାଉଳ, ଲୁଗା. ଘଣ୍ଟି, ସୋରିଷ ତେଲ ଇତ୍ୟାଦି) ସଂଗ୍ରହ କରି ଭଦ୍ରକ, ଯାଜପୁର ଓ ଅନ୍ୟାନ୍ୟ ମହଲର ଅଧିକାରୀମାନଙ୍କୁ ଶୀଘ୍ର ପଠାଇବା ପାଇଁ ବାଲେଶ୍ୱର ବନ୍ଦରରେ ଜାହାଜ ନିର୍ମାଣ ଦାୟିତ୍ୱରେ ଅବସ୍ଥାପିତ ଦାରୋଗା ମହମ୍ମଦ ବକରଙ୍କ ଉପରେ ଚାପ ପକାଅ ।" କିଛିକାଳ ପାଇଁ ବାଲେଶ୍ୱର ଓଡ଼ିଶାର ସର୍ବପ୍ରଧାନ ଜାହାଜ ନିର୍ମାଣକେନ୍ଦ୍ର ଏବଂ ଅନ୍ୟାନ୍ୟ ବହୁ କାର୍ଯ୍ୟକଳାପର ଏକ କେନ୍ଦ୍ର ହୋଇ ରହିଥିଲା । କାରଖାନାର ଶ୍ରମିକମାନଙ୍କ ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଏଠାକୁ ଖାଦ୍ୟଦ୍ରବ୍ୟ ସଂଗୃହୀତ ହୋଇ ଆସୁଥିଲା । ବାଲେଶ୍ୱର ଠାରେ କାର୍ଯ୍ୟ କରିବା ନିମନ୍ତେ ଦେଶର ବିଭିନ୍ନ ସ୍ଥାନରୁ କାରୀଗର ଓ ଜାହାଜ ତିଆରି ମିସ୍ତ୍ରୀମାନଙ୍କୁ ମଧ୍ୟ ସଂଗ୍ରହ କରାଯାଉଥିଲା । ୧୬୪୪ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସ ୨୮ ତାରିଖ ଦିନ ଖାଁ-ଇ-ଦୌରାନ ଲେଖିଥିଲେ "ହରିଶପୁର ଓ ଅନ୍ୟାନ୍ୟ ସ୍ଥାନରେ ଥିବା କଳାପତି ଓ ନାଜର, ନିପୁଣ କାରିଗର ତଥା କମାରମାନଙ୍କୁ ଆମ ପକ୍ଷକୁ କୌଶଳ କରି

Digitized by PPRACHIN, SOA

ଫୁସୁଲାଇ ଆଣ ଏବଂ ଜାହାଜ ତିଆରି କାର୍ଯ୍ୟରେ ନିଯୁକ୍ତି ପାଇଁ (ସରକାରଙ୍କ ନିମନ୍ତେ) ପଠାଅ ।"

ଏହି ପୋତାଶ୍ରୟଗୁଡ଼ିକ ପ୍ରଥମତଃ ରାଷ୍ଟ୍ରକାର୍ଯ୍ୟ ପାଇଁ ସରକାରୀ ଜାହାଜ ଯୋଗେ ମାଲ ଆମଦାନୀ ତଥା ରପ୍ତାନୀ କରିବା, ଦ୍ୱିତୀୟତଃ ବ୍ୟବସାୟୀଙ୍କ ବେସରକାରୀ ଜାହାଜରେ ମାଲ ରପ୍ତାନୀ ଓ ଆମଦାନୀ କରିବା, ତୃତୀୟତଃ ଇଂରେଜ, ଓଲନ୍ଦାଜ, ଡେନମାର୍କ (ଦାନିଶ୍) ଏବଂ ପର୍ତ୍ତୁଗୀଜ ଜାହାଜସମେତ ବିଦେଶୀ ବଣିକମାନଙ୍କ ଜାହାଜରେ ମାଲ ଲଦିବା ତଥା ଖଲାସ କରିବାପାଇଁ ଉନ୍ମୁକ୍ତ ଥିଲା ।

ସିଂହଳ, ବର୍ମା ଓ ଅନ୍ୟାନ୍ୟ ଦୂରବର୍ତ୍ତୀ ଦେଶମାନଙ୍କ ସହିତ ବାଣିଜ୍ୟ କାରବାର ଚଳାଇବା ନିମନ୍ତେ ବାଲେଶ୍ୱର ଏବଂ ପିପିଲି ବନ୍ଦରମାନଙ୍କରୁ ଓଜନଦାର ଜାହାଜମାନ ଚଳାଚଳ କରୁଥିଲା ।

ବର୍ଣ୍ଣିଅର ତାଙ୍କ ମୋଗଲ ସାମ୍ରାଜ୍ୟ ଭ୍ରମଣ (୧୬୫୬-୧୬୫୮) ରେ କହିଛନ୍ତି ଯେ ଓଡ଼ିଶା ଉପକୂଳରେ ଅବସ୍ଥିତ ବାଲେଶ୍ୱର ବନ୍ଦରକୁ ମାନ୍ଦ୍ରାଜ ଓ ସିଂହଳର ହାଲୁକା ପୋତମାନ ବାରମ୍ବାର ଆସୁଥିଲା । ବାଓରୀ, ବଙ୍ଗଳା ନବାବଙ୍କ ଇଲାକା ମଧ୍ୟରେ ବାଣିଜ୍ୟିକ ପୋତ ସମ୍ପର୍କରେ କହିଛନ୍ତି, "ଢାକା, ବାଲେଶ୍ୱର ଏବଂ ପିପିଲି ବନ୍ଦରରୁ ବର୍ଷକୁ ପ୍ରାୟ ୨୦ଟି ଜାହାଜ ବାଣିଜ୍ୟ ସକାଶେ ଜଳଯାତ୍ରା କରିଥାଏ । ଏଥିମଧ୍ୟରୁ କେତେକ ସିଂହଳକୁ ଓ ଆଉ କେତେକ ତେନାସରିମକୁ ଯାତ୍ରା କରେ । ଏଥିରେ ହାତୀମାନଙ୍କୁ ଅଣାଯାଏ । ଏ ଜାହାଜଗୁଡ଼ିକ ୬ ବା ୭ ବର୍ଷରେ ଦ୍ୱାଦଶ ସହସ୍ର ଦ୍ୱୀପ ବା ମାଲଡିଭ୍ସକୁ କଉଡ଼ି ତଥା ନଡ଼ିଆକତା ଆଣିବାକୁ ଯାଇଥାଏ । ଅଧିକାଂଶ ସମୟରେ ଜାହାଜର ଯାତ୍ରା ସାଧାରଣତଃ ଲାଭଜନକ ହୋଇଥାଏ ।" ବାଲେଶ୍ୱର ବନ୍ଦରକୁ ସୁରାଟ ଓ ମୁସଲିପଟ୍ଟମ୍‌ରୁ ଜାହାଜମାନ ବାଣିଜ୍ୟ ସକାଶେ ଆସିଥାଏ ।

ଓଡ଼ିଶା ଉପକୂଳରେ ଅବସ୍ଥିତ ଥିବା ସମସ୍ତ ବନ୍ଦର ତୁଳନାରେ ବାଲେଶ୍ୱର ଥିଲା ସର୍ବୋତ୍କୃଷ୍ଟ ଏବଂ ସବୁଠାରୁ ସମୃଦ୍ଧିଶାଳୀ । ଏତଦ୍‌ବ୍ୟତୀତ ଗଭୀର ସମୁଦ୍ରରୁ କୂଳକୁ ପ୍ରବେଶ କରିବା ନିମନ୍ତେ ଏହା ଥିଲା ଏକ ପ୍ରଧାନ ପୋତାଶ୍ରୟ । ଇଉରୋପୀୟ ଦେଶମାନଙ୍କରୁ ଚଳାଚଳ କରୁଥିବା ଜାହାଜଗୁଡ଼ିକର ମାଲବୋଝେଇ ତଥା ଖଲାସ ନିମନ୍ତେ ମଧ୍ୟ ବାଲେଶ୍ୱର ବନ୍ଦର ଏକ ଆକର୍ଷଣୀୟ କେନ୍ଦ୍ର ଥିଲା । ବାଲେଶ୍ୱର ପୋତାଶ୍ରୟରୁ ଜାହାଜମାନ ନିଗାପଟ୍ଟମ୍, ବାଟାଭିଆ ଓ ମାଲାକ୍‌କାକୁ ଯାତ୍ରା କରୁଥିଲା । ନିକୋଲାଓ ମାନୁସି ତାଙ୍କ 'Storia Do Mogor' ରେ ଉଲ୍ଲେଖ କରିଅଛନ୍ତି ଯେ ମାଲାକ୍‌କାରୁ ଆସି ଫୁସନ ଜାହାଜ ୧୭୦୪ ମସିହା ମାର୍ଚ୍ଚ ୧୮ ତାରିଖ ଦିନ ବାଲେଶ୍ୱରରେ ପହଞ୍ଚିଥିଲା ଓ ବାଲେଶ୍ୱର ଠାରେ ନୂଆ ମାଲ ବୋଝେଇ କରି ୧୭୦୪ ମସିହା ଡିସେମ୍ବର ୩୦ ତାରିଖ

Digitized by PPRACHIN, SOA

ଦିନ ନିଗାପଟମ୍ ଅଭିମୁଖେ ଯାତ୍ରା କଲାବେଳେ ଅନ୍ୟ ଦୁଇଟି ଜାହାଜ ବାଟାଭିଆ ଆଡ଼କୁ ଯାତ୍ରା କରିଥିଲା ।

ପୂର୍ବ ଏସୀୟ ଦେଶମାନଙ୍କ ସହିତ ଓଡ଼ିଶାର ବାଣିଜ୍ୟ ସମ୍ପର୍କ ରହିଥିଲା । ବିଶେଷ କରି ଭାରତୀୟ ଦ୍ୱୀପପୁଞ୍ଜ ସହିତ ବାଲେଶ୍ୱରର ବାଣିଜ୍ୟ ସମ୍ପର୍କ ଥିଲା । ଟେନାସରିମ୍‌ରୁ ବଣିକମାନେ ଜାହାଜ ଯୋଗେ ବାଲେଶ୍ୱରକୁ କେତେଗୁଡ଼ିଏ ହାତୀ ଆଣିଥିଲେ । ଉଦାହରଣ ସ୍ୱରୂପ ୧୬୮୦ ମସିହା ମାର୍ଚ୍ଚ ମାସରେ ସେ ଦେଶର ଖେମ୍‌ଚନ୍ଦ ନାମକ ଜଣେ ବଣିକ ବାଲେଶ୍ୱରଠାରେ ବେପାର ପାଇଁ ବହୁସଂଖ୍ୟକ ହାତୀ ଆଣିଥିଲେ । ବାଲେଶ୍ୱରଠାରେ ଶ୍ୟାମ ଦେଶ ରଜାଙ୍କର ଏକ ବାଣିଜ୍ୟ କେନ୍ଦ୍ର ସ୍ଥାପିତ ହୋଇଥିଲା ଏବଂ ବାଣିଜ୍ୟ କାରବାର ନିମନ୍ତେ ସେ ସେଠାରେ କେତେକ ବ୍ୟବସାୟୀ (ଏଜେଣ୍ଟ)ଙ୍କୁ ନିଯୁକ୍ତ କରିଥିଲେ । ୧୬୭୨ ଖ୍ରୀଷ୍ଟାବ୍ଦରେ ସେମାନେ ହାତୀ ଓ ବସ୍ତ୍ର କାରବାର ଚଳାଇଥିଲେ । ବାଲେଶ୍ୱର ବାଣିଜ୍ୟ କୋଠିରେ ସେମାନଙ୍କର ବିପୁଳ ପରିମାଣର ବସ୍ତ୍ର ଗଚ୍ଛିତ ଥିଲା । ବଣିକମାନେ ବାଲେଶ୍ୱର ଠାରୁ ଏସବୁ କ୍ରୟ କରୁଥିଲେ ।

ଏ ଦେଶରୁ ରପ୍ତାନୀ ସାମଗ୍ରୀ ସମ୍ପର୍କରେ କୁହାଯାଇପାରେ ଯେ ଏଠାରେ ବିସ୍ତୃତ ପରିମାଣ ଧାନଚାଷ କରାଯାଉ ଥିବାରୁ ଏହି ଦ୍ରବ୍ୟ କେବଳ ଭାରତର ବିଭିନ୍ନ ବନ୍ଦରକୁ ନୁହେଁ, ଅଧିକନ୍ତୁ ଭାରତ ବାହାରକୁ ମଧ୍ୟ ରପ୍ତାନୀ କରାଯାଉ ଥିଲା । ବାଲେଶ୍ୱର ଏକ ବଡ ଧାନ ରପ୍ତାନୀ ବନ୍ଦର ଥିଲା । ଏଠାରୁ ଗଚ୍ଛିତ ଧାନ ବଙ୍ଗଳା ଏବଂ ମୋଗଲ ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଯାଉ ଥିଲା । ଲୋକମାନଙ୍କ ପାଖରେ ଥିବା ଧାନର ଏକ ଅଂଶ ସରକାରଙ୍କ ଖଜଣା ହିସାବରେ ଆଦାୟ ହେଉଥିଲା । ଖାନ୍-ଇ-ଦୌରନ୍ ଉଲ୍ଲେଖ କରିଛନ୍ତି, "ଦାରୋଗାମାନଙ୍କ ଦୁର୍ବ୍ୟବହାର ଯୋଗୁଁ, ଚାଉଳ ବୋଝେଇ ପାଇଁ ମଲାଙ୍ଗି ଡଙ୍ଗା ମିଳୁ ନାହିଁ । ମହଲର ଜମିଦାରମାନଙ୍କ ପାଖରୁ ଅଙ୍ଗୀକାର ପତ୍ର (bond) କରାଇ ନିଅ ଏବଂ ସମୁଦ୍ର ଯାତ୍ରା ଅନୁକୂଳ ଋତୁରେ ଜାହାଜରେ ବୋଝେଇ ପାଇଁ ପୋତାଶ୍ରୟକୁ ଚାଉଳ ପ୍ରେରଣ କର ।"

ଲୁଗା ଏବଂ ଲୁଣ—ଏହି ଦୁଇ ସାମଗ୍ରୀ ପ୍ରଚୁର ପରିମାଣରେ ରପ୍ତାନୀ କରାଯାଉଥିଲା ।

ବାଓ୍ୱେରି ବର୍ଣ୍ଣନା କରିଅଛନ୍ତି ଯେ ବଙ୍ଗଳା ଏବଂ ବଙ୍ଗୋପସାଗରରେ ପାଟିଲା ଓଲୋକୋ, ବୁଦ୍‌ଗାରୁ ଓ ପୁର୍‌ଗୁ ପ୍ରଭୃତି ବିଭିନ୍ନ କିସମର ନୌକା ଚଳାଚଳ କରୁଥିଲା । ପୂର୍‌ଗୁ ନୌକାମାନ ହୁଗୁଳି, ବାଲେଶ୍ୱର ଓ ପିପିଲି ଠାରେ ପରିଦୃଷ୍ଟ ହେଉଥିଲା ଏବଂ ଜାହାଜରେ ମାଲ ବୋଝେଇ ତଥା ସେଥିରୁ ମାଲ ଖଲାସ ନିମନ୍ତେ ଏସବୁକୁ ବ୍ୟବହାର କରା ଯାଉଥିଲା । ଓଡ଼ିଶାରେ ବ୍ୟବହୃତ ହେଉଥିବା ଆଉ ଏକ ପ୍ରକାର ନୌକା ହେଉଛି

Digitized by PPRACHIN, SOA

ମଲାଙ୍ଗି ଡଙ୍ଗା । ନଦୀ ଯୋଗେ ପୋତାଶ୍ରୟକୁ ଶସ୍ୟ ଓ ସେହି ଧରଣର ଅନ୍ୟାନ୍ୟ ସାମଗ୍ରୀ ପରିବହନ ନିମନ୍ତେ ଏହି ଧରଣର ନୌକାମାନ ବ୍ୟବହୃତ ହେଉଥିଲା ।

ଉପକୂଳ ଅଞ୍ଚଳରେ ଅବସ୍ଥିତ ଏହି ପୋତାଶ୍ରୟଗୁଡ଼ିକ ମୋଗଲ ସାମ୍ରାଜ୍ୟର ଏକ ଏକ ଆୟକାରୀ କେନ୍ଦ୍ର ଥିଲା । ସ୍ଥାନୀୟ ଲୋକମାନଙ୍କୁ ସାମୁଦ୍ରିକ ବାଣିଜ୍ୟ ସକାଶେ ନିଜ ନିଜର ନୌକା ବା ଜାହାଜ ଚଳାଚଳ ନିମନ୍ତେ ଅନୁମତି ପ୍ରଦାନ କରାଯାଇଥିଲା । ବିଭିନ୍ନ ପୋତାଶ୍ରୟରେ ପ୍ରତିଷ୍ଠିତ ଜାହାଜ ତିଆରି କାରଖାନାରେ କାମ କରି ସେମାନେ ନିଜର ଜୀବିକା ଅର୍ଜନ କରୁଥିଲେ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ (ସମୁଦ୍ରରୁ ମାଛ ମାରିବା ସମେତ) ଲାଭ କରୁଥିଲେ । ତେଣୁ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସେମାନଙ୍କ ଉପରେ ଏକ ପ୍ରକାର ପୋତ-କର (ship-money) ଧାର୍ଯ୍ୟ କରାଯାଇଥିଲା । ୧୬୬୯-୧୬୭୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ଭାରତ ଭ୍ରମଣ କରିଥିବା ଇଂରେଜ ପରିବ୍ରାଜକ ଥୋମାସ୍ ବାଓ୍ୱରେ ଭାରତର ପୂର୍ବଉପକୂଳରେ ପ୍ରଚଳିତ ଜାହାଜ ନିର୍ମାଣ ଓ ସାମୁଦ୍ରିକ ବାଣିଜ୍ୟ ସମ୍ପର୍କରେ ଏକ ମୂଲ୍ୟବାନ ବର୍ଣ୍ଣନା ପ୍ରଦାନ କରିଅଛନ୍ତି । ବଙ୍ଗଳାର ଶାୟସ୍ତ ଖାଁ ଏକ ନୌଚଳାଚଳ ପ୍ରତିରକ୍ଷା କେନ୍ଦ୍ର ପ୍ରତିଷ୍ଠା ଏବଂ ଦେଶର ଶକ୍ତି ବୃଦ୍ଧି ନିମନ୍ତେ ବଣିକ ସମ୍ପ୍ରଦାୟ ଉପରେ ପୋତକର ଧାର୍ଯ୍ୟ କରୁଥିଲେ ।

ଅବକାରୀ ଶୁଳ୍କ ବା ନଙ୍ଗର ଶୁଳ୍କ ଥିଲା ଏହି ପୋତାଶ୍ରୟର ଆଉ ଏକ ଆୟ ପନ୍ଥା । କୁହାଯାଏ ଯେ ୧୬୫୯ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରର ଗଭର୍ଣ୍ଣର ଜାହାଜ ନଙ୍ଗର ପକାଇବା ନିମନ୍ତେ ଇଂରେଜମାନଙ୍କ ଉପରେ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରିଥିଲେ । ଯଦିଓ ଏହିସବୁ ପୋତାଶ୍ରୟରେ ବାଣିଜ୍ୟ ଚଳାଇବା ନିମନ୍ତେ କେତେକ ବିଦେଶୀଙ୍କୁ ଫରମାନ ମଞ୍ଜୁର କରାଯାଇଥିଲା ତଥାପି ସେମାନେ କିଛି ପରିମାଣର ଅର୍ଥ ଦେଇ ଗଭର୍ଣ୍ଣରଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ କାର୍ଯ୍ୟ ତୁଲାଇ ଥିଲେ । ମିର୍-ଜୁମ୍ଲାଙ୍କ ପରି ଶାୟସ୍ତ ଖାଁ ବାର୍ଷିକ ତିନିହଜାର ଟଙ୍କା ଜବରଦସ୍ତ ଆଦାୟ କରୁଥିଲେ ଏବଂ ବାଣିଜ୍ୟ ସମ୍ପର୍କରେ ଇଂରେଜ କମ୍ପାନୀ ପାଇଁ ସମସ୍ତ ପ୍ରକାର ସୁବିଧା ଅନୁମୋଦନ ପୂର୍ବକ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । Junk ଘଟଣାରେ ମିର୍‌ଜୁମ୍ଲା ଓ ଇଂରେଜମାନଙ୍କ ମଧ୍ୟରେ ଘଟିଥିବା ବିବାଦରେ ମିର୍‌ଜୁମ୍ଲା ବାଲେଶ୍ୱର ଗଭର୍ଣ୍ଣରଙ୍କୁ ଜାହାଜ ଉପରେ ନଙ୍ଗର ଶୁଳ୍କ ବ୍ୟତୀତ ଇଂରେଜ ରପ୍ତାନୀ ଉପରେ ଶତକଡ଼ା ୪ ଭାଗ ଶୁଳ୍କ ଧାର୍ଯ୍ୟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହା ଫଳରେ ଇଂରେଜ ବାଣିଜ୍ୟ କାରବାର ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା ।

Digitized by PPRACHIN, SOA

ଦଶମ ଅଧ୍ୟାୟ

ଦେବପୀଠ ଓ କୀର୍ତ୍ତିସ୍ତମ୍ଭ

ମୁସଲମାନଙ୍କ ଆଗମନ ଏବଂ ଶାସନ ପ୍ରବର୍ତ୍ତନ ଫଳରେ ଓଡ଼ିଶାରେ ବହୁ ମୁସଲମାନ ଅନୁଷ୍ଠାନ ଗଢ଼ି ଉଠିଲା । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଆମ୍ଭେମାନେ ବହୁ ସଂଖ୍ୟକ ମୁସଲମାନ ଅନୁଷ୍ଠାନ ଦେଖିବାକୁ ପାଉଁ । କେବଳ କଟକ ଜିଲ୍ଲାରେ ପରିଦୃଷ୍ଟ ଅନୁଷ୍ଠାନଗୁଡ଼ିକର ପରିସଂଖ୍ୟାନ ନିଆଗଲେ ନୂତନ ଭାବେ ନିର୍ମିତ ଓ ଆଗରୁ ପ୍ରତିଷ୍ଠିତ ଉଭୟ ପ୍ରକାରର ଏହି ଅନୁଷ୍ଠାନ ସଂଖ୍ୟା କମ୍‌ପକ୍ଷେ ୩୦୭ ହେବ । ଏଥିମଧ୍ୟରୁ କେତେକ ମୁସଲମାନ ରାଜତ୍ୱ ସମୟରେ ନିର୍ମିତ ବା ପ୍ରତିଷ୍ଠିତ ହୋଇଥିବାବେଳେ ଅନ୍ୟଗୁଡ଼ିକ ପରବର୍ତ୍ତୀ କାଳରେ ସ୍ଥାପିତ ହୋଇଥିଲା ।

ମୁସଲମାନ ଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ ନିମିତ୍ତ ମୁସଲମାନମାନେ ବହୁସଂଖ୍ୟକ ମଦ୍ରାସା ପ୍ରତିଷ୍ଠା କରିଥିଲେ । ସେମାନଙ୍କ ଭରଣପୋଷଣ ସକାଶେ ବଦାନ୍ୟ ସାହାଯ୍ୟ ବ୍ୟବସ୍ଥା କରଯାଇଥିଲା । ଆଜିକାଲି ମଧ୍ୟ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଉଣାଅଧିକେ ସେହିପରି ଚାଲିଛି । କଟକସ୍ଥ ଖଟ୍‌ବିନ ସାହି, ପଟ୍ଟାମୁଣ୍ଡାଇ, ବିଞ୍ଝାରପୁର, ଆଳି, ଅଲଣାହାଟ ଓ ଶରଧାପୁର ଏବଂ ପୁରୀ ଜିଲ୍ଲାର ସୋରିମ ଠାରେ ଅବସ୍ଥିତ ମଦ୍ରାସାମାନ ଏହାର ଅଳ୍ପ କେତେକ ଉଦାହରଣ । ଏଥିରୁ ଓଡ଼ିଶାରେ ମୁସଲମାନ ଛାତ୍ରମାନଙ୍କୁ ଶିକ୍ଷାଦାନ ପାଇଁ ମୁସଲମାନ ଶାସକଙ୍କ ପକ୍ଷରୁ ପ୍ରଦତ୍ତ ପ୍ରୋତ୍ସାହନର ସୂଚନା ମିଳିଥାଏ ।

ଓଡ଼ିଶା ଏକ ସ୍ଥାନ; ଯେଉଁଠାରେ କି ମୁସଲମାନ ପୀରମାନେ ବସବାସ କରି ବିଭିନ୍ନ ଧର୍ମମୂଳକ କାର୍ଯ୍ୟରେ ନିଜ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ନିଜର ଅଲୌକିକ ତଥା ଆଶ୍ଚର୍ଯ୍ୟଜନକ ଶକ୍ତି ପ୍ରଦର୍ଶନ ପୂର୍ବକ ହିନ୍ଦୁ ମୁସଲମାନ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ଆକର୍ଷଣ କରିଥିଲେ । ଓଡ଼ିଶାର ସର୍ବତ୍ର ବହୁସଂଖ୍ୟକ କବର ରହିଛି ଯାହାକୁ କି ଲୋକମାନେ ଅତୀତରେ ଏବଂ ବର୍ତ୍ତମାନରେ ମଧ୍ୟ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁଥିବାର ପ୍ରମାଣ ମିଳେ ।

ଓଡ଼ିଶାର ବହୁସ୍ଥାନରେ ପୀର ସମାଧି ଓ ସଂସ୍ଥାମାନ ପରିଦୃଷ୍ଟ ହୁଏ । ସେମାନଙ୍କ ମଧ୍ୟରୁ କେତେକ କଟକ, ପୁରୀ, ଖୋର୍ଦ୍ଧା, ପିପିଲି, ଗୋପ, କାକଟପୁର, ମାଣିକପାଟଣା, ବାଲିପାଟଣା, ସତ୍ୟବାଦୀ, କେନ୍ଦ୍ରାପଡ଼ା ଓ ବିଞ୍ଝାରପୁର ଠାରେ ରହିଅଛି । ମୁସଲମାନ ସରକାର ଏବଂ ଅନ୍ୟାନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ଏହି ପୀର କବର ଏବଂ ପୀର ଅନୁଷ୍ଠାନମାନଙ୍କୁ ଅନୁଦାନ ପ୍ରଦାନ କରଯାଉଥିଲା । ଜଣାଯାଏ ଯେ ପୀରମାନେ ପ୍ରଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ପରିଭ୍ରମଣ କରୁଥିଲେ । ବେଳେ ବେଳେ ସେମାନେ

Digitized by PPRACHIN, SOA

କେତେକ ହିନ୍ଦୁ ଧର୍ମପୀଠକୁ ଯାତ୍ରା କରୁଥିବା ଏବଂ ସେଠାରେ ହିନ୍ଦୁମାନଙ୍କ ଠାରୁ ମଧ୍ୟ ସମ୍ମାନ ଲାଭ କରୁଥିବା ପରିଲକ୍ଷିତ ହୁଏ । ଓଡ଼ିଶାର ତତ୍କାଳୀନ ପରିବେଶ ମଧ୍ୟରେ ମାନବ ସମାଜରେ ସେମାନେ ଧର୍ମକାର୍ଯ୍ୟ ସମ୍ପାଦନ ପାଇଁ କାକଟପୁର ପରି ଦୁର୍ଗମ ଅଞ୍ଚଳକୁ ମଧ୍ୟ ଯାଉଥିଲେ ।

ଅନ୍ୟସ୍ଥାନମାନଙ୍କ ପରି ଏକଦା ଓଡ଼ିଶାରେ ମୁସଲମାନ ଶକ୍ତିର ପ୍ରଧାନ କେନ୍ଦ୍ର ପିପିଲି ଠାରେ କେତେକ ପୀରଙ୍କର କେତେକ କବର ରହିଛି । ସମ୍ଭବତଃ ଷୋଡ଼ଶ ବା ସପ୍ତଦଶ ଶତାବ୍ଦୀରେ ନିର୍ମିତ ଏହି କବରଗୁଡ଼ିକ ହିନ୍ଦୁ ସମ୍ପ୍ରଦାୟ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥାଏ । ଏବେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଦିବସରେ ହିନ୍ଦୁମାନେ ମୁସଲମାନ ସିଦ୍ଧପୁରୁଷଙ୍କ କବରରେ ସିରିଣି ବା ଖଇ ଅର୍ପଣ କରିବାର ଦେଖାଯାଏ ।

ପବିତ୍ର ସ୍ଥାନ ସ୍ୱରୂପ ଏହି ସ୍ମୃତିସ୍ତମ୍ଭଗୁଡ଼ିକ ସମାଜ ପ୍ରତି ମଧ୍ୟଯୁଗୀୟ କାଳର ଅବଦାନ । ମୁଖ୍ୟତଃ ମୁସଲମାନ ଶାସକମାନଙ୍କ ପୃଷ୍ଠପୋଷକତାରେ ଏଗୁଡ଼ିକ ସମୃଦ୍ଧିଲାଭ କରିଥିଲା । ମୁସଲମାନ ରାଜତ୍ୱ ସମୟରେ ନିର୍ମିତ ବହୁସଂଖ୍ୟକ ମସଜିଦ୍, କବର ଓ ଦୁର୍ଗମାନଙ୍କରୁ ଜଣାଯାଏ ଯେ ଓଡ଼ିଶା ମୁସଲମାନ ସ୍ଥାପତ୍ୟ କ୍ଷେତ୍ରରେ ପଛରେ ପଡ଼ି ନ ଥିଲା । ଏହି କୀର୍ତ୍ତିସ୍ତମ୍ଭଗୁଡ଼ିକ ଅଧିକାଂଶତଃ ଅନନ୍ୟ ସାଧାରଣ ଶୈଳ୍ପିକ ଉତ୍କର୍ଷତା ବହନ କରି ନ ଥିବା ସତ୍ତ୍ୱେ, ଐତିହାସିକ ଗୁରୁତ୍ୱ ଓ ତାତ୍କାଳୀକ ସ୍ଥାପତ୍ୟିକ କଳାକୌଶଳ ଦୃଷ୍ଟିକୋଣରୁ ମୂଲ୍ୟବାନ ପ୍ରତୀୟମାନ ହୁଏ ।

ମୁସଲମାନ ରାଜତ୍ୱକାଳରେ କଟକ ଓଡ଼ିଶାର ରାଜଧାନୀ ଥିଲା । ସେହି ଦୃଷ୍ଟିରୁ ଏଠାରେ କେତେକ ବିଶିଷ୍ଟ ଓ ପ୍ରଧାନ ମୁସଲମାନ କୀର୍ତ୍ତିସ୍ତମ୍ଭ ପ୍ରତିଷ୍ଠିତ ହେବାର ସୁବିଧା ସୁଯୋଗ ଥିଲା । ଏହି କୀର୍ତ୍ତିସ୍ତମ୍ଭଗୁଡ଼ିକ ହେଲା—(କ) ବାଲୁବଜାରସ୍ଥିତ ଜୁମ୍ମା ମସଜିଦ୍, (ଖ) ଦିବାନ-ଇ ବଜାରସ୍ଥ ମସଜିଦ୍ ଏବଂ (ଗ) କଟକର ଚୌଧୁରୀ ବଜାରସ୍ଥ କଦମ୍‌ରସୁଲ ।

ବାଲୁବଜାରସ୍ଥ ଜୁମ୍ମା ମସଜିଦ୍

ସ୍ୱକୀୟ ବିଶାଳତା ଏବଂ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏହା ଏକ ଉଲ୍ଲେଖନୀୟ କୀର୍ତ୍ତିସ୍ତମ୍ଭ । ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ଆଉରଙ୍ଗଜେବଙ୍କ କନ୍ୟା ଶାହାଜାଦା ବେଗମ୍ ଜେବୁନ୍‌ନିଶା (୧) ଈଶ୍ୱରଙ୍କୁ (ଆଲ୍ଲାଙ୍କୁ) ପ୍ରାର୍ଥନା ସକାଶେ ଏହି ବିଶାଳ ମସଜିଦ୍‌ର ଭିତ୍ତିସ୍ଥାପନ

(୧) ବେଳେ ବେଳେ କେତେକ ମତପ୍ରକାଶ କରନ୍ତି ଯେ, ଶିଳାଲିପିରେ ଉଲ୍ଲିଖିତ ଶାହାଜାଦା ବେଗମ୍ ଥିଲେ ୧୧୬୭ ହିଜ୍‌ରା (୧୭୧୮ ଖ୍ରୀଷ୍ଟାବ୍ଦ) ରେ ଓଡ଼ିଶାର ଡେପୁଟି ନାଜିମ ନବାବ ଏକରାମ୍‌ଙ୍କର ପତ୍ନୀ । ମାତ୍ର ଶିଳାଲେଖାରୁ ପରିଲକ୍ଷିତ ହୁଏ ଯେ ସେ ଥିଲେ ଆଉରଙ୍ଗଜେବଙ୍କ କନ୍ୟା ଏବଂ ଏକରାମ୍ ତାଙ୍କର ଜାମାତା ନ ଥିଲେ ।

Digitized by PPRACHIN, SOA

କରିଥିଲେ ଏବଂ ଅମଲିହିଜରା (A. H.) ୧୧୦୨ ବା ୧୬୮୯ ଖ୍ରୀଷ୍ଟାବ୍ଦରେ ଡେପୁଟି ନବାବ ନାଜିମ ଏକରମ ଖାଁଙ୍କ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ।

କଟକରେ ଏହା ସର୍ବବୃହତ୍ ଏବଂ ସବୁଠାରୁ ରମଣୀୟ । ଏହାର ଅସାଧାରଣ ବୈଶିଷ୍ଟ୍ୟ ହେଉଛି ଏହା ଉଚ୍ଚ ସ୍ଥାନରେ ଅବସ୍ଥିତ, ଚଟାଣସ୍ତର ପ୍ରାୟତଃ ଏକ କ୍ଷୁଦ୍ର ଏକ ମହଲା କୋଠାର ଉଚ୍ଚତା ସହିତ ସମାନ । ନିମ୍ନଦେଶରେ ଗଭୀର ସୁଡଙ୍ଗମାନ ରହିଛି ଯାହା ଭିତର ଦେଇ ପ୍ରଧାନ ସଡକରୁ ଅପରପାର୍ଶ୍ୱକୁ ଯାଇହେବ । ପ୍ରଧାନ ସଡକରେ ଦଣ୍ଡାୟମାନ ଦର୍ଶକମାନଙ୍କୁ ଏହି ମସ୍‌ଜିଦ୍‌ର ଉଚ୍ଚତା ତଥା ପ୍ରାଙ୍ଗଣ (୧୫୦' × ୭୫') ଏକ ଚିତ୍ତାକର୍ଷକ ତଥା ମନୋମୁଗ୍‌ଧକର ଦୃଶ୍ୟ ପ୍ରଦାନ କରେ । ପ୍ରାଙ୍ଗଣରେ ପୁଣ୍ୟସ୍ନାନ ନିମିତ୍ତ ଏକ ଜଳକୁଣ୍ଡ ବା ହାଉଜ୍ (cistern) ରହିଛି । ଐକ୍ୟ ଓ ଭ୍ରାତୃତ୍ୱ ଉଦ୍ରେକ ଉଦ୍ଦେଶ୍ୟରେ ସମବେତ ପ୍ରାର୍ଥନା ନିମନ୍ତେ ଉଦ୍ଦିଷ୍ଟ ବିରାଟ ପ୍ରକୋଷ୍ଠଟି ବହୁସଂଖ୍ୟକ ଅନୁଗାମୀଙ୍କ ରହିପାରିବା ଉପଯୋଗୀ ହୋଇଅଛି ।

ଏହି ମସ୍‌ଜିଦ୍ ସମ୍ଭବତଃ ତୁର୍କୀ ମସ୍‌ଜିଦ୍ ଶୈଳୀରେ ନିର୍ମିତ । ଏହାର ପ୍ରତ୍ୟେକ କୋଣରେ ଗୋଟିଏ କରି ଚାରିଗୋଟି ମିନାର ଏବଂ ମଧ୍ୟଭାଗରେ ଏକ ଗୁମ୍ବଜ ରହିଛି । ଅଳ୍ପ କେତୋଟି ଅନ୍ୟ ଧରଣର ଗୁମ୍ବଜ ସହିତ କନ୍ଦାକୃତି (bulbous) ଗୁମ୍ବଜ ତିନିଗୋଟି ଏହି ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟକୁ ଅନନ୍ୟ ସାଧାରଣ କରି ଗଢି ତୋଳିଛି । ମସ୍‌ଜିଦ୍‌ର ଉଭୟ ପାର୍ଶ୍ୱରେ ଏହି ସୁରୁଚିସମ୍ପନ୍ନ ଅଟ୍ଟାଳିକା ଉପରକୁ ଯାଇଥିବା ପାବଚ୍ଛଶ୍ରେଣୀ ଏହାର ଅନ୍ୟ ଏକ ଚିତ୍ତାକର୍ଷକ ବୈଶିଷ୍ଟ୍ୟ । ଏହି ପାବଚ୍ଛ ଶ୍ରେଣୀ ଅଟ୍ଟାଳିକା ଉପରୁ କଟକ ସହରର ରମଣୀୟ ସୌନ୍ଦର୍ଯ୍ୟ ଅବଲୋକନରେ ସାହାଯ୍ୟ କରିଥାଏ । କୀର୍ତ୍ତିସ୍ତମ୍ଭର ଆଉ ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ଏହି ଯେ ଏହା ସ୍ପଷ୍ଟଭାବରେ ଖୋଦିତ ମୂଳ ପାର୍ଶୀ ଅଭିଲେଖ ସହିତ ସର୍ବଦା ନୂତନ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରତୀୟମାନ ହୁଏ । ଦର୍ଶକ ବା ପାର୍ଶ୍ୱଦେଇ ଯାଉଥିବା ପଥିକ ଏହି ମସ୍‌ଜିଦ୍ ପ୍ରତି ଥରେ ଦୃଷ୍ଟିପାତ କଲେ ଏହାର କାରୀଗରି କୌଶଳ ତଥା ମହାନତାରେ ମୁଗ୍‌ଧ ହୋଇପଡ଼େ । (୧)

କଦମ୍‌ରସୁଲ୍, କଟକ

କଦମ୍‌ରସୁଲ ହେଉଛି ମହାପୁରୁଷ ମହମ୍ମଦଙ୍କ ପାଦଚିହ୍ନଥିବା ପ୍ରସ୍ତର । ଚାରିପାଖେ ଉଚ୍ଚ ପଥର ପାଚେରୀ ଦ୍ୱାରା ଏହା ପରିବେଷ୍ଟିତ ଏବଂ ଏହା କଟକର ମୁସଲମାନମାନଙ୍କ କବରଖାନା ରୂପେ ପରିଣତ ହୋଇଅଛି ।

(୧) ଓଡ଼ିଶା ସରକାରଙ୍କ ଅନୁଶାସନ ସଚିବଙ୍କ ଠାରୁ କଟକ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ପ୍ରେରିତ ୧୯୫୦ ମସିହା ଅଗଷ୍ଟ ୧୪ ତାରିଖର ୫୫୩୨/ଇ ନମ୍ବର ଚିଠି ।

Digitized by PPRACHIN, SOA

କୁହାଯାଏ ଯେ ଓଡ଼ିଶା ଅଧିକାର କରିବା ପାଇଁ କଳାପାହାଡ଼ ବ୍ୟସ୍ତଥିବା ସମୟରେ ଢାକାର ବାସିନ୍ଦା ଏବଂ ପର୍ଶିଆ ଅନ୍ତର୍ଗତ ମାସାରର ସୟଦ ହାସିମଙ୍କ ଅନ୍ୟତମ ଘନିଷ୍ଠ ସମ୍ପର୍କୀୟ ଜନୈକ ହାଜି ସୟଦ ଆଲିମୁଲ୍ଲା ଆରବର ନାଜବ ଠାରୁ ପବିତ୍ର ଦେହାବଶେଷ ଆଣି ଆସିଥିଲେ ଏବଂ ଏହାର ସତ୍ୟତା ପ୍ରମାଣିତ କରିବା ପାଇଁ ମକ୍‌କାର ସେରିଫଙ୍କ ଦସ୍ତଖତ ମଧ୍ୟ ଅଣାଯାଇଥିଲା । ପ୍ରଥମେ ଏହାକୁ କଟକ ଜିଲ୍ଲା ଅନ୍ତର୍ଗତ ସୁଙ୍ଗଗ ପ୍ରଗଣାର କୁକୁରିଆପଦା ନାମକ ଗ୍ରାମରେ ଏକ କ୍ଷିରିଁ ବୃକ୍ଷ ତଳେ ରଖାଯାଇଥିଲା । ଏହି ପବିତ୍ର ଦେହାବଶେଷ ଯେଉଁ ସ୍ଥାନରେ ରଖାଗଲା ତାହା ରସୁଲପୁର ଭାବରେ ନାମିତ ହୋଇଥିଲା । ବିଭିନ୍ନ ବ୍ୟାଧି ଏବଂ ଅସୁସ୍ଥତା ଆରୋଗ୍ୟ କରିବାରେ ଏହାର ଖ୍ୟାତି ଏପରି ପରିବ୍ୟାପ୍ତ ହୋଇଗଲା ଯେ ଆଉରଙ୍ଗଜେବଙ୍କ ରାଜତ୍ୱର ଶେଷକାଳରେ ଓଡ଼ିଶାର ତତ୍କାଳୀନ ଡେପୁଟି ନାଜିମ ନବାବ ସୁଜାଉଦ୍ଦିନ ମହମ୍ମଦ ଖାଁ ଏହି ପବିତ୍ର ଧର୍ମପୀଠକୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ନିଜର ଇଚ୍ଛାପ୍ରକାଶ କରିଥିଲେ । ମାତ୍ର ସୁଙ୍ଗଗ ଅନ୍ତର୍ଗତ ରସୁଲପୁରକୁ ଯୋଗାଯୋଗ ବ୍ୟବସ୍ଥା ଉତ୍ତମ ଓ ସହଜ ନ ଥିବାରୁ ଏହା ସମ୍ଭବ ହୋଇପାରି ନ ଥିଲା । ତେଣୁ ଏହି ଦୋହାବଶେଷକୁ କଟକକୁ ସ୍ଥାନାନ୍ତରିତ କରିବା ପାଇଁ ସୁଙ୍ଗଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସକାଶେ ସୁଜାଉଦ୍ଦିନ ତାଙ୍କ ଦିଓ୍ୱାନ ମହମ୍ମଦ ଅଲିଙ୍କୁ କହିଥିଲେ । ଦୁଇଟି କାରଣରୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା ।

ପ୍ରଥମତଃ ଓଡ଼ିଶାର ବହୁ ରମଣୀୟ କୀର୍ତ୍ତିସ୍ତମ୍ଭର ପୃଷ୍ଠପୋଷକ ସୁଜାଉଦ୍ଦିନ ଉକ୍ତ ପବିତ୍ର ଧର୍ମପୀଠ ଉପଯୋଗୀ ଏକ କୀର୍ତ୍ତିସ୍ତମ୍ଭ ନିର୍ମାଣ କରିବା ସକାଶେ ଇଚ୍ଛୁକ ଥିଲେ ।

ଦ୍ୱିତୀୟତଃ ସେ ସେହି ଦେହାବଶେଷକୁ ଅଧିକ ପ୍ରସିଦ୍ଧ ସ୍ଥାନକୁ ଆଣିବା ପାଇଁ ଚିନ୍ତା କରୁଥିଲେ ଯେଉଁ ସ୍ଥାନକୁ ଅଧିକ ସଂଖ୍ୟକ ଲୋକଙ୍କର ସମାଗମ ହୋଇ ପାରିବ ।

ତାଙ୍କ ସ୍ଥାନାନ୍ତର ପରିଣାମ ସ୍ୱରୂପ ପବିତ୍ର ଦେହାବଶେଷକୁ ରସୁଲପୁର ଠାରୁ କଟକକୁ ଉଠାଇ ଅଣାଗଲା ଏବଂ ଅମଲି ବର୍ଷ ୧୦୯୯ ରେ ମହାନଦୀ ଉପକଣ୍ଠସ୍ଥ ଯୋବ୍ରା ଘାଟରେ ଏକ ନଡା ଛପର ଘରେ ଅବସ୍ଥାପିତ କରାଗଲା । ଏହି ଧର୍ମପୀଠର ପରିଚାଳନା ଦାୟିତ୍ୱ ତଦାରଖ ସକାଶେ ସେ ମୁନ୍‌ସୀ ହାସମନ୍ଦ ଖାଁ ନାମକ ଜଣେ ଅଫିସରଙ୍କୁ ନିଯୁକ୍ତ କରିଥିଲେ । ଏହି ଅଞ୍ଚଳ ହାସମନ୍ଦ ସାହି ନାମରେ ନାମିତ ହୋଇଥିଲା ଏବଂ ଏବେ ମଧ୍ୟ ସେହି ନାମରେ ପରିଚିତ ଅଛି । (୧)

କୁହାଯାଏ ଯେ, ଦିନେ ରାତିରେ ବଦପ୍ରକୃତିର କେତେକ ଅଜ୍ଞାତ ଲୋକ ଏହି ଦେହାବଶେଷକୁ ନଦୀରେ ଫୋପାଡ଼ି ଦେଇଥିଲେ । ଏହା ଶୁଣିଲା ମାତ୍ରେ ନବାବ ପାଣିରୁ

---

(୧) ଓଡ଼ିଶା ସରକାରଙ୍କ ଅନୁଶାସନ ସଚିବଙ୍କ ଠାରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ପ୍ରେରିତ ୧୯୫୦ ମସିହା ଅଗଷ୍ଟ ୧୪ ତାରିଖର ୫୬୩୨ ନମ୍ବର ଚିଠି ।

Digitized by PPRACHIN, SOA

ଏହାକୁ ଖୋଜି ବାହାର କରିବା ପାଇଁ ବହୁସଂଖ୍ୟକ ମତ୍ସ୍ୟଜୀବୀଙ୍କୁ ନିଯୁକ୍ତ କରିଥିଲେ । ପୁନରୁଦ୍ଧାର ପରେ ଏହାକୁ ସାଂପ୍ରତିକ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା । (୧)

ନବାବ ସୁଜାଉଦ୍ଦିନ ମହମ୍ମଦ ଖାଁ କଦମ ରସୁଲର ପରିଚାଳନା ସକାଶେ ପଚାଶ-ବାଟି ଜମି ଖଞ୍ଜିଥିଲେ ଏବଂ ଏହାର ଇଟା ତିଆରି ଗୁମ୍ବଜ ଓ ଚତୁଃପାର୍ଶ୍ୱସ୍ଥ ପ୍ରାଚୀର ନିର୍ମାଣ କରାଇଥିଲେ । ଏଥିନିମନ୍ତେ ଏକ ଦରଘା ମଧ୍ୟ ନିର୍ମିତ ହୋଇଥିଲା । ଆଲିବର୍ଦ୍ଦି ଖାଁଙ୍କ ରାଜତ୍ୱ ସମୟରେ ଏହି ରସୁଲକୁ ଆହୁରି ୯୦ ବାଟି ଜମି ପ୍ରଦାନ କରାଯାଇଥିଲା । ସମ୍ରାଟ୍ ଫାରୁକ-ସିୟାର ମଧ୍ୟ ୭୦ ବାଟି ଭୂସମ୍ପତ୍ତି ଦାନ କରିଥିଲେ । ପରବର୍ତ୍ତୀ କାଳରେ ନାଗପୁରର ରାଜା ଜାନୁଜୀ ଭୋନ୍‌ସଲା ମଧ୍ୟ ୩୧ ବାଟି ଜମି ଖଞ୍ଜିଥିଲେ ।(୨)

ଚତୁଃପାର୍ଶ୍ୱରେ ପରିବେଷ୍ଟିତ ଚାରିକୋଣରେ କଟା ପ୍ରସ୍ତରରେ ନିର୍ମିତ ଏହାର ଚାରିଗୋଟି କ୍ଷୁଦ୍ର ଶକ୍ତ ଟାଓ୍ୱାର ଅଛି । ଅମ୍‌ଲି ହିଜ୍‌ରା ୧୧୩୦ (୧୭୧୮ ଖ୍ରୀଷ୍ଟାବ୍ଦ)ରେ କଦମ ରସୁଲ ହତା ଭିତରେ ନିର୍ମିତ ମସ୍‌ଜିଦ୍‌ର କାରୁକାର୍ଯ୍ୟ ପୂର୍ଣ୍ଣ ସୌନ୍ଦର୍ଯ୍ୟ ମହମ୍ମଦିଆ ବଜାରସ୍ଥ ଉଜ୍‌ଲେ ଖାଁ ମସ୍‌ଜିଦ୍ ସହିତ ତୁଳନୀୟ ।

ପ୍ରାଚୀର ଓ ଅଟ୍ଟାଳିକାମାନଙ୍କ ନିର୍ମାଣର ବୈଶିଷ୍ଟ୍ୟ ଏହି ଯେ ଗୁମ୍ବଜ ତଥା ଅଟ୍ଟାଳିକା ଓଡ଼ିଆ ରାଜମିସ୍ତ୍ରୀ ଓ ସ୍ଥପତିମାନଙ୍କ ଦ୍ୱାରା ଓଡ଼ିଶୀ ଶୈଳୀରେ ନିର୍ମିତ । ଅଟ୍ଟାଳିକାର ସ୍ଥାପତ୍ୟ ସମ୍ବନ୍ଧୀୟ ନକ୍‌ସା ଦୃଷ୍ଟିରୁ ଏହା ମୋଗଲ ସ୍ଥାପତ୍ୟର ଏକ ରମଣୀୟ ନିର୍ମାଣ । ଶୈଳୀ ଦୃଷ୍ଟିରୁ ଏହା ବାଲୁବଜାରସ୍ଥ ଜୁମା ମସ୍‌ଜିଦ୍ ଓ ଦିବାନ ବଜାର ମସ୍‌ଜିଦ୍‌ର ସମଜାତୀୟ । ପବିତ୍ର ଧର୍ମପୀଠ ଦୃଷ୍ଟିରୁ କଦମ୍‌ରସୁଲ ଏକ ଅତି ବୃହତ କବରଖାନାରେ ପରିଣତ ହୋଇଅଛି । ଏଠାରେ ନବାବ ସୁଜାଉଦ୍ଦିନ ମହମ୍ମଦ୍ ଖାଁଙ୍କ ଜାମାତା ଓଡ଼ିଶାର ଡେପୁଟି ନାଜିମ ମହମ୍ମଦ ତକୀ ଖାଁଙ୍କୁ କବର ଦିଆଯାଇଥିଲା । ଅନ୍ୟ ଯେଉଁ ବିଶିଷ୍ଟ ବ୍ୟକ୍ତିମାନଙ୍କ କବର ଏଠାରେ ଦୃଷ୍ଟିଗୋଚର ହୁଏ ସେମାନେ ହେଲେ ଫତେ ଖାଁ, ଆଜମ୍ ଖାଁ (୩) ଏବଂ ବାହାର୍-ଇ-ସୁଲତାନ ଓ ଅନ୍ୟମାନେ । ଏହି ବ୍ୟକ୍ତିମାନଙ୍କ କବର

---

(୧) Orissa Historical Research Journal Vol. XI No. I ପୃ-୭

(୨) ତତ୍ରୈବ ।

(୩) ଫତେ ଖାଁ ଓ ଆଜମ୍ ଖାଁ ମରହଟ୍ଟା ରାଜତ୍ୱ କାଳରେ ସେନାପତି ଥିଲେ । ଫତେ ଖାଁ ଶେଓଭଟ୍ଟ ସାଥେଙ୍କ ସ୍ୱପକ୍ଷରେ ବାରବାଟୀ ଦୁର୍ଗର ପ୍ରତିରକ୍ଷା ଦାୟିତ୍ୱରେ ଥିଲେ । (ବ. ସି. ରାୟଙ୍କ ଲିଖିତ Orissa under the Marhattas, ପୃ-୩୨)
କଟକ ଜେଲ ନିକଟସ୍ଥ ଅଞ୍ଚଳ ଆଜମ ଖାଁଙ୍କ ନାମାନୁସାରେ ଆଜମ୍ ଖାଁ ବଜାର ନାମରେ ନାମିତ ହୋଇଅଛୁ । (Orissa Historical Research Journal Vol. IX, ପୃ-୨)

Digitized by PPRACHIN, SOA

ଉପରେ ସୁନିର୍ମିତ ସମାଧିମାନ ରହିଅଛି । ଶହୀଦ ପାନ୍ନିଙ୍କ ପରି ମୁସଲମାନ ସାଧୁମାନଙ୍କର ସମାଧି ମଧ୍ୟ ଏଠାରେ ପରିଦୃଷ୍ଟ ହୁଏ ।

କଦମ ରସୁଲ ଭିତରେ ଏକ ବିଗଟ ହାଉଜ୍ (ପୁଷ୍କରିଣୀ) ଏବଂ ଆଠୋଟି ପ୍ରକୋଷ୍ଠ ବିଶିଷ୍ଟ ଏକ ମୁସାଫିରଖାନା ରହିଅଛି । ଦରଘା ଏବଂ ଦୁଇଟି ଫାଟକରେ କେତେକ ରମଣୀୟ ପାର୍ଶୀ ଅଭିଲେଖ ମଧ୍ୟ ପରିଲକ୍ଷିତ ହୁଏ । ଚତୁଃପାର୍ଶ୍ୱ ଘେରଯାଇଥିବା ସ୍ଥାନ (encloser)ରେ ଏକ ବିଗଟ ଅଞ୍ଚଳ ରହିଛି । ଖୁବ୍ ବଡ଼ ଏବଂ ଆୟତାକାର ପଥରମାନଙ୍କରେ ଏହାର ପ୍ରକାଣ୍ଡ ପ୍ରାଚୀରମାନ ନିର୍ମିତ ।

ଦିଓ୍ୱାନ ବଜାର ମସ୍‌ଜିଦ

କେତେକ ବୈଶିଷ୍ଟ୍ୟ ନିହିତ ଆଉ ଏକ ମସ୍‌ଜିଦ ହେଉଛି କଟକର ଦିଓ୍ୱାନ ବଜାର ମସ୍‌ଜିଦ । ଏହା ଓଡ଼ିଶାର ସର୍ବପୁରତନ ଶାହୀ ମସ୍‌ଜିଦ୍ ବୋଲି ପ୍ରତୀତ ହୁଏ । ଆଉରଙ୍ଗଜେବଙ୍କ ରାଜତ୍ୱ କାଳରେ ୧୬୫୮ ରୁ ୧୬୬୯ ମସିହା ମଧ୍ୟରେ ଏହା ନିର୍ମିତ ହୋଇଥିଲା ।(୧) ଉଚ୍ଚ ଭିତ୍ତି ମୂଳରେ ଏହା ନିର୍ମିତ ନୁହେଁ । ଏହି ମସ୍‌ଜିଦ୍‌ରେ ଥିବା ତିନୋଟି ଗୁମ୍ବଜ ମଧ୍ୟରୁ ଗୋଟିଏ ଅନ୍ୟ ଦୁଇଟି ଅପେକ୍ଷା ବୃହତ୍ତର । ଏଥିରେ ଦୁଇଗୋଟି ଛୋଟ ଗୁରିମିନାର ରହିଛି । ଭିତରେ ଥିବା ଦୁଇଟି ଜାଲି (ଝିଡ଼ିକି) ଦେଖାଯାଏ । ଏହି ମସ୍‌ଜିଦରେ ଥିବା ଅନ୍ୟ ନିର୍ମାଣମାନଙ୍କ ମଧ୍ୟରେ ଛଅଗୋଟି ଖିଲାଣଯୁକ୍ତ ଦ୍ୱାର ଓ ଦକ୍ଷିଣ ପାର୍ଶ୍ୱରେ ଥିବା ତିନିଗୋଟି ହାଜ୍‌ର ଅନ୍ତର୍ଭୁକ୍ତ । ହଲରେ ଥିବା ସୌଷ୍ଠବପୂର୍ଣ୍ଣ ଭଲ୍ଟ (vault) ଓ ଖିଲାଣ ଏବଂ ଅର୍ଦ୍ଧ ଗୋଲାକାର ଭଲ୍ଟ ଓ କ୍ଷୁଦ୍ର ଟାଓ୍ୱାରମାନ ଏହାର କେତେକ ସ୍ଥାପତ୍ୟିକ ନିଦର୍ଶନ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଦାୟୀ । ମସ୍‌ଜିଦ୍ ନିକଟସ୍ଥ ବିଗଟ ପୁଷ୍କରିଣୀ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରଦାନ କରେ ଏବଂ ଏହାକୁ ଅଧିକ ଆକର୍ଷଣୀୟ କରିଥାଏ ।

ଉଜଲ ଖାଁ ମସ୍‌ଜିଦ୍

କଟକର ମହମ୍ମଦିଆ ବଜାରସ୍ଥ ଉଜଲ ଖାଁ ମସ୍‌ଜିଦ୍‌ର ସ୍ୱକୀୟ ବିଶେଷତ୍ୱ ରହିଛି । ଅମଲି ହିଜରା ୧୧୨୮ (୧୭୧୬ ଖ୍ରୀଷ୍ଟାବ୍ଦ)ରେ ଏହା ନିର୍ମିତ ହୋଇଥିଲା । ଏହି

(୧) ଏହା ମୁର୍ଶିଦ କୁଲି ଖାଁ-୧ଙ୍କ ଦ୍ୱାରା ନିର୍ମିତ ହୋଇଥିବା କୁହାଯାଏ । ମାତ୍ର ମୁର୍ଶିଦ କୁଲିଙ୍କ ରାଜତ୍ୱକାଳ ୧୭୦୦ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ୧୭୨୭ରେ ତାଙ୍କ ମୃତ୍ୟୁ ମଧ୍ୟରେ ସୀମିତ । ପୁନଶ୍ଚ ଆହୁରି ମଧ୍ୟ ଯୁକ୍ତି କରାଯାଏ ଯେ ଶାହାଜାଦା ଆଜମ୍ ବଙ୍ଗଳାର ସୁବାଦାର ଥିବା ସମୟରେ ଏହା ନିର୍ମିତ ହୋଇଥିଲା, ମାତ୍ର ସେ ୧୬୭୮ରେ ଓଡ଼ିଶା ଦାୟିତ୍ୱରେ ଥିଲେ । ତେଣୁ ସେ ଗଭର୍ଣ୍ଣର ଥିବା ସମୟରେ ଏହା ନିର୍ମିତ ହୋଇ ନ ଥିଲା । ୧୬୬୬ ଖ୍ରୀଷ୍ଟାବ୍ଦରେ ଏହା ନିର୍ମିତ ବୋଲି ଧରାଗଲେ ଏହା ଖାଁ ଜୁରାନ ନୁସରତଜଙ୍ଗ-ନା-ସାବାନ-ଙ୍କ ପୁତ୍ର ଖାଁ-ଇ-ଦୁରାନ ଶାହିଦ ମହମ୍ମଦ ଗଭର୍ଣ୍ଣର ଥିବା ସମୟରେ ନିର୍ମିତ ହୋଇଥିବା ସମ୍ଭବ ।

Digitized by PPRACHIN, SOA

ମସ୍‌ଜିଦ୍‌ରେ ତିନିଗୋଟି ଗୁମ୍ବଜ ରହିଛି । ପ୍ରତ୍ୟେକ ପାର୍ଶ୍ୱରେ ଗୋଟିଏ କରି ଅବସ୍ଥିତ ଗୁମ୍ବଜଦ୍ୱୟ କେନ୍ଦ୍ରସ୍ଥଳସ୍ଥ ଅପେକ୍ଷାକୃତ ବୃହତ୍ ଗୁମ୍ବଜ ତୁଳନାରେ କ୍ଷୁଦ୍ରତର । ଏଥିରେ ତିନିଗୋଟି ଖିଲାଣ ରହିଛି । ମାତ୍ର କୌଣସି ମିନାର ନାହିଁ । ସରଳତା ଓ ବିଶାଳତାରେ ଏହାର ସୌନ୍ଦର୍ଯ୍ୟ ନିହିତ । ଆକୃତି ଦୃଷ୍ଟିରୁ ବାରବାଟୀ ଦୁର୍ଗ ଅଭ୍ୟନ୍ତରସ୍ଥ ଫତେ ଖାଁ ରହମନ ମସ୍‌ଜିଦ୍‌ର ସମ୍ପୂର୍ଣ୍ଣ ଅନୁରୂପ ହେଲେହେଁ ଶେଷୋକ୍ତ ମସ୍‌ଜିଦ୍ ଠାରୁ ଏହା କ୍ଷୁଦ୍ରତର ।(୧)

ଫତେ ଖାଁ ରହମନ ମସ୍‌ଜିଦ୍

ନକ୍‌ସାକୃତି ଏବଂ ସ୍ଥାପତ୍ୟ ଦୃଷ୍ଟିରୁ ଫତେ ଖାଁ ରହମନ ମସ୍‌ଜିଦ୍ ତଥା ଉଜଲ ଖାଁ ମସ୍‌ଜିଦ୍‌କୁ ଗୋଟିଏ ଶ୍ରେଣୀରେ ଅନ୍ତର୍ଭୁକ୍ତ କରଯାଇପାରେ । ଏହି ମସଜିଦ୍‌ଗୁଡ଼ିକର ସ୍ଥାପତ୍ୟିକ ନକ୍‌ସା କଟକସ୍ଥ ଅନ୍ୟାନ୍ୟ କୀର୍ତ୍ତିସ୍ତମ୍ଭମାନଙ୍କ ଠାରୁ ପୃଥକ । ଚିନ୍ତାଧାରର ସ୍ପଷ୍ଟତା (boldness of conception) ଏବଂ କାର୍ଯ୍ୟକାରିତା ଶୈଳୀ (art of execution) ଦୃଷ୍ଟିରୁ ଏଗୁଡ଼ିକ ଜୁମା ମସ୍‌ଜିଦ୍ ଓ ଦିଓ୍ୱାନ ବଜାର ମସ୍‌ଜିଦ୍ ସହିତ ତୁଳନୀୟ ହୋଇପାରିବେ ନାହିଁ । ତଥାପି ନିର୍ମାଣ କ୍ଷେତ୍ରରେ ଏହି ମସ୍‌ଜିଦ୍‌ଗୁଡ଼ିକର ସ୍ୱକୀୟ ଅଦ୍ୱିତୀୟ ବୈଶିଷ୍ଟ୍ୟ ରହିଅଛି । ବାରବାଟୀ ଦୁର୍ଗରେ ଫତେ ଖାଁ ମସ୍‌ଜିଦ୍ କେବେ ନିର୍ମିତ ହେଲା ଜଣାଯାଏ ନାହିଁ । ତେବେ ବାରବାଟୀ ଦୁର୍ଗରେ ରହୁଥିବା ସୈନ୍ୟମାନେ ପ୍ରାର୍ଥନା କରିବା ଉଦ୍ଦେଶ୍ୟରେ କୌଣସି ମୁସଲମାନ ଗଭର୍ଣ୍ଣରମାନଙ୍କ ମଧ୍ୟରୁ କେହି ଏହି ମସ୍‌ଜିଦ୍ ନିର୍ମାଣ କରିଥାଇ ପାରନ୍ତି ।

ଶାହାମନସୁର ସମାଧି

ଶାହା ମନସୁର (୨) ଜଣେ ବିଶିଷ୍ଟ ସାଧୁଥିଲେ ଏବଂ ନିଜର ଜନହୀତକର କାର୍ଯ୍ୟ ପାଇଁ ସେ ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ଆକୃଷ୍ଟ କରିପାରିଥିଲେ । ସମ୍ପ୍ରତି ଉଭୟ ସମ୍ପ୍ରଦାୟର ବ୍ୟକ୍ତିମାନେ ଏହି ସାଧୁଙ୍କ ସମାଧି ପରିଦର୍ଶନ କରିଥାନ୍ତି ।

---

(୧) ସରଦାର ଖାଁ ମସ୍‌ଜିଦ୍ : ସରଦାର ଖାଁ ମସ୍‌ଜିଦ୍ କଟକର ଶେଖ୍‌ବଜାର ଠାରେ ପ୍ରତିଷ୍ଠିତ । ଅମଲ ହିଜ୍‌ରା ୧୧୬୭ (୧୭୫୩ ଖ୍ରୀଷ୍ଟାବ୍ଦ)ରେ ଏହା ସର୍‌ଦାର ଖାଁଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏଥିରେ ତିନଗୋଟି ଗୁମ୍ବଜ, ଛଅଟି ଖିଲାଣ ଓ ଚାରିଗୋଟି ହିଜ୍‌ରା ରହିଛି । ଏକ ଉଚ୍ଚ ଭିତ୍ତିସ୍ତର ଉପରେ ନିର୍ମିତ ଏହି ମସ୍‌ଜିଦ୍ ଏକ ଚିତ୍ତାକର୍ଷକ ଦୃଶ୍ୟ ପ୍ରଦାନ କରେ ।

କେତେକ ବୈଶିଷ୍ଟ୍ୟ ନିହିତ ଆଉ ଏକ ମସ୍‌ଜିଦ୍ କଟକସ୍ଥ ପୁରାତନ ରାଜଭବନ ପରିସର ଲାଲ୍‌ବାଗ ଭିତରେ ନିର୍ମିତ । ଏହା ୧୮୦୩ ମସିହାରେ (ଅମଲ ହିଜ୍‌ରା ୧୨୧୫) ହଜରତ ମନ୍‌ସୁରଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ତାଙ୍କୁ ଏହି ମସ୍‌ଜିଦ୍ ନିକଟରେ କବର ଦିଆଯାଇଥିଲା ।

(୨) କୁହାଯାଏ ଯେ ଶାହା ମନ୍‌ସୁର୍ ଜଣେ ସିଦ୍ଧା ଥିଲେ ।

Digitized by PPRACHIN, SOA

ମୁସଲମାନ କୀର୍ତ୍ତିସ୍ତମ୍ଭଗୁଡ଼ିକ ଏକଦା ଓଡ଼ିଶାରେ ମୁସଲମାନ ଶକ୍ତିର ପ୍ରାଣକେନ୍ଦ୍ର କଟକ ଠାରେ କେବଳ ପ୍ରତିଷ୍ଠିତ ହୋଇ ନ ଥିଲା । ପ୍ରଦେଶର ଅନ୍ୟାନ୍ୟ ବହୁ ସ୍ଥାନରେ ସେସବୁ ନିର୍ମିତ ହୋଇଥିବା ପରିଦୃଷ୍ଟ ହୁଏ । ସେଗୁଡ଼ିକ ମଧ୍ୟରୁ ଯାଜପୁରସ୍ଥ ଆବୁ ନାସିର ମସ୍‌ଜିଦ୍, ବାଲିଚନ୍ଦ୍ରପୁରସ୍ଥ ଆଲମଗିରି ପାହାଡ଼ରେ ନିର୍ମିତ ଦରଘା-ଇ-ତକ୍‌ଣ ଏବଂ ବାଲେଶ୍ୱରସ୍ଥ କଦମ୍ ସେରିଫ୍ ଉଲ୍ଲେଖନୀୟ ।

ଯାଜପୁରସ୍ଥ ଆବୁ ନାସିର ମସ୍‌ଜିଦ୍ (କଟକ ଜିଲ୍ଲା)

ଯାଜପୁରର ଆବୁ ନାସିର ମସ୍‌ଜିଦ୍ ଶାୟସ୍ତ ଖାଁଙ୍କ ପୁତ୍ର ଓ ଓଡ଼ିଶାର ଡେପୁଟୀ ସୁବାଦାର ଆବୁ ନାସିରଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଆଉରଙ୍ଗଜେବଙ୍କ ରାଜତ୍ୱ କାଳରେ ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ ଆଉରଙ୍ଗଜେବଙ୍କ ପୁତ୍ର ଯୁବରାଜ ମହମ୍ମଦ ଆଜାମ ଶାସନ ପରିଚାଳନା ନିମନ୍ତେ ଓଡ଼ିଶାକୁ ନିଜେ ଆସିବାକୁ ଇଚ୍ଛାପ୍ରକାଶ ନ କରିବାରୁ ତାଙ୍କ ତରଫରୁ ଆବୁନାସିରଙ୍କୁ ଓଡ଼ିଶାର ଡେପୁଟି ସୁବାଦାର ଥିବା ଜଣାଯାଏ ।

ଚାରିଗୋଟି ମିନାର ବିଶିଷ୍ଟ ଏହି ମସ୍‌ଜିଦ୍ ଚିତ୍ତାକର୍ଷକ ଓ ମହତ୍ୱପୂର୍ଣ୍ଣ ଭାବରେ ଦଣ୍ଡାୟମାନ । କେନ୍ଦ୍ରସ୍ଥଳରେ ଥିବା ମିନାରଗୁଡ଼ିକ ବାହାରକୁ ରହିଥିବା ଦୁଇ ମିନାର ତୁଳନାରେ ଆକାର ଦୃଷ୍ଟିରୁ କ୍ଷୁଦ୍ର । ଏହି ମସ୍‌ଜିଦ୍‌ର ଛାତ ଉପରେ ତିନିଗୋଟି ଗୁମ୍ବଜ ରହିଛି । ସେଗୁଡ଼ିକ ମଧ୍ୟରୁ କେନ୍ଦ୍ରସ୍ଥଳରେ ନିର୍ମିତ ବୃହତ୍ତମ ଗୁମ୍ବଜଟିର ଗୋଲାଇ ୮୦ ଫୁଟ । ଛାତ ଉପରସ୍ଥ ଗୁମ୍ବଜମାନଙ୍କ ଭିତରେ କେତେକ ଦ୍ୱାର ଥିବା ପରିଦୃଷ୍ଟ ହୁଏ । ସମ୍ଭବତଃ ଏଗୁଡ଼ିକ ଲୁଚିରହିବା ସକାଶେ ବ୍ୟବହୃତ ହେଉଥିବା ଜଣାଯାଏ । ପୂର୍ବପାର୍ଶ୍ୱରେ ତିନିଗୋଟି ଆକର୍ଷଣୀୟ ଗୋଥିକ (Gothic) ପ୍ରାଚୀନ କାଳୀୟ ସ୍ଥାପତ୍ୟ ବିଷୟକ ଦ୍ୱାର ରହିଛି ।

ଏହି ମସ୍‌ଜିଦ୍‌ରେ ଥିବା ଏକ ଅଭିଲେଖରେ ଉଲ୍ଲେଖ ରହିଛି "ଯାହାଙ୍କର ଗୌରବ ଗଗନ ପର୍ଯ୍ୟନ୍ତ ପ୍ରଲମ୍ବିତ ଏବଂ ଗ୍ରହମାନେ ଅବିଚଳିତ ଥିବା ପର୍ଯ୍ୟନ୍ତ ଯାହାଙ୍କ ଗୌରବ ଅମ୍ଲାନ ରହିଥିବ ସେହି ଆଉରଙ୍ଗଜେବଙ୍କ ରାଜତ୍ୱ କାଳରେ, ଯେଉଁ ନବାବଙ୍କ ସଦ୍‌ଗୁଣ ଅବର୍ଣ୍ଣନୀୟ ଓ ପ୍ରଶଂସା ପାଇଁ ଦୁର୍ଲ୍ଲଭ ସେହି ନବାବଙ୍କ ଅମଳରେ ସେହି ନବାବ ଯାଜପୁର ସହରରେ ଏକ ରମଣୀୟ ମସ୍‌ଜିଦ୍ ପ୍ରତିଷ୍ଠା କରିଥିଲେ । ଯାହାର ଗୌରବମୟ ଗୁମ୍ବଜଗୁଡ଼ିକୁ ଦେଖି ଆକାଶ ନିଜକୁ ଲୁଚାଇଦିଏ । ଯଦି ତୁମେ ଦେବଦୂତମାନଙ୍କ (Angels) ବାଣୀ ଶ୍ରବଣ କରିବାକୁ ଇଚ୍ଛୁକ ତେବେ ଏଠାରେ ଗୋଟିଏ ରାତ୍ରି ଯାପନ କର ।"

ଇଉରୋପୀୟ ପରିବ୍ରାଜକ ଟି. ମୋଟେ ୧୭୬୬ ମସିହା ମଇ ମାସରେ ଯାଜପୁର ପରିଦର୍ଶନରେ ଯାଇଥିଲେ । ଏହି ମସ୍‌ଜିଦ୍‌ର ନିର୍ମାଣ ଅବଲୋକନ କରି ସେ ଅଭିଭୂତ ହୋଇ ପଡ଼ିଥିଲେ ଏବଂ ଉଲ୍ଲେଖ କରିଥିଲେ, "ଏହା ତୁର୍କୀ (Turkish) ଶୈଳୀରେ ନିର୍ମିତ । ସମ୍ମୁଖ କୋଣର ପ୍ରତି ଶେଷ ଭାଗରେ ଡେଙ୍ଗା ଛୋଟ ମିନାର ରହିଛି ଯାହା ଫଳରେ

Digitized by PPRACHIN, SOA

ସେମାନଙ୍କ ଅସମତା ଲୁଚି ଯାଉଛି ।" ନିର୍ମାଣ ଦୃଷ୍ଟିରୁ ଓଡ଼ିଶାରେ ଏହି ମସ୍‌ଜିଦ୍‌ର ସ୍ଥାପତ୍ୟିକ ବିଶେଷତ୍ୱ ଓ ଅଦ୍ୱିତୀୟ ଶୈଳୀ ରହିଛି । କୁହାଯାଏ ଯେ ଭଗ୍ନ ହିନ୍ଦୁମନ୍ଦିର ଗୁଡ଼ିକର ବିଭିନ୍ନ ଉପକରଣରେ ଏହି ମସ୍‌ଜିଦ୍ ନିର୍ମିତ ହୋଇଥିଲା ।

ଦରଘା-ତକତ-ଇ ସୁଲେମାନ (କଟକ ଜିଲ୍ଲା)

କଟକ ଜିଲ୍ଲା ଅନ୍ତର୍ଗତ ଗ୍ରିନଙ୍ଗଳ ମୌଜାରେ ୨୫୦୦ ଫୁଟ ଉଚ୍ଚରେ ଆଳି ପର୍ବତ (ଦକ୍ଷିଣପାର୍ଶ୍ୱ) ଉପରେ ଏହି ଦରଘା ଅବସ୍ଥିତ । ଚତୁଃପାର୍ଶ୍ୱରେ ଗୁମ୍ବଜ ପରିବେଷ୍ଟିତ ଗୋଟିଏ ପ୍ରକୋଷ୍ଠ ବିଶିଷ୍ଟ ସାଧା ପଥର ତିଆରି ଏକ କୋଠା । ଏହାର ସମ୍ମୁଖ ଦିଗରେ ଏକ ଉଚ୍ଚ ବେଦୀ ରହିଛି । ଗ୍ରିପାଖରେ ଏକ ପତଳା କାନ୍ଥ ରହିଛି ଓ ଉତ୍ତର ଦିଗରେ ଗୋଟିଏ ଫାଟକ ଅଛି । ଉପରେ ଏକ ଛାତ ଅଛି । ଡାର୍ଭିସ୍ (Darvishes) ଏବଂ ତୀର୍ଥଯାତ୍ରୀମାନଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ଏହା ନିର୍ମିତ ହୋଇଥିଲା । ଅଟ୍ଟାଳିକାର ଦକ୍ଷିଣ ଦିଗରେ ଏକ ପବିତ୍ର ପୁଷ୍କରିଣୀ ରହିଛି ।

ଆକର୍ଷଣୀୟ ଅବସ୍ଥିତି ସତ୍ତ୍ୱେ ସ୍ଥାପତ୍ୟିକ କୌଶଳ ଦୃଷ୍ଟିରୁ ଏହି ଅଟ୍ଟାଳିକାର ସେଭଳି କୌଣସି ବୈଶିଷ୍ଟ୍ୟ ନାହିଁ । ଅମଲି ବର୍ଷ ୧୧୩୨ ବା ୧୭୨୪ ଖ୍ରୀଷ୍ଟାବ୍ଦରେ ମୁର୍ଶିଦ କୁଲି ଖାଁ—୧ ଓଡ଼ିଶାର ଗଭର୍ଣ୍ଣର ଥିବା ସମୟରେ ଓଡ଼ିଶାର ଡେପୁଟି ଗଭର୍ଣ୍ଣର ସୁଜାଉଦ୍ଦିନ ମହମ୍ମଦ ଖାଁଙ୍କ ଦ୍ୱାରା ଏହି ଦରଘା ନିର୍ମିତ ହୋଇଥିଲା । ଦରଘାରେ ଉତ୍କୀର୍ଣ୍ଣ ଏକ ଫଳକରେ ସୁଜାଉଦ୍ଦିନ ମହମ୍ମଦ ଖାଁ ଏହାର ନିର୍ମାତା ବୋଲି ଉଲ୍ଲେଖ ରହିଛି ।

ପାହାଡ଼ ଉପରେ କେଉଁଭଳି ପରିସ୍ଥିତିରେ ଉକ୍ତ ଅଟ୍ଟାଳିକା ନିର୍ମାଣ କରାଗଲା ସେ ସମ୍ବନ୍ଧରେ ଏକ ଚିତ୍ତାକର୍ଷକ କାହାଣୀ ଅଛି । କୁହାଯାଏ ଯେ ସୁଲେମାନ ସାହେବ ନାମକ ଜଣେ ସାଧୁ ପ୍ରଥମେ ଲଳିତଗିରି ପାହାଡ଼କୁ ଏବଂ ପରେ ପାହାଡ଼ ଉପରେ ନିର୍ମିତ ଅଟ୍ଟାଳିକାର ସାଂପ୍ରତିକ ଅବସ୍ଥିତି ସ୍ଥଳକୁ ଆଗମନ କରିଥିଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ସେ ପ୍ରାର୍ଥନା ଏବଂ ତପସ୍ୟା କରିଲାଗିଥିଲେ । ଜଣେ ମୁସଲମାନ ସେନାପତି ଏକ ସୈନ୍ୟବାହିନୀ ନେତୃତ୍ୱରେ ସେହି ବାଟ ଦେଇ ଯାଉଁ ଯାଉଁ ପାହାଡ଼ ଉପରେ ଏକ ପତାକା ଉଡ଼ୁଥିବାର ଦେଖିଲେ । ସେନାପତି ଏବଂ ଅନ୍ୟମାନେ ପାହାଡ଼ ଉପରକୁ ଯାଇ ଶପଥ କଲେ ଯେ ଯଦି ସେମାନେ ଯୁଦ୍ଧରେ ବିଜୟ ଲାଭ କରିବେ ତେବେ ଫେରି ଆସିଲା ପରେ ସାଧୁ ପୀର ସାହେବଙ୍କ ସ୍ମରଣାର୍ଥେ ସେମାନେ କିଛି କରିବେ । ଯୁଦ୍ଧରେ ସୈନ୍ୟବାହିନୀ ବିଜୟଲାଭ କଲେ ଏବଂ ନିଜର ଶପଥ ଅନୁଯାୟୀ ଦରଘା ତାଖତ୍-ଇ-ସୁଲେମାନ ନିର୍ମାଣ କରିଥିଲେ ।

ବନ୍ଦୋବସ୍ତ ରେକର୍ଡରୁ ଜଣାଯାଏ ଯେ ସୁଜାଉଦ୍ଦିନ ମହମ୍ମଦ ଖାଁ, ମୁର୍ଶିଦ କୁଲି ଖାଁ-୧ ଏବଂ ପରବର୍ତ୍ତୀ କାଳରେ ରଜା ଜାନୁଜୀ ଭୋନ୍‌ସଲାଙ୍କ ଦ୍ୱାରା ଏହାର ବିଭିନ୍ନ କାର୍ଯ୍ୟକଳାପ ସକାଶେ ୧୬ ବାଟି ଜମି ଦାନ କରାଯାଇଥିଲା ଏବଂ ଲେଖାଥିଲା ଯେ ସମଗ୍ର

Digitized by PPRACHIN, SOA

ଅନୁଦାନ ମଧ୍ୟରୁ ଗ୍ରିବାଟି ଜମିର ଉତ୍ପନ୍ନ ଦରଘା ଚଳାଇବା ଓ ସଫା କରିବା ଏବଂ ଅବଶିଷ୍ଟ ଜମିର ଆୟ ସିରିଣି, ଫତିହା, ସଞ୍ଜା, ଚେରଘ ଏବଂ ମୁସାଫିରମାନଙ୍କ ଭରଣ-ପୋଷଣ ତଥା ଦରଘା ମରାମତି ପାଇଁ ବ୍ୟୟ ହେବ ।

ସେହିଦିନଠାରୁ ସାଧୁ ପୀରଙ୍କୁ ସମ୍ମାନ ପ୍ରଦର୍ଶନ କରିବାଲାଗି ଦର୍ଶକମାନେ ପରିଦର୍ଶନ କରିବାକୁ ଲାଗିଲେ ।

କଦମସରିଫ, ବାଲେଶ୍ୱର

ମୁର୍ଶିଦ କୁଲି ଖାଁ-୧ ଙ୍କ ଜାମାତା ସୁଜାଉଦ୍ଦିନ ମହମ୍ମଦ ଖାଁଙ୍କ ରାଜତ୍ୱ ସମୟରେ ବହୁସଂଖ୍ୟକ ମୁସଲମାନ କୀର୍ତ୍ତିସ୍ତମ୍ଭ ଗଢ଼ିଉଠିଥିଲା । ସେ ସ୍ଥାପତ୍ୟର ଜଣେ ଆଗ୍ରହୀ ପୃଷ୍ଠପୋଷକ ଥିଲେ । ତାଙ୍କ ପୁତ୍ର ତକୀ ଖାଁ ବାଲେଶ୍ୱର କଦମ ସରିଫର ପରିଚାଳନା ସକାଶେ ବହୁ ସମ୍ପତ୍ତି ଦାନ କରିଥିଲେ । ସେ କଦମ ସରିଫର ରମଣୀୟ ପ୍ରକାଣ୍ଡ ତୋରଣମାନ ନିର୍ମାଣ କରିଥିଲେ । ଦରଘା ମଧ୍ୟ ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ପରବର୍ତ୍ତୀ କାଳରେ ଏହାର ପୁନରୁଦ୍ଧାର କରାଯାଇଥିଲା । ମହମ୍ମଦ ତକୀ ଖାଁ ବାଲେଶ୍ୱର ସୁନହାଟ ପରଗଣାରେ ୩୦ ବାଟି ୧୨ ମାଣ ପର୍ଯ୍ୟନ୍ତ ଜମି ଦାନ କରିଥିଲେ । ଅମଲି ବର୍ଷ ୧୧ ୭ ବା ୧୭୨୯ ଖ୍ରୀଷ୍ଟାବ୍ଦରେ ଏହିସବୁ ଅନୁଦାନ ମଞ୍ଜୁର କରାଯାଇଥିଲା ।

ସଂକ୍ଷେପରେ କହିଲେ, ଓଡ଼ିଶାର କୀର୍ତ୍ତିସ୍ତମ୍ଭଗୁଡ଼ିକ ଅସାଧାରଣ କଳା କୌଶଳ ଅଧିକାରୀ ନ ହୋଇପାରେ କିମ୍ବା ଉତ୍ତର-ଭାରତରେ ଅବସ୍ଥିତ ଅନେକ କୀର୍ତ୍ତିସ୍ତମ୍ଭ ସହିତ ତୁଳନୀୟ ହୋଇ ନ ପାରେ; ତଥାପି ବାଲୁବଜାରସ୍ଥ ଜୁମା ମସ୍‌ଜିଦ୍ ଭଳି ମସ୍‌ଜିଦ୍ ଓଡ଼ିଶାରେ ମୁସଲମାନ କୀର୍ତ୍ତିସ୍ତମ୍ଭର ଏକ ଶ୍ରେଷ୍ଠକୃତୀ ବୋଲି ବିବେଚନା କରାଯାଇପାରେ । ସୌନ୍ଦର୍ଯ୍ୟ ଓ ବିଶାଳତା ଦୃଷ୍ଟିରୁ ଏହା ଅଦ୍ୱିତୀୟ ଏବଂ ସ୍ଥାପତ୍ୟର ପୃଷ୍ଠପୋଷକତା କରିବା ଓ ସ୍ଥାପତ୍ୟିକ ପରମ୍ପରା ତଥା କୌଶଳକୁ ଅକ୍ଷତ ରଖିବା ପାଇଁ ପ୍ରାଦେଶିକ ମୁସଲମାନ ଗଭର୍ଣ୍ଣରମାନେ ପ୍ରକାଶ କରିଥିବା ଆଗ୍ରହର ସୂଚନା ଏଥିରୁ ପରିଲକ୍ଷିତ ହୁଏ । ମୁସଲମାନ ରାଜତ୍ୱ ଅତୀତର ଘଟଣା ହୋଇଯାଇଥିଲେ ହେଁ ସେମାନଙ୍କର ସ୍ଥାପତ୍ୟିକ ଅବଦାନ କମ୍ ନୁହେଁ । ଏହିସବୁ କୀର୍ତ୍ତିସ୍ତମ୍ଭ ନିର୍ମାଣ କରି ସେମାନେ ଭାରତୀୟ ସଂସ୍କୃତିର ମହାସ୍ରୋତକୁ ସମୃଦ୍ଧିଶାଳୀ କରିଯାଇ ଅଛନ୍ତି ।

Digitized by PPRACHIN, SOA

ଏକାଦଶ ଅଧ୍ୟାୟ

ଚିତ୍ରକଳା

ପ୍ରାକ୍ ମୁସଲମାନ ଶାସନ କାଳରେ ମନ୍ଦିର ଗାତ୍ରମାନଙ୍କରେ କଳାପୂର୍ଣ୍ଣ ଭାସ୍କର୍ଯ୍ୟକୁ ବିଶେଷ ଭାବରେ ପ୍ରୋତ୍ସାହିତ କରଯାଉଥିଲା । ଶାସନ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ମନ୍ଦିର ଗାତ୍ରରେ ଚିତ୍ରାଦି ଖୋଦନ କରଇ ଏହାର ଶୋଭାବର୍ଦ୍ଧନ କରୁଥିଲେ । ଧନୀ ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ମଧ୍ୟ ସେମାନଙ୍କର ବାସଗୃହକୁ ବିଭିନ୍ନ ପ୍ରକାର ଅଙ୍କନରେ ଚିତ୍ରିତ କରଉଥିଲେ । ଏତଦ୍‌ବ୍ୟତୀତ ଏହି ସମୟରେ ତାଳପତ୍ର ଉପରେ କରଯାଉଥିବା ପଟ୍ଟ ଚିତ୍ରକଳା ଓ କପଡ଼ା ଉପରେ କରଯାଉଥିବା ପାରମ୍ପାରିକ ଚିତ୍ର ବେଶ୍ ଲୋକପ୍ରିୟ ଥିଲା ।

ଓଡ଼ିଶାରେ କାଗଜ ଉପରେ ଚିତ୍ରାଙ୍କନ କଳାର ପ୍ରକୃତ ପ୍ରସାର କେବଳ ମୁସଲମାନ ଶାସନ କାଳ ଓ ପରବର୍ତ୍ତୀ କାଳରେ ହିଁ ଘଟିଥିଲା । ଗୁରୁତ୍ୱପୂର୍ଣ୍ଣ ତଥ୍ୟାବଳୀ ଓ ହିସାବ କିତାବକୁ ତାଳପତ୍ରରେ ଲିପିବଦ୍ଧ କରିବା ପାଇଁ ବା ଅନ୍ୟାନ୍ୟ କୌଣସି ଜରୁରୀ ସରକାରୀ କାର୍ଯ୍ୟୋପଲକ୍ଷେ ତାଳପତ୍ର ବ୍ୟବହାର କରିବା ପାଇଁ ମୁସଲମାନ ପସନ୍ଦ କରୁ ନ ଥିଲେ । ତାଳପତ୍ର ପରିବର୍ତ୍ତେ ସେମାନେ ତେଣୁ, ଏ ସମସ୍ତ କାର୍ଯ୍ୟରେ କାଗଜର ବ୍ୟବହାରକୁ ପ୍ରଚଳନ କରଇଥିଲେ । କେତେକ ଓଡ଼ିଆ ଶିଳ୍ପୀ ଏଥିରେ ପ୍ରଭାବିତ ହୋଇ ଚିତ୍ରାଙ୍କନ ନିମନ୍ତେ କାଗଜ ବ୍ୟବହାର କଲେ । ଏବଂବିଧ ଚିତ୍ରାଙ୍କନର କେତେକ ନମୁନା ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଠାରେ ସଂରକ୍ଷିତ ହୋଇ ରହିଛି । ପୌରାଣିକ ପଛଭୂମିରେ ଅଙ୍କିତ ଏହିସବୁ ଚିତ୍ରାଙ୍କନଗୁଡ଼ିକ ମଥୁରା ଓ ଗୋପପୁରରେ ଶ୍ରୀକୃଷ୍ଣଙ୍କ ଲୀଳାବର୍ଣ୍ଣନା ଉପରେ ପର୍ଯ୍ୟବସିତ । ଏଥିରେ ରୂପାୟିତ ନରନାରୀ, ବୃକ୍ଷଲତା ଓ ପ୍ରାକୃତିକ ଦୃଶ୍ୟରାଜି ଅତ୍ୟନ୍ତ ଚିତ୍ତାକର୍ଷକ । କିନ୍ତୁ ବୈଚିତ୍ର୍ୟର ବିଷୟ ଏହି ଯେ, ଏ ସମସ୍ତ ଅଙ୍କନାବଳୀ ମଧ୍ୟରୁ କେତେକରେ ନରନାରୀମାନେ ମୋଗଲମାନଙ୍କ ପରି ପରିଚ୍ଛଦ ପରିଧାନ କରିଥିବା ଦେଖାଯାଏ । ଓଡ଼ିଶାର ଚିତ୍ରକଳା ଉପରେ ମୁସଲମାନ–ପ୍ରଭାବର ପ୍ରାମାଣିକତା ଏଥିରୁ ବୁଝିହୁଏ ।

ଓଡ଼ିଶା ମ୍ୟୁଜିୟମରେ ସଂଗୃହୀତ ହୋଇଥିବା କେତେକ ଚିତ୍ରାବଳୀରେ ଶିବ ବିବାହ, କୃଷ୍ଣଲୀଳା ଓ ଦରବାର ପରିବେଶର ଅଙ୍କନ ଅତ୍ୟନ୍ତ ମନୋଜ୍ଞ ହୋଇଥିବା ପର୍ଯ୍ୟବେକ୍ଷଣୀୟ ।

Digitized by PPRACHIN, SOA

ଶିବ ବିବାହ ଚିତ୍ରରେ ଶିବଙ୍କର ଦକ୍ଷିଣ ହସ୍ତ ସହ ପାର୍ବତୀଙ୍କର ବାମହସ୍ତ ଏକତ୍ର ଗ୍ରଥିତ ଅବସ୍ଥାରେ ଥାଇ ଉଭୟ ବ୍ରହ୍ମା ଏବଂ ବିଷ୍ଣୁଙ୍କର ଉପସ୍ଥିତିରେ ମଙ୍ଗଳ ବୈବାହିକ ମନ୍ତ୍ର ସଙ୍କଳ୍ପ ହେଉଥିବାର ଦୃଶ୍ୟ ଓ ପାଖରେ ଅର୍ଘ୍ୟପାତ୍ର ହସ୍ତରେ ପାର୍ବତୀଙ୍କର ମା' ଦଣ୍ଡାୟମାନ ରହିଥିବାର ଦୃଶ୍ୟରୁ ତାତ୍କାଳିକ ବିଗ୍ରହରେ ବୈବାହିକ ଉତ୍ସବର ପରିବେଶ ସମ୍ପର୍କରେ ଧାରଣା କରିହୁଏ ।

ଅନ୍ୟତ୍ର, କୃଷ୍ଣଲୀଳା ଚିତ୍ରରେ ରାକ୍ଷସତ୍ରୟଙ୍କ ସହ ଶ୍ରୀକୃଷ୍ଣଙ୍କର ସମରର ଦୃଶ୍ୟ ଦେଖିବାକୁ ମିଳେ । ଗୋଟିଏ ଦୃଶ୍ୟରେ କୃଷ୍ଣ ବକାସୁରର ତଣ୍ଟିଚିପି ଧରି ତାହାର ପାଟି ଭିତରକୁ ଏକ ବଡ଼ ବାଡ଼ି ଭର୍ତ୍ତି କରି ଦେଉଛନ୍ତି । ଅନ୍ୟ ଦୃଶ୍ୟରେ ଷଣ୍ଢାସୁରର ମୁଣ୍ଡକୁ ଦୁଇହାତରେ ଆୟତ୍ତ କରି ତା ସହ ଯୁଦ୍ଧ କରୁଛନ୍ତି, ବା ଆଉ କେଉଁ ଦୃଶ୍ୟରେ ଅଘାସୁରର ପାଟିରେ ନିଜ ବାମ ହାତକୁ ଭର୍ତ୍ତିକରି ଅନ୍ୟ ହାତରେ ମୁଷ୍ଟି ପ୍ରହାର କରୁଛନ୍ତି । କୃଷ୍ଣ ରାକ୍ଷସମାନଙ୍କ ସହ ଯୁଦ୍ଧ କରୁଥିବାବେଳେ ଧେନୁପଲ ମୁଣ୍ଡ ଉଠାଇ ସଜାଗ ଭାବରେ ଅନ୍ୟ ଦିଗକୁ ଚାହିଁ ରହିଥିବାର ଦୃଶ୍ୟ ଅତ୍ୟନ୍ତ ମନୋଜ୍ଞ ମନେହୁଏ ।

ଦରବାର ପରିବେଶ ଚିତ୍ରରେ ରାଜାଙ୍କ ସିଂହାସନର ପଶ୍ଚାତଭାଗରେ ଜଣେ ଛତ୍ରଧାରୀ ସେବକ ଦଣ୍ଡାୟମାନ ଥିବା ଦେଖାଯାଏ । ରାଜା ନିଜ ଆସନରେ ଉପବିଷ୍ଟ ଥାଇ ସମ୍ମୁଖସ୍ଥ ସଭାସଦବର୍ଗଙ୍କୁ କ'ଣ ନିର୍ଦ୍ଦେଶ ଦେଉଥିବା ଦୃଶ୍ୟ ଦେଖିବାକୁ ମିଳେ । ସର୍ବୋପରି ଦରବାରରେ ଉପସ୍ଥିତ ସାମନ୍ତମାନଙ୍କ ମଧ୍ୟରୁ କେତେକ ଓ ନିଜେ ରାଜା ମୋଗଲମାନଙ୍କ ଭଳି ପୋଷାକ ପରିଧାନ କରିଥିବା ଦେଖାଯାଏ । ଏଥିରୁ ତତ୍କାଳୀନ ଚିତ୍ରକଳା ଉପରେ ମୁସଲମାନ ଶାସନର ପ୍ରଭାବ ସହଜରେ ଅନୁମେୟ ।

ଓଡ଼ିଶୀ ଚିତ୍ରକଳାର ଐତିହାସିକ ସଂଗ୍ରହସବୁ ମଧ୍ୟରେ ବହୁ ଅଧିକ ସଂଖ୍ୟକ ଚିତ୍ରିତ ତାଳପତ୍ର ପୋଥି ଦେଖିବାକୁ ମିଳେ । ତାଳପତ୍ର ଉପରେ ସୁନ୍ଦର ଭାବରେ ଚିତ୍ରାଙ୍କିତ ଏହିସବୁ ଅଙ୍କନ ମଧ୍ୟରୁ କେତେକ ସ୍ୱଳ୍ପରୁ ରୂପେ ରଙ୍ଗ ହୋଇଥିବାବେଳେ ଅନ୍ୟ କେତେକ ଆଦୌ ରଙ୍ଗ ହୋଇ ନାହିଁ । ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାର ଓ ପୁରୀସ୍ଥିତ ରଘୁନନ୍ଦନ ପାଠାଗାରରେ, ଏଥିରୁ ଅନେକ ସଂଗୃହୀତ ହୋଇ ରହିଅଛି । ଅଧୁନାତନ କାଳରେ ଚିତ୍ରିତ କରଯାଇଥିବା କେତେକ ପୋଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସଂଗ୍ରହାଳୟରେ ମଧ୍ୟ ରଖାଯାଇଛି ।

ଏକ ଲୌହନିର୍ମିତ 'ଲେଖନୀ' ସହାୟତାରେ ତାଳପତ୍ର ଉପରେ ଚିତ୍ରାଙ୍କନର ପରମ୍ପରା ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ବଳିଷ୍ଠ ନିଦର୍ଶନ । ପଟ୍ଟଚିତ୍ର ଭାବରେ ପ୍ରଖ୍ୟାତ ଏହି ଚିତ୍ରକଳା ବହୁ ପ୍ରାଚୀନ କାଳରୁ ଓଡ଼ିଶାର ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଅନୁସୃତ ହେଉଥିବା ଅନୁମାନ କରାଯାଏ । ମାତ୍ର ୧୭ଶ ଓ ୧୮ଶ ଶତାବ୍ଦୀ ବେଳକୁ ଏହା ପୂର୍ବାପେକ୍ଷା ଅଧିକ ଲୋକପ୍ରିୟ ଓ ବହୁଳ ପ୍ରସାରିତ ହୋଇଥିବାର ପ୍ରମାଣ ମିଳିଛି ।

Digitized by PPRACHIN, SOA

ତାଳପତ୍ର ଉପରେ ଅଙ୍କିତ ଚିତ୍ରାବଳୀ ବା ରେଖାଚିତ୍ର ସମୂହକୁ ସାଧାରଣତଃ ଓଡ଼ିଆରେ ଗଦ୍ୟ ବା ପଦ୍ୟାକାରରେ ବୁଝାଇ ଦିଆଯାଇଛି । ଅନ୍ୟ କେତେକ ପଟ୍ଟଚିତ୍ରର ନିମ୍ନଭାଗରେ ଥିବା ପରିଚୟ ବର୍ଣ୍ଣନା ଓଡ଼ିଆଲିପି ଅଥଚ ସଂସ୍କୃତ ଭାଷାରେ ଲେଖାଯାଇ-ଥିବା ଦେଖିବାକୁ ମିଳେ । ଏଥିରୁ ଜଣାଯାଏ ଯେ, ଓଡ଼ିଆ କାବ୍ୟ ସାହିତ୍ୟର ପୂର୍ଣ୍ଣବିକାଶ ସାଧିତ ହେବା ପୂର୍ବରୁ ମଧ୍ୟ ଓଡ଼ିଆ ଚିତ୍ରଶିଳ୍ପୀଗଣ ସଂସ୍କୃତ କାବ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ କାହାଣୀ ଓ ଘଟଣାଗୁଡ଼ିକ ତାଳପତ୍ର ଉପରେ ଚିତ୍ରାୟିତ କରିବାରେ ବେଶ୍ ପାରଙ୍ଗମତା ଦେଖାଉଥିଲେ ।

୧୭ଶ ଶତାବ୍ଦୀବେଳକୁ ଯେତେବେଳେ କି ସଂସ୍କୃତ ସାହିତ୍ୟର ଅନୁସରଣରେ ଓଡ଼ିଆ ଭାଷା ଓ ସାହିତ୍ୟ ବେଶ୍ ସମୃଦ୍ଧ ହୋଇ ସାରିଥିଲା—ଓଡ଼ିଆ ଚିତ୍ରଶିଳ୍ପୀଗଣଙ୍କ ପକ୍ଷରେ ଏସବୁ କାବ୍ୟାଦିର କାହାଣୀ ଓ ଘଟଣାଚୟକୁ ପଟ୍ଟଭୂମି କରି ଚିତ୍ରାଙ୍କନ କରିବା ଅଧିକ ସୁଗମ ହୋଇଥିବା ଏବଂ ତେଣୁ ବୋଧହୁଏ, ଏହି ସମୟକାଳ ମଧ୍ୟରେ ବହୁ ଅଧିକ ସଂଖ୍ୟକ ପଟ୍ଟଚିତ୍ର ଅଙ୍କନ କରାଯାଇଥିବା ସହଜରେ ଅନୁମେୟ । ସଂଗ୍ରହାଳୟ ଓ ଗ୍ରନ୍ଥାଗାରମାନଙ୍କରେ ସଂଗୃହୀତ ହୋଇ ରହିଥିବା ପଟ୍ଟଚିତ୍ରମାନଙ୍କ ମଧ୍ୟରେ ୧୭ଶ ଓ ୧୮ଶ ଶତାବ୍ଦୀର ପଟ୍ଟଚିତ୍ରର ସଂଖ୍ୟାଧିକ୍ୟ ଏହି କାରଣରୁ ସ୍ୱାଭାବିକ ଅଟେ ।

ପଟ୍ଟଚିତ୍ର ପ୍ରତି ଶିଳ୍ପୀମାନଙ୍କର ଆଗ୍ରହର ଅନ୍ୟ ଏକ କାରଣ ଥିଲା ରାଜକୀୟ ପୃଷ୍ଠପୋଷକତା । ପଟ୍ଟଚିତ୍ରଗୁଡ଼ିକ ରାଜା ଓ ସାମନ୍ତମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେଉଥିଲା, ଓ ସମ୍ପୃକ୍ତ ଶିଳ୍ପୀମାନଙ୍କୁ ସେମାନଙ୍କର କଳାନୈପୁଣ୍ୟ ପାଇଁ ପୁରସ୍କୃତ କରାଯାଉଥିଲା । ଫଳତଃ, ପଟ୍ଟଶିଳ୍ପୀ ନାମରେ ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ କ୍ରମଶଃ ଓଡ଼ିଶାର ବିଭିନ୍ନ ସ୍ଥାନ-ମାନଙ୍କରେ ଗଢି ଉଠିବାକୁ ଲାଗିଲେ । ପୁରୁଷାନୁକ୍ରମିକ ଭାବେ ସେମାନେ ଏହି ଚିତ୍ରକଳାରେ ସ୍ୱୀୟ ପାରଦର୍ଶିତା ବଜାୟ ରଖିପାରିଲେ ଓ କ୍ରମେ ଏହି ପଟ୍ଟଚିତ୍ର କଳା ଏକ ସୌଖୀନ ଶୈଳ୍ପିକ ଅଭ୍ୟାସ ବଦଳରେ ମୁଖ୍ୟତଃ ଜୀବିକାର୍ଜନର ଏକ ମାଧ୍ୟମରେ ପରିଣତ ହେଲା ।

ଓଡ଼ିଆ କାବ୍ୟ ସାହିତ୍ୟର ବିକାଶ ସହିତ ଓଡ଼ିଆ କବି ଓ ସାହିତ୍ୟିକଗଣ ମଧ୍ୟ ପଟ୍ଟଚିତ୍ରର ବ୍ୟାପକ ପ୍ରସାର ନିମନ୍ତେ ବିଶେଷ ଭାବରେ ସାହାଯ୍ୟକାରୀ ଭୂମିକା ଗ୍ରହଣ କରିଥିଲେ । ୧୭ଶ ଶତାବ୍ଦୀବେଳକୁ ଶିଳ୍ପୀମାନଙ୍କୁ ଆଉ ସଂସ୍କୃତ ମହାକାବ୍ୟମାନଙ୍କରୁ ଚିତ୍ରର କାହାଣୀ ନିର୍ବାଚନ କରିବା ଦରକାର ପଡ଼ିଲା ନାହିଁ । କାରଣ ସେତେବେଳକୁ ଏହିସବୁ ପୌରାଣିକ କିମ୍ବଦନ୍ତୀ ଓ କାହାଣୀମାନ ଅନୁଦିତ ବା ଅନୁସୃତ ହୋଇ କାବ୍ୟକବିତାକାରରେ ଓଡ଼ିଆ ସାହିତ୍ୟର ଅନ୍ତର୍ଭୁକ୍ତ ହୋଇସାରିଥିବାରୁ ପଟ୍ଟଚିତ୍ରର କାହାଣୀ ନିର୍ଣ୍ଣୟ କାର୍ଯ୍ୟ ଅତ୍ୟନ୍ତ ସରଳ ହୋଇ ପଡ଼ିଥିଲା ।

Digitized by PPRACHIN, SOA

ଏସବୁ କାବ୍ୟ କବିତାବଳୀର କାହାଣୀଗୁଡ଼ିକ ପଟ୍ଟଚିତ୍ର ମାଧ୍ୟମରେ ସାଧାରଣ ଲୋକଙ୍କୁ ବିଶେଷ ଭାବରେ ଆକୃଷ୍ଟ କରୁଥିଲା । ପ୍ରାୟ ପ୍ରତ୍ୟେକ ପଟ୍ଟଚିତ୍ର କୌଣସି ନା କୌଣସି କାବ୍ୟର କାହାଣୀ ଅନୁସରଣରେ ଅଙ୍କିତ ହୋଇଥିବାରୁ ପଟ୍ଟଶିଳ୍ପୀମାନଙ୍କ ଉପରେ ତତ୍କାଳୀନ କବିମାନଙ୍କର ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏପରିକି, କେତେକ କବି ସେମାନଙ୍କର କାବ୍ୟକୃତିର ବୈଶିଷ୍ଟ୍ୟ ପ୍ରଚାର କରିବା ପାଇଁ ପଟ୍ଟଚିତ୍ରକୁ ଏକ ମାଧ୍ୟମ ଭାବରେ ବ୍ୟବହାର କରୁଥିଲେ । ପଟ୍ଟଚିତ୍ରରେ କାହାଣୀର ଆକର୍ଷଣୀୟ ଆଭାଷ ପାଇ ସାଧାରଣ ଲୋକ ଓ କାବ୍ୟମୋଦୀ ପାଠକମାନେ ସମ୍ପୃକ୍ତ କାବ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ହୁଏତ କବିମାନେ ମନେକରୁଥିଲେ । କାବ୍ୟ କବିତାର କାହାଣୀକୁ ପଟ୍ଟଚିତ୍ରାୟିତ କରି ଶିଳ୍ପୀଗଣ ସାଧାରଣ ଲୋକଙ୍କ ମନରେ ଶଂସିତ କାହାଣୀ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ଅବବୋଧ ଓ ଆଗ୍ରହ ସୃଷ୍ଟି କରିପାରିଥିଲେ : ଏଥିରେ ସନ୍ଦେହ ନାହିଁ ।

ଜଗନ୍ନାଥ ଦାସଙ୍କ 'ଭାଗବତ', କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ 'ବୈଦେହୀଶ ବିଳାସ' 'ଲାବଣ୍ୟବତୀ' 'ଚିତ୍ରକାବ୍ୟବନ୍ଧୋଦୟ' 'ଦଶପୋଇ' 'ରସିକ ହାରବଳୀ', ଲୋକନାଥ ଦାସଙ୍କ 'ସର୍ବାଙ୍ଗ ସୁନ୍ଦରୀ', ଶିଶୁଶଙ୍କରଙ୍କ 'ଉଷାଭିଳାସ', ଗୋପାଳ ତେଲେଙ୍ଗାଙ୍କ 'ଆଧ୍ୟାତ୍ମ ରାମାୟଣ', ରୂପକ ଗୋସ୍ୱାମୀଙ୍କ 'ବିଦଗ୍ଧମାଧବ' ଏବଂ ଦୀନକୃଷ୍ଣ ଦାସଙ୍କ 'ରସବିନୋଦ' 'ରସକଲ୍ଲୋଳ' ଓ ଆର୍ତ୍ତତ୍ରାଣ ଚଉତିଶା ଆଦି ବହୁ କାବ୍ୟାକୃତିରୁ 'ପଟ୍ଟଶିଳ୍ପୀମାନେ ସେମାନଙ୍କ ଚିତ୍ରର ବିଷୟ ନିର୍ବାଚନ କରିଛନ୍ତି । ଏତଦ୍‌ବ୍ୟତୀତ 'ରାମଲୀଳା' 'କୃଷ୍ଣଲୀଳା' ଓ 'ରାସଲୀଳା'ର କାହାଣୀମାନ ମଧ୍ୟ ପଟ୍ଟଚିତ୍ର ମାଧ୍ୟମରେ ଚିତ୍ରାୟିତ ହୋଇ ସାଧାରଣ ଲୋକଙ୍କର ଆଦର ଓ ପ୍ରଶଂସା ଭାଜନ ହୋଇ ପାରିଥିଲା ।

ସଂଗୃହୀତ ପଟ୍ଟଚିତ୍ରମାନଙ୍କ ମଧ୍ୟରେ ସବୁଠାରୁ ପ୍ରାଚୀନ ପଟ୍ଟଚିତ୍ରଟି ସପ୍ତଦଶ ଶତାବ୍ଦୀର ବୋଲି ଜଣାଯାଏ । ୧୬ଶ ଶତାବ୍ଦୀର କବି ଅମରୁଙ୍କ ଦ୍ୱାରା ରଚିତ ଏକଶତ ପଦାବଳୀ 'ଅମରୁ ଶତକ' ପୋଥିର ପ୍ରତ୍ୟେକ ପୃଷ୍ଠାର ଉଭୟ ପାର୍ଶ୍ୱରେ ଅତ୍ୟନ୍ତ ସୁନ୍ଦର ଚିତ୍ରମାନ ଅଙ୍କିତ ହୋଇଥିବା ଦେଖାଯାଏ । 'ଦଶାବତାର' ପଟ୍ଟଚିତ୍ର ଓଡ଼ିଶାରେ ବେଶ୍ ଲୋକପ୍ରିୟ ଓ ଏହା ବହୁସ୍ଥାନରେ ସଂଗୃହୀତ ହୋଇ ରହିଅଛି । ପଟ୍ଟଚିତ୍ରର ଏକ ଅନନ୍ୟ ନମୁନା ଭାବରେ 'ଗୀତଗୋବିନ୍ଦ' ପଟ୍ଟଚିତ୍ରାବଳୀକୁ ଗ୍ରହଣ କରାଯାଇପାରେ । ପଟ୍ଟଶିଳ୍ପୀର କଳାନୈପୁଣ୍ୟ ଯେଉଁଭଳି ଭାବରେ ଏଥିରେ ପ୍ରକଟିତ ହୋଇଛି ସେଥିରୁ ୧୭ଶ ଶତାବ୍ଦୀର ଚିତ୍ରକଳା ସମ୍ପର୍କରେ ଏକ ସ୍ପଷ୍ଟ ଧାରଣା କରିହୁଏ । ଓଡ଼ିଆ ପ୍ରତିମା ବିଦ୍ୟା (Iconography) ଉପରେ ପର୍ଯ୍ୟବସିତ ଏକ ପଟ୍ଟଚିତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାରରେ ସଂଗୃହୀତ ହୋଇଅଛି । ୧୭ଶ ଶତାବ୍ଦୀର ଏହି କଳାକୃତିଟି ମୁଖ୍ୟତଃ ହିନ୍ଦୁ ପୌରାଣିକ ଆଖ୍ୟାୟିକାଗୁଡ଼ିକର ମନୋଜ୍ଞ ପଟ୍ଟଚିତ୍ରାୟନ ।

Digitized by PPRACHIN, SOA

ତତ୍କାଳୀନ କାବ୍ୟ ସାହିତ୍ୟ ଭଳି ଏସବୁ ଚିତ୍ରକଳାରୁ ମଧ୍ୟ ସେ ସମୟର ଧର୍ମ ଧାରଣା ସମ୍ପର୍କରେ ଜାଣିହୁଏ । ଅନେକତ୍ର ଏହି ଚିତ୍ରମାନଙ୍କରେ ବିଷ୍ଣୁ ଓ ବୈଷ୍ଣବଧର୍ମ ସମ୍ବନ୍ଧ ଓ କାହାଣୀ ଘଟଣାମାନ ଅଙ୍କିତ ହୋଇଥିଲେ ସୁଦ୍ଧା ଅନ୍ୟତ୍ର କେତେକ ଚିତ୍ରରେ ଶିଳ୍ପୀମାନେ ଶୈବପୂଜା, ରାମପୂଜା ଓ ଶ୍ରୀଜଗନ୍ନାଥ ଉପାସନା ଉପରେ ଆଧାରିତ ଚିତ୍ରମାନ ଅଙ୍କନ କରିଥିବା ଦେଖାଯାଏ । ଶିବପାର୍ବତୀଙ୍କ ବିବାହ ଉତ୍ସବରେ ବ୍ରହ୍ମା ଓ ବିଷ୍ଣୁଙ୍କର ଉପସ୍ଥିତି ଦେବତା ଭାବରେ ଶିବଙ୍କର ମହତ୍ତ୍ୱ ପ୍ରତିପାଦନ କରାଏ । ଉତ୍କଳ ବିଶ୍ୱବିଦ୍ୟାଳୟରେ ସଂଗୃହୀତ ହୋଇଥିବା ଗୋଟିଏ ପଟ୍ଟଚିତ୍ରରେ ବାଣାସୁରର ଶିବ ଉପାସନା ଓ ଶିବଙ୍କର ବିଭିନ୍ନ ମୁଦ୍ରାର ଅଙ୍କନରୁ ପ୍ରମାଣ ମିଳେ ଯେ, ବିଷ୍ଣୁ ଉପାସନା ପରି ଶିବ ଉପାସନା ମଧ୍ୟ ପଟ୍ଟଶିଳ୍ପୀଙ୍କୁ ପ୍ରଭାବିତ କରିଥିଲା ।

ଗୋପାଳ ତେଲେଙ୍ଗା କୃତ 'ଆଧ୍ୟାତ୍ମ ରାମାୟଣ'ରୁ ମିଳିଥିବା ପଟ୍ଟଚିତ୍ରମାନଙ୍କରେ ରାବଣ ସହ ସଂଗ୍ରାମ ପାଇଁ ରାମଙ୍କ ସେତୁବନ୍ଧ ନିର୍ମାଣ, ଭରତଙ୍କ ଦ୍ୱାରା ରାମଙ୍କ ପାଦୁକାପୂଜା ଓ ତାଡ଼କୀ ନିଧନ ପାଇଁ ବିଶ୍ୱାମିତ୍ରଙ୍କ ସହ ରାମଲକ୍ଷ୍ମଣଙ୍କ ଅରଣ୍ୟ ଯାତ୍ରା ଇତ୍ୟାଦି ଦୃଶ୍ୟରେ ରାମଚନ୍ଦ୍ରଙ୍କ ଚରିତ୍ରିକ ସମ୍ପର୍କରେ ସମ୍ୟକ୍ ଧାରଣା ପ୍ରଦାନ କରାଯାଇ ପାରିଛି ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ସଂଗୃହୀତ ହୋଇଥିବା 'ଦଶାବତାର' ପୋଥିରେ ରତ୍ନସିଂହାସନାରୂଢ଼ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଚିତ୍ରତ୍ରୟ ଅଙ୍କିତ ହୋଇଅଛି । ଆହୁରି ମଧ୍ୟ ଅନ୍ୟତ୍ର ଜଗନ୍ନାଥଙ୍କୁ ପତିତପାବନ ଭାବରେ ଅଙ୍କନ କରାଯାଇଛି ।

ଉପରୋକ୍ତ ସମସ୍ତ ବିଷୟର ପ୍ରାମାଣିକତା ଦୃଷ୍ଟିରୁ ତତ୍କାଳୀନ ଚିତ୍ରକଳାର ବିଷୟ ଭୂମିକା "କେବଳ ବୈଷ୍ଣବ ସାହିତ୍ୟର ବିଷୟବସ୍ତୁ" ଉପରେ ପର୍ଯ୍ୟବସିତ ବୋଲି ଅଧ୍ୟାପକ ଓ. ସି. ଗାଙ୍ଗୁଲି ଦେଇଥିବା ମନ୍ତବ୍ୟ ତେଣୁ ସଠିକ୍ ନୁହେଁ ବୋଲି କୁହାଯାଇପାରେ । ଯଦିଚ ଶିଳ୍ପୀ ସର୍ବଦା ପୌରାଣିକ ସାହିତ୍ୟ ବା ଅନ୍ୟାନ୍ୟ ସାହିତ୍ୟରୁ ନିଜ ଚିତ୍ରର କାହାଣୀ ନିର୍ବାଚନ କରୁଥିଲେ, ତଥାପି ନିଜର ପ୍ରାକୃତିକ ପରିପାର୍ଶ୍ୱ ଓ ଦୃଶ୍ୟାବଳୀ ପ୍ରତି ସେ କଦାପି ବୀତସ୍ପୃହ ରହୁ ନ ଥିଲେ । ପଶୁପକ୍ଷୀ ଓ ମନୁଷ୍ୟାଦିର ଅଙ୍କନରେ ଶିଳ୍ପୀକୁଳ ଅନ୍ୟାନ୍ୟ ସାଧାରଣ କୃତବିଦ୍ୟତା ପ୍ରଦର୍ଶନ କରି ଯାଇଛନ୍ତି । ପଶୁପକ୍ଷୀ ଓ ଏପରିକି ମନୁଷ୍ୟମାନଙ୍କର ଚିତ୍ରାଙ୍କନଗୁଡ଼ିକ ସେମାନଙ୍କର ଅନୁଭବ ଓ ଆବେଗର ଏକ ଏକ ଅନିର୍ବଚନୀୟ ଶୈଳ୍ପିକ ରୂପାନ୍ତର ମନେ ହୁଅନ୍ତି ।

ରୁକ୍ମଣୀ ବିବାହ ଉପରେ ଥିବା ପଟ୍ଟଚିତ୍ରରେ ରୁକ୍ମଣୀ ରଥ ମଧ୍ୟରେ ବସିଥିବାର ଦୃଶ୍ୟ ଓ ଶ୍ରୀକୃଷ୍ଣ ଶତ୍ରୁମାନଙ୍କ ସହ ଯୁଦ୍ଧ କରୁଥିବାର ଦୃଶ୍ୟ ଅତୀବ ଚମତ୍କାର । ଏହି ପଟ୍ଟଚିତ୍ରରେ ଶ୍ରୀକୃଷ୍ଣ ଓ ରୁକ୍ମଣୀଙ୍କର ପଳାୟନର କାହାଣୀ ଅପେକ୍ଷା ବରଂ ସମର ସମ୍ବେଗର ଚିତ୍ରାୟିତ ରୂପ ଅଧିକ ଗୁରୁତ୍ୱପୂର୍ଣ୍ଣ । ଆଗଗୋଡ଼ଦ୍ୱୟକୁ ଟେକି ଶତ୍ରୁ ଉପରକୁ ଲମ୍ଫ ଦେବାର

Digitized by PPRACHIN, SOA

ମୁଦ୍ରାରେ ଅଙ୍କିତ ହୋଇଥିବା ଅଶ୍ୱମାନ ଓ ଅଶ୍ୱପୃଷ୍ଠରେ ଆସୀନ ଅଶ୍ୱାରୋହୀମାନଙ୍କର ଚିତ୍ର ବିରତ୍ୱବ୍ୟଞ୍ଜକ ମୁଦ୍ରାର ବ୍ୟଞ୍ଜନ । ବାସ୍ତବିକ, ଅସାଧାରଣ, ଯାହାକି କେବଳ କୋଣାର୍କ ମନ୍ଦିରର ଅଶ୍ୱମାନଙ୍କ ସହ ତୁଳନୀୟ ହୋଇପାରେ । ସେହିଭଳି ସମରାଙ୍ଗନରେ ଆଗକୁ ମାଡ଼ି ଗ୍ଲୁଥିବା କରୀବଳମାନଙ୍କର ଚିତ୍ର ମଧ୍ୟ ଅତ୍ୟନ୍ତ ଚମତ୍କାର । ଲୌହନିର୍ମିତ ଖଣ୍ଡେ ଲେଖନୀ ସାହାଯ୍ୟରେ ତାଳପତ୍ର ଉପରେ ଚିତ୍ରମାନଙ୍କୁ ଏଭଳି ଭାବରେ ଜୀବନ୍ତ କରି ଆଙ୍କିବା ଭିତରେ ଏ ସମୟର ଶିଳ୍ପୀମାନେ ନିଜ ନିଜର କଳାକୌଶଳ ଓ କୃତବିଦ୍ୟତାର ଯେଉଁ ଯେଉଁ ପରାକାଷ୍ଠା ଦେଖାଇ ଯାଇଛନ୍ତି ତାହା ଲକ୍ଷ୍ୟ କଲେ ଯେ କେହି ପର୍ଯ୍ୟବେକ୍ଷକ ବିସ୍ମୟାଭିଭୂତ ହୋଇ ପଡ଼ିବ ।

ଶିବ ପାର୍ବତୀ ବିବାହ ପଟ୍ଟଚିତ୍ରରେ ବରକନ୍ୟାଙ୍କୁ ରଥରେ ବସାଇ ଘେନିଯିବା ପାଇଁ ଅପେକ୍ଷମାଣ ବିଶ୍ୱକର୍ମାଙ୍କୁ ଦେଖିବାକୁ ମିଳେ । ଚିତ୍ରର ପ୍ରଚ୍ଛଦପଟ୍ଟରେ ଅଙ୍କିତ ଦୃଶ୍ୟାବଳୀ ଅତ୍ୟନ୍ତ ହୃଦୟଗ୍ରାହୀ । ଲେଖନୀ ମୁନରେ ଅଙ୍କିତ ତରଙ୍ଗିତ ଜଳାଶୟ ଓ ତହିଁରେ ସନ୍ତରଣ କରୁଥିବା ମତ୍ସ୍ୟାଦି ଜଳଚର ପ୍ରାଣୀ, ଉର୍ଦ୍ଧ୍ୱରେ ଉଡ୍ଡୀୟମାନ ମାଛରଙ୍କା ଆଦି ପକ୍ଷୀ ଶ୍ରେଣୀ ବିଶେଷ ଓ ସର୍ବୋପରି ଏହି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି ଜଳାଶୟ ଦିଗକୁ ଅଗ୍ରସର ହେଉଥିବା ମୁଗ୍ଧ ମନୁଷ୍ୟଯୁଗଳର ଚିତ୍ର ବାସ୍ତବିକ ମନୋଜ୍ଞ । ଉନ୍ନତ ଧରଣର ଅଙ୍କନ ସାମଗ୍ରୀ ଓ ବହୁବିଧ ରଙ୍ଗର ସହାୟତାରେ ଚିତ୍ରାଙ୍କନ କରୁଥିବା ସାମ୍ପ୍ରତିକ କାଳର ଆଧୁନିକ ଚିତ୍ରଶିଳ୍ପୀ ପକ୍ଷରେ ଏଭଳି ଚିତ୍ରଟିଏ ଅଙ୍କନ କରିବା ହୁଏତ ଆଦୌ ଆୟସସାଧ୍ୟ ନ ହୋଇ ପାରିଥାଏ; ମାତ୍ର ତାତ୍କାଳିକ ବିଗ୍ରରରେ ତାଳପତ୍ର ଉପରେ ମଧ୍ୟଯୁଗୀୟ ଶିଳ୍ପୀ ଏଭଳି ଭାବବ୍ୟଞ୍ଜକ ଚିତ୍ରଟିଏ ଅଙ୍କନ କରିଥିବା ବିଷୟ ଯେ ସେମାନଙ୍କର କଳାଗତ ଉତ୍କର୍ଷ ପ୍ରତିପାଦନ କରେ—ଏଥିରେ ସନ୍ଦେହ ନାହିଁ ।

'କୃଷ୍ଣଲୀଳା' ପୋଥିରେ କାଳୀୟଦଳନ ଦୃଶ୍ୟ ଚିତ୍ରିତ ହୋଇଥିବା ଦେଖାଯାଏ । ଏହି ପଟ୍ଟଚିତ୍ରରେ ଥିବା ପ୍ରାକୃତିକ ଦୃଶ୍ୟର ଅଙ୍କନରେ ଶିଳ୍ପୀର ପ୍ରକୃତି ପ୍ରବଣତା ସମ୍ପର୍କରେ ଧାରଣା କରିହୁଏ । ନାନାଦି ବୃକ୍ଷଲତା, ହରିଣ, ମୃଗ, ମୟୂର, ଗୋଧନ ଓ କ୍ରୀଡ଼ାରତ ଗୋପାଳ ବାଳକଗଣଙ୍କର ଚିତ୍ର ଏଥିରେ ରହିଛି ।

ଅନ୍ୟ ଏକ ପୋଥିରେ ଯମୁନା ନଦୀ ତଟରେ ଅବସ୍ଥିତ ବୃନ୍ଦାବନର ଚିତ୍ରାୟିତ ବର୍ଣ୍ଣନା ଦେଖିବାକୁ ମିଳେ । ଏହି ଚିତ୍ରରେ ବୃନ୍ଦାବନ ପୁଷ୍ପରାଜିରେ ବିମଣ୍ଡିତ ଓ ଏଠାରେ ମୃଗ, ହସ୍ତୀ, ହରିଣ ଓ ମୟୂରାଦି ପ୍ରାଣୀସକଳ ବିଚରଣ କରୁଥିବାର ଦୃଶ୍ୟ ରହିଛି । ଏହି ପଟ୍ଟଚିତ୍ରରେ ଅଙ୍କିତ କେତେକ ପ୍ରାଣୀ ଦୂରକୁ ମୟୂର ଭଳି ଦିଶୁଥିବା ବେଳେ ନିକଟରୁ ନିରୀକ୍ଷଣ କଲେ ତାହା ହସ୍ତୀ ବୋଲି ଜଣାପଡ଼େ ।

Digitized by PPRACHIN, SOA

ପ୍ରେମ, ପ୍ରଣୟ ଓ ବିବାହ ଉତ୍ସବାଦି ପଟ୍ଟଚିତ୍ରରୁ ତତ୍କାଳୀନ ସମାଜ ବ୍ୟବସ୍ଥା ସମ୍ପର୍କରେ ଧାରଣା କରିହୁଏ । ପଟ୍ଟଶିଳ୍ପୀମାନଙ୍କ ଦ୍ୱାରା କରଯାଇଥିବା ଅଙ୍କନରୁ ସେମାନଙ୍କର ସଫଳ କଳା ନୈପୁଣ୍ୟର ଉଚ୍ଚମାନ ସମ୍ବନ୍ଧରେ ଜାଣିହୁଏ । ଚିତ୍ରକୃତ ନରନାରୀମାନଙ୍କର ଦୃଷ୍ଟିରେ ଓ ମୁଖମଣ୍ଡଳରେ ଅନ୍ତର୍ଗତ ଅନୁଭବ ଓ ଆବେଗର ନିଖୁଣ ଚିତ୍ରାୟନରୁ ତାହା ପ୍ରମାଣିତ ହୁଏ ।

କବିର କାବ୍ୟକୃତିମାନଙ୍କରୁ କାହାଣୀ ସଂଗ୍ରହ କରି ତାଳପତ୍ର ଉପରେ ତାହାକୁ ଚିତ୍ରାକାରରେ ପୁନର୍ଲିଖିତ କରିବାରେ ତତ୍କାଳୀନ ଶିଳ୍ପୀଗଣ ଯେଉଁ ସାଫଲ୍ୟ ଅର୍ଜନ କରିଛନ୍ତି ତାହା ସେମାନଙ୍କର ଗୌରବାବହ ଚିତ୍ରକଳାର ଉତ୍କର୍ଷ ପ୍ରତିପାଦନ କରେ । କହିଲେ ଅତିଶୟୋକ୍ତି ହେବ ନାହିଁ ଯେ ଏହି ଶିଳ୍ପୀଗଣଙ୍କର କଳାପାଟବତା କୋଣାର୍କ ଯୁଗୀୟ ଭାସ୍କରମାନଙ୍କର କଳାପାଟବତାଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ।

ଏଠାରେ ଉଲ୍ଲେଖନୀୟ ଯେ, ମୁସଲମାନ ଶାସନ କାଳରେ ହିଁ ଓଡ଼ିଶାର ଚିତ୍ରକଳା ସ୍ୱୀୟ ସାଂସ୍କୃତିକ ସମୃଦ୍ଧି ଦିଗରେ ନିରଙ୍କୁଶ ଭାବରେ ଅଗ୍ରଗାମୀ ହେବାକୁ ଆରମ୍ଭ କରିଥିଲା । ଚିତ୍ରଶିଳ୍ପୀମାନଙ୍କୁ ସେମାନଙ୍କର ପାରମ୍ପାରିକ ପ୍ରଥା ଅନୁସରଣ କରିବାରେ ବା ବ୍ୟକ୍ତିଗତ ସ୍ୱତନ୍ତ୍ରତା ଉପଭୋଗ କରିବାରେ ଶାସକ କର୍ତ୍ତୃପକ୍ଷ ପ୍ରତିବନ୍ଧକ ସୃଷ୍ଟି କରୁ ନ ଥିଲେ ବା ଚିତ୍ରାଙ୍କନରେ ଶିଳ୍ପୀର ସ୍ୱାଧୀନତା ଉପରେ କେହି କେବେ ହସ୍ତକ୍ଷେପ କରୁ ନ ଥିଲେ ।

ଶେଷରେ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ଶିଳ୍ପୀଗଣ ପୌରାଣିକ ସାହିତ୍ୟରୁ ବିଷୟ ନିର୍ବାଚନ କରୁଥିଲେ ସୁଦ୍ଧା ନିଜର କଳାକୃତି ମଧ୍ୟରେ କେଉଁଠାରେ ହେଲେ ସମସାମୟିକତା ଓ ସାମାଜିକ ସଂସ୍କୃତି ପ୍ରତି ଔଦାସୀନତା ପ୍ରଦର୍ଶନ କରି ନାହାନ୍ତି ।

Digitized by PPRACHIN, SOA

ଦ୍ୱାଦଶ ଅଧ୍ୟାୟ

ସାମାଜିକ ଅବସ୍ଥା

ମଧ୍ୟଯୁଗୀୟ ଓଡ଼ିଶାର ସାମାଜିକ ଅବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ ସମସାମୟିକ ବିଦ୍ୱାନ ପଣ୍ଡିତମାନେ କେତେକ ଆଲୋକପାତ କରିଯାଇଛନ୍ତି । ଉଲ୍ଲେଖ କରଯାଇଛି ଯେ, "ଓଡ଼ିଶାର ଜଳବାୟୁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ । ବର୍ଷାଋତୁ ଆଠମାସ ପର୍ଯ୍ୟନ୍ତ ଲାଗିରହେ, ତିନିମାସ ଶୀତ ଓ ମାତ୍ର ମାସଟିଏ ଗରମ ଅନୁଭୂତ ହୁଏ ।"

ଓଡ଼ିଶାରେ ଫଳ ଓ ଫୁଲର ପ୍ରାଚୁର୍ଯ୍ୟ ଭରି ରହିଥିଲା । ବିଭିନ୍ନ ରଙ୍ଗ ଓ ଗନ୍ଧର ଫୁଲମାନଙ୍କ ମଧ୍ୟରେ ବିଶେଷତଃ ଗୁଲ୍-ଇ-ନସ୍ରିନ୍ ଏକ ଅତି ସୁନ୍ଦର ଓ ମଧୁର ସୁଗନ୍ଧିଯୁକ୍ତ ଫୁଲ ଥିଲା । ଏହାର "ଉପର ପାଖୁଡ଼ାର ରଙ୍ଗ ଧଳା ଓ ଭିତର ପାଖୁଡ଼ାର ରଙ୍ଗ ହଳଦୀ" ବର୍ଣ୍ଣଯୁକ୍ତ ଥିଲା । ବ୍ରୁଟନ ସାହେବ ତାଙ୍କର ପୁରୀ ଭ୍ରମଣ କାଳରେ ଉଲ୍ଲେଖ କରିଥିଲେ ଯେ ସେଠାରେ ସେ କେତେକ ବିରଳ ବର୍ଣ୍ଣଯୁକ୍ତ ସୁନ୍ଦର ଫୁଲ ଦେଖିବାକୁ ପାଇଥିଲେ । ଏଭଳି ଫୁଲ ସେ ପୂର୍ବରୁ "ଇଂଲଣ୍ଡ ବା ଅନ୍ୟ କେଉଁଠାରେ ହେଲେ ଦେଖି ନ ଥିବା" ବିଷୟ ପ୍ରକାଶ କରିଥିଲେ । ତାଙ୍କର ଉଲ୍ଲେଖାନୁଯାୟୀ ଆହୁରି ମଧ୍ୟ ଜଣାଯାଏ ଯେ ଭାରତର ଅନ୍ୟ ପ୍ରାନ୍ତ-ଗୁଡ଼ିକ ତୁଳନାରେ "ଏଠାରେ ବଣ୍ୟ ପ୍ରାଣୀଙ୍କ ସଂଖ୍ୟା ବହୁ ଅଧିକ" ଥିଲା । ଗାଈ ଗୋରୁ, ଓଟ, ସିଂହ, କୁକୁର ଓ ହାତୀମାନେ ଏଠାରେ ବହୁସଂଖ୍ୟାରେ ବାସ କରୁଥିଲେ । ଅନ୍ୟ ପଶୁମାନଙ୍କ ତୁଳନାରେ ହାତୀମାନଙ୍କର ସଂଖ୍ୟା ଥିଲା ଢ଼େର୍ ଅଧିକ । ଲୋକମାନେ ବହୁ ସଂଖ୍ୟାରେ ହାତୀ ଶିକାର କରୁଥିଲେ । ସେହିଭଳି, ବହୁସଂଖ୍ୟକ ଗଣ୍ଡାମାନଙ୍କର ବାସସ୍ଥଳୀ ଭାବରେ ଓଡ଼ିଶାର ଜଙ୍ଗଲଗୁଡ଼ିକ ପ୍ରସିଦ୍ଧ ଥିଲା । ଏଠାରେ ଏକଶିଙ୍ଗା ଜାତୀୟ ଏକପ୍ରକାର ପ୍ରାଣୀ ବାସ କରୁଥିଲା, ଯାହାର ଗୋଟିଏ ଖୁବ୍ ବଡ଼ ଶିଙ୍ଗ ଥିଲା ! "ଓଡ଼ିଶାରେ ସିଂହ ଭଳି ଭୟଙ୍କର ଏକପ୍ରକାର କୁକୁର" ଦେଖିବାକୁ ମିଳୁଥିଲା "ଯାହା ସହାୟତାରେ ଲୋକମାନେ ବଣ୍ୟ ପଶୁଙ୍କୁ ଘଉଡ଼ାଇବା ଓ ଶିକାର କରିବା" କାର୍ଯ୍ୟ କରୁଥିଲେ ।

ଲୋକେ "ଜଙ୍ଗଲ ଓ ପାହାଡ଼ମାନଙ୍କରେ ଛେଳି ପାଳୁଥିଲେ ।" ବିଭିନ୍ନ ପ୍ରକାରର ମେଣ୍ଢା ମଧ୍ୟ ପାଳନ କରଯାଉଥିଲା । ସେଗୁଡ଼ିକ ମଧ୍ୟରୁ କେତେକଙ୍କର "ଲମ୍ବା ଦେହ, ଛୋଟ କାନ ଓ ଛୋଟ ଲାଙ୍ଗୁଡ଼" ଥିଲା । "ମେଣ୍ଢାଗୁଡ଼ିକର ଶିଙ୍ଗ ମୁନିଆ ଓ ଲମ୍ବାରେ ଆଙ୍ଗୁଳେରୁ କମ୍" ଥିଲା ।

Digitized by PPRACHIN, SOA

ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଓଡ଼ିଶା ରାଜ୍ୟଟି ଥିଲା ଘଞ୍ଚ ଜଙ୍ଗଲ ଓ ପାହାଡ଼ପର୍ବତ ଭରା । ଏଠାରେ ଧାନ ଓ ବିଭିନ୍ନ ଡାଲିଜାତୀୟ ଶସ୍ୟ ଉତ୍ପାଦନ କରଯାଉଥିଲା । "ଏଠାରେ ଗହମ ଗ୍ରଷ" କରଯାଉ ନ ଥିଲା । "ଧାନ ଏଠିକାର ପ୍ରଧାନ ଫସଲ" ଭାବରେ ଗୃହୀତ ହେଉଥିଲା । "ଲୋକେ ଭାତ, ବାଇଗଣ, ମାଛ ଓ ଫଳମୂଳ ଖାଉଥିଲେ । ଭାତକୁ ରନ୍ଧିସାରି, ପାଣିରେ ପଖାଳି" ଦିଆଯାଉଥିଲା ଓ ଏହି ପଖାଳ ଭାତକୁ "ପରଦିନ ଖିଆଯାଉଥିଲା ।"

ବିଭିନ୍ନ ପ୍ରକାରର ବହୁ ପାନବରଜମାନ ଦୃଷ୍ଟିଗୋଚର ହେଉଥିଲା ଓ ଲୋକେ ପାନ ଖାଉଥିଲେ । ଲୋକମାନେ ଅଧିକାଂଶତଃ କୁଡ଼ିଆ ଘରେ ରହୁଥିଲେ । ଅନେକେ ଦେହରେ "ଚନ୍ଦନ ବୋଳି ହେଉଥିଲେ ଓ ସ୍ତ୍ରୀଲୋକମାନଙ୍କ ଭଳି ସୁନାଗହଣା ପିନ୍ଧୁଥିଲେ ।"

ଓଡ଼ିଶାର ରଜାଗଣ ଓ ମୁସଲମାନ ପ୍ରଶାସକମାନେ ଆଗନ୍ତୁକ ଅଭ୍ୟାଗତମାନଙ୍କ ପ୍ରତି ଅତ୍ୟନ୍ତ ବନ୍ଧୁଭାବାପନ୍ନ ଥିଲେ । ନିଜର ଅତିଥି ପରାୟଣତା ନିମନ୍ତେ ସେମାନଙ୍କର ଯଥେଷ୍ଟ ସୁଖ୍ୟାତି ଥିଲା । ଓଡ଼ିଶାର ରଜାଙ୍କୁ "ଅଭ୍ୟାଗତମାନଙ୍କର ପରମ ବନ୍ଧୁ" ବୋଲି ଅଭିହିତ କରାଯାଉଥିଲା । ଅପରିଚିତ ଅଭ୍ୟାଗତମାନଙ୍କୁ କ୍ଷର କରାଇବା, ଧୁଆଧୋଇ କରାଇବା ଓ ସେମାନଙ୍କ ପୋଷାକ ପରିଚ୍ଛଦର ଯତ୍ନ ନେବା ପାଇଁ ନିଜ ରାଜକୋଷରୁ ଦରମା ଦେଇ ଜଣେ ନାପିତକୁ ସେ ନିଯୁକ୍ତ କରିଥିଲେ । ଅତିଥିଙ୍କ ରହିବା ପାଇଁ ଅତିଥିଶାଳାରେ ଗୋଟିଏ କୋଠରୀ ଯୋଗାଇ ଦିଆଯାଉଥିଲା ଓ ସେତେବେଳର ଚଳଣି ଅନୁଯାୟୀ ରାତ୍ରିଯାପନ କଲାପରେ ପରଦିନ ତାଙ୍କର ପରବର୍ତ୍ତୀ ଗନ୍ତବ୍ୟ ସ୍ଥାନକୁ ଯିବାସକାଶେ ଆବଶ୍ୟକ ଯାତାୟାତ ଖର୍ଚ୍ଚ ମଧ୍ୟ ଯୋଗାଇ ଦିଆଯାଉଥିଲା । ବହିରାଗତ ଅତିଥିମାନଙ୍କ ପ୍ରତି ସଖ୍ୟପୂର୍ଣ୍ଣ ସହୃଦୟତା ପ୍ରଦର୍ଶନ କରିବା ଦ୍ୱାରା ପରକାଳରେ ଈଶ୍ୱରଙ୍କ କରୁଣା ଓ ଆଶୀର୍ବାଦ ଲାଭ କରିହୁଏ ବୋଲି ସେତେବେଳେ ବିଶ୍ୱାସ କରାଯାଉଥିଲା ।

ଓଡ଼ିଶାର ରାଜାମାନଙ୍କ ଭଳି ମୋଗଲ ପ୍ରଶାସକଗଣ ମଧ୍ୟ ବିଦେଶୀ ଆଗନ୍ତୁକମାନଙ୍କ ପ୍ରତି ଅତ୍ୟନ୍ତ ସୌଜନ୍ୟପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ବ୍ରୁଟନ ସାହେବ ନିଜର ବନ୍ଧୁମାନଙ୍କ ଗହଣରେ ଯେତେବେଳେ କଟକରେ ଅବସ୍ଥାପିତ ମୋଗଲ ପ୍ରଶାସକଙ୍କୁ ଭେଟିଲେ, ସେ (ମୋଗଲ ପ୍ରଶାସକ) ତାଙ୍କୁ (ବ୍ରୁଟନଙ୍କୁ) ଆବଶ୍ୟକ ସଂଖ୍ୟକ ଘୋଡ଼ା ଯୋଗାଇ ଦେଇ ତାଙ୍କ ଜିନିଷପତ୍ର ନବା ଆଣିବାର ସୁବନ୍ଦୋବସ୍ତ କରିଦେଇଥିଲେ । ସେମାନଙ୍କୁ ଖଟ ଯୋଗାଇ ଦିଆଯାଇଥିଲା ଓ ଯେପରି ସେମାନଙ୍କର କୌଣସି ପ୍ରକାର ଅସୁବିଧା ନ ହୁଏ ସେଥିପ୍ରତି ସବୁମନ୍ତେ ପ୍ରଯତ୍ନ କରାଯାଇଥିଲା । ଅତିଥିବତ୍ସଳତାକୁ ଏକ ପୁଣ୍ୟକାର୍ଯ୍ୟ ରୂପେ ବିବେଚନା କରାଯାଉଥିଲା । ଏପରିକି, ତୀର୍ଥକ୍ଷେତ୍ରମାନଙ୍କରେ ବ୍ରାହ୍ମଣମାନେ ସୁଦ୍ଧା ଆଗନ୍ତୁକ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । ପୁରୀରେ ଅବସ୍ଥାନ କାଳରେ ବ୍ରୁଟନ ସାହେବ ଜନୈକ ବ୍ରାହ୍ମଣଙ୍କ ଘରେ ରହିଥିଲେ ।

Digitized by PPRACHIN, SOA

ମାତ୍ର, ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ବିଦେଶୀ ଅଭ୍ୟାଗତ, ବିଶେଷତଃ ୟୁରୋପୀୟମାନଙ୍କୁ ସେମାନଙ୍କର ଖାଦ୍ୟାଭ୍ୟାସ ଯୋଗୁଁ ମ୍ଳେଚ୍ଛ ଓ ପାମର ବୋଲି ମନେ କରାଯାଉଥିଲା । ଏ ସବୁ ଅଞ୍ଚଳର ଅଧିବାସୀମାନେ ଅଧିକାଂଶତଃ ଅଧିକ ରକ୍ଷଣଶୀଳ ହୋଇଥିବାରୁ ୟୁରୋପୀୟମାନଙ୍କର ଗୋରୁ, ଘୁଷୁରି ଓ ପକ୍ଷୀ ମାଂସ ଭକ୍ଷଣକୁ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନଙ୍କୁ ପ୍ରାୟ ଘର ଭିତରକୁ ଆସିବାକୁ ବାରଣ କରାଯାଉଥିଲା । କେହି ବିଦେଶୀ ୟୁରୋପୀୟ ଅଭ୍ୟାଗତ ଆସି ପହଞ୍ଚିଲେ ସେମାନଙ୍କୁ ଗୁହାଳ ଘରେ ଆଶ୍ରୟ ଦିଆଯାଉଥିଲା ଓ ଯଥାରୀତି ଅତିଥିସତ୍କାର କରାଯାଉଥିଲା । ସେମାନଙ୍କ ପାଇଁ ସାଧାରଣତଃ ଭାତ, ଡାଲି, ତରକାରୀ, ଘିଅ ଓ ଅନ୍ୟାନ୍ୟ ଖାଦ୍ୟପେୟର ବ୍ୟବସ୍ଥା କରାହେଉଥିଲା ।

ବର୍ତ୍ତମାନ ଭଳି ସେତେବେଳେ ଅଧିକ ସଂଖ୍ୟକ ସଡ଼କପଥ ନ ଥିଲେ ସୁଦ୍ଧା ତାତ୍କାଳିକ ଦୃଷ୍ଟିକୋଣରୁ ପରିବ୍ରାଜକମାନଙ୍କର ସୁବିଧାକୁ ଚାହିଁ ରାଜ୍ୟର ବିଭିନ୍ନ ଭାଗରେ କଣ୍ଠ ସଡ଼କମାନ ଥିଲା । ରାଜ୍ୟର ପୂର୍ବାଞ୍ଚଳର ସମତଳ ଉପତ୍ୟକାରୁ ପଶ୍ଚିମାଞ୍ଚଳର ଗଡ଼ଜାତ ଇଲାକାକୁ ଗମନାଗମନଯୋଗ୍ୟ ବହୁସଂଖ୍ୟକ ସଡ଼କ ପଥର ସୁବିଧା ଥିଲା । ସେଗୁଡ଼ିକ ମଧ୍ୟରୁ କେତେକ ମୁଖ୍ୟ ରାସ୍ତା ହୋଇଥିବା ବେଳେ, କେତେକ ଉପ-ରାସ୍ତା ଥିଲା; ଆଉ କେତେକ ରାସ୍ତା ଜଙ୍ଗଲ ଅଞ୍ଚଳ ଦେଇ ପଡ଼ିଥିଲା । ସେହିଭଳି ରାଜ୍ୟର ଉତ୍ତରାଞ୍ଚଳରୁ ଦକ୍ଷିଣାଞ୍ଚଳକୁ ମଧ୍ୟ ଅନୁରୂପ ଭାବରେ ମୁଖ୍ୟ ଓ ଉପସଡ଼କ ପଥମାନ ପଡ଼ିଥିଲା । ଓଡ଼ିଶାର ସଡ଼କମାନଙ୍କ ମଧ୍ୟରେ କଲିକତାରୁ ପୁରୀ ପର୍ଯ୍ୟନ୍ତ ପଡ଼ିଥିବା 'ଜଗନ୍ନାଥ ସଡ଼କ'ଟି ଥିଲା ପ୍ରମୁଖ । ଯାତ୍ରୀମାନଙ୍କୁ ଛାୟାଦାନ କରିବା ନିମିତ୍ତ ଏହାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା ଓ ସେମାନଙ୍କର ସୁବିଧା ପାଇଁ ରାସ୍ତାଧାରରେ ଉପଯୁକ୍ତ ଦୂରତ୍ୱ ବ୍ୟବଧାନରେ ଯଥେଷ୍ଟ ସଂଖ୍ୟକ 'ସରାଇ' ବା ଚଟିଘରମାନ ଥିଲା । ଏଥିରେ ଉଭୟ ପୁରୁଷ ଓ ସ୍ତ୍ରୀଲୋକମାନଙ୍କର ରହିବା ନିମନ୍ତେ ବ୍ୟବସ୍ଥା ଥିଲା । ଯାଜପୁର-ଠାରେ ଥିବା ଏକ 'ମୋଗଲ ସରାଇ'ରେ ସ୍ତ୍ରୀଲୋକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଥିଲା । ପଥଶ୍ରାନ୍ତ ପଥିକମାନଙ୍କୁ ଆଶ୍ରୟ ଦେବା ପାଇଁ ପଥଧାରରେ ଅତିଥିଶାଳାମାନ ମଧ୍ୟ ନିର୍ମିତ ହୋଇଥିଲା । ନିକଟବର୍ତ୍ତୀ ଗ୍ରାମର ଅଧିବାସୀ ବା ପ୍ରଭାବଶାଳୀ ରାଜପୁରୁଷ ବା କେତେକ ପ୍ରତିପତ୍ତିଶାଳୀ ଧନୀ ଲୋକମାନେ ନିଜର ସ୍ମୃତିରକ୍ଷା ପାଇଁ ଏହିସବୁ ଅତିଥିଶାଳା ନିର୍ମାଣ କରିଥିଲେ ।" ଏହାକୁ ଏକ ଜନମଙ୍ଗଳକାରୀ ପୁଣ୍ୟକାର୍ଯ୍ୟ ଭାବରେ ବିବେଚନା କରି ସେମାନେ ଏଥିପାଇଁ ବହୁପରିମାଣ ଅର୍ଥ ଦାନ କରୁଥିଲେ ।

ଏସବୁ ସରାଇ ବା ଚଟିଘର ବା ଧର୍ମଶାଳାଗୁଡ଼ିକ ସାଧାରଣତଃ ଏକ ଏକ ଆୟତାକାର ପରିସୀମାରେ ନିର୍ମିତ ହୋଇଥିଲା ଓ ଏହା ମଧ୍ୟରେ ବହୁଗୁଡ଼ିଏ ଛୋଟ

Digitized by PPRACHIN, SOA

ଛୋଟ ବଖରା ଥିଲା । ପ୍ରତି ବଖରା ପାଇଁ ଜଣେ ଜଣେ ପରିଚାରକ ବା ପରିଚାରିକା ନିଯୁକ୍ତ ହୋଇଥିଲେ । ପୁରୁଷଲୋକ ରହୁଥିବା ବଖରାରେ ପୁରୁଷ ପରିଚାରକ ଓ ସ୍ତ୍ରୀ ଲୋକ ରହୁଥିବା ବଖରାରେ ସ୍ତ୍ରୀ ପରିଚାରିକା କାମ କରୁଥିଲେ । ଘରଦ୍ୱାର ପରିଷ୍କାର ପରିଚ୍ଛନ୍ନ ରଖିବା ଓ ଆଗନ୍ତୁକ ଅତିଥିମାନଙ୍କୁ ସେମାନଙ୍କ ଦରକାର ମୁତାବକ ଖଟିଆ ଯୋଗାଇଦେବା ଥିଲା ସେମାନଙ୍କର ମୁଖ୍ୟକାମ । ପ୍ରତି ବଖରାକୁ ବୁଣେଇ ଖଟିଆ ଯୋଗାଇ ଦେବାର ସୁବିଧା ଥିଲା । ମାତ୍ର ଯାତ୍ରୀମାନଙ୍କୁ ନିଜ ନିଜର ବିଛଣାପତ୍ର ସାଙ୍ଗରେ ଧରି ଆସିବାକୁ ପଡୁଥିଲା, କାରଣ ଚଉଘର ମାନଙ୍କରେ ବିଛଣାପତ୍ର ଯୋଗାଇ ଦେବାର କୌଣସି ବ୍ୟବସ୍ଥା ନ ଥିଲା ।

"ଅତିଥିମାନଙ୍କ ପାଇଁ ଖାଦ୍ୟ ରନ୍ଧନ କରିବାର ଦାୟିତ୍ୱ ଏହି ପରିଚାରକମାନଙ୍କ ଉପରେ ନ୍ୟସ୍ତଥିଲା, ଏପରିକି ଗୋଡ଼ ଧୋଇବା ପାଇଁ ଗରମ ପାଣି ମଧ୍ୟ ଏମାନେ ସେମାନଙ୍କୁ ଯୋଗାଇ ଦେଉଥିଲେ ।" ଏସବୁ ଛଡ଼ା, ଘୋଡ଼ସବାର ଯାତ୍ରୀମାନଙ୍କର ଘୋଡ଼ା ପାଇଁ ଏମାନେ ବିରି ଓ ମୁଗଦାନା ସିଝାଇ ଦେଉଥିଲେ ।

ଏହି ପରିଚାରକମାନେ ସ୍ୱଭାବତଃ ଅତ୍ୟନ୍ତ ବିଶ୍ୱସ୍ତ, ବିନୟୀ ଓ ଭଦ୍ର ଥିଲେ । ଗୋଟିଏ ବା ଦୁଇଟି 'ଡାବୁଆ' (ପଇସା) ପାଇଲେ ଏମାନେ ସନ୍ତୁଷ୍ଟ ହେଉଥିଲେ । ଏମାନଙ୍କର ତ୍ୟାଗପୂତ କର୍ତ୍ତବ୍ୟବୋଧର ଉଚ୍ଚ ପ୍ରଶଂସା କରି ମନ୍ରିକ୍ ସାହେବ ଉଲ୍ଲେଖ କରିଛନ୍ତି ଯେ, "ଏମାନେ ୟୁରୋପର ଧର୍ମସଂସ୍ଥାମାନଙ୍କରେ କାମ କରୁଥିବା ଖ୍ରୀଷ୍ଟିଆନ ପରିଚାରକମାନଙ୍କ ଠାରୁ ମଧ୍ୟ ଅଧିକ କର୍ତ୍ତବ୍ୟପରାୟଣ, ବିନୟୀ ଓ ବିଶ୍ୱସ୍ତ ଥିଲେ ।"

ସରାଇମାନଙ୍କରେ ସାଧାରଣତଃ ଭାତ, ଘିଅ ଓ ଅନ୍ୟାନ୍ୟ ଖାଦ୍ୟପଦାର୍ଥମାନ ପରଷା ଯାଉଥିଲା ।

ସେ କାଳରେ ଏହି ରାଜ୍ୟର ଅଧିବାସୀମାନଙ୍କ ମଧ୍ୟରୁ "ଅଧିକାଂଶ ଲେଖାପଢ଼ା ଜାଣି ନ ଥିଲେ, ସ୍ମରଣଶକ୍ତି ଉପରେ ନିର୍ଭର କରି ସବୁ କାମ କରୁଥିଲେ ।" ଆଜିକାଲି ଭଳି ସେମାନେ ସେତେବେଳେ ମୁଣ୍ଡବାଳକୁ ଛୋଟ ଛୋଟ କରି ନ କାଟି "ପ୍ରାୟ ସମସ୍ତେ ଲମ୍ବାବାଳ ରଖୁଥିଲେ ।" ବର୍ଷ ମଧ୍ୟରେ ବିଭିନ୍ନ ଅବସରରେ ଏଠିକାର ଲୋକମାନେ ଅତ୍ୟନ୍ତ କାଙ୍କ୍ଷାର ସହିତ ଉପବାସ ବ୍ରତମାନ ପାଳନ କରୁଥିଲେ । ବ୍ରତ ଉଦ୍‌ଯାପନ ପରେ ସେମାନେ ପୁଣି ନିଜ ନିଜର ଦୈନନ୍ଦିନ ଅଭ୍ୟାସ ମୁତାବକ ଖାଦ୍ୟ ଖାଉଥିଲେ ।

କେତେକ କ୍ଷେତ୍ରରେ ଲୋକମାନେ ଲିଖିତ ଆଚରଣ ବିଧି ଓ ନୀତି ନିୟାମକ, ତଥା ଅନ୍ୟ କେତେକ କ୍ଷେତ୍ରରେ ପୁରୁଷାନୁକ୍ରମିକ ଭାବେ ଅନୁସୃତ ପ୍ରଥାଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିଲେ । ଋଣ ଦେବାପାଇଁ ବା ପାଉଣା ପାଇବା ପାଇଁ କୌଣସି "ଋଣପତ୍ର ବା ପାଉଣାପତ୍ର(ବେଣ୍ଡ ଓ ବିଲ୍)ର ବ୍ୟବହାର ସେତେବେଳେ ଏଠିକାର ଲୋକମାନଙ୍କୁ ଜଣା ନ ଥିଲା ।" କୌଣସି ଲିଖିତ ଦଲିଲ ନ ରଖି ଜଣେ ଅପରକୁ କରଜ ଦେଉଥିଲା । କରଜ

Digitized by PPRACHIN, SOA

ଟଙ୍କା ଉପରେ କେହି କେହି ସୁଧ ରଖୁଥିଲା ବେଳେ କେହି କେହି ସୁଧ ରଖୁ ନ ଥିଲେ । କୌଣସି ଋଣ ଗ୍ରହିତା ଋଣପରିଶୋଧ ନ କଲେ "ଦଣ୍ଡସ୍ୱରୂପ ତାଙ୍କ ଅଙ୍ଗୁଳିର ଅଗ୍ରଭାଗକୁ କାଟି ଦିଆଯାଉଥିଲା ।"

ଲୋକମାନେ ବିଭିନ୍ନ ପ୍ରକାରର ପୋଷାକ ପରିଛଦ ପିନ୍ଧୁଥିଲେ । ସାଧାରଣତଃ ରାଜା "କଟୀଦେଶରେ ଏକ କାର୍ପାସ ବସ୍ତ୍ର ପରିଧାନ କରୁଥିଲେ ଓ ଅନ୍ୟ ଏକ କାର୍ପାସ-ବସ୍ତ୍ରରେ ସ୍କନ୍ଧ ଦେଶକୁ ଆବୃତ କରି ରଖୁଥିଲେ ।" ରାଜାମାନେ ମୁଣ୍ଡରେ ଏକ ଲମ୍ବା ପଗଡ଼ି ବାନ୍ଧୁଥିଲେ ଏବଂ କାନରେ ମୁକ୍ତା ଓ ମର୍କତମଣି ଖଚିତ ଦୁଇଟି ସୁବର୍ଣ୍ଣ କୁଣ୍ଡଳ ପିନ୍ଧୁଥିଲେ ।

କେତେକ ଲୋକ ରେଶମ ବା ପଶମ ବସ୍ତ୍ର ପିନ୍ଧୁଥିଲେ, କେତେକ ମଧ୍ୟ ବିଭିନ୍ନ ପ୍ରାଣୀଙ୍କ ଚମଡ଼ା ଓ ପକ୍ଷୀଙ୍କ ପରରେ ତିଆରି ପୋଷାକମାନ ପିନ୍ଧୁଥିଲେ । ସ୍ତ୍ରୀଲୋକ-ମାନଙ୍କର ପୋଷାକ ପରିଛଦ ଅତ୍ୟନ୍ତ ସରଳ ଥିଲା ।

ମଧ୍ୟଯୁଗୀୟ ଓଡ଼ିଶାରେ ଘଣ୍ଟାର ବ୍ୟବହାର କାହାକୁ ଜଣା ନ ଥିଲା । ତେଣୁ, ସେତେବେଳେ ଏଠାରେ ପାଶ୍ଚାତ୍ୟ ଦେଶ ଭଳି ଦିନକୁ ଚବିଶ ଘଣ୍ଟାରେ ବିଭକ୍ତ କରାଯାଉ ନ ଥିଲା । ତା' ଅର୍ଥ ନୁହେଁ ଯେ, ସେମାନେ ସମୟକୁ ମାପିପାରୁ ନ ଥିଲେ ବା ସମୁଦାୟ ଦିନଟିକୁ ନିଜର ସୁବିଧା ମୁତାବକ ଭାଗ ଭାଗ କରିପାରୁ ନ ଥିଲେ ! ସେମାନେ ସମୟ ଜାଣିବା ପାଇଁ ଓ ସମୁଦାୟ ଦିନଟିକୁ ସମାନ ଭାବରେ ଭାଗ ଭାଗ କରିବା ପାଇଁ ଏକ କୌତୁହଳପ୍ରଦ ପ୍ରଣାଳୀ ଅବଲମ୍ବନ କରୁଥିଲେ । ସାଢ଼େ ଦଶସେର ପାଣି ଧରିବା ଭଳି ଏକ ବଡ଼ ପାତ୍ରରେ ପାଣି ଭରି ତହିଁରେ ପ୍ରାୟ ଦେଢ଼ପାଆ ପାଣି ଧରିବା ଭଳି ଏକ କ୍ଷୁଦ୍ର ପାତ୍ର ବା ଘଡ଼ି ଭସାଇ ଦିଆଯାଉଥିଲା । ଘଡ଼ିର ପଛ ପାଖରେ ଏକ ଛୋଟ କଣା ଥିଲା ଓ ତଳର ବଡ଼ପାତ୍ରରୁ ଏହି କଣାବାଟ ଦେଇ ଛୋଟ ଘଡ଼ିଟି ଭିତରକୁ ପାଣି ପଶି ଏହା ପୂର୍ଣ୍ଣ ହୋଇଯିବା କ୍ଷଣି, ଜଗି ରହିଥିବା ଜଣେ ପ୍ରହରୀ ସାଙ୍ଗେ ସାଙ୍ଗେ ଏକ ବଡ଼ ଘଣ୍ଟାକୁ ପ୍ରହାର କରି ଏକ ଘଡ଼ି ବା ଏକ ଘଣ୍ଟା ପୂର୍ଣ୍ଣ ହୋଇଥିବା କଥା ସୂଚେଇ ଦେଉଥିଲା । ଏହି ଭଳି ଆଠ ଘଣ୍ଟାରେ ଗୋଟିଏ ପ୍ରହର ହେଉଥିଲା ଓ ସମୁଦାୟ ଦିନଟିକୁ ଆଠ ପ୍ରହରରେ ବିଭକ୍ତ କରାଯାଉଥିଲା । ଗୋଟିଏ ପ୍ରହର ସାଧାରଣତଃ ୟୁରୋପୀୟମାନଙ୍କର ତିନିଘଣ୍ଟା (ଥ୍ରି ହାଉଅର୍ସ) ସହିତ ସମାନ ।

ମୋଗଲ ଓଡ଼ିଶାର ନାଏବ ନାଜିମ୍‌ଙ୍କ ଦୁର୍ଗ ବାରବାଟୀ କିଲ୍ଲା ଠାରେ ଉପରୋକ୍ତ ଭାବରେ ନିୟମିତ ଘଣ୍ଟା ପିଟି ସମୟ ସୂଚେଇ ଦିଆଯାଉଥିଲା । କିଲ୍ଲାର ପୂର୍ବକୋଣରେ ଥିବା ଦ୍ୱିତୀୟ ଫାଟକ ନିକଟରେ ଶହେ ଜଣ ଲୋକ ପ୍ରହରା ଦେଉଥିଲେ ଓ ଜଣେ ଲୋକ ଜାଗତିଆର ରହି ସମୟର ଗତିକୁ ଲକ୍ଷ୍ୟ କରୁଥିଲା ଓ ଘଡ଼ି, ପ୍ରହର ମାନ ଟଙ୍କା ପିଟି ଜଣାଇ ଦେଉଥିଲା ।

Digitized by PPRACHIN, SOA

ଘଡ଼ି ଓ ପ୍ରହରର ବ୍ୟବହାର ରାଜ୍ୟସାରା ପ୍ରାୟ ସର୍ବତ୍ର ପ୍ରଚଳିତ ଥିଲା । ଓଡ଼ିଆ ପାଞ୍ଜି ଓ ସାହିତ୍ୟରେ ଏ ବିଷୟରେ ବହୁଳ ଉଲ୍ଲେଖ ରହିଛି । ଘଡ଼ି ଓ ପ୍ରହର କ୍ରମରେ ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧିକୁ ପର୍ଯ୍ୟବେକ୍ଷଣ କରି ଶୁଭାଶୁଭ ଲଗ୍ନ ମଧ୍ୟ ନିର୍ଣ୍ଣୟ କରାଯାଇ ପାରୁଥିଲା ।

ତାଳପତ୍ର ଉପରେ ଏକ ଲୌହନିର୍ମିତ ଲେଖନୀ ସହାୟତାରେ ପୁସ୍ତକମାନ ଲେଖା ଯାଉଥିଲା । କାଗଜ ଓ କାଳିର ବ୍ୟବହାର ସେତେବେଳେ ପ୍ରାୟ ବିରଳ ଥିଲା ।

ଅଧିକାଂଶ ଲୋକ ଘୋଡ଼ା ଚଢ଼ୁଥିଲେ । ସ୍ତ୍ରୀଲୋକମାନେ ମଧ୍ୟ ପୁରୁଷଙ୍କ ଭଳି ଘୋଡ଼ା ଚଢ଼ିପାରୁ ଥିଲେ ।

ରଜା ଓ ଜମିଦାରମାନଙ୍କ ପାଇଁ ବାଘଶିକାର ଥିଲା ଏକ ଅତ୍ୟନ୍ତ ବିଳାସପୂର୍ଣ୍ଣ ଆମୋଦ । ଅଧିକାଂଶ, ଶିକାରବେଳେ ଧନୁ ତୀର ବ୍ୟବହାର କରୁଥିଲେ ଓ କୁକୁରମାନଙ୍କୁ ସାଙ୍ଗରେ ନେଉଥିଲେ । ଲୋକମାନେ ଘରେ ବିଭିନ୍ନ ପ୍ରକାରର ଚଢ଼େଇ ପାଳୁଥିଲେ ଓ ଏମାନଙ୍କ ମଧ୍ୟରୁ 'ଗୋବର' ନାମକ ଏକ ପ୍ରକାର ଚଢ଼େଇକୁ ପୋଷା ମନାଇବାକୁ ଅଧିକାଂଶ ସୁଖ ପାଉଥିଲେ । କେତେକ ଲୋକ ଚଢ଼େଇମାନଙ୍କୁ ବିଭିନ୍ନ କଥା ଶିଖାଇବାରେ ଆଗ୍ରହ ଦେଖାଉଥିଲା ବେଳେ ଅନ୍ୟ କେତେକ ଲୋକ ଚଢ଼େଇ ପାଳି, ପୋଷା ମନାଇ ଗୋଟିଏ ସହିତ ଆଉ ଗୋଟିଏକୁ ଲଢ଼େଇ କରଉଥିଲେ ।

ମୁସଲମାନ ଶାସନ କାଳରେ ସରକାରୀ କାମ ପାଇଁ ତାଳପତ୍ର ବ୍ୟବହାର କରଯାଉ ନ ଥିଲା । କେନ୍ଦ୍ରୀୟ ବା ପ୍ରାଦେଶିକ ପ୍ରଶାସନର ତତ୍ତ୍ୱାବଧାନରେ ଥିବା ଜିଲ୍ଲା-ସ୍ତରୀୟ ବା ଅନ୍ୟ ଯେ କୌଣସି ଅଧିକାରୀମାନେ ସରକାରୀ ଦଲିଲ ବା ଟିକାଟିପ୍ପଣୀମାନ ଲିପିବଦ୍ଧ କରିବା ପାଇଁ କାଗଜ ବ୍ୟବହାର କରୁଥିଲେ । ସରକାରୀ କାମ ପାଇଁ କାଗଜର ବ୍ୟବହାରକୁ ମୁସଲମାନ ଶାସକମାନେ ପ୍ରୋତ୍ସାହିତ କରୁଥିଲେ ।

ପାର୍ଶୀ ଭାଷା ଦରବାରୀ ଭାଷା ଭାବରେ ସ୍ୱୀକୃତ ହୋଇଥିଲା । ତେଣୁ ଦରବାରର ବିବରଣୀମାନ ସେଇ ଭାଷାରେ ଲେଖାଯାଉଥିଲା । ବ୍ରୁଟନ ସାହେବ ଯେତେବେଳେ ଓଡ଼ିଶାର ମୁସଲମାନ ଗଭର୍ଣ୍ଣର ଆଗା ଖାଁଙ୍କୁ ତାଙ୍କ ଦରବାରରେ ଭେଟିଲେ ସେତେବେଳେ ସେ (ଗଭର୍ଣ୍ଣର) ଉପସ୍ଥିତ ବଣିକ, ପାରିଷଦ ଓ ଅନ୍ୟମାନଙ୍କୁ ପାର୍ଶୀ ଭାଷାରେ ସମ୍ବୋଧନ କରୁଥିବା ବିଷୟ ସେ ଲକ୍ଷ୍ୟ କରିଥିଲେ । ଏପରି କି, କେତେକ କ୍ଷେତ୍ରରେ, ଶିଳାଲେଖମାନ ମଧ୍ୟ ପାର୍ଶୀ ଭାଷାରେ ଖୋଦିତ ହେଉଥିଲା ।

ଭାରତର ଅନ୍ୟପ୍ରାନ୍ତ ଭଳି ମଧ୍ୟଯୁଗୀୟ ଓଡ଼ିଶାର ଅଧିବାସୀମାନେ ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲେ । ଜଗନ୍ନାଥଙ୍କ ରଥଚକ ତଳେ ପ୍ରାଣ ହରାଇଲେ

Digitized by PPRACHIN, SOA

ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ଅଧିକାଂଶ ବିଶ୍ୱାସ କରୁଥିଲେ । କେତେକ ଲୋକ ମୋକ୍ଷଲାଭ ପାଇଁ ରଥଚକ ତଳେ ପ୍ରାଣୋତ୍ସର୍ଗ କରୁଥିଲେ । ବ୍ରୁଟନ ଲେଖିଛନ୍ତି, "ସହରରେ ରଥ ଗଡ଼ି ଗ୍ଲୁଥିବା ବେଳେ ବହୁଲୋକ ରଥଚକ ସେମାନଙ୍କ ଉପରେ ମାଡ଼ିଯାଉ ବୋଲି କାମନା କରି ଗଣ୍ଡା ଉପରେ ଶୋଇ ରହୁଥିଲେ ।" କେତେକ ମୃତ୍ୟୁବରଣ କରୁଥିଲେ ଓ "କେତେକ ଭଗ୍ନ ଅଙ୍ଗପ୍ରତ୍ୟଙ୍ଗ ନେଇ ମନେକରୁଥିଲେ ଯେ ଏତଦ୍ୱାରା ସେମାନଙ୍କର ମୋକ୍ଷର ମାର୍ଗ ସୁଗମ ହୋଇଗଲା ।"

ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣିମାନ ପାଳିତ ହେଉଥିଲା । ଶ୍ରୀଜଗନ୍ନାଥଙ୍କ ରଥ-ଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଉଥିଲା । ଭାରତର ପ୍ରାୟ ସବୁ ପ୍ରାନ୍ତରୁ ତୀର୍ଥଯାତ୍ରୀମାନେ ରଥଯାତ୍ରା ଦେଖିବାକୁ ଆସି ପୁରୀରେ ସମବେତ ହେଉଥିଲେ । ତିନିରଥ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ରଥକୁ ବହୁବିଧ ମହାର୍ଘ ବିଭୂଷଣରେ ସଜ୍ଜିତ କରାଯାଉଥିଲା । ରଥଚକର ମଧ୍ୟଭାଗରେ, ଅର୍ଥାତ୍ ରଥର ଠିକ୍ କେନ୍ଦ୍ରଭାଗରେ ପ୍ରାୟ ୨ ହଜାର ଉଜ୍ଜଳ ମଶାଲ ଜଳୁଥିଲା । ବ୍ରୁଟନ ସାହେବଙ୍କ ଉଲ୍ଲେଖାନୁସାରେ ସବୁଠାରୁ କୌତୂହଳର ବିଷୟ ଥିଲା ଯେ ରଥରେ ଜଣେ ଯବନ ବସି ରହୁଥିଲା ।

ରଥଯାତ୍ରା ପଛକୁ ଦୁର୍ଗାପୂଜା ବା ଦଶହରା ଥିଲା ରାଜ୍ୟର ସବୁଠାରୁ ଅଧିକ ଲୋକପ୍ରିୟ ପର୍ବ । ସବୁ ବଡ଼ ବଡ଼ ଗାଁମାନଙ୍କରେ ଏହି ପର୍ବ ପାଳିତ ହେଉଥିଲା । ସୁନ୍ଦର ଭାବେ ସୁସଜ୍ଜିତ ମେଢ଼ ଉପରେ ଠାକୁରଣୀଙ୍କ ମୂର୍ତ୍ତି ସ୍ଥାପନା କରି ଏକ ବିରାଟ ପଟୁଆର ଗ୍ରାମ ପରିକ୍ରମା କରୁଥିଲା । ମେଢ଼ ସମ୍ମୁଖରେ ଦଳେ "ନଟ" ଗୀତ ଓ ବାଜା ସାଙ୍ଗରେ ତାଳ ମିଳାଇ ନାଚୁଥିଲେ । ଏହିପରି ଭାବରେ ମହାସମାରୋହରେ ଦେବୀଙ୍କର ପ୍ରତିମାକୁ ନିକଟବର୍ତ୍ତୀ ନଦୀ ବା ଜଳାଶୟ ପର୍ଯ୍ୟନ୍ତ ନେଇ ସେଠାରେ ବିସର୍ଜନ କରାଯାଉଥିଲା । ହରିବୋଲ ହୁଳହୁଳି ନାଦରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠୁଥିଲା ।

ଜଗନ୍ନାଥ କ୍ଷେତ୍ର ଥିଲା ଭାରତର ଏକ ପବିତ୍ର ଓ ପ୍ରସିଦ୍ଧ ତୀର୍ଥସ୍ଥାନ, ଯେଉଁଠାରେ ଜାତିଭେଦର ବିଭିନ୍ନତାରେ ବହୁଧା ବିଭକ୍ତ ହିନ୍ଦୁମାନେ ଭେଦାଭେଦ ଭୁଲି ଏକମନ ଏକପ୍ରାଣ ହୋଇ ପାରୁଥିଲେ । କୁହାଯାଏ ଯେ ଶ୍ରୀମନ୍ଦିରରେ ସେବାପୂଜା କରିବା ପାଇଁ "୯ ହଜାର" ବ୍ରାହ୍ମଣ ନିୟୋଜିତ ହୋଇଥିଲେ । ବ୍ରାହ୍ମଣମାନେ କପାଳରେ ଚିତା ଲଗାଉଥିଲେ । କେହି ବ୍ରାହ୍ମଣ କପାଳରେ ଚିତା ଲଗାଇ ନ ଥିବା ଦେଖାଗଲେ ତାଙ୍କୁ "କଠିଣ ଦଣ୍ଡରେ ଦଣ୍ଡିତ କରାଯାଉଥିଲା ।"

"ଏହି ରାଜ୍ୟରେ ସାନଭାଇ ନିଜ ବଡ଼ ଭାଉଜଙ୍କ ସହ ମନଇଚ୍ଛା ଥଟ୍ଟାମଜା କରିପାରୁଥିଲା ଓ ଏଥିରେ ସମ୍ପୃକ୍ତ ବଡ଼ଭାଇ ଅସନ୍ତୁଷ୍ଟ ହେବା ବଦଳରେ ବରଂ ଆନନ୍ଦ ଅନୁଭବ କରୁଥିଲା ।"

Digitized by PPRACHIN, SOA

ଜଣାଯାଏ ଯେ, ମୂଲ୍ୟବାନ ଧାତୁ ସମ୍ପଦ ଏହି ରାଜ୍ୟରେ ପ୍ରଚୁର ପରିମାଣରେ ମିଳୁଥିଲା । କୁହାଯାଏ "ନୀଳଗିରି ପାହାଡ଼ ଥିଲା ଲୁହାପଥରର ଏକ ଗନ୍ତାଘର ।" ସେଠାରେ "କେତେକ ପ୍ରକାର ମୁକ୍ତା ମଧ୍ୟ ମିଳୁଥିଲା ।" ଏହାଛଡ଼ା ମୋଗଲ ଶାସନର ଅଧୀନତା ସ୍ୱୀକାର କରିଥିବା ସାମନ୍ତ ରାଜ୍ୟ—ସମ୍ବଲପୁରରେ ହୀରା ମିଳୁଥିଲା ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପର୍ତ୍ତୁଗୀଜ୍‌ମାନେ ଦାସ ବ୍ୟବସାୟକୁ ପ୍ରୋତ୍ସାହିତ କରୁଥିଲେ । ବଙ୍ଗୋପସାଗର ଉପକୂଳ ଅଞ୍ଚଳରୁ ଲୋକମାନଙ୍କୁ ଉଠାଇ ଆଣି ପର୍ତ୍ତୁଗୀଜ ଜାହାଜମାନଙ୍କରେ ପିପିଲି ଠାରେ ଥିବା ଦାସ ବ୍ୟବସାୟ ପେଣ୍ଠକୁ ପଠାଇ ଦିଆଯାଉଥିଲା ।

ପ୍ରାକ୍ ମୁସଲମାନ ରାଜତ୍ୱକାଳରେ ମଧ୍ୟ ଓଡ଼ିଶାରେ ବିକା କିଣା ପାଇଁ କଉଡ଼ିର ବ୍ୟବହାର ପ୍ରଚଳିତ ଥିଲା । ଏହା ଏକ ଛୋଟ ଧଳା ସାମୁଦ୍ରିକ ଜୀବର ଖୋଳପା ଯାହା ସାଧାରଣତଃ ପେଟପାଖରୁ ଦୁଇଭାଗରେ ବିଭକ୍ତ । ସମୁଦ୍ର ଢେଉରେ ଭାସି ଆସୁଥିବା ମଲା କଉଡ଼ିମାନ କୂଳର ବାଲିରୁ ସଂଗ୍ରହ କରାଯାଉଥିଲା । ମୁସଲମାନ ରାଜତ୍ୱ କାଳରେ ବେସରକାରୀ କାରବାର କେବଳ ନୁହେଁ; ରାଜକର୍ମଚାରୀମାନଙ୍କୁ ମଧ୍ୟ କଉଡ଼ି ଆକାରରେ ଦରମା ଦିଆଯାଉଥିଲା । ମାତ୍ର ଆର୍ଥିକ କାରବାର ପାଇଁ 'କଉଡ଼ି'ର ପ୍ରଚଳନକୁ ସ୍ୱୀକୃତି ଦେଇଥିଲେ ସୁଦ୍ଧା ମୁସଲମାନମାନେ ଏଥିରେ ସମ୍ପୂର୍ଣ୍ଣ ସନ୍ତୋଷ ଲାଭ କରିପାରୁ ନ ଥିଲେ । ତେଣୁ ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଏଠାରେ ମଧ୍ୟ ସେମାନେ 'ଦାମ୍'ର ବ୍ୟବହାର ପ୍ରବର୍ତ୍ତିତ କରାଇଥିଲେ ।

କୁହାଯାଏ ଯେ ମୁସଲମାନ ଶାସନ କାଳରେ ପ୍ରଜାମାନଙ୍କ ଖଜଣା ଦେୟକୁ ପ୍ରାଥମିକ ଭାବରେ କଉଡ଼ିରେ ହିସାବ କରଯାଇ ଦଲିଲ ପତ୍ରରେ ତାହାକୁ ସମପରିମାଣର 'ଦାମ୍' ଆକାରରେ ଲେଖା ଯାଉଥିଲା ।

ବିଦେଶୀ ପରିବ୍ରାଜକମାନଙ୍କର ବିବରଣୀରୁ ଜଣାଯାଏ ଯେ ୧୭ଶ ଓ ୧୮ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ବିକାକିଣାର ମାଧ୍ୟମ ଭାବରେ 'କଉଡ଼ି'ର ବ୍ୟବହାର ପ୍ରଚଳିତ ଥିଲା । ୧୭ଶ ଶତାବ୍ଦୀରେ ଓଡ଼ିଶା ଭ୍ରମଣରେ ଆସିଥିବା ଥମାସ୍ ବାଉରୀଙ୍କ ବିବରଣୀ ଅନୁସାରେ ସେତେବେଳେ ଏଠା ଗାଁ ଗହଳିର ଲୋକମାନେ ମୁଦ୍ରା କହିଲେ କେବଳ କଉଡ଼ିକୁ ହିଁ ବୁଝୁଥିଲେ । ସ୍ଥାନୀୟ ଅଞ୍ଚଳରୁ କଉଡ଼ି ସଂଗ୍ରହ କରି ବାଲେଶ୍ୱର ବନ୍ଦରକୁ ପଠାଯାଉଥିଲା ଏବଂ ବିନିମୟରେ ଲୁଗା ଚାଉଳ ଓ ଲହୁଣୀ ଇତ୍ୟାଦି ଜିନିଷ ମିଳି ପାରୁଥିଲା ।

ଟଙ୍କା ଓ କଉଡ଼ିର ଆନୁପାତିକ ମୂଲ୍ୟ ସର୍ବଦା ସ୍ଥିର ରହୁ ନ ଥିଲା । କଉଡ଼ି ସଂଗ୍ରହର ହ୍ରାସବୃଦ୍ଧି ସହିତ ଏହି ଆନୁପାତିକ ମୂଲ୍ୟରେ ହ୍ରାସବୃଦ୍ଧି ଘଟୁଥିଲା । ମାତ୍ର

Digitized by PPRACHIN, SOA

ସାଧାରଣତଃ ସେତେବେଳେ ଟଙ୍କାଟିଏ ପାଇଁ ୩୨ ଶହ କଉଡ଼ି ଦେବାକୁ ପଡ଼ୁଥିଲା । ଓଡ଼ିଶାର ଉପକୂଳ ଅଞ୍ଚଳରେ ପଇସାକ ୮୦ କଉଡ଼ି ଓ ଟଙ୍କାକ ୪୦ ପଇସା ଥିବା କଥା ଜଣାଯାଏ । ୧୭ଶ ଶତାବ୍ଦୀର ଶେଷଭାଗକୁ ଥମାସ୍ ବାଉରୀ ଓଡ଼ିଶା ଆସିଥିବା ସମୟରେ ଏଠାରେ ଯଥେଷ୍ଟ ପରିମାଣ କଉଡ଼ି ଆମଦାନୀ ହୋଇପାରୁ ନ ଥିବାରୁ ଲୋକେ ବିକାକିଣା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି । ହାମିଲ୍‌ଟନଙ୍କ ବିବରଣୀରୁ ଜଣାଯାଏ ଯେ ତାଙ୍କ ସମୟକୁ ଟଙ୍କାକୁ ୨୫ ଶହରୁ ୩ ହଜାର ଯାଏ କଉଡ଼ି ମିଳିପାରୁ ଥିଲା ।

ସେତେବେଳେ କଟକ ଠାରେ ମୋଗଲ ମାନଙ୍କ ଦ୍ୱାରା ଏକ ଟଙ୍କାଶାଳ ପ୍ରତିଷ୍ଠା କରଯାଇ ଥିଲା । ସେଠାରେ ସୁନା ଓ ରୁପାର ମୁଦ୍ରାମାନ ତିଆରି ହେଉଥିଲା । ଆକବରଙ୍କ ଶାସନ ସମୟରୁ ଆଉରଙ୍ଗଜେବଙ୍କ ଅମଳ ପର୍ଯ୍ୟନ୍ତ ଏହି ଟଙ୍କାଶାଳ କାମ କରୁଥିଲା । ମୋଗଲ ଶାସନାଧୀନ ଓଡ଼ିଶାରେ ଏହା ଥିଲା ଏକମାତ୍ର ଟଙ୍କାଶାଳ ।

ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳର ସମୁଦାୟ ବିସ୍ତୃତ ଅଞ୍ଚଳରେ ବହୁ ଅଧିକ ସଂଖ୍ୟକ ବୁଣାକାର ସମ୍ପ୍ରଦାୟର ଲୋକମାନେ ବାସ କରୁଥିଲେ । ସେମାନଙ୍କ ଦ୍ୱାରା ବୁଣାଯାଉଥିବା ବସ୍ତ୍ରମାନ—ବିଶେଷତଃ ପାଟ ଓ ମଠା ବସ୍ତ୍ରମାନ ଅତ୍ୟନ୍ତ ଉଚ୍ଚମାନର ଥିଲା ଓ ଝୀନ ବସ୍ତ୍ର ବୁଣିବାରେ ଅତୁଳନୀୟ ପାରଦର୍ଶିତା ନିମନ୍ତେ ସେମାନେ ପ୍ରଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଶାର ବହୁ ସ୍ଥାନରେ ତନ୍ତବୁଣା ବସ୍ତ୍ର ବୟନ କରଯାଇ ବିକ୍ରି ନିମନ୍ତେ ଗଚ୍ଛିତ କରି ରଖାଯାଉଥିଲା । ଏଗୁଡ଼ିକ ମଧ୍ୟରେ 'ହରିଦାସପୁର' ଅନ୍ୟତମ । ଏଠାରେ ପ୍ରାୟ ୩ ହଜାର ବୁଣାକାର ସଦାସର୍ବଦା ଲୁଗା ବୁଣିବା କାମରେ ନିୟୋଜିତ ରହୁଥିଲେ ଓ ତାହା ବସ୍ତ୍ର ବ୍ୟବସାୟର ଏକ ଅନ୍ୟତମ କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହେଉଥିଲା ।

ବାଲେଶ୍ୱର ଓ ପିପିଲି ନିକଟରେ ମଧ୍ୟ ବହୁସଂଖ୍ୟକ ବୁଣାକାର ପରିବାର ବସବାସ କରି ରହୁଥିଲେ । ଜୀବିକାର୍ଜନ ପାଇଁ ବହୁଲୋକ ଲୁଗାବୁଣିବା କାମରେ ନିଜକୁ ନିୟୋଜିତ କରୁଥିଲେ । ନିଜ ରାଜ୍ୟର ସହବାସୀମାନଙ୍କର ଚାହିଦା ଅନୁରୂପ କେବଳ ନୁହେଁ; ବାହାରକୁ ରପ୍ତାନି ଯୋଗ୍ୟ ବହୁ ପରିମାଣ ଲୁଗା, ଶାଢ଼ୀ ଓ ଅନ୍ୟାନ୍ୟ ବସ୍ତ୍ରମାନ ମଧ୍ୟ ସେମାନେ ତିଆରି କରୁଥିଲେ ଏବଂ ଏତଦ୍ୱାରା ବେଶ୍ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିବାକୁ ସକ୍ଷମ ହୋଇ ପାରୁଥିଲେ ।

ଓଡ଼ିଶାର ପଥପ୍ରାନ୍ତ, ନଗର ଓ ପଲ୍ଲୀ ବସତିମାନଙ୍କରେ ସ୍ଥାନରୁ ସ୍ଥାନାନ୍ତର ଘୂରି ବୁଲୁଥିବା ବହୁସଂଖ୍ୟକ ସନ୍ନ୍ୟାସୀ ଓ ଫକୀର ଦେଖିବାକୁ ମିଳୁଥିଲେ । ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ବିଶେଷତଃ, ଏମାନଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଉଥିଲା ।

Digitized by PPRACHIN, SOA

ସାଜସଜ୍ଜା ଓ ଶୋଭା ଦୃଷ୍ଟିରୁ କଟକ ନଗର ଥିଲା ଅତ୍ୟନ୍ତ ଆକର୍ଷଣୀୟ । "ଦୁର୍ଗ ଦ୍ୱାରର ଉତ୍ତର ଦିଗରେ ଦ୍ୱିଧା ବିଭକ୍ତ ଏକ ସୁଡ଼ଙ୍ଗାକାର ଗମ୍ବୁଜ ଥିଲା । ଦୁଇ ସୁଡ଼ଙ୍ଗରେ ଦୁଇଗୋଟି ପ୍ରସ୍ତର ପ୍ରତିମା ସ୍ଥାପନା କରାଯାଇ ଥିଲା । ପ୍ରସ୍ତର ପ୍ରତିମାଦ୍ୱୟର ବକ୍ଷଦେଶରେ ଲୌହନଳୀ ସଂଯୁକ୍ତ ହୋଇଥିଲା ଓ ଉତ୍ସବ ଅବସରରେ ଏହି ନଳୀଦେଇ ପାଣି ଉପରେ "ଅଗ୍ନି ବର୍ଷଣ କରାଯାଇ" ଲୋକମାନଙ୍କୁ ଆମୋଦିତ କରାଯାଉଥିଲା । "ଦୁର୍ଗ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ବାଦାମୀ ରଙ୍ଗ ମାର୍ବଲ ପଥରରେ ତିଆରି ଏକ ବିରାଟ ହସ୍ତୀର ପ୍ରତିମୂର୍ତ୍ତି ଦଣ୍ଡାୟମାନ ରହିଥିଲା ।" ପ୍ରାସାଦ ମଧ୍ୟରେ ସାଢ଼େ ଚାରିଫୁଟ ଉଚ୍ଚର ଧୂସର ମାର୍ବଲ ପଥରର ଧାରଣା ଥାଇ ଏକ "ମେଳାସ୍ଥଳୀ" ଥିଲା ଓ ଏକ ବର୍ଗାକାର ପୁଷ୍କରିଣୀ ମଧ୍ୟ ଥିଲା । ପୁଷ୍କରିଣୀର ମଧ୍ୟଭାଗରେ ଏକ ନଳ ଥିଲା ଓ ଏହି ନଳଦେଇ ପୁଷ୍କରିଣୀ ମଧ୍ୟକୁ ପାଣି ଭରି ଦିଆଯାଉଥିଲା । ପୁଷ୍କରିଣୀର କାନ୍ଥିନୀ ଦେଇ ମଇଳା ପାଣି ଅହରହ ନିଷ୍କାସିତ ହେଉଥିଲା । "ଏହାର ପାବଚ୍ଛ ଓ କାନ୍ଥିନୀ ଦେହରେ ମାଛମାନଙ୍କର ଚିତ୍ର ଏପରି ଭାବରେ ଖୋଦିତ ହୋଇଥିଲା, ଜଣାଯାଉଥିଲା ଯେପରି ଜୀବନ୍ତ ମାଛମାନ ଜଳସ୍ରୋତରେ ସନ୍ତରଣ କରୁଛନ୍ତି !"

ଓଡ଼ିଶାରେ ସେତେବେଳେ ବହୁସଂଖ୍ୟକ କୁଶଳୀ କାରିଗରମାନେ ବାସ କରୁ-ଥିଲେ । ନିଜର କର୍ମକୁଶଳତା ଓ ହସ୍ତନୈପୁଣ୍ୟ ନିମନ୍ତେ ସେମାନେ ପ୍ରସିଦ୍ଧି ହାସଲ କରିଥିଲେ । "ଆଳସ୍ୟପରାୟଣତାକୁ ସେମାନେ ଘୃଣା କରୁଥିଲେ ।"

ଦୁର୍ଭିକ୍ଷର ଭୟାବହତା ମଧ୍ୟଯୁଗୀୟ ଓଡ଼ିଶା ପାଇଁ କାଳାନ୍ତକ ସଦୃଶ ଥିଲା । ଲୋକମାନେ ସାଧାରଣତଃ କୃଷି ଉପରେ ନିର୍ଭରଶୀଳ ଥିବାରୁ ଭଲ ଓ ମନ୍ଦ ଅମଳ ଉପରେ ସେମାନଙ୍କ ଅବସ୍ଥାର ଭଲମନ୍ଦ ନିର୍ଭର କରୁଥିଲା । ବନ୍ୟା ବା ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକରେ ଫସଲ ନଷ୍ଟ ହୋଇଗଲେ, ଖାଦ୍ୟଦ୍ରବ୍ୟର ଉତ୍କଟ ଅଭାବ ସୃଷ୍ଟି ହେଉଥିଲା ଓ ଫଳତଃ ରାଜ୍ୟରେ ଦୁର୍ଭିକ୍ଷ ଦେଖାଯାଉଥିଲା । ଏଭଳି ପରିସ୍ଥିତି ସମ୍ମୁଖରେ ରାଜ୍ୟର ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ଓ ନିରୁପାୟ ଥିଲା ! କେବଳ ପ୍ରଜାମାନଙ୍କ ଉପରୁ ଖଜଣା ଛାଡ଼ କରିବା ଓ ଚାଷୀମାନଙ୍କୁ ପରବର୍ତ୍ତୀ ଅମଳ ଋତୁ ନିମନ୍ତେ ବୁଣାବୁଣି କରିବାକୁ ତଗାବି ଋଣ ମଞ୍ଜୁର କରିବା ଭିନ୍ନ ରାଜ୍ୟର ଶାସନକଳ ନିକଟରେ ସମାଧାନର ଅନ୍ୟ କୌଣସି ସୂତ୍ର ନ ଥିଲା ! କିନ୍ତୁ ଏହାଦ୍ୱାରା ଉପସ୍ଥିତ ସମସ୍ୟାର ସମାଧାନ ହୋଇପାରୁ ନ ଥିଲା । ସରକାରଙ୍କ ଖାଦ୍ୟଶସ୍ୟ ଯୋଗାଣ ବ୍ୟବସ୍ଥା ସୁସଙ୍ଗଠିତ ନ ଥିବା ହେତୁ ଗରୀବ ପ୍ରଜାମାନଙ୍କ ଉପରେ ଦୁର୍ଭିକ୍ଷର ଦାରୁଣତା ବୋଝ ଉପରେ ନଳିତା ବିଡ଼ାପରି ଲଦି ହୋଇ ପଡୁଥିଲା ଓ ଖାଦ୍ୟା-ଭାବରେ ଅନେକଙ୍କର ପ୍ରାଣହାନୀ ଘଟୁଥିଲା !

Digitized by PPRACHIN, SOA

ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ପୁରୁଣାକାଳିଆ ଥିଲା । ଜାତୀୟତାମୂଳକ ଶିକ୍ଷାର ପ୍ରଚଳନ ନ ଥିଲା । ସରକାର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ଦିଗରେ କୌଣସି ଆଗ୍ରହ ପ୍ରକାଶ କରୁ ନ ଥିଲେ । ମୁସଲମାନ ପିଲାମାନଙ୍କ ପାଇଁ ମକ୍ତବ ଓ ମଦ୍ରାସାମାନ ରହିଥିଲା । ଭାଷା ଓ ଧର୍ମ ସମ୍ପର୍କୀୟ ପ୍ରାଥମିକ ବିଷୟଗୁଡ଼ିକ କେବଳ ଶିକ୍ଷା ଦିଆଯାଉଥିଲା । ମଦ୍ରାସା-ଗୁଡ଼ିକ ପାଇଁ ରଜା, ସୁବେଦାର ଓ ବଦାନ୍ୟ ବ୍ୟକ୍ତିମାନେ ଆର୍ଥିକ ସହାୟତା ଯୋଗାଇ ଦେଉଥିଲେ । ହିନ୍ଦୁ ପିଲାମାନଙ୍କ ପାଇଁ ଗାଁ ଗହଳିରେ ଚଟଶାଳୀ ଥିଲା ଓ ଏଠାରେ ଗାଁ ଅବଧାନ ପିଲାମାନଙ୍କୁ ମୁଖ୍ୟତଃ ଗଣିତ, ପତ୍ରଲିଖନ, ପୁରାଣପଠନ ଇତ୍ୟାଦି ବିଷୟ ପଢ଼ାଉଥିଲେ । ପାଠ୍ୟନିର୍ଘଣ୍ଟରେ ସାଧାରଣତଃ ଦୈନନ୍ଦିନ ଜୀବନରେ ଆବଶ୍ୟକ ବିଷୟ-ଗୁଡ଼ିକ ଉପରେ ଗୁରୁତ୍ୱ ଆରୋପ କରଯାଉଥିଲା । କମଳଲୋଚନ ଚଉତିଶା, କେଶବ କୋଇଲି, ରସବିନୋଦ, ଭାଗବତ, ଲାବଣ୍ୟବତୀ, ବୈଦେହୀଶବିଳାସ ଆଦି ବହିଗୁଡ଼ିକ ସେତେବେଳେ ଓ ପରବର୍ତ୍ତୀ କାଳରେ ପଢ଼ାଯାଉଥିଲା, ଏଥିରୁ ସେତେବେଳର ଛାତ୍ର-ମାନଙ୍କର ଜ୍ଞାନ ସମ୍ପର୍କରେ ଜାଣିହୁଏ । ଜୀବନର ନୈତିକତାକୁ ଅନୁପ୍ରାଣିତ କରୁଥିବା ପୁସ୍ତକଗୁଡ଼ିକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରଯାଉଥିଲା ।

କଉଡ଼ି ଖେଳ, ତାସ୍ ଖେଳ ଓ ଜୁଆ ଖେଳ, ଏଠାରେ ସର୍ବତ୍ର ଲୋକପ୍ରିୟ ଥିଲା । ଆନନ୍ଦ ଉତ୍ସବ ଅବକାଶରେ ଖଣ୍ଡା ଖେଳ, ହାତୀ ଦଉଡ଼ ଆଦି ଥିଲା ନଗରବାସୀଙ୍କ ମଧ୍ୟରୁ ଅଧିକାଂଶଙ୍କର ପ୍ରିୟ । ସଙ୍ଗୀତ, କେଳାକେଲୁଣୀ ନାଚ, ମାଙ୍କଡ଼ ନାଚ, ରାମଲୀଳା, କୃଷ୍ଣଲୀଳା ଓ ଯାଦୁଖେଳ ଇତ୍ୟାଦି ଲୋକମାନଙ୍କର ଅବସର ବିନୋଦର ମୁଖ୍ୟ ମାଧ୍ୟମ ଥିଲା ।

ନଗରାଞ୍ଚଳରେ, ବିଶେଷତଃ ରାଜା ବା ସାମନ୍ତମାନଙ୍କର ରାଜଧାନୀ ଗୁଡ଼ିକରେ ବହୁସଂଖ୍ୟକ ପଣ୍ଡିତ, ଭାଟ, ଶିଳ୍ପୀ, ବଣିକ, ବୈଦ୍ୟ ଓ ବିଦୁଷକମାନେ ବସବାସ କରୁଥିଲେ ।

ଯଜ୍ଞ, ଦାନ, ଈଶ୍ୱର ପୂଜା ଓ ପ୍ରାର୍ଥନା କରାଯାଉଥିଲା ଏବଂ କାବ୍ୟଶାସ୍ତ୍ର, ବ୍ୟାକରଣ ଦର୍ଶନ, ଜ୍ୟୋତିର୍ବିଦ୍ୟା, ବୈଦ୍ୟଶାସ୍ତ୍ର ଆଦି ବିଷୟ ଚର୍ଚ୍ଚା କରାଯାଉଥିଲା ।

ଅଧିକାଂଶ ଲୋକ ଅନ୍ଧବିଶ୍ୱାସୀ ଥିଲେ । ମାୟାଜାଲ ଓ ଏଭଳି କେତେକ ଆଧିଭୌତିକ ବିଷୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା ।

ଲୋକେ ରଥ ଓ ଶଗଡ଼ ବ୍ୟବହାର କରୁଥିଲେ । ଉଭୟ ଯୁଦ୍ଧ ଓ ଦୈନନ୍ଦିନ କାର୍ଯ୍ୟୋପଲକ୍ଷେ ଘୋଡ଼ା ଏବଂ ହାତୀମାନଙ୍କୁ କାମରେ ଲଗାଯାଉଥିଲା ।

ଘରେ ତେଲ 'ଡିବିରି'ମାନ ବ୍ୟବହାର କରାଯାଉଥିଲା ।

ରାଜା ଓ ଅନ୍ୟାନ୍ୟ ପ୍ରଭାବଶାଳୀ ସମ୍ଭ୍ରାନ୍ତମାନଙ୍କ ପରିବାରରେ ବିବାହ ଉତ୍ସବ-ଗୁଡ଼ିକରେ ବିଭିନ୍ନ ପ୍ରକାରର ଉଜ୍ଜ୍ୱଳ ଆଲୋକର ଝାଡ଼ବତୀ ଜଳାଯାଉଥିଲା ।

Digitized by PPRACHIN, SOA

ମୋଗଲ ଶାସନ କାଳରେ ଜିନିଷପତ୍ରର ଦରଦାମ ଅତ୍ୟନ୍ତ ଶସ୍ତା, ଏପରିକି ମରଠା ସମୟଠାରୁ ଅଧିକ ଶସ୍ତା ଥିଲା । ଟଙ୍କାରେ ଧାନ ପ୍ରାୟ ଦଶ ମହଣ, ଲୁଣ ୧୬ ମହଣ ମିଳୁଥିଲା ଓ କ୍ଷୀର ଗୁଳିଶିରୁ ଚଉରଳିଶି ସେର ମିଳିପାରୁଥିଲା । ଗୋଟିଏ ମେଣ୍ଢାର ଦାମ୍ ଥିଲା ମାତ୍ର ଦେଢ଼ ଟଙ୍କା ।

ସଂକ୍ଷେପରେ କହିବାକୁ ଗଲେ, ମଧ୍ୟଯୁଗୀୟ ଓଡ଼ିଶାର ସମାଜ ଥିଲା ସାମ୍ପ୍ରତିକ ସମାଜଠାରୁ ସମ୍ପୂର୍ଣ୍ଣ ଅଲଗା । ପଲ୍ଲୀ ତୁଳନାରେ ନଗରର ଜୀବନ ଥିଲା ଅଧିକ ବିଳାସ-ବ୍ୟସନପୂର୍ଣ୍ଣ । ପୁରପଲ୍ଲୀରୁ ଆସୁଥିବା ଲୋକମାନେ ନଗର ଗୁକଚକ୍ୟ ଓ ଜାକଜମକ ଦେଖି ସ୍ତମ୍ଭୀଭୂତ ହେଉଥିଲେ ।

ଗ୍ରାମର ଜୀବନ ଥିଲା ସରଳ । ଲୋକମାନେ ମୁଖ୍ୟତଃ ସେମାନଙ୍କର କାୟିକ ପରିଶ୍ରମ ଉପରେ ନିର୍ଭର କରି ଚଳୁଥିଲେ । ଗୃଷପାଇଁ ଯଥେଷ୍ଟ ପରିମାଣ ଜମିଥିଲା । ବିଭିନ୍ନ ପ୍ରକାରର ଫଳ ଓ ଫୁଲ ପ୍ରଚୁର ପରିମାଣରେ ମିଳୁଥିଲା । ଲୋକମାନେ ବହୁସଂଖ୍ୟକ ଗୃହପାଳିତ ପଶୁ ଓ ପକ୍ଷୀ ରଖୁଥିଲେ ଓ ଏଗୁଡ଼ିକ ଗୃଷକାମ ବା ଶିକାରରେ ସହାୟକ ହେଉଥିଲେ । ପ୍ରଚୁର ପରିମାଣରେ ଜଙ୍ଗଲଜାତ ଦ୍ରବ୍ୟକୁ ନିଜ ବ୍ୟବହାରରେ ଲଗାଯାଇ ପାରୁଥିଲା ।

ଟଙ୍କା ପଇସାର ପ୍ରଚଳନ ନ ଥିବା ସତ୍ତ୍ୱେ ଲୋକମାନେ ବିଶେଷ କିଛି ଅସୁବିଧାର ସମ୍ମୁଖୀନ ହେଉ ନ ଥିଲେ । କଉଡ଼ି ମାଧ୍ୟମରେ ବିକାକିଣା କାରବାର ବେଶ୍ ସୁରୁଖୁରୁରେ ଗ୍ଲିପାରୁଥିଲା । ସେମାନଙ୍କର କ୍ରୀଡ଼ା ଓ ଆନନ୍ଦ ଉତ୍ସବ କାଳ ଓ ପରିବେଶ ଉପଯୋଗୀ ଥିଲା । ବିଭିନ୍ନ ପ୍ରକାର କାବ୍ୟ, ଶାସ୍ତ୍ର ଓ ପୁରାଣର ଅନୁପ୍ରେରଣାରେ ସେମାନଙ୍କର ନୈତିକ ମୂଲ୍ୟବୋଧ ନିୟନ୍ତ୍ରିତ ହେଉଥିଲା, ସାମୂହିକ ଭାବରେ ସେମାନଙ୍କର ପାରସ୍ପରିକ ସମ୍ପର୍କ ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ।

ସୀମିତ ଅଭାବବୋଧ ଓ ପ୍ରକୃତିର ଘନିଷ୍ଠ ସନ୍ନୈକଟ୍ୟ ଭିତରେ ମଧ୍ୟଯୁଗୀୟ ଓଡ଼ିଶାର ଅଧିବାସୀମାନଙ୍କର ଜୀବନଚର୍ଯ୍ୟା ଥିଲା ଶାନ୍ତିପୂର୍ଣ୍ଣ ଓ ସୁଖମୟ ।

Digitized by PPRACHIN, SOA

ତ୍ରୟୋଦଶ ଅଧ୍ୟାୟ

ଓଡ଼ିଆ ସାହିତ୍ୟ

ମୋଗଲ ରାଜତ୍ୱ କାଳରେ ସଂସ୍କୃତ ସାହିତ୍ୟ ପ୍ରତି ପଣ୍ଡିତମାନଙ୍କର ଆଗ୍ରହ ହ୍ରାସ ପାଇ ନ ଥିଲା । ପ୍ରାକ୍ ମୁସଲମାନ ରାଜତ୍ୱ କାଳରେ ବୈଷ୍ଣବ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ଓଡ଼ିଆ ସାହିତ୍ୟ ବହୁ କ୍ଷେତ୍ରରେ ନୂତନଭାବ ଓ ଚିନ୍ତାଧାରା ସହିତ ସ୍ୱକୀୟ ମୌଳିକତାର ପରାକାଷ୍ଠା ବଜାୟ ରଖିଥିଲା ।

ଦେଖାଯାଇଛି ଯେ ଓଡ଼ିଆ ସାହିତ୍ୟ ସଂସ୍କୃତ ସାହିତ୍ୟର ପ୍ରଭାବରୁ ସଂପୂର୍ଣ୍ଣ ମୁକ୍ତ ରହିପାରି ନ ଥିଲା । ବେଳେବେଳେ ବିଷୟବସ୍ତୁ ବା ଚିନ୍ତାଧାରା ଅଥବା ପଦବିନ୍ୟାସ ଓ ରଚନା ଶୈଳୀରେ ଏବଂ କେତେକ ସ୍ଥାନୀୟ ବ୍ୟତିକ୍ରମ ସହିତ ଉଚ୍ଚାରଣ ଶୈଳୀରେ ଓଡ଼ିଆ ରଚନାବଳୀ ମୂଳ ସଂସ୍କୃତ ସାହିତ୍ୟକୁ ଅନୁକରଣ କରିଥିଲା । କେତେକ ସଂସ୍କୃତ ରଚନାବଳୀ ଓଡ଼ିଆରେ ଅନୂଦିତ ହୋଇଥିଲା ବେଳେ ଅନ୍ୟ କେତେକର ପଦବିନ୍ୟାସ ଓ ବିଷୟବସ୍ତୁ ଓଡ଼ିଆ କାବ୍ୟମାନଙ୍କରେ ଅନୁସୃତ ହୋଇଥିଲା । ସ୍ଥାନୀୟ ଘଟଣା ଘଟଣକୁ ଆଧାର କରି କଳ୍ପନାର ପୁଟ ଦିଆଯାଇ ମଧ୍ୟ କେତେକ କାବ୍ୟ ରଚନା କରାଯାଇଥିଲା ।

ସଂସ୍କୃତ ଭାଷାରେ ବ୍ୟୁତ୍ପତ୍ତିଲାଭ କରିଥିବା କେତେକ ପଣ୍ଡିତ ଓଡ଼ିଆ ରଚନାବଳୀ ଲେଖିବାରେ ମନୋନିବେଶ କରିଥିବା ଦୃଷ୍ଟିରୁ ଓଡ଼ିଆ ସାହିତ୍ୟ ଏହିଭଳି ମୋଡ଼ ଗ୍ରହଣ କରିବା ସ୍ୱାଭାବିକ । ସର୍ବଭାରତୀୟ ଗୁରୁତ୍ୱ ଲାଭ କରିଥିବା, ଅଥବା ସ୍ଥାନୀୟ ପଣ୍ଡିତମାନଙ୍କ ଦ୍ୱାରା ଲିଖିତ ସଂସ୍କୃତ ରଚନାବଳୀ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧିରେ କିଛି ପରିମାଣରେ ସହାୟକ ହୋଇଥିଲା ।

ଏତଦବ୍ୟତୀତ ଏହି ସମୟ ମଧ୍ୟରେ ଓଡ଼ିଆ ପଣ୍ଡିତମାନଙ୍କ ଦ୍ୱାରା ପୂର୍ବାପେକ୍ଷା ବହୁ ଅଧିକ ସଂଖ୍ୟକ ସଂସ୍କୃତ ଗ୍ରନ୍ଥ ପ୍ରଣୟନ କରାଯାଇଥିଲା । ସଂସ୍କୃତ ଭାଷା ଓ ସାହିତ୍ୟରେ ବ୍ରାହ୍ମଣ ପଣ୍ଡିତମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପାରଦର୍ଶୀ ଥିଲେ । ଓଡ଼ିଶାର ରଜା ଏବଂ ସର୍ଦ୍ଦାରମାନେ ଏହି ପଣ୍ଡିତମାନଙ୍କୁ ସମ୍ମାନ ଦେଉଥିଲେ, ଉପାଧି ପ୍ରଦାନ କରୁଥିଲେ ଏବଂ ସେମାନଙ୍କର ପୃଷ୍ଠପୋଷକତା କରୁଥିଲେ । ଏପରିକି କେତେକ ସଂସ୍କୃତ ପଣ୍ଡିତ କେବଳ ଓଡ଼ିଶାରେ ଯେ ଯଶଲାଭ କରିଥିଲେ ତା ନୁହେଁ, ଅଧିକନ୍ତୁ ଓଡ଼ିଶା ବାହାରେ ମଧ୍ୟ

Digitized by PPRACHIN, SOA

ଖ୍ୟାତି ଅର୍ଜନ କରିଥିଲେ । କୃଷ୍ଣଦାସ ବଡ଼ଜେନା ମହାପାତ୍ର ୧୫୫୯ ରୁ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ ରାଜତ୍ୱ କରିଥିବା ଗଜପତି ମୁକୁନ୍ଦଦେବଙ୍କର ସଭାକବି ଥିଲେ । ସେ ସଙ୍ଗୀତ ଶାସ୍ତ୍ର ଉପରେ ଏକ ନିବନ୍ଧ ରଚନା କରିଥିଲେ । କେତେକ ପଣ୍ଡିତ ଆବୁଲଫାଜଲଙ୍କ ଆଇନ୍-ଇ-ଆକବରୀରେ ବର୍ଣ୍ଣିତ "ମହାପାତ୍ର" ଓଡ଼ିଶାର କୃଷ୍ଣଦାସ ବଡ଼ଜେନା ମହାପାତ୍ର ବୋଲି ଚିହ୍ନିତ କରିଅଛନ୍ତି । ଅନ୍ୟାନ୍ୟ ପ୍ରାମାଣିକ ତଥ୍ୟାବଳୀ ଦ୍ୱାରା ଖଣ୍ଡନ ନ ହେବା ପର୍ଯ୍ୟନ୍ତ ଏହି ସିଦ୍ଧାନ୍ତକୁ ବିଶ୍ୱାସଯୋଗ୍ୟ ବୋଲି ଗ୍ରହଣ କରାଯାଇପାରେ । କବିଚନ୍ଦ୍ର ବିଶ୍ୱନାଥ ସାମନ୍ତରାୟ ନାମରେ ଆଉ ଜଣେ ଖ୍ୟାତନାମା କବି ମଧ୍ୟ ଥିଲେ । ନିଜର କାବ୍ୟିକ ପ୍ରତିଭାରେ ସେ ରାଜା ମାନସିଂହଙ୍କୁ ତାଙ୍କ ଓଡ଼ିଶା ଆସିବା ସମୟରେ ମୁଗ୍ଧ କରିପାରିଥିଲେ । ସେ ଶିବଭକ୍ତ ଥିଲେ ଏବଂ ସ୍ୱକୀୟ କାବ୍ୟପଟୁତା ପାଇଁ କବିଚନ୍ଦ୍ର ଉପାଧି ଲାଭ କରିଥିଲେ । ପ୍ରାୟ ୧୫୯୩ ଖ୍ରୀଷ୍ଟାବ୍ଦ ଆଡ଼କୁ ତାଙ୍କୁ ଆକବରଙ୍କ ଦରବାରକୁ ପଠାଯାଇଥିଲା ଏବଂ ରାଜା ମାନସିଂହଙ୍କ ସହାୟତାରେ ସେ ଆକବରଙ୍କ ଦରବାରରେ ସମ୍ମାନିତ ହୋଇଥିଲେ ଓ ସେ ସମୟରେ ଜଣେ ଖ୍ୟାତନାମା କବି ଭାବରେ ଖ୍ୟାତିଲାଭ କରିଥିଲେ ।

ଆହୁରି ମଧ୍ୟ ସୂଚିତ ହୁଏ ଯେ ନଅଟି ରଚନାବଳୀର ପ୍ରଣେତା ନରସିଂହ ବାଜପେୟୀଙ୍କୁ ସମ୍ଭବତଃ ଓଡ଼ିଶାରୁ ଆକବରଙ୍କ ଦରବାରକୁ ପଠାଯାଇଥିଲା ।

ଏହି ସମୟରେ ନାଟକ, ପୁରାଣ, କାବ୍ୟ, ପୁରାଣ ଟିକା, ତନ୍ତ୍ର ସାହିତ୍ୟ, ଅଳଙ୍କାର ସାହିତ୍ୟ ଆଦି କ୍ଷେତ୍ରରେ ବହୁ ରଚନା ଦୃଷ୍ଟିଗୋଚର ହୁଏ । ଏହିଭଳି ଅନେକ ରଚନା ରାମ, କୃଷ୍ଣ, ଜଗନ୍ନାଥ ଓ ଶିବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଥିଲା, କିମ୍ବା ସେମାନଙ୍କୁ ଉପଲକ୍ଷ୍ୟ କରି ରଚିତ ହୋଇଥିଲା । ଏହି ସମୟରେ ଅତୀବ ଖ୍ୟାତିସମ୍ପନ୍ନ କେତେକ ସଂସ୍କୃତ ପଣ୍ଡିତ ହେଲେ—

(୧) ହଳଧର ମିଶ୍ର
(୨) କୃଷ୍ଣଦାସ ବଡ଼ଜେନା ମହାପାତ୍ର
(୩) ଗଙ୍ଗାଧର ମିଶ୍ର
(୪) କବିରାଜ ଗୋପୀନାଥ ରଥ
(୫) ଅନାଦି ମିଶ୍ର
(୬) କୃଷ୍ଣ ଶ୍ରୀଚନ୍ଦନ
(୭) କବି ନିତ୍ୟାନନ୍ଦ
(୮) ରଘୁନାଥ ଦାସ ଓ
(୯) ବ୍ରଜସୁନ୍ଦର ପଟ୍ଟନାୟକ ।

Digitized by PPRACHIN, SOA

ଏହି ସମୟ ମଧ୍ୟରେ ସଂସ୍କୃତ ସାହିତ୍ୟ ଅପେକ୍ଷା ଓଡ଼ିଆ ସାହିତ୍ୟର ବିକାଶ ଓ ଅଭିବୃଦ୍ଧି ଅଧିକ ପରିମାଣରେ ପରିଦୃଷ୍ଟ ହୁଏ । ସଂସ୍କୃତ ଏକ ଭାଷା ଯାହାକି ସାଧାରଣ ଲୋକେ ପ୍ରାୟତଃ ବୁଝୁ ନ ଥିଲେ । ଏହା ଆର୍ଯ୍ୟଜାତିର (Superior Caste) ଭାଷା ରୂପେ ପରିଗୃହୀତ ହୋଇଥିଲା ଏବଂ ନିମ୍ନଶ୍ରେଣୀର ଲୋକଙ୍କ ପାଖରେ ଏହା ସହଜରେ ପ୍ରବେଶ କରିପାରୁ ନ ଥିଲା । ପଞ୍ଚସଖା ଯୁଗ ବା ପ୍ରାକ୍-ମୁସଲମାନ ଗଜତ୍ୱ କାଳରେ ସଂସ୍କୃତ ରଚନା-ବଳୀର କ୍ଲୀଷ୍ଟ ବିଷୟବସ୍ତୁ ତଥା ଭାବଗ୍ରଜିକୁ ସରଳ ଭାଷାରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସକାଶେ ଏକ ଆନ୍ଦୋଳନ ଆରମ୍ଭ ହେଲା । ଧର୍ମର ଆଭିମୁଖ୍ୟକୁ ସରଳ ସାହିତ୍ୟ ମାଧ୍ୟମରେ ପ୍ରସାରିତ କରାଇବା ନିମନ୍ତେ ସଂସ୍କୃତ ଭାଷା ବଦଳରେ ଓଡ଼ିଆ ଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବାକୁ ବୈଷ୍ଣବ ଧର୍ମର ପ୍ରଚାରକମାନେ ଅଧିକ ଶ୍ରେୟସ୍କର ମନେକଲେ । ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ବୈଷ୍ଣବ ମତବାଦର ପ୍ରଚାର ନିମନ୍ତେ ସହଜ ଓ ସାବଲୀଳ ଭଙ୍ଗୀରେ ଗୀତ ରଚନା କରାଗଲା । କ୍ରମେ ଏହି ସାହିତ୍ୟର ସରଳ ସାବଲୀଳତା ପ୍ରତି ସାଧାରଣ ଲୋକମାନଙ୍କର ଆଗ୍ରହ ବୃଦ୍ଧି ପାଇବାକୁ ଲାଗିଲା । ଏବଂ ଉଦ୍ଦେଶ୍ୟ ସାଧନ ସକାଶେ ସାହିତ୍ୟ ଏକ ବାହନ ରୂପେ ବିବେଚିତ ହେଲା । ଲୋକମାନଙ୍କର ଅନୁକୂଳ ପ୍ରତିକ୍ରିୟାରେ ଉତ୍ସାହିତ ହୋଇ ଏହି ମତବାଦର ପ୍ରବକ୍ତାମାନେ ଉକ୍ତ ସାହିତ୍ୟର ଅଭିବୃଦ୍ଧି ପାଇଁ ଆହୁରି ଅଧିକ ଉଦ୍ୟମ କଲେ । ପଞ୍ଚସଖା ଯୁଗକୁ ଏହି କ୍ଷେତ୍ରରେ ଏକ ପରୀକ୍ଷାମୂଳକ ଯୁଗ ଭାବରେ ଅବତାରଣା କରାଯାଇଅଛି । ମାତ୍ର ଏହି ଧାରା କ୍ରମବିକାଶ ଲାଭ କରି ନାନ୍ଦନିକତା ଓ ନିର୍ମାଣ କଳାଦୃଷ୍ଟିରୁ ମଧ୍ୟ-ଯୁଗରେ ସଫଳତାର ଶୀର୍ଷତମ ପର୍ଯ୍ୟାୟରେ ଉପନୀତ ହେଲା । ଏହି ଯୁଗର ଅଧିକାଂଶ ସମୟ ମୁସଲମାନ ରାଜତ୍ୱର ଅନ୍ତର୍ଭୁକ୍ତ ଥିଲା ।

ଏହି ସମୟରେ କେବଳ ବୈଷ୍ଣବ ରଚୟିତାଗଣ ଯେ ଓଡ଼ିଆ ସାହିତ୍ୟର କଳେବର ବୃଦ୍ଧି କରିଥିଲେ ତା ନୁହେଁ, ବହୁସଂଖ୍ୟକ ଅଣବୈଷ୍ଣବ ମଧ୍ୟ ଓଡ଼ିଆ ରଚନାବଳୀର ଶ୍ରୀବୃଦ୍ଧି ଲାଗି ଆଗ୍ରହ ପ୍ରକାଶ କରିଥିଲେ । କେବଳ ବୈଷ୍ଣବ ମତବାଦ ପ୍ରଚାର ସକାଶେ ସାହିତ୍ୟ ସାଧନା କରୁଥିବା ଅଳ୍ପ କେତେକ ବୈଷ୍ଣବଙ୍କ ମଧ୍ୟରେ ପରିସୀମିତ ହେବା ବଦଳରେ ସାହିତ୍ୟର ସୀମା ଅଣବୈଷ୍ଣବମାନଙ୍କ ଦ୍ୱାରା ଲିଖିତ ରଚନାବଳୀରେ ଆହୁରି ବିସ୍ତୃତିଲାଭ କଲା । ଓଡ଼ିଆ ରଚନାବଳୀ ପ୍ରତି ସାଧାରଣ ମର୍ଯ୍ୟାଦାବୋଧ ଏବଂ ଲୋକପ୍ରିୟ ପ୍ରତିକ୍ରିୟା ବହୁସଂଖ୍ୟକ ଲେଖକଙ୍କୁ ସଂସ୍କୃତ ଭାଷାରେ ନିବନ୍ଧ ରଚନା କରି ଗଳଦ୍‌ଘର୍ମ ହେବା ଅପେକ୍ଷା ଲୋକମାନଙ୍କର ଆଗ୍ରହ ପ୍ରତି ଅଧିକ ଧ୍ୟାନଦେବା ସକାଶେ ଯେ ନିଶ୍ଚିତ ଭାବରେ ଅଧିକ ପ୍ରୋତ୍ସାହିତ କରିଥିବ ତାହା ଅନୁମାନ କରାଯାଇପାରେ । ଏହି ମୋଡ଼ ପରିବର୍ତ୍ତନ ଏବଂ ସମାଜର ନୂତନ ଆହ୍ୱାନ ସଂସ୍କୃତ ରଚନାବଳୀରେ ମନୋନିବେଶରୁ ସେମାନଙ୍କୁ ନିବୃତ୍ତାଇ-

Digitized by PPRACHIN, SOA

ଥିବ । ତଥାପି ସଂସ୍କୃତ ସାହିତ୍ୟ ପୁରୋହିତ ଶ୍ରେଣୀର କେତେକ ଲୋକଙ୍କ ଆସକ୍ତି ଯୋଗୁଁ ନିଜର ସ୍ୱକୀୟତା ଅବ୍ୟାହତ ରଖିଥିଲା । ଏଠାରେ ଉଲ୍ଲେଖ କରଯାଇପାରେ ଯେ ଏହି ସମୟରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ଅଧିକାଂଶ ରଚୟିତା ବ୍ରାହ୍ମଣ ଜାତି ଅନ୍ତର୍ଭୁକ୍ତ ନ ଥିଲେ । କାରଣ ପରମ୍ପରାନୁଯାୟୀ ସେମାନେ ନିଜକୁ ସଂସ୍କୃତ ଅଧ୍ୟୟନ ଓ ସାହିତ୍ୟ ସୃଷ୍ଟିରେ ଉତ୍ସର୍ଗ କରିଥିଲେ । ତେବେ କେତେକ ବ୍ରାହ୍ମଣ କେତେକ କ୍ଷେତ୍ରରେ ଅତି ସୁନ୍ଦର ଓଡ଼ିଆ ସାହିତ୍ୟକୃତିମାନ ସୃଷ୍ଟି କରିଥିଲେ ।

ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ କାଳରେ ଅଧିକାଂଶ ରଚନା ଥିଲା ଭକ୍ତିମୂଳକ । କାରଣ ସାଧାରଣ ଲୋକଙ୍କ ନିକଟରେ ଧର୍ମ ମତବାଦର ଭାବ ପହଞ୍ଚାଇବା ଥିଲା ଏସବୁ ରଚନାର ଏକମାତ୍ର ଉଦ୍ଦେଶ୍ୟ । ତେଣୁ ତାହା କଦାପି ସମ୍ଭ୍ରାନ୍ତ ଶ୍ରେଣୀୟ ସାହିତ୍ୟ ଭାବରେ ପରିଗଣିତ ହୋଇ ନ ପାରେ । ଏସବୁ ରଚନାର ଭାଷା ଥିଲା ସରଳ । ତଥାପି ଉପସ୍ଥାପନ ଶୈଳୀରେ ସରଳ ଭକ୍ତିମୂଳକ ସଙ୍ଗୀତମାନ ମୁସଲମାନ ରାଜତ୍ୱ କାଳରେ ଅସାଧାରଣ ନ ଥିଲା । ଦୀନକୃଷ୍ଣ ଦାସ ଓ ଭୂପତି ପଣ୍ଡିତ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ରଚନା ସୃଷ୍ଟି କରି-ଯାଇ ଅଛନ୍ତି ।(୧)

ପୁନଶ୍ଚ ପ୍ରାକ୍-ମୁସଲମାନ ରାଜତ୍ୱ କାଳରେ ନିର୍ଗୁଣ ବ୍ରହ୍ମଙ୍କୁ ଆଧାର କରି ବହୁ କାବ୍ୟକୃତୀ ରଚିତ ହୋଇଥିଲା । କବିମାନଙ୍କ ରଚନାବଳୀରେ ନିର୍ଗୁଣ ବ୍ରହ୍ମଙ୍କ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରଯାଇ ଥିଲା । କିନ୍ତୁ ମୁସଲମାନ ରାଜତ୍ୱରେ ଏହି କୃତୀରାଜିର ଅଭାବ ପରିଲକ୍ଷିତ ହୁଏ ନାହିଁ । ପୂର୍ବଭଳି ବହୁ କବି ନିରାକାର ତଥା ନିର୍ଗୁଣ ଈଶ୍ୱରଙ୍କ ସମ୍ପର୍କରେ କାବ୍ୟ କବିତାମାନ ରଚନା କରୁଥିଲେ । ଏସବୁ ରଚନା ଆଲୋଚନାର ପ୍ରଭାବ ସ୍ୱରୂପ ପରିଶେଷରେ ଊନବିଂଶ ଶତାବ୍ଦୀ ଓଡ଼ିଶାର ପ୍ରଥମ ଭାଗରେ ମହିମାଧର୍ମର ଉତ୍‌ଥାନ ନିମନ୍ତେ ପଥ ପ୍ରସ୍ତୁତ ହୋଇଗଲା ।(୨)

ମୁସଲମାନ ରାଜତ୍ୱ କାଳରେ ପାରମ୍ପାରିକତା ବଜାୟ ରଖାଯିବା ସଙ୍ଗେ ସଙ୍ଗେ କାବ୍ୟ କବିତାର ବିଷୟ, ଶୈଳୀ ଓ ଆଙ୍ଗିକରେ କେତେକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଲା ।

ପଞ୍ଚସଖା ଯୁଗରେ ରାଧାକୃଷ୍ଣ ପ୍ରେମ ଥିଲା ଲେଖକମାନଙ୍କ ରଚନାବଳୀର ମୁଖ୍ୟ ଉପଜୀବ୍ୟ । ଅଧିକାଂଶ କବି କୃଷ୍ଣ ଏବଂ ତାଙ୍କ ଦୂତ ବା ଦୂତୀକାମାନଙ୍କ ସମ୍ପର୍କରେ କାବ୍ୟ କବିତା ରଚନା କରିଥିଲେ । କୃଷ୍ଣଙ୍କ ସହିତ ସଂଶ୍ଳିଷ୍ଟ ନ ଥିବା ପ୍ରେମ ତଥା ଅନ୍ୟାନ୍ୟ

(୧) S. Das, O.S.I. Vol. II ପୃ ୪୪୦

(୨) ଦ୍ୱାରକା ଦାସ ଏବଂ ଚୈତନ୍ୟ ଦାସ "ଶୂନ୍ୟବାଦ" ସମ୍ପର୍କରେ ବହୁ କୃତୀ ସୃଷ୍ଟି କରଅଛନ୍ତି । ନନ୍ଦ ଦାସ "ଅଣାକାର ସଂହିତା" ଏବଂ ଦେବେନ୍ଦ୍ର ଦାସ "ନିରାକାର ବ୍ରହ୍ମ" ରଚନା କରଯାଇଛନ୍ତି ।

Digitized by PPRACHIN, SOA

ପ୍ରସଙ୍ଗମାନ ଅନାବଶ୍ୟକୀୟ ବିବେଚିତ ହେଉଥିଲା । ମାତ୍ର ଆଲୋଚ୍ୟ କାଳରେ ଓଡ଼ିଆ ସାହିତ୍ୟରେ ଚରିତ୍ର ଚିତ୍ରଣ କ୍ଷେତ୍ରରେ ରାମ ଓ ତାଙ୍କ ଜୀବନୀ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଉଥିବା ପରିଲକ୍ଷିତ ହୁଏ ।(୧) ଏହାକୁ ଏକ ଅସାଧାରଣ ବୈଶିଷ୍ଟ୍ୟ ଭାବେ ବିଚାର କରାଯାଇ ପାରେ ।

ଏହା ସ୍ୱୀକାର୍ଯ୍ୟ ଯେ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଉଥିଲା ଏବଂ ତାଙ୍କ ଆଶୀର୍ବାଦ ଭିକ୍ଷା କରାଯାଉଥିଲା । ପଞ୍ଚସଖା ଯୁଗରେ ବହୁ କାବ୍ୟ କବିତାରେ ତାଙ୍କୁ ଆଧାର କରି ତାଙ୍କ ସମ୍ପର୍କରେ ରଚନାମାନ ସୃଷ୍ଟି କରାଯାଉଥିଲା । ତେବେ ମୁସଲମାନ ରାଜତ୍ୱ କାଳରେ ସାହିତ୍ୟର ଅନ୍ୟାନ୍ୟ ବିଭାବର ସମୃଦ୍ଧି ପରିପ୍ରକାଶ ସତ୍ତ୍ୱେ ଜଗନ୍ନାଥଙ୍କ ଉପରେ ଲିଖିତ ରଚନାବଳୀକୁ ପୂର୍ବ ଅପେକ୍ଷା ସମ୍ଭବତଃ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଥିଲା ।

ଏହାର ଦୁଇଟି କାରଣ ରହିଅଛି । ପ୍ରଥମତଃ ଚୈତନ୍ୟ ପନ୍ଥୀ ବୈଷ୍ଣବ କବିଗଣ ନିଜ ନିଜର କବିତା ରଚନା ନିମନ୍ତେ ଲୋକପ୍ରିୟ ଠାକୁର ଜଗନ୍ନାଥଙ୍କ ଆଶୀର୍ବାଦ ପ୍ରାର୍ଥନା କଲେ । ଦ୍ୱିତୀୟତଃ ଜଗନ୍ନାଥ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ଥିବା ଖୋର୍ଦ୍ଧାର କେତେକ ରାଜା ବିଶେଷ କରି ଦିବ୍ୟସିଂହଦେବଙ୍କ ପୃଷ୍ଠପୋଷକତା ଲାଭ କରୁଥିବା ଅନେକ କବିଙ୍କୁ ସେମାନଙ୍କ କବିତାମାନ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚନା କରିବା ନିମିତ୍ତ କୁହାଗଲା । ସେ ସମୟରେ ଏହା ଜଗନ୍ନାଥ ଅନୁଷ୍ଠାନକୁ ଜନସାଧାରଣଙ୍କ ଦୃଷ୍ଟିରେ ଅଧିକ ଲୋକପ୍ରିୟ କରି ଗଢ଼ି ତୋଳିଥିବା ନିଶ୍ଚିତ । ସାଲବେଗ ନାମକ ଜନୈକ ମୁସଲମାନ କବି ଯେତେବେଳେ ତାଙ୍କ ଆବେଗନ୍ୱିତ ଜଗନ୍ନାଥ ଜଣାଣମାନ ରଚନା କଲେ ସେତେବେଳେ ଜଗନ୍ନାଥଙ୍କ ଖ୍ୟାତି ଆହୁରି ବୃଦ୍ଧି ପାଇଲା । ଲାଲବେଗ ନାମକ ଜନୈକ ମୁସଲମାନ ଅଧିକାରୀଙ୍କର ସନ୍ତାନ ଏହି ସାଲବେଗଙ୍କର ମାଆ ଥିଲେ ଜଣେ ବିଧବା ବ୍ରାହ୍ମଣୀ । କୁହାଯାଏ ଯେ ସେ ରୋଗଗ୍ରସ୍ତ ଥିଲେ ଏବଂ ମାଆଙ୍କ ପରାମର୍ଶ ଅନୁସାରେ ଜଗନ୍ନାଥଙ୍କୁ ପ୍ରାର୍ଥନା କରି ରୋଗମୁକ୍ତ ହୋଇଥିଲେ । ସେ ଜଗନ୍ନାଥ ଜଣାଣ ଓ ଚଉପଦୀମାନ ରଚନା କରି ପ୍ରତି କବିତା ଶେଷରେ ନିଜର ନାମ ଭଣିତା କରିଥିଲେ ।

କେତେକ ଯୁକ୍ତି କରନ୍ତି ଯେ ମୋଗଲମାନେ ଓଡ଼ିଶା ଅଧିକାର କରିବା ପରେ କଟକ ରାଜଧାନୀରେ ପରିଣତ ହେଲା ଏବଂ ମୁସଲମାନମାନେ ବାରମ୍ବାର ଜଗନ୍ନାଥ ମନ୍ଦିର

---

(୧) କାର୍ତ୍ତିକ ଦାସଙ୍କ ରଚିତ ରାମ ରାବଣ ଯୁଦ୍ଧ । ନରସିଂହ ସେଣ, ଧନଞ୍ଜୟ ଭଞ୍ଜ ଏବଂ ଲୋକନାଥ ବିଦ୍ୟାଧରଙ୍କ ଭଳି ଲେଖକବୃନ୍ଦ କୃଷ୍ଣପ୍ରେମ ବର୍ଣ୍ଣନାରେ ମନୋନିବେଶ କରିବା ପରିବର୍ତ୍ତେ ମାନବ ସମାଜର ସୁଖଦୁଃଖ ପ୍ରକାଶ କରୁଥିବା ଚରିତ୍ରମାନଙ୍କ ସମ୍ପର୍କରେ ପ୍ରେମ କାବ୍ୟମାନ ରଚନା କରିଛନ୍ତି ।

Digitized by PPRACHIN, SOA

ଆକ୍ରମଣ କଲେ । ପରିଣାମସ୍ୱରୂପ ଲେଖକ ଓ କବିମାନେ ନିଜକୁ ନିରପଦ ମନେ ନ କରି ଓଡ଼ିଶାର ବିଭିନ୍ନ ରାଜଦରବାରକୁ ପଳାଇଗଲେ ।

ଆଉ କେତେକ ମତବ୍ୟକ୍ତ କରନ୍ତି ଯେ ମୁସଲମାନଙ୍କ ଓଡ଼ିଶା ଅଧିକାର ପରେ ରାଜନୈତିକ ପ୍ରତିଶୋଧ, ଅର୍ଥନୈତିକ ଅଧୋଗତି ଏବଂ ଧର୍ମ ଉତ୍ପୀଡ଼ନ ହେତୁ ହିନ୍ଦୁଜୀବନ ଅର୍ଥଶୂନ୍ୟ ହୋଇପଡ଼ିଲା ।

ଏଠାରେ ଏହା କୁହାଯାଇପାରେ ଯେ ଜଗନ୍ନାଥଙ୍କ ଉପରେ ମୁସଲମାନମାନଙ୍କ ଆକ୍ରମଣ ଫଳରେ ଓଡ଼ିଶାର ବିଭିନ୍ନ ରାଜସଭାରେ ଆଶ୍ରୟ ନେବା ନିମନ୍ତେ କବି ଓ ଲେଖକ-ମାନେ ପଳାଇଗଲେ ବୋଲି ଯେଉଁ ସିଦ୍ଧାନ୍ତର ଅବତାରଣା କରାଯାଉଅଛି ତାହା ଯୁକ୍ତିଯୁକ୍ତ ମନେହୁଏ ନାହିଁ । କାରଣ ଯଦିଓ ପୁରୀ ଓଡ଼ିଶୀ ସଂସ୍କୃତିର ଏକ ପୀଠସ୍ଥଳ ରୂପେ ପରିଗଣିତ ହେଉଥିଲା ତଥାପି ଏହା ସର୍ବଦା କବି ଓ ଲେଖକମାନଙ୍କ ପ୍ରଧାନ କର୍ମସ୍ଥଳ ନ ଥିଲା । ପୁରୀ ଠାରେ କୌଣସି ରାଜଦରବାର ନ ଥିବା ହେତୁ ମୁସଲମାନମାନଙ୍କ ଓଡ଼ିଶା ଅଧିକାର ପୂର୍ବରୁ କଟକ ଠାରେ ଏବଂ ଅଧିକାର ପରେ ଖୋର୍ଦ୍ଧା ଠାରେ କବିମାନଙ୍କୁ ରାଜପୃଷ୍ଠପୋଷକତା ମିଳୁଥିଲା । ଏହା ସ୍ୱୀକାର୍ଯ୍ୟ ଯେ ବିଦ୍ୱାନ ଓ ଲେଖକବୃନ୍ଦ ବିଭିନ୍ନ ସମୟରେ ପୁରୀ ଠାରେ ଅଳ୍ପକାଳ ସକାଶେ ସମବେତ ହେଉଥିଲେ । ମୁସଲମାନମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ବୈଷ୍ଣବଧର୍ମ ପ୍ରଚାର ନିମନ୍ତେ ଚୈତନ୍ୟ ପୁରୀ ଠାରେ ଅବସ୍ଥାନ କରୁଥିବା ବେଳେ ସାଂସ୍କୃତିକ ଓ ଆଧ୍ୟାତ୍ମିକ ସମାବେଶମାନ ଆୟୋଜନ କରାଯାଉଥିଲା ଓ ସମାବେଶମାନ ଏକ ସ୍ୱତନ୍ତ୍ର ପବିତ୍ରତା ଲାଭ କରିଥିଲା । ଅନ୍ୟଥା କବି ଓ ଲେଖକମାନେ ପ୍ରାଚୀନକାଳ ପରି ମଧ୍ୟଯୁଗୀୟ କାଳରେ ରାଜା ତଥା ସର୍ଦ୍ଦାରମାନଙ୍କ ଦରବାରର ପୃଷ୍ଠପୋଷକତା ଲାଭ କରି ସମୃଦ୍ଧି ଲାଭ କରିଥିଲେ । ପ୍ରାକ୍ ମୁସଲମାନ ଯୁଗର ଜନୈକ ମହାନ୍ ସ୍ରଷ୍ଟା ସାରଳା ଦାସ ସାରଳାମହାଭାରତ ମହାକାବ୍ୟ ରଚନା କରିଥିଲେ ହେଁ ପୁରୀ ସହିତ ତାଙ୍କର କୌଣସି ସମ୍ପର୍କ ନ ଥିଲା । ସେ ତାଙ୍କର କୃତୀ ଝଙ୍କଡ଼ ଠାରେ ରଚନା କରିଥିବା ଜଣାଯାଏ ।

ମୁସଲମାନମାନେ ଓଡ଼ିଶା ଅଧିକାର କରିବା ପରେ ଓଡ଼ିଶାର ରାଜା ରାଜନୈତିକ ଦୃଶ୍ୟପଟରୁ ଅପସରିଗଲେ । ଜଗନ୍ନାଥ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ଥିବା ଖୋର୍ଦ୍ଧା ରାଜାଙ୍କୁ ମୋଗଲମାନଙ୍କ ସାର୍ବଭୌମ କର୍ତ୍ତୃତ୍ୱ ପରିସରଭୁକ୍ତ ବିଭିନ୍ନ ରାଜାଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଗଲା । ଏହି ରାଜାମାନେ ମୋଗଲ ଶାସନର ସଂସ୍ପର୍ଶରେ ଆସିଲେ, ମୋଗଲ ଦରବାର ସମ୍ବନ୍ଧରେ ଜ୍ଞାନ ଆହରଣ କଲେ ଏବଂ ମୋଗଲ ଦରବାର ଅନୁକରଣରେ ନିଜ ନିଜର ଦରବାରଗୁଡ଼ିକୁ ଅଧିକ ରମଣୀୟ ତଥା ମର୍ଯ୍ୟାଦାପୂର୍ଣ୍ଣ କରି ଗଢ଼ିବାକୁ ଲାଗିଲେ । ଆଗରୁ ସେମାନେ ସଂସ୍କୃତ ପଣ୍ଡିତମାନଙ୍କୁ ଉତ୍ସାହିତ କରି ଆସୁଥିଲେ । ମାତ୍ର ଏବେ ସେମାନେ ଦେଖିଲେ ଯେ ସର୍ବସାଧାରଣଙ୍କ ବୋଧଗମ୍ୟ ହେଉ ନ ଥିବାରୁ ସଂସ୍କୃତ ଭାଷାର

Digitized by PPRACHIN, SOA

ଲୋକପ୍ରିୟତା ହ୍ରାସ ପାଉଛି । ବୈଷ୍ଣବ ଲେଖକମାନଙ୍କ ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜନସାଧାରଣଙ୍କ ନିକଟତର ହେଉଥିବା ଦୃଷ୍ଟିରୁ ଏହି ରାଜାମାନେ ଓଡ଼ିଆ କବି ଓ ଲେଖକ-ମାନଙ୍କ ପୃଷ୍ଠପୋଷକତା ଲାଗି ଆଗ୍ରହ ପ୍ରକାଶ କଲେ ।

କବିମାନଙ୍କ ପ୍ରତି ଜନୈକ ଖୋର୍ଦ୍ଧା ରାଜାଙ୍କ ଅଦ୍ଭୁତ ମନୋଭାବ କେତେକ ଲେଖକଙ୍କୁ ଅନ୍ୟତ୍ର ପଳାଇ ଯିବାକୁ ବାଧ୍ୟ କରିଥିବା ଜଣାଯାଏ । ଦିବ୍ୟସିଂହଦେବ ଖୋର୍ଦ୍ଧାର ରାଜା ଥିବା ସମୟରେ ଅନେକ କବି ତାଙ୍କ ପୃଷ୍ଠପୋଷକତା ଲାଭ ଆଶାରେ ତାଙ୍କ ପାଖକୁ ଆସିଥିଲେ । ମାତ୍ର ରାଜା ପ୍ରାୟ ସମସ୍ତଙ୍କୁ ଜବରଦସ୍ତ ତାଙ୍କ ନିଜ ନାମରେ କବିତା ରଚନା କରିବା ପାଇଁ ଆଦେଶ ଦେଲେ । ଉଦାହରଣସ୍ୱରୂପ ଯଦିଓ ଲୋକନାଥ କେତେକ କବିତା ରଚନା କରିଥିଲେ କବିତା ଶେଷରେ ଦିବ୍ୟସିଂହଦେବଙ୍କ ନାମ ଭଣିତା କରା-ଯାଇଅଛି । ରାଜାଙ୍କର ଏତାଦୃଶ ବ୍ୟବହାରରେ କ୍ଷୁବ୍ଧ ହୋଇ ଆତ୍ମାଭିମାନୀ କବିଗଣ ସମ୍ମାନ ଓ ସ୍ୱୀକୃତି ଆଶାରେ ଅନ୍ୟତ୍ର ଚାଲିଯିବାକୁ ଉଚିତ୍ ମନେକଲେ ।

ତୃତୀୟତଃ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମୁସଲମାନ ଆକ୍ରମଣ ଯୋଗୁଁ ଯଦି କବିମାନେ ଓଡ଼ିଶାର ବିଭିନ୍ନ ରାଜାଙ୍କ ପାଖକୁ ଯାଇଥାନ୍ତେ ତେବେ ମୁସଲମାନ ରାଜତ୍ୱର ଅବସାନ ପରେ ପରେ ସେମାନେ ପୁରୀକୁ ପ୍ରତ୍ୟାବର୍ତ୍ତନ କରି ଆସିଥାଆନ୍ତେ । ମାତ୍ର ପରବର୍ତ୍ତୀ ହିନ୍ଦୁ ମରହଟ୍ଟାମାନେ ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱ ଗ୍ରହଣ କଲାପରେ ମଧ୍ୟ ସେଭଳି ଘଟଣା ଘଟିଲା ନାହିଁ । କବି ଓ ଲେଖକମାନେ ପୂର୍ବଭଳି ସେହି ଦରବାରମାନଙ୍କରେ ରହିଲେ ।

ମୁସଲମାନ ରାଜତ୍ୱ କାଳରେ କବି ଓ ଲେଖକମାନଙ୍କ ପୃଷ୍ଠପୋଷକତା କ୍ଷେତ୍ରରେ ଗଞ୍ଜାମର ଘୁମୁସର, ପାରଳାଖେମୁଣ୍ଡି ଓ ବଡ଼ଖେମଣ୍ଡିର ରାଜାଗଣ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ସେମାନେ ନିଜ ନିଜର ରାଜସଭାରେ ଓଡ଼ିଆ ତଥା ସଂସ୍କୃତ ଉଭୟ ସାହିତ୍ୟର ରଚନାବଳୀକୁ ପ୍ରୋତ୍ସାହିତ କରୁଥିଲେ ।

ମୋଗଲ ରାଜତ୍ୱରେ ନୈତିକ ଅଧଃପତନ, ଅର୍ଥନୈତିକ ଅଧୋଗତି ତଥା ଧର୍ମଗତ ଉତ୍ପୀଡ଼ନ ଘଟିଥିବା ଏବଂ ଜୀବନ ଅର୍ଥଶୂନ୍ୟ ହୋଇ ପଡ଼ିଥିବା ବିଷୟ ମଧ୍ୟଯୁଗୀୟ କାଳର ସମାଜ ପରିପ୍ରେକ୍ଷୀରେ ବିଚାର କରାଯାଇପାରେ । ଆକବରଙ୍କ ରାଜତ୍ୱକାଳ ବ୍ୟତୀତ ଅନ୍ୟ ସମୟରେ ମୋଗଲ ଦରବାର ଓଡ଼ିଶାରୁ କୌଣସି ସାହିତ୍ୟିକଙ୍କୁ ଆକର୍ଷଣ କରି ନ ଥିଲା । ମୋଗଲ ଶାସକମାନେ ଲେଖକମାନଙ୍କ ସାହିତ୍ୟିକ କାର୍ଯ୍ୟକଳାପ ଉପରେ ହସ୍ତକ୍ଷେପ କରୁ ନ ଥିଲେ । ସେମାନେ ରାଜସ୍ୱ ଅସୁଲରେ ସନ୍ତୁଷ୍ଟ ଥିଲେ ଏବଂ ସଂସ୍କୃତ ବା ଓଡ଼ିଆ ସାହିତ୍ୟ କମ୍ ବୁଝୁଥିଲେ । ସେମାନଙ୍କ ରାଜନୈତିକ ସ୍ୱାର୍ଥ ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ନ ହେବା ପର୍ଯ୍ୟନ୍ତ ସାହିତ୍ୟ ସମ୍ପର୍କରେ ମୁଣ୍ଡ ଖେଳାଉ ନ ଥିଲେ । କୌତୂହଳର

Digitized by PPRACHIN, SOA

ବିଷୟ ଏହି ଯେ ପୁରୀ ତଥା ଖୋର୍ଦ୍ଧା ସୀମା ଉପରେ ବାରମ୍ବାର ଆକ୍ରମଣ ହୋଇଥିଲେ ହେଁ ପୁରୀ ବା ଖୋର୍ଦ୍ଧାର ଲେଖକମାନେ କବିତା ରଚନା କରୁଥିଲେ ଏବଂ ନିଜର ସାହିତ୍ୟିକ କାର୍ଯ୍ୟକଳାପ ଅବ୍ୟାହତ ରଖିଥିଲେ । ଅପରପକ୍ଷରେ ପ୍ରାକ୍ ମୁସଲମାନ ରାଜତ୍ୱକାଳ ତୁଳନାରେ ଓଡ଼ିଶାରେ ମୁସଲମାନ ରାଜତ୍ୱ କାଳରେ ସମାଜର ବିଭିନ୍ନ ଘଟଣାବଳୀକୁ ଆଧାର କରି କାବ୍ୟ କବିତା ରଚନା କରୁଥିବା ବହୁ ଲେଖକ ତଥା ପ୍ରଣେତା ସୃଷ୍ଟ ହୋଇ-ଥିଲେ । ଓଡ଼ିଶୀ ସମାଜ ତଥା ସାହିତ୍ୟ କୃତୀ ଉପରେ ମୁସଲମାନ ପ୍ରଭାବ ଯୋଗୁଁ କେତେକ ପରିବର୍ତ୍ତନ ଅନୁଭୂତ ହୋଇଥିଲେ ହେଁ କୌଣସି ନୈତିକ ଅଧଃପତନ ଘଟିଥିବା ପ୍ରତୀୟମାନ ହୁଏ ନାହିଁ । ଓଡ଼ିଶାର ରାଜାମାନଙ୍କ ଦରବାରଗୁଡ଼ିକରେ ଯଦିବା ମୋଗଲ ଦରବାରର ଅନୁକରଣରେ ଆଡ଼ମ୍ବର ବିଳାସବ୍ୟସନର ପରିଲକ୍ଷିତ ହେଉଥିଲା ମାତ୍ର ସାଧାରଣ ଲୋକଙ୍କ ଜୀବନଯାତ୍ରା ଏହି ଭାବଧାରାରେ ପ୍ରାୟତଃ କ୍ଷତିଗ୍ରସ୍ତ ହୋଇ ନ ଥିଲା ।

ମୋଗଲ ଶାସନ କାଳରେ ଓଡ଼ିଶାର ପ୍ରଜାସାଧାରଣଙ୍କ ଅବସ୍ଥାର ଅବନତି ହେତୁ ଏହାର ପ୍ରଜାସାଧାରଣଙ୍କ ନୈତିକ ଜୀବନରେ ଅଧୋଗତି ଦେଖା ଦେଇଥିବା ସଂକ୍ରାନ୍ତରେ ଯେଉଁ ଯୁକ୍ତିର ଅବତାରଣା କରଯାଏ ତାହାର କୌଣସି ଯଥାର୍ଥତା ନାହିଁ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଏହି ପ୍ରଦେଶରୁ ଅସୁଲ ହେଉଥିବା ରାଜସ୍ୱକୁ ଏଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଲଗା ନ ଯାଇ ଦିଲ୍ଲୀସ୍ଥିତ ମୋଗଲ ଦରବାରକୁ ଚାଲିଯାଉଥିଲା । ମାତ୍ର ଏତଦ୍ୱାରା ଲୋକମାନଙ୍କର ଆଧ୍ୟାତ୍ମିକ ଚେତନା ଅଧୋପତିତ ହେବା ବା ସେମାନଙ୍କର ନୈତିକ ମୂଲ୍ୟବୋଧ ଅବକ୍ଷୟ ହୋଇ ଜୀବନ ଅନ୍ତଃସାରଶୂନ୍ୟ ହୋଇ ପଡ଼ିବାର କୌଣସି କାରଣ ନାହିଁ । ଯଦ୍ୟପି ଏହା ଘଟିଥାନ୍ତା ତେବେ ଅବଶ୍ୟ ତତ୍କାଳୀନ ସମାଜସଚେତନ ସାହିତ୍ୟିକ-ମାନଙ୍କର ରଚନାରେ ଏ ସମ୍ପର୍କରେ ଯଥେଷ୍ଟ ସୂଚନା ରହିଥାନ୍ତା । ମାତ୍ର ମଧ୍ୟଯୁଗୀୟ କାବ୍ୟ-କୃତୀମାନଙ୍କରେ କୁତ୍ରାପି ଜୀବନର ତଥାକଥିତ ଅନ୍ତଃସାରଶୂନ୍ୟତା ବିଷୟରେ କିଛିହେଲେ ଉଲ୍ଲେଖ ନାହିଁ । ଅତଏବ କେବଳ ଅନୁମାନ ଉପରେ ନିର୍ଭର କରି ଏଭଳି ଯୁକ୍ତିକୁ ସ୍ୱୀକାର କରଯାଇ ନ ପାରେ । ବରଂ ତତ୍କାଳୀନ ମାନଦଣ୍ଡରେ ବିଚାର କଲେ ମୋଗଲ ଶାସନ କାଳରେ ଜୀବନର ସ୍ୱକୀୟ ସୁଖଦୁଃଖ ରହିଥିଲା । ପ୍ରାକ୍ ମୁସଲମାନ ରାଜତ୍ୱକାଳ ଓ ପରବର୍ତ୍ତୀ ମରହଟ୍ଟା ରାଜତ୍ୱକାଳ ପରି ଏହି ସମୟରେ ମଧ୍ୟ ଜୀବନ ଅର୍ଥପୂର୍ଣ୍ଣ ଥିଲା ।

ଏହି ଯୁଗରେ ଓଡ଼ିଆ ସାହିତ୍ୟ ଆଳଙ୍କାରିକ ଶୈଳୀ ଓ ଔଜ୍ଜ୍ୱଲ୍ୟର ଚରମ ସୀମାରେ ଉପନୀତ ହୋଇଥିବା ପରିଦୃଷ୍ଟ ହୁଏ । ଧନଞ୍ଜୟ ଭଞ୍ଜ ଓ ଉପେନ୍ଦ୍ର ଭଞ୍ଜ ପ୍ରଧାନତଃ ଏକ କାବ୍ୟଯୁଗର ଅୟମାରମ୍ଭ କରିଥିଲେ । ଏହାଦ୍ୱାରା ପୂର୍ବବର୍ତ୍ତୀ ଯୁଗର ପରମ୍ପରାନୁସାରୀ ସାହିତ୍ୟ ରୀତିରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଲା ।

Digitized by PPRACHIN, SOA

ପୁରାତନ ସଂସ୍କୃତ ଗ୍ରନ୍ଥ, ସେ ସବୁର ବିନ୍ୟାସ ପ୍ରଣାଳୀ, ଆଳଙ୍କାରିକ ଶୈଳୀ ଓ ଧ୍ୱନିଗାମ୍ଭୀର୍ଯ୍ୟର ଆଲୋଚନା ସହିତ ଅଭ୍ୟସ୍ତ ଏକ ରାଜପରିବାରର ରାଜକୁମାର ସାହିତ୍ୟ କ୍ଷେତ୍ରରେ ଏହି ନେତୃତ୍ୱ ଗ୍ରହଣ କରିଥିବା ଦୃଷ୍ଟିରୁ ସେମାନଙ୍କ ରଚନାବଳୀରେ ଅଭିଜାତ ତନ୍ତ୍ରୀୟ ଆଳଙ୍କାରିକ ବ୍ୟଞ୍ଜନାର ଉତ୍କର୍ଷ ପରିସ୍ଫୁଟ ହେଲା ।

ପୁନଶ୍ଚ ରାଜପରିବାରର ସନ୍ତାନ ହୋଇଥିବାରୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଆକର୍ଷଣୀୟ ଭାବରେ ସମାଜ ଚିତ୍ର ବର୍ଣ୍ଣନା କରିବାକୁ ସେମାନଙ୍କର ଉନ୍ମୁକ୍ତ ଚିନ୍ତାଧାରା ରହିଥିଲା ।

ସାହିତ୍ୟରେ ଗତାନୁଗତିକ ଭାବରେ ସରଳ ଶୈଳୀ ଓ ସହଜ ଶବ୍ଦର ପ୍ରୟୋଗ କରିବାରେ ମଧ୍ୟ ମଧ୍ୟଯୁଗୀୟ କବିମାନେ ଅଭ୍ୟସ୍ତ ନ ଥିଲେ କିମ୍ବା ସେଥିପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିଲେ । କୌଣସି ସାହିତ୍ୟିକ ଶୈଳୀ ପ୍ରତି ଦୃଷ୍ଟି ନ ଦେଇ ଭାବନାର ସହଜ ପରିପ୍ରକାଶ ଉପେନ୍ଦ୍ର ଭଞ୍ଜଙ୍କ ଭଳି ଲେଖକମାନଙ୍କୁ ଅନୁସୃତ ପାରମ୍ପାରିକ ସାଧାରଣ ମାର୍ଗ ଅବଲମ୍ବନ ଅପେକ୍ଷା କିଛିଟା ନୂତନ, ଉଚ୍ଚକୋଟୀର ତଥା ଆଦର୍ଶ ସ୍ଥାନୀୟ କୃତୀ ସୃଷ୍ଟି ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲା । ଏପରିକି ଧର୍ମପ୍ରଚାର ଉଦ୍ଦେଶ୍ୟରେ ମୁଖ୍ୟତଃ ସାଧାରଣଲୋକଙ୍କୁ ସ୍ପର୍ଶ କରିବା ପାଇଁ ଉଦ୍ଦିଷ୍ଟ ରଚନାବଳୀର କେତେକ ବୈଷ୍ଣବ ଲେଖକ ମଧ୍ୟ ସହଜ ଓ ସାଧାରଣ କବିତା ସୃଷ୍ଟି କରିବାରେ ସନ୍ତୁଷ୍ଟ ନ ଥିଲେ । ଜନୈକ ବୈଷ୍ଣବ କବି ଦୀନକୃଷ୍ଣ ସ୍ୱରଚିତ "ରସକଲ୍ଲୋଳ"ରେ ଆଳଙ୍କାରିକତା ପ୍ରତି ନିଜର ଆଗ୍ରହ ପ୍ରକାଶ କରିଥିଲେ । ଭାବଗାମ୍ଭୀର୍ଯ୍ୟ ଆଳଙ୍କାରିକତା, ସୌନ୍ଦର୍ଯ୍ୟବୋଧ ଓ ଶୈଳୀ ସ୍ୱାତନ୍ତ୍ର୍ୟର ପରିସ୍ଫୁଟନ, ଭାସ୍କର୍ଯ୍ୟ ଓ ଚିତ୍ରକଳା ଭଳି ଓଡ଼ିଶାର ସର୍ବୋତ୍କୃଷ୍ଟ କାବ୍ୟ ଶିଳ୍ପୀ ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀରେ ସ୍ପଷ୍ଟତଃ ପରିଲକ୍ଷିତ ହୁଏ । ସେ ତାଙ୍କର କୃତୀଗୁଡ଼ିକୁ ପାଠକଙ୍କ ପାଇଁ ଅସାଧାରଣ ଓ ସର୍ବୋତ୍କୃଷ୍ଟ କରି ରଚନା କରିବାକୁ ଇଚ୍ଛାପ୍ରକାଶ କରିଥିଲେ । ତାଙ୍କ ରଚିତ କେତେକ କାବ୍ୟର ସର୍ଗମାନଙ୍କର ପ୍ରଥମ କେତେଧାଡ଼ି ପାଠକଲେ ଏକ ରତୁର ଅର୍ଥ ପ୍ରକାଶ ପାଏ, ମାତ୍ର ସେହି ପଂକ୍ତିଗୁଡ଼ିକରୁ ପ୍ରଥମ ଅକ୍ଷରମାନଙ୍କୁ କାଢ଼ି ନିଆଗଲେ ତାହା ଆଉ ଏକ ରତୁକୁ ବୁଝାଏ । ଆଳଙ୍କାରିକ ଛାନ୍ଦରେ ରାମାୟଣର ବିଷୟବସ୍ତୁକୁ ନେଇ ତାଙ୍କ ରଚିତ "ବୈଦେହୀଶ ବିଳାସ" ଏକ ଅନବଦ୍ୟ କାବ୍ୟର ସାର୍ଥକ ଉଦାହରଣ ।

ତାଙ୍କଦ୍ୱାରା ବିଭିନ୍ନ ଶବ୍ଦର ବ୍ୟବହାର ଓ ବିଭିନ୍ନ ଅର୍ଥରେ ସେହି ଗୋଟିଏ ଶବ୍ଦର ପ୍ରୟୋଗ ଏବଂ ଆଳଙ୍କାରିକ ଶୈଳୀରେ ଅକ୍ଷର ବା ଶବ୍ଦମାନଙ୍କର ପ୍ରୟୋଗ ସେ ଅବଲମ୍ବନ କରିଥିବା ଉଲ୍ଲେଖନୀୟ କାବ୍ୟିକ କୌଶଳ ତଥା ପାଣ୍ଡିତ୍ୟର ସୂଚନା ପ୍ରଦାନ କରେ । ଯଦିଓ ଆଧୁନିକ ଯୁଗର କେତେକ ପଣ୍ଡିତ ତାଙ୍କର ରଚନା କୌଶଳକୁ "ବୃଥା ପାଣ୍ଡିତ୍ୟ ପ୍ରଦର୍ଶନ" (Stupid pedantry) ବୋଲି ସମାଲୋଚନା କରିଥାଆନ୍ତି ତଥାପି ତାଙ୍କର

Digitized by PPRACHIN, SOA

ପ୍ରତିଭା ଓ ଦକ୍ଷତାକୁ ଲୋକପ୍ରିୟ ଭାବୋଦ୍ଦୀପକ କବିତା ଅପେକ୍ଷା କଳାରେ ବିଶ୍ୱାସ ପୋଷଣ କରୁଥିବା କୌଣସି ସାହିତ୍ୟିକ ଅତିକ୍ରମ କରିପାରି ନାହାନ୍ତି । ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟ ଓ ଲାବଣ୍ୟବତୀ ତାଙ୍କର କେତେକ ସର୍ବଶ୍ରେଷ୍ଠ କୃତୀ । କ୍ଲିଷ୍ଟ ପ୍ରାୟୋଗିକ ଶୈଳୀ ସତ୍ତ୍ୱେ ଏହିସବୁ କୃତୀ ଜନମାନସରେ ଆଜି ପର୍ଯ୍ୟନ୍ତ ଆକର୍ଷଣୀୟ ହୋଇ ରହିଛି । ଭଞ୍ଜ କାବ୍ୟର ପଂକ୍ତିମାନ ବୋଲୁଥିବା ପାଲାକାରମାନଙ୍କୁ ସାହିତ୍ୟରେ ଯଥେଷ୍ଟ ଜ୍ଞାନ ହାସଲ କରି ନ ଥିବା ବ୍ୟକ୍ତି ଭାବରେ ବିବେଚନା କରଯାଇଥାଏ ।

କେବଳ କାବ୍ୟ ନିର୍ମାଣ କଳା କ୍ଷେତ୍ରରେ ନୁହେଁ, ପାରମ୍ପାରିକ ଚିନ୍ତାଧାରାରେ ମଧ୍ୟ ଉପେନ୍ଦ୍ର ଭଞ୍ଜ ଏକ ପରିବର୍ତ୍ତନ ଆଣିଥିଲେ । ପୂର୍ବରୁ ସାରଳା ଦାସ, ଜଗନ୍ନାଥ ଦାସ ଓ ବଳରାମ ଦାସ ପ୍ରଭୃତି ଖ୍ୟାତନାମା କବିବୃନ୍ଦ ବିଶେଷ କରି ଧର୍ମ କବିତା ବା ପୁରାଣମାନଙ୍କ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ଐଶ୍ୱରିକ ପ୍ରାପ୍ତି ହିଁ ଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ବିବେଚିତ ହେଉଥିଲା । ଏହି ସମୟରେ ପାର୍ଥିବ ବିଷୟରେ କାବ୍ୟକବିତା ରଚନା କରୁଥିବା କବିଙ୍କ ସଂଖ୍ୟା ଥିଲା ଖୁବ୍ କମ୍ । ମାତ୍ର ଉପେନ୍ଦ୍ର ଭଞ୍ଜଙ୍କ ଦୃଷ୍ଟିରେ ଜୀବନ କେବଳ ଆଧ୍ୟାତ୍ମିକ ପ୍ରାପ୍ତି ବା ଅନ୍ୱେଷଣ ନିମନ୍ତେ ନୁହେଁ, ଅଧିକନ୍ତୁ ପାର୍ଥିବ ସୁଖ ଉପଭୋଗ କରିବା ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ । ଧନଞ୍ଜୟ ଭଞ୍ଜଙ୍କ ମାର୍ଗ ଅନୁସରଣ କରିସାରିବା ପରେ ତାଙ୍କର ପଥ ଅନ୍ୟ ଜଗତ ବା ସନ୍ନ୍ୟାସୀଙ୍କ ପରି ନ ହୋଇ ବାସ୍ତବଧର୍ମୀ ଥିଲା । ସେ କେବଳ ଆଧ୍ୟାତ୍ମିକ ବିଷୟରେ ମନୋନିବେଶ କରିବାରେ ସନ୍ତୁଷ୍ଟ ନ ଥିଲେ । ସେ ଅନୁଭବ କଲେ ଯେ ପାର୍ଥିବ ସୁଖସମ୍ପର୍କୀୟ ବିଷୟକୁ ମଧ୍ୟ ଯଥାର୍ଥ ଗୁରୁତ୍ୱ ଦିଆଯିବା ଉଚିତ୍ । ତେଣୁ ସ୍ୱରଚିତ କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ ଓ ଲାବଣ୍ୟବତୀରେ ସେ ପ୍ରେମ ଏବଂ ପ୍ରେମଜନିତ ସୁଖ ବିଷୟ ବର୍ଣ୍ଣନା କରିଅଛନ୍ତି ।

ତତ୍କାଳୀନ ସାମାଜିକ ଜୀବନ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ ତାଙ୍କ ରଚନା-ବଳୀର ଆଉ ଏକ ପ୍ରଧାନ ବୈଶିଷ୍ଟ୍ୟ । ସ୍ୱରଚିତ କାବ୍ୟ କବିତାମାନଙ୍କରେ ସେ ସାମାଜିକ ଜୀବନର ବିସ୍ତୃତ ଚିତ୍ର ବର୍ଣ୍ଣନା କରିଅଛନ୍ତି । ଏହି ବର୍ଣ୍ଣନାରେ ସମାଜରେ ବାସ କରୁଥିବା ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ସମ୍ପର୍କରେ ବ୍ୟାପକ ବିବରଣୀ ପ୍ରଦାନ କରଯାଇଛି । ସେ ରଜା, ରାଣୀ, ରାଜକୁମାର, ରାଜକୁମାରୀ, ମନ୍ତ୍ରୀ, ପୁରୋହିତ ଏବଂ ମାଳି, ସୈନିକ ଓ ବାରଙ୍ଗନାମାନଙ୍କ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଅଛନ୍ତି । ପୁନଶ୍ଚ ପାରମ୍ପାରିକ ଜୀବନ, ପର୍ବପର୍ବାଣି, ପୂଜାପାର୍ବଣ, ଜନ୍ମ ବିବାହ ପ୍ରଭୃତି ଉତ୍ସବାନୁଷ୍ଠାନ ଇତ୍ୟାଦି ବିଷୟମାନ ମଧ୍ୟ ବର୍ଣ୍ଣିତ ହୋଇଅଛି ।

ପ୍ରକୃତି ସମ୍ପର୍କରେ ତାଙ୍କର ବର୍ଣ୍ଣନା ମଣିଷର ସାମାଜିକ ଜୀବନ ବର୍ଣ୍ଣନା ପରି ରମଣୀୟ । ପାହାଡ଼, ଜଙ୍ଗଲ, ନଦୀ, ଜଳ, ପାଗ ଓ ଅନ୍ୟାନ୍ୟ ପ୍ରାକୃତିକ ଦୃଶ୍ୟ ସମ୍ପର୍କରେ ତାଙ୍କର ବର୍ଣ୍ଣନା ଅତି ଉଚ୍ଚକୋଟୀର ।

Digitized by PPRACHIN, SOA

ପ୍ରଣୟ ଏବଂ ପ୍ରଣୟୀ ଚରିତ୍ର ବର୍ଣ୍ଣନାରେ ସେ ତ୍ୟାଗ, ଯନ୍ତ୍ରଣା, ପାରସ୍ପରିକ ବୁଝାମଣା, ଦୟା ଏବଂ ଅନ୍ୟାନ୍ୟ ସଦ୍‌ଗୁଣ ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ଆଦର୍ଶ ଚରିତ୍ର ଏବଂ ଆଦର୍ଶମୂଳକ ଦୃଶ୍ୟ ଉକ୍ତ କବିଙ୍କର ପ୍ରଧାନ ଭାବ । ତାଙ୍କ ଅବତାରଣାରେ ହୀନମନ୍ୟତା ଏବଂ ହୀନ ବିଷୟବସ୍ତୁ ବର୍ଣ୍ଣିତ ହୋଇଥିବା ପରିଦୃଷ୍ଟ ହୁଏ ନାହିଁ ।

ଭଞ୍ଜଙ୍କର ଅଧିକାଂଶ ଲେଖା ଯୌନ ବିକାର (sex-sickness) ପରିଣାମ ବୋଲି କେତେକ ସମାଲୋଚକ ତାଙ୍କର ନିନ୍ଦାଗାନ କରିଅଛନ୍ତି । ମାତ୍ର ଏଭଳି ମନ୍ତବ୍ୟ ଠିକ୍ ନୁହେଁ । କାରଣ ବାସ୍ତବତା ପରିପ୍ରେକ୍ଷୀରେ ମାନବ ପ୍ରେମ ଆଚରଣ ବର୍ଣ୍ଣନା ସତ୍ତ୍ୱେ ତାଙ୍କ କାବ୍ୟ କବିତାଗୁଡ଼ିକର ନୈତିକ ମୂଲ୍ୟବୋଧ ମଧ୍ୟ ରହିଛି ଏବଂ କବି ଉଦାର ମନୋଭାବ ପ୍ରଦର୍ଶନପୂର୍ବକ ବହୁ ଉପଦେଶ ପ୍ରଦାନ କରିଅଛନ୍ତି । ତାଙ୍କ ରଚନାବଳୀରେ ଦାମ୍ପତ୍ୟ ଜୀବନକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଅଛି । କବି ଇଚ୍ଛାପ୍ରକାଶ କରିଅଛନ୍ତି ଯେ ବୈବାହିକ ଜୀବନ ପ୍ରେମ ଉପରେ ପ୍ରତିଷ୍ଠିତ ହୋଇଥିଲେ ହେଁ ଏହା ପବିତ୍ର ରହିବା ବିଧେୟ ।

ଉପେନ୍ଦ୍ର ଭଞ୍ଜ ପ୍ରାୟ ୭୦ ବା ୮୦ ଖଣ୍ଡ କାବ୍ୟ ଲେଖିଥିଲେ । ସେଥିମଧ୍ୟରୁ ଅନେକ ଏବେ ମଧ୍ୟ ଅପ୍ରକାଶିତ । କାବ୍ୟ କବିତା ରଚନା ଥିଲା ତାଙ୍କ ଜୀବନର ଧ୍ୟେୟ ଏବଂ ଏ କ୍ଷେତ୍ରରେ ତାଙ୍କର ନିଷ୍ଠା ଅବ୍ୟାହତ ଥିଲା । ସେ ସ୍ୱତଃସ୍ଫୂର୍ତ୍ତ କବି ପ୍ରତିଭାର ଅଧିକାରୀ ଥିଲେ । ଚିନ୍ତାଧାରର ପରିପ୍ରକାଶ ନିମନ୍ତେ ତାଙ୍କ ଠାରେ ଅକୃତ୍ରିମ ଶକ୍ତିସତ୍ତା ପୂରି ରହିଥିଲା । ଶବ୍ଦ ପ୍ରୟୋଗରେ କ୍ଲିଷ୍ଟତା ସତ୍ତ୍ୱେ ତାଙ୍କ ରଚିତ ପଂକ୍ତିଗୁଡ଼ିକର ଗଭୀରତା ସାଙ୍ଗୀତିକତା, ଛନ୍ଦୋବଦ୍ଧତା, ଶୈଳୀ ଏବଂ ଶବ୍ଦାବଳୀର ମନୋଜ୍ଞ ବ୍ୟଞ୍ଜନା ପାଠକକୁ ସୌନ୍ଦର୍ଯ୍ୟ ଓ ପ୍ରେମରାଜ୍ୟକୁ ନେଇଯାଏ । ଓଡ଼ିଆ ସାହିତ୍ୟକୁ ତାଙ୍କର ଶ୍ରେଷ୍ଠ ଅବଦାନ ଲାଗି ସେ ଉକ୍ତ ଯୁଗର ସାହିତ୍ୟାକାଶରେ ଜାଜ୍ୱଲ୍ୟମାନ ହୋଇ ରହିଅଛନ୍ତି ।

ସେ ଭାବ ତୁଳନାରେ ଶବ୍ଦ ପ୍ରୟୋଗ, ଧ୍ୱନି ଓ ଆଳଂକାରିତା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ ବୋଲି କେତେକ ସମାଲୋଚକମାନେ ମନ୍ତବ୍ୟ ଦିଅନ୍ତି । ମାତ୍ର ଏଇ ପରିପ୍ରେକ୍ଷୀରେ ତତ୍କାଳୀନ ଯୁଗ ଓ ପରିବେଶକୁ ଭୁଲିଯିବା ଉଚିତ୍ ନୁହେଁ । ଏହା ସ୍ୱୀକାର କରିବାକୁ ହେବ ଯେ କବି କେବଳ ସେହି ଯୁଗ ପାଇଁ ଏ ସବୁ ରଚନା କରିଥିଲେ । ସେ ସେହି ଯୁଗରେ ଜନ୍ମଲାଭ କରିଥିଲେ ଏବଂ ନିଜ ଚତୁଃପାର୍ଶ୍ୱରେ ଯାହାସବୁ ଦେଖିଲେ ସେ ସବୁକୁ ଯୁଗାନୁସାରୀ କାବ୍ୟ ରୀତିରେ ପ୍ରକାଶ କଲେ ଯାହାକି ସାହିତ୍ୟାନୁରାଗୀମାନଙ୍କ ଶ୍ରଦ୍ଧା ଓ ସମ୍ମାନ ଲାଭ କଲା । କୌଣସି ବ୍ୟକ୍ତିଙ୍କ ଯୋଗ୍ୟତା ନିରୂପଣ ନିମନ୍ତେ ସାମ୍ପ୍ରତିକ-ମାନ ପ୍ରୟୋଗ କରଯିବା ଉଚିତ ନୁହେଁ, କାରଣ ମୂଲ୍ୟ ନିରୂପଣ ପ୍ରଣାଳୀ ସେ ଯୁଗରେ ଭିନ୍ନ ଥିଲା, ସେ ଏପରି ଏକ ଶୈଳୀ ଅବଲମ୍ବନ କଲେ ଏବଂ ଘଟଣା ଓ ବିଷୟବସ୍ତୁକୁ

Digitized by PPRACHIN, SOA

ଏପରି ଭାବରେ ବର୍ଣ୍ଣନା କଲେ ଯାହାକି ସେ ଯୁଗର ଲୋକମାନଙ୍କର ବେଶ୍ ହୃଦୟଗ୍ରାହୀ ହୋଇ ପାରିଥିଲା । ତାଙ୍କ ସାହିତ୍ୟ ଲୋକମାନଙ୍କୁ ପ୍ରେରଣା ଯୋଗାଇଥିଲା ଏବଂ ସେମାନଙ୍କ ସମ୍ମୁଖରେ ଏକ ଆଦର୍ଶ ପ୍ରତିଷ୍ଠା କରିଥିଲା । ସମଗ୍ର ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀ ଏପରିକି ବିଂଶ ଶତାବ୍ଦୀର କିଛିକାଳ ପର୍ଯ୍ୟନ୍ତ ତାଙ୍କ ରଚନାବଳୀର ଲୋକପ୍ରିୟତାରୁ ଏହା ସ୍ପଷ୍ଟ ପରିଲକ୍ଷିତ ହୁଏ ।

ସଂକ୍ଷେପରେ ଏତିକି ଉଲ୍ଲେଖ କରଯାଇ ପାରେ ଯେ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ହେଉଛି, ପୂର୍ବବର୍ତ୍ତୀ ପଞ୍ଚସଖା ଯୁଗର ରଚନାବଳୀ ଆଧ୍ୟାତ୍ମିକ ପ୍ରାପ୍ତି ଲକ୍ଷ୍ୟରେ ମୁଖ୍ୟତଃ ଭକ୍ତିବାଦ ଉପରେ ପର୍ଯ୍ୟବସିତ ହୋଇଥିବା ବେଳେ ମୁସଲମାନ ରାଜତ୍ୱ-କାଳୀନ ରଚନାବଳୀ ଆଧ୍ୟାତ୍ମିକ ତଥା ପାର୍ଥିବ ସୁଖ ଉଭୟ ବିଷୟ ଉପରେ ଗୁରୁତ୍ୱ ଦେଇଥିଲା ।

ସଂସ୍କୃତ ସାହିତ୍ୟ ବିଭିନ୍ନ ରଜା ଏବଂ ଜମିଦାରଙ୍କ ଦରବାରରେ ମୁଖ୍ୟତଃ ପଣ୍ଡିତମାନଙ୍କ ହାତରେ ସମୃଦ୍ଧି ଲାଭ କରିଥିଲା । ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ପ୍ରଧାନତଃ ଅବ୍ରାହ୍ମଣ ଲେଖକମାନଙ୍କ ଦ୍ୱାରା ସାଧିତ ହୋଇଥିଲା । ଏମାନଙ୍କ ମଧ୍ୟରେ ଅନେକ ଥିଲେ ବୈଷ୍ଣବ ଧର୍ମାବଲମ୍ବୀ ଶୂଦ୍ର । ସଂସ୍କୃତ କବି ଓ ପଣ୍ଡିତ ହୁଅନ୍ତୁ ବା ଓଡ଼ିଆ କବି ବା ପଣ୍ଡିତ ହୁଅନ୍ତୁ ଏମାନେ ସମସ୍ତେ ରଜା ବା ଜମିଦାରମାନଙ୍କର ପୃଷ୍ଠପୋଷକତା ଲାଭ କରୁଥିଲେ । ମଧ୍ୟଯୁଗୀୟ କାଳରେ ସଂସ୍କୃତ ଏବଂ ଓଡ଼ିଆ ଉଭୟ ସାହିତ୍ୟ ସମୃଦ୍ଧି ଲାଭ କରିଥିଲା । ସଂସ୍କୃତ ସାହିତ୍ୟ ଓଡ଼ିଆ ସାହିତ୍ୟ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା ।

ଆଳଙ୍କାରିକ ସାହିତ୍ୟ ମୁଖ୍ୟତଃ ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ ଏବଂ କେତେକ ବୈଷ୍ଣବ କବିଙ୍କ ହାତରେ ସମୃଦ୍ଧି ଲାଭ କରିଥିଲା । ବୃନ୍ଦାବତୀ ଦାସୀଙ୍କ ପରି ନାରୀକବି ମଧ୍ୟ ଏ କ୍ଷେତ୍ରରେ ଆତ୍ମପ୍ରକାଶ କରିଥିଲେ ଏବଂ ଓଡ଼ିଆ ସାହିତ୍ୟର ମହାସ୍ରୋତକୁ ମଧ୍ୟ ସେମାନଙ୍କର କିଛିଟା ଅବଦାନ ରହିଥିଲା । କେତେକ କବିଙ୍କ ରଚନାବଳୀରେ ନିର୍ଗୁଣ-ବାଦକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା । ଅରକ୍ଷିତ ଦାସଙ୍କ ପରି କବିମାନଙ୍କ ରଚନାବଳୀରେ ନିରାକାରବାଦ ଆରୋପଣ ପୂର୍ବକ ଜଗନ୍ନାଥ ଆରାଧନାର ନେତୃତ୍ୱ ପ୍ରଦାନ କରଯାଇଥିଲା ଏବଂ ଏପରିକି ପ୍ରତିମା ପୂଜାର ପ୍ରକାଶ୍ୟ ନିନ୍ଦାଗାନ କରଯାଇଥିଲା ।

ମୁସଲମାନ ରାଜତ୍ୱକାଳର ଓଡ଼ିଆ ସାହିତ୍ୟ ସରଳତା, ବୈଚିତ୍ର୍ୟଶୈଳୀ ଏବଂ ଚିନ୍ତାଧାରାରେ ସମୃଦ୍ଧଶାଳୀ ଥିଲା ।

ଏହି ସମୟରେ ପାର୍ଶି କୋର୍ଟ କଚେରୀ ଭାଷା ରୂପେ ବ୍ୟବହୃତ ହେଉଥିଲା । ରାଜସ୍ୱ ଅଫିସମାନଙ୍କରେ ପାର୍ଶି ଶବ୍ଦମାନ ବହୁଳ ପରିମାଣରେ ବ୍ୟବହାର କରଯାଉଥିଲା । ଏକ ନୂତନ ଭାଷା ବୋଧଗମ୍ୟ ହେଉ ନ ଥିଲେ ମଧ୍ୟ ରାଜଭାଷା ରୂପେ ପରିଗଣିତ

Digitized by PPRACHIN, SOA

ହେଉଥିଲା ଏବଂ ସରକାରଙ୍କ ଅଧୀନରେ ଚାକିରି ଅଥବା ଶାସନ କ୍ଷେତ୍ରରୁ ଅନୁଗ୍ରହ ଚାହୁଁଥିବା ବ୍ୟକ୍ତିଙ୍କୁ ପାର୍ଶି ଭାଷାରେ କିଛି ଜ୍ଞାନ ହାସଲ କରିବାକୁ ପଡୁଥିଲା । ପୁନଶ୍ଚ ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ପାର୍ଶି ଶବ୍ଦାବଳୀ ଏତେ ବହୁଳ ପରିମାଣରେ ବ୍ୟବହୃତ ହେଉଥିଲା ଯେ ଲୋକମାନଙ୍କ କଥିତ ଭାଷା ଉପରେ ଏହାର କିଛିଟା ପ୍ରଭାବ ଅନୁଭୂତ ହୋଇଥିଲା । ପରିଣାମସ୍ୱରୂପ କଥିତ ଭାଷା ଭିତରେ ଓଡ଼ିଆ ଉଚ୍ଚାରଣ ଥାଇ ବହୁ ପାର୍ଶି ଶବ୍ଦ ପ୍ରବେଶ କରିଗଲା । ଏହି ପରିପ୍ରେକ୍ଷୀରେ ବେଳେବେଳେ ଓଡ଼ିଆ ରୂପେ ଅବଧାରିତ (Oriyanised) ବହୁଳ ପରିମାଣର ପାର୍ଶି ଶବ୍ଦ ଏହି ଯୁଗ ତଥା ପରବର୍ତ୍ତୀ ଯୁଗର ଲେଖକମାନଙ୍କ କବିତାମାନଙ୍କରେ ମଧ୍ୟ ସ୍ଥାନ ପାଇଲା । ପାର୍ଶି ଶବ୍ଦାବଳୀ ଓଡ଼ିଆ ଭାଷା ତଥା ସାହିତ୍ୟକୁ ଉଲ୍ଲେଖନୀୟ ପରିମାଣରେ ସମୃଦ୍ଧ କରି ଗଢ଼ି ତୋଳିଲା ।

ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ କେବଳ ଯେ ହିନ୍ଦୁ ଓଡ଼ିଆମାନଙ୍କର ଅବଦାନ ରହିଥିଲା ତାହା ନୁହେଁ, ବେଳେବେଳେ ଓଡ଼ିଆ ଭାଷାରେ ବ୍ୟୁତ୍ପତ୍ତି ଲାଭ କରିଥିବା କେତେକ ଓଡ଼ିଆ-ମୁସଲମାନ ମଧ୍ୟ ପ୍ରସିଦ୍ଧ କାବ୍ୟ କବିତାମାନ ରଚନା କରିଥିଲେ । ଉଦାହରଣସ୍ୱରୂପ ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅବସ୍ଥାନ କରୁଥିବା ଓଡ଼ିଶାର ଜନୈକ ମୁସଲମାନ ସେନାପତି ଲାଲବେଗଙ୍କର ପୁତ୍ର ସାଲବେଗ ଈଶ୍ୱରଙ୍କୁ କରୁଣ କଣ୍ଠରେ ଭକ୍ତି ନିବେଦନ-ପୂର୍ବକ କେତେକ ଭଜନ ଓ ଜଣାଣ ରଚନା କରିଥିଲେ ।

ଆହୁରି ମଧ୍ୟ କେତେକ ମୁସଲମାନ କେତେକ ହିନ୍ଦୁ ଓଡ଼ିଆ ସ୍ରଷ୍ଟାଙ୍କ ରଚନାମାନ ନକଲ କରିଥିବା ପରିଦୃଷ୍ଟ ହୁଏ । ଉଦାହରଣସ୍ୱରୂପ ପୁରୀ ଜିଲ୍ଲାର ତାପଙ୍ଗ ଠାରେ ଅବସ୍ଥାନ କରୁଥିବା ଶେକ୍ ସାହେବ ନାମକ ଜନୈକ ଲେଖକ ବାଙ୍କିର ପଦ୍ମନାଭ ହରିଚନ୍ଦନଙ୍କ ଲିଖିତ "ଇଚ୍ଛାବତୀ ହରଣ"ର କେତେକ ନକଲ କରିଥିଲେ ।

କବି ଏବଂ ପ୍ରଣେତାମାନଙ୍କ ଜୀବନନିର୍ବାହ ପନ୍ଥା ମୁଖ୍ୟତଃ ସାର୍ବଭୌମ ଶାସକ ଅଥବା ଶାସନମୁଖ୍ୟଙ୍କ ବଦାନ୍ୟତା ଉପରେ ନିର୍ଭର କରୁଥିବା ଦୃଷ୍ଟିରୁ ମଧ୍ୟଯୁଗୀୟ ସାହିତ୍ୟର ରାଜନୀତି ସମ୍ବନ୍ଧରେ କିଛି କରିବାର ନ ଥିଲା ଓ ସାଧାରଣତଃ ଏ ଯୁଗର ରଚନାବଳୀ ରାଜନୈତିକ ଘଟଣାବଳୀ ଉପରେ ଆଧାରିତ ନ ଥିଲା । ପୁନଶ୍ଚ ମଧ୍ୟଯୁଗୀୟ ସାହିତ୍ୟ ତତ୍କାଳୀନ ସମାଜରେ ପ୍ରତିଷ୍ଠିତ ରାଜନୈତିକ ଗଠନର ଗତିକୁ ଆହ୍ୱାନ କଲାଭଳି କୌଣସି ମୌଳିକ ସାମାଜିକ ସଂସ୍କାର ସମ୍ପର୍କରେ ରେଖାପାତ କରି ନ ଥିଲା । ରଚନା-ଶୈଳୀ ଦୃଷ୍ଟିରୁ ଏହା ଥିଲା ମୁଖ୍ୟତଃ ଭାଗ୍ୟବାଦ ଉପରେ ଆଧାରିତ । ନୈତିକତାର ମାନ ହ୍ରାସ ପାଉଥିବା ଅନୁଭବ କଲେ ସେମାନେ ଲୋକମାନଙ୍କ ନୈତିକ ଅଭିବୃଦ୍ଧି ନିମନ୍ତେ ଆଦର୍ଶ ପ୍ରଚାର କରୁଥିଲେ । ସହନଶୀଳତା ଏବଂ ଭାଗ୍ୟବାଦ ଆଦୃତି ଲାଭ କରିଥିଲା । ତେଣୁ ଏ ଯୁଗୀୟ ସାହିତ୍ୟରେ ଅଧିକାଂଶତଃ ଆଧିଭୌତିକ ପୌରାଣିକ ଚେତନା ଓ ନୈସର୍ଗିକ କଳ୍ପନାବିଳାସ ପ୍ରାଧାନ୍ୟ ଲାଭ କରିବା ସହିତ ପାର୍ଥିବ ସୁଖ ଓ ପ୍ରକୃତି ବର୍ଣ୍ଣନାର ପ୍ରାଚୁର୍ଯ୍ୟ ରହିଥିଲା ।

Digitized by PPRACHIN, SOA

ଚତୁର୍ଦ୍ଦଶ ଅଧ୍ୟାୟ

ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଯାବନିକ ଭାଷାର ପ୍ରଭାବ

ସାହିତ୍ୟ ଜାତିର ସମ୍ପଦ । ଯେଉଁ ଦେଶ ଯେତେ ବଡ଼ ସେ ଦେଶର ସାହିତ୍ୟ ତେତେ ଉନ୍ନତ ଏବଂ ଚିତ୍ତାକର୍ଷକ । ସାହିତ୍ୟରେ ଜାତିର କୃଷ୍ଟି, କଳ୍ପନାଜଳ୍ପନା, ଆଗ୍ରହ ବ୍ୟବହାର, ଚାଲିଚଳଣ, ରୀତିନୀତି ପ୍ରଭୃତି ପ୍ରତ୍ୟେକ ବିଷୟ ପରିଲକ୍ଷିତ ଥାଏ । ଜାତିର ବିକାଶ ସାହିତ୍ୟରେ ହିଁ ଦେଖାଦେଇଥାଏ କହିଲେ ଅତ୍ୟୁକ୍ତି ହେବନାହିଁ । ବାସ୍ତବିକ ସାହିତ୍ୟ ଜାତିର ମାନଦଣ୍ଡ । ସାହିତ୍ୟ ଭିତରେ ମାନବିକତାର ବିକାଶ ଓ ଜାତିର ପ୍ରତିବିମ୍ବ ପ୍ରତିଫଳିତ ହୋଇଥାଏ । ସାହିତ୍ୟ ସାହାଯ୍ୟରେ ଜାତି ତା'ର ଅନ୍ତର୍ନିହିତ ସତ୍ତାକୁ ଅନୁଭୂତିରେ ଆଣେ ଓ ତହିଁରେ ପ୍ରକୃତ ଆନନ୍ଦ ଉପଲବ୍ଧି କରେ । କିନ୍ତୁ ଭାଷା ଅଭାବରେ ସାହିତ୍ୟର ମୂଲ୍ୟ କିଛି ନ ଥାଏ । ଭାଷା ସାହିତ୍ୟର ପ୍ରାଣ । ଭାଷା ନ ଥାଇ ସାହିତ୍ୟ ନାହିଁ, କି ବିନା ସାହିତ୍ୟରେ ଭାଷା ପରିମାର୍ଜିତ ଓ ଲୋକପ୍ରିୟ ହୁଏ ନାହିଁ । ଭାଷା ସଙ୍ଗେ ସାହିତ୍ୟର ସବୁବେଳେ ଘନିଷ୍ଠ ସମ୍ପର୍କ । ଭାଷା ଭାବବ୍ୟକ୍ତ କରିବା ପାଇଁ ଗୋଟିଏ ପନ୍ଥା । ନିଜର ଅନ୍ତରତମ ଭାବରାଜିକୁ ମାନବ ଜଗତରେ ବିକାଶ କରିବା ପାଇଁ ଯାହାର ଉପଯୁକ୍ତ ଭାଷା ନାହିଁ, ସେ ଜାତିର ସାହିତ୍ୟ ତେତେ ଉନ୍ନତ ନୁହେଁ । ସାହିତ୍ୟକୁ ସରସ ଓ ମଧୁର କରିବାକୁ ହେଲେ ସମସ୍ତ ଭାବଗୁଡ଼ିକୁ ବ୍ୟକ୍ତ କରିପାରିବା ଭଳି ଯଥୋଚିତ ଭାଷାଥିବା ବାଞ୍ଛନୀୟ । ନଚେତ୍ ସାହିତ୍ୟର ଉନ୍ନତି ଅସମ୍ଭବ ।

ଜୀବନର ବିକାଶ ଏବଂ ଅଗ୍ରଗତି ସଙ୍ଗେ ସଙ୍ଗେ ମାନବ ସଭ୍ୟତା ଆଗେଇ ଚାଲିଛି । ମାନବ ସଭ୍ୟତାର ବିକାଶ ସହିତ ପ୍ରତି ଜାତିର ସାହିତ୍ୟ ଉନ୍ନତି ମାର୍ଗରେ ପ୍ରଧାବିତ ହେଉଛି । କିନ୍ତୁ କୌଣସି ଜାତି ଅନ୍ୟ ଜାତିର ସମ୍ପର୍କରେ ବା ସଂଘର୍ଷରେ ନ ଆସି ନିଜ ସାହିତ୍ୟକୁ ବଡ଼ କରିପାରି ନାହିଁ । ଗୋଟିଏ ଜାତି ଅନ୍ୟ ଜାତି ସମ୍ପର୍କରେ ଆସି କେଉଁଠାରେ ଅଜ୍ଞାତରେ ବା କେଉଁଠାରେ ଜାଣିଶୁଣି ଅନ୍ୟ ଜାତିର କ୍ରିୟାକଳାପ, କୃଷ୍ଟି ବା ଭାଷାର କେତେକ ଶବ୍ଦ କାଳକ୍ରମେ ନିଜର କରିନେଇଛି ଏବଂ ନିଜ ସାହିତ୍ୟର ପରିସର ବୃଦ୍ଧି କରିପାରିଛି । ପୃଥିବୀର ପ୍ରତ୍ୟେକ ସାହିତ୍ୟ ଏହି ଚିରନ୍ତନ ଧାରା ଭିତର ଦେଇ

Digitized by PPRACHIN, SOA

ଗତି କରୁଛି । ଗୋଟିଏ ଜାତିର ଭାଷା ସହିତ ଅନ୍ୟ ଜାତିର ଭାଷାର ସଂଘର୍ଷ—ଏହି ସଂଘର୍ଷ ଫଳରେ ଗୋଟିଏ ନୂତନ ପରିସ୍ଥିତିର ସୃଷ୍ଟି ହୁଏ ଏବଂ ତାହା ଫଳରେ ଗୋଟିଏ ଜାତି ଅନ୍ୟ ଜାତିର ଭାଷାର କେତେକ ଅଂଶ ନିଜର କରିବାକୁ ଚେଷ୍ଟା କରେ । ଅନ୍ୟର ଜିନିଷ-ଗୁଡ଼ିକୁ ନିଜର କରିବାକୁ ଚେଷ୍ଟିତ ଥିଲାବେଳେ ଦୁଇ ଭାଷାର ଗୋଟିଏ ସମାବେଶ ହୁଏ । ଦୁଇ ଭାଷାର ଏକତ୍ର ବିନ୍ୟାସରେ ଗୋଟିଏ ଅଭିନବ ଭାଷା ବା କେତେକ ଶବ୍ଦର ସୃଷ୍ଟିହୁଏ । ଏହି ଦୁଇଟି ଜିନିଷର ସଂଶ୍ଳେଷଣରେ ଜାତି ପାଏ ଗର୍ବ, ଆନନ୍ଦ ଓ ତୃପ୍ତି ।

ଓଡ଼ିଆ ଭାଷାକୁ ମଧ୍ୟ ଏହି ଚିରନ୍ତନ ନିୟମ ଭିତର ଦେଇ ଯିବାକୁ ପଡ଼ିଛି । ଓଡ଼ିଆ ଭାଷା ଉପରେ କେବଳ ସଂସ୍କୃତ ଭାଷା କାହିଁକି; ଦ୍ରାବିଡ଼, ଯବନ, ମରଠା ଏବଂ ଇଂରଜୀ ଭାଷା ଓ ସଭ୍ୟତାର ପ୍ରଭାବ କେତେକାଂଶରେ ପଡ଼ିଛି । ବିଭିନ୍ନ ଜାତି ଏବଂ ସଭ୍ୟତା ସମ୍ପର୍କରେ ଆସି ଓଡ଼ିଆ ଭାଷା ନିଜକୁ ଉଦ୍‌ବୁଦ୍ଧ କରିଛି ଏବଂ ଅନ୍ୟ ଜାତି ଓ ସଭ୍ୟତାର କେତେକ ଅଂଶ ନିଜର କରିବାକୁ ଯାଇ ନୂତନ ଶବ୍ଦ ସୃଷ୍ଟି କରିପାରିଛି । ଅନେକ ସମୟରେ କେତେକଙ୍କର ମନେହୁଏ, ମୁସଲମାନ ଭାଷାର ପ୍ରଭାବ ଆମ ଭାଷା ଓ ସାହିତ୍ୟ ଉପରେ ପଡ଼ିନାହିଁ । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଦ୍ରାବିଡ଼ଭାଷା ଓ ସଂସ୍କୃତ ଭାଷାର ପ୍ରଭାବ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଯେତିକି ପଡ଼ିଛି; ଯାବନିକ ଭାଷାର ପ୍ରଭାବ ତେତିକି ପଡ଼ିଛି କହିଲେ ଅତିରଞ୍ଜିତ ହେବନାହିଁ । ସାଧାରଣତଃ ଦେଖାଯାଇଥାଏ, ଶାସନ ଫଳରେ ଧର୍ମପ୍ରଚାର ଦ୍ୱାରା ବା ବ୍ୟବସାୟ ସୂତ୍ରରେ ଗୋଟିଏ ଜାତିର ସମ୍ୟକ ପ୍ରଭାବ ପରିଲକ୍ଷିତ ହୋଇଥାଏ । ପୁଣି ଗୋଟିଏ ଦେଶର ସାହିତ୍ୟ ଅନ୍ୟ ଦେଶ ଦ୍ୱାରା ଆଲୋଚିତ ବା ଆଦୃତ ହେଲେ, ଗୋଟିଏ ଦେଶର ସାହିତ୍ୟର ପ୍ରଭାବ ଅନ୍ୟ ଦେଶର ସାହିତ୍ୟ ଉପରେ ପଡ଼ିଥାଏ । ଏହିସବୁ ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ, ଓଡ଼ିଆ-ମାନଙ୍କର ଆରବ ଓ ପାରସ୍ୟ ଦେଶ ସଙ୍ଗେ ବ୍ୟବସାୟ ଚଳୁଥିବାର କୌଣସି ପ୍ରମାଣ ଇତିହାସରେ ଦେଖାଯାଏ ନାହିଁ । ଦ୍ୱିତୀୟରେ ଦାକ୍ଷିଣାତ୍ୟରେ ସୁଫିମାନଙ୍କ ଧର୍ମପ୍ରଚାର ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ସୁଫିମାନଙ୍କରେ ପ୍ରଭାବ ପଡ଼ିଥିବାର ବିଶେଷ ସମ୍ଭାବନା ଅଛି । କିନ୍ତୁ ଏପର୍ଯ୍ୟନ୍ତ ତା'ର ବିଶେଷ କିଛି ପ୍ରମାଣ ମିଳେ ନାହିଁ । ତୃତୀୟରେ, ଯାବନିକ ଭାଷାଦ୍ୱାରା ପ୍ରଭାବିତ କେତେକ ସାହିତ୍ୟ କେତେକାଂଶରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ପ୍ରଭାବିତ କରିଥିବାର ଅନୁମାନ କରଯାଇଥିଲେ ମଧ୍ୟ ଯାବନିକ ଭାଷାର ପ୍ରଭାବ ତଦ୍ୱାରା ବେଶୀ ପଡ଼ିଥିବାର ଜଣାପଡ଼େ ନାହିଁ । କିନ୍ତୁ କେବଳ ମୁସଲମାନ ଶାସନ ଫଳରେ ଓଡ଼ିଆ ସାହିତ୍ୟ ଉପରେ ଯାବନିକ ପ୍ରଭାବ ପଡ଼ିଥିବାର ପ୍ରକୃତ ପ୍ରମାଣ ମିଳେ ।

ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀର ଇତିହାସ ଆଲୋଚନା କଲେ ଜଣାଯାଏ, ଓଡ଼ିଶାରେ ମୁସଲମାନମାନେ ଅନେକ ଦିନ ରାଜତ୍ୱ କରିଥିଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ

Digitized by PPRACHIN, SOA

ମୁସଲମାନ ବସତି ସ୍ଥାପିତ ହୋଇଥିଲା । ମୁସଲମାନ ଧର୍ମ ପାଇଁ ମସଜିଦ ସବୁ ତିଆରି ହେବା ସଙ୍ଗେ ସଙ୍ଗେ ମୁସଲମାନ ଶିକ୍ଷା ପ୍ରସାର ପାଇଁ ମକତବ ସବୁ ଅନୁଷ୍ଠିତ ହେଲା । କର ଆଦାୟ ନିମିତ୍ତ ବିଭାଗ ଖୋଲାଯାଇ ବିଶ୍ୱସ୍ତ ମୁସଲମାନ କର୍ମଚାରୀମାନେ ନିଯୁକ୍ତ ହେଲେ । ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ବିଚାରାଳୟ ସ୍ଥାପିତ ହୋଇ ବିଚାରପତି କାର୍ଯ୍ୟ କରିବା ପାଇଁ କାଜୀମାନଙ୍କ ନିଯୁକ୍ତି ହେଲା । ଓଡ଼ିଶାର ଶାସନତନ୍ତ୍ରରେ ଶାସକ ନିଜର ରୁଚି ଅନୁଯାୟୀ କେତେକ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟିତ ଥିବା ସମୟରେ ଆଉ ବେଶୀଦିନ ରାଜତ୍ୱ କରିବାର ସୁବିଧା ପାଇଲା ନାହିଁ । ୧୭୫୧ ଖ୍ରୀଷ୍ଟାବ୍ଦରେ ମରାଠା ଆଗମନ ସଙ୍ଗେ ସଙ୍ଗେ ମୁସଲମାନ ଶାସନ ବୁଦବୁଦ ପରି ଅଳ୍ପକ୍ଷଣ ମଧ୍ୟରେ ଉଭେଇଗଲା । ଓଡ଼ିଶାରେ ମୁସଲମାନ ରାଜତ୍ୱ ଗୋଟିଏ ଅସ୍ଥାୟୀ ଘଟଣା । ବାହାରକୁ ମୁସଲମାନ ସଭ୍ୟତା ବା କୃଷ୍ଟିର କୌଣସି ଅଂଶ ଓଡ଼ିଆ ଜୀବନରେ ସ୍ଥାୟୀ ଭାବରେ ଦେଖାଦେଲା ପରି ଜଣାଗଲା ନାହିଁ । ତେଣୁ ବର୍ତ୍ତମାନ କେତେକ କହିପାରନ୍ତି, ଆମ୍ଭେମାନେ ମୁସଲମାନ ରାଜତ୍ୱର ଋଣୀ ନୋହୁଁ, ବା ମୁସଲମାନ ସଭ୍ୟତାର କୌଣସି ପ୍ରଭାବ ଆମ୍ଭମାନଙ୍କ ଉପରେ ପଡ଼ିନାହିଁ ।

କିନ୍ତୁ ବାସ୍ତବିକ ଦେଖିବାକୁ ଗଲେ କଥାଟା ଠିକ୍ ନୁହେଁ । ଇତିହାସ ପ୍ରମାଣ କରିଛି ଯେ, ଗୋଟିଏ ସଭ୍ୟତା ଯେକୌଣସି ସୂତ୍ରରେ ଅନ୍ୟ କୌଣସି ସଭ୍ୟତାର ସମ୍ପର୍କରେ ଆସିଲେ ଗୋଟିକର ଛାଞ୍ଚ ଅନ୍ୟ ଉପରେ ପଡ଼ିଥାଏ । କାରଣ ଆମ୍ଭେମାନେ ଜାଣୁ ଦୁଇଟି ସଭ୍ୟତା ବା ଭାଷା ଏକ ସମୟରେ ଏକ ସ୍ଥାନରେ ବହୁ ସମୟ ଦୁଇଟି ସମାନ୍ତରାଳ ରେଖାପରି ଗତି କରିପାରେ ନାହିଁ । ଦୁଇଟି ଭାଷା ବା ସଭ୍ୟତାର ସମନ୍ୱୟରେ ବା ମିଶ୍ରଣରେ ଗୋଟିଏ ନୂତନ କୃଷ୍ଟିର ସୃଷ୍ଟିହୁଏ ବା ଗୋଟିଏ ଦେଶର ଭାଷା ବା ସାହିତ୍ୟକୁ ଅନ୍ୟ ଜାତି ଆଦର କରି କାଳକ୍ରମେ ନିଜର କରିପକାଏ । ପୁଣି ଏପରିକି କାଳକ୍ରମେ ଯଦି ବିଦେଶୀ ସଭ୍ୟତା ଲୋପପାଏ, ତଥାପି କିଛି ନା କିଛି ତା'ର ଚିହ୍ନ ବା ନିଦର୍ଶନ ଦେଶର କୌଣସି ନା କୌଣସି ଜୀବନ କ୍ଷେତ୍ରରେ ରହିଯାଇଥାଏ ।

ପ୍ରାୟ ଦୀର୍ଘ ତିନିଶତ ବର୍ଷ ତଳେ ଓଡ଼ିଶା ମୁସଲମାନ ଭାଷାର ସମ୍ପର୍କରେ ଆସିଲା । ସେତେବେଳେ ଓଡ଼ିଆ ଜାତି ଯାବନିକ ଭାଷାକୁ ଘୃଣା ଓ ସନ୍ଦେହ ଚକ୍ଷୁରେ ଦେଖୁଥିଲା । ନିଜର ବିରକ୍ତି ବା ଉଦାସୀନତା ଦ୍ୱାରା ଯାବନିକ ଭାଷା ବିଦେଶୀ ଭାଷା ହୋଇଥିବାରୁ ଅନାଦୃତ ହେଉଥିଲା । ବର୍ତ୍ତମାନ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବିଭିନ୍ନ ଦିଗରୁ ଓଡ଼ିଆ ଭାଷା ଏବଂ ସାହିତ୍ୟ ଉପରେ କେତେକ ନୂତନ ଢେଉ ଖେଳିଗଲାଣି । ତଥାପି ଯାହା ଦିନେ ଅନାଦୃତ ଏବଂ ଘୃଣ୍ୟ ବୋଲି ମନେ ହେଉଥିଲା ତାହାର ବିନା ବ୍ୟବହାରରେ ଓଡ଼ିଆ ଭାବବ୍ୟକ୍ତ କରିବାକୁ ଅସମର୍ଥ ହେଉଛି । ଏପରିକି ଘୋର ମଫସଲରେ ଲୋକେ

Digitized by PPRACHIN, SOA

ଯେଉଁ ଓଡ଼ିଆ ଭାଷା ବ୍ୟବହାର କରୁଛନ୍ତି, ସେଥିରେ ଅନେକ ଯାବନିକ ଶବ୍ଦ ବ୍ୟବହୃତ ହେଉଛି । ଲୋକେ ଅଜ୍ଞାତରେ ସେ ଶବ୍ଦଗୁଡ଼ିକ ବ୍ୟବହାର କରନ୍ତି; କିନ୍ତୁ ତାହା କିପରି ସବୁ ଓଡ଼ିଆ ଭାଷାକୁ ଆସିଲା ବା ଓଡ଼ିଆର ନିଜର ହେଲା ତାହା ଜାଣିବାକୁ ଚିନ୍ତା କରନ୍ତି ନାହିଁ ।

ଅର୍ଥଯୁକ୍ତ ଶବ୍ଦଗୁଡ଼ିକରୁ ଭାଷାର ଉତ୍ପତ୍ତି । ପ୍ରତି ଶବ୍ଦର କୌଣସି ନା କୌଣସି ଅର୍ଥ ଅଛି । ଶବ୍ଦ ଗୋଟିଏ ଜାତିର କୃଷ୍ଟିର ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଅନେକ ସମୟରେ ଗୋଟିଏ ଜାତି ଅନ୍ୟ ଜାତିର ଶବ୍ଦ ବା ଭାଷାକୁ ନିଜ ଶବ୍ଦରେ ବା ଭାଷାରେ ଅନୁବାଦ କରିବାକୁ ଗଲେ ଠିକ୍ ଭାବରେ ଅନୁବାଦ କରିବାକୁ ଅସମର୍ଥ ହୋଇଥାଏ । ଶବ୍ଦ ନିଜର ଭାବ ଅନୁଯାୟୀ ଗଢ଼ା; ତାହା ଜାତିର କୃଷ୍ଟି, ରୁଚି ବା କାର୍ଯ୍ୟ ଅନୁଯାୟୀ ନାମାନ୍ତରିତ ହୋଇଥାଏ । ନିଜର ସ୍ଥାନ, ଭାବନା, ପରିସ୍ଥିତି ଏବଂ ପରିବେଶ ନେଇ ଶବ୍ଦ ତା'ର ରୂପଧାରଣ କରିଥାଏ । ସେହି ଶବ୍ଦଗୁଡ଼ିକରୁ ଭାଷାର ସୃଷ୍ଟି । ଯାବନିକ ଭାଷା ବିଦେଶୀ ଭାଷା, ସେମାନଙ୍କ ଭାଷା ଏବଂ ଭାବଧାରା ଅନୁଯାୟୀ ସେମାନଙ୍କ ଶବ୍ଦ ଓ ଭାଷାର ତିଆରି । ତଥାପି ଅନେକ ଯାବନିକ ଭାଷା ଆମ ସମାଜରେ ଏପରି ଆଦରଣୀୟ ହୋଇଯାଇଛି ଯେ ସେ ଶବ୍ଦଗୁଡ଼ିକ ଆମ୍ଭେମାନେ ବ୍ୟବହାର ନ କରି ରହିପାରୁନାହୁଁ । ଅନେକ ସମୟରେ ଆମ୍ଭେମାନେ 'ତା'ର ମୋ କଥାକୁ ଭୟନାହିଁ' ନ କହି 'ତା'ର ମୋ କଥାକୁ ଖାତିର ନାହିଁ' ବୋଲି କହିବାକୁ ବେଶୀ ପସନ୍ଦ କରୁ; କାରଣ ଖାତିର ସ୍ଥାନରେ ଭୟ ବ୍ୟବହାର କଲେ ଶବ୍ଦଟିର ଭାବ କେତେକାଂଶରେ କମିଲା ପରି ମନେହୁଏ । ଏପରି ସ୍ଥଳରେ ପାର୍ଶୀ 'ଖାତିର୍' ଶବ୍ଦରୁ ଜାତ ଖାତିରି ଶବ୍ଦର କିଛି ନା କିଛି ବିଶେଷତ୍ୱ ଥିଲାପରି ଜଣାପଡ଼େ । ଏହିପରି ଅନେକ ଲୋକେ ଅନେକ ଯାବନିକ ଶବ୍ଦ ବ୍ୟବହାର କରିବାକୁ ଭଲପାଆନ୍ତି ଏବଂ ସେଥିରେ ଭାବବ୍ୟକ୍ତ କରି ଆନନ୍ଦ ଉପଲବ୍ଧି କରନ୍ତି । କାଳକ୍ରମେ ଆରବିକ୍, ପାର୍ଶୀ ଓ ଉର୍ଦ୍ଦୁ ଶବ୍ଦଗୁଡ଼ିକ ଏପରି ଜନପ୍ରିୟ, ସହଜ ଏବଂ ଭାବବ୍ୟଞ୍ଜକ ହୋଇପଡ଼ିଛି ଯେ, ସମାଜର ବିଭିନ୍ନ କ୍ଷେତ୍ରରେ ସେଗୁଡ଼ିକର ବ୍ୟବହାର ଆମ୍ଭେମାନେ ଦେଖିବାକୁ ପାଉଁ ।

ଆଜିକାଲି ଗାଁ ଗଣ୍ଡାରେ ଅତି ମଫସଲ ଅଞ୍ଚଳରେ ପିଲାପିଲିଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ କହିଥାନ୍ତି, "ସେ ମୋର ଖିଆଲିଆ ହେବ ।" "ସେ ଦାଣ୍ଡର ଖାନିକୀଟାଏ" "ସେ ବଡ଼ ଖବୀସ ପିଲା ।" "ମୁଁ ତାକୁ ଖିଆସରେ କହୁ କହୁ ସେ ରଗିଗଲା ।" "ସେ କିମିଆ କରି ଦେଇଛି ।" "ଏ ଜିନିଷଟି କିଛି ନା' କର ହୋଇନାହିଁ" ଇତ୍ୟାଦି ।

ଉପରୋକ୍ତ ଶବ୍ଦଗୁଡ଼ିକ ଖାଣ୍ଟି ଯାବନିକ ଶବ୍ଦ ନୁହେଁ । ଖାଣ୍ଟି ଯାବନିକ ଶବ୍ଦ ଓଡ଼ିଆ ଉଚ୍ଚାରଣ ଅନୁସାରେ କାଳକ୍ରମେ ବିକୃତ ବା ଅନ୍ୟ ଆକାର ଧାରଣ କରିଛି । ଖେୟାଲ୍' ପାର୍ଶୀ ଶବ୍ଦ । ଏଥିରୁ ଖିଆଲିଆ ଶବ୍ଦର ଉତ୍ପତ୍ତି ଯାହାର ଅର୍ଥ ହେଉଛି ଥଟ୍ଟା ପରିହାସ

Digitized by PPRACHIN, SOA

କରୁଥିବା ବ୍ୟକ୍ତି । ପାର୍ଶୀ 'ଖାନ୍‌ଗୀ'ରୁ ଖାନିକୀ ଶବ୍ଦ ବାହାରିଛି, ତା' ଅର୍ଥରେ ହେଉଛି ବେଶ୍ୟା । ପାର୍ଶୀ ଶବ୍ଦ 'ଖ୍ୱାହୀଶ୍'ରୁ ଖିଆସ୍ ଶବ୍ଦର ଉତ୍ପତ୍ତି । ଖିଆସ ଅର୍ଥ ହେଉଛି ଥଟ୍ଟା । ଖବୀସ ଏକ ଆରବିକ ଶବ୍ଦ, ଯାହାର ଅର୍ଥ ହେଉଛି ପଠାଣ ଭୂତ ବା ଦୁଷ୍ଟ । ସେହିପରି ଆରବିକ ଶବ୍ଦ 'କିମିଆ' ଅର୍ଥ ମନ୍ତ୍ର ଏବଂ ପାର୍ଶୀ ଶବ୍ଦ 'ନାକର' ମାନେ ଅନୁପଯୋଗୀ ଅଟେ । ଏହିପରି ଆମ୍ଭେମାନେ ଗାଁ ଗଣ୍ଡାରେ, ଦୋକାନ ବଜାରରେ, ହାଟବାଟରେ, ଅଫିସ କଚେରୀରେ ଅନେକ ଯାବନିକ ଶବ୍ଦ ବ୍ୟବହୃତ ହେଉଥିବାର ଲକ୍ଷ୍ୟ କରୁ । ଓଡ଼ିଆ ଭାଷାରେ ନିତ୍ୟ ବ୍ୟବହୃତ ଯାବନିକ ଶବ୍ଦଗୁଡ଼ିକ ମଧ୍ୟରୁ ନିମ୍ନରେ କେତୋଟି ଉଦାହରଣ ଦିଆଗଲା—

ପାର୍ଶୀ	ଓଡ଼ିଆ	ଆରବିକ	ଓଡ଼ିଆ
କଶ୍‌ତୀ	କୁସ୍ତି	ଶୈତାନ	ସଇତାନ
କାଗଜ୍	କାଗଜ	ସୱାଲ୍	ସଓଆଲ
କାର୍‌ଖାନା	କାରଖାନା	ସୌଖିନ	ସଉକ
କିନାର	କିନାରି	ଖେୟାଲ୍	ଖିଆଲ
ଖାଜ୍‌ନା	ଖଜଣା	ଖୌଜ	ଖୋଜ (ଅନୁସନ୍ଧାନ)
ଖାତିର	ଖାତିରି ବା ଖାତର	ଖବର	ଖବର
ଖାନ୍‌ଦାନୀ	ଖାନଖାନୀ (କୌଳିନ୍ୟ)	ଖର୍ଚ୍ଚ	ଖରଚ
ଖାମ୍	ଖାମ	ଖରାବ୍	ଖରାପ
କୀଶା	ଖିଶା (ପଇସା ରଖିବା ଲୁଗାମୁଣି)	ଖଲାସ୍	ଖଲାସ
ଖୁନ୍	ଖୁଣ	କାୟେଦା	କାଇଦା
ମାଲିକ୍	ମାଲିକ	ତାରିଫ୍	ତାରିଫ
ଦୁକ୍‌କାନ୍	ଦୋକାନ	ଜବତ୍	ଜବତ
ଶେକାର	ଶିକାର	ଜବର୍	ଜବର
ଫକ୍‌ତ	ଫକତ	ଅସ୍‌ଲ	ଅସଲ
ଚ୍ଲାକ୍	ଚଲାକ	ହିମ୍ମତ୍	ହେମନ୍ତ
ଚ୍ବୁକ୍	ଚ୍ବୁକ	ଖଇଗତ୍	ଖଇଗତି
ନହର୍‌ପହର୍	ନହରପହର	ହୈରାନ୍	ହଇରଣ
ଜିଗର୍	ଜିଗର ବା' ଜିଗିରି	ହର୍‌ଗେଜ୍	ହରଗେଜ
ଖପା	ଖପା	ହରମ୍	ହାରମ
ଖାରଜ୍	ଖାରଜ	ହାଜିର୍	ହାଜର
ଖାଲି	ଖାଲି	ସଦର୍	ସଦର

Digitized by PPRACHIN, SOA

ପାର୍ଶୀ	ଓଡ଼ିଆ	ଆରବିକ	ଓଡ଼ିଆ
ଖୁଦ୍	ଖୋଦ୍	ସାଜ୍	ସାଜ (ପୋଷାକ)
ଖୁବ୍	ଖୁବ୍	ସର୍ବତ	ସର୍ବତ
ଖୁସ୍	ଖୁସୀ	ଅକ୍‌କଲ	ଅକଲ
ସାଇସ୍	ସଇସ	ଦେମାଘ୍	ଦିମାକ
ସବାର୍	ସଓଆର	ସାବୁତ୍	ସାବୁତ
ନରମ୍	ନରମ	ଘୋସ୍‌ସା	ଘୋଷା
ଗୁମାର	ଗୁମର	ତରଫ	ତରଫ
ଖରିଦ୍	ଖରଦି	ସାବାସ୍	ସାବାସ
ହଜାର	ହଜାର	ସାଫ୍	ସାଫ
ହଙ୍ଗମାହ	ହେଙ୍ଗେମା	ସହି	ସହି (ସ୍ୱାକ୍ଷର)
ହର୍‌ଏକ୍	ହରେକ	ସତ୍‌ରଞ୍ଜି	ସତରଞ୍ଜି
ହର୍‌କିସମ	ହରକିସମ	ଆମଲ୍	ଅମଳ
ସରକାର	ସରକାର	ଜବାବ୍	ଜବାବ୍
ଗସ୍ତ	ଗସ୍ତ	ଜାରି	ଜାରି
ଗିରଫ	ଗିରଫ	କସୁର୍	କସୁର
ଗରଜନ୍	ଗର୍ଜନ	କୁଲ୍‌ଫା	କୋଇଫ
ଚେରାଘ	ଚିରଖ	ଫକିର୍	ଫକିର
ଗାଫ୍	ଗାଫ	କେତାବ୍	କିତାବ
ଗାଲିନ୍‌ଚ	ଗାଲିଚ	ଜିଦ୍	ଜିଦି
ସିନ୍ଦୁକ	ସିନ୍ଦୁକ	ଜିଲ୍ଲା	ଜିଲା
ନଫା	ନଫା	ଜାହାଜ୍	ଜାହାଜ
ହରତରଫ୍	ହରତରଫ	ଜନନ୍	ଜନ
ସହର	ସହର	ତକଗର୍	ତକ୍ରାଳି
ସର୍ତ୍ତ	ସର୍ତ୍ତ	ତକ୍‌ଲିଫ୍	ତକଲିଫ
ସର୍ଦ୍ଦି	ସର୍ଦ୍ଦି	ସନ୍	ସନ
ସର୍ବତ	ସର୍ବତ	ସାକିନ୍	ସାଖିନି
ସୁପାରିସ୍	ସୁପାରିସ	ସାନି	ସାନି
ଢାମିନ୍	ଢାମିନି	ହୈଜହ୍	ହଇଜା

Digitized by PPRACHIN, SOA

ପାର୍ଶୀ	ଓଡ଼ିଆ	ଆରବିକ	ଓଡ଼ିଆ
ଗୁମ୍	ଗୁମୁ (ଚୁପ୍)	ହକ୍	ହକ
ଗବାହୀ	ଗୁହାଇ	ହଜମ୍	ହଜମ
ଚିଜ୍ଞ	ଚିଜ୍ଞ	ହଜୁର୍	ହଜୁର
ନେହାଲ	ନିହାଲ	ହାଜର	ହାଜିର
ଗୁମାସ୍ତା	ଗୁମାସ୍ତା	ହାଲ୍	ହାଲ
ନାଗ୍ରର	ନାଗ୍ରର	ହଲାକ୍	ହାଲିଆ
ନାକାଗ	ନାକେଗ	ହସିଲ୍	ହାସଲ
କୁର୍ତ୍ତା	କୁର୍ତ୍ତା	କୟେଦ୍	କଇଦୀ
ଜ୍ଞୋର୍	ଜ୍ଞୋର	କୈଫିୟତ୍	କଇଫତ
ଜ୍ଞହର୍	ଜହର	କଚହରି	କଚେରୀ
ତୈୟାର୍	ତିଆର	ହିସାବ୍	ହିସାବ
ଖପା	ଖପା	କଜିୟା	କଜିଆ
ଗୁମାନ୍	ଗୁମାନ	କଦମ୍	କଦମ
ସୌଦାଗର	ସୌଦାଗର	ହୁକୁମ୍	ହୁକୁମ
ସବାର୍	ସବାରି	କସାଇ	କଂସାଇ
ସରସ୍	ସରସ	କଗ୍ସ	କଗ୍ସ
ସଗବ୍	ସଗପ	କମ୍	କମ
ଆଇନ୍	ଆଇନ	କମାଲ୍	କମାଲ
ସିୟାହି	ସିଆଇ	କରମତ୍	କରମତି
ସିରେସ୍	ସିରିସ	କମିଜ୍	କମିଜି
ହଇକତ୍	ହଇକତ	କସ୍ରତ୍	କସରତ
ହୁକ୍କା	ହୁକା	କିମିଆ	କିମିୟା
ହୁନ୍ଦର	ହୁନ୍ଦର	କିଲ୍ଲା	କିଲା
ହୋସିୟାର	ହୁସିଆର	କିସ୍ମତ୍	କିସିମତ୍ (ଅଦୃଷ୍ଟ)
କମ୍ଚି	କଞ୍ଚି	କିସ୍ତ୍	କିସ୍ତି
କଟ୍କବାଲା	କଣ୍ଟକବଲା	କୁର୍ସି	କୁର୍ଚ୍ଚି
ହର୍ଫସଲ	ହର୍ଫସଲ	କୁହୁକ୍	କୁହୁକ
କଲମ୍ଜୋର୍	କଲମଜୋର	କୁର୍ତ୍ତା	କୁର୍ତ୍ତା

Digitized by PPRACHIN, SOA

ପାର୍ଶୀ	ଓଡ଼ିଆ	ଆରବିକ	ଓଡ଼ିଆ
କମର୍	କମର	ଖତମ୍	ଖତମ
କଗର ନାମାହ	କଗର ନାମା	ଗଞ୍ଜନ	ଗଞ୍ଜଣା
କୋବା	କୋବା	ଗୈର୍‌ହାଜିର୍	ଗରହାଜିର
କିସ୍ତି	କିସ୍ତି	ଗରଜ୍	ଗରଜ
ଖୁଜର	ଖୁଚୁର	ଗରୀବ୍	ଗରୀବ
ଖପିନ୍ଦ	ଖାଉନ୍ଦ	ଗଲତି	ଗଲତି
ଖାନା	ଖାନା	କଦର୍	କଦର
ଗର୍ମ୍	ଗରମ		

ଏହିପରି ଓଡ଼ିଆ ଭାଷାରେ ଅନେକ ଆରବିକ, ପାର୍ଶୀ ଓ ଉର୍ଦ୍ଦୁ ଶବ୍ଦ ଅଛି । ଯେଉଁ ଆରବିକ ଏବଂ ପାର୍ଶୀ ଶବ୍ଦ ସବୁ ଆରବ ଓ ପାରସ୍ୟ ଦେଶରେ ବ୍ୟବହାର କରଯାଉଥିଲା ତାହା ଆଜି ଓଡ଼ିଶାର ପ୍ରତି ପୁରପଲ୍ଲୀରେ ବ୍ୟବହୃତ ହେଉଛି । ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରରେ ସେଗଡ଼ିକର ଆଦର ବଢ଼ିଯାଇଛି । ସେଗୁଡ଼ିକ କାଳକ୍ରମେ ନୂତନ ଅଙ୍ଗ ଧାରଣ କରି ଓଡ଼ିଆ ଭାଷାର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲି ବିବେଚିତ ହେଉଛି । ଓଡ଼ିଆ ଭାଷାର ଶବ୍ଦଭଣ୍ଡାର ବଢ଼ିଯାଇଛି ଏବଂ ଭାବବ୍ୟକ୍ତ କରିବା ପାଇଁ ନୂତନ ଉପାଦାନ ମିଳିଛି ।

ଓଡ଼ିଆ ଭାଷାରେ କାହିଁକି, ଓଡ଼ିଆ ସାହିତ୍ୟରେ ମଧ୍ୟ ଆମକୁ ଯାବନିକ ଶବ୍ଦର ପ୍ରଭାବ ଅନୁଭୂତିରେ ଆଣିବାକୁ ପଡ଼ିଛି । ଓଡ଼ିଶାର କାବ୍ୟପୁରାଣ, ସଙ୍ଗୀତ, ଉପନ୍ୟାସ ପ୍ରଭୃତିରେ ଆମ୍ଭେମାନେ ଯଥେଷ୍ଟ ଯାବନିକ ଶବ୍ଦ ଦେଖିବାକୁ ପାଉ । ୧୬ଶ, ୧୭ଶ ଏବଂ ୧୮ଶ ଶତାବ୍ଦୀର ପ୍ରଥମ ଭାଗର କବି ଏବଂ ଲେଖକମାନଙ୍କର ଲେଖାରେ ଅତି ପ୍ରଚୁର ପରିମାଣରେ ପରିଲକ୍ଷିତ ନ ହେଲେ ମଧ୍ୟ ସେମାନେ ଯାବନିକ ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ନୁହନ୍ତି । ଉପେନ୍ଦ୍ର ଭଞ୍ଜ, ବଳରାମ ଦାସ, କୃଷ୍ଣ ସିଂହ ପ୍ରଭୃତି କବିମାନଙ୍କ ଲେଖାରେ ଆମ୍ଭେମାନେ ଅନେକ ଆରବିକ ଏବଂ ପାର୍ଶୀ ଶବ୍ଦ ଦେଖିବାକୁ ପାଉ । ସେମାନଙ୍କ ଲେଖାରେ ବଧାଇ, ଖଲାସ, ଫନ୍ଦ, ଫଜିତ୍ ପ୍ରଭୃତି ବହୁ ଯାବନିକ ଶବ୍ଦ ବ୍ୟବହାର କରଯାଇଛି । ୧୭ଶ ଏବଂ ୧୮ଶ ଶତାବ୍ଦୀର ଲେଖାମାନଙ୍କରୁ ଯାହା ଯାବନିକ ପ୍ରଭାବର ପ୍ରମାଣ ପାଉ, ତା'ଠାରୁ ୧୮ଶ ଶତାବ୍ଦୀର ଶେଷଭାଗ ଓ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗର କବି ଏବଂ ଲେଖକମାନଙ୍କ ଲେଖାରୁ ଯାବନିକ ଶବ୍ଦ ବହୁ ପରିମାଣରେ ବ୍ୟବହାର ହୋଇଥିବାର ପ୍ରମାଣ ମିଳେ । ଇତିହାସ ଅନୁସାରେ ମୁସଲମାନ ରାଜତ୍ୱ ୧୫୬୮ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ୧୭୦୭ ଖ୍ରୀଷ୍ଟାବ୍ଦରେ ଶେଷ ହେଲା । ତେଣୁ ସାଧାରଣତଃ ଉପରୋକ୍ତ ସମୟରେ

Digitized by PPRACHIN, SOA

ଓଡ଼ିଆ ସାହିତ୍ୟରେ ବହୁତ ଯାବନିକ ଶବ୍ଦର ବ୍ୟବହାର ହେବାର କଥା । କିନ୍ତୁ ମୁସଲମାନ ରାଜତ୍ୱ ଉପରେ ଏପରିକି ମରଠା ରାଜତ୍ୱ ଉତ୍ତାରୁ ଇଂରଜୀ ଶାସନ ସମୟରେ କାହିଁକି ଉର୍ଦ୍ଦୁ ଶବ୍ଦର ବହୁଳ ବ୍ୟବହାର ହେଲା, ତାହା ଅନୁଧ୍ୟାନ କଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ।

ଜଣାଯାଏ, ମୁସଲମାନ ରାଜତ୍ୱ ସମୟରେ ଲୋକମାନେ କେତେକ ଯାବନିକ ଶବ୍ଦ କଥିତ ଭାଷାରେ ବ୍ୟବହାର କଲେ ମଧ୍ୟ, ପ୍ରଥମତଃ ବିଦେଶୀ ଶାସକର ଭାଷା ପ୍ରତି ଲୋକମାନଙ୍କର ଘୃଣା ଯାଇ ନ ଥିଲା । ସେ ଦିଗରେ ସେମାନେ ଉଦାସୀନ ଥିଲେ ଏବଂ ଯେଉଁ କେତେଗୁଡ଼ିଏ ଶବ୍ଦ ସେମାନେ ବ୍ୟବହାର କରୁଥିଲେ, ସେଥିରେ ସେମାନେ ଅଭ୍ୟସ୍ତ ନ ଥିବା ହେତୁ ତା'ର ଅର୍ଥପୂର୍ଣ୍ଣ ବ୍ୟବହାର କରିବାକୁ ସକ୍ଷମ ହେଉ ନ ଥିଲେ ବା ତା'ର କୌଣସି ଆବଶ୍ୟକତା ମଧ୍ୟ ବୋଧହୁଏ ତାତ୍‌କାଳୀକ ବିଗ୍ରହରେ ନ ଥିଲା । କାଳକ୍ରମେ ଯେତେବେଳେ ଯାବନିକ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାର ଗୋଟିଏ ଅଙ୍ଗ ଭାବରେ ବିବେଚିତ ହେଲା, ସେ ସବୁ ଶବ୍ଦଗୁଡ଼ିକ ସହିତ ଓଡ଼ିଆ ଲେଖକ ଓ କବିମାନେ ଅଭ୍ୟସ୍ତ ହେଲେ ଏବଂ ଲୋକମାନେ ସାଧାରଣ ଅର୍ଥରେ ସେ ସବୁ ଅର୍ଥପୂର୍ଣ୍ଣ ବ୍ୟବହାରକୁ ଅନୁଭୂତିରେ ଆଣିବା ପାଇଁ ସ୍ୱାଭାବିକ୍ ଭାବରେ ସକ୍ଷମ ହେଲେ । ସେତେବେଳେ ହିଁ ଯାବନିକ ଶବ୍ଦଗୁଡ଼ିକ ଓଡ଼ିଆ ସାହିତ୍ୟରେ ବହୁଳ ପରିମାଣରେ ଦେଖାଗଲା ।

ଓଡ଼ିଆ ଶବ୍ଦଗୁଡ଼ିକର ଯାବନିକ ପ୍ରକରଣ ବ୍ୟତୀତ ଅନ୍ୟ କେତେକ ଶବ୍ଦର ପ୍ରୟୋଗ ଓଡ଼ିଆ ଭାଷାରେ ଦେଖିବାକୁ ମିଳେ ଯାହା ପୂର୍ବରୁ ବ୍ୟବହୃତ ହେବାର କୌଣସି ସମ୍ଭାବନା ହିଁ ନ ଥିଲା । ମାତ୍ର ମୁସଲମାନ ରାଜତ୍ୱରେ ଓ ପରବର୍ତ୍ତୀ କାଳରେ ସେସବୁ ଶବ୍ଦ ସହ ଓଡ଼ିଆମାନେ କ୍ରମଶଃ ଅଭ୍ୟସ୍ତ ହୋଇ ପଡ଼ିଲେ । ଯଥା—ଯେଉଁସବୁ ବସ୍ତୁ, ଦ୍ରବ୍ୟ ବା ବ୍ୟାବହାରିକ ସାମଗ୍ରୀମାନ ପ୍ରାକ୍ ମୁସଲମାନ ଶାସିତ ଓଡ଼ିଶାରେ ଅଜ୍ଞାତ ଥିଲା, ମୁସଲମାନ ଶାସନ ଅଧୀନରେ ସେ ସବୁ ସମ୍ପର୍କରେ ଓଡ଼ିଶାର ଅଧିବାସୀମାନେ ଅବଗତ, ଓ ଆଗ୍ରହୀ ହେବାକୁ ଲାଗିଲେ, ଏପରିକି କେତେକ କ୍ଷେତ୍ରରେ କେତେକ ଦ୍ରବ୍ୟ ବା ସାମଗ୍ରୀମାନ ସେମାନଙ୍କର ବ୍ୟବହାରିକ ଜୀବନରେ ଅପରିହାର୍ଯ୍ୟ ହୋଇପଡ଼ିଲା । କହିବା ବାହୁଲ୍ୟ ଯେ ରାଜନୈତିକ କ୍ଷମତା ବିସ୍ତାର ସହିତ ବାଣିଜ୍ୟିକ ପ୍ରସାରର ଫଳସ୍ୱରୂପ ଏହିସବୁ ଦ୍ରବ୍ୟ ବା ସାମଗ୍ରୀମାନଙ୍କର ଉପଯୋଗିତା ଓ ଆବଶ୍ୟକତା ବିଷୟରେ ଓଡ଼ିଶାର ପ୍ରଜାଗଣ ଆଗ୍ରହୀ ହୋଇଥିଲେ ଓ ଫଳତଃ ସେ ସବୁର ମୂଳ ଯାବନିକ ପ୍ରକରଣ କ୍ରମଶଃ ଅପଭ୍ରଂଶ ହୋଇ ସ୍ଥାନୀୟ ଓଡ଼ିଆ ପ୍ରକରଣରେ ପରିଣତ ହେଲା । ଗହଣାଗାଣ୍ଠି ମଧ୍ୟରେ ବାଜୁବନ୍ଧ, ଶୁଖିଲା ଫଳ ମଧ୍ୟରେ କିସ୍‌ମିସ୍, ବାଦାମ, ପେସ୍ତା, ଅନ୍ୟ ଫଳ ମଧ୍ୟରେ ବେଦନା, ମିଷ୍ଟାନ୍ନ ମଧ୍ୟରେ ହାଲୁଆ, ବାଲୁସାହୀ ଜିଲାପି ଏବଂ ଏତଭିନ୍ନ ଅନ୍ୟାନ୍ୟ ବହୁ ବ୍ୟାବହାରିକ ସାମଗ୍ରୀମାନଙ୍କର ଓଡ଼ିଆ ନାମକରଣ ମୂଳତଃ ପାର୍ଶୀ ବା ଆରବିକ ଶବ୍ଦରୁ ଅପଭ୍ରଂଶ

Digitized by PPRACHIN, SOA

ହୋଇ ହୋଇଛି । ସେଗୁଡ଼ିକ ହେଲା ଚପାତି, ଆସ୍ତର , ଗୋଲାପ, ଗୁମଚ, ଶିଶି, ସୀସା, ହୁକ୍‌କା, ଚିଲମ, ବନ୍ଧୁକ ଓ ତାକତ ଇତ୍ୟାଦି । ଏତଦ୍ୱାରା ଯେ ଓଡ଼ିଆ ଶବ୍ଦଭଣ୍ଡାର ସମୃଦ୍ଧ ହୋଇଛି ଏଥିରେ ସନ୍ଦେହ ନାହିଁ ।

ଭାଷା ବ୍ୟତୀତ ଭାବର ବିକାଶ ସମ୍ଭବପର ନୁହେଁ । ଭାଷା ଓ ସାହିତ୍ୟ ପାଇଁ ଉପଯୁକ୍ତ ଶବ୍ଦ ବ୍ୟବହାର ନ କଲେ ଭାଷା ବା ଲେଖା ତେତେ ଭାବପ୍ରବର୍ତ୍ତକ ହୁଏନାହିଁ । ଉପଯୁକ୍ତ ଶବ୍ଦ ବ୍ୟବହାର କଲେ ଭାବ ଉତ୍ତମ ଭାବରେ ପରିସ୍ଫୁଟ ହୋଇଥାଏ । ଶବ୍ଦ ଓ ଭାବ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଅଛି । କିନ୍ତୁ ଶବ୍ଦର ଯଥେଚ୍ଛା ବ୍ୟବହାର ଫଳରେ ଭାବ ପ୍ରକାଶନର ଧାରା ବ୍ୟାହତ ହୁଏ । ସ୍ଥାନ ବିଶେଷରେ ଶବ୍ଦଗୁଡ଼ିକ ଭାଷା ଓ ସାହିତ୍ୟକୁ ଯେପରି ସରସ ଓ ମଧୁମୟ କରିଥାଏ, ସେହିପରି ଭାବବ୍ୟଞ୍ଜକ ମଧ୍ୟ ହୋଇଥାଏ । ଯଥାର୍ଥରେ କବିସୂର୍ଯ୍ୟ ବଳଦେବ ରଥ କବିତା ଓ ଲେଖାରେ ଭଲଭାବରେ ଭାବକୁ ବ୍ୟକ୍ତ କରିବାପାଇଁ ବହୁ ପରିମାଣ ଯାବନିକ ଶବ୍ଦ ବ୍ୟବହାର କରିଛନ୍ତି । ସେ ଲେଖିଛନ୍ତି :

"ଝୁଲା ମଞ୍ଜୁଳା ତୋ ଲଲାମ ଛବି କି
ସଲାମ ସହସ୍ର ଥରରେ"

ବାସ୍ତବିକ୍ କବି ଏଠାରେ 'ସଲାମ' ଶବ୍ଦଟିକୁ ବ୍ୟବହାର କରି ଲେଖାରେ ଅଭିନବ ମାଧୁରୀ ଫୁଟାଇ ପାରିଛନ୍ତି । ପ୍ରଥମତଃ ଏଠାରେ ସଲାମ ଶବ୍ଦ ବଦଳରେ ପ୍ରଣାମ, ନମସ୍କାର ବା ଜୁହାର ପ୍ରଭୃତି ଶବ୍ଦର ବ୍ୟବହାର କରିଥିଲେ ତାହା ନୀରସ ଓ ନୂତନତ୍ୱହୀନ ଜଣାଯାଇଥାଆନ୍ତା । ଦ୍ୱିତୀୟତଃ ଯତିପାତ ତେତେ ସୁନ୍ଦର ଏବଂ ମନୋମୁଗ୍ଧକର ନ ହେବା ଫଳରେ ଲେଖାର ସରସତା ଓ ସଙ୍ଗୀତର ଲାଳିତ୍ୟ କେତେକାଂଶରେ କ୍ଷୁଣ୍ଣ ହୋଇଥାଆନ୍ତା ନିଶ୍ଚୟ । କବିସୂର୍ଯ୍ୟ ଏହିପରି ତାଙ୍କ କବିତା ଓ ଲେଖାରେ ଅନେକ ଯାବନିକ ଶବ୍ଦର ସାହାଯ୍ୟ ନେଇଛନ୍ତି । ନିମ୍ନରେ ତା'ର ତେତେ ଉଦାହରଣ ଦିଆଗଲା ।

୧ ॥ "ଫତୁଆ ନୁହଁ ତୁ ବୋଲେ ଜଗଦେବ
ହରିଚନ୍ଦନ ଏ ଗୀତେ ।
ଫତୁରଖୋର ଆଖରକୁ ହେବାର
ଏହି ଏକା ଏଥୁଁ ଫଳରେ କିଶୋରୀ
ଟେକି ଏ ସୁନ୍ଦର ଶ୍ରୀମୁଖଟି ପର ଘରବୁଡ଼ା ଫରମାସ
ଫରମାସ ମନେ ମନେ
ଫେରି ଦିଅନ୍ତୁ ସେ ଆବର ମୁଁ ଯେବେ
ଯିବି ସେ ଦିଗକୁ ଦିନେ ।

Digitized by PPRACHIN, SOA

ଫିରଆଦ କାହିଁ କରିବି ତୋ ନାମେ
ନିନ୍ଦା ପଛେ କଲେକର

ଫଉଜ ତୁଲେ କୁଞ୍ଜ ଦ୍ୱାରେ ରଖାଅ
କହି ବଲ୍ଲୀ ଧାରିଣୀ କି

ସଜ ହୋଇ ସ୍ମର ସରଦାର ଅବା ଆସେ
ସ୍ୱକୀୟ ଫଉଜ ଘେନିଅଛି ଗୁରିପାଶେ ।"

[କିଶୋର ଚନ୍ଦ୍ରାନନ ଚମ୍ପୁ]

୨ ।। "ବସି ତନାବୀ ପଶେ ଅସିତ କେଶା ତୋଷେ
ହସି ଫୁଲାଇ ଗୁଳୁ ନାସା କୁରେ
ଏହି ସିନା ବିଚିତ୍ର କହି ସେ ହେଲାମାତ୍ର
ମୁହଁ ନ ଗୁହିଁ ଭଳି ଘୋଷ କୁରେ ।
ନଗ୍ଗଚୁଁ ନଖେ ଏଣି ଦୃଶାକୁ ପଦେ ବାଣୀ
ଖରଚୁଁ କହେ ଧଗ ଭାଷାକୁରେ ।"

[ସଙ୍ଗୀତ କଳ୍ପଲତା]

୩ ।। "ଟାଣ ଖୁଣ୍ଟ ଗୁରୁଜନ
ଗଞ୍ଜନାରୁ ମୋ ପ୍ରାଣ ସଖୀ ସରିବ
ଜହର ତୁଲେ ଏହା ପିଇଲୁରେ ।"

[କିଶୋର ଚନ୍ଦ୍ରାନନ ଚମ୍ପୁ]

ଏହିପରି କବିସୂର୍ଯ୍ୟ ବଳଦେବ ରଥ ତାଙ୍କ କବିତାରେ ଅନେକ ସ୍ଥଳରେ ଯାବନିକ ଶବ୍ଦ ବ୍ୟବହାର କରିବାକୁ ପ୍ରୟାସୀ ହୋଇଛନ୍ତି ବୋଲି ଦେଖିବାକୁ ମିଳେ ।

ପ୍ରଥମତଃ, କବି ତାଙ୍କ ଲେଖାକୁ ଅତି ଭାବବ୍ୟଞ୍ଜକ କରିବା ପାଇଁ ଯେ ଯାବନିକ ଶବ୍ଦ ବ୍ୟବହାର କରୁଥିଲେ, ତା' ନୁହେଁ । ସେ ସମୟରେ ଅନେକ ଯାବନିକ ଶବ୍ଦ ଓଡ଼ିଆ ଭାଷାର ଅଙ୍ଗୀଭୂତ ହୋଇ ଯାଇଥିଲା ଏବଂ ଲୋକସମାଜରେ ସେ ଶବ୍ଦଗୁଡ଼ିକ ଆଉ କଠିନବୋଧ ନ ହୋଇ ବରଂ ଜନପ୍ରିୟ ହୋଇଗଲା । ଲୋକସମାଜ ଯାହା ଗ୍ରହୁଛି ଏବଂ ଯାହା ବ୍ୟବହାର କଲେ ଲୋକେ ଅତି ଆନନ୍ଦ ଉପଭୋଗ କରିବେ ଓ ତାଙ୍କ ଲେଖା ଆଦରଣୀୟ ହେବ, ସେ ସେହିପରି ଶବ୍ଦ ବ୍ୟବହାର କରିଯାଇଛନ୍ତି ।

ଦ୍ୱିତୀୟରେ ସେ ତାଙ୍କ ଲେଖାକୁ ଆଧୁନିକ କରିବାକୁ ଗ୍ରହିଥିଲେ । ଆଗରୁ ଅନେକ କବି ସଙ୍ଗୀତ ଓ କବିତା ଲେଖି ଯାଇଥିଲେ ସତ୍ୟ, କିନ୍ତୁ ସେମାନଙ୍କର ଲେଖା କବିସୂର୍ଯ୍ୟଙ୍କୁ ତେତେ ତୃପ୍ତିକର ମନେ ନ ହୋଇ ପୁରୁଣା ଓ ଗତାନୁଗତିକ ପରି

Digitized by PPRACHIN, SOA

ପ୍ରତୀୟମାନ ହେଲା । ନୂତନ ଲେଖକମାନେ ଯେପରି ପୁରାତନ ଓ ଗତାନୁଗତିକ ପ୍ରଥା ବା ଲେଖାପ୍ରଣାଳୀ ପରିତ୍ୟାଗ କରି ନୂତନ ଦିଗରେ ଅଗ୍ରସର ହେବାକୁ ମନସ୍ଥ କରନ୍ତି କବିସୂର୍ଯ୍ୟ ସେହିପରି ନୂତନତ୍ୱ ସୃଷ୍ଟି କରିବାରେ ଚେଷ୍ଟିତ ଥିଲେ । ଆଜିକାଲି ଯେପରି ନୂତନ ଧରଣର ଲେଖକମାନେ ତାଙ୍କ କବିତା, ଉପନ୍ୟାସ ବା ଅନ୍ୟାନ୍ୟ ଲେଖାରେ ଆଧୁନିକ ରୁଚି ଏବଂ ସମାଜକୁ ପ୍ରୀତ କରିବା ପାଇଁ ଅନେକ ସମୟରେ ଇଂରଜୀ ଶବ୍ଦର ସାହାଯ୍ୟ ଲୋଡ଼ିଥାନ୍ତି, ସେହିପରି କବିସୂର୍ଯ୍ୟ ତାଙ୍କର କବିତାଗୁଡ଼ିକରେ ନୂତନ ଭାବର ନମୁନା ଦେବାକୁ ପ୍ରୟାସ କରି ନୂତନ ଯାବନିକ ଶବ୍ଦମାନ ବ୍ୟବହାର କରିଛନ୍ତି । କବିସୂର୍ଯ୍ୟଙ୍କ ଲେଖାର ବିଶେଷତ୍ୱ ହେଉଛି, ସେ ସଂସ୍କୃତିକ ଶବ୍ଦ ସହିତ କଞ୍ଚା ଓଡ଼ିଆ ଶବ୍ଦର ସମନ୍ୱୟ ଆଣିବା ସଙ୍ଗେ ସଙ୍ଗେ ଯାବନିକ ଶବ୍ଦର ମଧ୍ୟ ସମନ୍ୱୟ ଆଣି ପାରିଛନ୍ତି । ତାଙ୍କ ଲେଖାରେ ତତ୍‌ସମ, ତଦ୍‌ଭବ ଓ ଦେଶଜ ଶବ୍ଦଗୁଡ଼ିକୁ ଏପରି ସମନ୍ୱିତ ଭାବରେ ବ୍ୟବହାର କରଯାଇଛି; ବୋଧହୁଏ ଅନ୍ୟ କୌଣସି କବିତା ଲେଖକଙ୍କ ହାତରେ ତାହା ଏପରି ଚିତ୍ତାକର୍ଷକ ଏବଂ ହୃଦୟସ୍ପର୍ଶୀ ହୋଇପାରି ନ ଥା'ନ୍ତା ।

ଫକୀର ମୋହନ ସେନାପତି ଊନବିଂଶ ଶତାବ୍ଦୀର ଲେଖକ । ସେ ଯେତେଗୁଡ଼ିଏ ଉପନ୍ୟାସ ବା ଲେଖା ଲେଖିଛନ୍ତି, ସେ ସେଥିରେ ଅନେକ ଯାବନିକ ଶବ୍ଦର ସାହାଯ୍ୟ ନେଇଛନ୍ତି । ଫକୀର ମୋହନଙ୍କ 'ଛ' ମାଣ ଆଠ ଗୁଣ୍ଠ' ହାସ୍ୟରସପୂର୍ଣ୍ଣ ଏବଂ ବ୍ୟଙ୍ଗାତ୍ମକ । ଉପନ୍ୟାସଟିକୁ ଅତି ଆନନ୍ଦପ୍ରଦ କରିବା ପାଇଁ ସେ ସଂସ୍କୃତ ବାକ୍ୟମାନଙ୍କର ଅତି ହାସ୍ୟପୂର୍ଣ୍ଣ ବିକୃତ ଅର୍ଥ କରିଅଛନ୍ତି । ସ୍ଥାନେ ସ୍ଥାନେ କଞ୍ଚା ମଫସଲି ଭାଷା ସଙ୍ଗରେ ସଂସ୍କୃତ ଭାଷାର ସମ୍ବନ୍ଧ ସୃଷ୍ଟିକରି ଭାବକୁ ଆହୁରି ମଧୁର ଏବଂ ହୃଦୟଗ୍ରାହୀ କରିପାରିଛନ୍ତି । ସେଥିରେ ଅନେକ ଉର୍ଦ୍ଦୁ, ଆରବିକ ଏବଂ ପାର୍ଶୀ ଶବ୍ଦ ବ୍ୟବହାର କରିଥିଲେ ମଧ୍ୟ ଉପନ୍ୟାସଟି କୌଣସି ଦୃଷ୍ଟିରୁ ବିରକ୍ତିକର ବା ତିକ୍ତ ହୋଇନାହିଁ । ବରଂ ସେ ଯାବନିକ ଶବ୍ଦଗୁଡ଼ିକ ଏପରିଭାବରେ ସ୍ଥାନବିଶେଷ ଦେଖି ବ୍ୟବହାର କରିଛନ୍ତି, ଯଦ୍ୱାରା କି ଉପନ୍ୟାସଟି ସ୍ଥଳତଃ ଅତି ଆନନ୍ଦପ୍ରଦ, ହାସ୍ୟୋଦ୍ଦୀପକ ଓ ସରସ ହୋଇପାରିଛି ।

"ଛୋଟମିଆଁ **ଓରଫ୍** ସେକ୍ ଦିଲ୍‌ଓ୍ୱାଲ ଖୋଦ୍ ମାଲକ ।" "ଖବରଦାର୍ ଚମ୍ପାକୁ ହରକଲା କହିବ ନାହିଁ ।" ପ୍ରଭୃତି ବାକ୍ୟମାନଙ୍କରେ ଯେପରି ଯାବନିକ ଶବ୍ଦ ପ୍ରତି ଜୋର ଦିଆଯାଇଛି ଏଥିରେ ନ ହସି ରହିହୁଏ ନାହିଁ । ଫକୀର ମୋହନ କିପରି ଯାବନିକ ଶବ୍ଦ ବ୍ୟବହାର କରିବାରେ ଅତି ଧୁରନ୍ଧର ଥିଲେ ଏବଂ ଅନେକ କ୍ଷେତ୍ରରେ ଅନେକ ଆରବିକ ଏବଂ ପାର୍ଶୀ ଶବ୍ଦ ବ୍ୟବହାର କରିଛନ୍ତି, ତା'ର ପ୍ରମାଣ 'ଛ' ମାଣ ଆଠଗୁଣ୍ଠ' ଏବଂ 'ଲଛମା' ପ୍ରଭୃତି ବହିରେ ଭଲଭାବରେ ମିଳେ । ଫକୀର ମୋହନଙ୍କ ଦ୍ୱାରା ବ୍ୟବହୃତ କେତେକ ଯାବନିକ ଶବ୍ଦର ଉଦାହରଣ ନିମ୍ନରେ ଦିଆଗଲା—

୧ ।। ନାରଜ, ମାମଲା, ଚଲାଣ, ଖସ୍‌ଲତ, ଲାଏକ, ଇଲାମଦାର, ଗଫଲିୟତି, ଅଖୁନ ବିଲକୁଲ, ଆଦମୀ, ଜାନୁଆର, ଜୋବରଦାସ୍ତ, ପରବାୟ, ଦୌଲତ୍, ମେହେନତ୍, ଲଡ଼କା, ଖୋଦ୍, ମାଲିକ, ତମସୁକ, ବାବତ, ବେକୁବ, ନାଲାଏକ, ଖାତର, ମୁସାଫେରୀ,

Digitized by PPRACHIN, SOA

ମଜଲିସ, ଜିନ୍ଦିଗ୍, ଓସ୍ତାତ, ମେହେରବାନୀ, ବଗବାଦ, ହୁସିଆର, ଆସାମୀ, ମତଲବ, ଜବାବ, ତଦାରକି, ଖତମ, ଜମାନବନ୍ଦୀ, ରେକ୍ସୋତ, ସୁଆଲ, ସହି, ସାଖୀନ୍, ହାଲତ, ସାବିତ, ସାଫ୍, ଜାଲିମବାଜ, ତାଲୁକ, ଖୋଦାବନ୍ଦ, ମାଫ୍, ନଜରଖାନା, ଦସ୍ତଖତ, ମିସଲ, ଲାଶ, ପେଶ୍, ତରଫ୍, ଖଲାସ, ଇଜାହାର, ତଦାରଖ ।

[ଛ' ମାଣ ଆଠଗୁଣ୍ଠ]

୨ ।। ଖରଘୋଷ, ଇନାମ, ଖୋଜ ତଲାସ, ହୁସିଆର, ସବାର, ନବାବ, ଅମୀର, ବେକୁବ, ଦୋସ୍ତ, ଜବାନ, ସାଦୀ, ଫୌତ, ନାଜିର, ଆସ୍‌ମାନ, ବକ୍ସିସ୍, ଫୌଜଦାର, ଫୌଜ ।

[ଲଛମା]

ଯେତେବେଳେ ୧୯ଶ ଶତାବ୍ଦୀରେ ଓଡ଼ିଶାର ଗ୍ରାମରିଆଡ଼େ କେତେକ ଯାବନିକ ଶବ୍ଦ ଜନପ୍ରିୟ ହୋଇଉଠିଲା, ଏବଂ ଲୋକେ ସେଗୁଡ଼ିକୁ ସବୁବେଳେ ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାର କରି ଶିଖିଲେ, ତେତେବେଳେ ସେଗୁଡ଼ିକ ଓଡ଼ିଆ ଭାଷାରେ ମିଶି କବିସୂର୍ଯ୍ୟ ଓ ଫକୀରମୋହନଙ୍କ ଲେଖାରେ ଦେଖାଦେବାକୁ ଲାଗିଲା । ସେହି ସମୟରେ ମଧ୍ୟ ଆରବିକ୍, ଉର୍ଦ୍ଦୁ ଏବଂ ପାର୍ଶୀ ଶବ୍ଦର ପ୍ରଭାବ ରାଧାନାଥଙ୍କ ଲେଖାରେ ପଡ଼ିଛି । ସେ ଅନେକ ଯାବନିକ ଶବ୍ଦ ସଂସର୍ଗରେ ଆସି ସେଗୁଡ଼ିକର ମହତ୍ତ୍ୱ, ଓଜନ ଏବଂ ବିଶେଷତ୍ୱ ଅନୁଭୂତିରେ ଆଣି ନିଜ କାବ୍ୟ ଓ କବିତାରେ ବ୍ୟବହାର କରିଛନ୍ତି । ତାଙ୍କ କାବ୍ୟ କବିତାରେ ବ୍ୟବହୃତ କେତେକ ଯାବନିକ ଶବ୍ଦର ଉଦାହରଣ ଆମ୍ଭେମାନେ ନିମ୍ନଲିଖିତ ଭାବେ ଦେଖିବାକୁ ପାଉ—

"ଏ ଦରବାରର ଆସନ ଫରଦ
ଚିତ୍ରଗୁପ୍ତ ପାଞ୍ଜି କରିଦେବ ରଦ୍ଦ
ପାତକ ସ୍ୱରୂପ ଆସି ରେଗ ନାନା
ଦେଖାଇବେ ତଲବର ପରଓ୍ୱାନା
ସେହି କାଞ୍ଚି ସେହି ରତନ ସହିତେ
ସୁଡ଼ଙ୍ଗକୁ ବାଳା ଗଲା ଅଲକ୍ଷିତେ
କାହିଁ ଅଶ୍ୱାରୋହୀ ଘେନି ଅଶ୍ୱବାର
କଦମ୍ବ ବୁଲାଇ ଦିଅଇ ଚକର
କାହିଁ ସେ ହୁନ୍ଦର ଯେ ହୁନ୍ଦର ବଳେ
ପୁରୁଷ ହେବ ରମଣୀ
ସେ କଠିଣ ଝିଙ୍କାଝିଙ୍କିରୁ ନିସ୍ତାର
ଆଉ ଲାଗି ଆଗୁଁ ହୁଅ ହୁସିଆର
ବାସଲ୍ୟେ ନ ବାନ୍ଧି ପ୍ରଜାଙ୍କର ଚିତ୍ତ
ବିଦେଶୀ ସଙ୍ଗୀତେ ନ କଲା ତାଙ୍କୁ ଭୀତ"

Digitized by PPRACHIN, SOA

ପଞ୍ଚଦଶ ଅଧ୍ୟାୟ

ଉପସଂହାର :

ମୁସଲମାନ ଶାସନର ପ୍ରାକ୍ କାଳରେ ଓଡ଼ିଶା ଏକ ଅତି ସମୃଦ୍ଧିଶାଳୀ ରାଜ୍ୟ ଭାବରେ ପ୍ରତିଷ୍ଠା ଲାଭ କରିଥିଲା । ସଂସ୍କୃତି ବିଶେଷତଃ ମନ୍ଦିର ଭାସ୍କର୍ଯ୍ୟ ଓ ସାହିତ୍ୟ କ୍ଷେତ୍ରରେ ପ୍ରତିବେଶୀ ରାଜ୍ୟମାନଙ୍କ ମଧ୍ୟରେ ଏହା ସର୍ବଦା ଅଗ୍ରଣୀ ଥିଲା । ରାଜନୈତିକ ଦୃଷ୍ଟିକୋଣରୁ ଏହା ଏକ ସ୍ୱତନ୍ତ୍ର ପ୍ରାଦେଶିକ ରାଜ୍ୟ ଥିବା ସତ୍ତ୍ୱେ ଏହାର କଳା ଓ ସଂସ୍କୃତି ସାମଗ୍ରିକ ଭାବରେ ସର୍ବଭାରତୀୟ ସାଂସ୍କୃତିକ ପରମ୍ପରା ସହିତ ସମ୍ବନ୍ଧିତ ରହିଥିଲା ।

ଓଡ଼ିଶା ଶାସନ ଅନ୍ତର୍ଗତ ସାମନ୍ତ ଏବଂ ଅଫିସରମାନଙ୍କ ମଧ୍ୟରେ ଅନ୍ତର୍ବିବାଦ, ଅନୈକ୍ୟ, ଅନନୁଗତପ୍ରାଣତା, ବିଦ୍ୱେଷଭାବ ଓ ସର୍ବୋପରି ପ୍ରଶାସନିକ ତ୍ରୁଟି ଯୋଗୁଁ ଏକଦା ବିକ୍ରମଶାଳୀ ସ୍ୱାଧୀନ ଓଡ଼ିଶାର ସେନାବଳ କ୍ରମଶଃ ଦୁର୍ବଳ ହେବାକୁ ଲାଗିଲା । ଏହାଫଳରେ ଆଫଗାନମାନେ ଏ ଦେଶକୁ ଆକ୍ରମଣ କରିବାର ସୁଯୋଗ ପାଇଲେ ଓ ୧୫୬୮ ଖ୍ରୀଷ୍ଟାବ୍ଦରେ ସୁଲେମାନ କାରେନୀଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେବା ପରେ ଏଠାରୁ ହିନ୍ଦୁ ଶାସନର ସାର୍ବଭୌମତ୍ୱର ପରିସମାପ୍ତି ଘଟିଲା । ୧୫୬୮ ଠାରୁ ୧୫୯୨ ସାଲ–ଏପରି ୨୪ ବର୍ଷ କାଳ ଶାସନ କ୍ଷମତାରେ ଥାଇ ମଧ୍ୟ ଆଫଗାନମାନେ ଓଡ଼ିଶାର ସାଧାରଣ ଜନମାନସରେ ଫଳପ୍ରଦ ଭାବରେ ପ୍ରଭାବ ବିସ୍ତାର କରିପାରି ନ ଥିଲେ, କାରଣ ରାଜନୈତିକ ଦୃଷ୍ଟିକୋଣରୁ ଓଡ଼ିଶାର ପ୍ରଶାସନିକ ବିଧିବ୍ୟବସ୍ଥାରେ ସେମାନେ ବିଶେଷ କିଛି ଉଲ୍ଲେଖନୀୟ ପରିବର୍ତ୍ତନ ସଂଘଟିତ କରାଇପାରି ନ ଥିଲେ । କେବଳ ରାଜସ୍ୱ ଆଦାୟ ବ୍ୟତୀତ ଓଡ଼ିଶା ଓ ଏହାର ପ୍ରଜାକୁଳ ସହିତ ଏମାନଙ୍କର ଆଉ କିଛି ଅଧିକ ସମ୍ପର୍କ ନ ଥିଲା । ସାଧାରଣତଃ ଦକ୍ଷିଣ-ପୂର୍ବ ଦିଗରେ ପୁରୀ ପର୍ଯ୍ୟନ୍ତ ରାଜ୍ୟ ଦଖଲକୁ ଆଣିପାରିଥିଲେ ମଧ୍ୟ ଓଡ଼ିଶାର ସମୁଦାୟ ଅଞ୍ଚଳକୁ ଏମାନେ ନିଜ ଶାସନ ଅଧିନକୁ ଆଣିପାରି ନ ଥିଲେ । ବିଡ଼ମ୍ବନାର ବିଷୟ ଏହି ଯେ ଆଫଗାନମାନେ ଅଣମୁସଲମାନ ପ୍ରଜାମାନଙ୍କ ନିକଟରେ ମୁଖ୍ୟତଃ ଅତ୍ୟାଚାରୀ ଓ ମନ୍ଦିର ଲୁଣ୍ଠନକାରୀ ଭାବରେ ପରିଚିତ ଥିଲେ ।

ଆଫଗାନ ଓ ମୋଗଲମାନଙ୍କ ମଧ୍ୟରେ ଲାଗିରହିଥିବା ସଂଘର୍ଷର ପ୍ରାୟ ଦୁଇ ଦଶନ୍ଧି ପରେ ମୋଗଲ ବାଦଶାହା ଆକବରଙ୍କ ଶାସନକାଳରେ ରାଜା ମାନସିଂହଙ୍କ ସେନାନାୟକତ୍ୱରେ ମୋଗଲମାନେ ଓଡ଼ିଶା ଅଧିକାର କଲେ ଓ ଏହା ସହିତ ଓଡ଼ିଶା ଶାସନରେ ଏକ ନୂତନ ଯୁଗର ଆରମ୍ଭ ହେଲା । ଶହେ ଅଠାବନ ବର୍ଷର ସୁଦୀର୍ଘ

Digitized by PPRACHIN, SOA

ମୋଗଲ ଶାସନର ଅବସମାପ୍ତି ଘଟିଲା ୧୭୫୧ ଖ୍ରୀଷ୍ଟାବ୍ଦରେ । ଓଡ଼ିଶାର ଶାସନଦଣ୍ଡ ଚାଲିଗଲା ମରହଟ୍ଟାମାନଙ୍କ ହାତକୁ ।

୧୫୮ ବର୍ଷର ମୋଗଲ ଶାସନକାଳ ମଧ୍ୟରୁ ସମ୍ରାଟ ଆକବରଙ୍କ ପ୍ରତିନିଧି ଭାବରେ ସୁବେଦାର ରଜା ମାନସିଂହ ୧୧ ବର୍ଷ କାଳ ଓଡ଼ିଶାର ଶାସନ ଦାୟିତ୍ୱରେ ଥିଲେ । ଏହି ଏଗାର ବର୍ଷର ଶାସନକୁ ହିଁ ଓଡ଼ିଶାର ମୋଗଲ ରାଜତ୍ୱର ଶ୍ରେଷ୍ଠ ସମୟ ଓ ରାଜନୈତିକ ଦୃଷ୍ଟିକୋଣରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଏ । ଏହି ସମୟର ଉଲ୍ଲେଖନୀୟ ଶାସନଗତ ସିଦ୍ଧାନ୍ତ ଓ ଅବଦାନଗୁଡ଼ିକ ହେଲା : (୧) ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ବିଷୟକ ବାଦବିସମ୍ବାଦର ସମାଧାନ, (୨) ଦେବୋପାସନାର ମୌଳିକ ଅଧିକାର ଓ ଧର୍ମୀୟ ସଂସ୍କାରର ସୁରକ୍ଷା ଏବଂ (୩) ତୋଡରମଲ୍ଲଙ୍କ ଦ୍ୱାରା ପ୍ରବର୍ତ୍ତିତ ପ୍ରଗତିଶୀଳ ରାଜସ୍ୱ-ପ୍ରଥାର ପ୍ରଚଳନ ।

ସମ୍ରାଟ ଜାହାଙ୍ଗୀରଙ୍କ ଶାସନକାଳରେ ଆକବରଙ୍କ ଦ୍ୱାରା ପ୍ରବର୍ତ୍ତିତ ଶାସନ ବ୍ୟବସ୍ଥାର ଉଚ୍ଚମାନକୁ ଲଂଘନ କରାଗଲା । ତାଙ୍କ ଶାସନକାଳରେ ଓଡ଼ିଶାର ଶାସନ ଦାୟିତ୍ୱରେ ଅବସ୍ଥାପିତ ଚାରିଜଣଯାକ ସୁବେଦାର—ହାସିମ ଖାଁ, ରାଜା କଲ୍ୟାଣ, ମକ୍ରାମ ଖାଁ, ଅହମଦ୍ ବେଗ୍‌ଙ୍କର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଖୋରଧାର ରାଜାଙ୍କ ବିରୁଦ୍ଧରେ ବାରମ୍ବାର ସାମରିକ ଅଭିଯାନରେ ବ୍ୟାପୃତ ହେବା । ଶ୍ରୀ ଜଗନ୍ନାଥଙ୍କର ସେବକ ଓ ମୋଗଲ ଶାସନ ବିଦ୍ରୋହୀ ଓ ବିପ୍ଳବୀ ଖୋରଧା ରାଜାଙ୍କ ବିରୁଦ୍ଧରେ ଉଦ୍ଦିଷ୍ଟ ଏ ସମସ୍ତ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନମାନ ପ୍ରଶାସନିକ ଦୃଷ୍ଟିକୋଣରୁ କରାଯାଉଥିଲେ ମଧ୍ୟ ସାଧାରଣ ଲୋକଙ୍କ ଦୃଷ୍ଟିରେ ଏଗୁଡ଼ିକ ସେମାନଙ୍କର ଧର୍ମୀୟ ଧାରଣା ବିରୁଦ୍ଧରେ ଏକ ଏକ ସାମରିକ ଅଭିଯାନ ଭଳି ପ୍ରତୀୟମାନ ହେଉଥିଲା । ଫଳତଃ ମୋଗଲ ଶାସନ ବିରୁଦ୍ଧରେ ସାଧାରଣତଃ ପ୍ରଜାମାନଙ୍କ ମନରେ ଏହା ଅସନ୍ତୋଷ ଓ ବିରକ୍ତି ସୃଷ୍ଟି କରିଥିଲା । ଓଡ଼ିଶାରେ ଜାହାଙ୍ଗୀରଙ୍କ ରାଜତ୍ୱ କାଳରେ ଏକମାତ୍ର ଉଲ୍ଲେଖନୀୟ ରାଜନୈତିକ ଘଟଣା ହେଉଛି, ଶାସନଗତ ସୁବିଧା ଦୃଷ୍ଟିରୁ ଓଡ଼ିଶାକୁ ବଙ୍ଗଳାଠାରୁ ପୃଥକ କରାଯାଇ ଏଠାରେ ଜଣେ ସ୍ୱତନ୍ତ୍ର ସୁବେଦାରଙ୍କୁ ଅବସ୍ଥାପିତ କରିବା ।

ଶାହାଜାହାନ ଗାଦିନସୀନ ହେଲା ବେଳକୁ ଖୋରଧାର ପରାକ୍ରମୀ ରାଜା ବାଧ୍ୟତାବଶତଃ ମୋଗଲ ଶାସନର ବଶ୍ୟତା ସ୍ୱୀକାର କରିସାରିଥିଲେ ଏବଂ ମୋଗଲ ସାମ୍ରାଜ୍ୟ ଦକ୍ଷିଣରେ ଓଡ଼ିଶା ସୀମା ଅତିକ୍ରମ କରି ଗୋଲକୁଣ୍ଡାର କେତେକ ଅଞ୍ଚଳ ଉପରେ ଆଧିପତ୍ୟ ବିସ୍ତାର କରିଥିଲା । ଐତିହାସିକ ପ୍ରମାଣରୁ ଜଣାପଡ଼େ ଯେ ଶାସନ ଦାୟିତ୍ୱରେ ନିଯୁକ୍ତ ରାଜକର୍ମଚାରୀମାନଙ୍କୁ ସାଧାରଣ ଲୋକଙ୍କ ଅଭାବ ଅସୁବିଧା କଥା ବୁଝିବା ପାଇଁ ଶାହାଜାହାନ ନିର୍ଦ୍ଦେଶ କରିଥିଲେ ।

Digitized by PPRACHIN, SOA

ଆଉରଙ୍ଗଜେବଙ୍କ ଶାସନର ଦୁଇଟି ଉଲ୍ଲେଖଯୋଗ୍ୟ ଦିଗ ହେଲା—(୧) ନିୟମାନୁବର୍ତ୍ତୀ କଠୋର ପ୍ରଶାସନ ଓ (୨) ଅନୁଦାର ଧାର୍ମିକଧାରଣାର ଅନ୍ଧାନୁସରଣ। ତାଙ୍କ ରାଜତ୍ୱକାଳରେ ଓଡ଼ିଶାରେ ଅବସ୍ଥାପିତ ସୁଦକ୍ଷ ସୁବେଦାର ଖାଁ-ଇ-ଦୌରାନ୍ ଅବାଧ୍ୟ ସାମନ୍ତ ରାଜା ଓ ସାମରିକ ଦଳପତିମାନଙ୍କୁ ଦମନ କରିଥିଲେ। ସୁବେଦାର ମୁର୍ଶିଦ କୁଲି ଖାଁ(୧)ଙ୍କ ସମୟରେ ବହୁ ନୂତନ ଅତିରିକ୍ତ କରମାନ ଧାର୍ଯ୍ୟ କରାଯିବା ଦ୍ୱାରା ମୋଗଲ ରାଜସ୍ୱ ବାବଦ ଆୟ ବୃଦ୍ଧି ପାଇଥିଲା। ଆଉରଙ୍ଗଜେବଙ୍କ ନିର୍ଦ୍ଦେଶରେ ସୁବେଦାରମାନେ ଧାର୍ଯ୍ୟ କରୁଥିବା ବିଭିନ୍ନ କରଭାରରେ ସାଧାରଣ ଲୋକେ ଅତିଷ୍ଠ ହୋଇ ପଡୁଥିଲେ। ଆଫଗାନମାନଙ୍କ ଭଳି ଆଉରଙ୍ଗଜେବଙ୍କ କେତେକ ଅଫିସର ମଧ୍ୟ କେତେକ ଦେବତା ମନ୍ଦିର ଓ ହିନ୍ଦୁମାନଙ୍କର ଧାର୍ମିକ କୀର୍ତ୍ତିସ୍ତମ୍ଭଗୁଡ଼ିକ ଧ୍ୱଂସ ବା ଧ୍ୱସ୍ତବିଧ୍ୱସ୍ତ କରିଦେବାକୁ ପଶ୍ଚାଦ୍‌ପଦ ହେଉ ନ ଥିଲେ। ଆଉରଙ୍ଗଜେବଙ୍କ ଧର୍ମନୀତିର ସାମାଜିକ ପ୍ରଭାବ ମଧ୍ୟ ଥିଲା ଅତ୍ୟନ୍ତ ନୈରାଶ୍ୟଜନକ। ଓଡ଼ିଶାର ସାଂସ୍କୃତିକ ପରମ୍ପରାସିଦ୍ଧ ମନ୍ଦିର ଭାସ୍କର୍ଯ୍ୟ କଳାପ୍ରତି କେତେକ ମୋଗଲମାନଙ୍କର ଆକ୍ରମଣାତ୍ମକ ମନୋଭାବ ସମକ୍ଷରେ ଅନେକ ଓଡ଼ିଆ ଶିଳ୍ପୀ ଓ ଭାସ୍କରକୁଳ ଯେଉଁମାନେ କି ମନ୍ଦିର ନିର୍ମାଣ କରି ନିଜର ଜୀବିକା ଅର୍ଜନ କରୁଥିଲେ ସେମାନଙ୍କ ବୃତ୍ତି ପରିବର୍ତ୍ତନ କରିବା ପାଇଁ ବାଧ୍ୟ ହୋଇଥିଲେ।

ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ ଓଡ଼ିଶାର ଶାସନଦଣ୍ଡର ପ୍ରତ୍ୟକ୍ଷ ଅଧିକାରୀ ହୋଇଥିଲେ ନାଏବ ନାଜିମ୍‌ମାନେ। ନାଏବ ନାଜିମ୍ ମୁର୍ସିଦ୍ କୁଲି ଖାଁ-୨ଙ୍କ ଶାସନର ଅଳ୍ପ କେତେକ ବର୍ଷ ଛଡ଼ା ଅନ୍ୟ ନାଏବ ନାଜିମ୍‌ମାନଙ୍କ ଶାସନକାଳରେ ଓଡ଼ିଶାର ପରିସ୍ଥିତିରେ ବିଶେଷ କିଛି ଉନ୍ନତି ସାଧିତ ହୋଇପାରି ନ ଥିଲା।

ମୁର୍ଶିଦ କୁଲି ଖାଁ-୧ ଙ୍କ ଭଳି ନାଏବନାଜିମ୍ ସୁଜାଉଦ୍ଦିନ ପ୍ରଜାମାନଙ୍କ ଉପରେ ବିଭିନ୍ନ ପ୍ରକାରର କର ଧାର୍ଯ୍ୟ କରିଥିଲେ। ଏହାଙ୍କ ସମୟରେ ଜଳେଶ୍ୱର ଆଦି ବହୁ ଅଞ୍ଚଳ (ସରକାର) କୁ ବଙ୍ଗଳା ସୁବା ସହିତ ମିଶାଇ ଦିଆଯାଇଥିଲା।

ଓଡ଼ିଶା ପାଇଁ ନାଏବ ନାଜିମ୍ ତକୀ ଖାଁଙ୍କ ସୁବେଦାରୀ କାଳ ଥିଲା ଅପେକ୍ଷାକୃତ ଅଧିକ ଦୁର୍ଦ୍ଦଶା ଓ ଅତ୍ୟାଚାରର କାଳ। ତାଙ୍କ ସମୟରେ ଖୋରଧା ରଜାଙ୍କ ଉପରେ ବାରମ୍ବାର ଆକ୍ରମଣ କରଯାଇ ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ପୂଜା ଉପାସନାରେ ବହୁ ବିଘ୍ନ ସୃଷ୍ଟି କରଯାଉଥିଲା। ଯବାନମାନଙ୍କ ଲାଞ୍ଛନାରୁ ନିଜର ଇଷ୍ଟ-ଦେବତାଙ୍କୁ ରକ୍ଷା କରିବାକୁ ଯାଇ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମାକୁ ଶ୍ରୀମନ୍ଦିରରୁ ବାରମ୍ବାର ସ୍ଥାନାନ୍ତରିତ କରି ଦକ୍ଷିଣ ଓଡ଼ିଶାର ସୁରକ୍ଷିତ ଗୋପନସ୍ଥାନମାନଙ୍କୁ ନେଇ ଯାଉଥିଲେ। ଏତଦ୍ୱାରା ଜଗନ୍ନାଥ—ଯାତ୍ରୀଙ୍କ ସଂଖ୍ୟା ବହୁ ପରିମାଣ ହ୍ରାସ ପାଇଥିଲା ଓ ଫଳତଃ ତୀର୍ଥଯାତ୍ରୀ କର ମିଳୁଥିବା ରାଜସ୍ୱ ଆୟ ବାବଦରେ ୯ ଲକ୍ଷ ଟଙ୍କା କ୍ଷତି ହୋଇଥିଲା।

Digitized by PPRACHIN, SOA

ଯଦିଚ ତକୀ ଖାଁଙ୍କ କୌଶଳ ବିଦ୍ରୋହୀ ଖୋର୍ଦ୍ଧା ରଜାଙ୍କୁ ଦମନ କରିପାରିଥିଲା ତଥାପି ମାଦଳା ପାଞ୍ଜିର ଉଲ୍ଲେଖ ଅନୁସାରେ ତକୀ ଖାଁ ଓଡ଼ିଶାର ହିନ୍ଦୁ ପ୍ରଜାମାନଙ୍କର ତୀବ୍ର ଅଶାନ୍ତି, ଅସନ୍ତୋଷର ପାତ୍ର ହୋଇଥିଲେ ।

ମୁର୍ଶିଦ କୁଲି ଖାଁ ୨ଙ୍କ ୭ ବର୍ଷର ଶାସନକୁ 'ଆଶ୍ୱାସନାର କାଳ' କୁହାଯାଇ ପାରେ । ତାଙ୍କ ଶାସନରେ ପ୍ରଜାମାନଙ୍କ ମନରେ ବିଶ୍ୱାସ ଓ ଧର୍ମଗତ ସ୍ୱାଧୀନତା ପୁନଃ ସ୍ଥାପିତ ହୋଇପାରିଥିଲା । ସେ ଥିଲେ ଆକବରଙ୍କ ପରି ବିବେକବନ୍ତ, ବୁଦ୍ଧିମାନ, ଧର୍ମ ନିରପେକ୍ଷ ଓ ସ୍ଥିରଚିତ୍ତ ପ୍ରଶାସକ । ମାତ୍ର ବଙ୍ଗଳାର ନବାବ ଆଲିବର୍ଦ୍ଦି ଖାଁଙ୍କ ଚକ୍ରାନ୍ତରେ ମୁର୍ଶିଦ କୁଲି ଖାଁ ୨ଙ୍କ ଭଳି ଜଣେ ସୁଯୋଗ୍ୟ ପ୍ରଶାସକଙ୍କୁ ଓଡ଼ିଶାରୁ ବହିଷ୍କୃତ ହେବାକୁ ପଡ଼ିଲା । ଦ୍ୱିତୀୟ କୁଲୀ ଖାଁଙ୍କ ବହିଷ୍କରଣ ପରେ ଆଲିବର୍ଦ୍ଦିଙ୍କ ଓଡ଼ିଶା ଅଧିକାରର ମାର୍ଗ ସୁଗମ ହୋଇଗଲା । ଦିଲ୍ଲୀର ତତ୍କାଳୀନ ବାଦ୍‌ଶାହା ଅତ୍ୟନ୍ତ ଦୁର୍ବଳ ଥିବାରୁ ଆଲିବର୍ଦ୍ଦି ଖାଁ ନିଜ ଇଚ୍ଛାନୁଯାୟୀ ସମସ୍ତ କାର୍ଯ୍ୟ କରିପାରୁଥିଲେ ଓ ସୁପରିକଳ୍ପିତ ଯୋଜନାନୁସାରେ ଦ୍ୱିତୀୟ କୁଲି ଖାଁଙ୍କୁ କୌଶଳକ୍ରମେ ଓଡ଼ିଶାରୁ ବିତାଡ଼ିତ କରିବା ପରେ ଓଡ଼ିଶା ଅଧିକାର ପାଇଁ ବାରମ୍ବାର ସାମରିକ ଅଭିଯାନମାନ ଚଳାଇ ସଫଳକାମ ହେଲେ । ମାତ୍ର ଓଡ଼ିଶାର ଶାସନ-ଦଣ୍ଡକୁ ଚିରସ୍ଥାୟୀ ଭାବରେ ଅଧିକାର କରିବା ନିତାନ୍ତ ସହଜସାଧ୍ୟ ନ ଥିଲା । ଅଳ୍ପକାଳ ମଧ୍ୟରେ କୁଚକ୍ର ଆୟସଲବ୍‌ଧ ଓଡ଼ିଶା ଆଲିବର୍ଦ୍ଦିଙ୍କ ହାତରୁ ମରଠାମାନଙ୍କ ହାତକୁ ଚାଲିଗଲା ।

ମରହଟ୍ଟାମାନଙ୍କ ଓଡ଼ିଶା ଅଧିକାରର ପଶ୍ଚାଦ୍‌ପଟରେ ଥିବା କାରଣମାନ ମୁଖ୍ୟତଃ : (୧) ଦ୍ୱିତୀୟ ମୁର୍ଶିଦ କୁଲି ଖାଁଙ୍କ ଆତ୍ମୀୟମାନେ ଆଲିବର୍ଦ୍ଦିଙ୍କ ଉପରେ ପୂର୍ବପ୍ରତାରଣାର ପ୍ରତିଶୋଧ ନେବା ପାଇଁ କୃତସଂକଳ୍ପ ଥିଲେ, (୨) ମରଠା ଓ ଦ୍ୱିତୀୟ ମୁର୍ଶିଦ କୁଲି ଖାଁଙ୍କ ଆତ୍ମୀୟମାନଙ୍କର ମିଳିତ ଶକ୍ତି ଆଲିବର୍ଦ୍ଦିଙ୍କ ଶକ୍ତି ତୁଳନାରେ ଥିଲା ଢେର ଅଧିକ, (୩) ମୋଗଲମାନଙ୍କର ହିନ୍ଦୁ ବିଦ୍ୱେଷ, ମନ୍ଦିର ଓ ଧର୍ମାନୁଷ୍ଠାନଗୁଡ଼ିକ ଉପରେ ଆକ୍ରମଣ ଓ ପ୍ରଶାସନିକ ଅତ୍ୟାଚାର ସମ୍ମୁଖରେ ମରାଠାମାନେ ଓଡ଼ିଶାବାସୀଙ୍କ ପାଇଁ ଥିଲେ ଅଧିକ ଶ୍ରେୟସ୍କର । ତେଣୁ ସେମାନେ ପ୍ରଜାସାଧାରଣଙ୍କ ଅକୁଣ୍ଠ ସମର୍ଥନ ଲାଭ କରିପାରିଥିଲେ । ଆଲିବର୍ଦ୍ଦି ଖାଁଙ୍କର ଶାସନ ମଧ୍ୟ ପ୍ରଜାନୁସାରୀ ହେବା ବଦଳରେ ଭ୍ରାନ୍ତପୂର୍ଣ୍ଣ ଓ ଭୟପ୍ରଦ ଥିଲା । ଫଳତଃ, ପରିଶେଷରେ ଓଡ଼ିଶା ଶାସନ ମରାଠାମାନଙ୍କ ହାତକୁ ଚାଲିଗଲା । ୧୭୫୧ ମସିହାରେ ଆଲିବର୍ଦ୍ଦି ଖାଁ ଓ ନାଗପୁରର ରାଜାଙ୍କ ମଧ୍ୟରେ ହୋଇଥିବା ସନ୍ଧିବଳରେ ଓଡ଼ିଶାରୁ ମୋଗଲ ଶାସନର ପରିସମାପ୍ତି ଘଟିଲା ।

ମୋଗଲ ଶାସନକାଳରେ ଓଡ଼ିଶାର ରାଜନୈତିକ ଅବସ୍ଥା ପରି ସାଂସ୍କୃତିକ ପରିବେଶର ମଧ୍ୟ ଐତିହାସିକ ଗୁରୁତ୍ୱ ରହିଛି । ବାହାର ଓ ଭିତରର ପ୍ରଭାବ ଫଳରେ

Digitized by PPRACHIN, SOA

ସାଂସ୍କୃତିକ ଚରିତ୍ରରେ ଯେଉଁସବୁ ଉଲ୍ଲେଖନୀୟ ପରିବର୍ତ୍ତନମାନ ସଂଘଟିତ ହୋଇଥିଲା, ସେ ସବୁ ପର୍ଯ୍ୟାଲୋଚନାର ବିଷୟ । ପୂର୍ବେ ଓଡ଼ିଆ ବଣିକମାନେ ଓଡ଼ିଶାର ଉପକୂଳର ବିହିର୍ଦ୍ଦେଶ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ । ମୋଗଲମାନଙ୍କ ଦ୍ୱାରା ଓଡ଼ିଶା ଅଧିକାର ପରେ ଉପକୂଳାବସ୍ଥିତ ପୋତାଶ୍ରୟଗୁଡ଼ିକୁ ଭାରତର ଅନ୍ୟାନ୍ୟ ଅଞ୍ଚଳ ସହ ଯୋଗାଯୋଗର ମାଧ୍ୟମ ରୂପେ ବ୍ୟବହାର କରାଗଲା । ଜଳଦସ୍ୟୁମାନଙ୍କ କବଳରୁ ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ଏସବୁ ବନ୍ଦରଗୁଡ଼ିକରେ ସାମରିକ ତରୀମାନ ସଜାଗ କରି ରଖାଯାଇଥିଲା ।

ସେ ସମୟରେ ଓଡ଼ିଶାର ବହୁ ସ୍ଥାନରେ ଜାହାଜ ତିଆରି କେନ୍ଦ୍ରମାନ ପ୍ରତିଷ୍ଠିତ ହୋଇଥିବା ଜଣାଯାଏ । ତନ୍ମଧ୍ୟରେ ବାଲେଶ୍ୱର ଠାରେ ଏକ ବୃହତ ଜାହାଜ ତିଆରି କେନ୍ଦ୍ର ଥିଲା । ବିଭିନ୍ନ ପ୍ରକାରର ନୌକାମାନ ଏହି କେନ୍ଦ୍ରଗୁଡ଼ିକରେ ନିର୍ମିତ ହେଉଥିଲା । ଅଧିକାଂଶ ନୌକା ନଦୀପଥ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅନ୍ୟ କେତେକ ସମୁଦ୍ର ପଥ ପାଇଁ ଉଦ୍ଦିଷ୍ଟ ଥିଲା । ଜାହାଜ ଓ ଜଳତରୀ ନିର୍ମାଣ କେନ୍ଦ୍ରମାନଙ୍କର ବହୁଳ ପ୍ରତିଷ୍ଠା ଫଳରେ ନୌବାଣିଜ୍ୟ ସୁଗମ ହେବା ସହିତ କର୍ମନିଯୁକ୍ତିର ପରିସର ମଧ୍ୟ ବୃଦ୍ଧି ପାଇଥିଲା ।

ୟୁରୋପୀୟମାନଙ୍କ ଆଗମନ ପରେ ଓଡ଼ିଶାରେ ନୌବାଣିଜ୍ୟର ବହୁଳ ପ୍ରସାର ଘଟିଥିଲା । ଓଡ଼ିଶା ଉପକୂଳରେ ୟୁରୋପୀୟ ବଣିକମାନଙ୍କର ଆବିର୍ଭାବ ଫଳରେ ଓଡ଼ିଶାର ବାଣିଜ୍ୟ ବ୍ୟବସ୍ଥାରେ ବ୍ୟାପକ ଅଗ୍ରଗତି ସାଧିତ ହୋଇଥିଲା । ହରିଶପୁର, ପିପିଲି ଓ ବାଲେଶ୍ୱର ଠାରେ ଥିବା ବନ୍ଦରଗୁଡ଼ିକ କ୍ରମଶଃ ଅଧିକରୁ ଅଧିକ ସମୃଦ୍ଧିଶାଳୀ ହେବାକୁ ଲାଗିଲେ । ଏହି ସ୍ଥାନଗୁଡ଼ିକ ମୁଖ୍ୟତଃ ବ୍ୟାବସାୟିକ ପେଣ୍ଠସ୍ଥଳୀରେ ପରିଣତ ହେଲେ । ମାତ୍ର ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏସବୁ ବାଣିଜ୍ୟିକ ଅଗ୍ରଗତି ଓ ସମୃଦ୍ଧିର ସୁଫଳ ସ୍ଥାନୀୟ ବଣିକମାନଙ୍କୁ ମିଳିବା ବଦଳରେ ସୁଚତୁର ବିଦେଶୀ ବଣିକମାନେ ହିଁ ହାସଲ କରିଦେଉଥିଲେ । ସ୍ୱଳ୍ପସମ୍ବଳାଧିକାରୀ ସ୍ଥାନୀୟ ବଣିକମାନଙ୍କ ପକ୍ଷେ ଦୁଃସାହସୀ ବିତ୍ତଶାଳୀ ବୈଦେଶିକ ବଣିକମାନଙ୍କ ସଙ୍ଗେ ସମକକ୍ଷ ହେବା ସମ୍ଭବପର ନ ଥିଲା, ଫଳତଃ ଏକଦା ସୌଭାଗ୍ୟଶାଳୀ ସ୍ଥାନୀୟ ବଣିକକୁଳଙ୍କୁ କ୍ରମଶଃ ଅର୍ଥନୈତିକ ଦୁରାବସ୍ଥାରେ କବଳିତ ହେବାକୁ ପଡ଼ିଲା ।

ବୈଦେଶିକ ବଣିକମାନଙ୍କ ଆଗମନ ସ୍ଥାନୀୟ ଲୋକମାନଙ୍କ ଉପରେ ପ୍ରଭାବ ପକାଇଥିଲା । ସେମାନେ ଗ୍ଲବି, ବାଲ୍‌ଟି, ସାବୁନ, ଆଲ୍‌ପିନ୍ ଆଦି କେତେକ ନୂତନ ପ୍ରକାର ପଦାର୍ଥର ବ୍ୟବହାର ସହ ଅଭ୍ୟସ୍ତ ହୋଇପଡ଼ିଲେ । ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଦକ୍ଷିଣ ଆମେରିକାରୁ ଆନୀତ ବିଲାତିଆଳୁ ବହୁଳ ଭାବେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବ୍ୟବହୃତ

Digitized by PPRACHIN, SOA

ହେଲା । ବାଣିଜ୍ୟିକ କାରବାରର ପ୍ରସାର ଫଳରେ ସେହିପରି ବିଦେଶରୁ ଆନୀତ ସପୁରୀ, ଅମୃତଭଣ୍ଡା ଓ କରମଙ୍ଗା ଆଦି ଫଳଗୁଡ଼ିକର ବ୍ୟବହାର ମଧ୍ୟ ଓଡ଼ିଶାରେ ସ୍ୱାଭାବିକତାରେ ପରିଣତ ହେଲା । ଏପରି ଭାବରେ ତତ୍କାଳୀନ ଓଡ଼ିଶାର ଖାଦ୍ୟ ଅଭ୍ୟାସରେ ଉଲ୍ଲେଖନୀୟ ପରିବର୍ତ୍ତନମାନ ଘଟିଥିଲା । କେତେକ ନୂଆଫୁଲ ଓ ଫଳ ମଧ୍ୟ ଏହି ବୈଦେଶିକ ବଣିକଙ୍କ ଦ୍ୱାରା ପ୍ରଥମେ ଆନୀତ ହୋଇ ପରବର୍ତ୍ତୀ କାଳରେ ଓଡ଼ିଶାରେ ନିୟମିତ ଭାବରେ ଉତ୍ପନ୍ନ ହୋଇ ଆସୁଛି ।

ମୋଗଲ ଶାସନ କାଳରେ ଓଡ଼ିଶାର ପୂର୍ବପ୍ରଚଳିତ ରାଜସ୍ୱ ବ୍ୟବସ୍ଥାରେ ବହୁବିଧ ପରିବର୍ତ୍ତନମାନ କାର୍ଯ୍ୟକାରୀ କରାଯାଇଥିଲା । ତୋଡ଼ରମଲ୍ଲଙ୍କ ଦ୍ୱାରା ପ୍ରବର୍ତ୍ତିତ ନୂତନ ରାଜସ୍ୱ ବ୍ୟବସ୍ଥାର ପ୍ରଚଳନ ଫଳରେ ପୁରାତନ ରାଜସ୍ୱ ପ୍ରଥା ବସ୍ତୁତଃ ଅକାମୀ ହୋଇ ଯାଇଥିଲା । ଜମିଜମା ମାପଚୁପରେ ଅଧିକ ବିଜ୍ଞାନସମ୍ମତ ପ୍ରଣାଳୀମାନ ବ୍ୟବହୃତ ହେଲା । ଭୂମି ରାଜସ୍ୱ ପୂର୍ବାପେକ୍ଷା ବହୁ ଅଧିକ ପରିମାଣ ବୃଦ୍ଧି ପାଇପାରିଲା । ମୋଗଲ ରାଜତ୍ୱର ଆରମ୍ଭ କାଳରେ ଜଙ୍ଗଲ ଓ ଅବ୍ୟବହୃତ ଭୂମି ପରିମାଣ ଥିଲା ଯଥେଷ୍ଟ ବେଶୀ ଓ କୃଷକ ଶ୍ରେଣୀର ସଂଖ୍ୟା ଥିଲା ଅପେକ୍ଷାକୃତ କମ୍ । ମୋଗଲ ପ୍ରଶାସକମାନଙ୍କ ଦ୍ୱାରା ଏହିସବୁ ଭୂମିରେ ପାଟଣାମାନ ସ୍ଥାପନ କରାଯାଇ ବହିରାଗତ କୃଷକ, ବ୍ରାହ୍ମଣ, ମୁସଲମାନ ଓ କୌଳିକ କାରୀଗରମାନଙ୍କ ନିମନ୍ତେ ବାସପୋଯୋଗୀ କରାଗଲା ଓ ଏହା ଫଳରେ ଅଧିକତର ଜମି କୃଷି ଉପଯୋଗୀ ହେବା ସହିତ କୃଷି ରାଜସ୍ୱ ବାବଦ ଆୟର ପରିମାଣ ମଧ୍ୟ ବୃଦ୍ଧି ପାଇଲା ।

ମୋଗଲ ଶାସନ କାଳରେ ଓଡ଼ିଶାର ସାମରିକ ସାମନ୍ତବାଦୀ ସମାଜର ପରିସମାପ୍ତିରେ ଏକ ନୂତନ ସାମାଜିକ ଜମିଦାରିଆ ଶ୍ରେଣୀର ସୃଷ୍ଟି ହୋଇଥିଲା । ବିଭିନ୍ନ ବଂଶାନୁକ୍ରମିକ ରାଜସ୍ୱ ଅଫିସରମାନେ ଅମଲାତନ୍ତ୍ର ଶାସନ ପ୍ରତିଷ୍ଠା କଲେ । ଦରମା ହିସାବରେ ଜମି ଉପଭୋଗ କରିବାର ସୁବିଧା ପାଇଲେ । ଏହି ପରିସ୍ଥିତି ପରବର୍ତ୍ତୀ କାଳରେ ନୂଆ ଧରଣର ଏକ ଜମିଦାରିଆ ସମ୍ଭ୍ରାନ୍ତତନ୍ତ୍ରୀ ସମାଜ ସୃଷ୍ଟି କରିଥିଲା ।

ଧର୍ମକ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ଅଭିଜ୍ଞତାର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିବାକୁ ପଡ଼ିଥିଲା । ମୁସଲମାନ ଶାସନ ଆରମ୍ଭ ସହିତ ଓଡ଼ିଶାରେ ନୂଆକରି ପ୍ରଚାରିତ ହେଉଥିବା ଇସ୍‌ଲାମ ଧର୍ମବାଦ ମୋଗଲ ଶାସନ କାଳରେ ସକ୍ରିୟ ପୃଷ୍ଠପୋଷକତା ହାସଲ କରିଥିଲା । ହିନ୍ଦୁ ମନ୍ଦିର ବଦଳରେ ମସ୍‌ଜିଦ୍‌ମାନ ଗଢ଼ିଉଠିଲା । ଇସ୍‌ଲାମ ଧର୍ମର ପ୍ରଚାର ପାଇଁ ପୀରମାନେ ବହୁସଂଖ୍ୟାରେ ଆସି ପହଞ୍ଚିଲେ । ଧର୍ମପ୍ରଚାର ସଂକ୍ରାନ୍ତୀୟ କାର୍ଯ୍ୟକଳାପରେ ବ୍ୟାପୃତ ରହି ପୀରମାନେ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟଜନକ ଆଧିଭୌତିକ ଲୀଳାମାନ (miracles) ପ୍ରଦର୍ଶନ କରାଇ ହିନ୍ଦୁ ମୁସଲମାନ ଉଭୟ ଶ୍ରେଣୀର ଲୋକମାନଙ୍କୁ ସେମାନଙ୍କ ଶକ୍ତିର ଅଦ୍ଭୁତ କ୍ଷମତା ସମ୍ପର୍କରେ ପ୍ରଭାବିତ କରାଇ ପାରୁଥିଲେ । 'ପୀର'ମାନଙ୍କର ସ୍ମୃତି

Digitized by PPRACHIN, SOA

ପ୍ରତି ଶ୍ରଦ୍ଧାସ୍ୱରୂପ ସେମାନଙ୍କ ସମାଧିଗୁଡ଼ିକ ଲୋକପ୍ରିୟତାର ସମ୍ୟକ ସୂଚନା ଦିଏ । ମୁସଲମାନ ଶାସକମାନେ ମକ୍ତବ୍, ମଦ୍ରାସା ଓ ମିନାର୍‌ମାନ ନିର୍ମାଣ ପାଇଁ ସ୍ଥାନ ଓ ପରିଚାଳନା ବାବଦ ଅର୍ଥ ବ୍ୟବସ୍ଥା କରାଇ ଦେଉଥିଲେ ।

କେତେକ ମୁସଲମାନ ଶାସକମାନେ କେତେକ ହିନ୍ଦୁମନ୍ଦିର ଧ୍ୱଂସ କରିବା ପାଇଁ ଆଦେଶ ଦେଇ ଶ୍ରୀଜଗନ୍ନାଥଙ୍କ ଉପାସନା କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବିଘ୍ନ ସୃଷ୍ଟି କରାଇଥିଲେ ମଧ୍ୟ ହିନ୍ଦୁଧର୍ମ ସଙ୍କୁଚିତ ହୋଇ ନ ଥିଲା । ବୈଷ୍ଣବ ଧର୍ମଗୁରୁମାନେ ସେମାନଙ୍କ ଧର୍ମୀୟ ବିଶ୍ୱାସର ପ୍ରଚାର କାର୍ଯ୍ୟ ଅବ୍ୟାହତ ରଖିଥିଲେ । ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକ ଧର୍ମପ୍ରଚାରର ମୁଖ୍ୟ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲା । ମୋଗଲ ଶାସନ କାଳରେ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ କରାଯାଉ ନ ଥିଲେ ସୁଦ୍ଧା ଧର୍ମପ୍ରାଣ ସମ୍ଭ୍ରାନ୍ତ ହିନ୍ଦୁମାନେ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ଦେବତା ମନ୍ଦିର ନାମରେ ଭୂସମ୍ପତ୍ତି ଦାନ କରିବାରେ କୌଣସି ଶାସନଗତ ପ୍ରତିବନ୍ଧକ ନ ଥିଲା ।

ମୋଗଲଶାସିତ ଓଡ଼ିଶାରେ ଦୁଇଟି ସ୍ୱତନ୍ତ୍ର ଧର୍ମବାଦ ସହାବସ୍ଥାନ ନୀତିରେ ପ୍ରସାରିତ ହୋଇଥିବା ଲକ୍ଷ୍ୟଣୀୟ । ତତ୍କାଳୀନ ବିଚାରରେ ଭାରତର ଅନ୍ୟ କୌଣସି ସ୍ଥାନରେ ହିନ୍ଦୁ ଓ ଇସ୍‌ଲାମ ଧର୍ମର ଏଭଳି ସମତାଳ ସମୃଦ୍ଧି ସାଧିତ ହୋଇଥିବା ପରିଦୃଷ୍ଟ ହୁଏ ନାହିଁ । ସେ ସମୟରେ ଏଠାରେ ଏହି ଦୁଇ ଧର୍ମଗୋଷ୍ଠୀ ମଧ୍ୟରେ କୌଣସି ବିଭେଦ ବିଦ୍ୱେଷମୂଳକ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିବାର ପ୍ରମାଣ ମିଳେ ନାହିଁ ।

ଇସ୍‌ଲାମ ଧର୍ମର ପ୍ରସାର ଫଳରେ ନିର୍ମାଣ କରାଯାଇଥିବା ବହୁସଂଖ୍ୟକ ମସ୍‌ଜିଦ ଓଡ଼ିଶାରେ ଇସଲାମୀୟ ଭାସ୍କର୍ଯ୍ୟର ଅବଦାନ । ଏହି ମସ୍‌ଜିଦ୍‌ଗୁଡ଼ିକ ଉତ୍ତର-ଭାରତର ମସ୍‌ଜିଦ୍‌ଗୁଡ଼ିକ ସଙ୍ଗେ ତୁଳନାତ୍ମକ ବିଚାରରେ ସମକକ୍ଷ ନ ହେଲେ ସୁଦ୍ଧା, କଟକ ବାଲୁବଜାର ଠାରେ ଥିବା ଜୁମା ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟପୂର୍ଣ୍ଣ କାରୁକାର୍ଯ୍ୟ ମୁସଲିମ୍ ଭାସ୍କର୍ଯ୍ୟର ଏକ କମନୀୟ ନମୁନା । ଅନ୍ୟ ମସ୍‌ଜିଦ୍‌ଗୁଡ଼ିକ ବିଶେଷ ଶୋଭାପୂର୍ଣ୍ଣ ନ ହେଲେ ମଧ୍ୟ ଭାସ୍କର୍ଯ୍ୟ-କଳା ନୈପୁଣ୍ୟର ମୂକସାକ୍ଷୀ ରୂପେ ଅଦ୍ୟାବଧି ବିଦ୍ୟମାନ । କଟକ, ଯାଜପୁର ଓ ବାଲେଶ୍ୱର ଠାରେ ଅବସ୍ଥିତ ବହୁ ମସ୍‌ଜିଦ୍‌ମାନଙ୍କରୁ ଓଡ଼ିଶାରେ ମୁସଲମାନ ଭାସ୍କର୍ଯ୍ୟର କୃତବିଦ୍ୟତାର ପ୍ରମାଣ ମିଳେ ।

ମୋଗଲ ଶାସନ କାଳରେ ଓଡ଼ିଶାର ପଟ୍ଟଚିତ୍ରକଳା ବିଶେଷ ସମୃଦ୍ଧି ହାସଲ କରିଥିବା ବିଷୟ ଉଲ୍ଲେଖଯୋଗ୍ୟ । ରାଜ୍ୟର ବହୁ ଅନୁଷ୍ଠାନମାନଙ୍କରେ ସଂରକ୍ଷିତ ହୋଇଥିବା ଏହି ପଟ୍ଟଚିତ୍ରଗୁଡ଼ିକରୁ ତାଳପତ୍ରରେ ଲୌହନିର୍ମିତ ଲେଖନୀ ସାହାଯ୍ୟରେ ସମସାମୟିକ ସାମାଜିକ ଚଳଣୀ ଉପରେ ପର୍ଯ୍ୟବସିତ ପୌରାଣିକ କାହାଣୀ ଭିତ୍ତିକ "ଚିତ୍ରକଥା" ମାନ ଅଙ୍କନ କରିବାରେ ତତ୍କାଳୀନ ଚିତ୍ରକାରମାନଙ୍କର ଆଗ୍ରହ ଓ ସାଫଲ୍ୟ ପରିଲକ୍ଷିତ ହୁଏ ।

Digitized by PPRACHIN, SOA

ତାଳପତ୍ର ଉପରେ ଚିତ୍ରାଙ୍କିତ ପାଣ୍ଡୁଲିପିମାନଙ୍କରେ ଐତିହାସିକ ପର୍ଯ୍ୟବେକ୍ଷଣରୁ ପ୍ରମାଣିତ ହୁଏ ଯେ କେବଳ ବୈଷ୍ଣବ ସାହିତ୍ୟ ନୁହେଁ—ଶୈବ ସାହିତ୍ୟ, ରସ ସାହିତ୍ୟ ଓ ଏପରିକି ଜଗନ୍ନାଥ ସଂସ୍କୃତି ଦ୍ୱାରା ମଧ୍ୟ ତତ୍କାଳୀନ ଚିତ୍ରକାରମାନେ ପ୍ରଭାବିତ ହୋଇ ଅଛନ୍ତି । ଏହି ପରିପ୍ରେକ୍ଷୀରେ ତତ୍କାଳୀନ ଓଡ଼ିଶା ଚିତ୍ରକାରମାନଙ୍କ ସମ୍ପର୍କରେ ଅଧ୍ୟାପକ ଓ. ସି. ଗାଙ୍ଗୁଲିଙ୍କର ମନ୍ତବ୍ୟ (ଚିତ୍ରକାରର ବିଷୟବସ୍ତୁ କେବଳ ବୈଷ୍ଣବ ସାହିତ୍ୟର ମୂଳଭିତ୍ତି ଦ୍ୱାରା ସର୍ବଦା ପ୍ରଭାବିତ ଥିଲା) ଗ୍ରହଣୀୟ ନୁହେଁ । ପଶୁପକ୍ଷୀମାନଙ୍କ ଚିତ୍ରପରି ମନୁଷ୍ୟମାନଙ୍କର ଚିତ୍ରଗୁଡ଼ିକ ନିଃସନ୍ଦେହରେ ଅତ୍ୟନ୍ତ ଭାବଦ୍ୟୋତକ ଅଟେ । ମନୁଷ୍ୟମାନଙ୍କର ବିଭିନ୍ନ ଭାବାବେଗର ଚିତ୍ର, ଯୁଦ୍ଧ ଘୋଡ଼ାମାନଙ୍କର ଲମ୍ଫକାରୀ ଭଙ୍ଗିମା ଓ ଯୁଦ୍ଧ ହାତୀ ଯୂଥଙ୍କ ସମ୍ମିଳିତ ଅଗ୍ରଗତିର ଐକ୍ୟତାଲ ସମନ୍ୱିତ ଚିତ୍ରଗୁଡ଼ିକରୁ ତତ୍କାଳୀନ ଚିତ୍ରଶିଳ୍ପ କଳାର ଉତ୍କର୍ଷ ସମ୍ପର୍କରେ ଧାରଣା କରିହୁଏ । କୃଷ୍ଟି ଦୃଷ୍ଟିରୁ ଏହି ସମୟର ପଟ୍ଟଚିତ୍ର କଳାକୁ କୋଣାର୍କ କାଳର ଭାସ୍କର୍ଯ୍ୟ ସହ ତୁଳନା କରିବା ବାହୁଲ୍ୟ ହେବନାହିଁ ।

ଚିତ୍ରକଳା ପରି ଏହି କାଳର ଓଡ଼ିଆ ସାହିତ୍ୟ ମଧ୍ୟ ସମୃଦ୍ଧିର ଶୀର୍ଷଦେଶରେ ଉପନୀତ ହୋଇଥିଲା । ଏକ ଭିନ୍ନଭାଷୀ ଶାସକଙ୍କ ଅଧୀନରେ ଶାସିତ ସାଧାରଣଙ୍କ ଭାଷା ଓ ସାହିତ୍ୟର ଏଭଳି ପ୍ରଭୂତ ବିକାଶ ସାଧିତ ହୋଇ ପାରିଥିବା ବିଷୟ ବାସ୍ତବିକ୍ ଅତ୍ୟନ୍ତ ବିସ୍ମୟକର । ତତ୍କାଳୀନ ପରିସ୍ଥିତିରେ ଓଡ଼ିଶୀ ମନ୍ଦିର ଭାସ୍କର୍ଯ୍ୟ କ୍ରମଶଃ ଅବଲୁପ୍ତ ହେବାକୁ ବସିଲା, ମାତ୍ର ପରିସ୍ଥିତି ଓ ପରିବେଶ ସାହିତ୍ୟର ବର୍ଦ୍ଧିଷ୍ଣୁ ସମୃଦ୍ଧି ପଥରେ କୌଣସି ଅନ୍ତରାୟ ସୃଷ୍ଟି କରିପାରି ନ ଥିଲା ।

"ସଂସ୍କୃତ" ଭାଷା ବସ୍ତୁତଃ ଉଚ୍ଚ ସମ୍ଭ୍ରାନ୍ତ ଶ୍ରେଣୀ ହିନ୍ଦୁମାନଙ୍କ ମଧ୍ୟରେ ସୀମାବଦ୍ଧ ରହି କ୍ରମଶଃ ସାଧାରଣ ଜନସଂସ୍ପର୍ଶଠାରୁ ଦୂରେଇ ଯାଇଥିଲା । ସାମାଜିକ ଶ୍ରେଣୀ ପରିପ୍ରେକ୍ଷୀରେ ସଂସ୍କୃତଜ୍ଞ ପଣ୍ଡିତ ଓ ସଂସ୍କୃତାନଭିଜ୍ଞ ସାଧାରଣ ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ଆଖି ଆଗରେ ରଖି ପ୍ରଥମରେ ବୈଷ୍ଣବଧର୍ମ ପ୍ରଚାରକଗଣ ସଂସ୍କୃତ ସାହିତ୍ୟ ଓ ପୁରାଣମାନଙ୍କର ଦର୍ଶନକୁ ସରଳ ସ୍ଥାନୀୟ ଓଡ଼ିଆ ଭାଷାରେ ପ୍ରଚାର କରି ଏହି ଭାଷା ପ୍ରତି ସାଧାରଣ ଲୋକଙ୍କ ଶ୍ରଦ୍ଧା ଓ ଆଗ୍ରହ ଉଦ୍ରେକ କରାଇ ପାରିଥିଲେ । ଫଳତଃ ଓଡ଼ିଆ ଭାଷାରେ ବହୁସଂଖ୍ୟକ କାବ୍ୟ କବିତାମାନ ରଚିତ ହେବାକୁ ଲାଗିଲା ।

ତତ୍କାଳୀନ ସାହିତ୍ୟର ବିଷୟ ମୁଖ୍ୟତଃ ଅଦୃଷ୍ଟବାଦ ଉପରେ ଆଧାରିତ ଥିଲା । ସାଧାରଣ ଲୋକଙ୍କର ନୈତିକ ଜୀବନକୁ ଉଦ୍‌ବୁଦ୍ଧ କରିବା ଲକ୍ଷ୍ୟରେ ଏହାକୁ ଆଦର୍ଶାଭିମୁଖୀ କରାଯାଉଥିଲା । ସାହିତ୍ୟରେ ସହନଶୀଳତା ଓ ଭାଗ୍ୟବାଦକୁ ଗ୍ରହଣ କରାଯାଇଥିଲା । ଆଧିଭୌତିକ ଓ ପୌରାଣିକ ଘଟଣା ସମୂହର ବର୍ଣ୍ଣନା ସହିତ ପ୍ରକୃତିଚିତ୍ରଣ ମଧ୍ୟ ବିଶେଷ-ଭାବେ ସାହିତ୍ୟର ବିଷୟାନ୍ତର୍ଭୁକ୍ତ ଥିଲା ।

Digitized by PPRACHIN, SOA

କଳାପୂର୍ଣ୍ଣ ଆଳଂକାରିକତା ଓ ଉଚ୍ଚତର ଜୀବନଦର୍ଶନର ସମନ୍ୱୟରେ ମୋଗଲ ଶାସନକାଳର ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ଥିଲା । ଏହି ସମୟରେ ଅଗଣିତ କବି ଓ ସାହିତ୍ୟ ସାଧକଙ୍କ ମଧ୍ୟରେ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକୃତିର ଶ୍ରେଷ୍ଠତ୍ୱ ସର୍ବବାଦୀସମ୍ମତ । ତତ୍କାଳୀନ ବିଶ୍ୱରରେ ଭାରତର ପୂର୍ବାଞ୍ଚଳରେ ଅବସ୍ଥିତ ରାଜ୍ୟମାନଙ୍କରେ ସାହିତ୍ୟ ତୁଳନାରେ ଓଡ଼ିଆ ଭାଷାର ସାହିତ୍ୟ ଥିଲା ଶ୍ରେଷ୍ଠ । ବିଭିନ୍ନ ଶ୍ରେଣୀର ସାରସ୍ୱତ ସାଧକମାନଙ୍କ ମଧ୍ୟରେ ଥିଲେ ରାଜା, ଭିକ୍ଷୁ, ରୋଗଗ୍ରସ୍ତ ଭକ୍ତ, ବୈଷ୍ଣବ ପଣ୍ଡିତ ତଥା ଅନ୍ୟାନ୍ୟ ମତାବଲମ୍ବୀ ପଣ୍ଡିତ । ସମ୍ଭ୍ରାନ୍ତ ଓ ସାଧାରଣ ବ୍ୟକ୍ତିବିଶେଷ ବିଭିନ୍ନତାରେ ସମୁଜ୍ଜ୍ୱଳ ଏହି କାଳର ସାହିତ୍ୟ ଥିଲା ଉଭୟ ସାରଲ୍ୟମୟ ଓ ଆଳଂକାରିକତାରେ କ୍ଳିଷ୍ଟ ।

ମୋଗଲ ଶାସନକାଳରେ ଇସ୍‌ଲାମ ସଂସ୍କୃତ ଓଡ଼ିଆ ସମାଜ ଓ ଭାଷାକୁ କେତେକାଂଶରେ ପ୍ରଭାବିତ କରିଥିଲା । ମୁସଲମାନ ଶାସନ କାଳରେ ପୂର୍ବରୁ ଅଗୋଚର ଥିବା କେତେକ ଅଳଂକାର, ଫଳ, ପନିପରିବା, ଖାଦ୍ୟ ଅଭ୍ୟାସ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ତଥା ସର୍ବୋପରି ଚଳଣୀ ଓଡ଼ିଶାର ସାମାଜିକତା ମଧ୍ୟରେ ପ୍ରବିଷ୍ଟ ହୋଇଥିଲା । ବହୁ-ସଂଖ୍ୟକ ପାର୍ଶୀ ଓ ଆରବ୍ୟ ଶବ୍ଦମାନ ଦୈନନ୍ଦିନ କଥାବାର୍ତ୍ତାର ମାଧ୍ୟମ ହୋଇପଡ଼ିଲେ ଏବଂ କ୍ରମଶଃ ଓଡ଼ିଆମାନଙ୍କ ନିଜସ୍ୱ ଶବ୍ଦସମୂହରେ ପରିଣତ ହେଲେ । ତତ୍କାଳୀନ ଓ ପରବର୍ତ୍ତୀକାଳୀନ କବିଗଣ ଏହି ଶବ୍ଦସମୂହକୁ ଭାବପ୍ରକାଶର ମାଧ୍ୟମ ରୂପେ ବ୍ୟବହାର କରି ଏଗୁଡ଼ିକୁ ଅଧିକ ଲୋକପ୍ରିୟ କରାଇଲେ ଓ ଏସବୁ ପାର୍ଶୀ ଶବ୍ଦମାନ ଭାଷାର ପ୍ରକୃତିକ ପ୍ରକ୍ରିୟାରେ ଓଡ଼ିଆ ଭାଷାକୋଷର ଅନ୍ତର୍ଭୁକ୍ତ ହୋଇ ପଡ଼ିଲେ ।

ମଧ୍ୟଯୁଗୀୟ ଓଡ଼ିଆ ସମାଜର ଅତିଥିପରାୟଣତା ଓ ସୌଜନ୍ୟଶୀଳତା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ସରଳ ଜୀବନ ଓ ଅକୃତ୍ରିମ ବ୍ୟବହାର ପାଇଁ ଓଡ଼ିଆମାନେ ପ୍ରସିଦ୍ଧ ଥିଲେ । ଜଣାଯାଏ ଯେ ସେ କାଳର ଋଣ ବ୍ୟବସ୍ଥାରେ ସାଧାରଣତଃ ଦିଲିଲ୍ ଦସ୍ତାବିଜ୍ ଆଦିର ପ୍ରଚଳନ ନ ଥିଲା ।

ଅଧିକାଂଶ ଲୋକଙ୍କର ଜୀବିକାନିର୍ବାହର ମୁଖ୍ୟ ମାର୍ଗ ଥିଲା କୃଷିକର୍ମ । କୃଷି ପାଇଁ ଯଥେଷ୍ଟ ଭୂମି ଥିଲା । କୃଷକମାନେ ରାଷ୍ଟ୍ରର ଅବଦାନ ଉପରେ ବିଶେଷ ନିର୍ଭର ନ କରି ନିଜର ପରିଶ୍ରମ ଉପରେ ନିର୍ଭର ରଖିଥିଲେ ଏବଂ ଆତ୍ମନିର୍ଭର ଥିଲେ । ରାଜ୍ୟର ବହୁଭାଗ ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ବିଭିନ୍ନ ପ୍ରକାରର ଫଳ ଓ ଫୁଲ ପ୍ରଚୁର ପରିମାଣରେ ମିଳୁଥିଲା ।

ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀମାନ ଅତ୍ୟନ୍ତ ସୁଲଭ ଥିଲା । ଆଧୁନିକ ଶିଳ୍ପଜଗତର ଜଟିଳ ଜୀବନଧାରାରୁ ଦୂରରେ ରହି ଧାର୍ମିକ ଧାରଣାର ନୈତିକତା ଓ ପ୍ରାକୃତିକ ପରିବେଶ-ଦ୍ୱାରା ପ୍ରଭାବିତ ହୋଇ ସାଧାରଣ ଲୋକ ଶାନ୍ତି ଓ ସୁଖର ଜୀବନଯାପନ କରୁଥିଲେ ।

Digitized by PPRACHIN, SOA

କାଳକ୍ରମେ ନବାଗତ ମୁସଲମାନମାନଙ୍କ ଆଗମନରେ ସେମାନଙ୍କ ଶାସନ ଅଧୀନରେ ରହି ଓ କେତେକ ବୈଦେଶିକ ବଣିକମାନଙ୍କ ସଂସ୍ପର୍ଶରେ ଆସି ଓଡ଼ିଶାର ସାଧାରଣ ଲୋକଙ୍କ ସାଧାରଣ ଜୀବନଧାରାରେ କେତେକ ପରିବର୍ତ୍ତନମାନ ଘଟିଥିଲା । ଖାଦ୍ୟପେୟ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ଅଳଂକାର, ବେଶଭୂଷା ଓ ବ୍ୟାବହାରିକ ଜୀବନକୁ ଏହିସବୁ ବୈଦେଶିକ ସଂସ୍ପର୍ଶ କେତେକାଂଶରେ ପ୍ରଭାବିତ କରିଥିଲା ।

ଓଡ଼ିଶାରେ ମୋଗଲଶାସନ ଅୟମାରମ୍ଭ ସହିତ ସମାଜ ବ୍ୟବସ୍ଥାର ପୂର୍ବାବସ୍ଥା ଆଉ ଯଥାପୂର୍ବ ଅବିଚଳିତ ରହିବା ସମ୍ଭବପର ନ ଥିଲା, ମାତ୍ର ଏଥିରେ କୌଣସି ଆମୂଳଚୂଳ ପରିବର୍ତ୍ତନ ମଧ୍ୟ ସଂଘଟିତ ହୋଇପାରିଲା ନାହିଁ । ମୋଗଲ ଶାସନ କାଳରେ ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନରେ ଅଳ୍ପ କେତେକ ପରିବର୍ତ୍ତନ ଘଟିଥିଲେ ସୁଦ୍ଧା ଅଧିକାଂଶତ ଓଡ଼ିଆ ଶିଳ୍ପୀର ବିଧିସିଦ୍ଧ ସ୍ୱାତନ୍ତ୍ର୍ୟ ଅକ୍ଷତ ରହିଥିଲା ।

ରାଜନୈତିକ ପରିପ୍ରେକ୍ଷୀରେ ଓଡ଼ିଶାରେ ମୋଗଲ ଶାସନକାଳ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଶାସନଗତ ଦୃଷ୍ଟିକୋଣରୁ ଓଡ଼ିଶାର ବିସ୍ତୃତିକୁ ଯଥେଷ୍ଟ କ୍ଷୁଣ୍ଣ କରାଯାଇଥିଲେ ମଧ୍ୟ ଅନ୍ୟାନ୍ୟ ବହିଃପ୍ରଦେଶର ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ମୋଗଲ ଶାସନ କାଳରେ ହିଁ ସର୍ବ-ଭାରତୀୟ ରାଜନୈତିକ ମୁଖ୍ୟସ୍ରୋତ ସହ ସଂଯୁକ୍ତ ହେଲା ଓ ସର୍ବୋପରି ମୋଗଲ ଶାସିତ ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ସମାନ ପ୍ରକାର ଶାସନଗତ ସୁବିଧା ସୁଯୋଗମାନ ଲାଭ କରିବାରେ ଭାଗୀଦାର ହେଲା । ନିଜର ସହୃଦୟ ସୌଜନ୍ୟ ଓ ଔଦାର୍ଯ୍ୟ ଗୁଣରେ ଓଡ଼ିଶା ନବାଗତ ମୁସଲମାନ ଓ ଅଣ ଓଡ଼ିଆମାନଙ୍କୁ ଆପଣାର କରିଦେଲା ।

ମୋଗଲଶାସିତ ଓଡ଼ିଶାର ଅର୍ଥନୈତିକ ଅବସ୍ଥା ଯଦିଓ ହିନ୍ଦୁ ରାଜତ୍ୱକାଳର ଅବସ୍ଥାପରି ସେତେ ସମୃଦ୍ଧ ନ ଥିଲା, ତଥାପି ଏହା ମରହଟ୍ଟା ଶାସନକାଳ ଅପେକ୍ଷା କେତେକାଂଶରେ ଉନ୍ନତତର ଥିଲା । ଏହି କାଳରେ ବାଣିଜ୍ୟ କ୍ଷେତ୍ରରେ ପାଶ୍ଚାତ୍ୟ ବଣିକ-ମାନଙ୍କର ଆବିର୍ଭାବ ଫଳରେ ସମ୍ବଳ ଓ ସୁଯୋଗର ସ୍ୱଳ୍ପତା ଦୃଷ୍ଟିରୁ ସ୍ଥାନୀୟ ବଣିକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ ଓ ଓଡ଼ିଶାର ପାରମ୍ପାରିକ ବାଣିଜ୍ୟ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା ।

ସାଂସ୍କୃତିକ ଦୃଷ୍ଟିକୋଣରୁ ଓଡ଼ିଶାରେ ମୋଗଲ ଶାସନର ଅବଦାନ ଅନୁପମ, ପ୍ରସିଦ୍ଧ ଓ ଉଲ୍ଲେଖନୀୟ । ଏହି କାଳରେ କେତେକ ନୂତନ ସାମାଜିକ ଭାବଧାରାର ପ୍ରବର୍ତ୍ତନ ହୋଇଥିଲା ଏବଂ କେତେକ ନୂତନ ସମସ୍ୟା ମଧ୍ୟ ଉଦ୍ଭବ ହୋଇଥିଲା । ମୋଗଲ କାଳର ଅବଦାନ ଓ ଭାବଧାରା ପରବର୍ତ୍ତୀ କାଳରେ ଅଧିକ ଋଦ୍ଧିମନ୍ତ ଓ ସମୃଦ୍ଧିବନ୍ତ ଭାବରେ ବିକାଶଲାଭ କରିଥିଲା ।

Digitized by PPRACHIN, SOA

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ପ୍ରଫେସର ଦାସଙ୍କ ଜନ୍ମ ୧୯୨୧ ନଭେମ୍ବର ୫ ତାରିଖ ପୁରୀ ଜିଲ୍ଲା ଜଗଦଳପୁର ଗ୍ରାମରେ । ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ୧୯୪୮ ରେ ଇତିହାସରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିବା ପରେ ଲଣ୍ଡନ ବିଶ୍ୱ-ବିଦ୍ୟାଳୟରୁ କୃତିତ୍ୱସହ ପିଏଚ୍ ଡି. ଉପାଧି ଲାଭ । ୧୯୬୪ରେ ଉତ୍କଳ ବିଶ୍ୱବିଦ୍ୟାଳରେ ଇତିହାସ ପ୍ରାଧ୍ୟାପକ ଭାବରେ ଯୋଗଦାନ ଓ ୧୯୬୩ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ । ୧୯୬୧ରେ ହାର୍ଭାଡ଼ ବିଶ୍ୱବିଦ୍ୟାଳୟ ଏବଂ ୧୯୬୭ରେ ଡାଗିଏଲେନଆନ୍ ଓ ଓ୍ୱାର୍ଜ ବିଶ୍ୱ-ବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ ଅଧ୍ୟାପନା ।

ଇତିହାସ ଗବେଷଣା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ "ସେଣ୍ଟର ଫର୍ ଆଡ଼ଭାନସଡ଼ ଷ୍ଟଡ଼ିଜ୍ ଇନ୍ ହିଷ୍ଟ୍ରୀ ଆଣ୍ଡ କଲଚର" ସଂସ୍ଥାର ସେ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ । ତାଙ୍କଦ୍ୱାରା ପ୍ରଣୀତ ଗ୍ରନ୍ଥଗୁଡ଼ିକ ଐତିହାସିକ ଗବେଷଣା ଓ ସିଦ୍ଧାନ୍ତ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ।

Digitized by PPRACHIN, SOA

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ପ୍ରଫେସର ରାୟଙ୍କ ଜନ୍ମ ୧୯୨୧ ନଭେମ୍ବର ୫ ତାରିଖ ପୁରୀ ଜିଲ୍ଲା ଜଗଦଳପୁର ଗ୍ରାମରେ । ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ୧୯୪୮ ରେ ଇତିହାସରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିବା ପରେ ଲଣ୍ଡନ ବିଶ୍ୱ-ବିଦ୍ୟାଳୟରୁ କୃତିତ୍ୱସହ ପିଏଚ୍ ଡି. ଉପାଧି ଲାଭ । ୧୯୬୪ରେ ଉତ୍କଳ ବିଶ୍ୱବିଦ୍ୟାଳରେ ଇତିହାସ ପ୍ରାଧ୍ୟାପକ ଭାବରେ ଯୋଗଦାନ ଓ ୧୯୭୩ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ । ୧୯୬୧ରେ ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ ଏବଂ ୧୯୬୭ରେ କାଗିଏଲେନଆନ୍ ଓ ଓ୍ୱାର୍ସ ବିଶ୍ୱ-ବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ ଅଧ୍ୟାପନା ।

ଇତିହାସ ଗବେଷଣା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ "ସେଣ୍ଟର ଫର୍ ଆଡ୍‌ଭାନସ୍‌ଡ଼ ଷ୍ଟଡ଼ିଜ୍ ଇନ୍ ହିଷ୍ଟ୍ରୀ ଆଣ୍ଡ କଲଚର" ସଂସ୍ଥାର ସେ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ । ତାଙ୍କଦ୍ୱାରା ପ୍ରଣୀତ ଗ୍ରନ୍ଥଗୁଡ଼ିକ ଐତିହାସିକ ଗବେଷଣା ଓ ସିଦ୍ଧାନ୍ତ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ।

Digitized by PPRACHIN, SOA